Digitized by srujanika@gmail.com

[illegible]

[illegible]

ମୁଦ୍ରଣ :

ଏସ୍. ଜେ. କମ୍ପ୍ୟୁଗ୍ରାଫ ପବ୍ଲିକେଶନ,

ଶିକ୍ଷାଞ୍ଚଳ, ଗୋପବନ୍ଧୁ ସାରଣୀ

ବାଲେଶ୍ୱର - ୭୫୬୦୦୧

Digitized by srujanika@gmail.com

ଛିନ୍ନ ଛାୟା -

ଲେଖକ -

ଶ୍ରୀ ଜୟକୃଷ୍ଣ ବିଶ୍ୱାଳ

ବିଶାଳ ଭବନ

ଗ୍ରାମ - କୁନ୍ତୀ

ପୋ: ଅ: - ଶିଙ୍ଗା ଖୁଣ୍ଟା

ଭାୟା : - ସୋର

ଜିଲ୍ଲା : - ବାଲେଶ୍ୱର

ପିନ୍ : - ୭୫୬୦୪୫

ପ୍ରକାଶକ ଓ ସତ୍ତ୍ୱାଧିକାରୀ

ଶ୍ରୀ ବିଜୟ କୁମାର ବିଶ୍ୱାଳ

ଶ୍ରୀମତୀ ଗୀତାଞ୍ଜଳୀ ବିଶ୍ୱାଳ

ପାତ୍ର ପଡ଼ା, ସୁନହଟ, ବାଲେଶ୍ୱର ।

ପ୍ରଥମ ମୁଦ୍ରଣ - ୧୦୦୦

ରଜ ସଂକ୍ରାନ୍ତି - ୧୯୯୬

ମୁଦ୍ରାକର - *ଶ୍ରୀ ଯଜ୍ଞ ମହାନ୍ତି, ବାଲେଶ୍ୱର ।*

ପ୍ରଚ୍ଛଦ ପଟ - *ନିହାର ଦାସ, ପ୍ରୋଫ କଲୋନୀ, ବାଲେଶ୍ୱର ।*

ମୂଲ୍ୟ - *ଚାଳିଶ ଟଙ୍କା ମାତ୍ର ।*

Digitized by srujanika@gmail.com

Love Never Claims,
it ever gives.
Love ever suffers,
never resents,
Never revenges itself

Mahatma Gandhi

Digitized by srujanika@gmail.com

= ଜୀବନୀ ଲେଖ୍ୟ =

ଜନ୍ମ - ତା ୧/୨/୧୯୧୩
ପିତା - ଗୋପାଳ ପ୍ରସାଦ
ମାତା - ମଣିମାଳା

ଜନ୍ମସ୍ଥାନ - ସୋର ମଙ୍ଗଳପୁର ନିକଟସ୍ଥ କୁମ୍ଭୀ ଗ୍ରାମର ଏକ ସଂସ୍କୃତି ସଂପନ୍ନ ଖାନ୍‌ଦାନୀ ପରିବାର ।

ଶିକ୍ଷା - ପାଟଣା ବିଶ୍ୱ ବିଦ୍ୟାଳୟରୁ ମେଟ୍ରିକ ପାଶ ପରେ ସ.ଟି. ଓ ବି.ଟି. ପ୍ରଶିକ୍ଷଣ । ୧୯୪୨ ରେ କଲେଜ ପଢ଼ା ତ୍ୟାଗ ।

ବୃତ୍ତି - ସମାଜ ସେବା ଓ ରଚନାତ୍ମକ କାମ ।

ପ୍ରବୃତ୍ତି - ସାହିତ୍ୟ, ସଂଗୀତ, ଶିକ୍ଷକତା, କୃଷି ।

କାର୍ଯ୍ୟ - ବିହାର ରାଜ୍ୟ ଚକ୍ରଧରପୁର ଠାରେ ଓଡ଼ିଆ ଆନ୍ଦୋଳନ, ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ, ଖଦୀ, ମୌଳିକ ଶିକ୍ଷା, ଭୂଦାନ ଆନ୍ଦୋଳନରେ ଯୋଗଦାନ, ନିଜ ଅଞ୍ଚଳରେ ଶିକ୍ଷା ପ୍ରସାର, ଗମନାଗମନ ସୁବିଧା, ଜଳ ସେଚନ, କୃଷି ବିକାଶ, ସାଂସ୍କୃତିକ କାମ, ସ୍କୁଲ, କଲେଜ, ପାଠାଗାର ସ୍ଥାପନରେ ସକ୍ରୀୟ ଅଂଶ, ୧୯୬୩-୧୯୭୧ ବାଲେଶ୍ୱର, ୧୯୭୧-୧୯୭୬ ରାଉରକେଲା ଠାରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ମୁଖ୍ୟକର୍ମୀ, ୧୯୭୧-ବାଙ୍ଗଲାଦେଶ ଶରଣାର୍ଥୀ ଶିବିର - ଆମଡାଙ୍ଗା ଠାରେ କାମ, ୧୯୬୪ରେ ଦଙ୍ଗାଗ୍ରସ୍ତ ଚକ୍ରଧରପୁର ଓ ରାଉରକେଲା ଠାରେ ଶାନ୍ତି ସେନା କାମ , ସର୍ବୋଦୟ ଏବଂ ଗ୍ରାମ ବିକାଶ କାର୍ଯ୍ୟରତ ।

ଆଦର୍ଶ - ଗଣତନ୍ତ୍ର ଓ ଭାରତୀୟ ସଂସ୍କୃତି, ନ୍ୟାୟ ପରାୟଣତା ।

ରୁଚି - ଅଧ୍ୟାତ୍ମିକ ନିର୍ମଳ ଜୀବନ ଧାରା ।

ସାହିତ୍ୟକୃତି - ସର୍ବୋଦୟ, ସମାଜ, ପ୍ରଜାତନ୍ତ୍ର, ରାଷ୍ଟ୍ରଦୂତ, ଅମୃତାୟନ, ଚଇତାଳି ଆଦି ପତ୍ର ପତ୍ରିକାର ପ୍ରକାଶିତ କବିତା ଓ ପ୍ରବନ୍ଧ ।

ପୁରସ୍କାର - ୧୯୯୨ ରେ ଗୋପାଳପୁର ମହାବିଦ୍ୟାଳୟ ଓ ୧୯୯୫ରେ ଉତ୍ତର ଓଡ଼ିଶା ସାହିତ୍ୟ ସଂସ୍କୃତ ସମ୍ମେଳନ ଦ୍ୱାରା ସମ୍ବର୍ଦ୍ଧିତ ।

ପ୍ରକାଶିତ ପୁସ୍ତକ -

କବିତା ସଂକଳନ
ପ୍ରୀତିପୁଷ୍ପ (୧୯୮୨)
ମନର ସୁଅ (୧୯୯୫)

Digitized by srujanika@gmail.com

= ପୁସ୍ତକ ସଂପର୍କରେ ସେ ଯାହା କହନ୍ତି =

ଆପଣଙ୍କ ଉପନ୍ୟାସଟି ପ୍ରକାଶ ଉପଯୋଗୀ । ବେଶ୍ ତାତ୍ତ୍ୱିକ ଏବଂ ଆଦର୍ଶ ମୂଳକ । ଭାଷା ସରଳ, ମାର୍ଜିତ ଏବଂ ପ୍ରଭାବଶାଳୀ । ମୋର ଇଚ୍ଛା ତାହା ଯେମିତି ହେଲେ ପ୍ରକାଶିତ ହେଉ ।

ଡଃ ରମାକାନ୍ତ ବେହେରା
ପ୍ରଧାପକ, ଓଡ଼ିଆ ବିଭାଗ
ଉପେନ୍ଦ୍ରନାଥ ମହା ବିଦ୍ୟାଳୟ
ସୋର, ବାଲେଶ୍ୱର ।

Digitized by srujanika@gmail.com

ଲେଖକଙ୍କର ଅନ୍ୟାନ୍ୟ ପୁସ୍ତକ :

ପ୍ରୀତି ପୁଷ୍ପ	-	କବିତା ସଂକଳନ (୧୯୮୨)
ମନର ସୁଅ	-	କବିତା ସଂକଳନ (୧୯୯୫)
କୀର୍ତ୍ତନ ପଦାବଳି	-	ସଂଗୃହିତ (୧୯୭୭)

ପ୍ରକାଶନ ଅପେକ୍ଷାରେ

ନଷ୍ଟ ସ୍ୱପ୍ନ	-	ଉପନ୍ୟାସ
କ୍ଳାନ୍ତ ବିହଙ୍ଗ	-	କବିତା ସଂକଳନ
ସନ୍ଥ ତରୁ	-	ଖଣ୍ଡ କାବ୍ୟ
ଅର୍ଘ୍ୟ କରବୀ	-	ଗଦ୍ୟ ସଂକଳନ

ସବୁଜ ଉପତ୍ୟକାର

ନୂଆ ସକାଳ	-	ପ୍ରବନ୍ଧ ସଂକଳନ
ଯୁଗେ ଯୁଗେ ଉତ୍କଳ	-	ଅଭିନୀତ କ୍ଷୁଦ୍ର ନାଟକ
ବନ୍ଧୁ ମହାନ୍ତି	-	ଅଭିନୀତ କ୍ଷୁଦ୍ର ନାଟକ
ଗ୍ରାମ ସ୍ୱରାଜ	-	ଅଭିନୀତ କ୍ଷୁଦ୍ର ନାଟକ
ଜୀବନ ଏକ ଗବାକ୍ଷ	-	ଆତ୍ମ ଚରିତ

Digitized by srujanika@gmail.com

✓ ଲେଖାର ବକ୍ତବ୍ୟ =

କର୍ମୀ ଜୀବନରେ ଗାନ୍ଧୀ ସାହିତ୍ୟ ପଢ଼ିବାର ଯେଉଁ ସୁଯୋଗ ପାଇଛି ଏବଂ ଗାନ୍ଧୀଜୀଙ୍କର ଯେତେ ଗୁଡ଼ିଏ ଉକ୍ତିର ପରିଚୟ ପାଇଛି ତନ୍ମଧ୍ୟରେ ଏହି ପୁସ୍ତକର ପ୍ରାରମ୍ଭରେ ଉଦ୍ଧୃତ ଉକ୍ତିଟି ସବୁଠାରୁ ପ୍ରଭାବଶାଳୀ ଓ ମନୋବୈଜ୍ଞାନିକ ବୋଲି ମୋର ହୃଦ୍‌ବୁଦ୍ଧ ହୋଇଛି । ଗାନ୍ଧୀଜୀଙ୍କ ଦୃଷ୍ଟିରେ ସ୍ୱଚ୍ଛ ପ୍ରେମ କେବଳ ଭଲପାଇବା ଅର୍ଥରେ ସୀମିତ ନୁହେଁ । ଏହା ଏକ ଅନ୍ତର୍ନିହିତ ଶକ୍ତି । ଏହି ଶକ୍ତିର ପରିଚୟ ପାଇବାପରେ ଗାନ୍ଧୀଜୀ ଏହାର ଆଧାରରେ ସତ୍ୟାଗ୍ରହ ରୂପକ ଏକ ଅସ୍ତ୍ର ରାଜନୈତିକ, ଆର୍ଥିକ, ସାମାଜିକ ଅସଂଗତିର ନିରାକରଣ ପାଇଁ ପ୍ରୟୋଗ କଲେ । ଶସ୍ତ୍ର ଶକ୍ତିଠାରୁ ଏହା ଅଧିକ ଶକ୍ତିଶାଳୀ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ଥିଲା । ଏହି ବିଶ୍ୱାସରେ ଅଧିଷ୍ଠିତ ହୋଇ ଭାରତର ସ୍ୱାଧୀନତା ସଂଗ୍ରାମରେ ଏହାକୁ ଅସ୍ତ୍ର ରୂପେ ପ୍ରୟୋଗ କରି ସେ ସଫଳ-କାମ ହେଲେ । ତାଙ୍କ ମତରେ ଭଲପାଇବା (**Love**) ଏକ ନକାରାତ୍ମକ ମନୋଭାବ ନୁହେଁ । ଏହା ନିଶ୍ଚିତାତ୍ମକ (**Positive**) ଆତ୍ମଚେତନା । ଏହି ଶକ୍ତି ମଧ୍ୟ ଭୂତ ପ୍ରକୃତି ମଧ୍ୟରେ ସକ୍ରିୟ ରୂପେ କାର୍ଯ୍ୟ କରୁଛି । ଏହା ସମାଜ ପରିବର୍ତ୍ତନ ଓ ସୁଧାର ପାଇଁ ସଂଘର୍ଷର ଶାନ୍ତି ପୂର୍ଣ୍ଣ ସମାଧାନ ପାଇଁ (**Conflict resolution in peaceful way**), ସମାଜ ସଂସ୍କାର ପାଇଁ ମଣିଷକୁ ମଣିଷର ନିକଟତର କରିବା ପାଇଁ, ଇତର ପ୍ରାଣୀ ମାନଙ୍କ ପ୍ରତି ଦୟାର୍ଦ୍ରହେବା ପାଇଁ ଏକ ଉପାୟ (**Means**) ରୂପେ ବ୍ୟବହାର କରାଯାଇ ପାରିବ। ପୁନଶ୍ଚ ସେ ପ୍ରକାର ପ୍ରେମର ପରିଣତି କଣ ସେ ତାହା ଅତି ସରଳ ଭାଷାରେ ପ୍ରତି ପାଦନ କରିଛନ୍ତି ।

ଜଣେ ସର୍ବୋଦୟ କର୍ମୀ ହିସାବରେ ଗାନ୍ଧୀଜୀଙ୍କୁ ଲୋକଙ୍କ ପାଖକୁ ନେବାପାଇଁ (**taking Gandhi to the people**) ଉପାୟ ଖୋଜିଲି । ଚାଲି ଚାଲି ଲୋକଙ୍କୁ ବୁଝାଇଲେ ବା ଆଲୋଚନାଚକ୍ର ବା ବକ୍ତୃତାର ସାହାଯ୍ୟ

Digitized by srujanika@gmail.com

ନେଲେ ଏହା ମୁଷ୍ଟିମେୟ ଲୋକଙ୍କ ମଧ୍ୟରେ ସୀମିତ ରହିବ। ସାହିତ୍ୟ ମାଧ୍ୟମରେ ଏହି ଅମୂଲ୍ୟ ଉକ୍ତିର ସାର ମର୍ମ ଲୋକଙ୍କ ପାଖରେ ପହଞ୍ଚାଇବାକୁ ହେବ ବୋଲି ଅଣ୍ଟା ଭିଡିଲି । ପୁଣି ପ୍ରବନ୍ଧ ବା କବିତା ଦ୍ୱାରା ଏ ଭାବ ଧାରାକୁ ଲୋକପ୍ରିୟ କରିବା କଠିନ ବ୍ୟାପାର ହେବ । ଆଧୁନିକ ସମାଜରେ ଉପନ୍ୟାସ ପାଠକ ସଂଖ୍ୟା ଅଧିକ ହୋଇଥିବାରୁ ତାକୁ ଉପନ୍ୟାସରେ ରୂପାୟିତ କରିବାକୁ ଉଦ୍ୟମ କଲି । ତେଣୁ ''ଛିନ୍ନଛାୟା'' ଜନ୍ମ ନେଲା ।

ସମାଜ ପରିବର୍ତ୍ତନର ଯେଉଁ ଐତିହାସିକ ଭୂମିକା ''କତଲ'' ଓ ''କାନୁନ୍'' ତୁଲାଇ ଆସିଛନ୍ତି ତାହାର ଏକ ଭିନ୍ନ ପର୍ଯ୍ୟାୟ ରୂପେ ''କରୁଣା''କୁ ଗାନ୍ଧୀଜୀ ଗ୍ରହଣ କରିଛନ୍ତି । ତେଣୁ ପ୍ରେମର ଅନ୍ୟ ଏକ ଅର୍ଥ କରୁଣା ବୋଲି ଜଣା ପଡୁଛି । କରୁଣା ଅହୈତୁକୀ ନୁହେଁ । ଏହା ବିଧି,ନୀତି ଓ ଧର୍ମଧାରା ସମ୍ମତ । ଇତିହାସ ଯେଉଁଠି ''କତଲ'' ଓ ''କାନୁନର'' ଅସଂପୂର୍ଣ୍ଣତା ପ୍ରମାଣ କରି ରଖିଦେଲା ''କରୁଣା'' ସେହି ବିନ୍ଦୁଠାରୁ ଅଗ୍ରସର ହୋଇଛି ଗାନ୍ଧୀଜୀଙ୍କର ନୂତନ ଉଦ୍ଭାବନ ଫଳରେ । ''ଛିନ୍ନଛାୟା'' ସେହି ଐତିହାସିକ ସତ୍ୟକୁ ପ୍ରତିପାଦନ କରିବା ପାଇଁ ଏକ କ୍ଷୁଦ୍ରପ୍ରୟାସ କରିଛି ମାତ୍ର ।

ନାରୀ ପୁରୁଷ ମଧ୍ୟରେ ଥିବା ପ୍ରେମ ସଂପର୍କ ଏକ ସଂକୋଚିତ ଅର୍ଥରେ ଆମେ ଗ୍ରହଣ କରିଥାଉଁ । ପ୍ରେମ ଯେ ପୃଥିବୀ ପରିବ୍ୟାପ୍ତ, ଆକାଶ ପରି ଅସୀମ, ସମୁଦ୍ର ପରି ଉଦାର, ପୁଣି ପର୍ବତ ପରି ଅବିଚଳ, ଏହା ଅନୁଭବର ବିଷୟ । ଚିତ୍ତ, ଚୈତନ୍ୟ, ଚେତନାକୁ ଏ ସତ୍ୟ ସ୍ପର୍ଶ ନ କଲେ ଏ ସତ୍ୟ ଉପଲବ୍ଧ ହେବ ନାହିଁ । ଆଧୁନିକ ଜନ ଜୀବନ ବିଶେଷତଃ ନଗର ସଭ୍ୟତାରେ ପ୍ରେମର ଯେଉଁ ଚିତ୍ର ଦେଖିବାକୁ ମିଳେ ତାହା କୃତ୍ରିମ, ସ୍ୱାର୍ଥ ଜଡିତ ଓ କାମାଶ୍ରିତ । ବରଂ ଗ୍ରାମ୍ୟ ଭାରତ ସମାଜରେ ପ୍ରେମର ଆଉ କିଛି ଅଧିକ ରୂପ ଦେଖିବାକୁ ମିଳେ । ଗ୍ରାମ୍ୟ ଭାରତରେ ପୁରୁଷ ନାରୀ ସଂପର୍କ, ପ୍ରେମିକ ପ୍ରେମିକାର ସମ୍ପର୍କ, ଅଧିକ ଆନୁଗତ୍ୟ ଓ ସମର୍ପିତ ଚେତନା ଭିତ୍ତିକ । ଏଥିରେ ପ୍ରତାରଣା ଓ ଆବିଳତା ବହୁତ କମ୍ । ଏହା ଭାରତୀୟ

Digitized by srujanika@gmail.com

ସଂସ୍କୃତି ସମ୍ମତ । ସୀତା, ସାବିତ୍ରୀଙ୍କ ଚରିତ୍ର ଯେଉଁ ନାରୀ ଜୀବନକୁ ପ୍ରଭାବିତ କରେ ତାହା କେବଳ ଗ୍ରାମ୍ୟ ସମାଜରେ ଅଶିକ୍ଷିତ, ଅର୍ଦ୍ଧ ଶିକ୍ଷିତ ସମାଜରେ ଦେଖିବାକୁ ମିଳେ ।

ଏହି ସତ୍ୟକୁ ଶ୍ରେୟ ଦେବା ପାଇଁ " ଛିନ୍ନଛାୟା" ର ଚରିତ୍ର ଗୁଡିକ କେବଳ ଗ୍ରାମ ସମାଜରୁ ହିଁ ଗ୍ରହଣ କରାଯାଇଛି । ଏହାର କିଛି ଅଂଶ ନଗର ସଭ୍ୟତା ସହ ସମ୍ବନ୍ଧିତ ହୋଇଛି । ତେଣୁ ନଗର ସଭ୍ୟତା ଓ ଗ୍ରାମ୍ୟ ସଭ୍ୟତା ମଧ୍ୟରେ " ଛିନ୍ନଛାୟା" ଏକ ସେତୁ ପରି ପ୍ରତିଷ୍ଠିତ । ସେହି କାରଣରୁ ମଧ୍ୟ ଛିନ୍ନ ଛାୟାର ଶବ୍ଦ ଚୟନ ଲୋକ ଭାଷାରୁ ହିଁ ଅଧିକ ହୋଇଛି ।

ସୁହୃଦୟ ପାଠକମାନେ ଉପନ୍ୟାସଟିର ବହିରଙ୍ଗ ପରିପ୍ରକାଶ ପ୍ରତି ଅଧିକ ଧ୍ୟାନ ନ ଦେଇ ଏହାର ଅନ୍ତଃସ୍ୱର ପ୍ରତି ଅଧିକ ଦୃଷ୍ଟି ଦେଇ ସତ୍ୟକୁ ଉପଲବ୍ଧି କଲେ ମୋର ଆଶା ଫଳବତୀ ହେବ ।

ଛିନଛାୟାର ପାଣ୍ଡୁଲିପି ପ୍ରସ୍ତୁତିରେ ଶ୍ରୀମାନ ମନୋରଞ୍ଜନ ବିଶ୍ୱାଳ ଓ ଶ୍ରୀଯୁକ୍ତ ଶ୍ରୀଧର ପ୍ରସାଦ ବେହେରା ଯେଉଁ ଆୟାସ ସ୍ୱୀକାର କରିଛନ୍ତି ସେଥିପାଇଁ ମୁଁ ସେମାନଙ୍କୁ ମୋର ଅନ୍ତରର କୃତଜ୍ଞତା ଜଣାଉଛି ।

ଏହି ପୁସ୍ତକ ପ୍ରକାଶନରେ ଶ୍ରୀମାନ ବିଜୟ କୁମାର ବିଶ୍ୱାଳ ଓ ଶ୍ରୀମତୀ ଗୀତାଞ୍ଜଳୀ ବିଶ୍ୱାଳ ଯେଉଁ ଶ୍ରମ ସ୍ୱୀକାର ସହ ଉତ୍ସାହ ପ୍ରଦର୍ଶନ କରିଛନ୍ତି ସେଥିପାଇଁ ସେମାନେ ଚିରଦିନ ଅନ୍ତର ଅଜାଡ଼ା ଆଶୀର୍ବାଦ ଗ୍ରହଣର ଯୋଗ୍ୟ ପାତ୍ର । ଏହି ପ୍ରକାଶନ କାର୍ଯ୍ୟରେ ଆଉ ଯେଉଁ ମାନେ ଯେପରି ଭାବରେ ସାହାଯ୍ୟ ସହାନୁଭୂତି ପ୍ରଦର୍ଶନ କରିଛନ୍ତି ସେମାନଙ୍କ ନିକଟରେ ମୁଁ କୃତଜ୍ଞ ।

ଲେଖକ

Digitized by srujanika@gmail.com

= ଏକ =

ଲତା .... ଲତା ....

ଲତା .... ଲତା ....

ପ୍ରାଣର ଲତା .... ଲତା .... ଲତା .... ଆ .. ଆ ..

ଦୁଇଟି ଅକ୍ଷରରେ ଗଢା ମାତ୍ର ଗୋଟିଏ ଶବ୍ଦ ସେ ଉଚ୍ଚାରଣ କରୁଛି ଧିରଭାବରେ । ରହି ରହି ସେ ଏ ନାମଟି ଉଚ୍ଚାରଣ କରୁଛି । ଏହି ନାଁଟି ଭିତରେ ଯେପରି ତା'ର କେତେ ଜୀବନର ଦରଦ ଲେଖା ଅଛି । କେତେ ସପନର ମଧୁ ଛାୟା ଘେରି ରହିଛି । ଏହି ଶବ୍ଦଟି ତା ପାଟିରୁ ବାହାରି ପଡିବା ମାତ୍ରେ ଯେପରି ତାର ବୁକୁ ଭାଙ୍ଗି ପଡୁଛି ପୁରୀ ସମୁଦ୍ର କୂଳର ବେଳା ବାଲି ଉପରେ । ଏହି ଶବ୍ଦଟି ତା ପାଟିରୁ ବହାରି ପଡିବା ସଂଗେ ସଂଗେ କେତେ ସ୍ମୃତିକୁ ସେ ଆପଣାର କରିଛି । ସମୁଦ୍ର କୂଳର ବାଲି ଉପରେ ସଞ୍ଜବେଳର କଅଁଳ ରଙ୍ଗିନ୍ ସୂର୍ଯ୍ୟାଲୋକ ପଡି ଚିକ୍ ଚିକ୍ କରୁଛି । ସେହି ଝଲକ ଯେପରି ତାର ଆଖି ଆଗରେ କାହାର ପ୍ରଣୟ ଭରା ଚଞ୍ଚଳ ଆଖିର ଜ୍ୟୋତିର ସ୍ମୃତି ଢ଼ାଳି ଦେଉଛି । ଆଉ ଅଳ୍ପ ଦୂରରେ ସାଗରର କୁଞ୍ଚିତ ଢେଉ ଯେପରି କାହାର କୁଞ୍ଚିତ କେଶରାଶିର ନୀଳ ଆଭା ଫୁଟାଇ ସ୍ମୃତିର ଭାବନା ଚକ୍ରକୁ ଅଧିକ ବେଗବାନ୍ କରୁଛି । ତାର ସ୍ଥିର ଅପଲକ ଦୃଷ୍ଟି ବେଳାର ବାଲି ଉପରେ ପଡିଛି । ହାତ ଦୁଇଟି ଛାତି ଉପରେ ଛନ୍ଦାଛନ୍ଦି । ଧୀର ପାଦ ପକାଇ ସେ ଚାଲିଛି ଆଗକୁ ଅନନ୍ତ ପଥର ଯାତ୍ରୀ ପରି । ମୁଣ୍ଡର ବାଳ ସବୁ ଫୁର ଫୁର .... କେତେ ଦିନରୁ ସେଥିରେ ହାତ ବାଜି ନାହିଁ । ପରିଧେୟ ବୋଲି ଖଣ୍ଡିଏ କୋଟଟ ମଇଳା ପାଞ୍ଚହାତି ଧୋତି ବ୍ୟତୀତ ଆଉ କିଛି ନାହିଁ । ଦେହ ଯାକ ଧୂଳି ଲସଲସ । ଏହି ଧୂଳି ଧୂଷର ଦେହ ତାର ସର୍ବହରା ଜୀବନରେ ପରିଚାୟକ । ତାର ମନ ଭିତରେ କେତେ

Digitized by srujanika@gmail.com

ବାଲିଝଡର ତାଣ୍ଡବ ଲୀଳା । ବାହାରକୁ ସହଜରେ ଜଣା ପଡେ ନାହିଁ । କିନ୍ତୁ ଆଭାସ ବେଶ ସୁସ୍ପଷ୍ଟ । ଯୁବକ ସେ । ମାତ୍ର ଯୌବନ ଯେପରି ମଉଳି ଯାଇଛି । ମଉଳା ଯୌବନର ପ୍ରତ୍ୟେକ ସ୍ଥାନରେ ଚିହ୍ନ ମାତ୍ର ରହିଛି । ବାହାରୁ ଦେଖିଲେ ଗୋଟିଏ ଜୀବନ୍ତ କଙ୍କାଳ ବୋଲି କୁହାଯିବ । ବାହାର ଦୁନିଆ, ବାହାର ପ୍ରକୃତି, ଲୋକ କୋଳାହଳ, କାହାରି ପ୍ରତି ତାର ନଜର ନାହିଁ । ମନରେ ତାର ସୁଖ ନାହିଁ - ଦୁଃଖ ନାହିଁ, ଆନନ୍ଦ ନାହିଁ- ସରାଗ ନାହିଁ, - କିଛିନାହିଁ । ପଲକ ହୀନ ଆଖି ତଳୁ ଦୁଇଟି ବଡ ବଡ ଲୁହ ଧାର ବହି ଶୁଖି ଯାଇଥିବାର ଚିହ୍ନ ବେଶ୍ ଜଣା ପଡୁଛି । ସାଧାରଣତଃ ତାକୁ ଦେଖିଲେ ଗୋଟାଏ ପାଗଳ ବ୍ୟତୀତ ଆଉ କିଛି କୁହାଯାଇ ନ ପାରେ । କେତେ ଯୁବକ ଯୁବତୀ, ତରୁଣ ତରୁଣୀ, ପ୍ରେମିକ ପ୍ରେମିକା ହାତ ଧରାଧରି ହୋଇ ନୀଳ ସମୁଦ୍ର ଉପରେ ପ୍ରକୃତିର ଉଚ୍ଛୁଳା ରୂପ ଦେଖି ଦେଖି ଚାଲିଛନ୍ତି କେଉଁ ସ୍ୱପ୍ନ ପୁରୀର ଯାତ୍ରୀପରି । ତାକୁ ଦେଖିଲା କ୍ଷଣି ଆଖି ଫେରାଇ ଆଣନ୍ତି ଅନ୍ୟ ଆଡକୁ । ସେତ ଗୋଟାଏ ମାମୁଲି ପାଗଳ । ଦେଖିବାକୁ ତାଠାରେ କ'ଣ ଅଛି । ପିଲାମାନେ ତାକୁ ପାଗଳ ବା ମାତାଲ ବୋଲି ଭାବି ସମୁଦ୍ର ବେଳାର ବାଲିରୁ ମୁଠାଏ ମୁଠାଏ ତା ଉପରକୁ ପକାଉଛନ୍ତି ବଡ କୌତୁକରେ । ତାଳି ମାରୁଛନ୍ତି; ହସୁଛନ୍ତି । ଆଉ ଛେପ ମଧ୍ୟ ତା ଉପରକୁ ରହି ରହି ପକାଉଛନ୍ତି କିନ୍ତୁ ଏଥି ପ୍ରତି ଲୋକଟିର ଟିକିଏ ବୋଲି ନଜର ନାହିଁ । ସେ ଟଳ ଟଳ ଅବସ୍ଥାରେ ଚାଲିଛି । ପାଦ ଯୋଡିକ ତାର ଅମାନିଆଁ । କେତେବେଳେ କେଉଁଠି ପଡୁଛି ତାର ଠିକଣା ନାହିଁ । ମୁଖରେ କେବଳ ସେହି ଦୁଇଟି ଅକ୍ଷରରେ ଗଢ଼ା ସୁନ୍ଦର ନାଁ ଟି ଉଚ୍ଚାରଣ କରୁଛି ....

ଲ ......ତା ....ଲ ....ତା ।

ଲୋକଟି କିଏ ? କେହି କେବେ ତାର ଖବର ରଖିବାକୁ ମନ ବଳାଇନାହିଁ । କାହିଁକି ବା କିଏ ମନ ବଳାଇବ ? ପୁରୀ ସହର । ଜଗତର ନାଥ ଜଗନ୍ନାଥଙ୍କ ଲୀଳା ସ୍ଥଳୀ । ସେଠି ତ ହଜାର ହଜାର ବାରବୁଲା, ମାଗିଖିଆ, ଲୋକ ରୁଣ୍ଡ ହୁଅନ୍ତି । କିଏ ତାର ଖବର ରଖେ । ରଖିବା ମଧ୍ୟ ଦରକାର ପଡେ ନାହିଁ ସମସ୍ତଙ୍କର । ଆଉ

Digitized by srujanika@gmail.com

କିଶୋର ? ସେ ବି ତ ଦିନେ ଏହି ଗରିବ ନିରାଶ୍ରୟ ମାଗିଖିଆ ଲୋକଙ୍କ ଅବସ୍ଥା ଦେଖିଲେ ଆଖିରୁ ଲୁହଢାଳି ଯଥା ଶକ୍ତି ସେମାନଙ୍କୁ ସାହାଯ୍ୟ କରୁଥିଲା । ଗରିବ ଲୋକଟିଏ ତା ଆଗରେ ହାତପାତି ଛିଡା ହେଲେ ଛାତି ତାର ଫାଟିଗଲା ପରି ଲାଗେ । ସେ ଆସ୍ତବ୍ୟସ୍ତ ହୋଇ ତା ହାତରେ କିଛି ନ ଦେଲେ ସ୍ଥିର ହୋଇ ରହିପାରେ ନାହିଁ । ଯଥା ଶକ୍ତି ଦରିଦ୍ର ଲୋକଙ୍କର ଦୁଃଖ ନ ଘୁଞ୍ଚାଇଲେ ଯେପରି ତାକୁ ଖାଇବା ପିଇବା ବିଷ ପରି ଲାଗେ । ପାଠ ପଢିଲା ବେଳେ ସ୍କୁଲ କଲେଜରେ ଜଳଖିଆ ଖାଇବା ପାଇଁ ସେ ଯେଉଁ ପଇସା ବାପା ଓ ଭାଉଜଙ୍କ ପାଖରୁ ପାଇଥାଏ ତାକୁ ସେ ସେହି ଗରିବ ଲୋକଙ୍କୁ ଦେଇ ଦେଇଛି ଅନେକ ଥର । ସେ ନିଜେ ନ ଖାଇ ଉପବାସ ରହେ । ସେଇଥିରେ ତା ଖୁବ୍ ଆନନ୍ଦ । ଦେଶର କୌଣସି ଠାରେ ଲୋକକ୍ଷୟ, ଦୁର୍ଭିକ୍ଷ ବା ଅନ୍ୟ କୌଣସି ବିପତ୍ତିର ସନ୍ଧାନ ପାଇଲେ ସେ ଧୈର୍ଯ୍ୟଧରି ରହି ପାରେ ନାହିଁ । ମାଗଣକରି, ଚାନ୍ଦା ଉଠାଇ, ସେମାନଙ୍କ ସାହାଯ୍ୟ ପାଇଁ ସେବା ଅନୁଷ୍ଠାନ ମାନଙ୍କୁ ପଠାଏ । ଦରିଦ୍ରର ସେବା, ଅସହାୟର ସେବା ଯେପରି ତା ଜୀବନର ମନ୍ତ୍ର । ମାନବ ସେବାକୁ ସେ ମାଧବ ସେବା ଭାବେ ଜୀବନାଦର୍ଶ କରି ନେଇଛି ।

ଦୁନିଆ ଦାଣ୍ଡରେ ଓଲଟ ପାଲଟ ଖେଳ ଲାଗିଛି । ମଧ୍ୟ ବିତ୍ତ କୃଷକର ସନ୍ତାନ କିଶୋର । ଭବିଷ୍ୟରେ ଅନ୍ଧାରିଆ ଗୁମ୍ଫାରେ ତା ପାଇଁ ଏ ଅବସ୍ଥା - ଏ ବ୍ୟବସ୍ଥା ଅଛି ବୋଲି ଦିନେ ହେଲେ ସେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲା । ଜୀବନର କଟା ରାସ୍ତାରେ ଏତେ ଗୁଡାଏ ଖାଲ ଢିପକୁ ସେ ଜାଣି ପାରି ନ ଥିଲା । ଯେଉଁଥିରେ ସେ ପଡିଯାଇ, ଝୁଣ୍ଟି ପଡି ହାତ ଗୋଡ ଛିଡାଇବା ରକ୍ତରେ ଜତ୍‌ଷତ୍ ହୋଇ ଆଖିରୁ ଲୁହ ଢାଳିବ । କାଲି ତା ପାଖରେ ଥିଲା ରଙ୍ଗିନ୍ ଭବିଷ୍ୟତ । ଆଜି ତା ପରିଣତ ହୋଇଛି ଛାତି ଫଟା ନିଷ୍ଠୁର ବାସ୍ତବତାରେ । ସେ ସେହି ଅଦୃଶ୍ୟ ଭବିଷ୍ୟତ କଳା ପଟାରେ ଲେଖିଥିଲା କେତେ ସ୍ୱପ୍ନର ଛବି । ଅଳକା ପୁରୀର କେତେ ସୌନ୍ଦର୍ଯ୍ୟ, କେତେ ପ୍ରଣୟ ଭରା ମଧୁମୟ ଚାନ୍ଦିନୀ ରାତିର ଶୀହରଣ । ସଂସାର ତା ଆଖିରେ ହୋଇ ଉଠିଥିଲା ଏକ

Digitized by srujanika@gmail.com

ବିରାଟ ନନ୍ଦନ କାନନ । ଆଉ ସେ ଲତାକୁ ନେଇ ତାରି ଭିତରେ ଗଢିଛି ସୁଖ ସମ୍ଭୋଗର ମଣିମୟ ମୁକ୍ତାଗଡ । ଫୁଲ ବନର ମାତାଲ ପ୍ରଜାପତି ଟିଏ ପରି ସେ ଉଡି ବୁଲିଛି ଲତାକୁ ସଂଗରେ ନେଇ ।

କିନ୍ତୁ ଆଜି ? ଆଜି ତାର ସମସ୍ତ ଜୀବନ୍ତ କଳ୍ପନା ନୁଖୁରା ବର୍ତ୍ତମାନର ପାଦତଳେ ଭୁଷୁଡି ପଡିଛି । କଳ୍ପନା ଓ ବାସ୍ତବତା ଭିତରେ କେତେ ତଫାତ୍ ? ସବୁ ଅଦେଖା ହାତର କରଣି । ସେଥିପାଇଁ ଆଜି ସେ ଜଣେ ମାଗିଖିଆ, ବାରବୁଲା ଲୋକପରି ଦୁନିଆଁ ଆଖିକୁ ଦିଶୁଛି । କିନ୍ତୁ ସାଧାରଣ ମାଗିଖିଆ ଲୋକ ଆଉ ତା ଭିତରେ ବହୁତ ଫରକ ଅଛି । ତା ପେଟର ଜ୍ୱଳା ନାହିଁ । ବାଟ ଭିକାରୀ । କୁଢ଼ିଖଣ୍ଡିଆଙ୍କ ପରି ପୁରୀକୁ ଆଗତ ଦୂରଯାତ୍ରୀ ମାନଙ୍କୁ ସେ ବିରକ୍ତ କରେ ନାହିଁ । ତାର ଅଭାବ ପେଟର ଅଭାବ ନୁହେଁ । ଅଭାବ ତା ମନର । ଅଭାବ ତା ହୃଦୟର । ତାର ସ୍ଥିର ଦୃଷ୍ଟି, ଧୀର ଚାଲି, ବାହାର ଦୁନିଆଁ ପ୍ରତି ଏକ ଅସଂଲଗ୍ନ ଭାବର ପ୍ରତୀକ । ସେ ଯେପରି ଅନୁଭବ କରୁଛି ତା ନିଜ ପ୍ରାଣର ଅଭାବ । ସେଥିପାଇଁ ସେ ଖୋଜି ବୁଲୁଛି ଏ ବିରାଟ ପୃଥିବୀର ପ୍ରତି ସ୍ଥାନରେ ପ୍ରତି ବାୟୁ କଣାରେ ପ୍ରତି ଧୂଳି କଣା ଦେହରେ କାହାକୁ । ଆଉ ସେଥିପାଇଁ ସେ ଗୁଣୁ ଗୁଣୁ ହୋଇ ଅତି ଧୀର ଗଳାରେ ଡାକୁଛି -

ଲତା ..... ଲତା .... ପ୍ରାଣର ଲ .....ତା .... ।

□

= ଦୁଇ =

ବିଦ୍ୟାଧର ସାମନ୍ତରାୟ ବର ପଦାର ଜଣେ ଆଖି ଦୁରୁଶିଆ ଲୋକ । ରୂପରେ ଯେପରି ଗୁଣରେ ମଧ୍ୟ ସେହିପରି । ପାଞ୍ଚ ହାତିଆ ଡେଙ୍ଗା ମରଦ । ଦେହର ମାସଂ ପେଶୀ ଯାକ ବଳିଲା ପରି । କେଉଁଠି ହେଲେ ଖାଲ ଢ଼ିପ ନାହିଁ । ବୟସ ପଚାଶକୁ ଟପି ଗଲେ ବି ଗୋଟାଏ ଯୁଆନ ମରଦପରି ଦିଶନ୍ତି । ଭାରି ପରିଶ୍ରମୀ

Digitized by srujanika@gmail.com

ଲୋକ । ଦଣ୍ଡେ ହେଲେ ବସି ରହି ପାରନ୍ତି ନାହିଁ । ସବୁବେଳେ କିଛିନା କିଛି କାମ ହାତରେ ଲାଗି ରହିଥିବ । ଚାଷୀ କୁଳରେ ଜନମ । ତେଣୁ ମାଟି ସଂଗରେ ଦିନରାତି ଲଢ଼େଇ । ଖରା ବର୍ଷା କାକରକୁ ପିଠେଇ ଦେଇ ନିଜ ଜମିରେ ଖଟୁଥାନ୍ତି । ଲୋକେ କହନ୍ତି ସାଆଁତରାଙ୍କ ଜମିରେ ଯେପରି ଫସଲ ହୁଏ ଅନ୍ୟ କାହାରି ଜମିରେ ସେପରି ହୁଏ ନାହିଁ । କାରଣ ସେ ଜଣେ ପୋଖତ ଚାଷୀ । ତାଙ୍କ ଜମିରେ କିଆରୀ ଗୁଡିକୁ ଚାହିଁ ଦେଲେ ଅନ୍ୟ କିଆରୀ ଠାରୁ ବାରି ହୋଇପଡିବ । ହିଡ ସବୁ ବଳିଲା ପରି । କେଉଁଠି ବଙ୍କା ଢ଼େଙ୍କା ନୁହେଁ । ସବୁ ଯେପରି ସୂତା ପକାଇ ମାପ ଚୁପକରି ସେ ହିଡ ଗୁଡିକ କିଏ ବଳିଛି । କିଆରୀର ମଧ୍ୟ ଭାଗଠାରୁ ହିଡ ଯାଏ କେଉଁଠି ଉଚ୍ଚ ଖାଲ ନାହିଁ । ସଂପୂର୍ଣ୍ଣ ସମତଳ । ପାଣି ସର୍ବତ୍ର ସମାନ ପରିମାଣରେ ରହେ । କେଉଁଠି ପାଣି ଜମିବା ବା କଉଁଠି ପାଣି କମିବାର ଦେଖା ଯାଏ ନାହିଁ । ଧାନ ଚାଷ ଉଠିଗଲେ ସେ ଜମିରେ ମୁଗ, ବିରି, ରସୁଣ, ପିଆଜ, ଧଣିଆ, ସୋରିଷ ଆଜି ଫସଲ କରନ୍ତି । କୋବି, ଆଳୁ, ବାଇଗଣ, ଭେଣ୍ଡି ଆଦି ପରିବା ଉତ୍ପାଦନ କରିବାରେ ଜଣାଶୁଣା ଲୋକ । ବର୍ଷକ ବାରମାସ ଜମିରେ ବେଉଷଣ ଚାଲିଥାଏ । ସେଥିରୁ ଯାହା ପାଆନ୍ତି ସେଥିରେ ତାଙ୍କର ବର୍ଷକର ସବୁ ଖରଚ ଚଳିଯାଏ । କିଛି କିଛି ଉଦ୍‌ବୃତ୍ତ ମଧ୍ୟ ହୋଇଯାଏ । ବଳକା ଫସଲକୁ ବିକି ଲୁଗାପଟା, କର ଖଜଣା, ଅତିଥି ଅଭ୍ୟାଗତ, ପୁନେଇ ପର୍ବର ଖରଚ ସବୁ ତୁଲାନ୍ତି । ସାଆଁନ୍ତରାଙ୍କ ପରିବାର ଗୋଟିଏ ଉତ୍ତମ ପରିବାର । ସବୁ ଦିଗରୁ ପୂର୍ଣ୍ଣ । ବାରଓଷା ତେରପର୍ବ କଉଁ ଥିରେ ହେଲେ ଊଣାନୁହେଁ । ସବୁ ଯେପରି ଅଖଣ୍ଡ । ବର୍ଷକ ଭିତରେ ସବୁ ପର୍ବପର୍ବାଣି ତାଙ୍କ ଘରେ ପାଳନ କରାଯାଏ । ପରିବାରର ସମସ୍ତଙ୍କ ମନରେ ଧର୍ମ ଭାବନା ଥାଏ । ଏଥିପାଇଁ ତାଙ୍କ ପରିବାରରେ ଗଢ଼ି ଉଠିଛି ଗୋଟାଏ ରୁଚିକର ସଂସ୍କୃତି । ସଫା ସୁତୁରା ରହିବାରେ ସାଆଁନ୍ତରା ଘର ଗାଁ ଭିତରେ ବାରି ହୋଇଯାଏ । ଘର ଭିତରକୁ ପଶିଗଲେ ଯେକୌଣସି ଲୋକ ଅନୁଭବ କରିପାରିବ ଘର ଭିତରେ ପ୍ରତ୍ୟେକ ଜିନିଷ ଯେପରି ସୁସଜ୍ଜିତ ହୋଇ ସବୁ ବେଳେ ରହିଛି । ଜିନିଷ ସଜେଇ ରଖିବା, ସଫା ସୁତୁରା

Digitized by srujanika@gmail.com

ରଖିବା, ପିଇବା ପାଣି ଖାଦ୍ୟ ପଦାର୍ଥ ଢ଼ାଙ୍କି ରଖିବା ଆଦି ଯାବତୀୟ କାର୍ଯ୍ୟରେ ସଂସ୍କୃତିର ଛାପ ଦେଖିବାକୁ ମିଳିବ । ବାଡିରେ ବରପାଲି ପାଇଖାନା, ଘର ପଛପଟେ ପରିସ୍ରା ପାଇଁ ସ୍ଥାନ ନିର୍ଦ୍ଦିଷ୍ଟ । ପୁଣି ମଳ ପରିସ୍ରା ଆଦିକୁ ଚାଷରେ ଉପଯୋଗ କରିବାରେ ସାଆଁନ୍ତରା ହେଉଛନ୍ତି ଦକ୍ଷ ଲୋକ । ମୋଟ ଉପରେ ପରିବାରଟି ଗୋଟାଏ ଆର୍ଦଶ ପରିବାର । ଗାଁ ଗହଳରେ ମାଟି ଘରକୁ ଏପରି ସଫା ସୁତୁରା ରଖିବା ଓ ସଜେଇ ଥିବା ଲୋକ ସେ ଅଞ୍ଚଳରେ ବିରଳ । ଯେ ତାଙ୍କ ଘରକୁ ଆସି ଏସବୁ ଦେଖିଛି ସେ ପ୍ରଶଂସା ନ କରି ରହିପାରି ନାହିଁ । ଏଥିପାଇଁ ସାଆଁନ୍ତରା ଘରର ପ୍ରଶଂସା ସବୁ ଗାଁରେ ସବୁରି ମୁହଁରେ ଶୁଣାଯାଏ । କଥା ଅପେକ୍ଷା କାର୍ଯ୍ୟରେ କରି ଦେଖାଇବା ଯେପରି ସାଆଁନ୍ତରା ଙ୍କର ଏକ ଜୀବନ ଆଦର୍ଶ ।

ପରିବାରରେ ସମସ୍ତେ ପରିଶ୍ରମୀ । ପ୍ରତ୍ୟେହ ଶାରୀରିକ ପରିଶ୍ରମ କରୁଥିବା ଯୋଗୁଁ ରୋଗ ସେ ଘରେ ସହଜରେ ପଶିପାରେ ନାହିଁ । ଡାକ୍ତର, କବିରାଜ, ତାଙ୍କ ଘରକୁ ଯିବାର ପ୍ରାୟ କେହି ଦେଖନ୍ତି ନାହିଁ । କାହାରି କିଛି ଟିକିଏ ଅସୁବିଧା ହୋଇଗଲେ ବାଡିଘରେ ଥିବା ଗଛର ପତ୍ରଚେର ମୂଳିରୁ ଔଷଧ ତିଆରି କରାଯାଏ ।

ସାଆଁନ୍ତରାଙ୍କର ବିଦ୍ୟାଧର ନାଁ ଟି ସାର୍ଥକ ହୋଇଛି ତାଙ୍କ ଠାରେ । ବଡ ବିନୟୀ ସେ । ମାଛିକୁ ମର ବୋଲି କହନ୍ତିନି । ନମ୍ର ଭାବରେ ସମସ୍ତଙ୍କ ସହ ହସି ହସି କଥାବାର୍ତ୍ତା କରନ୍ତି । ଗାଁରେ କାହାର ବିପଦ ଆପଦ ପଡିଲେ ଆଗ ଯାଇ ସେଇଠି ହାଜର ହୁଅନ୍ତି । ବିଷୟ ପ୍ରତି ତାଙ୍କର ସେପରି ଆସକ୍ତି ନ ଥାଏ । ସରଳ ଭାବରେ ଦିନକାଟିବା ତାଙ୍କର ଅଭ୍ୟାସ । ସଂପତ୍ତି ବାଡି ନେଇ ତାଙ୍କ ପାଖରେ କେହି କଥା ପକାଇଲେ ସେ ହସି ହସି ମୁଖସ୍ଥ କରିଥିବା ଗୀତ ପଦେ ଗାଇ ଦିଅନ୍ତି ।

Digitized by srujanika@gmail.com

''କେତେ ଦିନକୁ ମନ କରିଛୁ ଆଣ୍ଟ,
କି ଘେନି ଯିବୁ ତୋର ଛୁଟିଲେ ଘଟ ।

ସାଆଁନ୍ତରାଙ୍କର ଜମିବାଡି ବେଶୀ ନୁହେଁ । ଜଳାଜଳ ମିଶି ଆଠ ଦଶ ଏକର ହେବ । ସେଥିରୁ ଜଳାଜମି ପୋଖରୀ ଦେଢ ଏକର ହେବ । ଅବଶିଷ୍ଟ ଚାଷଜମି । ସେଥିରୁ ଯାହା ଆମଦାନୀ ହୁଏ ସେଥିରେ ସେ ପରିବାର ଟିକୁ ଖୁସିରେ ଚଳାଇଥାନ୍ତି । ସାହୁ ମହାଜନଙ୍କ ଦୁଆର ମାଡନ୍ତି ନାହିଁ । ବର୍ଷକର ଖଜଣା ଗଣ୍ଡାକ ଦେଇ ଦେବାପରେ ସେ ନିଶ୍ଚିନ୍ତ । ଖଜଣା ବାକୀ ତାଙ୍କର କେବେ ରହେ ନାହିଁ । ସାଆଁନ୍ତାରା ଙ୍କ ସ୍ତ୍ରୀ ରେବତୀ ଦେବୀ ମଧ୍ୟ ଜଣେ ଖାଣ୍ଟି ଗୃହୁଣୀ । ମାଇପି ମହଲରେ ତାଙ୍କର ଭାରୀ ନାଁ । ସେ ଖୁବ୍ ମେଳାପି ଲୋକ । କଥାରେ ବ୍ୟବହାରରେ ସମସ୍ତଙ୍କୁ ସନ୍ତୁଷ୍ଟ କରିବାରେ ଶକ୍ତି ତାଙ୍କର ଅଛି । ବଡ ସରଳା ସେ । ନିଜ ଦୁଃଖରେ ନିଜ ଧନ୍ଦାରେ ସେ ସବୁବେଳେ ଲାଗିଥାନ୍ତି । ଦୁଃଖୀରଙ୍କୀ, ଭୋକୀଶୋଷୀ କେହି ହେଲେ ନିରାଶ ହୋଇ ଫେରନ୍ତି ନାହିଁ । ତାଙ୍କହାତ ଭଙ୍ଗା ପାନ ଖଣ୍ଡିଏ ଖାଇବା ପାଇଁ ଉପର ଓଳି ବୃଦ୍ଧୀ ମାନଙ୍କର ଭିଡ ତାଙ୍କ ଘରେ ଜମେ । ସେହିପରି ହାତ ରନ୍ଧା ତିଅଣ ପାଇଁ କେତେଘରୁ ତାଟିଆ ବାଟି ତାଙ୍କ ପାଖକୁ ଆସେ । ଘରେ ଯାହା ରନ୍ଧା ଯାଇଥାଏ ଅଳ୍ପ ହେଉ ପଛେ ସବୁ ପ୍ରକାର ତରକାରୀରୁ ସେ ଦେଇଥାନ୍ତି । ଘର କରଣା ସମ୍ଭାଳିବାରେ ରେବତୀ ଦେବୀ ଜଣେ ଦକ୍ଷ ଲୋକ । ସବୁ ପ୍ରକାର ଖାଦ୍ୟ ସାମଗ୍ରୀ ତିଆରି ତାଙ୍କୁ ଜଣା । ପାଞ୍ଚପ୍ରକାର ଆଚାର ଓ ସାତ ପ୍ରକାର ବଡି, ପାମ୍ପଡ ତିଆରି ତାଙ୍କୁ ଜଣା । ଛୋଟ ଶେଯ ପିଲାଙ୍କର ଘୋରା ଘୁରି ଠାରୁ ଆରମ୍ଭ କରି ବଡ ମଣିଷଙ୍କ ପାଇଁ ଆବଶ୍ୟକ ହେଉଥିବା ପ୍ରାଥମିକ ଚିକିତ୍ସା କଥା ସେ ଜାଣନ୍ତି । ଏଥିପାଇଁ ତାଙ୍କର ଏକ ପାଛିଆ ଶିକାରେ ଟଙ୍ଗା ହୋଇଥାଏ । ସେଥିରେ ହରିଡା, ବାହାଡା, ଅଁଳାଠାରୁ ଆରମ୍ଭକରି ଶୁଖିଲା ନଳିତା ପିତା, ଭୂଇଁ ନିମ୍ବ ପର୍ଯ୍ୟନ୍ତ କେତେ ଚେର ମୂଳି ଫଳ ସେଥିରେ ସାଇତା ଯାଇଥାଏ । ଛୁଆଙ୍କ ରୋଗ ବୈରାଗ ପାଇଁ କେତେ ମାମାନେ

Digitized by srujanika@gmail.com

ତାଙ୍କ ପାଖକୁ ଆସନ୍ତି । ଗାଁର ଛୁଆପିଲାଙ୍କ ଠାରୁ ଆରମ୍ଭ କରି ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ତାଙ୍କୁ ପ୍ରଶଂସା କରନ୍ତି । ରେବତୀଙ୍କର ଗୋଟାଏ ବିଶେଷ ଗୁଣ ଏହି ଯେ, କଥା କଥାକେ ଏପରି ଢ଼ଗ କହି ଦିଅନ୍ତି ଯେ ତାହା ଘଟଣା ଓ ବିଷୟକୁ ଖାପ ଖାଉଥାଏ । ଶୁଣିଲା ଲୋକ ସହଜରେ କଥାଟି ବୁଝିଥାଏ ଓ କଥାରେ ପ୍ରଭାବିତ ହୋଇଥାଏ । ତାଙ୍କର ଏହି ଗୁଣକୁ ଲକ୍ଷ୍ୟ କରି ଓଳେ ବେଳେ ସାଆଁନ୍ତରାଏ କହନ୍ତି " ଢ଼ଗ ଢ଼ମାଳି ମୁଖସ୍ଥ କରି ତାକୁ ପ୍ରୟୋଗ କରିପାରୁ ଥିବାରୁ ତମକୁ ବିଦ୍ୟାନିଧି ଉପାଧି ମିଳିବା ଉଚିତ୍ " । ଏହି ପରିହାସ କଥା ପଦକରେ ଘରେ ହସର ଲହରୀ ଖେଳିଥାଏ । ରେବତୀ ଦେବୀ କିନ୍ତୁ ନିରକ୍ଷର, ସୁଲକ୍ଷଣୀ । ସ୍ୱାକ୍ଷରତା ଓ ବ୍ୟକ୍ତିଗତ ଗୁଣ ସାଧନା ମଧ୍ୟରେ ଥିବା ଦୂରତାକୁ ସେ ଯେପରି ବହୁତ୍ କମାଇ ଦେଇ ପାରିଛନ୍ତି ।

ଦୁଇଟି ପୁଅ ବ୍ୟତୀତ ସାଆଁନ୍ତରାଙ୍କର ଆଉ ସନ୍ତାନ ସନ୍ତତି ନାହାଁନ୍ତି । ବଡ଼ପୁଅ ସଚ୍ଚିର ଜନ୍ମର ଅନେକ ଦିନ ପରେ ସାନ ପୁଅ କିଶୋର ଜନ୍ମ । ଦୁଇଭାଇଙ୍କ ମଧ୍ୟରେ ପାଞ୍ଚ ବର୍ଷର ବ୍ୟବଧାନ । ସଚ୍ଚି ବାପା ମଆଙ୍କର ଏକ ମାତ୍ର ସନ୍ତାନ ବୋଲି ପ୍ରଥମତଃ ବଡ ଆଦରରେ ବଢ଼ିଥିଲା ବାପା ମା ତାକୁ ଅତି ଗେଲ ବସରରେ ବଢ଼ାଇଥିଲେ । ଏଥିପାଇଁ ପଢ଼ାପଢ଼ି ପ୍ରତି ତାର ବେ ନଜର । ସତେ ଯେପରି ସ୍ନେହାଧିକ୍ୟ ଓ ବିଦ୍ୟାର୍ଜନ ମଧ୍ୟରେ ଦ୍ୱନ୍ଦ ରହିଛି । ଗାଁ ସ୍କୁଲରେ 'କେବଳ ଅପର ପ୍ରାଇମେରୀ ପର୍ଯ୍ୟନ୍ତ ପଢ଼ିବାପରେ ପୋଥିରେ ଡୋରୀ ଦିଆଗଲା । ବାପର ପ୍ରଭାବ ପିଲାଙ୍କ ଉପରେ ପଡିଥାଏ । ସାଆଁନ୍ତରାଙ୍କର ଉତ୍ପାଦନ ମୂଳକ, ଶରୀରଶ୍ରମ, ଚାଷବାସ ବିଷୟକ ଅଭିଜ୍ଞତା ଓ କର୍ମ ପ୍ରେରଣା ସଚ୍ଚିର ଜୀବନକୁ ପ୍ରଭାବିତ କରିଥିଲା ।ତେଣୁ ବାପାଙ୍କ ପାଖରେ ରହି ସବୁ କ୍ଷେତ୍ରରେ ସାହାଯ୍ୟ କରେ । ଏଥିରେ ବାପା ମା ସମସ୍ତେ ଖୁସି । କାରଣ ସଚ୍ଚି ଯେ ଦିନେ ଜଣେ ଯୋଗ୍ୟ ଗୃହସ୍ଥର ଆସନ ପାଇବ ଏ ଧାରଣା ସେମାନଙ୍କର ହୋଇପାରିଥିଲା ।

Digitized by srujanika@gmail.com

ଆମ ସମାଜରେ ମା ମାନେ ଚାହାଁନ୍ତି ପୁଅ ବହାଘର କରି ବୋହୂଟିଏ ଘରକୁ ଆଣିବା ସଂଗେ ସଂଗେ ବାହାଘର ଆନନ୍ଦ ଉପଭୋଗ କରିବାକୁ । ଏଥିରେ ସେମାନଙ୍କର ଗୌରବ, ଜୀବନର ଅନେକ ଆନନ୍ଦ । ରେବତୀ ଦେବୀ ପୁଅର ସୁଖ ଦେଖିବେ ବୋଲି ସଜିକୁ ବାହାକରାଇ ବୋହୂଟିଏ ଆଣିଛନ୍ତି ଘରକୁ । ବୋହୂ ଲଳିତା ଷୋହଳ ସତର ବର୍ଷର କିଶୋରିଟିଏ । ରୂପରେ ଯେପରି ଗୁଣରେ ମଧ୍ୟ ସେପରି । ଗୋଟିଏ ଚାଉଳରେ ଗଢ଼ା । ସାଇ ପଡିଶାର ଲୋକେ ଭାରି ପ୍ରଶଂସା କରନ୍ତି ତାର ରୂପକୁ । ସାକ୍ଷାତ୍ ଦେବୀ ପ୍ରତିମା ଟିଏ । ତାର ବୁଦ୍ଧି ଭାରୀ ଭଲ । ବାର ଆଡକୁ ନଜର । ସବୁ କାମରେ ପସନ୍ଦ ଅଛି । ଭାରୀ ପରିଶ୍ରମୀ । ଦଣ୍ଡେ ବସେ ନାହିଁ । ଘରର ପାଇଟି ଶେଷ ହେଲେ ନାନା ପ୍ରକାର ହାତ କାମ କରିବସେ । ଲଳିତାର ହାତ ତିଆରି ଜିନିଷରେ ସାଆଁନ୍ତରାଙ୍କ ଘର ବେଶ୍ ସୁସଜ୍ଜିତ ଓ ରୁଚି ସଂପନ୍ନ । କାମ ଗୁଡିଏ ମଧ୍ୟ ଅତି ଅଦରକାରୀ ଜିନିଷରୁ ସେ ଏପରି ହାତ କାମ ସବୁ କରିଦିଏ ଯେ ତାହାର କଳାମୂଲ୍ୟ ଆଖି ଦୁରୁଷିଆ ହୋଇଥାଏ । ରନ୍ଧା ବଢ଼ାରେ ପରିପାଟି । ଅତିଥି ଚର୍ଚ୍ଚା, ଘରକରଣା, ସବୁଥିରେ ବୋହୂଟି ଯେପରି ସ୍ୱୟଂ ସଂପୂର୍ଣ୍ଣା । ଶାଶୁ ଶଶୁରଙ୍କ ପ୍ରତି ତା'ର ଖୁବ୍ ଭକ୍ତି । ସେମାନଙ୍କ ସେବାରେ ତାର ହୃଦୟ ମନ ଢ଼ାଳି ଦେଇ ଥାଏ । ଲଳିତା ପତିପରାୟଣା । ପ୍ରତ୍ୟେକ କଥାରେ ପ୍ରତ୍ୟେକ କାର୍ଯ୍ୟରେ ଯେପରି ସ୍ୱାମୀଙ୍କର ଛାଇ ମାଡି ମାଡି ଚାଲିଥାଏ । ସେ ସାଆଁନ୍ତରାଙ୍କ ଘରେ ପାଦଦେବା ଦିନୁ ଯେପରି ସେ ପରିବାରରେ ଲକ୍ଷ୍ମୀବିଜେ କରୁଛନ୍ତି । ଆନନ୍ଦମୟ ପରିବାରଟି ଅଧିକ ଆନନ୍ଦମୟ ହୋଇଉଠିଛି ।

କୁଟୁମ୍ବ ସଂପତ୍ତିର ଶତ୍ରୁ । ପୁଣି କଳି ଯୁଗରେ ବହୁ କୁଟୁମ୍ବୀ ଲୋକ ସବୁଠାରୁ ଅଧିକ ଦୁଃଖୀ ହୋଇଥାଏ । ଏ କଥା ସାଆଁନ୍ତରା ବେଶ୍ ହୃଦୟଙ୍ଗମ କରି ପାରିଛନ୍ତି । ତେଣୁ ପ୍ରତି ସନ୍ତାନ ହେବାର ପରବର୍ତ୍ତୀ ସନ୍ତାନ ଜନ୍ମର ବ୍ୟବଧାନ ଦୁଇ ବର୍ଷ । ଝିଅଟିଏ ହୋଇଥିଲା ଯମ ତାକୁ ମା କୋଳରୁ ଛଡାଇ ନେଇଛନ୍ତି । କିଶୋର ଜନ୍ମ

Digitized by srujanika@gmail.com

ହେବାଦିନ ଠାରୁ ସ୍ୱାମୀ ସ୍ତ୍ରୀ ବୁଝି ସୁଝି ଆତ୍ମ ସଂଯମ ଅବଲମ୍ବନ କରିଛନ୍ତି । ସମ୍ବଲକୁ ଚାହିଁ ଗୋଟିଏ ସନ୍ତାନ ଯେ ଯଥେଷ୍ଟ ଏ ଭାବ ଧାରା ତାଙ୍କୁ ବେଶ୍ ପ୍ରେରଣା ଯୋଗାଇ ଥିଲା । ତେଣୁ କିଶୋର ଜନ୍ମ ହେବାପରେ ସେମାନେ ଯେପରି ସଂସାର ଭିତରେ ଥାଇ ବ୍ରତଧାରୀ ବ୍ରହ୍ମଚାରୀ ଓ ବ୍ରହ୍ମ ଚାରିଣୀ ପରି ଜୀବନ କଟାଉ ଥିଲେ । ଲଳିତା ଯେତେବେଳେ ସାଆଁନ୍ତାରାଙ୍କ ଘରକୁ ଜଣେ ହୋଇ ଆସେ ସେତେବେଳକୁ କିଶୋର ମାତ୍ର ଦେଢ଼ ବର୍ଷର ପିଲା । ସାନ ଦିଅର ବୋଲି ଲଳିତା ତାକୁ ଅତି ଆଦର କରେ । ସେହ୍ନକରେ । ତାର ସବୁ ଚର୍ଚ୍ଚା କରେ । ସବୁ ହାରିଗୁହାରୀ ସେ ବୁଝେ । ସେଥିରେ ତାର ସବୁ ସୁଖ । ମନରେ ଅସରନ୍ତି ଆନନ୍ଦ । ନିଜେ ମାତୃତ୍ୱ ଅର୍ଜନ କରି ନ ଥିଲେ ମଧ୍ୟ ମାତୃତ୍ୱର ଅମୃତ ଧାରା ତା ଉପରେ ଢ଼ାଳି ଦେଇ ଥାଏ । ତାର ନାରୀ ହୃଦୟର ସବୁ କିଛି ଯେପରି ଅଜାଡି ପଡିଥାଏ । କିଶୋର ଉପରେ । ଶୁଦ୍ଧ ସଂସ୍କୃତି ସାରଲ୍ୟର ବାୟୁମଣ୍ଡଳ ସାଆଁନ୍ତରା ପରିବାରକୁ ଘେରି ରହିଥାଏ । ସମସ୍ତଙ୍କ ଜୀବନ ସଂଗୀତ ଯେପରି ଗୋଟାଏ ବୀଣା ତାରରେ ବାଜି ଉଠୁଥାଏ - ଏକ ସୁରରେ - ଏକ ମନରେ । ସଂସାରରେ ଖାଲ, ଢ଼ିପ, ଉଚ୍ଚ, ନୀଚ୍ଚ ରାସ୍ତା ଉପରେ ଦେଇ ଦିନଟି ମାନ ଗଡ଼ି ଚାଲିଥାଏ ଅତି ସୁଖରେ, ଆନନ୍ଦରେ ।

ସମସ୍ତଙ୍କର ଦିନ ଗୁଡାକ ସବୁଦିନେ ଏକ ପ୍ରକାର ଯାଏନି । ସବୁ ଚାଲିଥାଏ ନିତି ଦିନିଆ ବାଟରେ ବେଶ୍ ହସ ଖୁସିରେ । ସକାଳ ଯାଇ ସଞ୍ଜ ଆସେ । ପୁଣି ସଞ୍ଜରୁ ରାତି ପାରି ହୋଇ ସକାଳ ଆସେ କିନ୍ତୁ ବେଳେ ବେଳେ ଏ ଗତିର ବ୍ୟତିକ୍ରମ ଘଟେ । ପଛଆଡୁ ଅଦେଖା ଥାନରୁ କିଏ ସୂତା ଧରି ଟାଣିଲା ପରି ଟାଣି ଦିଏ କେଜାଣି ? ଚିର ଚଞ୍ଚଳ ଗତି କ୍ଷଣକ ପାଇଁ ଥମିଯାଏ । ପୁଣି ଲେଉଟା ବାଟରେ ଚାଲିବାକୁ ଆରମ୍ଭ କରେ ଅନ୍ୟ ଦିଗରେ ସଂପୂର୍ଣ୍ଣ ନୂଆବାଟରେ । ଏତେ ସୁନ୍ଦର ଗୋଲାପ ଫୁଲଟି ଭିତରେ ବେଳେ ବେଳେ ପୋକଟାଏ ପଶି ଟିକି ଟିକି କରି ଫୁଲଟିକୁ କାଟି ପକାଏ । ଅତି ସୁନ୍ଦର ସୁକୁମାର ଫୁଲଟିର ନରମ ପାଖୁଡା ଗୁଡିକ ଝରିପଡେ ମାଟି ଉପରେ । ଫୁଲର ସୃଷ୍ଟି ନିରର୍ଥକ ହୋଇଉଠେ । କିନ୍ତୁ ପୋକଟା ନିଜ ଫୁଲର

Digitized by srujanika@gmail.com

ଗାମ୍ଭୀର୍ଯ୍ୟକୁ ଉପହାସ କରି ହିଁ ହିଁ ହୋଇ ହସିଉଠେ । ସାଆଁନ୍ତରାଙ୍କର ଏହି ସୁଖ ସଂସାର ଉପର ଦେଇ ଖଣ୍ଡେ ଅକାଳ ମେଘ ଭାସିଗଲା । ଏ ସୁଖୀ ସଂସାର ଯେପରି ସ୍ରଷ୍ଟାଙ୍କର ଦେହସୁଆ ହେଲାନାହିଁ । ଏ ଘରକୁ ଭାଙ୍ଗି ରୁଜି ଅନ୍ୟ ରୂପରେ ଦେଖିବାକୁ ଇଚ୍ଛାକଲେ । ସେତ ଇଚ୍ଛାମୟ ପୁଣି ଲୀଳାମୟ । ତାଙ୍କ ଲୀଳାର ଅନ୍ତ ନାହିଁ । ସାଆଁନ୍ତରା ଘରର ସୁଖ ସଂସାରକୁ ଭାଙ୍ଗି ଆଉ ଏକ ପ୍ରକାର ଦେଖାଇବାକୁ ଇଚ୍ଛାକଲେ । ଚକ ଗଡିବାକୁ ଲାଗିଲା ଆଉ ଏକ ବାଟରେ । ବର୍ଷା ଦିନ, ଶ୍ରାବଣ ମାସ ଆରମ୍ଭ । ଆଷାଢ଼ ବେଶୀ ଦୂରକୁ ଘୁଞ୍ଚି ଯାଇନି । ଆକାଶରୁ ମେଘ ଝରଝର ଫରଫର ହୋଇ ପାଣି ଅଛାଡି ଦେଉଛି । ଦୁବ ଘାସରେ ସବୁଜ ପଣତ ଉପର ଦେଇ ସାଧବ ବୋହୂ ଛାତି ଫୁଲାଣିଆ ଚାଲି ଚାଲିଛି । ଚାରିଆଡେ ମଲ୍ଲୀ, ମାଳତୀ, ଜାଇ, ଜୁଇ, କନିଅର ଫୁଲର ଖିଲିଖିଲି ହସ । ଆକାଶ ପୃଥିବୀ ସର୍ବତ୍ର ଯେପରି ଯୌବନର ଆନନ୍ଦ ଉଲ୍ଲାସ । ପାଗଳ ଅଳିଟା ଭଁ ଭଁ କରି ଗୁଣୁ ଗୁଣୁ ସ୍ୱରରେ ଯୌବନୀ କବିତା ଫୁଲରାଶୀର କାନ ପାଖରେ ଆବୃତ୍ତି କରିବାରେ ଲାଗିଛି ।

ବାହାର ପ୍ରକୃତିର ଏ ଦିଗ ଉଚ୍ଛୁଳା ସୌନ୍ଦର୍ଯ୍ୟର ଆଡମ୍ବର ଚାଲିଥିବା ସମୟରେ ସାଆଁନ୍ତରାଙ୍କ ଘରଭିତରେ ଯେପରି ଅନ୍ଧାର ଜମାଟ ବାନ୍ଧି ଆସୁଥିଲା । ଅତି ପ୍ରତ୍ୟୁଷରୁ ଶଯ୍ୟା ତ୍ୟାଗ କରି ବାସନ ଧୋଇବା ଠାରୁ ଆରମ୍ଭ କରି ସମସ୍ତ ବାସୀ ପାଇଟି ରେବତୀ ଦେବୀ କରନ୍ତି । ପରେ ପରେ ଗାଧୋଇ ସାରି କୁଳଦେବତାଙ୍କର ଅର୍ଚ୍ଚନା କରିଥାନ୍ତି । ଅର୍ଚ୍ଚନା ପରେ ସ୍ୱାମୀ,ପୁତ୍ର, ବଧୂଙ୍କ ମଙ୍ଗଳ ମନାସିବା ସଂଗେ ସଂଗେ ଦେବତୀଙ୍କର ଶରଣାପନ୍ନ ହୁଅନ୍ତି । ଏହି ନିତି ଦିନିଆ କାମର ବ୍ୟତିକ୍ରମ କେବେ ଘଟେ ନାହିଁ । ସେଦିନ ସକାଳେ ଉଠିବାକୁ ସାମାନ୍ୟ ଉଛୁର ହୋଇଛି ଜାଣି ରେବତୀ ଦେବୀ ତରତର ହୋଇ ନିର୍ଦ୍ଦିଷ୍ଟ ସମୟରେ କାମଶେଷ କରିବାକୁ ତତ୍ପର ହୋଇ ପଡିଲେ । ପୋଖରୀ ଘାଟର ପଥର ଉପରେ ଗୋଡ ପକାଇବା ମାତ୍ରେ ଗୋଡ ଖସିଯିବାରୁ ସେ କଚାଡି ହୋଇ ପଡିଗଲେ । ଫଳତଃ

Digitized by srujanika@gmail.com

ଦେହ ହାତ ପାଦର ଆଘାତ ଲାଗିଲା । ପାଣି ଭିତରକୁ ଛାଟି ହୋଇ ପଡିବାରୁ କେତେ ଢୋକ ପାଣି ମଧ୍ୟ ପିଇଥିଲେ । ପିଣ୍ଡାରେ ଦାନ୍ତ ଘସୁଥିବା ସମୟରେ ସଚ୍ଚି ଏ ଦୃଶ୍ୟ ଦେଖିଲା ଏବଂ ଦୌଡି ଯାଇ ଆଖିପିଛୁଳାକେ ରେବତୀ ଦେବୀଙ୍କୁ ପାଣିରୁ ଉଠାଇ ଆଣିଲା । ଆଘାତ ବେଶୀ ଲାଗି ଥିବାରୁ ସେ ଆଉ ବାସୀ ପାଇଟି କରି ପାରିଲେ ନାହିଁ । ତାଙ୍କର ସବୁକାମ ଲଳିତା କରି ଦେଲା ।

ରେବତୀ ବିଛଣାରେ ପଡିରହିଲେ । ଖାଇବା ପିଇବା ସମାନ୍ୟ । ସକାଳ ଯାଇ ସଞ୍ଜ ହେଲା । ରେବତୀଙ୍କ ଦେହରେ କ୍ରମେ ଉତ୍ତାପ ବଢ଼ିବାକୁ ଲାଗିଲା । ସେ ସ୍ୱାମୀଙ୍କୁ ଡାକି କହିଲେ ମୋତେ ଆଜି ଜ୍ୱର ଜ୍ୱର ଲାଗୁଛି । ସାଆଁନ୍ତରା ରେବତୀଙ୍କ ଦେହରେ ହାତ ବୁଲାଇ ଦେଖିଲେ ପ୍ରକୃତରେ ଜ୍ୱର ଉତ୍ତାପ ବଢ଼ିବାରେ ଲାଗିଛି । ତାଙ୍କୁ କହିଲେ ବର୍ଷାରେ ଭିଜି ତିନ୍ତି କାମ କଲ, ପୁଣି ନିଜକୁ ସହି ସମ୍ଭାଳି କାମ କଲ ନାହଁ । ହେଉ ଦେହରେ ଆଉ ଥଣ୍ଡା ଲଗାଅନାହିଁ । ଏବେ ବିଶ୍ରାମ କର । ରାତି ପାହିଲେ ଅବସ୍ଥା ଦେଖି ବ୍ୟବସ୍ଥା କରିବି । ରେବତୀ ସେଇଠି ଶୋଇ ରହିଲେ । ସକାଳ ହେଲା । ଭୟଙ୍କର ଜ୍ୱର କ୍ରମେ ହାଡଭଙ୍ଗା ଜ୍ୱର ଆକ୍ରମଣ କଲା । ଦିନ ଦି ପ୍ରହର ବେଳକୁ ରେବତୀଙ୍କର ଚେତା ବୁଡିଗଲା, ପାଟି ପଡିଗଲା । ତଣ୍ଟିରେ ପାଣି ତୋରାଣି କିଛି ଭିତରକୁ ଗଲା ନାହିଁ । ସାଆଁନ୍ତରା ଅତ୍ୟନ୍ତ ବ୍ୟସ୍ତ ହୋଇପଡିଲେ । ସଚ୍ଚି ଓ ଲଳିତା ଅବସ୍ଥା କହିଲେ ନ ସରେ । ସାରା ପରିବାରରେ ବିଷାଦର ଛାୟା ଘୋଟି ଗଲା । ଘରେ ଅରାନ୍ଧ ଅବାଢ଼ ଅବସ୍ଥା । ସାଆଁନ୍ତରା ଯାଇ ଗୋପାଳ ପୁରା ବୈଦ୍ୟ ଫକୀର ମହାପାତ୍ରଙ୍କୁ ଡାକି ଆଣିଲେ । ମହାପାତ୍ରେ ସେ ଅଂଚଳରେ ଜଣେ ଖ୍ୟାତନାମା ବୈଦ୍ୟ । ବଡ ବଡ ରୋଗୀଙ୍କୁ ଚିକିତ୍ସା କରି ସୁନାମ ଅର୍ଜନ କରିଛନ୍ତି । ତାଙ୍କର ନିଦାନ ପ୍ରାୟ ନିର୍ଭୁଲ ହୁଏ । ମହାପାତ୍ରେ ରୋଗୀଟିର ନାଡୀ ଦେଖି ପରୀକ୍ଷା କଲେ ଏବଂ ଅଭୟ ବାକ୍ୟ ଶୁଣାଇ କହିଲେ ଭୟର କୌଣସି କାରଣ ନାହିଁ । ସର୍ଦ୍ଦି ଜ୍ୱର ଟାଏ ହୋଇଛି । ତାହା ସାଙ୍ଗକୁ ପଡି ଯିବାକୁ ଝମକ ଲାଗିଛି ଓ ଦେହ ଖରାପ

Digitized by srujanika@gmail.com

ହୋଇଛି । ଦିପାନ ଔଷଧରେ ରୋଗ ଛାଡି ଯିବ । ଏତିକି କହି ସେ ତାଙ୍କର ବଡ ମୁଣିଟି ଫିଟାଇ ସେଥିରୁ କେତୋଟି ବଟିକା ଦେଇ କହିଲେ " ମହୁ ଓ ଅଦା ରସ ସହ ଖାଇବାକୁ ଦେବ ।" ରାତିରେ ଖାଣ୍ଟି ସୋରିଷ ତେଲ ଗରମ କରି ପାଦ, ହାତ ପାପୁଲିରେ ଖୁବ୍ ମାଲିଶ କରିବ । ଏହି ପରି ଚିକିତ୍ସାର ବ୍ୟବସ୍ଥା କରି ନିଜର ପାଉଣା ଧରି ବାହାରିଗଲେ । ରୋଗୀକୁ ଠିକ୍ ସମୟରେ ଔଷଧ ଦିଆଗଲା । ବୈଦ୍ୟଙ୍କ କହିବାନୁସାରେ ସବୁ ପ୍ରକାର ଚିକିତ୍ସା କରାଗଲା । ମାତ୍ର ଜ୍ୱର କମୁଛି କାହିଁ ? ଚେତା ସାମାନ୍ୟ ଫେରୁଥିଲେ ମଧ ବାରମ୍ବାର ରୋଗୀ ଅଚେତ ହୋଇ ଯାଉଛି । ଏହି ଅବସ୍ଥା ତିନି ଦିନ ଧରି ଲାଗି ରହିଲା । ଯେତେ ଔଷଧ ଯେତେ ଚିକିତ୍ସା ସବୁ ପଣ୍ଡ ହେଲା । ରୋଗ ଶୁଣିଲା ନାହିଁ । ଶେଷକୁ ରୋଗୀଣୀ ବଡ ଦୁର୍ବଳ ହୋଇ ପଡିଲେ । ସାଆଁନ୍ତରାଏ ଏଥିରେ ବଡ ବିବ୍ରତ ହୋଇ ପଡିଲେ । କଣ କରିବେ କିଛି ଚିନ୍ତା କରି ପାରିଲେ ନାହିଁ । ବୁଦ୍ଧି ଶୂନ୍ୟ ହୋଇ ପଡିଲେ । ଯେ ଯାହା ବତାଇଲା ସବୁ ପ୍ରକାର ଚିକିତ୍ସା କରାଗଲା । ମାତ୍ର ସବୁ ନିଷ୍ଫଳ ।

ଜ୍ୱର ହେବାର ଆଠ ଦିନ ବିତିଗଲା । ରେବତୀଙ୍କ ଅବସ୍ଥା ଖୁବ୍ ଖରାପ । ସେ ଏତେ ଦୁର୍ବଳ ଯେ ବିଛଣାରୁ ଉଠିବାର ଶକ୍ତି ନାହିଁ । କିଛି ଖାଉ ନାହାଁନ୍ତି । ଲେମ୍ବୁ ସରବତ୍, ବାର୍ଲି, ସାଗୁ ପାଣିରେ ତାଙ୍କ ଜୀବନ ବଞ୍ଚିଛି । ଅବଶ୍ୟ ଚେତନା ଫେରିଛି । ଅସ୍ପଷ୍ଟ ଭାବରେ କଥାବାର୍ତ୍ତା କରିପାରୁଛନ୍ତି । ସାଆଁନ୍ତରାଏ ମୂକ ହୋଇ ବସିଛନ୍ତି ଏବଂ ମନେ ମନେ କେତେ ଦିଅଁ ଦେବତାଙ୍କୁ ନିଜର ମନ କଥା ଜଣାଇ ପ୍ରାର୍ଥନା କରୁଥାନ୍ତି । ମୁଣ୍ଡ ପାଖରେ ସଜି ନୀରବ ହୋଇ ବସିଥାଏ । ରେବତୀଙ୍କ ମୁଣ୍ଡରେ ହାତ ବୁଲାଉ ଥାଏ । ଗୋଡ ପାଖରେ ଲଳିତା ବସି ଗୋଟାଏ ହାତରେ କିଶୋରକୁ ଧରିଥାଏ ଏବଂ ଅନ୍ୟ ହାତରେ ରେବତୀଙ୍କର ପାଦରେ ହାତ ବୁଲାଉଥାଏ । କାହାରି ମୁହଁରେ ଭାଷା ନାହିଁ । ବୈଦ୍ୟଙ୍କ ବରାଦ ମୁତାବକ ଔଷଧ ଦିଆଯଉଛି । ଚିକିତ୍ସା ହେଉଛି ମାତ୍ର ରୋଗ ଉପଶମ ହେବାକୁ ବା କମିବାକୁ ନାହିଁ ।

Digitized by srujanika@gmail.com

କିଶୋରର କଅଁଳ ପ୍ରାଣକୁ ଏ ଝଡର ଗତି ଛୁଇଁ ନ ଥାଏ । ସେ କେତେବେଳେ ଭାଉଜଙ୍କ ବେକଧରି ଓହଳି ପଡୁଛି । କେତେବେଳେ ବା ତାଙ୍କ ଆଖିରେ କାନରେ ପାଟିରେ ଆଙ୍ଗୁଳି ପୁରାଉଛି । ପୁଣି କେତେବେଳେ ତାଙ୍କ କାନର ଆଙ୍ଗୁଳି ପୁରାଇ ରିଙ୍ଗଟାକୁ ଟାଣୁଛି । ମଝିରେ ମଝିରେ ପରାରି ବସୁଛି ବଉକୁ ଜ୍ୱର ହୋଇଛି ? ଲଳିତାର ଅଳିଅଳି ଭାବ ଦେଖାଇ କେବଳ ମୁଣ୍ଡ ହଲାଇ ତା ପ୍ରଶ୍ନର ଉତ୍ତର ଦିଅନ୍ତି । ଉତ୍ତର ଶୁଣି ଗୋଟାଏ ଡେଙ୍କା ଲଳିତ କୋଳରେ ଜମାଇ ଦେଇ ଦୁଇ ହାତରେ ତାଳି ମାରି କହୁଛି - "ବୋଉକୁ ଜର ହୋଇଛି " ଲଳିତା ତାର ଏ ଢଙ୍ଗ ଦେଖି ଦୁଃଖ ମଶ୍ରିତ ମନରେ ଜଡ ପାଲଟି ଯାଉଛନ୍ତି । କିଶୋର ପାଟି କରୁଛି ଓ ବଉକୁ ଖରାପ ଲାଗିବ ଭାବି ସଚ୍ଚି କହିଲା ନିକୁ ପାଟି କରନା । ବୋଉକୁ ପରା ଜର ହୋଇଛି । ତା କଥାକୁ ପୁନରାବୃତ୍ତି କରି କିଶୋର କହିଲା ନାଇଁ, ପାଟି କରିବିନି, ବଉକୁ ଜର ହୋଇଛି । ଶିଶୁର ସଂସାର ପବିତ୍ର । ସୁଖ ଦୁଃଖ ମାୟା ବନ୍ଧନ ଠାରୁ ଦୂରରେ । ସୁଖ ବା ଦୁଃଖ ତା ପକ୍ଷରେ ସମାନ ।

କିଶୋର ପାଟି ଶୁଣି ରେବତୀ କଡ ଲେଉଟାଇଲେ । ହାତ ଠାରି କିଶୋରକୁ ପାଖକୁ ଡାକିଲେ । ଲଳିତା କୋଳଛାଡି କିଶୋର ବୋଉଙ୍କ ଆଡକୁ ଗୁରୁଣ୍ଡି ଗୁରୁଣ୍ଡି ଆଗେଇଲା । ରୁଗ୍ଣହାଡ ସମ୍ବଳ ହାତଟିରେ ତାକୁ କୋଳକୁ ଆଉଯାଇ ନେଲେ । ପାଟିରେ କଥାନାହିଁ ଆଖି ଦୁଇଟିରେ ତାଙ୍କର ଭାବନାର ଝଡ । ଦୁଇଟି ଲୁହଧାର ଗଡି ପଡିଲା ସେହି କଅଁଳ ଶିଶୁର ମୁଣ୍ଡ ଉପରେ । କିନ୍ତୁ ସେ ଏହାର ମୂଲ୍ୟ ବୁଝିବ କାହିଁକି ? ସେ ଖାଲି ରେବତୀଙ୍କ ବେକ ପାଖରେ ମୁଣ୍ଡ ଗୁଞ୍ଜି ଦେଇ ଶୋଇଛି ।

କିଛି ସମୟ ଏମିତି ବିତିଗଲା ରେବତୀ କ୍ଷୀଣ କଣ୍ଠରେ ଡକିଲେ "ବୋହୂ" ମୋ ପାଖକୁ ଅଇଲୁ । ଗଳାରେ ଭରି ରହିଥାଏ ଅଶ୍ରୁଳ ବିଷାଦ । ଲଳିତା ପାଖକୁ ଘୁଞ୍ଚିଗଲା । ରେବତୀ ଥମେଇ ଥମେଇ ଆରମ୍ଭ କଲେ ମୋ ଆଖିରେ ତୁ ପିଲା । ଆଉ ଏ ଜଞ୍ଜାଳିଆଟା । ମୋର ଯିବା ବେଳ ହୋଇ ଆସିଲା । ଆଉ ବେଶୀ ଡେରି

Digitized by srujanika@gmail.com

ନୁହେଁ । ମୋର ସେ ପୁଅର ଡାକରା ଶୁଭିଲାଣି । ନିକୁ ଉପରେ ସବୁବେଳେ ଆଖି ପକାଇ ରଖିଥିବୁ । ତୁ ଏଘରକୁ ଅଇଲା ଦିନରୁ ତୁ ତାକୁ ମୋ କୋଳରୁ ଛଡ଼ାଇ ନେଇଛୁ । ତେଣୁ ଏଇଟି ତୋର । ଏତକ ବହୁ କଷ୍ଟରେ କହି କିଶୋରର କଅଁଳ ହାତ ଦୁଇଟିକୁ ଲଳିତା ଆଡକୁ ବଢ଼ାଇ ଦେଲେ । ମଳିନ ଓଠ ଦୁଇଟି ଦଣ୍ଡକ ପାଇଁ ଥରି ଉଠିଲା । ତାକୁ ଆଡେଇ ଦେଇ ବହୁ କଷ୍ଟରେ ହସ ଟିକିଏ ବହାରକୁ ବାହାରି ଆସିଲା । ଲଳିତାର ଆଖିରେ ଲୁହ ଆଉ । ଛାତିରେ ଅସରନ୍ତି ଭାବନାର ଝଡ । ନିଜକୁ କୌଣସି ମତେ ସଂଯତ କରି ଅଧୀର ହୋଇ କହି ଉଠିଲା - ବୋଉ ଏମିତି ଅସନା କଥା ମୁହଁରେ ଧରନ୍ତୁନି । ତୁମେ ନିଷ୍ଟେ ଭଲ ହୋଇଯିବ ଯେ । ରେବତୀ ଏତିକିରେ କେବଳ ଛୋଟ ହୁଁ ଟିଏ କହି ଉତ୍ତର ଦେଲେ । ସଚ୍ଚି ଔଷଧ ପୁଡିଆଟି ଖୋଲି ଡାକିଲା - "ବୋଉ ପାଟି ଟିକିଏ ମେଲା କଲୁ ଔଷଧ ଖୁଆଇ ଦିଏଁ । ରେବତୀ ପାଟି ଆଁ କଲେ ବଡ କଷ୍ଟରେ । ସବୁ ଔଷଧ ପାଟିକୁ ଗଲାନି । ଅଧେ ପଡିଗଲା । ରେବତୀ କ୍ଷୀଣ ଗଳାରେ କହିଲେ କିଏ ସଚ୍ଚି ? ବାପା କାହାଁନ୍ତି ? "ଏଇ ପରା ବାପା ବସିଛନ୍ତି" ସଚ୍ଚି ପାଖକୁ ଘୁଞ୍ଚି ଯାଇ କହିଲା । "ଏଇ ପରା ସେଇଠି ବସିଛନ୍ତି ? " । ରେବତୀ ଟିକିଏ ରହି କହିଲେ "ତାଙ୍କୁ ଏଠିକି ଟିକିଏ ଡାକ " ।

ସଚ୍ଚି ନ ଡାକୁଣୁ ସାଆଁନ୍ତରା ନିଜେ ଉଠି ଆସିଲେ । ରେବତୀଙ୍କ ମୁଣ୍ଡ ପାଖରେ ବସି ପଡି କହିଲେ "

"ମୋତେ ଡାକୁଥିଲ ?"

'ହୁଁ'

ରେବତୀ କିଛି ସମୟ ନୀରବ ରହିଲେ । " ମୋର ତ ଏଥର ସବୁ ସରିଗଲା । ଯିବାବେଳ ହେଲାଣି । ମୋତେ ବିଦାୟ ଦିଅ । ମୋର କେତେ ଭୁଲ ଜୀବନରେ ଥାଇପାରେ ସେ ସବୁ ଧରିବନି । ସବୁ ଭୁଲିଯିବ । " ଏକା ନିଶ୍ୱାସରେ କହିଗଲେ ରେବତୀ । ତା ପରେ ନୀରବ । ସାଆଁନ୍ତରାଙ୍କ ଅନ୍ତରର ଅନ୍ତରତମ

Digitized by srujanika@gmail.com

ପ୍ରଦେଶରେ ଏ କଥା ଗୁଡିକ ବ୍ୟଥା ଓ ଆଶଙ୍କାର ଶୋଳ ବିନ୍ଧିଲା ପରି ଲାଗୁଥିଲା । ମାତ୍ର ପାଟିରେ ଭାଷା ନ ଥିଲା । ଆଖି ଦୁଇଟିର ନିଶ୍ଚଳ ଦୃଷ୍ଟି ରେବତୀଙ୍କ ମୁଖ ମଣ୍ଡଳ ଉପରେ ସ୍ଥିର ଥିଲା ।

ଟିକିଏ ବେକ ବଙ୍କାକରି ସ୍ୱାମୀଙ୍କ ଆଡକୁ ଅନେଇ ରେବତୀ ପୁଣି ଆରମ୍ଭ କଲେ । "ଏମାନେ ତୁମକୁ ଲାଗିଲେ" ଏତକ କହୁଁ କହୁଁ ଆଖି ତାଙ୍କର ଲୁହରେ ଭରିଗଲା, ସେ ଆଉ କିଛି କହି ପାରିଲେ ନାହିଁ । ତଣ୍ଟି ପାଖରେ କଥା ଯାକ ଚିପି ହୋଇ ରହିଗଲା । ତାପରେ ସ୍ୱାମୀଙ୍କ ପାଦ ଆଡକୁ ରେବତୀଙ୍କର ହାତଟି ଫିଙ୍ଗି ହୋଇଗଲା । ତାଙ୍କ ମୁହଁକୁ ଥରେ ମାତ୍ର ଅନାଇ ଦେଇ ଆଖି ଫେରାଇଲେ । ତାପରେ ଆଖି ଦୁଇଟି ବୁଜି ହୋଇଗଲା । କେତେ ସମୟ ବିତିଗଲା । ତାଙ୍କ ମୁହଁରୁ ଆଉ କଥା ବାହାରିଲା ନାହିଁ । ସମସ୍ତେ ନୀରବ । ସମସ୍ତଙ୍କ ଆଖିରୁ ଧାର ଧାର ଲୁହ । କେଉଁ ଅଶୁଭ ଆଶଙ୍କାରେ ସମସ୍ତଙ୍କ ମନ ଅସ୍ଥିର । କାହାରି ଭାବନାର ଥଳକୂଳ ନ ଥିଲା । କାହାରି ଆଖିକୁ ନିଦ ସ୍ପର୍ଶ ସୁଦ୍ଧା କରୁ ନ ଥାଏ । ନିକୁ ସେମିତି ରେବତୀଙ୍କ କୋଳରେ ଗାଢ଼ ନିଦଯାଇଛି ।

ରାତି ପ୍ରାୟ ପାହି ଆସୁଥାଏ । ଅସରାଏ ଅସରାଏ ମେଘ ଝିପି ଝିପି ହୋଇ ବର୍ଷି ଯାଉଥାଏ । ମେଘ ବର୍ଷାର ଶବ୍ଦରେ କରୁଣ ସ୍ୱରରେ ଆଭାସ । ମେଘିଲା ଅନ୍ଧାର ଚାରିଆଡେ ଘୋଟି ରହିଥାଏ । ଆକାଶ ପୃଥିବୀ ସବୁ ଏକ ପ୍ରକାର କଳା ମଚ ମଚ । ସାମନ୍ତରାୟଙ୍କ ପରିବାରର ସମସ୍ତେ ରେବତୀଙ୍କୁ ଘେରି ବସିଥାନ୍ତି । ରାତି ଦଶଟା ପର୍ଯ୍ୟନ୍ତ ଗାଁ ରୁ ପୁରୁଷ, ସ୍ତ୍ରୀ ଲୋକ ଦଳ ଦଳ ହୋଇ ସାଆନ୍ତରାଙ୍କ ଘରକୁ ଆସୁଥିଲେ ଏବଂ ରେବତୀଙ୍କର ଅବସ୍ଥା ବୁଝି ଯାଉଥିଲେ । ରାତି ଅଧିକ ହେବାରୁ ଯେ ଯାହା ଘରେ ଶୋଇ ପଡିଲେ । ଚାରିଆଡେ ଶୂନଶାନ । ରାତି ପାହି ଆସିଲା ବୋଲି ଗାଁ ପାଖ ମଶାଣିରୁ ଅଣ୍ଟିରା ବିଲୁଆଟାଏ ହୋକେ ହୋ ଶବ୍ଦରେ ଜଣାଇଲା । ଦାଣ୍ଡ ପାରି ଆମ୍ବଗଛରେ କୁଆ କଇଁକପାତି ଥରେ ଥରେ ଶବ୍ଦ କଲେଣି ।

Digitized by srujanika@gmail.com

ଏତିକି ବେଳେ ହଠାତ୍ ରେବତୀଙ୍କର ଗଳା ଖଣ ଖଣ ଶୁଣାଗଲା । ତତ୍ପରେ ଖୁବ୍ ଜୋରରେ କାଶ ହେଲା । ତାପରେ ହେଷ୍କା ଘନ ଘନ ବଢ଼ିବାକୁ ଲାଗିଲା । ରେବତୀଙ୍କର ଯନ୍ତ୍ରଣା କ୍ରମେ ବଢ଼ିଲା । ସମସ୍ତେ ଏହାକୁ ଅନୁଭବ କରି ଆସ୍ତ ବ୍ୟସ୍ତ ହୋଇ ପଡିଲେ । ସ୍ୱାମୀଙ୍କର ମନ ବିଚ୍ଛେଦ ଆଶଙ୍କାରେ ଅସ୍ଥିର ହୋଇ ଉଠିଲା । ସାଆଁନ୍ତରାୟ ରେବତୀଙ୍କ ମୁଣ୍ଡକୁ ନିଜ କୋଳରେ ଟେକି ଧରିଲେ । ସଚ୍ଚି ଓ ଲଳିତା ବୋଉଙ୍କର ଦେହ ପିଠି ଆଉଁସିବାକୁ ଲାଗିଲେ । ରେବତୀ ପାଟିରୁ ଫେଣ ମେଞ୍ଚାଏ ପଦାକୁ ବାହାରି ଆସିଲା । ଲଳିତା ବ୍ୟସ୍ତ ହୋଇ ପୋଛି ଦେଲେ ନିଜର ପଣତ କାନିରେ । ଅସହ୍ୟ ଯନ୍ତ୍ରଣାରେ ରେବତୀଙ୍କର ମର ଶରୀର କଳା ଦିଶିଲାଣି । ଗୋଟାଏ ହିକାରେ ସ୍ୱାମୀଙ୍କ କୋଳରେ ରେବତୀଙ୍କ ମୁଣ୍ଡ ଗୋଟାଏ ପାଖକୁ ଗଡି ପଡିଲା । ଗାଁ ଲୋକେ ଆସି ଜମା ହେଲେ । ସମସ୍ତଙ୍କ ମୁହଁରେ ସେଇ ଗୋଟାଏ କଥା ମଣିଷ ପରି ମଣିଷଟିଏ ଚାଲିଗଲେ । ମୁଣ୍ଡରେ ସିନ୍ଦୁର, ହାତରେ ଶଙ୍ଖା ନେଇ ରେବତୀ ଚାଲିଗଲେ ଆରପୁରକୁ । □

= ତିନି =

ଦୁନିଆର ସବୁ ଅଘଟଣ ଘଟେ । ପୁଣି ସବୁଯାଏ ସେଇ ବିସ୍ମୃତିର ଅତଳ ତଳକୁ । ସାଆଁନ୍ତରାୟଙ୍କର ହସୁଥିବା ପରିବାର ଏବେ ଭିନ୍ନ ମୋଡ ନେଲା । ରେବତୀ ଚାଲିଗଲେ ସେ ପାରିକି । ବିଦ୍ୟାଧର ସାମନ୍ତରାୟ ପତ୍ନୀଙ୍କୁ ହରାଇ ଦୁଃଖରେ ଭାଙ୍ଗି ପଡିଲେ । ପୁଅ ବୋହୂଙ୍କ ମୁହଁକୁ ଚାହିଁ କାଳ କାଟିବାକୁ ଲାଗିଲେ । ପ୍ରଥମେ ପ୍ରଥମେ ଯେଉଁଠି ବସୁଥିଲେ ଖାଲି ଭକୁଆଙ୍କ ପରି ଆକାଶକୁ ଚାହିଁ ରହୁଥିଲେ । ଏଣିକି ଟିକିଏ ଆଶ୍ୱସ୍ତ ହେଲେଣି । ବୁଝିଲା ସୁଝିଲା ଲୋକ । ଯେଉଁ କଥାରେ ଉପାୟ ନ ଥାଏ ସେଥିରେ ମୁଣ୍ଡ ପୂରାଇ ଆଉ ଲାଭ କଣ ? ବିଦ୍ୟାଧର ନିଜ ମନକୁ ସ୍ୱାନ୍ତନା ଦିଅନ୍ତି । ହେଲେ ରେବତୀ ଛବି ତାଙ୍କ ଆଖି ଆଗରେ ସବୁବେଳେ ନାଚି ଉଠୁଥାଏ ।

Digitized by srujanika@gmail.com

ସବୁ ଆଖିବୁଜି ସହି ଯାଆନ୍ତି । ମନ କଥା ମନରେ ରହେ । କାହାରିକୁ କିଛି କହନ୍ତି ନାହିଁ । ରେବତୀଙ୍କୁ ହରାଇବା ଦିନୁ ତାଙ୍କ ମନ ଭିତରେ ବାର୍ଦ୍ଧକ୍ୟ ଯେପରି ଦ୍ରୁତ ପଦରେ ମାଡି ଆସିଲାପରି ଅନୁଭବ କରନ୍ତି ।

ଲଳିତା ଆଉ ସଚ୍ଚି ଏଣିକି ଶାନ୍ତ ହେଲେଣି । ବୋଉ କଥା ସବୁବେଳେ ସେମାନଙ୍କ ମନଭିତରେ ଉଙ୍କି ମାରୁଛି । ସେତ ଆଉ ଫେରିବେ ନାହିଁ । ତାଙ୍କର ଅସଂପୂର୍ଣ୍ଣ କାମ ଆମକୁ କରିବାକୁ ହେବ । ଏତକ ଭାବି ନିଜର ଦୈନନ୍ଦିନ କାମରେ ନିଜକୁ ହଜେଇ ଦେବାକୁ ଅଭ୍ୟସ୍ତ ହେଲେଣି । ବାପାଙ୍କର ବିଧୂର ମନକୁ ଲକ୍ଷ୍ୟକରି ସଚ୍ଚି ବାପାଙ୍କର ସବୁ ଚାଷବାସ କାମ ନିଜେ ସମ୍ଭାଳିଲେଣି । ବାପାଙ୍କୁ ଆଉ ଅଧିକ ଖଟଣି ପାଇଁ ସୁଯୋଗ ଦେଇ ନାହିଁ । ସବୁ କାମ ବାପାଙ୍କୁ ପଚାରି କରେ । ସବୁ କାମ ନିର୍ଭୁଲ ଭାବରେ ଜଣେ ଅନୁଗତ ଶିଷ୍ୟପରି କରି ଚାଲିଛି । ବୋଉଙ୍କର ଶେଷ ମୂହୂର୍ତ୍ତରେ କଥା ପଦକ ଲଳିତାର ମନ ଭିତରେ ଲେଖା ହୋଇ ରହିଲା ପରି ରହିଛି । ଘରର ସବୁ ପାଇଟି ମଧ୍ୟରେ କିଶୋରର ଯତ୍ନ ଅଗ୍ରାଧିକାର ପାଇଥିଲା । ସେଇଥିରେ ତାର ସବୁ ଆନନ୍ଦ ।

କିଶୋର ବେଳେ ବେଳେ ବାହାରୁ ଖେଳ ଛାଡି ଘରଭିତରକୁ ଦୌଡି ଆସେ । ଶିଶୁର ମନ ମାକୁ ନ ଦେଖି ମନ ତାର ବ୍ୟାକୁଳ ହୁଏ । ଲଳିତାର ପଣତ କାନିକୁ ପାଟିରେ କାମୁଡି ଓ ଦୁଇ ଜଙ୍ଘକୁ କଅଁଳ ହାତରେ କୁଣ୍ଡେଇ ପକାଇ ପଚାରେ ନୁଆଉ ବୋଉ କାହିଁ ?

ଲଳିତାର ଆଖି ଅଶ୍ରୁଳ ହୋଇଉଠେ ମାତ୍ର ତାହା ଦେଖିବାକୁ ସୁଯୋଗ ଦିଅନ୍ତି ନାହିଁ । ବଡ କଷ୍ଟରେ ମନରେ ଅକୁହା ଆବେଗ ଲୁଚାଇ ରଖି କହନ୍ତି “ ସେ ପରା ମାମୁଁ ଘରକୁ ଯାଇଛନ୍ତି । ହଉ ସେ ଯାଉ । ମୁଁ ଯିବିନି ତୋ ପାଖରେ ରହିବି ।”

ଲଳିତା ଅତି ଆଦରରେ ତାକୁ କାଖକୁ ଟେକି ନେଇ ପଣତ କାନିରେ ତା

Digitized by srujanika@gmail.com

ଦେହରୁ ଧୂଳି ଝାଡି ଦେଉଁ ଦେଉଁ କହନ୍ତି ନା- ନା ରେ ସଂଖାଳି ତୁ କୋଉଠିକୁ ଯିବୁନି । ମୋ ପାଖରେ ରହିବୁ । ସୁନାଟା ମୋର ।

କପାଳରେ ଚୁମାଟିଏ ଦେଇ ତାକୁ ଛାତି ଉପରେ ଭିଡି ଧରନ୍ତି । ଏଇଥିରେ ତାଙ୍କର ଅପାର ସୁଖ । ଅମାପ ଶାନ୍ତି ।

ସାଆଁନ୍ତରାଙ୍କ ପରିବାର ଭିତରେ ରେବତୀଙ୍କ ସ୍ମୃତି କ୍ରମଶଃ ପାତଳ ହୋଇଯାଉଛି । ଲଳିତାର ଅସାଧାରଣ ସ୍ନେହରେ ବୁଡି ରହି ମାଛେଉଣ୍ଡ କିଶୋର ମାଆକୁ ଏକାବେଳେକେ ଭୂଲି ଯାଇଛି । ଲଳିତା କିଶୋରକୁ ନିଜର ପ୍ରାଣଠାରୁ ଅଧିକ ସ୍ନେହ କରନ୍ତି । ସେହି ଅଲିଅଳ ଶିଶୁଟିକୁ କେନ୍ଦ୍ରକରି ଯେପରି ଲଳିତାର ସଂସାର ଗଢ଼ି ଚାଲିଥାଏ ମହାଆନନ୍ଦରେ । ସବୁ ସ୍ନେହ ସବୁ ମମତା ଅଜାଡି ଦେଇଛି ସେହି ମାତୃହରା ଶିଶୁଟି ଉପରେ । ସଞ୍ଜି ମଧ୍ୟ କିଶୋରକୁ ଦଣ୍ଡେ ନ ଦେଖିଲେ ବ୍ୟସ୍ତ ହୋଇ ଉଠନ୍ତି । ଖାଇଲା ବେଳେ ସଂଗରେ କିଶୋର ଖାଇ ନ ବସିଲେ ସତେ ଯେପରି ତାଙ୍କର ପେଟ ପୂରେ ନାହିଁ । ଆଉ ସାଆଁନ୍ତରା ଘରର ସମସ୍ତ ଜଞ୍ଜାଳରୁ ନିଜକୁ ଦୂରେଇ ରଖି କେବଳ ରେବତୀଙ୍କ ସ୍ମୃତିକୁ ସମ୍ବଳ କରି ଶେଷ ଦିନର ଅପେକ୍ଷାରେ ପଡି ରହିଛନ୍ତି । ଅସରନ୍ତି ଦିନ ଗୁଡାକ ତାଙ୍କ ପକ୍ଷରେ ପଥର ବୋଝପରି ଲାଗୁଛି । ସାଆଁନ୍ତରାଙ୍କ ପରିବାର ମଧ୍ୟରେ ସବୁ ଥାଇ ଯେପରି କଣ ବଡ ଗୋଟାଏ ଅଭାବ ରହିଛି ବୋଲି ସାଇପଡିଶା ସମସ୍ତେ ଅନୁଭବ କରନ୍ତି । ରେବତୀଙ୍କ ଅଭାବ ସମସ୍ତେ ତିଳ ତିଳ କରି ଅନୁଭବ କରନ୍ତି । କିଶୋର ପାଞ୍ଚ ଫଗୁଣ ଡେଇଁ ଛଅ ଫଗୁଣରେ ଗୋଡ ଦେଲା । ଶ୍ରୀପଞ୍ଚମୀ ପରଦିନ ଗାଁ ପାଠାଶାଳାରେ ତାର ନାଁ ଲେଖା ହେଲା । ସେ ଗାଁର ଅନ୍ୟ ପିଲାଙ୍କ ସହ ପଢ଼ିବାକୁ ଯାଏ । ପାଠ ପଢ଼ି ଆସିଘରେ ପାଦ ନ ଦେବା ପର୍ଯ୍ୟନ୍ତ ଲଳିତା ଆଖିରେ ନିଦ ନ ଥାଏ କି ପେଟରେ ଭୋକ ନ ଥାଏ । କିଶୋର ପହଞ୍ଚିଲା କ୍ଷଣି ତାକୁ ଖୁଆଇ ପିଆଇ ନିଜେ ଆଶ୍ୱସ୍ତ ହୁଅନ୍ତି । କିଶୋର

Digitized by srujanika@gmail.com

ସେ ଦିନ ବିଦ୍ୟାଳୟର ଯେତେକଥା ଯେତେପାଠ ସବୁ ଲଳିତାଙ୍କ ଆଗରେ ବଖାଣି ଦେଇଯାଏ ।

ଚାରିଟି ବର୍ଷ ଏମିତି ବିତିଗଲା । ସେ ବର୍ଷ ବୃତ୍ତି ପରୀକ୍ଷାରେ ପ୍ରଥମ ସ୍ଥାନ ପାଇ କିଶୋର ମାସିକ ପାଞ୍ଚଟଙ୍କା ବୃତ୍ତି ପାଇଲା । ଏଥିରେ ଘରଠୁ ବାହାର ପର୍ଯ୍ୟନ୍ତ ସମସ୍ତେ ଆନନ୍ଦ । କିନ୍ତୁ ସାଆଁନ୍ତରା ପଡିଲେ ବଡ ଅଡୁଆରେ । ଏକ ପକ୍ଷରେ କିଶୋର ମାଇନର ସ୍କୁଲ୍‌ରେ ନ ପଢ଼ିଲେ ବୃତ୍ତି ଟଙ୍କା ମିଳିବ ନାହିଁ । ଅନ୍ୟ ପକ୍ଷରେ ଦୂର ସ୍କୁଲରେ ପଢ଼ିବାକୁ ଛାଡି ଦେଲେ ତାକୁ ଆଖି ଆଗରୁ ଛାଡି ରହିବେ କେମିତି । ସେତେବେଳେ ତାଙ୍କ ମନରେ ଏକ ବଡ ଦ୍ୱନ୍ଦ ଦେଖାଦେଲା । ଲଳିତାଙ୍କ କଥା କହିଲେ ନ ସରେ । କିଶୋରକୁ ଛାଡି ବଞ୍ଚିବା ତାଙ୍କ ପକ୍ଷରେ ଏକ କଠିନ ବ୍ୟାପାର । କେତେ ହଁ, ନା, କେତେ ଅନିଶ୍ଚିତ ଅବସ୍ଥାକୁ ପାର ହୋଇ ଶେଷରେ ସିଦ୍ଧାନ୍ତ ହେଲା କିଶୋର ଛାତ୍ରାବାସରେ ରହି ମି: ଇ: ସ୍କୁଲରେ ପଢ଼ିବ । ପ୍ରତି ଶନିବାର ଦିନ ଘରକୁ ଆସି ରବିବାର ଦିନଟି ଘରେ ରହିବ ଓ ସୋମବାର ଦିନ ପୁଣି ଛାତ୍ରାବାସକୁ ଫେରିବ । ଏହାଛଡା ପୂନେଇ, ପରବ, ଉଷାବାର ଛୁଟି ଦିନ ମାନତ ରହିଛି । ଯେତେ ମନ ଘୁଡେଇ ହେଲେ ବି ତାର ଭାବୀ ଜୀବନର ମଙ୍ଗଳପାଇଁ ଏହାହିଁ ନିଶ୍ଚିତ କାର୍ଯ୍ୟକ୍ରମ ।

କିଶୋର ଖୁବ୍ ବୁଦ୍ଧିମାନ ଛାତ୍ର । ସେ ବିଦ୍ୟାଳୟରେ ସମସ୍ତ ଶିକ୍ଷକଙ୍କ ଠାରେ ବଡପ୍ରିୟ ପାତ୍ର ହୋଇ ଉଠିଲା । ପଢ଼ାରେ ଯେପରି ମନଯୋଗୀ ଖେଳରେ ସେହିପରି ଆଗ୍ରହୀ । ଏଣୁ ଛାତ୍ର ଶିକ୍ଷକ ସମସ୍ତେ ତାକୁ ବଡ ଆଦର କରନ୍ତି । ଖେଳ ପଡିଆରେ ଆଗପାହୀଟା ତାର । ପ୍ରତିଯୋଗିତା ପ୍ରିୟ । ପ୍ରଥମ ପୁରସ୍କାରଟି ତାର । ପରୀକ୍ଷାରେ ପ୍ରଥମ ହେବ ସେ । ଶ୍ରେଣୀରେ ମନିଟର ପଦଟି ସେ ପାଇବ । ଗୀତ ବୋଲିବ । ପୁରସ୍କାର ବିତରଣୀ ସଭାରେ ଆବୃତ୍ତି ବା ଅଭିନୟ କରିବା ଆଦିରେ ସେ ପ୍ରଶଂସା ପାଏ । ଅବସର ସମୟରେ ଭଲ ଗପ ବହି ଜୀବନୀ ମଧ ପଢ଼େ । ଶିକ୍ଷକ ମାନଙ୍କ ଠାରୁ ଦେଶ ବିଦେଶର କାହାଣୀ ଶୁଣିବାକୁ ସେ ଖୁବ୍ ଆଗ୍ରହ ପ୍ରକାଶ କରେ ।

Digitized by srujanika@gmail.com

ଏହା ଭିତରେ ଚାରୋଟି ବର୍ଷ ବିତି ଯାଇଛି । ପ୍ରତି ବର୍ଷ କିଶୋର ବାର୍ଷିକ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହୋଇଛି । ପୁରସ୍କାର ବିତରଣୀ ସଭାରେ ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରେ । ତାର ପୁରସ୍କାର ଜିନିଷ ମାନ ଏକାକୀ ଉଠାଇ ପାରେ ନାହିଁ । ମେଧାବୀ ଛାତ୍ର ହିସାବରେ ତାର ନାମ ଚାରିଆଡେ ପଡେ । ସେତେବେଳର ବ୍ୟବସ୍ଥା ଅନୁସାରେ ଶେଷ ପରୀକ୍ଷା ପାଇଁ ତାକୁ କଟକ ଯିବାକୁ ପଡିଲା । ବାପା ମଧ୍ୟ ସଂଗରେ ଗଲେ । ନୂଆହୋଇ କଟକ ଯାଇଥିବାରୁ ସେଠାକାର ପ୍ରତ୍ୟେକ ଜିନିଷ ଯେପରି ତାକୁ ନୂତନ ବାର୍ତ୍ତା ଆଣି ଦେଉଥାଏ । ପ୍ରତ୍ୟହ ପରୀକ୍ଷା ପରେ ଶିକ୍ଷକଙ୍କ ସହ ବାହାରକୁ ବୁଲିବାକୁ ଯାଏ । ବାଟଯାକ ନାନା ପ୍ରଶ୍ନ ପଚାରି ସବୁ କଥା ବୁଝେ । ଶିକ୍ଷକ ଧୈର୍ଯ୍ୟର ସହିତ ସବୁ ପ୍ରଶ୍ନର ଯଥାର୍ଥ ଉତ୍ତର ଦିଅନ୍ତି । ସେ ଭାରି ଖୁସି ହୁଏ । ସେଇ ଦିନଠୁଁ ସେ ମନେ ମନେ ଭାବେ ସେ କିପରି ବଡ ହେବ । ବଡ ବିଦ୍ୟାଳୟରେ ପଢ଼ିବ । ବେଶୀ ପାଠ ପଢ଼ିବ । ଭାବନା ଭିତରେ ନିଜକୁ ଆବିଷ୍କାର କରିବାକୁ ଚେଷ୍ଟାକରେ । ଭବିଷ୍ୟତର ଆହ୍ୱାନରେ ନିଜର ଅଲକ୍ଷରେ ଉତ୍ସାହିତ ହେବାକୁ ଲାଗିଲା ।

ପରୀକ୍ଷା ଶେଷ ହେବାରୁ ସମସ୍ତେ ଗାଁକୁ ଫେରିଲେ । ଗାଁରେ ଖେଳ ସାଥୀ ଓ ପଢ଼ା ସାଥୀର ଅଭାବ ତାକୁ ବାଧୁଥାଏ । ଦିନେ ଦିନେ ବାପାଙ୍କୁ ପଚାରେ ବାପା ମୁଁ ଆଉ ପାଠ ପଢ଼ିବି ନା ?

'ହଁ ' ସାଆଁନ୍ତରା ଉତ୍ତର ଦିଅନ୍ତି ।

କିଶୋର ଏ ଉତ୍ତରରେ ଭାରୀ ଖୁସି ହୁଏ ।

ଯଥା ସମୟରେ ପରୀକ୍ଷା ଫଳ ପ୍ରକାଶ ପାଇଲା । କିଶୋର ପରୀକ୍ଷାର୍ଥୀ ମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ବୃତ୍ତିଲାଭ କଲା । ଏ ସଂବାଦ କେବଳ ନିଜ ଗାଁରେ ନୁହେଁ ଆଖ ପାଖ ଗାଁର ଲୋକମାନେ ଶୁଣି ବହୁତ ଆନନ୍ଦିତ ହେଲେ । ଏକାଧାରରେ ସାଆଁନ୍ତରାଙ୍କର ଅଭିଭାବକତ୍ୱ ଓ କିଶୋରର ବୁଦ୍ଧିକୁ ପ୍ରଶଂସା କରିବାକୁ

Digitized by srujanika@gmail.com

ଲାଗିଲେ । ଏ ସୁସଂବାଦରେ ଲଳିତା ଯେତିକି ଖୁସି ସେତିକି ଆତଙ୍କିତ । ସେ ଏକପ୍ରକାର ପ୍ରମାଦ ଗଣିଲେ । କିଶୋରକୁ ଗତ ଚାରିବର୍ଷ ଧରି ନିଜ ପାଖରୁ ଦୂରରେ ଛାତ୍ରାବାସରେ ରଖି ସେ କି କଷ୍ଟ ପାଇ ନାହାଁନ୍ତି ? ପୁଣି ଯେ କଥାକୁ ସେଇ କଥା । ବରଂ ତା ଠାରୁ ବେଶୀ ପାଖଛଡା କରିବାକୁ ପଡିବ । କଟକରେ ଯାଇ ରହିବ । କେତେବେଳେ କୋଉକଥା । ଦେହ ପା ଅଛି । ମାଛେଉଣ୍ଡ ପିଲା । ଛୁଟିରେ କେବଳ ଘରକୁ ଆସିବ । ଏ ସବୁ ଭାବନା ଲଳିତାର ମନକୁ ଘାଣ୍ଟୁଥାଏ । ହେଲେ ଉପାୟନ୍ତର କାହିଁ ? କିଶୋର ବର୍ତ୍ତମାନ କଟକ କଲେଜିଏଟ ସ୍କୁଲରେ ଜଣେ ଛାତ୍ର । ମେଧାବୀ ଓ ବୁଦ୍ଧିମାନ ଛାତ୍ର ହିସାବରେ ତାର ପ୍ରଶଂସା ଚାରିଆଡେ । ସବୁ ବିଷୟ ଜାଣିବା ଓ ଶିଖିବା ପାଇଁ ତାର ଭାରୀ ଆଗ୍ରହ । ପୁଣି ସ୍କୁଲରେ ଜଣେ ବୃତ୍ତି ଭୋଗୀ ଛାତ୍ର । ଏଥିପାଇଁ ଶିକ୍ଷକ ମାନଙ୍କ ନଜର ତାରି ଉପରେ । ପଢ଼ା ବିଷୟରେ ଯେପରି ଅଧ୍ୟବସାୟୀ ଖେଳରେ ମଧ୍ୟ ସେହିପରି ଉତ୍ସାହୀ । ବିଦ୍ୟାଳୟରେ ବାଳଚର ସମିତି, ନାଟ୍ୟ ପରିଷଦ, ଆଲୋଚନା ସଭା, ସାହିତ୍ୟ ସଂସଦ ସବୁଥିରେ ଦାୟୀତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇଥାଏ । ଏଥିପାଇଁ ଛାତ୍ର ମହଲ ଠୁଁ ଆରମ୍ଭ କରି ଶିକ୍ଷକମାନଙ୍କ ମୁହଁରେ ତାର ଭୂରି ଭୂରି ପ୍ରଶଂସା । ତାର ସରଳ ଓ ନମ୍ର ବ୍ୟବହାର ସମସ୍ତଙ୍କୁ ମୁଗ୍ଧ କରିଦିଏ । ସମସ୍ତଙ୍କୁ ସେ ହସି ହସି କଥା କହେ । ପୋଷାକ ପରିଚ୍ଛଦ, ଖାଇବା ପିଇବାରେ ସରଳ ଜୀବନ ଯାପନ କରେ । ବଦ୍ୟାଳୟରେ ଗତ ତିନି ବର୍ଷ ମଧ୍ୟରେ ଯେତେ ପରୀକ୍ଷା ହୋଇଛି ସେଥିରେ ସେ କୌଣସି ବିଷୟରେ ଦ୍ୱତୀୟ ସ୍ଥାନ ପାଇ ନାହିଁ । ସବୁଥିରେ ତାର ପ୍ରଥମ ସ୍ଥାନ । କିଶୋର ଜୀବନ କ୍ରମେ ଆଦର୍ଶ ଆଡକୁ ଗତି କରୁଛି । ଏହା ତାର ନିତି ଦିନର ଘଟଣାରୁ ପ୍ରମାଣିତ ହେବାକୁ ଲାଗିଲା । ସୃଷ୍ଟି କର୍ତ୍ତା କାହା ଭିତରେ କି ମହତ ଗୁଣ ଲୁଚ୍ଛାୟିତ ରଖିଥାନ୍ତି ତାହା କେବଳ ତାକୁ ହିଁ ଜଣା । ଶ୍ରେଣୀରେ ପଢ଼ାସାରି କିଶୋର ଛାତ୍ରାବାସକୁ ଫେରି ଖଣ୍ଡିଏ ଚିଠି ଭାଇଙ୍କ ଠାରୁ ପାଇଲା । ସୁଖ ଖବର । ଲଳିତା ଏବେ ମା ହୋଇଛି । ଆଜକୁ ଚାରିଦିନ ହେଲା ତାଙ୍କର କୋଳ ଉଜ୍ଜଳ କରି ପୁଅଟିଏ ହୋଇଛି । ଏ ଖବର ପାଇବା ପରେ କିଶୋର ଆନନ୍ଦରେ

Digitized by srujanika@gmail.com

ନାଚି ଉଠିଲା । ତାର ଗୋଟିଏ ପୁତୁରା ହୋଇଛି । ସେ ତାକୁ ଦାଦା ବୋଲି ଡାକିବ । ସେ ତାକୁ କେତେ ଗେଲ କରିବ । ଛୁଟିରେ ଗଲେ ତାକୁ ଖେଳାଇବ । ତାପାଇଁ କଟକରୁ ଭଲ ଭଲ ଖେଳଣା ଓ ଭଲ ଭଲ ଜାମା ନେବ । ଭାଇ ଲେଖିଛନ୍ତି ବାପାଙ୍କର ଇଛା ସେ ଏକୋଇଶା ଦିନ ଗାଁକୁ ଯିବ । ଘରକୁ ଯିବ । ମାତ୍ର ଦିନେ ଦୁଇଦିନ ରହି କଟକ ଫେରି ଆସିବ । ଏ ସମ୍ବାଦ ତାକୁ ଅଧିକ ଆନନ୍ଦିତ କଲା । କାରଣ ଛୁଟିରୁ ଫେରିବା ଦୁଇମାସ ହୋଇଗଲାଣି । ବାପା, ଭାଇ, ଭାଉଜଙ୍କ କଥା ମନେ ପଡିବା ମାତ୍ରେ ପଢ଼ାଛାଡି ସେ ଅନ୍ୟତ୍ର ଯିବାକୁ ଇଛା କରେନି ।

ଏକୋଇଶା ଦିନ ବେଶୀ ଆଡମ୍ବର ନ ଥିଲେ ବି ସାଇପଡିଶା ଶହ ଶହ ସଂଖ୍ୟାରେ ଭୋଜିରେ ଯୋଗ ଦେଇଥିଲେ । ଅତିଥିମାନଙ୍କ ଚର୍ଚ୍ଚରେ କିଶୋର ଯେଉଁ ଦକ୍ଷତା ଓ ଆତ୍ମୀୟତା ଦେଖାଇଲା ତାହା ସମସ୍ତଙ୍କୁ ମୁଗ୍ଧ କରିପକାଇଲା । ସମସ୍ତଙ୍କ ମୁହଁରେ ସେଇ ଗୋଟିଏ କଥା ପିଲାଟି ସାଆଁନ୍ତରା ବଂଶର ମର୍ଯ୍ୟାଦା ରଖିବ । ବାପା ମାଆ ଯେମିତି ଥିଲେ ପୁଅ ମଧ୍ୟ ସେଇ ଗୁଣ ନେଇ ଜନମ ପାଇଛି । କୁଳ ଉଜ୍ଜଳ କରିବ ନିଶ୍ଚୟ ।

ଏକୋଶିଆର ଧୂମଧାମ ଶେଷ ହେଲା । ବନ୍ଧୁ ବାନ୍ଧବମାନେ ଯେ ଯାହାର ଘରକୁ ଲେଉଟି ଗଲେଣି । ସାଆଁନ୍ତରାଏ ପୁଅକୁ ଡାକି ପାଖରେ ବସାଇଲେ । ତାର ସୁବିଧା, ଅସୁବିଧା, ଖାଇବାର ବ୍ୟବସ୍ଥା ଆଦି ସବୁ କଥା ପଚାରି ବୁଝୁଥାନ୍ତି । ପାଖରେ ଲଳିତା ଛିଡା ହୋଇ ସବୁ ଶୁଣୁ ଥାନ୍ତି । ଦିନେ ଦିନେ ଖାଇବା ରୁଚିକର ହୁଏ ନାହିଁ । ପୂଜାରୀର ମନ ମୁଖୀ ରାନ୍ଧଣା ଯୋଗୁଁ କିଶୋରକୁ ଅଧାପେଟପୁରା କରି ଖାଇବା ସ୍ଥାନରୁ ଉଠି ଆସିବାକୁ ପଡେ । ଏ କଥା ଶୁଣିବା ପରେ - ଲଳିତାର ମନ ବିଦ୍ରୋହୀ ହୋଇଉଠେ । ପିଲାଟାକୁ ଏଇ ଦିନୁ ଖାଇବା କଷ୍ଟ ଦେଲେ ତାହାର ଦେହ ଭାଙ୍ଗିଯିବ ।

ଲଳିତା ମନରେ ଅନେକ ବ୍ୟଥା ଅନୁଭବ କଲେ । ସେ ଲକ୍ଷ୍ୟ କରୁଥିଲେ

Digitized by srujanika@gmail.com

କିଶୋର ଯେପରି ଏଥିପ୍ରତି ଆଦୌ ନଜର ଦେଉନାହିଁ । ତାର ପାଠପଢ଼ା ଭଲ ତ, ସେ ଭଲ । ସତେ ଯେପରି "ଅଳ୍ପହାରୀ ଗୃହତ୍ୟାଗୀ" କଥାଟି ତାରି ଠି ସତ୍ୟ ହୋଇଛି ।

ବୟସର ଭାରରେ ବାପାକ୍ରମେ ନଇଁ ଯାଉଛନ୍ତି । ପୁଣି ରେବତୀଙ୍କୁ ହରାଇବାଦିନଠୁଁ ସେ ଯେ କ୍ରମେ ସଂସାର ପ୍ରତି ବୈରାଗ୍ୟର ମନୋଭାବ ପୋଷଣ କରୁଛନ୍ତି । ଏହା କିଶୋର ଅନୁଭବ କରୁଛି ।

କଥା ପ୍ରସଂଗରେ ବାପା କିଶୋରକୁ କେତୋଟି ମୂଲ୍ୟବାନ କଥା କହିଲେ । ସତେ ଯେପରି ଏ କଥା ଗୁଡିକ କହିବେ ବୋଲି କେତେ ଆଗରୁ ଭାବି ସ୍ଥିର କରିଥଲେ । ବିଦ୍ୟାର ମହତ୍ୱ ବୁଝାଇଲେ । ବଦ୍ୟା ଅମୂଲ୍ୟ ସଂପଦ । ସାରା ଜୀବନର ସାଥୀ । ଆପଦ ବିପଦରେ ରକ୍ଷାକରେ । ଜୀବନର ପ୍ରହରୀ । ବିଦ୍ୟାପରି ପବିତ୍ର ଜିନିଷ ଆଉ ନାହିଁ । ସାଆଁନ୍ତରା କହି ଚାଲିଛନ୍ତି । ମନଯୋଗ ପୂର୍ବକ କିଶୋର କେବଳ ଶୁଣୁନାହିଁ । ହୃଦୟଙ୍ଗମ କରୁଛି । ନିଜ ଢ଼ଙ୍ଗରେ ବାପା କହିଚାଲିଛନ୍ତି । ବିଦ୍ୟା ଧର୍ମ, ଅର୍ଥ, କାମ, ମୋକ୍ଷର ପଥର ପାହାଚ । ନିରାପତ୍ତା ପାଇଁ କିଛି ବ୍ୟବସ୍ଥା ଦରକାର ହୁଏ ନାହିଁ କି ଚୋର ଚୋରି କରିପାରେ ନାହିଁ ବା କେହି ସେଥିରୁ ଭାଗନେଇ ପାରିବ ନାହିଁ । ଅର୍ନ୍ତନିହିତ ଶକ୍ତିର ବିକାଶରେ ବିଦ୍ୟା କାଉଁରୀ କାଠି ପରି କାମକରେ । ବାପାଙ୍କର ଉପଦେଶରେ କିଶୋର ପ୍ରାଣରେ ଅପୂର୍ବ ସ୍ପନ୍ଦନ ଆନନ୍ଦର ଉଚ୍ଛୁଳା ଜୁଆର ।

ବାପାଙ୍କର ଶେଷ କେତୋଟି ପଦ କଥା କିଶୋରକୁ ଭାବନାର ଖୋରାକ ଯୋଗାଇଲା । ଗୋଟିଏ ସଂସ୍କୃତ ଶ୍ଳୋକ ଆବୃତ୍ତି କରି ତାହାରି ଭାବାର୍ଥ ବୁଝାଇଲେ ବାପା । ଖଳ ଲୋକର ବିଦ୍ୟା ଅପର ଲୋକ ସହିତ ବିବାଦର ଅସ୍ତ୍ର ହୁଏ । ଧନ ଗର୍ବର ଗନ୍ତାଘର ଏବଂ ଶାରୀରିକ ଶକ୍ତି ପରର ପତନନରେ ବ୍ୟବହୃର ହୁଏ । ମାତ୍ର

Digitized by srujanika@gmail.com

ସାଧୁ ଲୋକର ବିଦ୍ୟା ଅପରକୁ ଜ୍ଞାନୀ କରାଇବାରେ ଧନ ଦୁଃଖୀରଙ୍କୀର ସାହାଯ୍ୟରେ ଓ ଶକ୍ତି ଅପରକୁ ବିପଦ ଆପଦରୁ ରକ୍ଷାପାଇଁ ବ୍ୟୟିତ ହୁଏ ।

କିଶୋର ଆଉ ପିଲା ନୁହେଁ । ବାପାଙ୍କର କଥାରୁ ତାଙ୍କର ଅନ୍ତିମ ଇଚ୍ଛା କ'ଣ ତାହା ସେ ବେଶ୍ ହୃଦୟଙ୍ଗମ କଲା । ମନେ ମନେ ବାପାଙ୍କ ପାଦ ତଳେ ନତ ମସ୍ତକ ହେଲା । ଏତିକିବେଳେ ଲଳିତାର ଡାକରା ଆସିଲା । କିଶୋର ଖାଇବା ସମୟ । ସେ ଅପେକ୍ଷା କରି ବସିଛି । ତାକୁ ପାଖରେ ବସାଇ ଖୁଆଇବ । ସେଇଥିରେ ତାର ପରମାନନ୍ଦ । ସାଆଁନ୍ତରା ବୁଝିପାରି କିଶୋରକୁ ପଠାଇ ଦେଲେ । ଗୋଟାଏ ଅଭାବନୀୟ ଆନନ୍ଦରେ ସାଆଁନ୍ତରାଙ୍କ ଆଖି ଉଜ୍ଜଳ ହୋଇ ଉଠିଲା । ପିଲା ଦୁଇଟି ତାର ନାଁ ରଖିବେ । ବାପାଙ୍କର ସୁଯୋଗ୍ୟ ପୁତ୍ର ବୋଲି ଦୁନିଆରେ ପରିଚିତ ହୋଇ ପାରିବେ । ସନ୍ତାନ ସନ୍ତତିଙ୍କ ଦ୍ୱାରା ପିତାମାତାଙ୍କର ଗୌରବ ବଢ଼େ । ସାଆଁନ୍ତରା ନିଶ୍ଚିନ୍ତରେ ଆଖିବୁଜି ପାରିବେ ବୋଲି ମନେ ମନେ ଆଶ୍ୱସ୍ତ ହେଲେ ।

□

= ଚାରି =

ମାହାଙ୍ଗା ଥାନା ଯଶଦେଇପୁର । ଗୋଟିଏ ମଧ୍ୟମ ଧରଣର ଗାଁ । ଗାଁର ପୂର୍ବପଟେ ସଲିଳା ନଦୀ ବହିଯାଉଛି । ଗାଁର ଘର ସଂଖ୍ୟା ପଚାଶ ସରିକି ହେବ । ଖଣ୍ଡାୟତ, ବ୍ରାହ୍ମଣ,ହରିଜନ ଲୋକଙ୍କ ଭିତରେ ଖଣ୍ଡାୟତ ଲୋକଙ୍କ ସଂଖ୍ୟା ବେଶୀ । ବ୍ରହ୍ମଣ ମାତ୍ର ଚାରିଘର । ଏମାନଙ୍କର ଜେଜମାନ ସମସ୍ତେ ଏଇ ଗାଁରୁ । ଗାଁର ଅବସ୍ଥିତି ଏପରି ଯେ ଫସଲ ଧୋଇରେ ଧୋଇ ହୋଇଯାଏ ନାହିଁ କି ମରୁଡିରେ ମରେ ନାହିଁ । ବର୍ଷକ ବାରମାସ ଗୋରୁ ଅଟକ । ସୁତରାଂ କ୍ଷେତରୁ ଫସଲ ଗୋଟିକ ପରେ ଗୋଟିଏ ଅମଳ ହେଉଥାଏ । ଗାଁ ଚାରିପଟ ସୁନା ଫସଲରେ ହସିଉଠୁଥାଏ ।

Digitized by srujanika@gmail.com

ବର୍ଷା, ଶରତ, ଶୀତ, ବସନ୍ତ ଶୋଭା ଫସଲ ଯୋଗୁଁ ବହୁ ଗଣିତ ହୋଇଥାଏ । ପ୍ରାୟ ସମସ୍ତଙ୍କ ଘର ଡ଼ିହ ଆବଶ୍ୟକ ଅନୁସାରେ ରହିଛି । ବାଡିରେ ପନିପରିବା ପାଇଁ ସ୍ଥାନ ରହିଛି । ଅନେକଙ୍କ ବାଡିରେ ଛୋଟ ଛୋଟ ପୋଖରୀଟିଏ ମାନ ରହିଛି । ଗାଁର ମଝିରେ ଏକ ପ୍ରକାଣ୍ଡ ପୋଖରୀ । ପୋଖରୀ ହୁଡା ଉଚ୍ଚ ଓ ପ୍ରଶସ୍ତ । ତାଳ, ଅର୍ଜୁନ, ଆମ୍ବଗଛ ଧାଡି ଧାଡ଼ି ହୋଇ ରହିଛି । ପୋଖରୀର ପୂର୍ବକୁ ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର । ମନ୍ଦିର ପାଖକୁ ଲାଗି ପୋଖରୀକୁ ସଂଯୋଗ କରୁଛି ପଥର ବନ୍ଧା ଘାଟ । ପୋଖରୀର ଠିକ୍ ମଝିରେ ଚନ୍ଦନ ମଣ୍ଡପ । ଚନ୍ଦନ ପୂର୍ଣ୍ଣିମାର ସାତଦିନ ଆଗରୁ ମିଶ୍ର ଘରର ରାଧାଶ୍ୟାମ ଜୀଉ ଠାକୁର ଚାପରେ ବିଜେ କରନ୍ତି । ଚନ୍ଦନ ଯାତ୍ରା ଖୁବ୍ ଆଡମ୍ବରରେ ହୁଏ । ପୋଖାରୀର ପଶ୍ଚିମ ପଟକୁ ବର, ଆମ୍ବ, ଲିମ୍ବ, କୋଚିଲା, ବେଲ, ମାଲତୀ ଲତା ଓ ଗଛମାଳ ତଳେ ବିଜେ କରିଛନ୍ତି ଗ୍ରାମଦେବତୀ ମଣ୍ଡଳେଶ୍ୱରୀ ଠାକୁରାଣୀ । ତାଙ୍କର ମାଘ ସଂକ୍ରାନ୍ତି ଦିନ ଠାକୁରାଣୀ ପୂଜା ଆଡମ୍ବର ସହକାରେ କରାଯାଏ । ମାତ୍ର ପଶୁବଳି ପକାଇବା ଏଠାରେ ନିଷିଦ୍ଧ । ନଈକୂଳ, ବିସ୍ତୀର୍ଣ୍ଣ ଗୋଚର । ପଲପଲ ଗୋରୁଗାଈ ରଂଖିବାରେ ଲୋକଙ୍କୁ ସାହାଯ୍ୟ କରିଛି । ସଲିଳାନଦୀଟି ଲୁଆରିଆ ନଈ । ଖୁବ୍ ବଡ ନୁହେଁ । ଛୋଟ ବି କହି ହେବ ନାହିଁ । ତେଣୁ ଗ୍ରାମର ଆବଶ୍ୟକ ମାଛ ଏଇ ନଈ ଯୋଗାଇଥାଏ । ସୁତରାଂ ଦୁଧ, ଦହି, ଘିଅ, ମାଛ, ପନିପରିବା, ଖାଦ୍ୟଶସ୍ୟରେ ଗାଁଟି ସ୍ୱୟଂ ସଂପୂର୍ଣ୍ଣ କହିଲେ ଚଳେ । ଗାଁର ମହାଜନ ରଘୁମିଶ୍ରଙ୍କର ଜମି ବାଟିକରୁ କିଛି ବେଶୀହେବ । ହରିଜନ ମାନଙ୍କ ମଧ୍ୟରୁ ଚାରିପାଞ୍ଚ ଜଣ ମୂଲିଆ ତାଙ୍କ ଚାଷ ଉଠାଇ ଥାନ୍ତି । ରଘୁମିଶ୍ର ଏବଂ ତାଙ୍କର ପୁଅମାନେ ଧର୍ମପ୍ରାଣ ଲୋକ । ମିଶ୍ରର ଚେତନା ହେଲା ଯେ ସଂପତ୍ତିର ଉର୍ପାଜନ ଯେକୌଣସି ବାଟରେ ହୋଇପାରେ । ମାତ୍ର ଏହାର ରକ୍ଷାଣା ବେକ୍ଷଣ କେବଳ ଧର୍ମ ଭାବନାରେ ହୋଇ ପାରିବ । ତେଣୁ ଅନ୍ୟାନ ମହାଜନଙ୍କର ଚରିତ୍ର ଠାରୁ ତାଙ୍କର ଚରିତ୍ର ବାରି ହୋଇପଡେ । ସମସ୍ତଙ୍କୁ ଆପଣାର କରିବା କଳା ତାଙ୍କୁ ଜଣା । ପୁଣି ଲୋକ ହିତକର କାର୍ଯ୍ୟରେ ତାଙ୍କର ବହୁତ ଆଗ୍ରହ । ଗ୍ରାମର ଉନ୍ନତି ମୂଳକ କାମରେ

Digitized by srujanika@gmail.com

ତାଙ୍କର ତାଙ୍କର ଅବଦାନ ବହୁତ । ଗ୍ରାମର ଛୁଆଁ ଅଛୁଆଁର ଭେଦ ଭାବ ବହୁତ ଊଣା । ଗାଁ ମଝି ଦେଇ ପଞ୍ଚାୟତ ସମତି ରାସ୍ତା ଯାଇଛି । ଗାଁରେ ଉଚ୍ଚ ପ୍ରାଥମିକ, ମଧ୍ୟ ଇଂରାଜୀ ବିଦ୍ୟାଳୟ, ପାଠାଗାର, ମହିଳା ସମିତି, ଯୁବକ ସଂଘ ଆଦି ଅନୁଷ୍ଠାନମାନ ରହିଛି । ପୂରା ଗଣତାନ୍ତ୍ରୀକ ପଦ୍ଧତିରେ ଏ ଗୁଡ଼ିକ ପରିଚାଳିତ ହୁଏ । ପ୍ରତି ରବିବାର ଦିନ ଗ୍ରାମ ସଭାବସେ । ସଭାରେ ଗାଁରେ ଭଲ ମନ୍ଦ ଆଲୋଚନା କରାଯାଇ ନିଷ୍ପତ୍ତି କରାଯାଏ ।

ଗ୍ରାମ ସଭାରେ ମାଲିକ, ମୂଲିଆ, ମହାଜନ, ସମସ୍ତଙ୍କର ଆସନ ସମାନ । ଗ୍ରାମ ପରିବାର ଭାବନାରେ ଗାଁର ଲୋକେ ଚଳନ୍ତି । ଗାଁର ପାଠାଗାରକୁ ଦୈନିକ ସମାଜ, ଜହ୍ନମାମୁଁ ଓ କେତୋଟି ପତ୍ରପତ୍ରିକା ଆସେ । ପାଠାଗାରରେ ହଜାରେରୁ ଅଧିକ ବଛାବଛା ଗଳ୍ପ, ଉପନ୍ୟାସ, ଜୀବନୀ, କାବ୍ୟ, କବିତା, ଶାସ୍ତ୍ର, ପୁରାଣ ଆଦି ପୁସ୍ତକ ରହିଛି । ସବୁ ସଂସ୍ଥାର ପାଣ୍ଠି ଅଲଗା ଅଲଗା ହୋଇଥିଲେ ହେଁ ଏଥିପାଇଁ ଜମିସବୁ କୋଠରେ ଚାଷ କରାଯାଏ । ତିରୋଟ ସମୟରେ ଗରିବ ଶ୍ରେଣୀର ଲୋକଙ୍କୁ କରଜ ଦେବାପାଇଁ ଗାଁରେ କୋଡ଼ିଏ ଭରଣରୁ ଅଧିକ ଧାନ ଗଚ୍ଛିତ ଅଛି । ଗ୍ରାମ ଅନୁଷ୍ଠାନ ଗୁଡ଼ିକରେ ପରିଚାଳନାରେ ଯୁବକମାନେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି । ବୟସ୍କ ଲୋକମାନେ ଉପଦେଷ୍ଟା ହିସାବରେ ସମ୍ମାନୀୟ ଆସନ ଗ୍ରହଣ କରନ୍ତି ।

ଗାଁରେ ନିରକ୍ଷର ଲୋକ ପାଇବା କଷ୍ଟ । ବିଶେଷତଃ ବ୍ରାହ୍ମଣ ଖଣ୍ଡାୟତ ଜାତିର ଲୋକଙ୍କ ମଧ୍ୟରୁ ଅଧିକାଂଶ ଶିକ୍ଷିତ । ଅନେକ ଉଚ୍ଚ ଶିକ୍ଷିତ । ସେଥିପାଇଁ ଏ ଗାଁକୁ ଲୋକେ କଥା ଛଳରେ ବିଦ୍ୟାନଗରୀ ବୋଲି କହିଥାନ୍ତି । ଶିକ୍ଷିତମାନଙ୍କ ମଧ୍ୟରୁ କେତେକ ବିଦେଶରେ ରହି ସରକାରୀ ଚାକିରୀ, କଂପାନୀ ଚାକିରୀ, କଳ କାରଖାନାରେ କାମ କରନ୍ତି । ମାସକୁ ପ୍ରାୟ ତିନି ହଜାର ଟଙ୍କାର କଞ୍ଚାପଇସା ଏ

Digitized by srujanika@gmail.com

ଗାଁକୁ ଆସେ ।

ସରକାରଙ୍କର ଯାବତୀୟ ଲୋକହିତକର ଯୋଜନା ଏ ଗ୍ରାମରେ କାର୍ଯ୍ୟକାରୀ କରାଯାଇଥିବାରୁ ସରକାର ଏହାକୁ ଏକ ଆଦର୍ଶ ଗାଁ ଭାବରେ ମାନ୍ୟତା ଦିଅନ୍ତି । ପୋଲିସ ଗାଁକୁ ଆସନ୍ତି ନାହିଁ କି ଲୋକେ କୋର୍ଟ କଚେରୀ ଦେଖି ନାହାଁନ୍ତି । ସମସ୍ତ ଗଁ କଳି ଗାଁରେ ନିଷ୍ପତ୍ତି ହୁଏ । ସ୍ଥାନୀୟ ପୋଷ୍ଟ ଅଫିସରେ ଗ୍ରାମର ପ୍ରତ୍ୟେକ ପରିବାର ଏକ ସ୍ୱଳ୍ପ ସଞ୍ଚୟରେ ପାଶ୍ ବୁକ୍ ରଖିଥାନ୍ତି । ଗ୍ରାମର ପାଠାଗାର ଆନୁକୂଲ୍ୟରେ ବର୍ଷକୁ ଦୁଇ ତିନିଥର ଧର୍ମ ସଭା, ସାହିତ୍ୟସଭା ଓ ସାଂସ୍କୃତିକ ସଭା, ଚଳଚିତ୍ର ପ୍ରଦର୍ଶନ, ପ୍ରଦର୍ଶନୀ ଆଦି ଦ୍ୱାରା ଲୋକ ଶିକ୍ଷଣ ଓ ଲୋକ ଚେତନା ବିକାଶର କାର୍ଯ୍ୟକ୍ରମକୁ ରୂପାୟିତ କରାଯାଏ । ନାରୀ ଶକ୍ତିର ବିକାଶ ପାଇଁ ମହିଳା ସମିତିର ସଦସ୍ୟାମାନେ ବୈପ୍ଳବିକ କାର୍ଯ୍ୟକ୍ରମ ଜରିଆରେ କୁସଂସ୍କାର ମୁକ୍ତି, ଯୌତୁକ ପ୍ରଥାର ବିରୋଧ, ପରିବାର ନିୟନ୍ତ୍ରଣ, ପଶୁ ପାଳନ,ଶିଶୁ ସ୍ୱାସ୍ଥ୍ୟ ବିକାଶ ଆଦି କାର୍ଯ୍ୟ କରିପାରନ୍ତି । ଗ୍ରାମର ଶାନ୍ତି, ପ୍ରଗତି ଓ ସଦ୍‌ଭାବର ପ୍ରଚ୍ଛନ୍ନ ରହସ୍ୟ ହେଉଛି ଶିକ୍ଷା ଓ ସହନ ଶୀଳତା, ଆତ୍ମାର ସମାନତା ପ୍ରତି ସଚେତନତା ଓ ପ୍ରତ୍ୟେକ କାର୍ଯ୍ୟରେ ନିଷ୍ଠା । ଗୁରୁଜନମାନଙ୍କ ପ୍ରତି ସମ୍ମାନ । ଆତ୍ମ ମର୍ଯ୍ୟାଦା ପ୍ରତି ସଚେତନତା ଏବଂ ସର୍ବୋପରି ଗ୍ରାମର ପାରିବାରିକ ଭାବନା ଓ ଗ୍ରାମ ସଭାର ସକ୍ରୀୟ ଭୂମିକା । ଗ୍ରାମର ଜୀବନ ଧାରାକୁ ଲକ୍ଷ୍ୟ କଲେ ବୋଧହେବ ସତେ ଯେପରି ମହାତ୍ମା ଗାନ୍ଧୀ ଗ୍ରାମ ରାଜ୍ୟ ସ୍ଥାପନ କରି ରାମ ରାଜ୍ୟର ଯେଉଁ ସ୍ୱପ୍ନ ଦେଖିଥିଲେ ଯଶାଦେଇପୁର ଗ୍ରାମଟି ତାହାର ଏକ ନମୁନା । କଥାରେ ଅଛି ମଣିଷ ପରିବେଶର ଦାସ । ଯେଉଁ ପରିବାରର ଯେଉଁ ଗ୍ରାମ ବା ସହରର ପରିବେଶ ଯେମିତି ହେବ ସେଠାକାର ବାସିନ୍ଦାମାନଙ୍କର ମାନବିକ ଚେତନା ଠିକ୍ ସେମିତି ହେବ । କାରଣ ପରିବେଶର ପ୍ରଭାବ ମଣିଷକୁ ବହୁ ପରିମାଣରେ ପ୍ରଭାବିତ କରିଥାଏ । ପ୍ରାକୃତିକ ପରିବେଶ,ଆର୍ଥିକ ସାବଲୀଳତା ଓ ସାମାଜିକ ଶୃଙ୍ଖଳା ଭଲ ମଣିଷ ଗଢ଼ିବାରେ ନିରନ୍ତର ସାହାଯ୍ୟ କରିଥାଏ । ଏହା ଏକ ନିରାଟ ସତ୍ୟ ।

Digitized by srujanika@gmail.com

ଯଶଦେଈ ପୁର ଗ୍ରାମର ଅବସ୍ଥିତି, ଗତିପ୍ରକୃତି ,ଏହିପରି ମଣିଷ ଗୁଡ଼ାଏ ଗଢ଼ିବାରେ ସାହାଯ୍ୟ କରଛି । ଦେଶର ସ୍ୱାଧୀନତା ଆନ୍ଦୋଳନ ସମୟରେ ଏହି ଗ୍ରାମର ବହୁ ସାଧାରଣ ଲୋକ ଆନ୍ଦୋଳନରେ ସକ୍ରୀୟ ଅଂଶ ଗ୍ରହଣ କରିବା ହାର୍ଦ୍ଦିକ ସମର୍ଥନ ଜଣାଇ ଦୁଃଖ କଷ୍ଟ ବରଣ କରିଛନ୍ତି । ଏମାନଙ୍କ ମଧ୍ୟରୁ ସ୍ୱର୍ଗତ ଦୋଳଗୋବିନ୍ଦ ପ୍ରଧାନ ମଧ୍ୟ ଶହୀଦ ହୋଇଛନ୍ତି । ସୁତରାଂ ଗ୍ରାମବାସୀଙ୍କ ମନରେ ଦେଶ ପ୍ରୀତିର ପ୍ରଭାବ ରହିଛି ।

ଗ୍ରାମର ଏହି ପରିସ୍ଥିତି ଜନ୍ମ ଦେଇଛି ବିନୋଦ ବିହାରୀ ସମଲଙ୍କୁ । ତାଙ୍କୁ ସ୍ୱାଧୀନତା ସଂଗ୍ରାମୀ କହି ହେବନାହିଁ ସତ ମାତ୍ର ଇଂରେଜ ସରକାରଙ୍କ ଅଧିନରେ ସରକାରୀ ଚାକିରୀ କରୁଥିଲେ ମଧ୍ୟ ସ୍ୱାଧୀନତା ଆନ୍ଦୋଳନକୁ ସେ ସମର୍ଥନ କରୁଥିଲେ ଓ ପ୍ରଚ୍ଛନ୍ନ ଭାବରେ ସାହାଯ୍ୟ କରୁଥିଲେ । ସ୍ୱଭାବତଃ ସେ ଜଣେ ପରିଶ୍ରମୀ ଓ ଉଦ୍ୟମୀ ଲୋକ । କର୍ତ୍ତବ୍ୟରେ ନିଷ୍ଠା,ନମ୍ର ସ୍ୱଭାବ ଓ ଦକ୍ଷ କର୍ମଚାରୀ ଭାବରେ ସେ ସୁନାମ ଅର୍ଜନ କରିଛନ୍ତି । ପ୍ରଥମ ନିଯୁକ୍ତି ସାମନ୍ୟ କିରାଣୀ ପାହ୍ୟାରୁ ଉଠି ଉଠି ଆଜି ନିଜାରତ ଅଫିସର ଭାବେ ବାଲେଶ୍ୱରରୁ ବଦଳି ହୋଇ କଟକରେ ଅବସ୍ଥାପିତ ହୋଇଛନ୍ତି । କ୍ୟାଣ୍ଟୋନ୍‌ମେଣ୍ଟ ରୋଡର ଗୋଟିଏ ଛୋଟ ବଙ୍ଗଳା ତାଙ୍କୁ ମିଳିଛି । ଅଫିସ ପରେ ବଙ୍ଗଳା ହତା ମଧ୍ୟରେ ନାନା ଜାତିର ଫୁଲଗଛ ଓ ପନିପରିବା ଚାଷ ନିଜହାତରେ କରନ୍ତି । ଏହା ତାଙ୍କର ଦୈନନ୍ଦିନ ରୁଟିନ୍ କାର୍ଯ୍ୟରୁ ଅନ୍ୟତମ । ପରିବାର କହିଲେ ପତ୍ନୀ ମନୋରମା, କନ୍ୟା ବନଲତା ଓ ସୁଧୀର, ସୁଶାନ୍ତ ମଧ୍ୟରେ ବୟସର ତାରତମ୍ୟ ବହୁତ ବେଶୀ । କାରଣ ବନଲତା ତଳେ ଗୋଟିଏ ଭାଇ ଗୋଟିଏ ଭଉଣୀ ନିୟତିର ନିଷ୍ଠୁର ହାତ ମୃତ୍ୟୁର ଅନ୍ଧାର ଭିତରୁ ଟାଣି ନେଇ ଯାଇଛି । ମାସିକ ଦରମାରୁ ଯାହା ମିଳେ ସଂସାର ତାଙ୍କର ଆନନ୍ଦରେ ସେଥିରେ ଚଳେ । ଗାଁରେ ଜମିବାଡି, ଚାଷବାସ କଥା ସାନଭାଇ ମାନେ ବୁଝନ୍ତି । ମୁଗ, ଯାଇ, ଘିଅ, ଚାଉଳ ମଝିରେ ମଝିରେ ଭାଇଙ୍କ ବସାକୁ ପଠାଇ ଦିଅନ୍ତି । ସୁତରାଂ ସମଲଙ୍କ ପରିବାରରେ ଅଭାବ କିଛି ପଡେ ନାହିଁ । ଦିନ ଗୁଡାକ ଆନନ୍ଦରେ କଟିଯାଏ ।

Digitized by srujanika@gmail.com

କିଶୋର ଯେଉଁ ବର୍ଷ କଲେଜିଏଟ୍ ସ୍କୁଲରୁ ଜଣେ କୃତୀଛାତ୍ର ହିସାବରେ ଉତ୍ତୀର୍ଣ୍ଣ ହୋଇ ରେଭେନ୍ସା କଲେଜରେ ନାମ ଲେଖାଇଲା କଳା ବିଭାଗରେ ଲତା ଠିକ ସେହି ବର୍ଷ ବାଲେଶ୍ୱରର ଜିଲ୍ଲାସ୍କୁଲରୁ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ରେଭେନ୍ସାରେ ବିଜ୍ଞାନ ବିଭାଗରେ ପଢ଼ିବାକୁ ଆରମ୍ଭ କଲା । କିଶୋର ପଶ୍ଚିମ ଛାତ୍ରାବାସ ରୁମ୍ ନମ୍ବର ୫୫ ଓ ଲତା ବାପାଙ୍କ ପାଖରେ ରହି ଉଚ୍ଚଶିକ୍ଷା ଆରମ୍ଭ କଲା । ଲତା ପ୍ରତ୍ୟେହ ରିକସାରେ କଲେଜକୁ ଯିବା ଆସିବା କରେ । ସେ ଖୁବ୍ ବୁଦ୍ଧିମତୀ । ପଢ଼ିବା ସହିତ ଘରେ ସମସ୍ତ କାମ, ସବୁ ପ୍ରକାର ହାତ କାମ କରିବାରେ ଖୁବ୍ ଆଗ୍ରହୀ । ସବୁ କଥା ସେ ନିଜହାତରେ କରିବାକୁ ଭଲ ପାଏ । କନ୍ୟାର ପାଠ ପ୍ରତି ଆଗ୍ରହ ଓ ବୁଦ୍ଧିକୁ ଲକ୍ଷ୍ୟ କରି ବନୋଦ ବାବୁ ତାର ପଢ଼ାର ଅଧିକରୁ ଅଧିକ ଯତ୍ନ ନେଲେ । ମନେ ମନେ ସ୍ଥିର କଲେ ଲତାକୁ ଜଣେ ଏମ୍.ବି.ବି.ଏସ୍ ଡାକ୍ତରାଣୀ କରି ଗଢ଼ି ତୋଳିବେ ।

ମନୋରମା ସେ ପରି ଉଚ୍ଚ ଶିକ୍ଷା ପାଇ ନାହାଁନ୍ତି ସତ ମାତ୍ର ଜଣେ ଗୃହିଣୀ ହିସାବରେ ବେଶ୍ ଦକ୍ଷ୍ୟା । ଦୃଷ୍ଟିବତ ଉଦାର, ସ୍ୱଭାବତଃ ଦୟାଶୀଳା ଅତ୍ୟନ୍ତ ପରିଶ୍ରମୀ । ମନରେ ସେବା ଭାବନେଇ ସେ ସବୁ କାମ କରନ୍ତି । ଘରର ପରିପାଟି, ଅତିଥି ଚର୍ଚ୍ଚା, ସ୍ୱାବଲମ୍ବୀ ଚେତନା, ମିତ ବ୍ୟବସାୟୀ ସ୍ୱଭାବ ତାଙ୍କୁ ବିନୟୀ କରି ତୋଳିଛି । ଶାରୀରିକ ସୌନ୍ଦର୍ଯ୍ୟ ଯେପରି ମନୋରମା ଅନ୍ତରର ସୌଷ୍ଠବ ସେହିପରି ଆକର୍ଷଣୀୟ । ସତେ ଯେପରି ବାହାର ଓ ଭିତରର ସୌନ୍ଦର୍ଯ୍ୟ ଯୁଗ ପତ୍ ତାଙ୍କର ମନୋରମା ନାମକୁ ସାର୍ଥକ କରିଛି । ଲତାର ପଢ଼ାର ଗର୍ବରେ ଅନୁଭବ କରନ୍ତି । କେଉଁ ମା ବା ନ କରିବ । ସନ୍ତାନ ଓ ସନ୍ତତିମାନେ ପିତାମାତାଙ୍କର ଅଳଙ୍କାର । ଆକାଶକୁ ତାରା, ରାତିକୁ ଜହ୍ନ, ବଗିଚାକୁ ଫୁଲ, ଯୁବତୀ ନାରୀକୁ ଅଳଙ୍କାର ସୁନ୍ଦର । ବାପାମାଆଙ୍କର ଜୀବନର ସୌନ୍ଦର୍ଯ୍ୟ ବଢ଼ାଇ ଥାନ୍ତି ସେମାନଙ୍କର ଗୁଣୀ ପୁତ୍ର କନ୍ୟା ସାମଲଙ୍କ ପରିବାରରେ ଏଇ କଥାଟି ପ୍ରମାଣିତ ।

Digitized by srujanika@gmail.com

ରେଭେନ୍‌ସା କଲେଜର କନିକା ଲାଇବ୍ରେରୀ ପ୍ରାଙ୍ଗଣ ବର୍ଣ୍ଣାଢ୍ୟ ସାଜ ସଜ୍ଜା, ଆଲୋକ ସଜ୍ଜା ସଭା ସ୍ଥଳକୁ ମନୋଜ୍ଞ କରି ତୋଳିଛି । ସାରା କଲେଜର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଆନନ୍ଦ ମୁଖର ଚଞ୍ଚଳତା ଓ ତତ୍ପରତା । ସତେ ଯେପରି କଲେଜ ପରିବେଶ ଏକ ନୂତନ ଶିହରଣ ଅନୁଭବ କରୁଛି । ପଶ୍ଚିମ ଆକାଶରୁ ଅସ୍ତଗାମୀ ସୂର୍ଯ୍ୟର ଆଭା କୃଷ୍ଣ ଚୂଡ଼ାର ଉପରୁ ଏବେ ସୁଦ୍ଧା ଲିଭି ନାହିଁ । କଲେଜ ହତା ମଧ୍ୟରେ ଥିବା ବଡ ବଡ ଗଛଡାଳରୁ କେତେ ଜାତିର ପକ୍ଷୀ ରାତ୍ରି ଯାପନର ଆଶ୍ରୟ ଖୋଜିବା ସଂଗେ ସଂଗେ ସଂନ୍ଧ୍ୟା ଆଗମନର ସୂଚନା ଦେଉଛନ୍ତି । ସମୟ ସନ୍ଧ୍ୟା ଛଅ ଘଣ୍ଟା ।

ସଭାର ଆୟୋଜନ କଲେଜର ଷଷ୍ଠ ବାର୍ଷିକ ଅର୍ଥନୀତିର ଛାତ୍ର ଅମରେନ୍ଦ୍ର । ନିଜର ସ୍ୱେଚ୍ଛା ସେବକ ବନ୍ଧୁମାନଙ୍କ ବସିବା ସ୍ଥାନର ବ୍ୟବସ୍ଥା ସଂପର୍କରେ ପରାମର୍ଶ ଦେଇ ଉପଦେଷ୍ଟା ଅଧ୍ୟାପକ ପ୍ରଫେସର କୁଳମଣି ମିଶ୍ରଙ୍କ ସହ ଅପେକ୍ଷା କଲେ ଆଗନ୍ତୁକ ମାନଙ୍କ ପାଇଁ । ଏତେ ବେଳକୁ ଛାତ୍ର ଛାତ୍ରୀମାନଙ୍କ ବସିବା ସ୍ଥାନ ପୂରିଗଲାଣି । ନିମନ୍ତ୍ରିତ ଭଦ୍ରବ୍ୟକ୍ତି ମାନେ ନିଜ ନିଜର ଆସନ ଗ୍ରହଣ କଲେଣି । ଅଳ୍ପ ସମୟପରେ କଲେଜର ବିଦାୟୀ ଅଧ୍ୟକ୍ଷ୍ୟ ଡଃ ଅଚିନ୍ତ୍ୟ କୁମାର ପଟ୍ଟନାୟକ ନୂତନ ଅଧ୍ୟକ୍ଷ୍ୟ ଡଃ ଚିନ୍ମୟ ମିଶ୍ରଙ୍କ ସହ ସଭାସ୍ଥଳରେ ପହଞ୍ଚି ଆଗନ୍ତୁକ ମାନଙ୍କ ପାଖକୁ ଯାଇ କରମର୍ଦ୍ଦନ କଲେ । ଉଭୟ ଡଃ ପଟ୍ଟନାୟକ ଓ ଡଃ ମିଶ୍ର ନିଜ ନିଜର ଆସନ ଅଳଂକୃତ କଲେ । ସଭାରେ ପୌରହିତ କଲେ ଛାତ୍ର ନେତା ଶ୍ରୀ ଅମରେନ୍ଦ୍ର ମହାପାତ୍ର । କଲେଜର ପୁରାତନ ଅଧ୍ୟକ୍ଷଙ୍କ ବିଦାୟ ସଂମର୍ଦ୍ଧନା, ନୂତନ ଅଧ୍ୟକ୍ଷଙ୍କର ସ୍ୱାଗତ ସଂମର୍ଦ୍ଧନା ସହ ଏ ବର୍ଷ କଲେଜରେ ପ୍ରବେଶ କରିଥିବା ନୂତନ ଛାତ୍ର ଛାତ୍ରୀମାନଙ୍କୁ ଏହି ସଭାରେ ମଧ୍ୟ ସ୍ୱାଗତ କରାଯିବ । ଏହି ତିନୋଟି କାର୍ଯ୍ୟ ଗୋଟିଏ ସଭାରେ କରାଯିବାକୁ ଆୟୋଜନ କରାଯାଇଥିବାରୁ ସଭାର ଗୁରୁତ୍ୱ, ମହତ୍ୱ, ଗାମ୍ଭୀର୍ଯ୍ୟ ବଢ଼ି ଯାଇଛି । ସେଥିପାଇଁ କଲେଜ ଛାତ୍ର, ଛାତ୍ରୀ ଅଧ୍ୟାପକ ଅଧ୍ୟାପିକା,

Digitized by srujanika@gmail.com

ଆଗନ୍ତୁକ ଭଦ୍ରଲୋକ ଭଦ୍ରମହିଳା, କଲେଜର କର୍ମଚାରୀ ଓ ଦର୍ଶକମାନଙ୍କ ଦ୍ୱାରା ସଭା ସ୍ଥଳ ଭରପୂର ହୋଇଛି ।

ଉପଦେଷ୍ଟାଙ୍କ ପରାମର୍ଶ କ୍ରମେ ବିଦାୟୀ ଅଧକ୍ଷଙ୍କୁ କୃତଜ୍ଞତା ଜ୍ଞାପନ ଓ ନୂତନ ଅଧକ୍ଷଙ୍କର ସ୍ୱାଗତ ପାଇଁ କାର୍ଯ୍ୟକ୍ରମ ରଖା ଯାଇଛି । ବକ୍ତାମାନଙ୍କର ତାଲିକା ଆଗରୁ ହୋଇଛି । ସଭାର ଅଧକ୍ଷ ଡଃ ପଟ୍ଟନାୟକଙ୍କର ଗୁଣାବଳି ବର୍ଣ୍ଣନା ସହ ତାଙ୍କ ସମୟରେ କଲେଜରେ ଯେଉଁ ଉନ୍ନତି ମୂଳକ କାର୍ଯମାନ କରାଯାଇଛି ତାର ଏକ ନିଖୁଣ ଚିତ୍ର ପ୍ରଦାନ କଲେ । ପରେ ଅନ୍ୟାନ୍ୟ ଛାତ୍ର ଛାତ୍ରୀ ଓ ଅଧାପକ ଅଧାପିକାମାନେ ବିଦାୟ କାଳୀନ ସ୍ୱାଗତ ଭାଷଣ ଦ୍ୱାରା ସଭାକୁ ଗୁରୁଗମ୍ଭୀର କରି ନୂତନ ଅଧକ୍ଷଙ୍କ କାର୍ଯ୍ୟକଳାପ ମଧରେ ଏହି ପରମ୍ପରା ବିଦାୟ ରଖିବାର ଆଶା ପୋଷଣ କଲେ । ଉଭୟ ସମ୍ମାନୀୟ ଅତିଥି ଦ୍ୱୟଙ୍କର ଗୁଣ ବର୍ଣ୍ଣନା ଚାଲୁଥିବା ସମୟରେ ସଭାର ଚାରିଆଡୁ ଘନଘନ କରତାଳି ଦ୍ୱାରା ସଭାସ୍ଥଳ ମୁଖରିତ ହୋଇ ଉଠୁଥିଲା । ଏ ସଭା ଥିଲା ହର୍ଷ ବିଷାଦର ସମନ୍ୱୟ ସଭା ।

ଏହାପରେ ପ୍ରାଣୀ ବିଜ୍ଞାନର ଶେଷବର୍ଷର ଛାତ୍ର ଶୈଳେନ୍ଦ୍ର କୁମାର ନାୟକ ନବାଗତ ଛାତ୍ର ଛାତ୍ରୀମାନଙ୍କୁ ସ୍ୱାଗତ ଜଣାଇ କହିଲେ ''ଏ କଲେଜ ଏରାଜ୍ୟର ଉଚ୍ଚଶିକ୍ଷାର ମହୁଡ଼ ମଣି । ବହୁ ବରେଣ୍ୟ ଅଧାପକ, ଅଧାପିକା ଏହାର ପ୍ରାଣ ପ୍ରାଚୁର୍ଯ୍ୟ ପାଇଁ ବହୁ ଅବଦାନ ଦେଇଯାଇଛନ୍ତି । ଉତ୍କଳମଣି ଗୋପବନ୍ଧୁଙ୍କ ଠାରୁ ଆରମ୍ଭ କରି ବହୁ ମନୀଷୀ ଏହାର ଗୌରବମୟ ମୁକୁଟରେ ଗୋଟିଏ ଗୋଟିଏ ନୂତନ ପର ଖଞ୍ଜି ଯାଇଛନ୍ତି । ରାଜ୍ୟର ଶିକ୍ଷା, ସଂସ୍କୃତି, ଇତିହାସ, କଳା ବିଜ୍ଞାନର ବିକାଶ କ୍ଷେତ୍ରରେ ଏ କଲେଜର ଅବଦାନ ଅତୁଳନୀୟ । ଏପରି ଏକ ମହାବିଦ୍ୟାଳୟରେ ଆପଣମାନେ ପ୍ରବେଶ କରିଥିବାରୁ ମୁଁ ମୋ ତରଫରୁ ତଥା କଲେଜ ତରଫରୁ ଆପଣମାନଙ୍କୁ ହାର୍ଦ୍ଦିକ ସଂବର୍ଦ୍ଧନା ଜଣାଉଛି ଏବଂ ଆଶାକରୁଛି ଏଠାକାର ମହାନ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଆପଣମାନେ ବ୍ରତୀହେବେ ।

Digitized by srujanika@gmail.com

ଘନଘନ କରତାଳି ମଧ୍ୟରେ ତାଙ୍କର ବକ୍ତବ୍ୟ ସମାପ୍ତି ଘୋଷଣା କଲେ ।

ସଂବର୍ଦ୍ଧନାର ଉତ୍ତର ଦେବାକୁ ଉଠିଲେ ପ୍ରଥମେ ଲତା । ମାଇକ୍ ପାଖରେ ଏ ଦେବୀ ପ୍ରତିମାଟି କିଏ ? ସମସ୍ତଙ୍କ ଦୃଷ୍ଟିକୁ ଚଞ୍ଚଳ କରିପକାଇଲା ଲତା । ସଭାସ୍ଥଳ ସଂପୂର୍ଣ୍ଣ ନୀରବ । ସମସ୍ତଙ୍କର ଦୃଷ୍ଟି ସେହି ସଜଫୁଲ ପରି ଉଜ୍ଜ୍ୱଳ ସୁନ୍ଦର ମୁହଁ ଉପରେ ନିବଦ୍ଧ । ନୀରବତା ଭଙ୍ଗକରି ଲତା ପ୍ରଥମେ ନିଜର ପରିଚୟ ପ୍ରଦାନ କଲା । ଏ ସଂବର୍ଦ୍ଧନା ପାଇଁ କୃତଜ୍ଞତା ଜଣାଇ କହିଲା ଏ କଲେଜର ପରମ୍ପରା ବିଷୟରେ ମୁଁ ସଚେତନା । ଏହି ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବାପାଇଁ ମୁଁ ପ୍ରତିଶ୍ରୁତି ବଦ୍ଧ । ନବାଗତ ଛାତ୍ର ଛାତ୍ରୀ ଓ ଅନ୍ୟ ଛାତ୍ର ବନ୍ଧୁମାନେ କରତାଳି ଦ୍ୱାରା ଏହାକୁ ସମର୍ଥନ ଜଣାଇଲେ । ଛାତ୍ରମାନଙ୍କର ଅନୁଷ୍ଠାନ ପ୍ରତି କର୍ତ୍ତବ୍ୟ । ଛାତ୍ର ଶିକ୍ଷକ ସଂପର୍କ ତଥା ବଦ୍ୟାର୍ଜନ ପାଇଁ ଶାନ୍ତ ପରିବେଶର ଆବଶ୍ୟକ ସଂପର୍କରେ ଅତି ସଂକ୍ଷିପ୍ତ ଅଥଚ ତାତ୍ତ୍ୱିକ କେତୋଟି କଥା କହି ନମ୍ରତାର ସହ ଲତା ବିଦାୟ ନେଲା ମାଇକ୍ ପାଖରୁ । ଏତିକିରେ ଲତା ରହିଗଲା ସମସ୍ତଙ୍କ ମନର ଭାବନାରେ । ସମସ୍ତଙ୍କର ମୁହଁରେ ଲତାର ପ୍ରଶଂସା ।

କିଶୋର ଲତାକୁ ଚିହ୍ନେଁ ନାହିଁ କି ଜାଣେ ନାହିଁ, କିନ୍ତୁ ତାର ସାର ଗର୍ଭକ କଥା ଗୁଡିକ ତାକୁ କିଶୋର ପାଖରେ ପରିଚୟ କରାଇ ଦେଲା । ଏ ପରିଚୟ ଆରମ୍ଭ ହେଲା ପାଠ ପ୍ରତିଯୋଗିତାରୁ । ମାଇକ୍ ସାମନାରେ ନମ୍ରଭାବେ ଛିଡାହୋଇଛି କିଶୋର । ଚମ୍ପାଫୁଲର ରଙ୍ଗପରି ଦେହର ରଙ୍ଗ, ସୁନ୍ଦର ଶରୀର । ଉଜ୍ଜ୍ୱଳ ଆଖି ମାତ୍ର ଗମ୍ଭୀର ଓ ନମ୍ର ମୂର୍ତ୍ତୀଟିଏ ପରି ତାହାର ଚେହେରା । ସମସ୍ତଙ୍କ ଦୃଷ୍ଟି ତାହାରି ଆଡକୁ । ଲତା ମଧ୍ୟ ଲକ୍ଷ୍ୟକରୁଥିଲା କିଶୋରର ବକ୍ତବ୍ୟକୁ । କିଶୋର ନିଜର ପରିଚୟ ପରେ ଲତାର ସଂକ୍ଷିପ୍ତ ଭାଷଣର ଅଭିବ୍ୟକ୍ତକୁ ସମର୍ଥନ କରିବା ସଂଗେ ସଂଗେ କଲେଜର ମହାନ ପରମ୍ପରା ପ୍ରତି ଯେପରି ଆକୃଷ୍ଟ ସେହିପରି ସଚେତନ । ଏହାର ଅଭିବୃଦ୍ଧି ପାଇଁ କଟିବଦ୍ଧ ବୋଲି ଦୃଢ଼ ସ୍ୱରରେ ଘୋଷଣା କରିବା ମାତ୍ରେ ସଭାର

Digitized by srujanika@gmail.com

ଚାରିଆଡୁ ହର୍ଷଧ୍ୱନି, କରତାଳି ହର୍ଷଧ୍ୱନି କିଛି ସମୟ ଲାଗି ରହିଲା । ଅବସ୍ଥା ଶାନ୍ତ ହେବାପରେ କିଶୋର ଶ୍ରୋତାମାନଙ୍କୁ ମୁଖ୍ୟକରି ନିଜ ବକ୍ତବ୍ୟରେ ଏପରି କେତୋଟି କଥାର ଅବତାରଣା କଲା ଯାହାକି ତାର ଜ୍ଞାନର ଗଭୀରତାର ପରିଚୟ ଦେଲା । ସେ କହିଲା ଆଜିର ଛାତ୍ର ସମାଜ କାଲିର ଦେଶ ଓ ଜାତିର ନିର୍ମାତା । ଏହି ଭାବଧାରାରେ ମୁଁ ନିଜକୁ ସାମିଲ କରୁଛି । ଅନେକ କଲେଜରେ ଅନ୍ଧଭାବରେ ଜ୍ୟେଷ୍ଠ ଛାତ୍ର ବନ୍ଧୁମାନେ କନିଷ୍ଠ ଛାତ୍ରମାନଙ୍କୁ ଯେପରି ନୃଶଂସ 'ରେଗିଂ'ର ଶିକାର କରାଉଛନ୍ତି ସେଥିରେ ସମଗ୍ର ଛାତ୍ରସମାଜ ଅପନିନ୍ଦିତ ହେଉଛନ୍ତି । କିନ୍ତୁ ଏହି ମହାବିଦ୍ୟାଳୟରେ ତାର ବିକଳ୍ପ ରୂପେ ସମ୍ବର୍ଦ୍ଧନା ଉତ୍ସବ ଯେପରି ଭାବରେ ପାଳନ କରାଯାଏ ତାହା ଅଭିନନ୍ଦନୀୟ ଓ ସମସ୍ତଙ୍କର ଅନୁକରଣୀୟ ହେବାଉଚିତ୍ । ଏ ପରମ୍ପରା ପାଇଁ ମୁଁ ଗର୍ବ ଅନୁଭବ କରୁଛି । ଏ ସଂବର୍ଦ୍ଧନା ଭାରତୀୟ ସଂସ୍କୃତିର ଆଧାର ଉପରେ ପ୍ରତିଷ୍ଠିତ । ରେଗିଂ ପାଶ୍ଚାତ୍ୟ ଦେଶରେ ପ୍ରଚଳିତ । ଏହାପଛରେ ସାଧୁ ଉଦ୍ଦେଶ୍ୟ ରହିଥିଲେ ହେଁ ଏହାକୁ ଯେପରି କାର୍ଯ୍ୟାନ୍ୱିତ କରାଯାଉଛି ତାହା ଆଦିମ ଚେତନା, ନିଷ୍ଠୁର ବ୍ୟବହାର, ବିକୃତ ରୁଚିର ପରିଚାୟକ । ଏହା ସଂପୂର୍ଣ୍ଣ ଅପ୍ରାସଂଗିକ । ମହାତ୍ମାଗାନ୍ଧୀଙ୍କର ମତରେ **To make the unfit - fit for the society** ଗୋଟାଏ ଅର୍ଥରେ ସାଂସ୍କୃତିକ କାର୍ଯ୍ୟରେଗିଂ ପଛରେ ଏହି ଉଦ୍ଦେଶ୍ୟ ରହିଛି ମାତ୍ର ତାକୁ ବର୍ବରୋଚିତ କାମର ରୂପଦିଆଯାଉଛି । ପାଶ୍ଚାତ୍ୟ ଶିକ୍ଷ ସଭ୍ୟତାରୁ ଜାତ ବାମପନ୍ଥୀ ଚିନ୍ତାଧାରା ପ୍ରଭାବ ଏହାଉପରେ ପଡି ରହିଛି ବୋଲି ମନେହୁଏ । ଅଗ୍ରଜ ମାନଙ୍କୁ ସମ୍ମାନ ଜଣାଇବା ଏକାନ୍ତ ଉଚିତ୍ କିନ୍ତୁ ସମ୍ମାନ ପାଇବାକୁ ହେଲେ ପ୍ରଥମେ ସମ୍ମାନ ଦେବାକୁ ହୁଏ । ସମ୍ମାନ ଉପରେ ଲଦି ଦିଆଯାଏ ନାହିଁ । ସମ୍ମାନ ଅର୍ଜନ କରାଯାଏ । ଆଜିର ଏହି ସଂବର୍ଦ୍ଧନା ପାଇଁ ପୁଣିଥରେ କୃତଜ୍ଞତା ଜଣାଇ ରହୁଛି ।

ଏତେ ଗୁଡିଏ କଥାମାତ୍ର ତିନି ମିନିଟରେ କିଶୋର କହି ପାରିଲା ଦର୍ଶକମାନଙ୍କର ଦୃଷ୍ଟି ଉଦୀୟମାନ ଯୁବକ ଉପରେ ପଡିଲା । ତାର ନିର୍ଭିକ ଅଭିବ୍ୟକ୍ତି

Digitized by srujanika@gmail.com

ପ୍ରକାଶ ଭଙ୍ଗି ତାତ୍ତ୍ୱିକ ବିଚାର ସମସ୍ତଙ୍କ ମନକୁ ପାଇଲା । ଲତା ଓ କିଶୋରର ଆଜିର ବକ୍ତବ୍ୟ ବିଷୟରେ ନୁହେଁ, ସେମାନଙ୍କର ନିର୍ଭିକ ଓ ଜ୍ଞାନଗାରିମା ଛାତ୍ର ମହଲରେ ଚହଳ ପକାଇ ଦେଇଛି । □

= ପାଞ୍ଚ =

କନିକା ଲାଇବ୍ରେରୀର ବୁକ୍ କାଉଣ୍ଟର ପାଖରେ ଛିଡାହୋଇ କିଶୋର କ୍ୟାଟେଲଗ୍‌ଟି ଦେଖିବାରେ ବ୍ୟସ୍ତ । ଅର୍ଥନୀତି ଛାତ୍ର ହିସାବରେ ଲାଇବ୍ରେରୀରୁ ବଛା ବଛା ଅଥର ମାନଙ୍କର ବହି ବାଛିବାରେ ମନୋନିବେଶ କରିଛି । ଲତା ଓ ଶୀଲା ପ୍ରବେଶ କଲେ ଅନ୍ୟଦ୍ୱାର ଦେଇ । ସେମାନେ ମଧ୍ୟ ଲାଇବ୍ରେରୀରୁ ବହି ନେବା ଉଦ୍ଦେଶ୍ୟରେ ସେଠାକୁ ଆସିଛନ୍ତି । କିଶୋର ଉପରେ ଦୃଷ୍ଟି ପଡିବା ମାତ୍ରେ ଲତା କିଶୋରକୁ ନମସ୍କାର ଜଣାଇଲା ।

"ସେଦିନ ସଭାରେ ତାତ୍ତ୍ୱିକ ଆଲୋଚନା ମୋତେ ଭାରୀ ଭଲ ଲାଗିଲା" ଲତାର କଥାରେ କୃତଜ୍ଞତାର ସୂଚନା ।

" ଧନ୍ୟବାଦ ! ଆପଣଙ୍କ ମତକୁ ମୁଁ ମଧ୍ୟ ସମର୍ଥନ କରୁଛି " ପ୍ରତ୍ୟୁତ୍ତରରେ କିଶୋର ସମର୍ଥନକୁ ଦୋହଲାଇଲା ।

" ଆପଣ କଲେଜ ପ୍ରବେଶ କଲେ କି ନାହିଁ ନିଜର ଗଭୀର ଜ୍ଞାନ, ନିର୍ଭିକ ମତଦାନ ଦ୍ୱାରା ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି । ଲତାର ସ୍ୱରରେ ବିସ୍ମୟର ଛାୟା ।

" ମୁଁ " ?

" ହଁ ଆପଣ "

Digitized by srujanika@gmail.com

" ଆଉ ତମେ" ଏପରି ସମ୍ବୋଧନ କରିଦେଇ କିଶୋର ଟିକିଏ ଶଙ୍କିତ ହୋଇ ପଡିଲା । ତାର ଅଜାଣତରେ ଏକଥା ପଦକ ପାଟିରୁ ବାହାରି ପଡ଼ିଛି ।

" ମୋ କଥା କେହି ଶୁଣି ନାହାଁନ୍ତି । ମୋ କଥାରେ ସେପରି କିଛି ନ ଥିଲା " ଲତାର ଦୈନ୍ୟ ପ୍ରକାଶ ।

" ଥିଲା ମୋ ପାଇଁ ଅନେକ । ତୁମର ବିଚାରଧାରା ତୁମକୁ ମୋ ନିକଟରେ ପରିଚୟ କରାଇଦେଇଛି ।

" କେଉଁଠି ରହୁଛନ୍ତି ? " ଲତା ଅନୁସନ୍ଧାନ କଲା ।

" ପଶ୍ଚିମ ଛାତ୍ରାବାସ ରୁମ୍ ନମ୍ବର ୫୫ "

" ମୁଁ ଆମ ସରକାରୀ ବସାରେ ବାପା ବୋଉଙ୍କ ପାଖରେ ରହୁଛି । କ୍ୟାଣ୍ଟନମେଣ୍ଟ ରୋଡରେ । ଘର ନମ୍ବର ୨୭ । ଲତା ନଜ ଆଡୁ ନଜ ଠିକଣା ଶୁଣାଇ ଦେଲା । କଲେଜ ଘଣ୍ଟା ବାଜିଲା । କିଶୋର ଓ ଲତା ନିଜ ନିଜର ଶ୍ରେଣୀଆଡକୁ ଗଲେ । ଲତା କିଶୋର କଲେଜର ଉଦୀୟମାନ ଛାତ୍ର ଛାତ୍ରୀ ହିସାବରେ ଗତ ବର୍ଷକ ମଧ୍ୟରେ ନିଜ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି । ଅନେକ କ୍ଷେତ୍ରରେ ପ୍ରତିଯୋଗିତାରେ ଉଭୟଙ୍କ ମଧ୍ୟରେ ବୁଦ୍ଧିଜ୍ଞାନ କୌଶଳର ସଂଗ୍ରାମ ଲାଗିଥାଏ । ପାଠ ବିବାଦର ପ୍ରତିଯୋଗିତା ଆରମ୍ଭ ହୁଏ । କିଏ ଅଧିକରୁ ଅଧିକ କଲେଜରେ ସୁନାମ ଅର୍ଜନ କରିପାରିବ ଏହି ଭାବନାରେ ଉଭୟ ଉଦ୍‌ବୁଦ୍ଧ । ଯୁକ୍ତି, ତର୍କ, ପ୍ରମାଣ, ଉଦାହରଣ ଦ୍ୱାରା ନିଜ ନିଜ ମତକୁ ସାବ୍ୟସ୍ତ କରିବାରେ ଉଭୟ ଅଗ୍ରଣୀ । ଶିକ୍ଷା କ୍ଷେତ୍ରରେ ଏହି ପ୍ରତିଯୋଗିତାରୁ ପରସ୍ପରକୁ ଜଣେ ଜଣକୁ ଆବିଷ୍କାର କରିବାକୁ ଆରମ୍ଭକଲେ । ଏହି ପ୍ରକ୍ରିୟା ଉଭୟଙ୍କୁ ନିକଟତର କରାଇଲା । ଲତା କିଶୋରକୁ ଓ କିଶୋର ଲତାକୁ ଅଧିକରୁ ଅଧିକ ଜାଣିବାପାଇଁ ଉତ୍କଣ୍ଠିତ । ଉଭୟଙ୍କ ମନରେ ପରସ୍ପର ପ୍ରତି ଅନୁରାଗ, ସମ୍ମାନ, ସଦିଚ୍ଛା ଓ କଲ୍ୟାଣର ଭାବ କ୍ରମେ ତୀବ୍ରତର ହେବାକୁ ଆରମ୍ଭ କଲା । ନିୟତିର ଇଙ୍ଗିତ ବଡ ବିଚିତ୍ର । ଛାତ୍ର ଜୀବନର ଏହି ବନ୍ଧୁତ୍ୱ କ୍ରମଶଃ ବୃଦ୍ଧିପାଇ ଦିନେ ପ୍ରେମ ବନ୍ଧନରେ ରୂପ ନେବ ଏକଥା କେହି

Digitized by srujanika@gmail.com

କେବେ ଲକ୍ଷ୍ୟ କରିପାରି ନ ଥିଲେ । ଲତା ଓ କିଶୋର ଏପରି ଏକ ସମ୍ବନ୍ଧକୁ ସ୍ୱପ୍ନରେ ଭାବି ନ ଥିଲେ ।

ଲତା ବର୍ତ୍ତମାନର ଷୋଡଶୀ । ଯୌବନର କାଉଁରୀ ପରଶରେ ତାର ସ୍ୱଭାବ ସୁନ୍ଦର ଦେହଲତାଟି ଅତ୍ୟନ୍ତ ମନୋରମ । ଶରୀରର ପ୍ରତ୍ୟେକ ସ୍ଥଳରେ ଭରା ଯୌବନର ଆଭାସ । ପ୍ରଗଲଭା ଲତା କ୍ରମେ ଲଜ୍ଜାଶୀଳା, ନମ୍ର ହେଲା । ପ୍ରତ୍ୟେକ କଥା ଓ କାର୍ଯରେ ସଂଯତ, ଲଗି ରହି କଥା କହେ । ତାର ବାଲ୍ୟ ଚପଳତା ଦାଣ୍ଡର ଧୂଳିଖେଳ ଯେପରି ବାହାରୁ ଆସି ଦୁଇଟି ନୀଳ କଇଁର ଆଖିକୋଣରେ ଲାଖି ରହିଛି । ତରଳ ସୁନାର ରଙ୍ଗ ଧରି ତାର ଦେହ ଲତାଟି ଯୌବନର ମଳୟ ସ୍ପର୍ଶରେ ଢ଼ଳ ଢ଼ଳ ହେଉଛି । ପୂନେଇ ଜହ୍ନପରି ଚଟୁଳମୁହଁ । ନୀଳ କଇଁର ପାଖୁଡା ପରି ଦୁଇଟି ଚପଳ ଆଖି । ନାଲି ଟୁକୁ ଟୁକୁ ମନ୍ଦାରଫୁଲ ରଙ୍ଗପରି ଦୁଇଟି ସରୁ ଅଧର । ଆଉ ଖଣ୍ଡାଧାର ପରି ସୁନ୍ଦର ନାକଟି ସେ ସୁନ୍ଦର ମୁହଁକୁ ଅଧିକ ସୁନ୍ଦର କରୁଛି । ଲଜ୍ଜାର ପାଟଳିମା ତାର ଦୁଇଟି ଗୋଲାପୀ ଗାଲରେ ସୁସ୍ପଷ୍ଟ । ଗୋଟିଏ ଚାଉଳରେ ଗଢ଼ା ଦେହ ତାର ବାସନ୍ତୀ ଝରଣା ବା ମଧୁମତୀ ଶାଢ଼ୀର ଝଲକରେ ମନୋହାରିତା ସୃଷ୍ଟିକରେ । ବସନର ଶାସନକୁ ଅବଜ୍ଞା କରିଛି ଉନ୍ନତ ବକ୍ଷୋଜ ଯୋଡିକ । ମୁଣ୍ଡର ନୀଳ ଟକ ଟକ ବେଣୀଟି ପ୍ରସସ୍ତ ପିଠିରେ ଦୋହଲି ଦୋହଲି ଦର୍ଶକର ଆଖିକୁ ଟାଣି ନିଏ । ଏପରି ଅପରୂପା ଯେ ଏ ମର୍ତ୍ତ୍ୟରେ ସମ୍ଭବ ତାହା ଦର୍ଶକର ମନରେ ଆଲୋଡନ ସୃଷ୍ଟିକରେ । ଲତା ଶ୍ରେଣୀଗୃହରେ ପ୍ରବେଶ କଲାମାତ୍ରେ ସମସ୍ତଙ୍କର ମୁଗ୍ଧ ଦୃଷ୍ଟି ତାର ରୂପର ଜାଲରେ ଛନ୍ଦି ହୋଇଯାଏ । ଅନ୍ୟ ମନସ୍କତାର ରାଜୁତି ଆରମ୍ଭ ହୁଏ ।

କଲେଜରେ ଲତା ସହ କିଶୋର ଭେଟ ହୁଏ ବାରମ୍ବାର ସେ ଭାବେ ଲତା ବାସ୍ତବିକ ଅନିନ୍ଦ୍ୟ ସୁନ୍ଦରୀ । କବି କଳ୍ପନାର ଲତା ସେ । ସୌନ୍ଦର୍ଯ୍ୟର ଖଣି । ଲତାର ରୂପ ଓ ଗୁଣ ପ୍ରଶଂସାରେ କିଶୋର ମନ ଶତମୁଖ ହୋଇଉଠେ । ଲତା ଯେପରି କିଶୋରର ମନରାଜ୍ୟରେ ଗୋଟିଏ ସ୍ଥାନ ଅଧିକାର କରି ପାରିଛି ତାର

Digitized by srujanika@gmail.com

ଅଜ୍ଞାତ ସାରରେ । କିଶୋର କୁମାର ସାମନ୍ତରାୟ ଅଠରଟି ବସନ୍ତ ଉପଭୋଗ କରିସାରିଛି । ଯୌବନର ମଧୁସ୍ପର୍ଶ ତାର ଅଙ୍ଗ ପ୍ରତ୍ୟଙ୍ଗକୁ ମନୋଜ୍ଞ କରିଛି । ଚଂପାଫୁଲ ରଙ୍ଗର ଦେହ । କଳା ମଚ ମଚ ମୁଣ୍ଡର ବାଳ କୁଞ୍ଚିତ ପୁଣି ସୁସଜ୍ଜିତ । ପ୍ରଶସ୍ତ କକ୍ଷ ଓ ସୁବଳିତ ବାହୁ ଦୁଇଟି କାବ୍ୟ ପୁରୁଷ ଯୁଦ୍ଧାବୀରଙ୍କର ବାହୁର ପରିଚୟ ବହନ କରେ । ରୂପରେ ଓ ଗୁଣରେ କିଶୋର କୁମାର କଲେଜର ଛାତ୍ର ମହଲରେ ବିଶିଷ୍ଟ ସ୍ଥାନ ପାଇ ପାରିଛି । ମେଧାବୀ ଛାତ୍ର, ଯୌବନର କୁହୁକ ସ୍ପର୍ଶରେ ପ୍ରାଣତାର ଗାଇବାକୁ ଆରମ୍ଭ କରିଛି ସ୍ୱପ୍ନ ରାଜ୍ୟର ସଂଗୀତ । ଭାବନା ତାର ସ୍ୱପ୍ନିଳ । ସେଥିପାଇଁ ନୀଳ ଆକାଶ ସବୁ ପୃଥିବୀ ,ଦୂର ବନାନୀ, ଜ୍ୟୋସ୍ନାସ୍ନାତ ରାତି, ତାରକିତ ଆକାଶ, ଝରଣାର ଛନ୍ଦ ଭରାନୃତ୍ୟ ପକ୍ଷୀର ମଧୁର କାକଳି କୋଇଲିର କୁହୁ କୁହୁ ତାନ । ସବୁଠୁଁ ସେ ପାଏ ସମ୍ମୋହନ ନିମନ୍ତ୍ରଣ । ଏପରିକି ପ୍ରତ୍ୟେକଟି ଫୁଲ ପାଖୁଡାରେ ସେ ଦେଖେ କାହାର ଅପରୂପ ଛବି । ପ୍ରତ୍ୟେକ ପତ୍ରର ମର୍ମର ଶବ୍ଦରେ ସେ ଶୁଣେ କାହାର ସଂଗୀତ ମୂର୍ଚ୍ଛନା । ସେହି ସୌନ୍ଦର୍ଯ୍ୟ ସାଗରର ବେଳାଭୂମିରେ ଛିଡା ହୋଇ ନିଜର ରୂପ ସଜ୍ଜାକୁ ପରୀକ୍ଷା ନିରୀକ୍ଷା କରେ । ଆଗ ଅପେକ୍ଷା ଏବେ ନିଜର ବେଶ ଭୂଷା ପରିପାଟି ପାଇଁ ଅଧିକ ସଚେତନ, ଯତ୍ନବାନ । ଚତୁର୍ଥ ବାର୍ଷିକ ସୁପ୍ରଶଂସିତ ମେଧାବୀ ଛାତ୍ର କିଶୋର କୁମାର । ନିଜର ବ୍ୟକ୍ତିତ୍ୱ ବିକାଶରେ ପୋଷାକ ପରିଚ୍ଛଦରେ ଯେ ଗୋଟାଏ ଭୂମିକା ରହିଛି ଅନୁଭବ କରେ । ଅଦୃଶ୍ୟ ଆଲକ୍ଷ୍ୟ ଅଚିହ୍ନା-ବାସନାର ସୌନ୍ଦର୍ଯ୍ୟ ପିପାସୁ ସେ । ଏକାଧାରାରେ ମେଧାବୀ ଛାତ୍ର, ବକ୍ତା, ଲେଖକ, କଳାପ୍ରେମୀ, ସଂଗୀତ ପ୍ରିୟ ପୁଣି ମେଳାପୀ, ସେବା ପରାୟଣ ଲୋକ ହିସାବରେ ତାର ଲୋକ ପ୍ରିୟତା କଲେଜର ପରିସୀମା ଟପି ବାହାରକୁ ବାହାରିଲାଣି । ତା ଆଖିରେ ଲତା ଭାରୀ ସୁନ୍ଦରୀ । ସାକ୍ଷାତ୍ ସ୍ୱର୍ଗ ରାଜ୍ୟର ପରିକନ୍ୟା, କଲେଜର କୌଣସି ଝିଅ ତା ରୂପର ପାସଂଗରେ ପଡିବେ ନାହିଁ । ଲତାର ଚାହାଁଣିରେ ଭରି ରହିଛି ଆକର୍ଷଣର ମଦିରା । ଚାଲିରେ ମାଦକତା । ସେ ଯେଉଁ ବାଟରେ ଚାଲିଯିବ ସେ ବାଟରେ ରୂପର ଫୁଲ ବିଞ୍ଚି ହୋଇଯିବ । କିଶୋରର ସୌନ୍ଦର୍ଯ୍ୟ ପିପାସୁ । ମନ

Digitized by srujanika@gmail.com

ପ୍ରାଣରେ ଲତାର ରୂପ ମାଧୁରୀ ପାନ କରି ଆତ୍ମହରା ହୋଇଯାଏ ଯେତେବେଳେ ମଝିରେ ମଝିରେ ଚାରିଚକ୍ଷୁ ମିଳିତ ହୋଇଯାନ୍ତି । ☐

= ଛଅ =

ହିନ୍ଦୁ ସମାଜରେ ଯାହାଘରେ ଗୋଟିଏ ବିହାହ ଯୋଗ୍ୟା ଝିଅ ଥାଏ ତାର ବାପା ମାଙ୍କ ମନରେ ଚିନ୍ତାବୋଝ ମାଡି ବସିଥାଏ । ଝିଅକୁ ପରପୁଅ ହାତରେ ଟେକି ଦେଲେ ଯାଇ ଚିନ୍ତାରୁ ରକ୍ଷାମିଳେ । ସେତକ ନ ହେବା ଯାଏ ଘଣ୍ଟାର ପେଣ୍ଡୁଲମ ପରି ଚିନ୍ତାର ବୋଝ ଝୁଲୁଥାଏ ମନରେ । ଲତା ଏବେ ବଡ ହେଲା । ବିବାହର ବୟସ ହେଲାଣି । ଯେତେ ପଢ଼ାଇଲେ ମଧ ସେ ଏ ଦାୟିତ୍ୱରୁ ମୁକ୍ତ ହୋଇପାରିବେ ନାହିଁ ବୋଲି ନିଜାରତ୍ ଅଫିସର ବିନୋଦ ବାବୁ ସବୁବେଳେ ଭାବନ୍ତି । ମନୋରମାଙ୍କର ମଧ ସେଇ ଭାଳେଣି । ଉପଯୁକ୍ତ ପାତ୍ରଟିଏ ଯୋଗାଡ କରିବାକୁ ହେବ । ଆଜିର ସମାଜରେ ଝିଅ ପୁଅଙ୍କର ବିବାହ ସଂର୍ପକରେ ଅନେ ବିଚାର ହୁଏ । ଏଥିରୁ ମାନ ମର୍ଯ୍ୟାଦା, ଆଭିଜାତ୍ୟ, ପଦମର୍ଯ୍ୟାଦା ସାମାଜିକ ସ୍ତରରେ ନାନା କଥା ବିଚାରକୁ ନିଆଯାଏ । ବାପ ମାଆମାନେ ନିଜର ପୁଅଝିଅଙ୍କରଂ ଶିକ୍ଷାଗତ ଯୋଗ୍ୟତା, ଚାକିରି ପାହ୍ୟା, ଦରମାର ପରିମାଣକୁ ନେଇ ଗର୍ବ କରନ୍ତି । ପୁଣି ଦଶଲୋକଙ୍କ ପାଖରେ କହନ୍ତି । ସାଧାରଣ ଗରିବ ଲୋକଙ୍କ ଠାରୁ ଆନୁଗତ୍ୟ ଆଦାୟ କରିବାରେ ଏ ସବୁ ଏକ ଅସ୍ତ୍ରରୂପେ କାର୍ଯ୍ୟ କରେ । ଉଚ୍ଚଡିଗ୍ରୀ ହେଲେ ଜ୍ଞାନର ଆବଶ୍ୟକତା ନାହିଁ । ସେଇପରି ପଇସା ରୋଜଗାର ହେଲେ ହେଲା । ସାଧୁ ଉପାୟରେ ବା ଅସାଧୁ ଉପାୟରେ ହେଉ ସେ କଥାରେ ମୁଣ୍ଡ ଖେଳାନ୍ତି ନାହିଁ । ଏହା ବର୍ତ୍ତମାନ ସମାଜର ଚଳଣି । ଯୋଗ୍ୟତାର ମାପକାଠି । ବିବାହ ବଜାରରେ ମଧ ସେଇ କଥା । ଝିଅ ପାଇଁ ଜୋଇଁ ଖୋଜିବା ବେଳେ ମନଭିତରେ ପ୍ରଚ୍ଛନ୍ନ ଭାବରେ ସେହି ଆଭିଜାତ୍ୟ କାମକରେ । ଅମୁକ ଲୋକର ଜୋଇଁ ଡାକ୍ତର, ଓକିଲ, ଇଞ୍ଜିନିୟର ବା ଅଧ୍ୟାପକ

Digitized by srujanika@gmail.com

ବା କେଉଁ ସରକାରୀ କର୍ମଚାରୀ । ସାମନ୍ତବାଦୀ ଚେତନାର ବହିଃପ୍ରକାଶ । ବିବାହ ପରେ ଚାକିରିଟିଏ ପାଇଲେ ବା ସେହିପରି କିଛି ଘଟଣା ଘଟିଲେ ସମ୍ବାଦ ପତ୍ରରେ ଛାପା ହୁଏ ଅମୁକ ଲୋକର ପୁତ୍ର, ଜମାତା, ଭଣଜା ବା ଯାହା ହୋଇଥିବେ । , ସବୁ ଆଧୁନିକ ମସାଜର ଆଭିଜାତ୍ୟର ଜୟଗାନ । ବିନୋଦ ବାବୁ ଏବଂ ମନୋରମା ଏହାର ବ୍ୟତିକ୍ରମ ନୁହଁନ୍ତି । ମନଭିତରେ ସେହିପରି କ୍ଲୋଇଁଟିଏ କରିବାକୁ କେତେ କଳ୍ପନାର ଚିତ୍ର ଆଙ୍କୁ ଥାନ୍ତି । କେତେ ଆଡୁ କେତେ ଖବର ଅନ୍ତର ସଂଗ୍ରହ କରୁଥାନ୍ତି । ବନୋଦ ବାବୁ ଲତାର ତଥା ଛୋଟ ପିଲା ଦୁଇଟିର ପଢ଼ା ବିଷୟରେ ତୀବ୍ର ଦୃଷ୍ଟି ରଖିଥାନ୍ତି । କଥା ପ୍ରସଂଗରେ ଲତା ଠାରୁ କଲେଜର ତାର ପଢ଼ା, କଲେଜ ସାଥୀ ଛାତ୍ର ଛାତ୍ରୀଙ୍କ କଥା ମନଦେଇ ଶୁଣନ୍ତି । ଲତା ଠାରୁ କିଶୋର କୁମାରଙ୍କ କଥା ଅନେକ ଥର ଶୁଣନ୍ତି । ଲତା ଠାରୁ ପ୍ରଶଂସା ଶୁଣି ସେ କିଶୋରକୁ ଥରେ ଦୁଇ ଥର କେଉଁଠି କେମିତି କଥାବାର୍ତ୍ତା କରିଛନ୍ତି । କିଶୋରଙ୍କ ବିଷୟରେ ତାଙ୍କର ଉଚ୍ଚ ଧାରଣା ହୋଇଛି ଓ ଲତା ସହପାଠୀ ବୋଲି ନିଜ ବସାକୁ ନିମନ୍ତ୍ରଣ କରନ୍ତି । ତାଙ୍କ ସହିତ ଦେଶର ସ୍ୱାଧୀନତା ଆନ୍ଦୋଳନ ସମୟର କଥା, ସରକାରୀ କଳର ଦୁର୍ବଳତା, ନିଜର ଜୀବନ ଇତିହାସ ଶେଷରେ ଲତାର ଶିକ୍ଷାକ୍ଷେତ୍ର ମାନଙ୍କରେ କୃତିତ୍ୱ ବିଷୟରେ ଗଳ୍ପ ଜମାଇ ଥାନ୍ତି । କିଶୋର ମଧ୍ୟ ତାଙ୍କ କଥାର କୌଣସି ପ୍ରତିବାଦ କରେ ନାହିଁ, ବରଂ ଉପଭୋଗ କରେ । ପ୍ରଥମେ ପ୍ରଥମେ କିଶୋର ବିନୋଦ ବାବୁଙ୍କର ନିମନ୍ତ୍ରଣ ପାଇ ତାଙ୍କ ଘରକୁ ଆସେ । ଏବେ ଏତେ ପରିଚିତ ହୋଇଗଲା ଯେ ବିନା ନିମନ୍ତ୍ରଣରେ ଆସିଲେ ମଧ୍ୟ ସମସ୍ତେ ତାଙ୍କୁ ଅତି ଆଦର ଯତ୍ନ କରନ୍ତି । ଲତାର ବାପ ମା କିଶୋରକୁ ଭାରୀ ଭଲ ପାଆନ୍ତି । କିଶୋର ଛାତ୍ରାବାସରେ ରହେ । ଖାଇବା ପିଇବାରେ ଅନେକ ଅସୁବିଧା ଥାଏ । ମନୋରମା ତ ତାଙ୍କର ଘରକଥା ସବୁ ଜାଣିଲେଣି । ପିଲାଦିନୁ ସେ ମାଆକୁ ହରାଇ ଥିବାରୁ ମନୋରମାଙ୍କର ମାତୃ ହୃଦୟ ସ୍ୱତଃ କିଶୋର ପ୍ରତି ସଂବେଦନଶୀଳ ହୋଇଉଠେ । ପକ୍ଷ୍ୟାନ୍ତରେ କିଶୋରର ଏକ ମାତ୍ର ଲକ୍ଷ୍ୟ ବିଦ୍ୟାର୍ଜ୍ଜନ । ତାର ଏହି ସାଧୁ ଉଦ୍ଦେଶ୍ୟରେ ପ୍ରେରଣା ଦେବା ପାଇଁ ସତେ ଯେପରି

Digitized by srujanika@gmail.com

ଭଗବାନ ମନୋରମାଙ୍କୁ ତାଙ୍କ ସହିତ ସାକ୍ଷାତ୍ କରାଇଲେ । ଆଜନ୍ମ ମାତୃ ସୁଖରୁ ବଞ୍ଚିତ ଓ ମନୋରମାର ପୁତ୍ର ସ୍ନେହ ଏବଂ କିଶୋରର ମାତୃଭକ୍ତି ହାତ ଛନ୍ଦାଛନ୍ଦି ହୋଇ କିଶୋର ଜୀବନକୁ ସରସ କରିପାରିଛନ୍ତି । ସେଥିପାଇଁ ସେ ପ୍ରତ୍ୟେକ କାର୍ଯ୍ୟରେ ନୂତନ ପ୍ରେରଣା ଅନୁଭବ କରେ ।

ଲତା କିଶୋରର ରୂପ ଓ ଗୁଣରେ ମୁଗ୍ଧ । ତାର ସରଳ ବ୍ୟବହାର ନିର୍ଭିକତା, ସେବା ପରାୟଣତା, ନେତୃତ୍ୱ ଦେବାର ଶକ୍ତି, ବନ୍ଧୁତ୍ୱ ପ୍ରତି ସମ୍ମାନ ବିଷୟରେ ଲତା ବେଶ୍ ପରିଚିତ । ତା ଆଖିରେ କିଶୋର ଖୁବ୍ ସୁନ୍ଦର, ଦେବତୁଲ୍ୟ ମଣିଷ । ଲତା ଓ କିଶୋରର ପରିଚୟ ଘନିଷ୍ଠ ହେବା ଦିନଠାରୁ ଲତା କିଶୋରକୁ ଭାଇ ବୋଲି ଡ଼ାକେ । କିଶୋର ତାଙ୍କ ବସାକୁ ଆସିଲେ ଆନନ୍ଦରେ ତା ପାଦ ତଳେ ଲାଗେ ନାହିଁ । କେତେ ଗପ ଜମାଇଦିଏ । ନିଜ ହାତରେ ଜଳଖିଆ ତିଆରି କରି କିଶୋରକୁ ଖାଇବାକୁ ଦିଏ । କିଶୋର ଅତି ସୁହାଗରେ ନିଜ ଖାଇବା ପଦାର୍ଥରୁ ଖଣ୍ଡିଏ ଲତାର ପାଟିରେ ଗୁଞ୍ଜିଦେଇ କହେ ଲତା ! ତୋତେ ଖୁଆଇ ଦେଲେ ମୋତେ ଭାରୀ ଆନନ୍ଦ ଲାଗେ । ଲତା କିଛି କହେ ନାହିଁ । ତଳକୁ ମୁହଁ ପୋତି ଦିଏ । କିଶୋର ଫୁଲକୁ ଭାରୀ ଭଲପାଏ । ଅଧିକାଂଶ ସମୟରେ ସେ ତା ହାତରେ ଫୁଲଟିଏ ଧରିଥାଏ । ଲତା କିଶୋରର ଏହି ସଉକକୁ ଲକ୍ଷ୍ୟ କରି ତା ପାଇଁ ବଗିଚାରୁ ଭଲ ଫୁଲ ସଂଗ୍ରହ କରି ରଖିଥାଏ । କିଶୋର ଆସିଲେ ଫୁଲଟିଏ ହାତକୁ ବଢ଼ାଇ ଦେବାକୁ ଛଳନାକରି କହେ 'ଫୁଲ ନେବ ?' କିଶୋର ହସି ହସି ତା ହାତରୁ ଫୁଲଟି ନିଏ । ସେତେବେଳେ ଚାରିଟି ଆଖିର କେତେ କହିବାକୁ ଥିବା କଥା ଅକୁହା ହୋଇ ରହେ । ମୁହଁର କଥା ଅପେକ୍ଷା ଆଖିର କଥା ଅଧିକ ମର୍ମସ୍ପର୍ଶୀ । ଅଧିକ ଭାବ ବ୍ୟଞ୍ଜକ ।

ଦିନ ଗଡିଚାଲେ । ମନୋରମା କିଶୋର ପ୍ରତି ଦିନକୁ ଦିନ ଅଧିକ ସ୍ନେହଶୀଳ । ମନଭିତରେ କେତେ ଅଜଣା ଆଶା ଉତ୍ସାହର ସ୍ରୋତ । ଲତା ଓ କିଶୋରକୁ ଏକତ୍ର ବସିଥିବା ବା ଖାଉଥିବା ସମୟରେ ଦେଖିଲେ ସେ ଯେପରି

Digitized by srujanika@gmail.com

ସ୍ୱର୍ଗସୁଖ ଅନୁଭବ କରନ୍ତି । କେତେ କଥା ମନେ ମନେ ଭାବି ଯାଆନ୍ତି । କାହାକୁ କିଛି କହନ୍ତି ନାହିଁ । ଲତାକୁ କିଶୋରର ଚର୍ଚ୍ଚାପାଇଁ ପଠାଇ ଦିଅନ୍ତି । ନିଜ ପାଖରେ ବସାଇ ଖୁଆଇ ବାକୁ ପସନ୍ଦ କରନ୍ତି । ବେଳେ ବେଳେ ସେମାନଙ୍କର ଗପ କରିବାରେ ଭାଗ ନିଅନ୍ତି । ସେଇଥିରେ ତାଙ୍କର ପରମ ସୁଖ । □

= ସାତ =

ଲଳିତାଙ୍କର ଥରକୁ ଥର ଅନୁରୋଧରେ ସଜି ଆସି କିଶୋରକୁ ସଂଗରେ ଧରି ଗାଁକୁ ଗଲା । ଗାଁକୁ ଯିବାର ଆଗଦିନ କିଶୋର ଲତାକୁ ଗାଁକୁ ଯିବାକଥା କହିଲା । ଲତା ଏକାଥରେ ବିବ୍ରତ । ଉଭୟ ପରସ୍ପରକୁ ଏତେଭଲ ପାଆନ୍ତି ଯେ କେହି କାହାକୁ ନ ଦେଖିଲେ ପ୍ରାଣାନ୍ତକ ଦୁଃଖ ଅନୁଭବ କରନ୍ତି । ମନ ଧରିଲା ଚଢ଼େଇ ପରି ଛଟପଟ ହୁଏ । କିଶୋର ଗାଁକୁ ଯିବ, କେତେଦିନ ସେଠାରେ ରହିବ ତାର ଠିକଣା ନାହିଁ । ଭାବନାରେ ଲତା ଝାଉଁଳି ପଡିଲା । ଲତାକୁ ନ ଦେଖି କିଶୋର ଗାଁରେ କିପରି ରହିବ ? ଏହି ଭାବନା ତାକୁ ଅଥୟ କଲା । ଉପାୟ ନାହିଁ । ଭାଉଜ ଭାଇଙ୍କୁ ପଠାଇଛନ୍ତି । ତାଙ୍କର ସ୍ନେହ ଭୁଲି ହେବ ନାହିଁ । ଯିବା ସମୟରେ ସେ ଲତାକୁ କହିଗଲା ଯେ କୌଣସି ଗୋଟାଏ ଛଳନା କରି ଶୀଘ୍ର ଗାଁରୁ ଚାଲି ଆସିବ । ଲତା ମନ ମାନୁ ନ ଥାଏ । ଗାଁରେ ବେଶୀ ଦିନ ନ ରହି ଫେରି ଆସିବାକୁ ବାରମ୍ବାର ଅନୁରୋଧ କଲା କିଶୋରକୁ ।

କିଶୋର ଆଜକୁ ଚାରିଦିନ ହେବ ଗାଁକୁ ଗଲାଣି । ଲତାର ମନ କେଉଁଠି ହେଲେ ଲାଗୁନାହିଁ । ଯେତେଥର ଝଙ୍କାର ବା ଷ୍ଟେଟସ ମ୍ୟାନ ଖଣ୍ଡିଏ ଧରି ପଢ଼ିବା ପାଇଁ ଚେଷ୍ଟା କରେ ମାତ୍ର ପଢ଼ିପାରେ ନାହିଁ । ଆଖି ପଡିଥାଏ ଅକ୍ଷର ଉପରେ ମାତ୍ର ମନ ବୁଲୁଥାଏ କେଉଁ ଅଜଣା ରାଇଜରେ । ବେଳେ ବେଳେ ଆଖି ଛଳ ଛଳ

Digitized by srujanika@gmail.com

ହୋଇଉଠେ । ମନକୁ ମନ କହିଉଠେ ; କିଶୋର ଭାଇ ଭାରୀ ନିଷ୍ଠୁର । ନିଜ ଭାଇ, ଭାଉଜ, ପୁତୁରାଙ୍କ ସଂଗରେ ଖୁସିରେ ଦିନ କାଟିଲେ । ଆଉ କାହାର କ'ଣ ହେଲା ସେଥିପାଇଁ ନଜର ନାହିଁ । ମନକୁ ଭୁଲାଇବାକୁ ଚେଷ୍ଟା କରେ ଲତା ।

କିଶୋର ଘରେ ଗୋଡ ଦେବା ଦିନ ଠୁଁ ଲଳିତାର ହାତ ଦୁଇଟାର ବିଶ୍ରାମ ନାହିଁ । ସେ କେତେ ପ୍ରକାର ପିଠାପଣା, ନାନା ରୁଚିର ତରକାରୀ ରାନ୍ଧି କିଶୋରକୁ ଖୁଆନ୍ତି । ପାଖରେ ବସି ଏହା ଖାଅ, ତାକୁ ଖାଅ କହି ଚାଲନ୍ତି । କିଶୋରକୁ ଆଦର ଯତ୍ନରେ ଖୁଆଇବା କେତେ ଦିନୁ ବନ୍ଦ ଥିଲା । ଆଜି ଯେପରି ପୁଣି ଫେରି ପାଇ ଛନ୍ତି ସେ ଅସୀମ ଆନନ୍ଦ । ଏ ସବୁ ଲଳିତାଙ୍କର ନିତିଦିନର ଘଟଣା ।

ସଞ୍ଜବେଳ ଗଡିଗଲାଣି । ଜଳଖିଆ ଥାଳି, ପାଣି ଗ୍ଲାସ କିଶୋରଙ୍କ ଆଗରେ ଥୋଇଦେଇ ନଡିଆପୁରର ପିଠା ଖାଇବାକୁ କହିଲା । କିଶୋର ଅତି ଆଦରରେ ପିଠା ଚାଖି ଚାଖି ଖାଉଚି । ଏହି ସମୟରେ ଭାଉଜ ଆରମ୍ଭ କଲେ ମାୟା କଥା । ମାୟା ତାଙ୍କ ଭଉଣୀର ନଣନ୍ଦ । ରୂପରେ ଗୁଣରେ କେହି ବାରିବ ନାହିଁ । ଥିଲାବାଲା ଘର । ବାପାଭାଇ ଉଭୟ ପ୍ରାଇମେରୀ ସ୍କୁଲ ଶିକ୍ଷକ । ଦେବାନେବା ଭଲ କରିବେ । ଚଳଣି ଭଲ । ମାୟାର ପାଠ ପଢ଼ା ମି: ଇ: ସ୍କୁଲ ପାଠପଢ଼ା ଠାରୁ ବନ୍ଦଅଛି । ଧୋଇୟା ଅଞ୍ଚଳ ।ପାଠ ପଢ଼ାର ସୁବିଧା ନ ହେବାରୁ ମାୟାଘରେ ରହିଲା । ଜ୍ଞାନଭଲ, ହାତ ଅକ୍ଷର ଗୁଡିକ ବାଇଗଣ ମଞ୍ଜିପରି ଭାରୀ ସୁନ୍ଦର । ମୁଁ ତୁମ ପାଇଁ ସେଇଟି ପ୍ରସ୍ତାବ ପକେଇଛି । ଏକୁଟିଆ ଏ ଘରର କେତେଦିନ ଚଳିବି । ଯାଆଟି ଏ ସଂଗକୁ ହେଲେ ଦିନଗୁଡାକ ଆନନ୍ଦରେ କାଟନ୍ତି । ପୁଣି କୁଟୁମ୍ବ ବଢ଼ିଲେ, ପିଲାଛୁଆଙ୍କ ଜଞ୍ଜାଳ, ରନ୍ଧାବଢ଼ା ଗୋରୁ ଗାଈ ସବୁକଥା ବୁଝି ଘରପାଇଟି ଉଠାଇବାକୁ ବଡ କଷ୍ଟ ହେଉଛି । ଭାଇତ ସକାଳଠୁଁ ସଞ୍ଜଯାଏ ବିଲରେ । ଘର କଥା ଆଦୌ ବୁଝନ୍ତି ନାହିଁ । ବାପା ତ ପିଣ୍ଡାରେ ବସିଲେଣି । ସିହାଣ ପିଲା, ସବୁକଥାତ ବୁଝିପାରୁଛ ! ମୋ ସୁନା ଭାଇଟା ପରା ମୋ କଥାରେ ରାଜି ହେବ ଆଶା କରୁଛି । ମାୟାର ମାୟାଡୋରିରେ ତୁମକୁ ବାନ୍ଧିବାକୁ ମୋର ଭାରୀ ଇଚ୍ଛା ।

Digitized by srujanika@gmail.com

ଭାଉଜଙ୍କର ସବୁକଥା ମନଦେଇ କିଶୋର ଶୁଣୁଥାଏ । ଆଦୌ ପ୍ରତିକ୍ରିୟା ପ୍ରକାଶ କରୁ ନ ଥାଏ । ନୀରବରେ ପିଠାତକ ଖାଇସାରି ପାଣି ଗ୍ଲାସଟିଏ ହାତରେ ଧରିଲେ । ଭାଉଜ ପଚାରିଲେ କଣ କହୁଛ ?

'କୋଉ କଥା' ?

'ମାୟା କଥା '

'ସେ ମାୟାତ ତୁମକୁ ଲାଗିଛି '

' ଏବେ ତୁମକୁ ପରା ଲାଗିବ '

' ଡେରି ଅଛି '

' ମାନେ' ?

' ଆଗ ମୋ ପଢ଼ା ଶେଷ ହେଉ '

' ଆଉ କେତେ ପଢ଼ିବ ?'

' ବର୍ତ୍ତମାନ କହି ପାରିବି ନାହିଁ, ପରୀକ୍ଷା ଫଳ ପ୍ରକାଶ ପାଉ ।'

' ସେମାନେ ମୋ କଥାରେ ରାଜି ; ଖୁବ୍ ବ୍ୟଗ୍ର ।'

' ସେମାନେ ତାଙ୍କ ଦୃଷ୍ଟିରୁ ସବୁ ବିଚାର କରୁଛନ୍ତି । '

' ମାୟା ଆମ ଘରକୁ ଆସିଥିବା ସମୟରେ ତୁମ ଫୋଟଟି ନେଇଯାଇଛି ।'

' ଫୁଲଚନ୍ଦନ ଦେଇ ପୂଜା କରିବାକୁ ପରାମର୍ଶ ଦିଅ '

' ଶିବଙ୍କର ବର କେବେ ମିଳିବ '

' ଯେବେ ଶିବ ସନ୍ତୁଷ୍ଟ ହେବେ ତପସ୍ୟାରେ '

Digitized by srujanika@gmail.com

ଭାଉଜ ଦିଅର ହସି ହସି ଘର ଫଟେଇ ଦେଲେ । ଭାଉଜଙ୍କ ସହ କଥାବାର୍ତ୍ତା ହେଉଥିବା ସମୟରେ ଲତାର ମୁହଁ କିଶୋର ଆଖି ଆଗରେ ଝଲସି ଉଠୁଥାଏ । ପୁରୁଣା ସମାଜର ପ୍ରଚଳିତ ଅଜଣା ଅଚିହ୍ନା ପୁଅ ଝିଅଙ୍କୁ ବିବାହ ବନ୍ଧନରେ ବାନ୍ଧିବା ପ୍ରଥା ପ୍ରତି କିଶୋର କୁଟିଳ କଟାକ୍ଷ ପାତ କଲା । ଏହି ପ୍ରଥାର ମୂଲ୍ୟାୟନରୁ ଜଣା ଯିବ ଯେ ବାପା, ମାଆ, ଭାଇ, ଭାଉଜଙ୍କ ସନ୍ତୋଷ ଓ ଆବଶ୍ୟକତା ପୂରଣ ଜୀବନ ସାଥୀଙ୍କର ଭବିଷ୍ୟତ ଅପେକ୍ଷା ଅଧିକ ଜରୁରୀ । ଯେଉଁ ଦୁଇଟି ଯୁବକ ଯୁବତୀ ପରସ୍ପରକୁ ନେଇ ସଂସାର ଗଢ଼ିବେ ସେମାନଙ୍କର କଥା ଗୌଣ । କିଶୋରର ଅନ୍ତର ପ୍ରଦେଶରେ ବିଦ୍ରୋହର ସୂଚନା ।

କିଶୋର ଆଜକୁ ଆଠଦିନ ହେବ ଗାଁକୁ ଆସିଲାଣି । ଲଳିତାଙ୍କ ସହ କଥାଭାଷା ବେଳେ ଯାହା ତାକୁ ହସ ହସ ଦେଖିବ କିନ୍ତୁ ଅନ୍ୟ ସମୟରେ ତା ମନରେ ସୁଖ ନ ଥିଲାପରି ଜଣା ପଡେ । ଅନେକ ସମୟରେ ଗାଁ ପାଖ ନଇ କୂଳକୁ ଯାଇ ବସେ ଏବଂ ଦୂର ଆକାଶକୁ ଚାହିଁ କ'ଣ ଭାବୁଥାଏ । ତାର ଏପରି ଭାବ ସମସ୍ତେ ଲକ୍ଷ୍ୟ କରି ପାରିଥିଲେ । କିନ୍ତୁ କେହି କିଛି କହି ପାରନ୍ତି ନାହିଁ । ଆଗେ ଗାଁକୁ ଆସିଲେ ସେ ଦଣ୍ଡେ ଘରେ ରହେନାହିଁ । ଗାଁରେ ସାଙ୍ଗସାଥୀ ମାନଙ୍କ ସହ ଗପ ଜମାଇଦିଏ । କିନ୍ତୁ ଆଜିକାଲି ସେ କେଉଁଠି କି ହେଲେ ଯାଉ ନାହିଁ । ମନଭିତରେ ଯେପରି ଗୋଟିଏ ବଡ ଅଭାବ ଅନୁଭବ କରୁଥାଏ । କୌଣସି କାମରେ ସ୍ପୃହା ନ ଥାଏ । ସବୁଥିରେ ଉଦାସୀନ । ଦିନଗୁଡାକ ଭାରି କଷ୍ଟ ବୋଧ ହୁଏ ତାକୁ । ତଥାପି ସେ ନିଜକୁ ହଜାଇ ଦେଇଥାଏ ସେଇ ଭାବନାରେ । ସନ୍ଧ୍ୟାବେଳ ଭାରୀ ଗରମ ହେଉଥାଏ ।ସାଆଁନ୍ତରାଏ ସପ ଖଣ୍ଡିଏ ଉପରେ ଶୋଇ ରହି କିଶୋରକୁ ପାଖକୁ ଡାକିଲେ । କିଶୋର ପାଖରେ ବସିଲା । ବାପା ପଚାରିଲେ ' ପରୀକ୍ଷାରେ ଫଳ କେବେ ବାହାରିବ ? ' ' ଆଉ ଅଳ୍ପ ଦିନ ଭିତରେ ' କିଶୋର ଉତ୍ତର ଦେଲା । " ପରୀକ୍ଷାରେ ନିଶ୍ଚୟ ପାଶ୍ କରିବୁ ମୋର ଆଶା, ତାପରେ କ'ଣ କରିବୁ" ବାପାଙ୍କ କଣ୍ଠରେ ଉତ୍କଣ୍ଠା ଓ ଜିଜ୍ଞାସା ।

Digitized by srujanika@gmail.com

କିଶୋର ପ୍ରଥମ ପ୍ରଶ୍ନର ଉତ୍ତର ଶୀଘ୍ର ଦେଇଦେଲା ମାତ୍ର ଦ୍ୱିତୀୟ ପ୍ରଶ୍ନ ପାଇଁ ଆଗରୁ ପ୍ରସ୍ତୁତ ନ ଥିଲା । କି ଉତ୍ତର ଦେବ କିଛି ଭାବି ସ୍ଥିର କରିପାରିଲା ନାହିଁ । ବାପା କହି ଚାଲିଲେ - ଆମରତ ଆର୍ଥିକ ଅବସ୍ଥା ଦିନକୁ ଦିନ ଖରାପ ହୋଇ ପଡୁଛି ଓ ମୋର ବଳ ଥିଲା କୋଡି ହାଣି ସବୁ ଚଳେଇ ନେଉଥିଲି । ଚାଷ ତ ଆମର ଏକମାତ୍ର ସମ୍ବଳ । ଏବେ ତ ଘରେ ରହିଲି । ଉଠିବାକୁ ଆଉ ବଳ ପାଉନାହିଁ । ସଚ୍ଚି ଏକୁଟିଆ କେତେ କୁଆଡୁ ଆଣିବ ? କେତେ ଢେଉ ସମ୍ଭାଳିବ ? କିଶୋର ବାପାଙ୍କର କଥାର ମର୍ମ ବୁଝିଲା । ମନଭିତରେ ଆନନ୍ଦ । ସେ ଏଇ କଥାକୁ ବାହାନା କରି କଟକ ଫେରି ଯିବ । ଲତା ସହ ଦେଖାହେବ ଅଳ୍ପ ଦିନ ଭିତରେ ।

" ମୋତେ ଅଳ୍ପଦିନ ଭିତରେ କଟକ ଫେରି ଯିବାକୁ ହେବ ।" କିଶୋରର ସ୍ୱରରେ ବ୍ୟଗ୍ରତା ।

" ପରୀକ୍ଷା ଫଳ ପ୍ରକାଶ ପାଇଁ " ବାପା କହିଲେ ।

" ପରୀକ୍ଷା ଫଳ ପ୍ରକାଶ ପାଇବାର ସମୟ ହୋଇ ଆସିଲାଣି ।"

ବାପା ଏ କଥା ଶୁଣି ନୀରବ ରହିଲେ । ତାଙ୍କର ଇଚ୍ଛା କିଶୋର ଯାହା ଉଚିତ ମନେ କରୁଛି ସେ ତାହା କରୁ । ତାଙ୍କୁ ଘରେ ଅଟକାଇବା ଠିକ୍ ନୁହେଁ ।

କିଶୋର କଟକ ଫେରି ପ୍ରଥମେ ଲତା ପାଖକୁ ଗଲା । ପରସ୍ପରକୁ ଦେଖି ଉଭୟ ଆନନ୍ଦରେ ଉଚ୍ଛୁଳି ପଡିଲେ । ମନୋରମା କିଶୋରକୁ ପାଖରେ ବସାଇ ଘରର ସବୁକଥା ପଚାରି ବୁଝିଲେ । କଥା ଛଳରେ ଆଉ ଉପରକୁ ପଢ଼ିବ କି ନାହିଁ ଜାଣିବାକୁ ଇଚ୍ଛା କଲେ କିଶୋରଙ୍କ ପାଖରୁ । କିଶୋର ଉପରେ ଏହି ପ୍ରଶ୍ନଟି ପଡିବାରୁ ଲତା ଅତି ଆଗ୍ରହରେ ଉତ୍ତରକୁ ଅପେକ୍ଷା କରିଥିଲା । କାରଣ ତା ସହିତ କଲେଜରେ ଆଉ ପଢ଼ିବାର ସୁଯୋଗ ମିଳିବ କି ନାହିଁ । କିଶୋର କିଛି ସମୟ ନୀରବ ରହି

Digitized by srujanika@gmail.com

କହିଲା " ଆଗ ପରୀକ୍ଷା ଫଳ ପ୍ରକାଶ ପାଉ । " ବର୍ତ୍ତମାନ ସେକଥା କିଛି ଠିକ୍ କରିନାହିଁ । ଉପରକୁ ପଢ଼ିବା ପାଇଁ କେବଳ ଇଚ୍ଛା କଲେତ ଚଳିବ ନାହିଁ । ବ୍ୟବସ୍ଥା ମଧ୍ୟ ଆବଶ୍ୟକ । □

= ଆଠ =

ଅଜିତ୍ ମହାପାତ୍ର କିଶୋର ସହପାଠୀ ପୁଣି ରୁମ୍‌ମେଟ ଅନେକ ସମୟରେ ପରସ୍ପର ମଧ୍ୟରେ ଆଳାପ ଅଲୋଚନା ତର୍କ ବିତର୍କ ହୁଏ । କିଶୋର ଅର୍ଥନୀତି ଓ ଅଜିତ୍ ଇତିହାସର ଛାତ୍ର । ତେଣୁ ଆଲୋଚନା କୌଣସି ଗୋଟିଏ ବିଷୟକୁ କେନ୍ଦ୍ର କରିହୁଏ ନାହିଁ । ଉଭୟ ଭାରୀ ପରିଶ୍ରମୀ । ପୃଥିବୀରେ ବିଭିନ୍ନ ରାଜନୈତିକ ଆଦର୍ଶବାଦ ଚିନ୍ତା ନାୟକମାନଙ୍କର ବିଚାର ଧାରା ବିପ୍ଳବୀମାନଙ୍କର ଲକ୍ଷ୍ୟ ପଦ୍ଧତି ବିଷୟରେ ପରିଚିତ ହେବାକୁ ଉଭୟ ଆଗ୍ରହୀ । ସେଥିପାଇଁ କେତେ ପ୍ରକାର ବହି, ପତ୍ରପତ୍ରିକାରେ ଯେ ସେମାନଙ୍କ ପଢ଼ାଟେବୁଲ ପୂରିଥାଏ ତାହା ନ ଦେଖିଲେ କଳନା କରିହେବ ନାହିଁ । ଏତିକି ଫରକ ଯେ ଅଜିତ୍ ମାର୍କସୀୟ ଚିନ୍ତାଧାରା ଆଡକୁ ଅଧିକ ଢଳି ଥିବାରୁ ସେହି ଚିନ୍ତାଧାରାରେ ବହିପତ୍ର ତାଠାରେ ବେଶୀ ମାତ୍ର କିଶୋର ସବୁ ପ୍ରକାର ବହି ପତ୍ର ପଢୁଥିଲେ ମଧ୍ୟ ସେ ଜଣେ ବ୍ୟକ୍ତି ସ୍ୱାଧୀନତା ଓ ଗଣତନ୍ତ୍ର ଆଦର୍ଶରେ ଗଭୀର ଆସ୍ଥାବାନ୍ ଲୋକ । ଏହି କାରଣରୁ ଅନେକ ସମୟରେ ଅନେକ ବିଷୟରେ ଏକମତ ହେବାର ଦେଖାଯାଏ ନାହିଁ । ଏହି କାରଣରୁ ଉଭୟଙ୍କ ମଧ୍ୟରେ ମତାନ୍ତର ଘଟେ । ମାତ୍ର ମନାନ୍ତର ହୁଏ ନାହିଁ । ହେବ କାହିଁ କି ? କଲେଜ ଶିକ୍ଷାର ଏହାତ ବୈଶିଷ୍ଟ୍ୟ । ଏଠାରେ ଯୁବକ ଯୁବତୀମାନେ ବହୁ "ଆଇଡିଆ" ଓ " ଆଇଡଲୋଜି" ସହିତ ପରିଚିତ ହେବାର ସୁଯୋଗ ପାଇଥାନ୍ତି । ନିର୍ଭିକ ଭାବରେ ମତବ୍ୟକ୍ତ କରିବାର ଅବକାଶ ସେମାନଙ୍କୁ ମିଳେ । ସେଇମାନେ ତ ଭାବୀ ସମାଜ ରଚନାରେ ହେବେ ଶିଳ୍ପୀ, ବିନ୍ଧାଣୀ ଆଉ କର୍ଣ୍ଣଧାର ।

Digitized by srujanika@gmail.com

କଲେଜ ସମୟରେ ଜଣେ କିଏ ଖଦୀଧାରୀ ପ୍ରୌଢ଼ ନିଜେ ବହି ବିକିବାକୁ ଆସିଥିଲେ । ତାଙ୍କ ଠାରୁ କିଶୋର ଖଣ୍ଡିଏ ବହି କିଣି ଥିଲେ । ରିଚାର୍ଡ ବି ଗ୍ରେଗଙ୍କର (**Richard B. Greg**) ବହି "ହୁଇଚ ଓୟେ ଲାଇଜ୍ ହୋପ" (**Which way lies hope**) ବହିଟି ବଡ ନୁହେଁ । ତେଣୁ କିଶୋର ସେଇଟି ପାଇବାମାତ୍ରେ ଏକ ନିଶ୍ୱାସରେ ପଢ଼ି ଦେଇଚି । ପୁଞ୍ଜିବାଦ, ସମାଜବାଦ ସାମ୍ୟବାଦ ଓ ଗଣତନ୍ତ୍ରର ପୁଂଖାନୁପୁଂଖ ତର୍ଜମା ଏଥିରେ କରାଯାଇ ଗଣତନ୍ତ୍ର ସର୍ବଶେଷ୍ଠ ରାଜନୈତିକ ଆଦର୍ଶ ବୋଲି ଲେଖକ ପ୍ରତିପାଦନ କରିଛନ୍ତି । ବହିଟି ପଢ଼ି ସାରିବାପରେ କିଶୋର ଅନୁଭବ କଲା ଯେ ଏ ବହିଟି ଯେପରି ଈଶ୍ୱର ପ୍ରେରିତ । ନିଜର ଚିନ୍ତାଧାରାକୁ ଉପଯୁକ୍ତ ଭାବେ ସ୍ପଷ୍ଟ କରିବାରେ ଏହା ସହାୟକ ହୋଇଛି । ଏବେ ଅଜିତ୍ ତଥାକଥିତ ବାମପନ୍ଥୀ ଚିନ୍ତାଧାରା ସହିତ ତୁଳନାତ୍ମକ ଭାବେ ମୁକାବିଲା କରିହେବ । ଅଜିତ୍ ମଧ୍ୟ ଉକ୍ତ ବହି ବିକ୍ରେତାଙ୍କ ଠାରୁ ଖଣ୍ଡିଏ ଛୋଟ ପୁସ୍ତକ କିଣିଛି । ଦିଲ୍ଲୀସ୍ଥ ଗାନ୍ଧୀଶାନ୍ତି ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ ୟୁଥ ଆଣ୍ଡ ସୋସିଏଲ୍ ଚେଞ୍ଜ (**Youth and social Change**) ପୁସ୍ତକରେ ସାମାଜିକ ପରିବର୍ତ୍ତନ ଓ ଯୁବ ସମାଜର କର୍ତ୍ତବ୍ୟ ବିଷୟରେ ଆଲୋକପାତ କରାଯାଇଛି । ସେଥିରେ ଚାରୋଟି ବିଷୟରୁ ଅବତାରଣା କରାଯାଇଛି । ସମାଜର ପରିବର୍ତ୍ତନ ଆବଶ୍ୟକତା ଅଛି କି ? ଯଦି ତା ହୁଏ ତେବେ ସେ ସମାଜର ସ୍ୱରୂପ କ'ଣ ? ଏଥିପାଇଁ କି କୌଶଳ ଓ କାର୍ଯ୍ୟକ୍ରମ ଆବଶ୍ୟକ ଏବଂ ଶେଷତଃ ଏଥିରେ ଯୁବ ସମାଜର ଭୂମିକା କ'ଣ ହେବା ଉଚିତ୍ । ପୁସ୍ତକଟିର ବିଶେଷତ୍ୱ ଏହି ଯେ ଅନେକ ଗୁଡାଏ ପ୍ରଶ୍ନ ଉତ୍ଥାପନ କରାଯାଇଛି । ମାତ୍ର କୌଣସି ସିଦ୍ଧାନ୍ତ ଦିଆଯାଇ ନାହିଁ । ତେଣୁ ଗଭୀର ଚିନ୍ତାଧାରା କରିବାପାଇଁ ଏଥିରେ ଖୋରାକ ରହିଛି । ଦୁହିଁଙ୍କ ମତରେ ଆଲୋଚନା ପାଇଁ ଏହି ବହିଗୁଡିକ ଯେ ବଳ ଯୋଗାଇ ପାରିଛି ଏହା ଏକାନ୍ତ ସତ୍ୟ ।

ଲତା ଓ କିଶୋର ଏକା ଆଦର୍ଶରେ ବିଶ୍ୱାସୀ । କଲେଜରେ ସଂବର୍ଦ୍ଧନା ସଭାରେ ବାମପନ୍ଥୀ ଚିନ୍ତାଧାରା ଉପରେ କିଶୋର ଯେଉଁ ଆକ୍ଷେପ କରିଥିଲା

Digitized by srujanika@gmail.com

ତାହା ଅଜିତ୍ ମନେ ରଖିଛି । ତେଣୁ ତା ମନ ଭିତରେ ପ୍ରତି ହିଂସାର ଗୋଟାଏ ଅସ୍ପଷ୍ଟ ଛାୟା ରହି ଆସିଛି । ପୁଣି ଲତା ସହ କିଶୋରର ଅବାଧ ମିଳାମିଶା ତାକୁ ଅଧିକ ଈର୍ଷାପରାୟଣ କରିପକାଇଛି । ସେ ମଧ୍ୟ ଲତାର ସାନିଧ୍ୟ ପାଇଁ ପ୍ରତିଦ୍ୱନ୍ଦୀ ମାତ୍ର ପରାସ୍ତ ସୈନିକ ପରି ପ୍ରତିକ୍ରିୟାଶୀଳ । ଅନେକଥର ଅଯାଚିତ ଭାବରେ ଲତା ପାଖରେ ନିଜର ବଡିମା ଦେଖାଇଛି । କଲେଜରେ କିଶୋରର ଭାବମୂର୍ତ୍ତିକୁ ଊଣା କରିବାକୁ ଚେଷ୍ଟାକରି ଲତାର ଘୃଣାର ପାତ୍ର ହୋଇଛି । ତଥାପି ତା ଉଦ୍ୟମରୁ ସେ ନିବୃତ୍ତ ନୁହେଁ । ତାର ସବୁ କ୍ରିୟା କଳାପର ଲକ୍ଷ୍ୟସ୍ଥଳ ଲତା । ଏ ବିଷୟରେ ଲତା ସବୁବେଳେ ସଚେତନ କେବଳ ଅଜିତ୍ ନୁହେଁ । କଲେଜର ଆଉ କେତୋଟି ଯୁବକ ମଧ୍ୟ ସେହି ପଥର ପଥିକ । ତେଣୁ ଲତା କଲେଜ ଯିବା ଆସିବା ପରେ ଶଙ୍କା ଅନୁଭବ କରେ ।ତାର ରୂପ ଯୌବନ ଯେପରି ତା ପାଇଁ ଅଭିଶପର ବିଷୟ ହୋଇଛି ।

ଖବର କାଗଜରେ ପ୍ରକାଶ ପାଇଛି । ଗ୍ରୀଷ୍ମବକାଶରେ ପୁରୀଠାରେ ଏକ ସର୍ବଭାରତୀୟ ଯୁବତାଲିମ୍ ଶିବିର ଅନୁଷ୍ଠିତ ହେବ । ପନ୍ଦର ଦିନ ପାଇଁ ଯୁବକ ଯୁବତୀମାନଙ୍କୁ ନୂତନ ଦିଗ୍‌ଦର୍ଶନ ଦେବା ଏହି ଶିବିରର ଆଭିମୁଖ୍ୟ । ସମଗ୍ର ଭାରତ ବର୍ଷର ଶହେ ଜଣ ଛାତ୍ର ଯୁବକ ଯୁବତୀ ମାନଙ୍କୁ ଏଥିପାଇଁ ବଛାଯିବ । ସ୍ନାତକ ପରୀକ୍ଷାର୍ଥୀ, ସ୍ନାତକମାନେ ଏଥିରେ ଯୋଗଦେଇ ପାରିବେ । ଅଖିଳ ଭାରତ ସର୍ବସେବା ସଂଘ ଓ ଶାନ୍ତି ସେନାମଣ୍ଡଳ ଏ ଶିବିର ଆୟୋଜନ କରିଛନ୍ତି । ନିଜର ଗ୍ରସ୍ଥଖର୍ଚ୍ଚ, ନୋଟ ଖାତା ଓ ବିଛଣା ବ୍ୟତୀତ ସବୁ ଖର୍ଚ୍ଚ ସଂଘ ତୁଲାଇବ ।

ଏ ସୁଯୋଗର ସଦ୍‌ବ୍ୟବହାର କରିପାରିଲେ କିଶୋର ଅଧିକ ଉପକୃତ ହୋଇପାରିବ ଭାବି ଶିବିରରେ ଯୋଗଦେବା ପାଇଁ ଦରଖାସ୍ତ କରିଦେଲା । ଏ ସଂବାଦଟି ଲତାକୁ ଦେଲା । ଲତା ବାପା ବୋଉଙ୍କ ଅନୁମତି କ୍ରମେ ଦରଖାସ୍ତ କଲା । ଉଭୟେ ଶିବିର ପାଇଁ ମନୋନୀତ ହେଲେ । ଶିବିର ଆରମ୍ଭ ଜୁନ୍‌ମାସ ପହିଲା ତାରିଖରୁ । ଏକ ସର୍ବଭାରତୀୟ ସେବା ଅନୁଷ୍ଠାନ ଶିବିର ପରିଚାଳନା କରୁଥିବାରୁ

Digitized by srujanika@gmail.com

ବନୋଦ ବାବୁ ମନୋରମା ଲତାକୁ କିଶୋର ସହିତ ଶିବିରରେ ଯୋଗ ଦେବାରେ ଆଦୌ ଦ୍ୱିଧା କରି ନାହାଁନ୍ତି ।

ପୁରୀର ସଂସ୍କୃତ ମହାବିଦ୍ୟାଳୟର ପ୍ରାଙ୍ଗଣ । ଝାଉଁବଣ ଓ ପୋଲାଙ୍ଗ ଗଛମାଳ ମଧ୍ୟରେ ଖୋଲା ମଞ୍ଚ, ସମସ୍ତଙ୍କର ତଳେ ବସିବାର ବ୍ୟବସ୍ଥା । ଗୁଜୁରାଟ, ମହାରାଷ୍ଟ୍ର, ପଶ୍ଚିମ ବଙ୍ଗ, ବିହାର, ଉତ୍ତର ପ୍ରଦେଶ, ପଞ୍ଜାବ ଓଡିଶା କର୍ଣ୍ଣାଟକ, ଆନ୍ଧ୍ର, କେରଳ, ମଣିପୁର, ତ୍ରିପୁରାରୁ ଶତାଧିକ ଛାତ୍ର ଛାତ୍ରୀଙ୍କର ସମାବେଶ । ଦୁଇଜଣ ଶ୍ୱେତାଙ୍ଗୀ ଯୁବକ ସହଜଣେ ସୁଇଡେନର ଅସ୍ଲୋ ବିଶ୍ୱ ବିଦ୍ୟାଳୟର ଛାତ୍ର ମଧ୍ୟ ଏଥିରେ ଯୋଗ ଦେଇଛନ୍ତି । ଶିବିର ପରିଚାଳନା ପାଇଁ ବିଖ୍ୟାତ ଗାନ୍ଧୀବାଦୀ ନେତାମାନେ ଏଠାରେ ଉପସ୍ଥିତ । ଅମର ନାଥଝା, ହିତେଶ୍ୱର ଦେଶାଇ, ପ୍ରଭୁଲାଲ ପାଣ୍ଡେ, ବିଷ୍ଣୁପଦ ସହସ୍ରବୁଦ୍ଧ, ରାଜମାନ୍ନାରାମୀରାଓ, ରାମଚନ୍ଦ୍ର ସାଲବେଗ, କେଦାର ଚୌଧୁରୀ, ସୁରେଖା ଭଟ୍ଟାଚାରୀ, ଦେଶବନ୍ଧୁ ମିତ୍ର ପ୍ରଭୃତି ଦେଶର ପ୍ରଖ୍ୟାତ ନେତୃବର୍ଗଙ୍କ ଗହଣରେ ଆଗନ୍ତୁକ ଛାତ୍ର ଛାତ୍ରୀମାନେ ଅତ୍ୟନ୍ତ ଉିସାହିତ, ଉତଫୁଲ ଏବଂ ତତ୍ପର ହୋଇ ଉଠିଛନ୍ତି । କିଶୋର ଓ ଲତା ଏପରି ଏକ ସମାରୋହରେ ଯୋଗ ଦେବାର ସୁଯୋଗ ପାଇଥିବାରୁ ନିଜକୁ ଭାଗ୍ୟାବାନ ମନେ କରୁଛନ୍ତି । ପୁରୁଷ ଓ ମହିଳାମାନଙ୍କ ପାଇଁ ରହିବାର ବ୍ୟବସ୍ଥା । ସ୍ନାନ ଶୌଚାଦିର ସ୍ଥାନ ସ୍ୱତନ୍ତ୍ରଭାବେ କରାଯାଇଛି । ଭୋଜନ ଓ ଆଲୋଚନା ଏକତ୍ର ହୁଏ । ଶିବିର ଆୟୋଜନ ଓ ପରିବେଶ କିଶୋର ଓ ଲତା ପାଇଁ ଆର୍କଷଣୀୟ ଓ ଶିକ୍ଷଣୀୟ ହୋଇଛି । କିଶୋର ଏ ସମସ୍ତ ଆୟୋଜନ ଓ ପରିଚାଳନା ଏପରି ଶୃଙ୍ଖଳିତ ନିର୍ଭୁଲ ଭାବରେ କରାଯାଇ ପାରେ ବୋଲି ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲା । ଏପରି ଦୃଶ୍ୟ କଲେଜ ପରିସର ମଧ୍ୟରେ ଦେଖିବାକୁ ମିଳେ ନାହିଁ । ଏକ ନୂତନ ମୂଲ୍ୟବୋଧରେ ଲତା ଓ କିଶୋର ଅନୁପ୍ରାଣିତ ହୋଇ ପାରିଲେ ।

ଅଧ୍ୟାପକ ରାମ ବିଳାସ ବନ୍ଦୋକୁର ଜଣେ ଖ୍ୟାତନାମା ସର୍ବୋଦୟ

Digitized by srujanika@gmail.com

ନେତା । ବୟସ ଆସି ସୁତରିକୁ ପାରେଇ ଗଲାଣି । ଆଜନ୍ମ ବ୍ରହ୍ମଚାରୀ । ତାଙ୍କ ଦ୍ୱାରା ଶିବିର ଆଜି ଉଦ୍‌ଘାଟିତ ହେବା ସମୟରେ ସଭାସ୍ଥଳ ଲୋକାରଣ୍ୟ । ଇଂରାଜୀରେ ତାଙ୍କର ଭାଷଣ ପ୍ରଦାନ କଲେ । କହିବାର ଭଙ୍ଗି, ଭାଷାର ମାଧୁର୍ଯ୍ୟ, ବିଷୟବସ୍ତୁ ପରିବେଷଣର ଶୈଳୀ ସମସ୍ତଙ୍କୁ ମୁଗ୍ଧ କରିଦେଇଛି । ଅନେକ ମୂଲ୍ୟବାନ କଥା ମଧ୍ୟରେ ଆବେଗପୂର୍ଣ୍ଣ କଣ୍ଠରେ କହିଲେ '' ଦେଶ ସ୍ୱାଧୀନତା ପାଇଛି ଲଢ଼ିବାବେଳ ଯାଇଛି । ଏବେ ଦେଶକୁ ଗଢ଼ିବା ବେଳ ଆସିଛି । ଉଦ୍‌ଘାଟକଙ୍କର ଶେଷ କଥାପଦକ ଉଭୟ ଲତା ଓ କିଶୋର ମନରେ ଉନ୍ମାଦନ ସୃଷ୍ଟି କରିଛି । ସେମାନେ ଏକ ନୂଆ ଜୀବନର ସନ୍ଧାନ ପାଇଛନ୍ତି ବୋଲି ଅନୁଭବ କଲେ । ପନ୍ଦର ଦିନର ଶିବିର ଭିତରେ ଫରାସୀ ବିପ୍ଳବ, ରୁଷ ବିପ୍ଳବ, ଆମେରିକା ଓ ଚୀନର ମୁକ୍ତି ଆନ୍ଦୋଳନ, ଭାରତର ସ୍ୱାଧୀନ୍ତା ସଂଗ୍ରାମ, ଫ୍ରାନ୍‌ସ, ଇଣ୍ଡୋନେସିଆ, ପୋଲାଣ୍ଡ, ଗୁଜରାଟ ଓ ବିହାରର ଛାତ୍ର ଆନ୍ଦୋଳନର ଇତିହାସ , ଥୋରୋ ଟଲଷ୍ଟୟ, ରସ୍କିନ, ଗାନ୍ଧୀ, ଜୟପ୍ରକାଶ, ବିନୋବା, ଚିଗ୍ୱେରେରା, କାଷ୍ଟ୍ରୋ, ମାଓ, ମାର୍କସ, ହେଗେଲ ପ୍ରଭୃତି ବିଶ୍ୱ ବିଶ୍ରୁତ ଚିନ୍ତାନାୟକ ମାନଙ୍କର ଜୀବନୀ ଓ କାର୍ଯ୍ୟପଦ୍ଧତି ତଥା ସମାଜ ପରିବର୍ତ୍ତନ ପାଇଁ ସେମାନଙ୍କର ଅବଦାନ ବିଷୟ ବିଷଦ ଆଲୋଚନା କରାଗଲା । ବର୍ତ୍ତମାନ ବିଜ୍ଞାନର ଅଭୂତପୂର୍ବ ବିକାଶ ସଂଗକୁ ଅମ୍ଭଜ୍ଞାନର ବିକାଶ ନ ଘଟିଲେ ମାନବ ସମାଜ ଯେ ସର୍ବନାଶର ସମ୍ମୁଖୀନ ହେବ । ଆଲୋଚକମାନେ ଏହାପରେ ଗୁରୁତ୍ୱ ଆରୋପ କରିଥିଲେ । ବିଶେତଃ ସମାଜ ରଚନାରେ ଯେଉଁ ମୌଳିକ ତ୍ରୁଟି ରହିଛି ଯାହାକି ମଣିଷକୁ ମଣିଷଠାରୁ ଦୂରେଇ ନେବା ଫଳରେ ଆଜିର ପୃଥିବୀରେ ବ୍ୟକ୍ତିଗତ ଜୀବନର ହିଂସା କିପରି ଅତିହିଂସାରେ ପରିଣତ ହୋଇ ବିଶ୍ୱଯୁଦ୍ଧର ଭୟ ବହତା ସୃଷ୍ଟି କରିଛି ବକ୍ତାମାନେ ସେଥିପ୍ରତି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ସିଦ୍ଧାନ୍ତ ଗ୍ରହଣରେ 'କତଲ' 'କାନୁନ୍' ଅପେକ୍ଷା 'କରୁଣା' ବା ସତ୍ୟାଗ୍ରହର ଉତ୍କୃଷ୍ଟତା ମହାତ୍ମା ଗାନ୍ଧୀ ନିଜ ଜୀବନରେ ତଥା ଭାରତର ସ୍ୱାଧୀନତା ସଂଗ୍ରାମରେ ପ୍ରୟୋଗ କରି ଯେପରି ପ୍ରମାଣିତ କଲେ ଆଗାମୀ ସମାଜ ରଚନାରେ

Digitized by srujanika@gmail.com

ଏହା କିପରି ଏକ ବଳିଷ୍ଠ ଆୟୁଧ ହୋଇ ପାରିବ ତାହା ବକ୍ତାମାନେ ପ୍ରତିପାଦନ କଲେ । ତେଣୁ ମହାତ୍ମା ଗାନ୍ଧୀଙ୍କର ଚିନ୍ତାଧାରା ବିଶ୍ୱ ଚିନ୍ତାଧାରାର ଅଧୁନାତମ ବୋଲି ସମସ୍ତେ ସାବ୍ୟସ୍ତ କଲେ । ଆତ୍ମାର ଅଖଣ୍ଡତା, ନିଜର ସୁଖ ଅପରର ସୁଖରେ ନହିତ, କୃଷକ ଓ କରୀଗରର ଜୀବନ ସର୍ବୋତ୍କୃଷ୍ଟ ଓ ପ୍ରତ୍ୟେକ ଶ୍ରମର ମୂଲ୍ୟ ସମାନ ବୋଲି ଗାନ୍ଧୀ ଓ ରଶ୍କିନ୍ ଯେଉଁ ବିଚାର ଦେଇଯାଇଛନ୍ତି ତାହା କିପରି ଭାବୀ ସମାଜ ରଚନା ଓ ନୂତନ ମୂଲ୍ୟବୋଧ ସୃଷ୍ଟି କରିପାରିବ ତାହାର ଏକ ନକସା ଶବିରାର୍ଥୀମାନଙ୍କୁ ଦିଆଗଲା । ଆଲୋଚନା ବ୍ୟତୀତ ଶ୍ରମ, ସଫାଇ, ସହଜୀବନ, ଶିବିର ଜୀବନକୁ ସରସ ସୁନ୍ଦର କରି ପାରିଥିଲା । ଲତା ଓ କିଶୋର ଏପରି ଏକ ସର୍ବଭାରତୀୟ ସାର୍ଥକଶିବିରରେ ଯୋଗଦେବା ଫଳରେ ନୂଆ ଜୀବନର ଯେଉଁ ସନ୍ଧାନ ପାଇଲେ ସେଥିରେ ନିଜ ନିଜକୁ ଗୌରବାନ୍ୱିତ କରିବା ସଂଗେ ସଂଗେ ଉଦ୍ୟୋକ୍ତା ମାନଙ୍କୁ ନତ ମସ୍ତକରେ କୃତଜ୍ଞତା ଜଣାଇଲେ । ଶିବିରର ଉଦ୍‌ଯାପନ ଓ ବିଦାୟକାଳୀନ ଦୃଶ୍ୟ ଅତ୍ୟନ୍ତ କରୁଣ, ଅଶ୍ରୁଳ ଓ ମର୍ମ ସ୍ପର୍ଶୀ ହୋଇଗଲା ।

ଶିବିରର ଅପରାହ୍ନ ଅଧିବେଶନ ପରେ ବୁଲିବା ପାଇଁ ଶିବିରାର୍ଥୀ ମାନଙ୍କୁ ଅନୁମତି ଦିଆଯାଏ । ପୁରୀର ସମୁଦ୍ର ବେଳାଭୂମି ସାନ୍ଧ୍ୟ ଭ୍ରମଣ ପାଇଁ ଏକ ଉପଯୁକ୍ତ ଆକର୍ଷଣୀୟ ସ୍ଥାନ । ଶିବିର ପରେ ସବୁ ଶିବିରାର୍ଥୀ ଏଠାରେ ମହା ମଉଜରେ ବୁଲୁଛନ୍ତି ହସ ଖେଳ ଢେଉ ସହିତ ଲଢେଇ ଏମିତି କେତେ ପ୍ରକାରର ମନ ମତାଣିଆ କାମ।ଲତା ଓ କିଶୋର ମଧ ଢେଉ ସହ ଖେଳୁଛନ୍ତି । ଗୋଟିଏ ବଡ ଢେଉ ହଠାତ୍ ଆସି ଲତାର ଶାଢ଼ୀ ଓ ଶୟାର ନିମ୍ନ ଦେଶକୁ ଭିଜେଇ ଦେଇ ଫେରିଗଲା । ଲତାର ହାତଧରି କିଶୋର ତାକୁ ଟାଣି ଆଣିଲା । ଦୂରରେ ଥାଇ ଏ ଦୃଶ୍ୟ ଦେଖୁଥିଲା ଅଜିତ୍ । ଲତା ଓ କିଶୋର ପୁରୀ ଶିବିରରେ ଯୋଗ ଦେବାକୁ ଆସିଛନ୍ତି ଜାଣି ସେ ମଧ ପୁରୀ ବୁଲି ଆସିଛି । ଜଣେ ସହଧ୍ୟାୟୀଙ୍କ ଘରେ ରହୁଛି । ପୁରୀ ଆସିବାର ଏକମାତ୍ର ଉଦ୍ଦେଶ୍ୟ ଲତା ଓ କିଶୋରଙ୍କର ଗତିବିଧି ଲକ୍ଷ୍ୟ କରିବ । ଲତା ହାତ

Digitized by srujanika@gmail.com

ଧରି କିଶୋର ଟାଣି ଆଣିବା ଓ ସହାନୁଭୂତିରେ ଭାବପ୍ରକାଶ କଲାବେଳେ ଅଜିତର ଛାତି ଭିତରେ ଯେପରି ଏକ ନିଆଁ ହୁଳା ଜଳି ଉଠିଲା । ତାର ଆଉଜଣେ ସାଙ୍ଗ ସହ କିଶୋର ପାଖକୁ ଆସି ତାଚ୍ଛଲ୍ୟ ମିଶା ଗଳାରେ ପଚାରିଲା -

" ଆରେ କିଶୋର ବାବୁ ଓ ମିଶ୍ ସାମଲ ଯେ "

" ଯୁବ ଶିବିରରେ ଯୋଗ ଦେଇଛୁଁ " କିଶୋର ଉତ୍ତର ଦେଲା ।

" କେମିତି ଚାଲିଛି "

" ଖୁବ୍ ଭଲ ଭାବରେ "

" ଉଦ୍ଦେଶ୍ୟ "

" ଖୁବ୍ ମହତ୍ ଏବଂ ସୁଦୂର ପ୍ରସାରୀ "

" ମାନେ ଦେଶ ଉଦ୍ଧାର କାର୍ଯ୍ୟକ୍ରମ "

" ସେତିକି ନୁହେଁ ଅନେକ କିଛି "

" ସମାଜରେ ପୁଞ୍ଜିବାଦୀ ସାମନ୍ତବାଦୀ ଚିନ୍ତାଧାରାକୁ ସ୍ଥାୟୀ କରିବା ପାଇଁ ଲତା ଓ କିଶୋର ପରି ଉଦିୟମାନ ଯୁବକ ଯୁବତୀ ମାନଙ୍କୁ ନିଷ୍କ୍ରିୟ, ପଙ୍ଗୁ କରିବା ପାଇଁ ବେଶ୍ ପ୍ରଚ୍ଛନ୍ନ ଉଦ୍ୟମ ବୋଧ ହୁଏ ।

" ଠିକ୍ ତାହା ନୁହେଁ ଅଜିତ୍ ବାବୁ । ମୋର ମଧ୍ୟ ପ୍ରଥମେ ସେହିପରି ଧାରଣା ଥିଲା । ଆମ କଲେଜ ବା ବିଶ୍ୱ ବିଦ୍ୟାଳୟରେ ପରିସୀମା ମଧ୍ୟରେ ଏହା ଦେଖିବାକୁ ମିଳେ ନାହିଁ ।

' ଏକାବେଳେ ଉଦ୍‌ବୁଦ୍ଧ"

Digitized by srujanika@gmail.com

" ଯେ କେହି ଏଥିରେ ଅନୁପ୍ରାଣିତ ହୋଇ ପାରିବ "

" ଯେଉଁମାନେ ଦୁର୍ବଳ ସେମାନଙ୍କ ପାଇଁ ଏହା ' ପାରା ଡାଇଜ' ନୁହେଁ ତ ଆଉ କଣ ?' ଅଜିତର ଆକ୍ଷେପରେ ଘୃଣାର ଆଭାସ ।

" ମହୁମାଛି ଫୁଲରେ ବସେ କିନ୍ତୁ ମାଛି ମଇଳା ଛେପ, ଖଙ୍କାରରେ ବସେ' ଲତାର ସ୍ୱରେ ଦୃଢ଼ ପ୍ରତିବାଦ ।

" ଆପଣମାନେ ତାହାଲେ ଫୁଲ ବଣରେ ଉଡି ଉଡି ମଧୁ ଚାଖିବାରେ ବ୍ୟସ୍ତ " ଶିବିର ସୁଯୋଗ ସୃଷ୍ଟି କରିଛି ପରା ?

" ନା ଅଜିତ ବାବୁ ସେପରି ଅକ୍ଷେପ କରନ୍ତୁନି । ଜ୍ଞାନୀ ପଣ୍ଡିତ ଏବଂ କର୍ମୀଙ୍କ ଗହଣ ଆମପାଇଁ ନୂତନ ଦ୍ୱିଗବଳୟ ସୃଷ୍ଟି କରିଛି " କିଶୋର ଗମ୍ଭୀର ଭାବରେ ଉତ୍ତର ଦେଲା ।

" କିଶୋର ବାବୁ, ଶିବିରରେ ଘଣ୍ଟା ଫଡିବା ବେଳ ହେଲାଣି ଯିବା ଚାଲନ୍ତୁ " ଲତା ଯିବାକୁ ଆଗେଇଲା ।

" ହଉ ଆସନ୍ତୁ ! ଆଉ କେତେଦିନ ରହିବ ଏଠାରେ ?"

" ମାତ୍ର ଆଉ ଦିନଟିଏ " ଉତ୍ତର ଦେଲା କିଶୋର ।

" ବାଏ - ବାଏ । ଏବେ ଆସନ୍ତୁ ତାହାଲେ । ଅଜିତ ଲତା ଉପରେ ଏକ ନିଷ୍ଠୁର ଦୃଷ୍ଟିପାତ କରି ମୁହଁ ଫେରାଇଲେ ଅନ୍ୟ ଆଡେ । ତା ସିଗାରେଟର ଧୂଆଁ ସେତେବେଳକୁ କଣ୍ଡୁଳୀ କାଟି କାଟି ଉପରକୁ ଉଠୁଥାଏ । ସମୟ ସନ୍ଧ୍ୟା ସାତଟା । ସମୁଦ୍ରର ନୀଳ ଲହଡି ଉପରେ ଅସ୍ତଗାମୀ ସୂର୍ଯ୍ୟର ନାଲି କିରଣ ଚିକ୍ ଚିକ୍ କରୁଛି । ଲତା ଓ କିଶୋର ଅନ୍ୟ ଶୀବିରାର୍ଥୀଙ୍କ ସହ ଶିବିରକୁ ଫେରିଲେ । ଅଜିତର ଅକ୍ଷେପ ଲତାକୁ କ୍ଷୁର୍ଣ୍ଣ କରିଛି । ମୁହଁରେ ତାର ବିରକ୍ତିର ପାଟଳିମା । □

Digitized by srujanika@gmail.com

= ନଅ =

" ଭିତରକୁ ଆସିପାରେ ସାର୍ ।"

" ଆସନ୍ତୁ, ଫାଇଲଉପରୁ ମୁଣ୍ଡ ଉଠାଇ ଉତ୍ତର ଦେଲେ ନିଜାରତ ଅଫିସର ।

" ମୋର ଜନ୍ମ ଦିନ ନିମନ୍ତ୍ରଣ କହି କାର୍ଡଟି ବଢ଼ାଇଦେଲେ" ଅଜିତ ଅଫିସରଙ୍କ ହାତକୁ ।

" ଆପଣ ! ସାମଲ ବାବୁଙ୍କ ଜିଜ୍ଞାସା "

" ମୁଁ ସେକେଣ୍ଡ ଅଫିସରଙ୍କ ବଡପୁଅ ଅଜିତ୍"

" ଧନ୍ୟବାଦ୍ ! ପଢ଼ାପଢ଼ି ?"

" ବି.ଏ. ଇତିହାସ ଅର୍ନସ ପରୀକ୍ଷା ଦେଇଛି "

" ତୁମ ଜନ୍ମଦିନ ଉତ୍ସବରେ ମୁଁ ନିଶ୍ଚୟ ଯୋଗ ଦେବି ;" ଭରସା ଦେଲେ ସାମଲ ବାବୁ ।

" ଏକାନ୍ତ ଇଚ୍ଛା । ସପରିବାର ଆସିବେ । ଚେଷ୍ଟା କରିବେ ସମସ୍ତେ ଯିବାପାଇଁ "

" ଆଗାମୀ କାଲି ସନ୍ଧ୍ୟା ସାତଟା ବେଳକୁ - ହଁ ସାର । ଅଜିତ ବିଦାୟ ନେଲା ।

ଅଜିତ ମହାପାତ୍ରଙ୍କ ପିତା ସୁରେଶ ମହାପାତ୍ର ଜଣେ ଓ.ଏ.ଏସ. ଅଫିସର । ସମ୍ବଲପୁରରୁ ଏବେ ସେକେଣ୍ଡ ଅଫିସର ହୋଇ ଆସିଛନ୍ତି । ଘର ପୁରୀ ସହରରେ । ମାର୍କଣ୍ଡ ସାହିରେ । ପୁଅ ରେଭେନ୍ସା କଲେଜରେ ଓ ଝିଅ ଶୈଳଜା

Digitized by srujanika@gmail.com

ପୁରୀ ମହିଳା କଲେଜରେ ଆଇ.ଏ. ପଢ଼େ । ସାନ ପିଲାମାନେ ସ୍କୁଲରେ ପଢ଼ନ୍ତି । କୋଠାଘର । ସମ୍ପତ୍ତି ବହୁତ । ତେଣୁ ଘରର ରକ୍ଷଣା ବେକ୍ଷଣ ପରିଚାଳନା ଭାର ପତ୍ନୀ ତିଳୋତ୍ତମାଙ୍କ ଉପରେ । ସୁରେଶ ବାବୁ ସରକାରୀ ବାସଭବନରେ ଚାକର ପୂଜାରୀଙ୍କୁ ନେଇ ଚଳନ୍ତି । କଟକକୁ ବଦଳିହୋଇ ଆସିବାର ମାସକ ପରେ ପୁରୀରୁ ପିଲାଙ୍କୁ ନେଇ ଆସିଲେ କଟକ । ସରକାରୀ ବାସଭବନରେ ସମସ୍ତେ ରହନ୍ତି । କଳା ବିକାଶ କେନ୍ଦ୍ର ପାଖରେ । ଗତବର୍ଷ ଅଜିତର ଜନ୍ମ ଦିନ ପୁରୀରେ ଭଲ ଭାବରେ ପାଳନ କରାଯାଇ ନ ଥିଲା । ପତ୍ନୀଙ୍କ ପରାମର୍ଶ କ୍ରମେ କଟକରେ ତାହା ଆଡମ୍ବର ସହିତ ପାଳନ କରାଯିବ । ଅଭାବତ କିଛି ନାହିଁ ।ଏହା ଦ୍ୱରା ସହରର ବହୁ ଲୋକଙ୍କ ସହ ପରିଚିତ ହେବାର ସୁଯୋଗ ମିଳିବ । ମାନ ମର୍ଯ୍ୟାଦା ବଢ଼ିବ । ଦଶ ଲୋକଙ୍କ ଆଖିରେ ଆମେ ପଡିବା । ତେଣିକି ପୁଅପାଇଁ ପାତ୍ରୀ ଏବଂ ଝିଅପାଇଁ ବର ନିର୍ବାଚନରେ ଏହା ସାହାଯ୍ୟ କରିବ । ଗାଁରେ କିଏ ପିଲାଙ୍କ ଜନ୍ମଦିନ ପାଳେ ? ଏହା ସବୁ ସହରରେ ଚାଲେ । ଜନ୍ମଦିନ, ମୃତ୍ୟୁ ବାର୍ଷିକୀ ବିବାହ ତିଥି ପାଳନ ଦ୍ୱାରା ସାମାଜିକ ପ୍ରତିଷ୍ଠା ବଢ଼ାଇବା ସ୍ୱାର୍ଥ ସାଧନ ପାଇଁ ପାହାଚ ଚଢ଼ିବା ଏମିତି ଅନେକ କିଛି ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ରଖି ଏ ସବୁ କରାଯାଏ । ଆଜିର ସହରୀ ସମାଜ ଏହି ଚିନ୍ତାଧାରାରେ ଉର୍ଦ୍ଧାୟନ ହେବାରେ ଲାଗିଛି । ଆମେ କାହିଁକି ପଛରେ ପଡିବା ? ପତ୍ନୀ ଯୁକ୍ତି ବାଢ଼ିଲେ । ପତ୍ନୀଙ୍କର ଯୁକ୍ତିରେ ସୁରେଶ ବାବୁ ଅମତ ହୋଇ ପାରିଲେ ନାହିଁ । ଅଜିତର ଜନ୍ମଦିନ ଆଡମ୍ବର ସହକାରେ ପାଳନ କରିବାକୁ ସ୍ଥିର ହେଲା । ସେହି ଅନୁସାରେ ଆୟୋଜନ ସାଜ ସଜ୍ଜା, ବନ୍ଧୁ ମିଳନ, ମନୋରଞ୍ଜନ କାର୍ଯ୍ୟକ୍ରମରେ ସବୁ ଠିକ୍ ଭାବରେ ପ୍ରସ୍ତୁତ କରାଗଲା । ସେକେଣ୍ଡ ଅଫିସରଙ୍କ ପିଅନଠାରୁ ଆରମ୍ଭ କରି କିରାଣି ବାବୁମାନେ ସମସ୍ତେ ଏ ଆୟୋଜନରେ ତତ୍ପର । କେଉଁଠୁ ମାଛ, କେଉଁଠୁ ଦହି କନିକା ପାଇଁ ସରୁ ଚାଉଳ ଏବଂ ଘିଅ ବା ତେଲ ଆସିବ ତାହା ସବୁ ଅଫିସର ବଡ ବାବୁ ଠିକ୍ କରିଦେଲେ ।

Digitized by srujanika@gmail.com

ମାନଙ୍କୁ ନିର୍ଦ୍ଦିଷ୍ଟ ସମୟରେ ନିଜ ଖର୍ଚ୍ଚରେ ଜିନିଷ ସବୁ ପହଞ୍ଚାଇ ଦେବାପାଇଁ ସମସ୍ତଙ୍କୁ ତାଗିଦ୍ କରିଦେଲେ । ବଡ ବାବୁ ଶତ୍ରୁଘ୍ନ ବରାଳ ଏସବୁ ବ୍ୟବସ୍ଥା କରିବାରେ ଅଭ୍ୟସ୍ତ ଓ ଅଭିଜ୍ଞ । ଅଫିସରଙ୍କ ଘରେ ଭୋଜି ହେବ । ସେଥିପାଇଁ ତାଙ୍କ ଘରୁ ଖରଚ ହେବ । ଏହା କିପରି କଥା ? ସବୁ ଅଫିସରଙ୍କ ଘରେ ଭୋଜି ଭାତର ଖରଚ ଏହି ଉପାୟରେ ଉଠେ । ଏହା କଣ ନୂଆ କଥା ? ବରାଳ ବାବୁଙ୍କୁ ଏସବୁ ଅଜଣା ନୁହେଁ । ସାହେବ ନୂଆ ହୋଇ ଆସିଛନ୍ତି । ମନନେଇ କାମଟା ଉଠାଇ ଦେଇପାରିଲେ ତେଣିକି ସି: ସି: ଆରରେ ସୁପାରିଶ ନିଶ୍ଚିତ । ପ୍ରମୋଶନ ଦରମା ବୃଦ୍ଧି ଆଜିପାଇଁ ରାସ୍ତା ସଫା ହୋଇଯିବ । ଅଫିସର ସବୁ କର୍ମଚାରୀ ଯେ ଲାଗି ପଡିଛନ୍ତି ସେମାନଙ୍କ ମନରେ ପ୍ରଚ୍ଛନ୍ନ ଭାବରେ ସେଇକଥା ରହିଛି ।

ଭୋଜିଭାତ, ବାହାସାହି, ମୃତାହା ଆଦି କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ସହରରେ ଜଣେ ଜଣେ ଜଣେ ଲୋକ ମିଳିଯାନ୍ତି । ଏମାନଙ୍କୁ ସ୍ୱେଚ୍ଛାସେବକ ନ କହି ପାଖଲୋକ କହିଲେ ଠିକ୍ ହେବ । ସବୁ ଅଫିସକୁ ସବୁ ଅଫିସରଙ୍କ ଘରକୁ ଏମାନଙ୍କର ଅବାଧ ପ୍ରବେଶ । ଏ ଶ୍ରେଣୀର ଲୋକଙ୍କୁ ତୋଷାମଦିଆ, ଟାଉଟର ବା ରାଜନୈତିକ କର୍ମୀ କୁହାଯାଇପାରିବ ନାହିଁ । ଏମାନେ ଗୋଟାଏ ସ୍ୱତନ୍ତ୍ର ଶ୍ରେଣୀର ସ୍ୱାର୍ଥ ସାଧନ ପାଇଁ ଏମାନେ କେତେବେଳେ କେଉଁ ରୂପରେ ଆବିର୍ଭୂତ ତାହା ଜାଣିବା କଷ୍ଟ । ଅଫିସରମାନେ ଏଇମାନଙ୍କ ଦ୍ୱାରା କିଛି କାମ ହାସଲ କରିବା ସଂଗେ ସଂଗେ ନିଜ ବିଷୟରେ ଲୋକମତ ସଂଗ୍ରହ ପାଇଁ ଏମାନଙ୍କୁ ବ୍ୟବହାର କରନ୍ତି । ତେଣୁ ସହରରେ ଏପରି ପରାନ୍ନଭୋଜୀ ଶ୍ରେଣୀର ଗୋଟିଏ ଗୋଷ୍ଠି ଯେ ଅଛନ୍ତି ଏହା ସ୍ୱୀକାର୍ଯ୍ୟ । କଟକର ରଘୁନାଥ ଗଡଡ଼ିଆ ଜଣେ ଏହି ଶ୍ରେଣୀର ଜଣାଶୁଣା ଲୋକ । ଅଜିତ୍‌ର ଜନ୍ମଦିନ ଉପଲକ୍ଷେ ଆୟୋଜନରେ ସେ ମୁଖ୍ୟ ଅଂଶ ଗ୍ରହଣ କରିଛନ୍ତି । ଅଜିତ୍ ବାପା ବୋଉଙ୍କୁ ଲତା, ତାର ବାପ ମାଙ୍କ ବିଷୟରେ ଆଗରୁ ଅବଗତ କରାଇଛନ୍ତି । ଲତାର ରୂପଗୁଣ ବର୍ଣ୍ଣନାରେ ସେ ଶତମୁଖୀ । ସୁରେଶ ବାବୁ, ତିଳୋତ୍ତମା ଦେବୀ ଯୁବା ପୁଅର ମନ.କଥା ବେଶ୍ ଧରି ପାରିଛନ୍ତି । ତେଣୁ ନିମନ୍ତ୍ରଣ

Digitized by srujanika@gmail.com

ପତ୍ରଟି ଅଜିତ୍ ନିଜ ହାତରେ ନେଇ ବିନୋଦ ବାବୁଙ୍କୁ ଦେଉ ଏଇକଥା ମନରେ ପାଞ୍ଚି ସୁରେଶ ବାବୁ ତାକୁ ପଠାଇଥିଲେ । ଅପେକ୍ଷା କରୁଥିଲେ ସପରିବାର ବିନୋଦ ବାବୁଙ୍କ ଉପସ୍ଥିତିକୁ । ଏତେ ବଡ ଜନ୍ମଦିନ ପାଳନ ଉତ୍ସବରେ ବିନୋଦ ବାବୁଙ୍କ ପରିବାରର ଉପସ୍ଥିତ ଥିଲା ସୁରେଶ ବାବୁଙ୍କ ମୁଖ୍ୟ କାମନା । ବିନୋଦ ବାବୁଙ୍କର ଉପସ୍ଥିତି ଯେତିକି ବିଳମ୍ବ ହେଉଥାଏ, ସୁରେଶ ବାବୁଙ୍କର ଉତ୍କଣ୍ଠା ସେତିକି ବଢୁଥାଏ । ଅଜିତ୍‌ର ଉତ୍କଣ୍ଠା ତାଠୁ ବେଶୀ । ବାପା ବୋଉଙ୍କ ସହ ଲତା ଆଜି ତାଙ୍କ ଘରକୁ ଆସିବ । ତା ପାଇଁ ନିଶ୍ଚୟ ଜନ୍ମଦିନ ଉପହାର ଆଣିଥିବ । ସମସ୍ତଙ୍କ ସହ ପରିଚୟ କେବଳ ନୁହେଁ ଭାବୀ ବନ୍ଧୁବାନ୍ଧବ ସମ୍ପର୍କ ପାଇଁ ବାଟ ଖୋଲିଯିବ । ଭବିଷ୍ୟତ ଜୀବନର ସୁଖମୟ କଳ୍ପନାରେ ଅନେକ ସ୍ୱପ୍ନ ଦେଖୁଥିଲା ଅଜିତ୍ ।

ଏତିକି ବେଳେ ରିକ୍‌ସାଟାଏ ଅଟକି ଗଲା ଫାଟକ ପାଖରେ । ଦୂରରେ ଦେଖି ପକାଇଲେ ସୁରେଶ ବାବୁ । ଚଞ୍ଚଳ ପାଦରେ ଫାଟକ ପାଖକୁ ଯାଇ ନମସ୍କାର କଲେ । କହିଲେ ଆସନ୍ତୁ, ଆସନ୍ତୁ, ସାମଲ ବାବୁ । କଥାରେ ତାଙ୍କର ସ୍ୱାଗତର ଆଳାପ । କହୁଁ କହୁଁ ବସିବା ସ୍ଥାନକୁ ପାଛୋଟି ନେଲେ ବିନୋଦ ବାବୁଙ୍କୁ । ବିନୋଦ ବାବୁଙ୍କୁ ଏକାକି ଦେଖି ଅଜିତ୍ ହତାଶ ହୋଇ ପଡିଲେ । ଲତା କାହିଁ ? ସେମାନେ କ'ଣ ପଛ ରିକ୍‌ସାରେ ଆସୁଛନ୍ତି ? ଫାଟକ ପାଖକୁ ଯାଇ ଅଜିତ୍ ଆଖି ପକାଇଲା କିନ୍ତୁ କାହିଁ କେହି ଦିଶୁ ନାହାଁନ୍ତି ।ଅଜିତ୍ ମନକୁ ମନ କହିଲା । ଏତେ ବଡ " ଯୋଜନା କ'ଣ ବ୍ୟର୍ଥ ହୋଇଯିବ । " ଭାବନାର ଜାଲ ଭିତରେ ଛନ୍ଦି ହୋଇଗଲା ଅଜିତ୍‌ର ମନପକ୍ଷୀ ।

ବନୋଦ ବାବୁଙ୍କୁ ସୋଫା ଉପରେ ବସାଉଁ ବସାଉଁ ସୁରେଶ ବାବୁ ପଚାରିଲେ ମିସେସ୍ କାହାନ୍ତି ? କଣ୍ଠରେ ତାଙ୍କର ବ୍ୟଗ୍ରତାର ସ୍ୱର । " ଆସି ପାରି ନାହାଁନ୍ତି । ଘରେ ଟିକିଏ ଅସୁବିଧା । ଗାଁରୁ ଲୋକମାନେ ଓ ସାନଭାଇ ଆସିଛନ୍ତି । "ଆଉ ଲତା" ବ୍ୟଗ୍ରତାର ସହ ପଚାରିଲେ ସୁରେଶ ବାବୁ । ସେ ମଧ ସେଇ କାରଣରୁ ଆସିପାରି ନାହିଁ ।

Digitized by srujanika@gmail.com

" ସମସ୍ତେ ଏ ଉତ୍ସବରେ ଯୋଗ ଦେଇଥିଲେ ଆମେ ଖୁବ୍ ଖୁସି ହୋଇଥାନ୍ତୁ ।"

"ସେ କଥା ଠିକ୍ ! ତେବେ "

" ଅଜିତ୍ ତା ବୋଉ ଏବଂ ପିଲା ସମସ୍ତେ ଲତା ପାଇଁ ଅପେକ୍ଷା କରିଥିଲେ ।" କଥା ଉପରେ କଥାଥୋଇଲେ ସୁରେଶ ବାବୁ ।

" ଅନ୍ୟ କେତେବେଳେ ବୁଲି ଆସିବେ "

" ଅନ୍ୟ ଦିନରେ ତ ଆଉ ଏପରି ଉତ୍ସବ ନ ଥିବ । " ମହାପାତ୍ରଙ୍କର ମୁହଁରେ ବିଷର୍ଣ୍ଣତା ।

" ଲତା କ'ଣ ଆସି ପାରି ନ ଥାନ୍ତା ?" ଅଜିତ୍ ପଚାରିଲା ।

" ସେ ଅତିଥିମାନଙ୍କ ଚର୍ଚ୍ଚାରେ ବ୍ୟସ୍ତ ଅଛି "

" ବୁଝିଲେ ସାର୍ ଲତା ଓ ଲତା ବୋଉ ଏଠାକୁ ଆସିବା ପାଇଁ କାହିଁକି ଏତେ ଗୁରୁତ୍ୱ ଦେଇ ସାହବ କହୁଛନ୍ତି, ତାହା ବୁଝି ପାରୁଥିବେ ସାର୍ । ଏ ବନ୍ଧୁ ମିଳନ ଜନ୍ମଦିନ ଉତ୍ସବରେ ସୀମିତ ନୁହେଁ । ଭବିଷ୍ୟତରେ ରକ୍ତ ସଂପର୍କ ପାଇଁ ଆୟମାରମ୍ଭ ।" ଗତଡ଼ିଆ ଅଭିନୟ କଲାପରି କହିଲେ । " ସେ ସବୁ ଈଶ୍ୱରଙ୍କର ଇଚ୍ଛା । ମଣିଷ ହାତରେ କିଛି ନାହିଁ " ଗମ୍ଭୀର ଭାବରେ କହିଲେ ବିନୋଦ ବାବୁ ।

" ମଣିଷର ଉଦ୍ୟମକୁ ଭଗବାନ୍ ଆର୍ଶୀବାଦ ଦିଅନ୍ତି " ସୁରେଶ ବାବୁ ଯୁକ୍ତି କଲେ ।

" ସେ କଥା ଠିକ୍ ଯେ ତେବେ ତାଙ୍କର ଅଦୃଶ୍ୟ ହାତର କରଣୀ ମଣିଷ ପକ୍ଷରେ ବୁଝିବା ଅସମ୍ଭବ " ଉତ୍ତର ଦେଲେ ସାମଲ ବାବୁ ।

ପତ୍ନୀଙ୍କର ଇଂଗିତ କ୍ରମେ ବିନୋଦ ବାବୁଙ୍କୁ ଘର ଭିତରକୁ ଡାକିନେଇ

Digitized by srujanika@gmail.com

ଅଜିତ୍ ଶୈଳାଜା, ଅନ୍ୟପିଲାମାନଙ୍କ ସହ ପରିଚୟ କରାଇଦେଲେ ସୁରେଶ ବାବୁ । ତିଳୋତ୍ତମା ଦେବୀ ମଧ୍ୟ ଲତା ବୋଉ ଓ ଲତାକୁ ସଂଗରେ ଧରି ତାଙ୍କ ବସାକୁ ଆସିବା ପାଇଁ ବାରମ୍ବାର ଅନୁରୋଧ କଲେ ।

ଭୋଜି ପରେ ବିନୋଦ ବାବୁ ଘରକୁ ଫେରିଲେ । ମନରେ ତାଙ୍କର ଅନେକ ପ୍ରଶ୍ନ, ଅନେକ ଆଶା, ଅଙ୍କାକ୍ଷା ଅନିଶ୍ଚିତତାର ଘାତ ପ୍ରତିଘାତ । □

= ଦଶ =

ପୁରୀ ଶିବିରରେ ଯୋଗଦାନ ପରେ ପରେ କିଶୋର ଯାଇଛି ଗାଁକୁ । ଉଦ୍ଦେଶ୍ୟ ଭାଉଜ ବୋଉଙ୍କ ଆଗରେ ଶିବିର କଥା, ଲତା ଓ ତା ବାପା ବୋଉଙ୍କ କଥା କହିବା ସଂଗେ ସଂଗେ ନିଜ ଗାଁରେ ପରିସ୍ଥିତି ବିଷୟରେ ଅନୁଧ୍ୟାନ କରିବ । କିଶୋର ଗାଁକୁ ଗଲାଦିନୁ ଲତା ମନଭଲ ନାହିଁ । ଦିନ ଗୁଡାକ ଭାରୀବୋଧ ହେଉଛି । ପଢ଼ି ବସିଲେ ମନ ଲାଗୁନାହିଁ । ଶିବିରରେ ଲେଖିଥିବା ନୋଟ ଓ ସେଠାରୁ କିଣିଥିବା ବହିଗୁଡାକ ପଢ଼ିବାକୁ ଯେତେ ଚେଷ୍ଟା କଲେ ମଧ୍ୟ ମନ ବାତ ଚକ୍ରପରି ଚଞ୍ଚଳ ହୋଇଘୁରୁଛି । କିଶୋରର ଅନୁପସ୍ଥିତି ତାକୁ ବହୁତ ବାଧୁଛି । ଗାଁକୁ ଯାଇଥିବାରୁ ଅଜିତ୍‌ର ଜନ୍ମ ଦିନରେ କିଶୋର ଯୋଗ ଦେଇ ପାରିନାହିଁ । ନିମନ୍ତ୍ରଣ କାର୍ଡଟି ତା ରୁମରେ ସେହିପରି ପଡି ରହିଛି ।

ଗତଥର କିଶୋର ଗାଁରେ ରହିଥିବା ବେଳେ ତା ମନରେ ସରସତା ନ ଥିଲା । ଏଥର କିନ୍ତୁ ତାର ବିପରୀତ । ଲଳିତା ଲକ୍ଷ୍ୟକଲେ ଘରେ ପାଦ ଦେବାଦିନୁ ଅନେକ ସମୟରେ କଲେଜ ଜୀବନ କଥା ସାଙ୍ଗ ସାଥୀଙ୍କ ସହ କଥାବାର୍ତ୍ତା କରେ । ଏହି କଥାବାର୍ତ୍ତା ବେଳେ ବିନୋଦ ବାବୁ ତାଙ୍କ ସ୍ତ୍ରୀ ମନୋରମା ତଥା ଲତା କଥା

Digitized by srujanika@gmail.com

କହେ । ସେ ଘରେ ସେ କିପରି ପୁଅପରି ଆଦର ପାଏ । ବିଶେଷତଃ ମନୋରମାଙ୍କ ଆନ୍ତରିକ ସ୍ନେହ ମିଳେ । ପୂନେଇ ପରବ ଏପରିକି ଘରେ ପିଠାପଣା ହେଲେ ତା ପାଖକୁ କିପରି ଡାକରା ଆସେ ସବୁ କହେ । ତାଙ୍କ ଝିଅ ଲତା କିପରି ସୁନ୍ଦରୀ । ସେ କିପରି ଭଲପଢ଼େ ଓ କଲେଜରେ ତାର ସୁନାମ, ତାର ସରଳ ଓ ମଧୁର ବ୍ୟବହାର ବିଷୟ ପୁରାଣ ପଣ୍ଡାଙ୍କ ପରି ଲଳିତାଙ୍କ ଆଗରେ ଗାଇଯାଏ । ଏସବୁ କଥା ଲଳିତାଙ୍କୁ ଶୁଣିବାକୁ ଭାରୀ ଭଲ ଲାଗେ । ସେ ମନେ ମନେ ଖୁସୀ ହୁଅନ୍ତି । ଭାବନ୍ତି ଯାହାହେଉ ଅରକ୍ଷିତକୁ ଦଇବ ସାହା । ପିଲା ଦିନୁଁ ମା ସ୍ନେହପାଇ ନାହାଁନ୍ତି । ବିଦେଶରେ ଦେଖାଶୁଣା କରନ୍ତା କିଏ ? ମନୋରମାଙ୍କ ପ୍ରତି କୃତଜ୍ଞତା ମନେ ମନେ ଜଣାନ୍ତି । ଲତା କଥା କହିବାବେଳେ କିଶୋରର କିପରି ଚଞ୍ଚଳ ହୋଇ ଉଠେ । ଲଳିତା ସେ ସବୁ ଲକ୍ଷ୍ୟ କରୁଥାନ୍ତି । ମନେ ମନେ କେତେ ଭାବନାର ଜାଲ ବୁଣିଯାନ୍ତି । ମାତ୍ର ପରମୂହୂର୍ତ୍ତରେ ନିଦରୁ ଉଠିଲାପରି ଫେରି ଆସନ୍ତି ବାସ୍ତବତାକୁ । କଳ୍ପନାର ସୂତାଖିଅ ଛିଡିଯାଏ । ସେ ପ୍ରକୃତିସ୍ଥ ହୁଅନ୍ତି । ଚୁପ ହୋଇଯାନ୍ତି । ଏ ଅବସ୍ଥାରେ ସେ ଆଉ ମାୟା କଥା ଉତ୍‌ଥାପନ କରିବାକୁ ସାହସ କରନ୍ତି ନାହିଁ । ସେଦିନ ଖାଇବା ସମୟରେ ପୁରୀ ଶିବିର କଥା କହୁଁ କହୁଁ ଲତାର ବୁଦ୍ଧି ଓ ତା ପ୍ରତି ଭକ୍ତି କଥା କହୁଥିଲା । ଲଳିତା କଥାର ମୋଡ ବଦଳାଇ କହିଲେ " ଲତାକୁ ଆମଘରକୁ ବହୂକରି ଆଣିଲେ ଭଲ ହୁଅନ୍ତାନି ? " କିଶୋର ଲାଜରେ ମୁହଁ ତଳକୁ କରି ରହିଲା । ପୁତୁରା ନୀଲୁ ଆସି ପହଞ୍ଚିବାରୁ ତାକୁ ଧରି ଗେଲ କଲା । ଲଳିତା ଉଠିଗଲେ ତାଙ୍କ କାମରେ । ତାଙ୍କ ମନର ସରସତା କାମରେ ତତ୍ପରତାରୁ ବେଶ୍ ଜାଣି ହେଉଛି ।

ଗାଁ ଲୋକେ ଗାଁର କେତେକ ବିଷୟ ଆଲୋଚନା ପାଇଁ ଏକତ୍ର ହୋଇଛନ୍ତି ଗାଁ ମଝିଛକ ସ୍ଥାନରେ । କେତେ ଆଡୁ କେତେ କଥା ପଡ଼ିଛି । କିଶୋର ଯାଇ ପଛରେ ବସିବାକୁ ଉଦ୍ୟମ କରିଥିଲା ମାତ୍ର ସମସ୍ତଙ୍କ ଅନୁରୋଧ କ୍ରମେ ସୀତାକାନ୍ତ ସାହୁଙ୍କ ପାଖରେ ବସିଲା । ସାହୁ ଆଲୋଚନା ପରିଚାଳନା କରୁଥିଲେ । ଗାଁରେ ତାକୁ ସମସ୍ତେ ମୁରବୀ ବୋଲି ମାନନ୍ତୀ । କିଶୋର ବସି ଆଲୋଚନା ଶୁଣୁଥିଲା, କିନ୍ତୁ କିଛି କହୁ ନ

Digitized by srujanika@gmail.com

ଥିଲା । ତାର ଉଦ୍ଦେଶ୍ୟ ଗାଁର ଲୋକଙ୍କ ଚରିତ୍ରକୁ ଅଧ୍ୟୟନ କରିବ । ଲୋକ ଚେତନା ମାପିବ । ଲୋକଶକ୍ତିର କଳନା କରିବ । ଗଠନ ମୂଳକ କାମରେ ଏସବୁକୁ କିପରି ବିନିଯୋଗ କରିହେବ ତାର ଗୋଟାଏ ମୋଟା ମୋଟି ଧାରଣା କରୁଥାଏ । ପୁରୀ ଶିବିରରେ ଆଲୋଚନାର ଆଧାର ଉପରେ ଏସବୁକୁ ସେ ଅଟକଳ କରୁଥିଲା । ସାହୁ ବେଳେ ବେଳେ ତାର ମତ ଲୋଡ଼ିଲେ ସେ କହେ " ଆପଣମାନଙ୍କ ଆଗରେ ମୁଁ ପିଲା ପାଠ ସିନା ପଢ଼ିଛି ମାତ୍ର ସଂସାର, ସମାଜ, କାମ ବିଷୟରେ ମୋର କି ଧାରଣା ଅଛି ? " ଉତ୍ତରରେ ସମସ୍ତେ ଖୁସୀ ହୁଅନ୍ତି ।

ଗାଁରୁ ଫେରି କିଶୋର ଶୋଇବା ସମୟରେ ଗାଁର ପରିସ୍ଥିତି ସଂପର୍କରେ ବିଶ୍ଳେଷଣ କରିବାକୁ ଲାଗିଲା । ଗାଁ ସମାଜ ସହରୀ ସମାଜଠାରୁ ସଂପୂର୍ଣ୍ଣ ଭିନ୍ନ । ଲୋକଙ୍କର ଏକତା ବିଷୟରେ ଯାହା କୁହାଯାଏ ତାହା ସଂପୂର୍ଣ୍ଣ କୃତ୍ରିମ । ଏଠାରେ ମଣିଷ ମଣିଷ ମଧ୍ୟରେ ବହୁତ ବାଡ଼ ବସିଛି । ମହାଜନ, ଖାତକ, ଥିଲାବାଲା, ନ ଥିଲାବାଲା, ମାଲିକ, ମୂଲିଆ ନାଁରେ ବାଡ଼ତ, ଛୁଆଁ, ଅଛୁଆଁ ନାଁରେ ଆଉ ଏକ ବାଡ଼ । ସମସ୍ତେ ନିଜ ନିଜର ସ୍ୱାର୍ଥପାଇଁ ସଚେତନ । ତେଣୁ ସଂଘର୍ଷ ଅନ୍ତ ସଳିଳା ଫଲଗୁ ନଦୀର ସ୍ରୋତପରି ଅଦୃଶ୍ୟ । ନିଜର ଅବସ୍ଥାକୁ ଉନ୍ନତ କରିବାପାଇଁ ଲୋକେ ଆଦୌ ସଚେତନ ନୁହଁନ୍ତି । ସମସ୍ତଙ୍କ ମନରେ ଭୟ ଏପରି ଜମାଟ ବାନ୍ଧି ଯାଇଛି ଯେ, ନିଜ ନିଜ ମତ ପ୍ରକାଶ କରିବାକୁ ଡରନ୍ତି । ଅଭିକ୍ରମ ଦେଖାଇବାରେ ସାହାସ ଏମାନଙ୍କର ନାହିଁ । ଏମାନଙ୍କ ଦ୍ୱାରା ଅନ୍ୟ ଦେଶର ଲୋକଙ୍କ ପରି ଅସମ୍ଭବ ଯେ ସମ୍ଭବ ହୋଇପାରିବ ସେ ବିଷୟରେ ଧାରଣା ନାହିଁ । ନିଜର ଶକ୍ତି ବିଷୟରେ ଆଦୌ ସଚେତନ ନୁହଁନ୍ତି । ମନର ଗଭୀରତମ ପ୍ରଦେଶରେ ଏ କଥା ସମସ୍ତଙ୍କର ଅଛି ଯେ, ତୁରନ୍ତ ଲାଭ ପାଇଗଲେ ଖୁସି ହୁଅନ୍ତେ । ନିଜେ କଷ୍ଟ ଉଠାଇବାକୁ ଆଗ୍ରହୀ ନୁହଁନ୍ତି । ପାରମ୍ପାରିକତାର ଏମାନେ ଶିକାର । ପରିବର୍ତ୍ତନ ପାଇଁ ଆଗ୍ରହ ନୁହଁନ୍ତି । ସ୍ୱଚ୍ଛତା ଏମାନଙ୍କଠାରେ ଏକାନ୍ତ ଅଭାବ । ଶହେରୁ ଅଶିଭାଗ ଲୋକ ନାନା ପ୍ରକାର ଋଣ ଭାରରେ ଚାପି ହୋଇ ରହିଛନ୍ତି । ସାହୁ ମହାଜନ ମାଲିକମାନେ ଏମାନଙ୍କୁ

Digitized by srujanika@gmail.com

ଶୋଷଣ କରି କରି ସାଧାରଣ ଜୀବନକୁ ଅନ୍ତସାର ଶୂନ୍ୟ କରି ସାରିଛନ୍ତି । ସାମୁହିକ ସଂକଳ୍ପ, ସାମୁହିକ ଯୋଜନା, ସାମୁହିକ କାର୍ଯ୍ୟ ବୋଲି କିଛି ନାହିଁ । ସଂଗଠନରୁ ଶକ୍ତି ଯେ ଆସେ, ତାହା ସେମାନଙ୍କର ଧାରଣାର ବାହାରେ । ସେହି କାରଣରୁ ସବୁ ଅନ୍ୟାୟ ଅତ୍ୟାଚାର ସହିବାରେ ଏମାନେ ଅଭ୍ୟସ୍ତ । ଏହି କାରଣରୁ ଧନୀ, ମହାଜନମାନେ ଖାତକ ସଂର୍ପକକୁ ଗାଁ ରାଜନୈତିକରେ ଯୋଡି ଗାଁର ଖଳ ସୃଷ୍ଟି କରିବାରୁ ଏକତା ନାହିଁ । ଗାଁରେ ବିଚାର ଠିକ୍‌ଭାବେ ମିଳେ ନାହିଁ । ଦୋଷୀ ଖସିଯାଏ । ନିରୀହ ଲୋକ ଦଣ୍ଡିତ ହୁଏ । ପାନ, ବିଡି, ଦୁକ୍ତା, ନାଶ, ଗୁଡାଖୁ, ଗଞ୍ଜେଇ ଆଦି ନିଶା ଦ୍ରବ୍ୟ ସେବନରେ ବହୁତ ପଇସା ଗାଁରୁ ବାହାରକୁ ଚାଲିଯାଏ । ଫଳ, ପରିବା, ଦୁଧ, ଦହି, ଘିଅ ଯାହା ଆମଦାନୀ ହୁଏ ତାକୁ ଲୋକେ ନିଜେ ବ୍ୟବହାର କରନ୍ତି ନାହିଁ । ପଇସା ପାଇଁ ସବୁ ବିକ୍ରି କରିଦିଅନ୍ତି । ପାଚିଲା କଦଳୀ ବିକି ତା ବଦଳରେ କିଣନ୍ତି ଗୁଡାଖୁ । ଘରେ ଘରେ ନାଲି ଚା ପିଇବାରେ ଅଭ୍ୟାସ ଲୋକେ କଲେଣି । ସାଂସ୍କୃତିକ କାର୍ଯ୍ୟ ସହରୀ ଲୋକଙ୍କ ଠାରୁ ଶିଖି ବିକୃତ କରି ସାରିଲେଣି । ସବୁଠି ଲୋକ ଦେଖାଣିଆ ମନୋବୃତ୍ତି । ଗାଁରେ ଶହେରୁ ଅନେଶତ କଳି ଜମିବାଡିକୁ କେନ୍ଦ୍ରକରି ହୋଇଥାଏ । ଧନୀ ମହାଜନ ମାନଙ୍କୁ ଦେଖି ସାଧାରଣ ଲୋକେ ମଧ୍ୟ ଗୋଚରକୁ ଚାଷକରି ଗଲେଣି । ଫଳତଃ ଗ୍ରାମରେ ଗୋଚର ଅଭାବ । ପଶୁ ସଂପଦ କ୍ରମେ ଦୁର୍ଦ୍ଦଶା ଗ୍ରସ୍ତ । ସବୁଠୁ ବଡ ଶୋଷଣ ସହର ଦ୍ୱାରା ଗାଁକୁ କରାଯାଉଛି । କୃଷିଜାତ ଦ୍ରବ୍ୟ ଓ ଶିଳ୍ପଜାତ ଦ୍ରବ୍ୟର ବିନିମୟ ମୂଲ୍ୟମଧ୍ୟରେ ଏତେ ଅଧିକ ବ୍ୟବଧାନ ଯେ ଦିନକୁ ଦିନ ଲୋମାନେ ଦାରିଦ୍ର୍ୟର ସୀମାରେଖା ତଳକୁ ଯିବାରେ ଲାଗିଛନ୍ତି । ବନ୍ୟା, ମରୁଡି, ବାତ୍ୟା, ଜନୀତ କ୍ଷୟକ୍ଷତି ପୂରଣ ହୋଇପାରେ ନାହିଁ । ମଝିରେ ସରକାରୀ କର୍ମଚାରୀ, ରାଜନୈତିକ ନେତା, ଗାଁ ଟାଉଟର ଫାଉରେ ମାରି ନିଅନ୍ତି । ଯୋଜନାର ସୁଫଳ ଏମାନଙ୍କୁ ମିଳେନାହିଁ । ସ୍ୱାଧୀନତାର ମଧୁ ଏମାନଙ୍କ ପକ୍ଷେ ସ୍ୱପ୍ନ । ସାମ୍ବିଧାନିକ ଅଧିକାର ବିଷୟରେ ଏମାନେ ଅଜ୍ଞ । ଏଇଅବସ୍ଥାରେ ଆମ ଦେଶରେ ଗଣତନ୍ତ୍ର ଚାଲୁଛି । ଭୋଟର ମୂଲ୍ୟ ଲୋକେ ବୁଝନ୍ତି ନାହିଁ ଏହି ପରିସ୍ଥିତିରେ ।

Digitized by srujanika@gmail.com

ବ୍ୟକ୍ତି କିପରି ସମାଜକୁ ଶୋଷଣ କରୁଛି ତାର ସ୍ପଷ୍ଟ ଚିତ୍ର ଏଠାରେ ଦେଖିବାକୁ ମିଳେ । କିଶୋର ଗାଁର ଅବସ୍ଥା ବିଷୟରେ ଯେତିକ ଭାବିବାକୁ ଲାଗିଲା, ସେତିକି ସମୁଦ୍ରର ସରୁ ବାଲିରେ ଗୋଡ ତଳକୁ ତଳକୁ ଦବିଗଲା ପରି ଅନୁଭବ କଲା । ଆମର ଗ୍ରାମ ସମାଜ ବିଷୟରେ ସେ ଯେଉଁ ଉଚ୍ଚଧାରଣା କରିଥିଲା ତାହା ଓଲଟ ପାଲଟ ହେବାରେ ଲାଗିଲା । ଗାଁର ଏକତା ଖଣ୍ଡିଏ ପତଳା ସାଧାସିଧା କନାପରି ଉପରକୁ ଦିଶୁଛି । ହାତ ମାରିଦେଲେ ଟୁକୁରା ଟୁକୁରା ହୋଇ ଛିଡିଯିବ । କିଶୋରକୁ ଏ ଚିନ୍ତା ଅବଶ କରି ପକାଇଲା । କେତେବେଳେ ଆଖିକୁ ନିଦ ଆସିଛି ତାକୁ ଜଣା ନାହିଁ । ସକାଳ ହେଲାରୁ ବାପା, ଭାଇ, ଭାଉଜଙ୍କ ଠାରୁ ବିଦାୟ ନେଇ କଟକ ବାହାରିଲା । □

= ଏଗାର =

ଆଜି କଲେଜର ପଶ୍ଚିମ ଛାତ୍ରାବାସର ସାଂସ୍କୃତିକ ଉତ୍ସବ ମହାସମାରୋହରେ ପାଳନ କରାଯିବାର ବ୍ୟବସ୍ଥା ହୋଇଛି । କଲେଜର ଅଧ୍ୟକ୍ଷ ଉତ୍ସବରେ ସଭାପତିତ୍ୱ କରିବେ । ମୁଖ୍ୟବକ୍ତା ଓ ମୁଖ୍ୟ ଅତିଥି ରୂପେ ଯୋଗ ଦେଉଛନ୍ତି ସମ୍ବଲପୁର କଲେଜରେ ଓଡିଆ ବିଭାଗର ଅଧ୍ୟାପକ ଶ୍ରୀ ବିଷ୍ଣୁମୋହନ ଶତପଥୀ ଏବଂ ସମାଜ ସେବୀ ଶ୍ରୀ ହରମୋହନ ମିଶ୍ର । ବକ୍ତୃତା ପ୍ରତିଯୋଗିତା, ପୁରସ୍କାର ବିତରଣ, ଭୋଜି ସାଙ୍ଗକୁ ଏକ ନାଟକାଭିନୟ ରଖାଯାଇଛି ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟରେ ।

ରାତି ନଅଟା ବେଳକୁ ଦର୍ଶକସ୍ଥାନ ଭରପୁର । ସହରରୁ ବହୁ ବିଶିଷ୍ଟ ଭଦ୍ରବ୍ୟକ୍ତି, ସରକାରୀ କର୍ମଚାରୀ ଏଥିରେ ଅର୍ନ୍ତଭୁକ୍ତ । କଟକର ବଡ ଅଫିସରମାନେ ଉପସ୍ଥିତ । ଦର୍ଶକ ଗ୍ୟାଲେରୀର ସାମନା ଧାଡିରେ ବସିଛନ୍ତି ସପରିବାର ସେକେଣ୍ଡେ

Digitized by srujanika@gmail.com

ଅଫିସର ସୁରେଶ ମହାପାତ୍ର । ତାଙ୍କ ଡ଼ାହଣକୁ ମାତ୍ର ଦୁଇଟି ସ୍ଥାନ ଛାଡି ବିନୋଦ ସାମଲ ଓ ପତ୍ନୀ ମନୋରମା ଆସନ ଗ୍ରହଣ କରିଛନ୍ତି । ଆଜିର ଆର୍କଷଣ ଏକ ନୂଆ ମନସ୍ତାତ୍ତ୍ୱିକ ନାଟକ " ସୀମାନ୍ତ ଭେରୀ " ଲେଖିକା ଅଧ୍ୟାପିକା ଶିଖା ଚୌଧୁରୀ ପ୍ରଯୋଜନା ନିର୍ଦ୍ଦେଶନା ସବୁ ଶ୍ରୀମତୀ ଚୌଧୁରୀଙ୍କର । ନାୟକ ଭୂମିକାରେ କିଶୋର ଓ ନାୟିକା ଭୂମିକାରେ ଅଭିନୟ କରିବେ ମିସ୍ ଲତା ସାମଲ । ଉତ୍ସାହ ଉଦ୍ଦୀପନା ଆଗ୍ରହ ସମସ୍ତଙ୍କ ମନକୁ ଉଦ୍‌ବେଳିତ କରୁଛି । ସବୁଠାରୁ ବେଶୀ ଆର୍କଷଣ ଲତା । ମଞ୍ଚ ଅଭିନୟ ପାଇଁ ସେ କେବଳ କଲେଜରେ ନୁହେଁ ସହରରେ ମଧ୍ୟ ସମସ୍ତଙ୍କର ପ୍ରଶଂସାର ପାତ୍ରୀ ହୋଇଛି । କଲେଜ ଡ୍ରାମାରେ ସେ ବହୁବାର ଅଭିନୟ କରିଛି । କିନ୍ତୁ ଯେଉଁଥର କିଶୋର ନାୟକ ଭୁମିକାରେ ନ ଓହ୍ଲାଇଛି ସେ ଅଭିନୟ କରିବାକୁ ମନା କରିଦେଇଛି । ଆଜି ସଂଧ୍ୟାରେ ଅଭିନୟ ବୋଧହୁଏ ଲତା ଓ କିଶୋରର ଶେଷ ଅଭିନୟ । ଏଥିପାଇଁ ସମସ୍ତଙ୍କର ନାଟକ ଦେଖି ଉପଭୋଗ କରିବାର ଆକାଂକ୍ଷା ବହୁତ ବେଶୀ ।

" ସୀମାନ୍ତ ଭେରୀ " ଚୀନ ଭାରତ ଯୁଦ୍ଧକୁ ଭିତ୍ତିକରି ଲିଖିତ । ଦେଶ ମାତୃକାର ସ୍ୱାଧୀନତା, ସମ୍ମାନ ରକ୍ଷାପାଇଁ ଆକୁମାରୀ ହିମାଚଳ ଦେଶବାସୀଙ୍କ ମଧ୍ୟରେ ଅଭୂତପୂର୍ବ ଜାଗରଣ । ବିଶେଷତଃ ଯୁବ ସମାଜ ରଣକ୍ଷେତ୍ରକୁ ଡେଇଁବାକୁ ସମୁଦ୍ୟତ । ବିନୟ ସେନାପତି ଭୁମିକାରେ କିଶୋର ଅଭିନୟ କରୁଛି । ନବ ବିବାହିତା ଶ୍ରୀମତୀ ନିରୁପମାର ଭୁମିକାରେ ଲତାର ଅଭିନୟ ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଛି । ଘନ ଘନ କରତାଳି ହର୍ଷଧ୍ୱନି ମଧ୍ୟରେ ହର୍ଷ ବିବାଦର ଚପଳତା ଦର୍ଶକମାନଙ୍କ ମନରେ ବୋଳି ଦେଇ ଲତା ଓ କିଶୋର ଗୋଟିକ ପରେ ଗୋଟିଏ ସିନ୍‌ରେ ଅବତୀର୍ଣ୍ଣ । ଅଭିନୟ ଅକ୍ଷୁର୍ଣ୍ଣ ଭାବରେ ଚାଲିଛି । ଲତାର ଅଭିନୟ ଦେଖି ସୁରେଶ ମହାପାତ୍ର ଓ ପତ୍ନୀ ତିଳୋତ୍ତମା ମହା ଆନନ୍ଦରେ ବିଭୋର । ମନେ ମନେ କେତେ ସୁଖସ୍ୱପ୍ନ ଦେଖିବାର ବ୍ୟସ୍ତ । ଦର୍ଶକ ମଧ୍ୟରେ କେହି ଆଲୋଚନା କରୁ ନାହାଁନ୍ତି । କେବଳ ପରସ୍ପରକୁ ଥରେ ଥରେ ଚାହିଁ ନିଜ ନିଜର ମନକଥା ପ୍ରକାଶ କରୁଛନ୍ତି । ଭାବଭଙ୍ଗିରୁ

Digitized by srujanika@gmail.com

ଏ କଥା ସ୍ପଷ୍ଟ ।

ନାଟକର ବିଜୟ ସେନାପତି ଇଷ୍ଟାର୍ଣ୍ଣ କମେଣ୍ଡର ଜଣେ ଜୁନିୟର କମିସନର । ଦୁଇମାସ ତଳେ ନିରୁପମାଙ୍କ ସହିତ ତାଙ୍କର ବିବାହ ହୋଇଛି । ସେଥିପାଇଁ ସେ ଛୁଟିରେ ଘରକୁ ଆସିଛନ୍ତି । ଚୀନ୍ ଭାରତ ମଧ୍ୟରେ ଯୁଦ୍ଧ ଲାଗିଯିବାରୁ ତାଙ୍କୁ ତୁରନ୍ତ କାମରେ ଯୋଗଦେବାକୁ ତାରବାର୍ତ୍ତା ପାଇଲେ । ଯୁଦ୍ଧକ୍ଷେତ୍ରକୁ ଯିବାକୁ ହେବ ନବଲଳନା ନିରୁକୁ ପଛରେ ଛାଡ଼ି ।

ବିଜୟର ବିଦାୟ ମୂହୁର୍ତ୍ତ । ଗୋଟିଏ ଦିଗରେ ଯୁଦ୍ଧଭୂମିର ଆହ୍ୱାନ ଅନ୍ୟ ଦିଗରେ ପ୍ରାଣର ନିରୁପମାର ପ୍ରେମର ବନ୍ଧନ ଏ ବନ୍ଧନକୁ ଛିନ୍ନ କରିବା କଠିନ । ବିଜୟ ସାହସ ବାନ୍ଧିଛି । ଦେଶପ୍ରତି, ଜାତିପ୍ରତି ତାର ମହାନ୍ କର୍ତ୍ତବ୍ୟ ରହିଛି । ଛଳଛଳ ଆଖି, ଗଦଗଦ ସ୍ୱରରେ ନିରୁ ପାଖକୁ ପାଖେଇ ଆସି କହିଲେ " ଏବେ ବିଦାୟ ଦିଅ " ନିରୁର ଚକ୍ଷୁ ଦୁଇଟି ଅଶ୍ରୁଳ । ମଧୁରାତି ସରିନାହିଁ । ଆକାଶରେ ଜହ୍ନ ନଇଁ ଆସି ନାହିଁ । କୋଇଲିର କଣ୍ଠ ନୀରବ ହୋଇନାହିଁ । ଭରା ଯୌବନରେ ଉତ୍ତାଳ ତରଙ୍ଗ ବିଜୟର ସ୍ପର୍ଶପାଇଁ ଆକୁଳିତ ପୁଣି ଛନ୍ଦାଇତ । ନାଲି ଓଠ ଦୁଇଟି କମ୍ପମାନ । ବିଜୟର ଆଲିଙ୍ଗନପ୍ରୟାସିନୀ ନିରୁ ଢ଼ଳି ପଡିଛି ସ୍ୱାମୀଙ୍କ ଛାତିରେ । ବିଜୟ ପତ୍ନୀଙ୍କୁ ଛାତିରେ ଭିଡିଧରି ଗୋଲାପୀ ଗଣ୍ଡରେ ଚୁମ୍ବନ ରେଖା ଅଙ୍କନ କଲେ । " ଲତାର ସମଗ୍ର ଶରୀରରେ ବେପଥୁ । ଦେହମନ ପ୍ରାଣର ଅନୁଭବ କଲା ଏକ ଅପୂର୍ବ ପୁଲକ, ସ୍ୱର୍ଗୀୟ ଆନନ୍ଦ । କିଶୋର ଲତାର ସ୍ପର୍ଶରେ ବିଜୁଳିର ପ୍ରବାହ ପରି ସମଗ୍ର ଶରୀରରେ ଅନୁଭବ କଲା ଏକ ନୂତନ ଶିହରଣ । ଅଦ୍ଭୁତ ସେ ଅନୁଭବ ଅସରନ୍ତି ତାର ପୀଡନ । ଯୁବ ହୃଦୟରେ ମିଳନ ମୂହୁର୍ତ୍ତରେ ଆବେଗ, ରୋମାଞ୍ଚ ଅନୁଭବ କଲା କିଶୋର । ନିରୁ ଗଳ-ବସ୍ତ୍ର ହୋଇ ବିଜୟର ପାଦତଳେ ପ୍ରଣତି ଜଣାଇଲା । ମା ମଂଗଳା, କୁଳଦେବତା ରାଧାମାଧବଙ୍କର କୃପାଭିକ୍ଷା କଲା ସ୍ୱାମୀଙ୍କର ମଂଗଳ ଓ ନିରାପତ୍ତା ପାଇଁ । ଅତି କଷ୍ଟରେ ଆକୁଳ କଣ୍ଠରେ କହିଲେ ନିରୁ " ମୋତେ ଭୂଲି ଯିବ ନାହିଁ

Digitized by srujanika@gmail.com

ଶ୍ରୀଘ୍ର ଫେରିଆସିବ । '' ନିରୁକୁ ଧୀରେ ଧୀରେ ଉଠାଇ ଆଖିରେ ଆଖି ମିଶାଇ ବିଜୟ ଘୁଞ୍ଚି ଘୁଞ୍ଚି ଯାଉଛି ପଛକୁ ମଞ୍ଚର ଅନ୍ତରାଳକୁ ।

ମଞ୍ଚ ଉପରେ ଲତା ଛିଡା ହୋଇଛି । କିଶୋରର ନିସ୍କ୍ରାନ୍ତ ପଥକୁ ଚାହିଁ । କାଠପିତୁଳାଟି ପରି ନିଶ୍ଚଳ ନସ୍ପନ୍ଦ ସେ । ସେ ଅଭିନୟ କରୁଛି ବୋଲି ଜାଣିଛି । କେଉଁ ଏକ ନିଷ୍ଠୁର ବାସ୍ତବତା ଭାବି ଜ୍ଞାନଶୂନ୍ୟ ହୋଇ ପଡ଼ିଛି । ଏକ ଅଶୁଭ ଆଶଙ୍କାରେ ତାର ମନ ଭରି ଯାଇଛି । ଡ୍ରପସିନ ପଡିଲା । ଲତା ମୁହଁ ଫେରାଇ ଅନ୍ୟ ଦିଗରେ ଅନ୍ତରାଳ ଆଡକୁ ଅଗ୍ରସର ହେଲା ।

ଦର୍ଶକ ମାନଙ୍କର କରତାଳି, ହର୍ଷ ଧ୍ୱନିରେ ଗୃହ କିଛିକ୍ଷଣ ପାଇଁ ମୁଖରିତ । ପ୍ରଶଂସା ସୂଚକ ଧ୍ୱନିରେ ସାଙ୍ଗ ସାଥୀ ଯୁବ ବନ୍ଧୁମାନେ ଲତା କିଶୋରଙ୍କର ଏହି ଅଭିନୟକୁ ସଂବର୍ଦ୍ଧନା ଜଣାଇଲେ । ଏପରି ଅକ୍ଷୁର୍ଣ୍ଣ ଅଭିନୟ ଓ ଅମ୍ଳାନ ଚରିତ୍ର ଚିତ୍ରଣରେ ଦକ୍ଷତା ଦେଖାଇଥିବାରୁ ନିର୍ଦ୍ଦେଶିକା ଅଧ୍ୟାପିକା ଶିଖା ଚୌଧୁରୀ ଗ୍ରୀନ୍ ରୁମକୁ ଯାଇ କିଶୋର ସହ କରମର୍ଦ୍ଦନ କଲେ ଏବଂ ଲତାକୁ କୋଳ କରିପକାଇଲେ । ମୋର ଲେଖନୀ ସାର୍ଥକ ଓ ନିର୍ଦ୍ଦେଶନା ସଫଳ ହୋଇଛି ଲତା । କିଶୋର ଓ ଲତା ଉଭୟେ ମିଶେସ୍ ଚୌଧୁରୀଙ୍କର ପାଦଧୁଳି ନେଲେ । ଲତା ନୀରବ । ତାର ଛାତି ଥରୁଛି । ପାଟିରୁ ଭାଷା ବାହାରୁ ନାହିଁ । କିଶୋରର ମୁହଁକୁ ଚାହିଁ ପାରୁନାହିଁ । ସମଗ୍ର ଶରୀର ଅବଶ । କିଶୋର ଲତାର ଏଭାବକୁ ଲକ୍ଷ୍ୟ କରୁଥିଲା । ଅଭିନୟ ଶେଷରେ ଗ୍ରୀନ୍ ରୁମଦ୍ୱାର ଦେଶରେ ଅପେକ୍ଷା କରିଛନ୍ତି ସୁରେଶ ବାବୁ, ତିଳୋତ୍ତମା, ଶୈଳଜା, ଅଜିତ୍ ଓ ଅନ୍ୟପିଲାମାନେ । ଲତାର ବାପା ମାଆ ମଧ୍ୟ ସେଠାରେ ଉପସ୍ଥିତ । ଲତା କିଶୋର ବାହାରକୁ ଆସିବା ମାତ୍ରେ ତିଳୋତ୍ତମା ଲତାକୁ କୁଣ୍ଢାଇ ପକାଇଲେ । '' ବାସ୍ତବିକ ତୋର ଅଭିନୟ ଅତି ସୁନ୍ଦର ହୋଇଛି ମା । '' ଅଭିନୟ ଦେଖୁ ଦେଖୁ ନିଜକୁ ଭୁଲିଯାଇଥିଲି ନିରୁର ବିଦାୟକାଳୀନ ଦୁଃଖକୁ ମୁଁ ଅଂଗେ ଅଂଗେ ଅନୁଭବ

Digitized by srujanika@gmail.com

କରୁଥିଲି । ମିଃ. ମହାପାତ୍ର ମଧ୍ୟ ଅନୁରୂପ ମନ୍ତବ୍ୟ ଓ ପ୍ରଶଂସା କଲେ । ଲତା ଓ କିଶୋର ମିଷ୍ଟର ମହାପାତ୍ର ଓ ମିସେସ୍ ମହାପାତ୍ରଙ୍କର ପଦଧୂଳି ନେଲେ ବାପାବୋଉଙ୍କର ମଧ୍ୟ । ମିସେସ୍ ମହାପାତ୍ର '' ପର୍ଶରୁ ଦୁଇଟି ପଚାଶ ଟଙ୍କିଆ ନୋଟ ବାହାର କରି ଦୁଇଜଣଙ୍କ ହାତରେ ଧରାଇ ଦେବାବେଳେ ମି. ମହପାତ୍ର କହିଲେ କିଶୋର ଓ ଲତାଙ୍କୁ ସଂବର୍ଦ୍ଧନା ଦିଆଯିବ ଆମଘରେ । ଗାଡି ପଠାଇଦେବି । ଆପଣ ଆସିବେ ମିଃ ସାମଲ । ଅଜିତ ଏ ଦୃଶ୍ୟ ଦେଖୁଁ ଦେଖୁଁ ମନରେ ଅସରନ୍ତି ସୁଖ ସ୍ୱପ୍ନର ଚିତ୍ର ଆଙ୍କିବାରେ ବ୍ୟସ୍ତ । ଶୈଳଜା ଥରେ ଥରେ କିଶୋର ଆଡକୁ ଚାହିଁ ପୁଣି ତଳକୁ ମୁହଁ ପୋତି ଦେଉଛି । କେଉଁ ଆଶାର ମରିଚୀକା ପଛରେ ସେ ଧାଇଁବାକୁ ଆରମ୍ଭ କରିଛି ତାହା କେବଳ ତାକୁ ହିଁ ଜଣା । କିଶୋର ଶୈଳଜାର ଏ ଅବସ୍ଥା ପ୍ରତି ଆଦୌ ଲକ୍ଷ୍ୟ କରିନାହିଁ । □

= ବାର =

ଖରାଦିନ ଭାରୀ ଗରମ ହେଉଥାଏ । ରାତି ଅଧପର୍ଯ୍ୟନ୍ତି ଦେହରୁ ଗମଗମ ଝାଳ ବହିବା ଯୋଗୁଁ ଆସ୍ୱସ୍ତି ଲାଗୁଛି । କିଶୋର ହଷ୍ଟେଲ ଛାଡି ନାହିଁ । ବାରଣ୍ଡାରେ ଗୋଟିଏ ଚେୟାର ଉପରେ ବସି ଆକାଶକୁ ଚାହିଁ ରହିଛି । ତାରା ଗୁଡାକ ମିଟି ମିଟି ଆଖି ଖୋଲି ଖୋଲି ହସରେ ଆକାଶ ଫଟେଇ ଦେଉଛନ୍ତି । କିଶୋର ମନରେ ଭାବେ ଏ ତାରା ଗୁଡାକ ଯେମିତି କେତେ କଥା କହିବାକୁ ଛଳନା କରୁଛନ୍ତି । ମନରେ ଅସରନ୍ତି ଭାବନା ।

କାଲି ପରୀକ୍ଷାଫଳ ବାହାରିବ । ଲତା କେଉଁ ଶ୍ରେଣୀରେ ପାଶ୍ କରିବ । ସେଇଟା ଜାଣିବା ପାଇଁ ବ୍ୟଗ୍ର । ନିଜ କଥା ସେ ଭାବୁ ନ ଥାଏ । ରାତି ପାହିଲେ ଖବର କାଗଜ ଧରି ସେ କିପରି ଲତା ପାଖକୁ ଯାଇ ଆଗ ଖବର ଦେବ । ସେହି

Digitized by srujanika@gmail.com

ଉତ୍ସାହରେ ମନ ଚଞ୍ଚଳ । ହଷ୍ଟେଲର ପଛପଟ ନିଦ୍ରାବତୀ ଗଛ ଡାଳରେ କୁଆମାନେ କା କା କଲେ । କିଶୋରର ନିଦ ଭାଙ୍ଗିଗଲା । ସଂକ୍ଷେପରେ ନିତ୍ୟକର୍ମ ସାରିଦେଇ ଗଲା ସମାଜ ଅଫିସକୁ । ପରିକ୍ଷାର୍ଥୀ ମାନଙ୍କର ଭିଡ ସେଠାରେ । ସମସ୍ତଙ୍କ ମନରେ ଉଦ୍‌ବେଗ । ଆଶା ନିରାଶାରେ ସମସ୍ତଙ୍କ ମନ ଉଦ୍‌ବିଗ୍ନ । କିଏ କେତେକଥା ଭାବି ଯାଉଛନ୍ତି । ସମସ୍ତେ ଉତ୍କଣ୍ଠିତ । ସମ୍ବାଦ ପତ୍ର କେତେବେଳେ ମିଳିବ । ସେଦିନ ସମାଜ ପ୍ରେସ୍‌ରୁ ବାହାରିବା ବେଳକୁ ଅପରାହ୍ଣ ଚାରିଟା ।

ହକର ମାନଙ୍କୁ ଘେରି ଯାଇଛନ୍ତି ପରୀକ୍ଷାର୍ଥୀମାନେ । ପ୍ରତ୍ୟେକ କାଗଜ ପାଇଁ ମୂଲ୍ୟଠାରୁ ଆଜି ଅଧିକ ଦେବାକୁ ପଡୁଛି ଓ ପଇସା ଗଣିବା କାଗଜ ଯୋଗାଇବାରେ ହକର ମାନଙ୍କର ପ୍ରତିଯୋଗିତା ।

ମନ ଭିତରେ ବ୍ୟଗ୍ରତା ଏତେ ବେଶୀ ଯେ ନିଜ ନାଁ ଲତା ନାଁ ଉପରେ ଆଖି ପଡୁନାହି । କିଶୋର ଅନୁଭବ କଲା ଦ୍ୱିତୀୟ ଥର ପଢ଼ିବାରେ ଜାଣିଲା ଲତା ଓ ସେ ପ୍ରଥମ ଶ୍ରେଣୀରେ ପାଶ୍ କରିଛନ୍ତି । ସମାଜ ଅଫିସର କ୍ୟାଣ୍ଟନରୋଡକୁ ରାସ୍ତାକୁ ମାତ୍ର କେତୋଟି ସେକେଣ୍ଡରେ ଅତିକ୍ରମ କରି ଫାଟକ ନିକଟରେ ଡାକ ପକାଇଲା ଲତା-ଲତା-ତୁ ପ୍ରଥମ ଶ୍ରେଣୀ ପାଶ୍ କରିଛୁ । ପାଟିରୁ କଥା ନ ସରୁଣୁ କିଶୋର ବାରଣ୍ଡାରେ ଉପସ୍ଥିତ । ଲତା ବାହାରକୁ ଆସିଛି ବ୍ୟଗ୍ର ହୋଇ । ଆନନ୍ଦରେ ମୁଖ ଉଜ୍ଜଳ । ସରୁ ସରୁ ଓଠ ଭିତରୁ ମୃଦୁ ମୃଦୁ ହସ ସେ ଉଜ୍ଜ୍ୱଳତାକୁ ବଢ଼ାଇ ଦେଇଛି । ମୁକ୍ତା ପଙ୍କ୍ତି ପରି ଦାନ୍ତର ଶୋଭାକୁ ଉପମା ନାହିଁ । ହର୍ଷୋତ୍‌ଫୁଲ୍ଲ ଲତାର ଶୋଭା ମାଧୂରୀକୁ କିଶୋର ଆଖିଦୁଇଟିରେ ଆକଣ୍ଠ ପାନ କରୁଥିଲା ।

କାଗଜଟି କିଶୋର ହାତରୁ ଛଡାଇ ନେଇ “ ଆଉ ତମେ ?” ଲତାର ସ୍ୱରରେ ଉତ୍କଣ୍ଠା । କିଶୋର କିଛି ଉତ୍ତର ନ ଦେଇ କେବଳ ମୃଦୁ ହସରେ ସଫଳତାର ସୂଚନା ଦେଲା ।

Digitized by srujanika@gmail.com

ଲତାର ଚଞ୍ଚଳ ଚକ୍ଷୁଦୁଇଟି କାଗଜରୁ କିଶୋର ନାମଟି ଖୋଜି ବାହାର କରିବାକୁ ବେଶୀ ସମୟ ନେଲେ ନାହିଁ । ଲତାର ମୁହଁ ଆହୁରି ଉଜ୍ଜଳ ହୋଇ ଉଠିଲା କିଶୋର ସାମନ୍ତରାୟ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଲତାର ଗୋଡ ତଳେ ଲାଗୁନାହିଁ । ଭିତରକୁ ଦୌଡି ଦୌଡି ଯାଇ ମନୋରମାଙ୍କୁ ଖବରଟା ଶୁଣାଇ କହିଲା ବୋଉ, କିଶୋର ଭାଇ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାଶ୍ କରିଛନ୍ତି । ପଛେ ପଛେ ଯାଇ ଟିକିଏ ଦୂରରୁ କିଶୋର କହିଲା .... ଲତା ପ୍ରଥମ ଶ୍ରେଣୀ ପାଇଛି ।

ମନୋରମାଙ୍କର ଆନନ୍ଦ କହିଲେ ନ ସରେ । ଘରଭିତରୁ ଦୁଇଟି ଛେନାଗଜା ଆଣି ଦୁହିଁଙ୍କ ପାଟିରେ ପୂରାଇ ଦେଲେ । ଲତା ଓ କିଶୋର ପାଦଧୂଳି ନେଲେ । କିଶୋର ଲତା ଫେରି ଆସିଲେ ଲତାର ପଢ଼ା ଘରକୁ । ମୁହାଁ ମୁହିଁ ବସିଲେ ଦୁଇଟି ଚୌକିରେ କେତେ ଦିନର ଶ୍ରମରୁ ସୁଫଳ ମିଳିଲା । ଲତାର ଆନନ୍ଦର ସୀମା ନାହିଁ । ବେଶୀ ଆନନ୍ଦ କିଶୋରର କୃତିତ୍ୱରେ ।

" କି କୁହୁକ କଲମ ! ଏକା ଥରକେ ପ୍ରଥମ ଶ୍ରେଣୀରେ ପ୍ରଥମ । ସାରା ରାଜ୍ୟରେ ପରୀକ୍ଷାର୍ଥୀ ମାନେ ତମ ନାମ ମନେ ରଖିଥିବେ । ଛଳେଇ ଛଳେଇ କୌତୁକ କଲା ଲତା ।

" କୁହୁକ ନୁହଁ । ଶକ୍ତି ଓ ପ୍ରେରଣାରୁ ସଫଳତା " କିଶୋରର ମନକଥା ।

" ସେ ଶକ୍ତି ଓ ପ୍ରେରଣା କେଉଁଠୁ ପାଇଲ ?" ଅତି ଆଗ୍ରହରେ ଲତାର ପ୍ରଶ୍ନ ।

" ମୁହଁ ଖୋଲି ପୁଣି କହିବାକୁ ହେବ ?"କଥାର ମୋଡ ଦେଲା କିଶୋର ।

" କଉଁ ଦେବ ବା ଦେବୀଙ୍କର ହୋଇଥିବ "

" ଶୂନ୍ୟ ଦେହା ଦେବୀ ନୁହଁନ୍ତି, ନାରୀ ଦେହ ଧାରିଣୀ ମାନବୀ "

Digitized by srujanika@gmail.com

" ମାନେ"

" ମାନେ ଠିକ ଅଛି, ସେ ଶକ୍ତିର ଅନ୍ତ ନାହିଁ "

" କିଏ ସେହି ଶକ୍ତି ସ୍ୱରୂପିଣୀ ? "

" ଯେ ମୋ ସମ୍ମୁଖରେ ବିଦ୍ୟମାନ " କିଶୋର ମନ ଗର୍ବ ଅନୁଭବ କଲା ।

" ତମେ ଭାରୀ ଦୁଷ୍ଟ ହୋଇଗଲଣି "

" ମୋର ଦୁଷ୍ଟାମୀ ମଧ୍ୟ ତାଙ୍କରି ଦାନ "

" ସେତିକି ଥାଉ ପ୍ରଶଂସାର ପୂଜାଫୁଲ । ଆଉ ଅଜାଡ଼ିବା ଆବଶ୍ୟକ ନାହିଁ । ତମ ପ୍ରତିଭା ନିକଟରେ ସେ ଶକ୍ତି ନିଷ୍ପ୍ରଭ। " " ମୋ ପାଇଁ ତାହା ଅଧିକ ପ୍ରଭାବଶାଳୀ " ପ୍ରାଣର ସ୍ପନ୍ଦନ ପାଇଁ ମୁଁ ସବୁଶକ୍ତି, ସବୁ ପ୍ରେରଣା ସେଇଠୁ ଆହରଣ କରେ ।

କଥାସ୍ରୋତରେ ବନ୍ଧ ପକାଇଲେ ମନୋରମା " ହଷ୍ଟେଲକୁ ଯିବ ନାହିଁ । ବାପା ଆସନ୍ତୁ ଏଇଠି ଖାଇବ । ମୁଁ ମାଂସ ମଗାଇ ରୋଷାଇ କଲିଣି । ରନ୍ଧାଶେଷ ହେବା ଉପରେ । ଗପ କରୁଥାଅ ବାପା ଆସନ୍ତୁ " ଭିତରକୁ ଗଲେ ମନୋରମା । ଗେଟ ପାଖରେ ବିନୋଦ ବାବୁଙ୍କ ରିକ୍ସା ଅଟକି ଗଲା । ବାପା, ବାପା କିଶୋର ଭାଇ ଫାଷ୍ଟକ୍ଲାସ ଫାଷ୍ଟ ହୋଇଛନ୍ତି ଇଉନିଭରସିଟିରେ । ମୁଁ ବି ଫାଷ୍ଟକ୍ଲାସ ପାଇଛି । ଏକ ନିଶ୍ୱାସରେ ଲତା କହିଗଲା । ବାପାଙ୍କ ମୁହଁରେ ଆନନ୍ଦର ଝଲକ । ଭିତରକୁ ଆସି କିଶୋର ସହ କର ମର୍ଦ୍ଦନ କଲେ । ଲତାର ଚକ୍ଷୁ ବିଜୁଳି ପରି ଚଞ୍ଚଳ ହୋଇ ଉଠିଛି ।

ମନୋରମା ପରଷୁଛନ୍ତି । କିଶୋର, ଲତା, ବାପାଙ୍କ ସହ ଗପ ଜମାଇ ଭୋଜନ କରୁଛନ୍ତି । ଆଜି ଅଫିସକୁ ଡେରିରେ ଯିବାକୁ ମନସ୍ଥ କଲେ । କେତେ ଛାତ୍ର

Digitized by srujanika@gmail.com

ଛାତ୍ରୀଙ୍କ କଥା । କହାର ଭାଗ୍ୟ ପରୀକ୍ଷାର ଫଳ କିପରି ହୋଇଛି । କେତେ ସାଙ୍ଗ ସାଥୀଙ୍କ କଥା ଆଲୋଚନାରେ ସ୍ଥାନ ପାଇଛି । ଅଜିତ ମହାପାତ୍ର ଯେ ଦ୍ୱିତୀୟ ଶ୍ରେଣୀ ପାଇଛନ୍ତି ସେ ଚର୍ଚ୍ଚା ମଧ୍ୟ ଏହାଭିତରକୁ ଆସିପାରିଛି । ବିନୋଦ ବାବୁ ଅଫିସକୁ ଗଲେ । କିଶୋରକୁ ଲତା ଫାଟକ ପର୍ଯ୍ୟନ୍ତ ବଳେଇ ଦେଇ ଅନୁରୋଧ କଲା ସନ୍ଧ୍ୟାବେଳକୁ ନିଶ୍ଚୟ ଆସିବ । କିଶୋର ଅଦୃଶ୍ୟ ହେବା ପର୍ଯ୍ୟନ୍ତ ଲତା ନିଶ୍ଚଳ ହୋଇ ଛିଡା ହୋଇ ରହିଲା ଗେଟ୍ ପାଖରେ । □

= ତେର =

ଲତା ବୋଉ - ଲତା ବୋଉମ । ଆଜି ବିକାମର ଭିତ୍ ଅଛି କି ? ବାହାରେ ସାରାଶବ୍ଦ ନାହିଁ । କହୁଁ କହୁଁ ଘରଭିତରକୁ ପ୍ରବେଶ କଲେ ପ୍ରମିଳା ଦେବୀ ।

ପ୍ରମିଳା ଦେବୀ ଆଶୁ ବାବୁଙ୍କର ମାଆ । ଏକ ମାତ୍ର ପୁଅ ଆଶୁ ଜନ୍ମହେବାର ବାର ବର୍ଷପରେ ହାତରୁ କାଚ ଓହ୍ଲାଇ ମୁଣ୍ଡରୁ ସିନ୍ଦୁର ଚିରଦିନ ପାଇଁ ପୋଛି ଦେବାକୁ ହୋଇଛି । ଆଶୁ ପାଠପଢ଼ି ମଣିଷ ହେଲା ନିଜଯତ୍ନରେ । ସେ ରେଭିନିଉ ବୋର୍ଡରେ ଚାକିରୀଟିଏ କରେ । ପୋଲିସ କଲୋନୀ ପାଖରେ ଖଣ୍ଡିଏ ଘରଭଡା ନେଇ ପୁଅବହୂ ଅଛନ୍ତି । ପ୍ରମିଳା ଗାଁରେ ଥିବା ଜମିବାଡି ଭାଗରେ ଦେଇ ସେମାନଙ୍କ ପାଖରେ ରହୁଛନ୍ତି । ସାମାନ୍ୟ କେତେ ଏକର ଜମି । ସେଥିରୁ ଯାହା ଆମଦାନୀ ହୁଏ ଅମଳ ସମୟରେ ଆଶୁବାବୁ ନେଇ ଆସନ୍ତି । ପୁରି ଜମିଭାଗରେ ଦିଆଯାଏ । ଆଶୁବାବୁ ସବୁବେଳେ ରହନ୍ତି କଟକରେ । ଦରମା ଯାହା ମିଳେ ସେଥିରେ ତିନିଟି ପେଟ ପୋଷିବାରେ ଅସୁବିଧା ହୁଏ ନାହିଁ କି ଅଭାବ ନାହିଁ । ଦିନଟି ମାନ ସୁଖରେ କଟେ ।

କିନ୍ତୁ ଏ ଛୋଟ ପରିବାରଟିକୁ ଗୋଟିଏ ବିଷାଦର ପତଳା କୁହେଳି

Digitized by srujanika@gmail.com

ସବୁବେଳେ ଢାଙ୍କି ରହିଥାଏ । ଆଜକୁ ପାଞ୍ଚବର୍ଷ ହୋଇଗଲାଣି । କାଖରେ କୋଳରେ ଧରିବାକୁ ଭଗବାନ ଏ ପର୍ଯ୍ୟନ୍ତ ପିଲାଟିଏ ଦେଇ ନାହାଁନ୍ତି । ଆଶୁ ବାବୁଙ୍କର ପତ୍ନୀ ପ୍ରତିମାଙ୍କ ମନରେ ସବୁବେଳେ ଦୁଃଖ । ତେବେ ଉପାୟ କ'ଣ ? ଏତ କାହାର ହାତର କଥା ନୁହେଁ । ମନ କଥା ମନରେ ମରେ ।

ପ୍ରମିଳା ଦୂର ସଂପର୍କରେ ଲତାର ଆଈ ହୁଅନ୍ତି । ଘରଭିତରେ ବହୂଟା ସଂଗରେ କେତେ ସମୟ କଟାଇବେ ? ଖରାପ ଲାଗେ । ସେଥିପାଇଁ ବାହାରକୁ ବୁଲିଯାଆନ୍ତି । ସେ ପଡ଼ାର ପୁରୁଣା ଲୋକ ବୁଢ଼ୀ ହେଲେଣି । ମୁଣ୍ଡର ଚୂଳ କଇଁ ଫୁଲପରି ଧଳା ତଥାପି ଖାଲି ବସି ପାରନ୍ତି ନାହିଁ । କିଛି ନା କିଛି କାମରେ ଲାଗି ଯାଆନ୍ତି । ଅବସର ସମୟରେ ବୁଲି ଯାଆନ୍ତି । ବିନୋଦ ସାମଲଙ୍କ ପତ୍ନୀ ମନୋରମାଙ୍କ ପାଖକୁ ସେ ଅନେକ ସମୟରେ ଆସନ୍ତି । ପ୍ରମିଳା ଜଣେ ଅଭିଜ୍ଞ ଲୋକ । ଜୀବନର ବହୁ ଘାତ ପ୍ରତିଘାତ ସହିଛନ୍ତି । ସଂସାର ସମ୍ଭାଳିଛନ୍ତି । ଆଶୁକୁ ପାଠପଢ଼ାଇ ମଣିଷ କରିଛନ୍ତି । ଗାଁରେ ଜୀବନର ବହୁ ସମୟ କଟାଇଛନ୍ତି । ଘର ଯଶଦେଇ ପୁର ଠାରୁ ମଝିରେ ଖଣ୍ଡେ ବିଲ ଛାଡି ମାଣିପୁର ଗାଁରେ ।

ସବୁକଥା ତାଙ୍କର ଅନୁଭୂତିରୁ କହନ୍ତି । ତାଙ୍କ କଥାଶୁଣିବାକୁ ଭଲ ଲାଗେ । ସେଇଥିପାଇଁ କଟକରେ ରହିଲା ଦିନୁ ପଡାରେ ଘର ଘର ବୁଲି ସ୍ତ୍ରୀ ଲୋକମାନଙ୍କ ସହ ନାନା ଗପ କରନ୍ତି । କେତେ ଉପଦେଶ । ପଡାର ସ୍ତ୍ରୀମାନଙ୍କର ସେଥିପାଇଁ ତାଙ୍କ ପ୍ରତି ଭକ୍ତି । ସେ ପହଞ୍ଚିଲେ କାମ ବନ୍ଦ କରି ତାଙ୍କ ପାଖରେ ବସି ଦୁଃଖ ସୁଖ ହୁଅନ୍ତି । ସମସ୍ତଙ୍କ ଘରୁ ପାନ ଚା ମିଳେ । ବେଳେ ବେଳେ ଜଳଖିଆ ମଧ୍ୟ ।

କେବଳ ଲତା ନୁହେଁ । ପଡାର ସମସ୍ତଙ୍କର ପ୍ରମିଳା ହେଉଛନ୍ତି ସର୍ବ ସାଧାରଣ ଆଈମା । ତାଙ୍କ ନାଁ ଅନେକେ ଜାଣନ୍ତି ନାହିଁ । ମାତ୍ର ଆଈମା ନାମରେ ସମସ୍ତଙ୍କ ଘରେ ପରିଚିତା । ଅବିବାହିତା ଝିଅ,ପୁଅ, ପିଲା, ଶିଶୁ ସମସ୍ତଙ୍କୁ ସେ

Digitized by srujanika@gmail.com

ସ୍ନେହ କରନ୍ତି । ଏପରି ଗପ ଜମାଇ ଦେବେ ଯେ, ସମସ୍ତେ ଖୁସି । ବାତୁଅ ଝିଅମାନଙ୍କୁ ଥଟ୍ଟା ଟାହି ଟାପରା କରନ୍ତି । ଆଈଙ୍କର ଆଦର ସବୁଠି ।

ଆଈମା ଧୀରେ ଧୀରେ ପାଦ ପକାଇ ଘରଭିତରକୁ ପଶି ଆସିଲେ । ମନୋରମା ଭିତରେ ବାରଣ୍ଡାର ମସିଣା ଉପରେ ବସି ସୁଜି ବାଛୁଥାନ୍ତି । ଜଳଖିଆ ତିଆରି ହେବ । ଲତା ବାହାର ଘରେ ବସି ରୁମାଲର ଫୁଲ ପକାଇ ବାରେ ବ୍ୟସ୍ତ । ଆଈଙ୍କୁ ଦେଖିବା ମାତ୍ରେ କହିଲା - ଏ ବୋଉ ! ଆଈମା ଅଇଲେ । କହୁଁ କହୁଁ ଭିତରକୁ ଗଲେ । ମନୋରମା ଆଗେଇ ଆସି ଆଈଙ୍କୁ ପାଛୋଟି ନେଲେ । ଲତା ପାରି ଦେଇଥିବା ମସିଣାରେ ବସାଇଲେ ।

ମନୋରମାଙ୍କର ସୁଜି ବଛା ସେତିକିରେ ରହିଥାଏ । ଥାଳିଟି ଘରଭିତରେ ଥୋଇ ଦେଇ ଲୁଗା କାନିରେ ହାତକୁ ଝାଡୁଥିବା ବେଳେ କହିଲେ - କେମିତି ମନେ ପଡିଲା ମାଉସୀ ? ପାଖରେ ବସିଲେ ସେ । ଲତା ପୁଣି ରୁମାଲ ସିଲେଇରେ ଲାଗିଲା '' ନାଁଲୋ ଝିଅ ଆଖିକୁ ଆଉ ଭଲ ଦିରଶ ହେଉନି । ଚାଲିବାକୁ ବଳ କୁଳଉ ନାହିଁ । କୋଉ ଗାତକୁ ଯିବି ? ଯମକୁ ତ ଏ ଜୀବନ ପିତା ଲାଗିଲାଣି । ସେ ନଉନି କଣ କରିବି କହ ? '' ଆଈ କହିଲେ । ନାଁ ମାଉସୀ ସେମିତି ଅସନା କଥା ତୁଣ୍ଡରେ ଧରନ୍ତୁନି । ତୁମେତ ବୃଦ୍ଧା ଲୋକ । କେତେ ତପର ଫଳରେ ଦୀର୍ଘ ଜୀବନ ପାଇଛ । ତମକୁ ଦେଖି ଆମେ ଆଖି ପବିତ୍ର କରିଛୁ । ଭଙ୍ଗାପାନ କେଇଖଣ୍ଡି ପ୍ରମିଳାଙ୍କ ହାତକୁ ବଢ଼ାଇ ଦେଲେ ମନୋରମା ।

''ହଁ ଲୋ ଝିଅ । ସେ ଗୁଡାକ ତୁମ ମାନଙ୍କର କଥାରେ କଥା । ଲୁଗା ଖଣ୍ଡିକ ପୁରୁଣା ହେଲେ ପିନ୍ଧିବା ଲୋକ ତାକୁ ଫିଙ୍ଗିଦିଏ । ନଚେତ ଅଲଗା କେଉଁଠି ରଖିଦିଅନ୍ତି । ଅଦରକାରୀ ଜିନିଷ । ବୁଢ଼ା ବୁଢ଼ୀଙ୍କ କଥା ସେମିତି । ଆଈଙ୍କ ମନରେ ଶୋଭାପୁଣି କହିଲେ - ଗଛରୁ ଫଳ ସରିଗଲା । ପକ୍ଷୀମାନେ ଉଡି ଯାଆନ୍ତି ଆଉ

Digitized by srujanika@gmail.com

ଗଛକୁ । କଥାରେ ବାଧା ଦେଇ ମନୋରମା କହିଲେ, ତମପୁଅ ତମକୁ ଦଣ୍ଡେ ନ ଦେଖିଲେ ବ୍ୟସ୍ତ ହୋଇ ପଡନ୍ତି । ବୋଉ ଡାକରେ ଘର ଭିତରେ ଘୋ ଘୋ ଚହଳ । ଆଉ ଏମିତି କଥା କହୁଛ କାହିଁକି ? ନାଇଁ ମା, ମୁଁ ସେକଥା କହୁନି ଯେ ପୁଅ ବୋହୂ ମୋତେ ହତାଦର କଲେ ବୋଲି । ମୁଁ କହୁଛି ଗୋଟିଏ କଥାକୁ " ଆଇ କିଛି ସମୟ ପାଇଁ ଗମ୍ଭୀର ହୋଇ ଗଲେ । ବୋଉମ ଆଜି ଆଇମାର ବୈରାଗ୍ୟ ଭାବର ମାତ୍ରାଟା ବଢ଼ି ଯାଇଛି ନୁହେଁ ? ଲତା ବ୍ୟଙ୍ଗ କଲା । " ହଁ ତଳ ବରଡା ଖସୁଛି ନା ଉପର ବରଡା ହସୁଛି । ତୋ ମନତ ଏଇନେ କେଉଁ ସପନ ପୁରୀରେ ଫୁଲ ବଗିଚାରେ ପ୍ରଜାପତି ପରି ଉଡି ବୁଲୁଛି । କେଉଁ ରାଜା ପୁଅର ଅପେକ୍ଷାରେ । ପ୍ରତି ବ୍ୟଙ୍ଗ କଲେ ଆଇ । "ଏ ବୁଢ଼ୀ ଦେଖୁଛୁ ନା ଏଇଲେ " ଅଳି ଅଳି ଭାଷାରେ ମିଛ ଅଭିମାନ କଲା ଲତା ।

" ତୋ ଆଖିରେ ତ ଏବେ ଦିନରାତି ସମାନ । କେତେ ରାଜାପୁଅ ମାଲୁଣୀ ହାତରେ ଖବର ବୁଝୁଥିବେ । ତୋ ଯୌବନ ଦୁଆର ଉପରେ ଫୁଲ ବେଶ ହୋଇ ତଙ୍ଗା ବାହିବାକୁ ଟାକି ବସିଥିବେ । ଫୁଲେଶ୍ୱରୀଙ୍କର ପାଦ ଅଳତା ଲାଗି କେତେ ଯୁବକଙ୍କ ମୁଣ୍ଡ ଲାଲ ହୋଇଯିବ ।" ଆଇ ଲତାକୁ ପରିହାସ କଲେ ।

" ଆଇ ବୁଢ଼ୀର କଥା ଶୁଣ । ଅଭିସାର କରିବାକୁ ମନ ଉଚ୍ଛନ୍ନ ହେଲାଣି "

ମନୋରମା ଆଇ ନାତୁଣୀର କଥାଶୁଣି ହସୁଥାନ୍ତି । " ଛାଡନ୍ତୁ ମାଉସୀ ତା କଥା । ସେ ପାଗଳୀଟା । କେମିତି କୁଆଡେ ଆସିଲେ କୁହନ୍ତୁ " ମନୋରମା କଥାରେ ପ୍ରଶ୍ନବାଚୀ ଆଗ୍ରହ । " ନାଁଇ ଝିଅ ସେପରି କିଛି କଥା ନାହିଁ । ବସି ବସି ଖରାପ ଲାଗିଲା । କେତେଦିନୁ ଆସି ନ ଥିଲି ଶୁଣିଲି ଲତା ପ୍ରଥମ ଶ୍ରେଣୀରେ ପାସ୍ କରିଛି । କିଛି ପାଉଣା ଆଦାୟ କରିବି " ଆଇଙ୍କ କଥାରେ ବାତ୍ସଲ୍ୟର ଆଭାସ ।

" ବିନୋଦ ଆସି ନାହାଁନ୍ତି କି ? ଆଇଙ୍କର ପ୍ରଶ୍ନ ।

Digitized by srujanika@gmail.com

" ଅଫିସରେ କ'ଣ ଭିଡ କାମ ଅଛି ଯେ, ଆସିବାକୁ ଡେରି ହେବ । ପିଅନ ଆସି ଜଳଖିଆ ନେଇଯାଇଛି ।

" ହଁ ଲୋ ମା ଅଫିସ କଥା । କେତେ ଦାୟିତ୍ୱ । ଆଉ ଅନ୍ୟ କଥାକୁ ଭାବିବାକୁ ବେଳନାହିଁ । ତୁ ସିନା ଚାଲାକ ବୋଲି ଚାରି ଆଡକୁ ଦୃଷ୍ଟି ରଖି ସଂସାର ଚଳେଇ ନେଉଛୁ । ତୁ ଯାହା କରିବୁ ଏ ଚାରିକାନ୍ଥ ଭିତରେ । ଏଇତ ପଥର ବୋଝ ଆସି ମୁଣ୍ଡ ଉପରେ ଚାପିଲାଣି । ତୁ ସିନା ବୁଦ୍ଧି ଦେବୁ, ପରାମର୍ଶ କରିବୁ । ଲତା ଆଡକୁ ମୁହଁ ବୁଲାଇ ଆଈ କହିଲେ " ବାବୁ ଏ ବିଷୟ କିଛି ଚର୍ଚ୍ଚା ଧରୁଛନ୍ତି ନା ? ଆଈଙ୍କର ଏଥର ଗୁରୁତ୍ୱର ପ୍ରଶ୍ନ ଶୁଣି ମନୋରମା ଦାୟିତ୍ୱ କଥା ଉପଲବ୍ଧି କଲେ । ଆଈ ପୁଣି ଆରମ୍ଭ କଲେ ସେ ତ ବୁଝିବା ଲୋକ ସେ କ'ଣ ତାହା କରୁ ନ ଥିବେ ?" " ସେ ସେପରି କିଛି କରି ନାହାଁନ୍ତି । ଥରେ ପଚାରିବାରୁ କହିଲେ ଝିଅର ବୟସ ଏମିତି କ'ଣ ବଳିପଡୁଛି ଯେ, ତା ପାଇଁ ଏତେ ତରତର ହେବା ? ଗୋଟିଏ ବୋଲି ଝିଅ । ଆଖି ଆଗରୁ କାଢ଼ି ଦେଇ ଘରେ ପଶିବା କିପରି ?"ମନୋରମା ଉତ୍ତର ଦେଲେ । ଆଈ ଟିକିଏ ଚିନ୍ତା ପ୍ରକଟ କରି ଆରମ୍ଭ କଲେ । " ଝିଅ ଜନମ ତ କରିଥାଇଁ, କେତେବେଳେ କଉ କଥା । ଦେଲାନାରୀ- ହେଲାପାରି । ଚାରିଆଡେ ଆଖି ପକାଇବା କଥା । ଯେ ଯହା ହାଣ୍ଡିରେ ଚାଉଳ ପକେଇଥିବ ସେ ତା ହାଣ୍ଡି ଧୋଇବ । ଯେତେ ପଢ଼ିଲେ ଯେତେ ଶିଖିଲେ ଝିଅ ତ ପରଘରକୁ ଯିବା ଝିଅ ମାନଙ୍କର ଜନ୍ମକ୍ଷେତ୍ର ଗୋଟାଏ ତ କର୍ମକ୍ଷେତ୍ର ଆଉ ଠାଏ । ଆଈଙ୍କ କଥାରେ ତାତ୍ତ୍ୱିକତାର ଆଭାସ ।

ମନୋରମା ନୀରବରେ ସବୁ ଶୁଣୁଥିଲେ । ଲତା କଥାରେ ବାଧା ଦେଇ କହିଲା " ଆଈମା ଝିଅ ଜନମ ହୀନ ଜନମ ନୁହେଁ, ତାହା ହୋଇଥିଲେ ଭଗବାନ୍ ଏକ ମା ପେଟରୁ ପୁଅଝିଅ ସୃଷ୍ଟି କରି ନ ଥାନ୍ତେ । ପୁଅ ସଂପତ୍ତିର ଉତ୍ତରାଧିକାରୀ ହେବ, ପିଣ୍ଡ ଦେଲେ ପିତୃଲୋକ ଉଦ୍ଧାର ହେବେ, ଏଇ ଧାରଣା ସମାଜରେ ଚଳଣି ।

Digitized by srujanika@gmail.com

ପୁଅଝିଅଙ୍କର ଜୀବନ ଓ ଯୋଗ୍ୟତା ସମାନ । ସୁଯୋଗ ପାଇଲେ ଝିଅମାନେ ମଧ୍ୟ ପୁଅଙ୍କ ପରି ସବୁ କ୍ଷେତ୍ରରେ ଯୋଗ୍ୟତା ଦେଖାଇ ପାରିବେ । ଆଜିର ସମାଜରେ ଝିଅପୁଅଙ୍କର ବିଭା ବଜାରରେ ଦର କଷାକଷି ହେଉଛି । ଯୌତୁକ ପ୍ରଥା ମଣିଷର ସୃଷ୍ଟି । ଏଇଥିପାଇଁ ବାପା ମା ଝିଅ ଜନମକୁ ହୀନ ଦୃଷ୍ଟିରେ ଦେଖିବାକୁ ବାଧ୍ୟ ହେଉଛନ୍ତି । ପୁଅ ଗୋଟିଏ କୁଳକୁ କିନ୍ତୁ ଝିଅମାନେ ଦୁଇଟି କୁଳକୁ ଉଜ୍ଜଳ କରନ୍ତି । ଏକଥା କ'ଣ ମିଛ ? ବିରକ୍ତି ମିଶା ସ୍ୱରରେ ଦାବୀ କଲା ଲତା ।

ଆଈମା ଲତାର କଥାରେ ଉତ୍ତର ଦେବାକୁ ବାଟ ପାଇଲେ ନାହିଁ । ମୁହଁ ତାଙ୍କର ଗମ୍ଭୀର ଦିଶିଲା । ପୂର୍ବରୁ ଲତା ବିଦ୍ୟା ବୁଦ୍ଧି କଥା ଶୁଣିଥିଲେ । ଆଜି ଆଖି କାନର ବିବାଦ ମେଣ୍ଟିଲା । ଇତଃସ୍ତତଃ ହୋଇ କହିଲେ, ହଁ ଲୋ ଝିଅ, ତୁ ସିନା ପାଠ ପଢ଼ିଲୁ ବୋଲି ଏତେ କଥା ଜାଣିଲୁ । ଆମ ମୁରୁଖ ପଣିଆରେ ଏମିତି ସବୁ ଚଳେ ।

" ସେ ପାଗଳୀ କଥା ଥରେ ଆରମ୍ଭ କଲାତ ସୁଅ ଛୁଟିଥିବ । ତା ସଂଗରେ କାହିଁକି ଲାଗିଛ ମାଉସୀ " ମନୋରମା ଦେବୀଙ୍କ ସ୍ୱରରେ ଆନନ୍ଦର ଉତ୍ସ । ଯା, ମା ଆଈଙ୍କ ପାଇଁ କିଛି ଜଳଖିଆ ଟିକିଏ ଆଣ " ମନୋରମାଙ୍କ ବରାଦ ।

ଲତା ଜଳଖିଆ ଓ ପାଣିଗ୍ଲାସ ଆଈଙ୍କ ପାଖରେ ଥୋଇ ନିରୀହ ବାଳିକାଟି ପରି ଛିଡାହେଲା । ଆଈ ଜଳଖିଆ ଖାଇ ଖୁସି ମନରେ ବିଦାୟ ନେଲେ ।

= ଚଉଦ =

ପରୀକ୍ଷା ଫଳ ପ୍ରକାଶ ପାଇବାପରେ ପରେ କିଶୋର ଛାତ୍ରାବାସ ଛାଡ଼ି ଜଣେ ଆତ୍ମୀୟଙ୍କ ଘରେ ରହୁଛି । ଆତ୍ମୀୟ ଜଣକ ଧନୀଲୋକ । ପାରିଜାତ ହୋଟେଲର ମାଲିକ । ତାଙ୍କର ଦୁଇଖଣ୍ଡି ବସ ମଧ୍ୟ କଟକରୁ ବରହମପୁର ଓ କଟକରୁ

Digitized by srujanika@gmail.com

ବାରିପଦା ଚାଲେ । ଆଉ ଖଣ୍ଡିଏ ... ନେଇଛଡା ଦିନେ କଟକରୁ ରାଞ୍ଚି ଯାତାୟାତ କରେ । ରାଞ୍ଚି ସହର ... ଣ ବିରାଟ ଧନୀଲୋକ । ରାଞ୍ଚିରେ ତାଙ୍କର ତିନି ତାରକା ... 'ଲ ଦୀପକ' ରାଞ୍ଚିରେ ନାମକରା ହୋଟେଲ । ପାରିଜାତ ... ଦକ୍ଷିଣ ରାୟ ଓ ତାରାକାନ୍ତ ସାହୁଙ୍କ ଜଏଣ୍ଟ ପାର୍ଟନର ... ରାଞ୍ଚି ମଧ୍ୟରେ ଚାଲେ । କିଶୋର ସିଦ୍ଧେଶ୍ୱର ବାବୁଙ୍କ ହୋ... କରନ୍ତି । ଖାଇବା ଖରଚ ଦେବାକୁ ପଡେ ନାହିଁ । ବରଂ ... ଅର୍ଥ ସିଦ୍ଧେଶ୍ୱର ବାବୁ କିଶୋରଙ୍କୁ ଦେଇଥାନ୍ତି । ସିଦ୍ଧେଶ୍ୱ... । କେରାଣ୍ଡି ଗୁଛି ଶେଉଳ ଧରିବା ବ୍ୟବସାୟୀଙ୍କ ଚରିତ୍ର । ... ଖର୍ଚ୍ଚ ହୁଏ ତା ତୁଳନାରେ ଲାଭ ଉଠାନ୍ତି ବହୁତ ବେଶୀ । ... ହୋଟେଲ କର୍ମଚାରୀଙ୍କ ପାଇଁ ଘର ତିଆରି ହୋଇଛି । ସେଇଥିରୁ ଆଲୁଅ ବ୍ୟବସ୍ଥା ଥିବା ଗୋଟିଏ ଏକ ବଖୁରିଆ ଘରେ ରହେ ଆ... ...ଙ୍କ ସହ । କିଶୋର ସପ୍ତାହରେ ଥରେ ଦୁଇଥର ଲତା ପାଖକୁ ଆସେ ଓ ତାକୁ ଦେଖାକରି ବସାକୁ ଫେରିଯାଏ ।

ଉଚ୍ଚଶିକ୍ଷା ପରବର୍ତ୍ତୀ ସୋପାନରେ କିଶୋର ପାଦ ଦେବାକୁ ଇଚ୍ଛା କରିନି ।ପ୍ରଚଳିତ ଶିକ୍ଷାବିଷୟରେ ତାର ବଦ୍ଧମୂଳ ଧାରଣା ହୋଇଛି ଯେ, ଏ ଶିକ୍ଷା ପଙ୍ଗୁ ଶିକ୍ଷା । ଏହା ଶିକ୍ଷାର୍ଥୀଙ୍କୁ ଉପଯୁକ୍ତ ଜୀବନ ଗଢ଼ିବାରେ ସାହାଯ୍ୟ କରୁନି କି ଜୀବିକା ଅର୍ଜନ ପାଇଁ ସମର୍ଥ କରୁନାହିଁ । ଚାକିରୀ ପାଇଁ ବ୍ୟାକୁଳତା ମନରେ ସୃଷ୍ଟି କରୁଛି ।ଏଥିପାଇଁ ଚାକିରି ବଜାରରେ ଭାରୀଭିଡ । ପରିସ୍ଥିତିରୁ ଫାଏଦା ଉଠାଉଛନ୍ତି ଚାକିରୀ ଦେବା ଲୋକ । ବେଶ୍ ମୋଟା ରୋଜଗାର । ଲାଞ୍ଚ ନ ଦେଲେ ଚାକିରୀ ମିଳୁ ନାହିଁ । ଯୋଗ୍ୟତାର ଆବଶ୍ୟକତା ନାହିଁ । ଆବଶ୍ୟକ ପଇସା । ତେଣୁ ଚାକିରୀ କରିବ ନାହିଁ, ଭ୍ରଷ୍ଟାଚାରର ଶିକାର ହେବ ନାହିଁ, ଏହା ଏକ ଡାଲିକ ସିଦ୍ଧାନ୍ତ କିଶୋରର ।

Digitized by srujanika@gmail.com

ଜୀବନର ବଡ ଏକ ଛକ ରାସ୍ତା । କେଉଁ ବାଟରେ ସେ ଚାଲିବ ଏହା ଏକ ବିରାଟ ପ୍ରଶ୍ନ । ଭାବନାର କୂଳ କିନାରା ପାଏନି । କିଶୋର ଛାତ୍ରାବସ୍ଥାରୁ ଦୃଢ଼ମନା । ଥରେ ଗୋଟାଏ ବିଷୟରେ ସିଦ୍ଧାନ୍ତ ନେଲେ ତାହା ଆଉ ପ୍ରାୟ ବଦଳେ ନାହିଁ । ଦିନେ ଦିନେ ଭାବି ଭାବି ରାତି ପୁହାଇ ଦିଏ । ଏ ଭାବନା ଭିତରେ ଲତାର ମୁହଁ ଦିଶିଯାଏ । କେତେ ସ୍ୱପ୍ନ ଦେଖେ ଭବିଷ୍ୟତର ନିଝୁମ ରାତିର । ସରକାରୀ ଚାକିରୀ କରିବ ନାହିଁ ସତ, ମାତ୍ର ପଇସା ଦରକାର । ଏ ଯୁଗ ପଇସା ପ୍ରଧାନ ଯୁଗ । ମୋଟା ରୋଜଗାର ନ ଥିଲେ ଲୋକେ ଖାତିର କରନ୍ତି ନାହିଁ । ମାନ ସମ୍ମାନ ସବୁ ମପାଯାଏ ପଇସାର ମାପକାଠିରେ । ଗାଡି କୋଠାଘର ଏବଂ ବ୍ୟାଙ୍କରେ ଗଚ୍ଛିତ ଧନର ପରିମାଣ ସାମାଜିକ ମାନ୍ୟତାର ପରିମାପକ । ଏଥିରୁ ଶକ୍ତି ଆସେ କ୍ଷମତା ଆସେ । ଧନୀ,ମାନୀ, ଜ୍ଞାନୀ, ପଣ୍ଡିତ ସାଧୁ ଓ ଶେଷତଃ ଭୋଟ ଭିକାରୀ ରାଜନୈତିକ ଲୋକ ଆସି ଭିଡ ଜମାନ୍ତି । ଚାଟୁ ବାକ୍ୟରେ ମନ ମୋହିବାକୁ ଉଦ୍ୟମ କରନ୍ତି । ପ୍ରଶଂସାରେ ଗନ୍ଧ ବାସନା ତା ମଧ୍ୟରେ ଥାଏ କି ନାହିଁ ତାହା ଜାଣିବା କଷ୍ଟକର ବ୍ୟାପାର । ବାରଣ୍ଡାରେ ବୁଣି ଦେବାକୁ ଘରେ ଚାଉଳ ଥିଲେ କୁଆଙ୍କର ଅଭାବ ଆଦୌ ରହେନାହିଁ । କିଶୋରର ଚିନ୍ତା ଓ ଭାବନାର ଦିଗନ୍ତ ନାହିଁ । ପୁରୀ ଯୁବଶିବିରର କଥା ମନେ ପଡିଲା । ତାହା ଅଧ୍ୟାପକ ରାମ ବିଳାସ ବନ୍ଦୋତଙ୍କର କଥା । ସେ କହିଥିଲେ ଯେଉଁ ସମାଜର ସ୍ୱେଚ୍ଛା ସେବୀ ଅନୁଷ୍ଠାନ ଗୁଡିକ ଯେତେ ସକ୍ରୀୟ ସେ ସମାଜରେ ଶାନ୍ତି ଶୃଙ୍ଖଳା ଓ ଲୋକ ଶକ୍ତିର ବିକାଶ ସେତେ ଅଧିକ ହୁଏ । ଏହି ଅବସରରେ କିଶୋର ସ୍ମରଣ କଲା ମହାତ୍ମା ଗାନ୍ଧୀଙ୍କର କେତୋଟି କଥା । ଗାନ୍ଧୀଜୀ ଖ୍ୟାତନାମା ସାମ୍ବାଦିକ ଲୁଇଫିସରଙ୍କୁ ଆଲୋଚନା ବେଳେ କହିଥିଲେ " ସମାଜର ନିମ୍ନ ସ୍ତରରେ ଅର୍ଥାତ୍ ଲୋକଙ୍କ ସ୍ତରରେ ଯେତେ କାମ କମିଯିବ ଉପରୁ ଅର୍ଥାତ ରାଷ୍ଟ୍ର ଶକ୍ତିର ଏକାଧିପତ୍ୟ ସେତେ ବଢ଼ିଯିବ । ଏହାର ବିପରୀତ ଲୋକଶକ୍ତି ବୃଦ୍ଧି ପାଇଲେ ରାଷ୍ଟ୍ର ଶକ୍ତିର ହୁକୁମାତି କମିଯିବ । (**More work at the bottom less dictation from the top and**

Digitized by srujanika@gmail.com

viceversa. ଲୋକଶକ୍ତିର ବିକାଶ ଅର୍ଥ ଲୋକମାନଙ୍କର ପ୍ରତିକାରାତ୍ମକ ଶକ୍ତି ଓ ପ୍ରତିରୋଧାତ୍ମକ ଶକ୍ତି । ନିଜର ସମସ୍ୟା ସମାଧାନ ପାଇଁ ଲୋକେ ସରକାର ଅଭିମୁଖୀ ନ ହୋଇ ଅଧିକରୁ ଅଧିକବ୍ରତୀ ହେବେ ଏବଂ ସବୁ ପ୍ରକାର ଅନ୍ୟାୟରେ ପ୍ରତିରୋଧ ଲୋକେ କରିପାରୁ ଥିବେ । ଏହାହିଁ ସମାଜ ସୁଧାରର ମୂଳାଧାର । ଏହା ହୋଇ ପାରିଲେ ରାଜନୀତିର ପ୍ରାଧାନ୍ୟ କମିବ ଏବଂ ଲୋକନୀତି ସ୍ଥାପିତ ହୋଇ ପାରିବ । ଗାନ୍ଧୀଙ୍କର ଅନ୍ୟ ଏକ କଥା ମନେପକାଇଲେ କିଶୋର । ଜାନୁୟାରୀ ୨୮ ତାରିଖ ୧୯୪୮ ମସିହା ଦିନର କଥା । ଗାନ୍ଧୀଜୀ ସର୍ଦ୍ଦାର ପଟେଲଙ୍କୁ କହିଥିଲେ " ତୁମେ କଂଗ୍ରେସକୁ ଲୋକସେବକ ମଣ୍ଡଳରେ ପରିଣତ କରି ଲୋକ ଶକ୍ତି ଓ ଲୋକ ଚେତନାର ବିକାଶ କର । ରାଜନୀତି ଠିକ୍ ବାଟରେ ଚାଲିବ ଏବଂ ଲୋକେ ଦେଶର, ଜାତିର ଦାୟିତ୍ୱ ବହନ କରିବାକୁ ସମର୍ଥ ହେବେ । **Take care of voters and voters will take care of India**) ସମାଜର ପରିବର୍ତ୍ତନ ଏବଂ ନୂତନ ସମାଜର ମୂଳଦୁଆ ପକାଇ ସର୍ବୋଦୟ ସମାଜ ସ୍ଥାପନ ପାଇଁ କେଉଁଠାରୁ କାମ ଆରମ୍ଭ କରିବ ସେ ବିଷୟରେ ସନ୍ଦିହାନ ହୁଅନାହିଁ । ସର୍ବୋଦୟ ପାଇଁ ପ୍ରଥମେ ଅନ୍ତ୍ୟୋଦୟ କାମକର । ମସାଜରେ ତଳେ ପଡିଥିବା ଦଳିତ ନିଷ୍ପେସିତ ଦୀନ ଦରିଦ୍ର ମାନଙ୍କର ଉତ୍‌ଥାନ କାମହିଁ ସର୍ବୋଦୟର ପ୍ରଥମ ପାହାଚ । ଏକ ମହାନ ପରିଣତିର ଏହା ହେଉଛି ଶୁଭାରମ୍ଭ (**It is small biginning for a great**) ତୁମେ ଦେଖିଥିବା ଏକ ଦରିଦ୍ରତମ ଲୋକ ମୁଖକୁ ସ୍ମରଣ କର । ଆତ୍ମ ସମୀକ୍ଷା କର । ତୁମେ ଯେଉଁ କାର୍ଯ୍ୟ କରିବାକୁ ଯାଉଛ ତାହା ଏହି ଦରିଦ୍ରତମ ସର୍ବହରା ଲୋକର ଉତ୍‌ଥାନ ପାଇଁ କିଛି ସାହାଯ୍ୟ କରି ପାରିବ କି ଏବଂ ତାର ଆର୍ଥିକ, ନୈତିକ ଓ ଆଧ୍ୟାତ୍ମିକ ବିକାଶରେ ସହାୟକ ହେବକି ? ତାହାହେଲେ ତୁମେ ଅନୁଭବ କରି ପାରିବ ଯେ ତୁମ ମନରୁ ଦ୍ୱନ୍ଦ ଧୀରେ ଧୀରେ ମିଳେଇ ଯାଇଛି । ମୁଁ ତୁମକୁ ଏହି ରକ୍ଷାକବଚ ଦେଲି । ଏହାଭିତରେ ତୁମେ ଜାତି ଗଠନର ଯୋଜନା ଗଢ଼ା କେବଳ ଜ୍ଞାନ ଶକ୍ତି ବା ଅର୍ଥ ଥିଲେ ସମାଜ ସେବାକାମ ହୁଏ ନାହିଁ । ସମାଜର ମୌଳିକ

Digitized by srujanika@gmail.com

ବାଞ୍ଛା ବଦଳେ ନାହିଁ । ଏହି କାରଣରୁ ଧନ, ଜ୍ଞାନ, ଶକ୍ତିର ଅପପ୍ରୟୋଗ ପ୍ରାଚୀନକାଳରୁ ସାମାଜିକ ଅପରାଧ (social sin) ରୂପେ ଗଣ୍ୟ ହୋଇ ଆସିଛି । ନୀତିହୀନ ରାଜନୀତି, ନୈତିକତା ହୀନ ବାଣିଜ୍ୟ, ବସ୍ତୁପଯୋଗ ନ ଥାଇ ଧନ ସଂପତ୍ତି, ଚରିତ୍ର ବିହୀନ ଶିକ୍ଷା, ସଚେତନତା ଶୂନ୍ୟ ଆମୋଦ-ପ୍ରମୋଦ, ଆଧ୍ୟାତ୍ମଜ୍ଞାନ ନ ଥାଇ ବିଜ୍ଞାନ ଏବଂ ଶେଷରେ ବୈରାଗ୍ୟ ଏବଂ ତ୍ୟାଗ ନ ଥାଇ ଧର୍ମା ଚରଣକୁ ସାତ ଗୋଟି ସାମାଜିକ ଅପରାଧ ବୋଲି ଧରାଯାଏ । କିଶୋର ଗାନ୍ଧୀଜୀଙ୍କର ଏହି କଥା ଗୁଡିକ ଚିନ୍ତା ଯେତିକି ଗଭୀର ଭାବରେ ଚିନ୍ତା କରିବାକୁ ବସିଲା ସେତିକି ତାର ମନ ଆକାଶରୁ କଳାମେଘ ଘୁଞ୍ଚିବାକୁ ଆରମ୍ଭ କଲା ଏବଂ ତା ସାମନାରେ ଏକ ନବ ଦିଗନ୍ତର ଉଜ୍ଜ୍ୱଳ ଆଲୋକ ପ୍ରତିଭାତ ହେବାକୁ ଲାଗିଲା । ସେ ଅନୁଭବ କଲା ଆଧ୍ୟାପକ ବଢୋଇଙ୍କର କଥା " ଲଢ଼ିବା ବେଳ ଯାଇଛି । ଗଢ଼ିବା ବେଳ ଆସିଛି । ଜୀବନର ଲକ୍ଷ୍ୟ ସ୍ଥିର ହୋଇଗଲା ବୋଲି କିଶୋର ଅନୁଭବ କଲା । ସେ ଅନୁଭବ କଲା ଯେପରି ତାର ଅନ୍ତର ଭିତରୁ କିଏ ଯେପରି କହୁଛି - ସେବା କାର୍ଯ୍ୟରେ ମନ ଦିଅ । ସେଥିରେ ତୁମେ ଶାନ୍ତି, ଶକ୍ତି ଜୀବନ ଓ ଜୀବିକା ସହ ପୂଣ୍ୟାର୍ଜନ କରିପାରିବ । ଏହି ଅନ୍ତର ବାଣୀ କିଶୋରକୁ ଉଦ୍‌ବୁଦ୍ଧ କରି ପକାଇଲା । ଶରୀରରେ ରୋମାଞ୍ଚନ ଓ ମନରେ ଆନନ୍ଦର ମନ୍ଦାକିନୀ ପ୍ରବାହ ଅନୁଭବ କଲା । ସ୍ଥିର କଲା ତାର ଏ ସିଦ୍ଧାନ୍ତ ଏବେ ଲତାକୁ ଜଣାଇ ଦେବ ।

ରାତିଯାଇ କେତେବେଳେ ସକାଳ ହେଲାଣି ତାହା କିଶୋର ଜାଣିପାରି ନାହିଁ । ଘଣ୍ଟାକୁ ଚାହିଁ ଦେଖିଲା ସକାଳ ସାତଟା ବାଜିଲାଣି । ନିତ୍ୟକର୍ମ ସାରି ସେ ଚାଲି ବାହାରି ପଡିଲା ହୋଟେଲକୁ । କିଶୋର କର୍ତ୍ତବ୍ୟ ପରାୟଣ । ହୋଟେଲ ପରିଚାଳନା ମନଯୋଗ ପୂର୍ବକ କରେ । ସାଙ୍ଗ ସାଥୀ ମାନେ ଆସି ଗପ ଜମାଇ ଦିଅନ୍ତି ଏବଂ ବେକାର ଜୀବନରୁ ମୁକ୍ତି ମିଳିଲା ବୋଲି ପରିହାସ କରନ୍ତି । ଏସବୁ କାମଭିତରେ ଲତା କଥା ତା ମନକୁ ଭାରାକ୍ରାନ୍ତ କରିପକାଏ । ଗରିବ ଘରେ ଜନ୍ମ । ଲତା ଜଣେ ଅଫିସରଙ୍କର ଆଦରଣୀୟା କନ୍ୟା । ଏପରି ସ୍ଥଳେ ଲତାର ବନ୍ଧୁତ୍ୱକୁ ଚିରଦିନ ଧରି

Digitized by srujanika@gmail.com

ରଖି ପାରିବ ଏ ଆଶା କରିବା ତା ପକ୍ଷରେ ବୃଥା ତଥାପି ସେ ସେହି ଚିନ୍ତାରୁ ମୁକ୍ତିପାଏ ନାହିଁ । ଲତା ଯେପରି ତହାରି । ଲତା ପାଇଁ ଯେପରି ତାର ସଂସାରରେ ସୃଷ୍ଟି । ତାକୁ ପାଇ ସେ ଗଢ଼ି ପରିଛି ଏହି ଧୂଳି ପୁରରେ ଅଳକାର ସୌନ୍ଦର୍ଯ୍ୟ । ନନ୍ଦନ କାନନର ଚିର ବସନ୍ତ । ଏହି କଳ୍ପନାରେ ସେ ଦିନରାତି ବିଭୋର । ସବୁ କାର୍ଯ୍ୟରେ ସେ ଅନୁଭବ କରେ ଯେପରି ଲତାହିଁ ତାକୁ ଶକ୍ତି ଯୋଗାଇଛି । ଏହି ରଙ୍ଗିନ ଆଶାକୁ ନେଇ ଚାଲିଥାଏ ଦୁନିଆର ରାଜମାର୍ଗରେ । ଏହା ଭିତରେ ନିଷ୍ଠୁରର ବାସ୍ତବତାର କରୁଣ ଚିତ୍ର କି ଆନନ୍ଦର ମଦିରା ପୂରି ରହିଛି ତାହା ସେ ଦିନେ ହେଲେ ଚିନ୍ତା କରିନାହିଁ । କଳ୍ପନାର ବଡଦାଣ୍ଡରେ ତାର ରଥଗଡି ଚାଲେ । କେତେ ଦିନ ପାଇଁ ? ଶେଷ କେଉଁଠି କିଏ କହିବ ?

ବାପାଙ୍କର ଇଚ୍ଛାରେ ଲତା ବିଜ୍ଞାନ ପଢ଼ିଲା, ଡାକ୍ତରୀ ବିଦ୍ୟା ପଢ଼ି ଡାକ୍ତର ହେବାକୁ ମାତ୍ର ବିଜ୍ଞାନତାକୁ ଆକୃଷ୍ଟ କରିପାରିଲା ନାହିଁ । ଅଥଚ ସେ କୃତିତ୍ୱର ସହ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପାରିଲା ଅର୍ଥନୀତି, ଇତିହାସ, ମାତୃଭାଷା ପ୍ରତି ତାର ଗଭୀର ଶ୍ରଦ୍ଧା ରହିଥାଏ ମନରେ । ତାରି ଭିତରୁ ସେ ପାଏ ଦେଶ ଓ ଦେଶର ପରିଚୟ । ଯଶକୀର୍ତ୍ତୀର ଉତୁଙ୍ଗର ମିନାର । ବିଜ୍ଞାନରେ ଶୁଷ୍କତା ତା ମନକୁ ଉଦ୍‌ବୁଦ୍ଧ କରିପାରେ ନାହିଁ । ଏଥିପାଇଁ ପରୀକ୍ଷା ପରେ ଖୋଲାମନରେ ଲତା ବାପାବୋଉଙ୍କୁ କହିଲା ଯେ ମେଡିକାଲରେ ରକ୍ତ ମାଂସ, ମଳ, ମୂତ୍ର ଭିତରେ ଜୀବନ ଗଢ଼ିବାକୁ ତାର ଆଗ୍ରହ ନାହିଁ । ବରଂ ଅନ୍ୟ କିଛି କରିବ । ବାପା ଲତାର ମନୋଭାବ ବୁଝିଗଲେ । ଏ ଦିଗରେ ଆଉ ଅଗ୍ରସର ହେଲେ ନାହିଁ ।

ଲତା ସ୍ୱଭାବତଃ ଧୀର, ଗମ୍ଭୀର ଓ ଲଜ୍ଜାଶୀଳା । କଲେଜର ଛାତ୍ରୀ ଜୀବନରେ କିଶୋର ସହ ତାର ବନ୍ଧୁତା ହେବାଦିନୁ ସେ ଯେପରି ତା ପ୍ରତି ଅଲକ୍ଷ୍ୟରେ ଆକୃଷ୍ଟ ହୋଇଯାଇଛି । ତାର ହୃଦୟ ମନରେ କିଶୋର ପାଇଁ ଏକ ସ୍ଥାନ ରହିଥିବା କଥା ସେ ଅନୁଭବ କରିଛି । କିଶୋରକୁ ଦେଖିବା ମାତ୍ରେ ତା ମନରୁ ସବୁ ଅଭାବ

Digitized by srujanika@gmail.com

ଦୂର ହୋଇଯାଏ । ସେ ଭାବେ କିଶୋର ବ୍ୟତୀତ ତା ଜୀବନ ସାଥୀ ଆଉ କେହି ନାହିଁ । ତାର ପ୍ରତିରକ୍ତ ବିନ୍ଦୁରେ ଯେପରି କିଶୋରର ଛବି ପ୍ରତିଫଳିତ । ମନରେ, ପ୍ରାଣରେ, ହୃଦୟରେ ସେଇ ଜଣଙ୍କର କେବଳ ସେଇ ଦୃଢ଼ମନା ନିର୍ଭିକ ଉଦୀୟମାନ ଯୁବକର ରୂପଗୁଣ ପ୍ରତିବିମ୍ବିତ ।

ଲତା ଯୁବତୀ । ଯୌବନ ଯୁଆର ତାର ଅଙ୍ଗ ପ୍ରତ୍ୟେଙ୍ଗରେ କିଶୋର ବୟସର ସବୁ ରୂପ ସଜ୍ଜାକୁ ଏକତ୍ର କରି କମନୀୟ କରିଛି । ଚକ୍ଷୁର ଚପଳତା, ଅଧରର ରଙ୍ଗିମା ମୁଖର ଅନିନ୍ଦ୍ୟ ସୌନ୍ଦର୍ଯ୍ୟ, ବକ୍ଷର ଆଭରଣ ସବୁ ଯେପରି ଯୁବମାନସ ଚୋରି ପାଇଁ ଗୋଟିଏ ଗୋଟିଏ ଅସ୍ତ୍ର । ଲତା ନିଜେ ବୁଝିପାରେ ନାହିଁ । ସେ କେଉଁ ଅପୂର୍ବ ରୂପରେ ଅଧିକାରୀଣୀ, ପ୍ରସ୍ଫୁଟିତ କମଳର ପଦ୍ମମଧୂ । □

= ପନ୍ଦର =

ସମୟ ସନ୍ଧ୍ୟା ସାତଟା ଡ୍ରଇଁ ରୁମରେ ଚା' ପାନ ସହ ପିଲାମାନଙ୍କ ଗହଣରେ ଟି.ଭି.ରେ ସମ୍ବଲପୁରୀ ନୃତ୍ୟ ଗୀତ ଦେଖୁଛନ୍ତି ସୁରେଶ ବାବୁ । କବାଟରେ କରାଘାତର ଶବ୍ଦ ।

" କିଏ ! ଗମ୍ଭୀର ଓ ବଡଲୋକୀ ସ୍ୱରରେ ପଚାରିଲେ ସୁରେଶ ବାବୁ ।

" ସାର ମୁଁ " ଉତ୍ତର ଦେଲେ ଗତଡିଆ ।

" କିଏ ଗତଡିଆ ? କବାଟ ଖୋଲାଅଛି, ଭିତରକୁ ଆସ ।

" ସାର ନମସ୍କାର !" କହି ଗତଡିଆ ବସିଲେ ବେଞ୍ଚରେ । ଚା କପଟି ଟିପୟ ଉପରେ ଥୋଇଲେ ସୁରେଶ୍ ବାବୁ ।

" ତମକୁ ମୁଁ ମନେ ମନେ ଖୋଜୁଥିଲି ଗତଡ଼ିଏ ।"

Digitized by srujanika@gmail.com

" ସାର ! ଆପଣ ଜାଣନ୍ତି, କୌଣସି କାମ ମୁଣ୍ଡ ନ ଲଗାଇବା ଯାଏ ମୋତେ ଫୁରସତ ନ ଥାଏ । "

ତାହେଲେ କାମଟା ହାସଲ ହୋଇଛି ନିଶ୍ଚୟ ।

ଗତଡ଼ିଆଙ୍କ କଣ୍ଠସ୍ୱର ଜାଣିପାରି ତିଳୋତ୍ତମା ଦେବୀ ଭିତରୁ ଆସିଲେ ଏବଂ ଚୌକିରେ ବସିଲେ । " ରାଜି ହେଲେ " ତିଳୋତ୍ତମାଙ୍କ ପ୍ରଶ୍ନ ।

" ରାଜି ନ ହେବାର ବାଟ ଆଉନାହିଁ " ଗତଡ଼ିଆ ଗର୍ବସ୍ଫିତ ସ୍ୱରରେ କହିଲେ । " ମୁଁ ମଧ୍ୟ ଆଶା କରୁଥିଲି ଯେ ଅନୁକୂଳ ମତଟା ମିଳିବ ବୋଲି । ବିନୋଦ ବାବୁ ବା ତାଙ୍କ ପତ୍ନୀଙ୍କ ମତ ଯାହା ହେଉନା କାହିଁକି ଲତାର ମତଟା ନିଶ୍ଚୟ ସପକ୍ଷରେ ଥିବ । କାରଣ ଅଜିତ ଆଉ ଲତା କଲେଜ ମେଟ୍ । ପରସ୍ପରକୁ ଭଲଭାବରେ ଜାଣନ୍ତି । " ହସି ହସି ମନର କଥା କହିଲେ ସୁରେଶ ବାବୁ ।

" ସେଇଠି କଥାଟା ଟିକିଏ ଗୋଳମାଳିଆ ଧରୁଛି " ନଚେତ୍ ବାପ ମା ପୁରା ରାଜି ।

" ରାଜି ନ ହେବାର କାରଣ ମୁଁ ଦେଖୁ ନାହିଁ "

" ରାଜି ନ ହେବେ କେମିତି । ଧନ ସଂପତ୍ତି, କୋଠାଘର, ପଦ ମର୍ଯ୍ୟାଦା ସବୁଅଛି । ପୁଣି ଅଜିତ୍ ବାବୁଙ୍କୁ ଆପଣ ଯେପରି ଏକ୍ଲାସ କଣ୍ଟ୍ରାକ୍ଟର କରିଦେଲେ ଏବଂ ଅଳ୍ପଦିନ ମଧ୍ୟରେ ଦୁଇଲକ୍ଷ ଟଙ୍କାର ଟେଣ୍ଡର ଜିଣି ପାରିଲେ ସେ କଥା କ'ଣ କଟକରେ ଚହଳ ସୃଷ୍ଟି କରିନାହିଁ ? ତୋଷାମଦ କଲେ ଗତଡିଆ । " ସେ ବଡ ଗହନକଥା, ବହୁତ କିଛି କରିବାକୁ ହୋଇଛି " । ହୋଇଥିବ ସାର । ଆପଣଙ୍କୁ କେଉଁ କଥା ଅଜଣା ? ଆଜିକାଲି ଠିକାଦାରୀ ନମରେ ପଇସାର ଧୂଳିମଳି ନାହିଁ । ପଇସା ଦେଲେ ଲାଇସେନ୍ସ ମିଳିଗଲା । କାମରେ ଅଭିଜ୍ଞତା ଥାଉ ନ ଥାଉ ଟେଣ୍ଡର ଜିଣି ହୋଇ ଯାଉଛି । ଅଜିତ ବାବୁ ପାଠୁଆ ଲୋକ । ଅଭିଜ୍ଞତା ନ ଥାଉ, କଣ ହେଲା ସେଇଥିରେ ସବୁଠିକ୍ ହୋଇଯିବ । ଧନ ସଂପତ୍ତି ଓ ଆପଣଙ୍କର ପଦ ମର୍ଯ୍ୟାଦା

Digitized by srujanika@gmail.com

ସଂଗକୁ ଅଜିତ ବାବୁଙ୍କର ଦୁଇଲକ୍ଷ ଟଙ୍କାର କାମ କଥା ଶୁଣି ବିନୋଦ ବାବୁ ଓ ତାଙ୍କ ପତ୍ନୀ ଏକାଥରକେ ରାଜି ହୋଇଗଲେ । ଝିଅକୁ ଆଉ ପଢ଼ାଇବେ ନାହିଁ । ବାହାଘର କରିବେ । ପୁଣି ଅଜିତ ବାବୁଙ୍କ ସଂଗରେ । ହେଲେ ଲତା କାହିଁକି ଖୁସି ଥିଲା ପରି ଜଣା ପଡୁଥିଲା । " ଲତା କଥାରେ କ'ଣ ଅଛି ? ବାପା ମାଆ ରାଜିତ ହିନ୍ଦୁ ଘର ଝିଅ । ବାପ ମା ଝିଅର ବାହାଘର ବ୍ୟବସ୍ଥା କରିବେ । ଝିଅ ପାଠ ପଢ଼ି ମଣିଷ ହୋଇ ପାରିଥାଏ । କିନ୍ତୁ ବାହାଘର, ପାତ୍ର ନିର୍ବାଚନ, ବନ୍ଧୁ ଦେଖି ବନ୍ଧୁ କରିବା କାମ ବାପ ମାଆଙ୍କର ।" ସୁରେଶ ବାବୁଙ୍କ କଥାରେ କର୍କଶତା । " ଝିଅର ଗୋଟାଏ ମତ କ'ଣ ? ଆମେ ବାହାହେଲା ବେଳେ ବାପ ମା ଯାହା ଠିକ କଲେ ତାକୁ ଆମେ ମାନିନେଲୁ । ଯାହାର ଯେଉଁଠି ହୋଇଥିବ ସେଇଠି ହେବ ।" ଯୁକ୍ତି ବାଢ଼ିଲେ ତିଳୋତ୍ତମା । ହଁଆର ବିନୋଦ ବାବୁ ଏବଂ ତାଙ୍କ ପତ୍ନୀଙ୍କର ମତ ସେୟା । ତେବେ ସେ ଦେବା ନେବାରେ ପାରି ଉଠିବେ କି ନାହିଁ । ଏଇଥି ପାଇଁ ଇତଃସ୍ତତଃ ହେଉଛନ୍ତି । ନଚେତ ଆଉ କିଛି ପ୍ରତିବନ୍ଧକ ନାହିଁ । ଗତଡ଼ିଆ କହିଲେ " ସେଇଟା ବଡକଥା ନୁହେଁ । ସେଥିପାଇଁ କଥା ଅଟକି ଯିବ ନାହିଁ । ବିନୋଦ ବାବୁ ଜଣେ ଗ୍ରାଜୁଏଟ । ପୁଣି ଏ କ୍ଲାସ କଣ୍ଟ୍ରାକ୍ଟର ଜୋଇଁ ପାଉଛନ୍ତି । ତା' ସମ୍ମାନକୁ ଚାହିଁ ସେ କ'ଣ ଦେବାନେବା କରିବେ ନାହିଁ ? ପୁଣି ଝିଅ ବି ଜଣେ ଗ୍ରାଜୁଏଟ । ସୁରେଶ ବାବୁ ମୁଣ୍ଡ ଉପରେ ହାତ ଛନ୍ଦି ସୋଫାକୁ ଆଉଜିଲେ । " ନଅଟା ନା ଛଅଟା, ଗୋଟିଏ ବୋଲି ଝିଅ । ସରକାରୀ ଅଫିସର,ତେଣୁ ଅଭାବ କ'ଣ ଅଛି ? ଦେବାନେବା କରି ପାରିବେ ନାହିଁ କାହିଁକି ? ଆମେ ଯୌତୁକ ପାଇଁ ଦାବୀ କରୁନାହିଁ । ମାତ୍ର ଝିଅକି ଜୋଇଁର ସମ୍ମାନକୁ ଚାହିଁ ଦେବେ " ତିଳୋତ୍ତମାଙ୍କ ସ୍ୱରରେ ଦାମ୍ଭିକତା ।

" ହଁ ମ ଯୌତୁକ ନିରୋଧ ଆଇନ ପୋଥିପାଠ ହୋଇ ରହିଛି । କିଏ ତାକୁ ମାନୁଛି । ସେ ଆଇନରେ ଯେତିକି ଫାଙ୍କ ଅଛି ସେଇବାଟ ଦେଇ ସବୁ ପାର ହୋଇଯାଉଛି । ଆପଣତ ପଦସ୍ଥ ଅଫିସର । ତେଣୁ ସବୁବାଟ ଆପଣଙ୍କୁ ଜଣା "

Digitized by srujanika@gmail.com

ଗତଡ଼ିଆ ଉତ୍ତର ଦେଲେ ।

" ଆମ ଦେଶରେ ଅନେକ ଆଇନ କାର୍ଯ୍ୟକାରୀ ହୁଏ ନାହିଁ । କେବଳ ଲୋକ ଦେଖାଣିଆଭାବରେ ରହିଛି । ଯୌତୁକ ନିରୋଧ ଆଇନ ସେଇଥିରୁ ଗୋଟାଏ । ଧନୀ, ପୁଞ୍ଜିପତି, ଶିଳ୍ପପତି, ମନ୍ତ୍ରୀ, ବଡବଡ ଅଫିସରଙ୍କ ପୁଅଝିଅ ବାହାଘରରେ ତ ସବୁଛାଡ । ସେଠାରେ ଆଇନ ଲାଗୁ ହୁଏ ନାହିଁ । ସେମାନଙ୍କ ତୁଳନାରେ ଆମେ ଅବା କ'ଣ ? ସୁରେଶ ବାବୁ କଥା ବାଢ଼ିଲେ ।

ହଁ ସାର ! କେବଳ ସେତିକି ନୁହେଁ । ବାହାଘର ଆଗରୁ ଓ ପରେ ଭିତିରି କାରାବାର ଦେବାନେବା କଥା କିଏ ଖବର ରଖୁଛି । କେତେ ବାହାଘରରେ ମୁଁ ଯୋଗ ଦେଇଛି । ସବୁ ଦେଖିଛି । ଆଇନଙ୍କୁ ଫାଙ୍କିବା ପାଇଁ କେତେ ଉପାୟ ଖଞ୍ଜା ଯାଉଛି ।

" ଏଇ ଦେଖୁ ନାହଁ । ଯୌତୁକ ନିରୋଧ ଆଇନ ଏବଂ ୧୯୫୬ ମସିହା ହିନ୍ଦୁ ଆଇନ ପରସ୍ପର ବିରୋଧ ଆଇନ । କାରଣ ଝିଅକୁ ବାପ ମା'ଙ୍କର ସଂପତ୍ତିର ସମାନ ଅଧିକାର ଯେତେବେଳେ ଦିଆଯାଇଛି ଝିଅ ଯେତିକି ସଂପତ୍ତି ପାଇବାର କଥା ସେତକ ଦେଇ ଦିଅନ୍ତୁ । ଯୌତୁକ ଦେବା ଆବଶ୍ୟକ ନାହିଁ । ସେ ବିଷୟରେ ପ୍ରଶ୍ନ ମଧ ଉଠିବ ନାହିଁ । " ଯୁକ୍ତି କଲେ ସୁରେଶ ବାବୁ ।

" ହଁ ମ ! ଆମର ଯୌତୁକ ଆବଶ୍ୟକ ନାହିଁ । ଝିଅର ପାଉଣା ଯେତିକି ସଂପତ୍ତି ତାହା କ'ଣ ଯୌତୁକ ମୂଲ୍ୟ ଠାରୁ ଊଣା ହେବ କି ? ଆମେ ବାପ ଘରଠାରୁ ଦାବୀ କରୁନାହୁଁ । କାହିଁକି ନା ଆମର ଚିର ଦିନର ଆଶାଭରସା ବାପ ଘର ସହ ସଂପର୍କ ଛିଡିଯିବ ।" ତିଳୋତ୍ତମା ମତଦେଲେ ।

" ହଁ ଠିକ ସେଇୟା ଏକା ମା ପେଟରୁ ଜନ୍ମ ଲାଭ କରି ପୁଅ ସଂପତ୍ତିର ମାଲିକ ହେବ ବୋଲି ହିନ୍ଦୁ ସମାଜରେ ଚଳି ଆସୁଛି । ଝିଅ ଶାଶୁ ଘରକୁ ଗଲାପରେ

Digitized by srujanika@gmail.com

ତାର ପ୍ରାପ୍ୟ ବାହାଘର ଚତୁର୍ଥୀ ଠାରୁ ଅରମ୍ଭ କରି ବର୍ଷର ବାର ଉଷା ଆଦିରେ ଝିଅ ଘରକୁ କେତେ କଣ ପଠାଯାଏ । ପୁଣି ବର୍ଷକରେ ସଂଖୁଳା ଭାର ଠାରୁ ଆରମ୍ଭ କରି କେତେ କ'ଣ ଦେବାକୁ ହୁଏ । ସେହି ଉପାୟରେ ଭାଇଠାରୁ ଭଉଣୀ ବାପର ସଂପତ୍ତିରୁ ଅଂଶ ପାଇ ଯାଇଥିବାର ବିଧି ଚଳି ଆସୁଛି । ତେଣୁ ଯୌତୁକ ନିରୋଧ ଆଇନ ଏହାକୁ ବନ୍ଦ କରି ପାରିବ ନାହିଁ ବୋଲି ଏହା ଗୋଟିଏ ପଙ୍ଗୁ ଆଇନ । ଆଇନଗତ ବିଷୟ ବିଶ୍ଳେଷଣ କଲେ ସୁରେଶ ବାବୁ ।

" ବୁଝିଲେ ସାର ! ତେବେ ଆମେ କନ୍ୟା ପକ୍ଷଙ୍କ ଠାରୁ କ'ଣ ଆଶା କରିବା ? ଜାଣିଥିଲେ ବିନୋଦ ବାବୁଙ୍କ ସହ ଆଲୋଚନା ସମୟରେ ସୂଚନା ଦେବି ?"- ସନ୍ଦେହ ମୋଚନ ପାଇଁ ପଚାରିଲେ ଗଡଡ଼ିଆ ।

" ସେମିତି ତାଲିକା ଆମେ ଦେବାନାହିଁ । ଆମେ ଯୌତୁକ ଦାବୀ କରିବୁ ନାହିଁ । ଯାହା ଚଳୁଛି, ସେମିତି ଚଳାଇବା କଥା । ଏଇ ଝିଅ ଜୋଇଁଙ୍କ ସୁନା ୧୫ ଭରି ଜୋଇଁକୁ ମଟର ସାଇକେଲ ବାଟ ଖରଚ ବାବଦ ଦଶ ହଜାର ଟି.ଭି. ସେଟ ପଲଙ୍କ, ଗଡ଼ରେଜ ଆଲମିରା ଅନ୍ୟାନ୍ୟ ଫର୍ନିଚର ସହ ଫ୍ୟାନ, ଫ୍ରିଜ ଆଦି ଦେବେ । ସେ ଗୁଡାକ ଏମିତି ବେଶୀ କ'ଣ ଯେ ଆମେ ପୁଣି ମୁହଁରେ କହିବୁ ?" ସୂଚନା ଦେଲେ ତିଳୋତ୍ତମା ।

" ହଁ ସେଇୟା । ଏସବୁ ତ ସାଧାରଣ ଚଳଣି । ଆମ ପାହ୍ୟାର ଅଫିସରଙ୍କ ପୁଅଝିଅ ବାହାଘରରେ ଏସବୁ ସାଧାରଣ ଦେବା ନେବା କଥା । ମନ୍ତ୍ରୀ ବା ବଡ ବଡ ଅଫିସରଙ୍କ ପରି ଅମେ କାର, କୋଠା ବା ବ୍ୟଙ୍କ ବାଲେନ୍ସ ଦାବୀ କରୁନୁ ।" ତିଳୋତ୍ତମା କଥାକୁ ସମର୍ଥନ କଲେ ସୁରେଶ ବାବୁ ।

" ହଁ ସାର ! ଆପଣ ଯାହା କହିଲେ ତାହା ଏକାବେଳେ ଯୁକ୍ତି ଯୁକ୍ତ । ବେଶୀକିଛି ନୁହେଁ । ମୁଁ ତାଙ୍କୁ ମୌଖିକ ଏ ସୂଚନା ଦେଇ ଦେବି ସାର । ଗଡଡ଼ିଆ

Digitized by srujanika@gmail.com

ସନ୍ତୋଷ ପ୍ରକାଶ କଲେ ।

" ଯଦି କଥାଟା ଫାଇନାଲ ହୋଇଯାଏ ତେବେ ଆଗାମୀ ମାର୍ଗଶୀର ମାସରେ ବାହାଘରଟା କରିଦେବା । ପ୍ରସ୍ତୁତ ହେବାକୁ ହାତରେ ଚାରିମାସ ସମୟ ରହିଲାଣି । କିଛି ଅନୁବିଧା ନାହିଁ । ଆଜିକାଲି ପଇସା ହେଲେ ଦିନ ଆଠଟାରେ ବଡ ବଡ ବାହାଘର କରାଯାଇ ପାରୁଛି " ପରାମର୍ଶ ଦେଲେ ସୁରେଶ ବାବୁ ।

ସୁରେଶ ବାବୁ, ତିଳୋତ୍ତମା ଦେବୀ ଏବଂ ଗତଡ଼ିଆ ମନେ ମନେ ଆଶା ପୋଷଣ କଲେ ଯେ ଏ ପ୍ରସ୍ତାବ ନିଶ୍ଚୟ କାର୍ଯ୍ୟକାରୀ ହେବ । ପାତ୍ରପାତ୍ରୀ ଦୃଷ୍ଟିରୁ ଦେବାନେବାରେ ଅତି ସାଧାରଣ ଭାବେ ହେଉଥିବାରୁ କିଛି ପ୍ରତିବନ୍ଧକ ହେବ ନାହିଁ । ତିଳୋତ୍ତମା ଦେବୀ ଲତାକୁ ଘରକୁ ବୋହୂ କରି ଆଣିବାକୁ ମନସ୍ଥ କରି ସଫଳ ହେବାକୁ ଯାଉଥିବା ତାଙ୍କର କଳ୍ପନା କଥାଭାବି ଆନ୍ଦରେ ଉତ୍‌ଫୁଲ୍ଲ । ଗତଡ଼ିଆଙ୍କ ପାଇଁ ଖାଇବାର ବ୍ୟବସ୍ଥା କରିବା ପାଇଁ ଉଠିଗଲେ । ଭୋଜନ ସାରି ଗତଡ଼ିଆ ଯିବାକୁ ବାହାରିବା ସମୟରେ ସୁରେଶ ବାବୁ ତାଙ୍କ ହାତରେ ପଚାଶ ଟଙ୍କିଆ ନୋଟ ଗୋଟିଏ ଧରାଇ ଦେଲେ । ଆନନ୍ଦ ମନରେ ନମ୍ର ନମସ୍କାର କରି ବିଦାୟ ନେଲେ ଗତଡ଼ିଆ । ରାତି ସେତେବେଳକୁ ସାଢ଼େ ନଟ । ☐

Digitized by srujanika@gmail.com

= ଷୋହଳ =

କୁଆଁର ପୁନେଇ ହିନ୍ଦୁଘରର ବାଳକ ବାଳିକା ମାନଙ୍କର ଗୋଟାଏ ଆନନ୍ଦ ମହୋତ୍ସବର ଦିନ । ଶରତର ନିର୍ମଳତା ଚାରିଆଡେ ଖେଳି ଯାଉଥାଏ ଆକାଶ, ପୃଥିବୀ, ଜଳସ୍ଥଳ, ବୃକ୍ଷଲତା ସବୁଥିରେ ରମଣୀୟତା ଫୁଟି ଉଠେ । ନିର୍ମଳତା , ଲାବଣ୍ୟତା ଓ ପବିତ୍ରତାର ପ୍ରତୀକ ଫୁଲରେ କୋଜ ମତି ବାଳକ ବାଳିକା ମାନଙ୍କର ତୋଳାହୁଏ ଫୁଲଘର । ବିମଳ ଜ୍ୟୋତ୍ସ୍ନା ଶୁଭ୍ର ପୃଥିବୀ ପବିତ୍ର ଫୁଲ ସହ ବାଳିକା ବାଳକ ମାନଙ୍କର ପବିତ୍ର ମନର ମେଳ ହୁଏ ଖୁବ ସୁନ୍ଦର ଭାବରେ ।

କୁଆଁର ପୁନେଇ ଦିନ ବହୁତ ଫୁଲ ଆବଶ୍ୟକ ହୁଏ । ବିଶେଷତଃ କଇଁଫୁଲ ଓ ଜହ୍ନିଫୁଲର । ଏହି ଫୁଲ ଗୁଡିକ ନ ହେଲେ ଚାନ୍ଦଘର ହୋଇ ପାରିବ ନାହିଁ । ତେଣୁ ଲତାର ବରାତ ଚାନ୍ଦଘର ପାଇଁ ବେଶୀଫୁଲ ସଂଗ୍ରହ କରାଯିବ । ବାପାଙ୍କୁ କେତେ ଆଗରୁ କହି ରଖିଛି । କିଶୋରକୁ ମଧ୍ୟ ଅନୁରୋଧ କରିଛି । ସେ ଯେପରି ସେ ଦିନ ସଂଧ୍ୟା ଆଗରୁ ତା ପାଖରେ ହାଜର ହୁଏ । ଫୁଲ କାଟିବାରେ ସାହାଯ୍ୟ କରିବ । ରାତି ନ ପାହିବା ଆଗରୁ ବିନୋଦ ବାବୁ ଚାକରମାନଙ୍କୁ ଉଠାଇ ଅନେକ ଫୁଲ ସଂଗ୍ରହ କଲେ । କିଶୋର ମଧ୍ୟ ଅନେକ ଫୁଲ ସଂଗ୍ରହ କରାଇ ପାରିଛି । ସଂଧ୍ୟା ହେବା ଅନେକ ଆଗରୁ ଫୁଲ କାଟିବା ଆରମ୍ଭ କଲେ ଲତା ଓ କିଶୋର । ଚାନ୍ଦ ଘରର ଆକାର ପ୍ରକାର କିପରି ହେବ ଲତା ବରାଦ କରୁଥାଏ । ସେହି ବରାଦ ଅନୁସାରେ କିଶୋର ଫୁଲ କାଟୁଥାଏ । କଟାଫୁଲ ଜାକ ଡଲାରେ ସଜଡା ହୋଇ ରଖାଯାଉଥାଏ । ଲତାର ବରାତ ଅନୁସାରେ ଫୁଲ କଟା ଶେଷ ହେଲା । କିଶୋର କହିଲା ଲତା ! ତୁମର ଚାନ୍ଦଘର ପାଇଁ ଫୁଲ କାଟିଲି । ଏବେ ମୁଁ ଲତାଘର ପାଇଁ ଫୁଲ କାଟିବି । ଲତା ସରମରେ ଲାଲ ପଡିଗଲା । ସଂକ୍ଷେପରେ ଉତ୍ତର ଦେଲା "କାଟୁ ନାହଁ ! ମୁଁ କଣ ମନାକରୁଛି ?"

Digitized by srujanika@gmail.com

ଲତା ଉତ୍ତରକୁ ଅପେକ୍ଷା ନ କରି କିଶୋର ଫୁଲ କାଟି ଚାଲିଲା । ସେଗୁଡିକ ଅଲଗା ଅଲଗା ରଖାଗଲା । ଲତାଫୁଲକୁ ଖଞ୍ଜିଦେଲେ ଗୋଟାଏ ଘର ହୋଇଯିବ । ଘର ଛପର ଉପରେ ଲତାପତ୍ର ଛବି ହୋଇଥିବ ।ସେଥିରେ ଅତି ସୁନ୍ଦର ସୁନ୍ଦର ଫୁଲ ଲଗା ଲଗି ହୋଇରହିବ । ମଝିରେ ମଝିରେ ପକ୍ଷୀମାନେ ବସିଥିବେ । ଘରଭିତରେ ବସିଥିବେ ଦୁଇଟି ଯୁବକ ଯୁବତୀ । ଆଉ ଆକାଶରେ ଥିବ ଚାନ୍ଦ ।

ଫୁଲ କାଟିସାରି କିଶୋର କହିଲା " ସଞ୍ଜ ବେଳକୁ ତୁମେ ତୁମର ଚାନ୍ଦ ଘର ତୋଳିବ ଏବଂ ମୁଁ ମୋର ଲତାଘର ତୋଳିବି । କାହାର ଭଲ ହେବ ଦେଖିବା । କାହାର କଳ୍ପନା କିପରି ତାହା ଏଥିରୁ ଜଣା ପଡିବ । ଯାହାର ସବୁଠାରୁ ଭଲ ହେବ ତାକୁ ପୁରସ୍କାର ଦିଆଯିବ ।

" କି ପୁରସ୍କାର ଦିଆଯିବ ଶୁଣେ ? ଲତାର ସରମୀ ପ୍ରଶ୍ନ "

" ପୁରସ୍କାର କଥା ଆଗରୁ ଘୋଷଣା କରାଯିବ ନାହିଁ ।" କିଶୋର ରସିକତା କଲା ।

" ତାହାହେଲେ ? " ପ୍ରତି ଯୋଗିତାରେ ପୁରସ୍କାର ଘୋଷିତ ହୋଇଥାଏ । ଏ ପୁରସ୍କାର ମନକୁ ମନ ବୁଝିହୋଇଯାଏ " କିଶୋର ଉତ୍ତର ଦେଲା ।

" ଥାଉ ସେ କଥା " ଲତା କଥାରେ ମୋଡ ଦେଲା ।

ରୋଷେଇ ଘରେ ମନୋରମାଙ୍କର ହାତକୁ ଆଜି ବିଶ୍ରାମ ନାହିଁ । କୁଆଁର ପୁନେଇ, ଲତାର ଉପବାସ । କିଶୋର ମଧ୍ୟ ଆଜି ତାଙ୍କଘରେ ଖାଇବ । ଚାନ୍ଦଘର ହେବ । ସାହୀ ପଡିଶାରୁ ସ୍ତ୍ରୀଲୋକ, ବାଳକ ବାଳିକାମାନେ ବୁଲି ଆସିବେ, ଚାନ୍ଦଘର ଦେଖିବେ । କାହାକୁ କିପରି ଚାନ୍ଦ ଚକଟା, ପିଠା ଖାଇବାକୁ ଦିଆଯାଇ ଚର୍ଚ୍ଚା କରାଯିବ ଏହି ଆୟୋଜନରେ ସେ ବ୍ୟଗ୍ର । କେତେ ପ୍ରକାରର ପିଠା, ଖିରି ତିଆରି କରି ସେ ରଖିଲେ । ପାଖରେ ବସି ଲତା ମଝିରେ ମଝିରେ ସାହାଯ୍ୟ କରୁଥାଏ ।

Digitized by srujanika@gmail.com

କିଶୋର ପାଖରେ ବସିଥାଏ । ମନୋରମା ଥରେ ଥରେ ହସିବା କଥା କହିଦିଅନ୍ତି । ଲତା ଓ କିଶୋର ଆନନ୍ଦରେ ହସି ହସି ଘର ଉଚ୍ଛୁଳାଇ ଦିଅନ୍ତି ।

ସଞ୍ଜ ହେଲା । ପୂର୍ବାକାଶର ନୀଳ ଗାଲିଚା ଉପରେ ଧୀରେ ପାଦପକାଇ ଚାନ୍ଦ ଉଇଁଲା ବାଡି ପଛପଟେ ଦେବଦାରୁ ଗଛର ମୁଣ୍ଡ ଉପରେ ଜ୍ୟୋତ୍ସ୍ନାର ଧଳା ଫୁଲ ବୁଣି ବୁଣି ବିଜେ କଲେ ପୁନେଇ ଜହ୍ନ । ଲତାର ତର ସହିଲାନି । ହାତଗୋଡ ଧୋଇ ଚାନ୍ଦଘର ତୋଳିବାକୁ ବସିଗଲା । ଆଗରୁ ତୁଳସୀ ଚଉରା ମୂଳ ଲିପା ପୋଛା କାମ ଚାକରାଣୀ କରିଦେଇଛି । ଫୁଲ ପାଛିଆରୁ କିଶୋର ବରାଦ ଅନୁସାରେ ଫୁଲ ବାହାର କରି ଦେଉଥାଏ । ଅଳ୍ପ ଦୂରରେ ଜହ୍ନ ଆଲୁଅରେ ବସିଥାନ୍ତି ବିନୋଦ ବାବୁ ଓ ମନୋରମା । ଚେୟାର ଉପରେ ଉପବିଷ୍ଟ । ଲତାର ଚାନ୍ଦଘର ତିଆରିପାଇଁ ଆଗ୍ରହରେ ସେମାନେ ଯେପରି ଆନନ୍ଦ ବିଭୋର । ଏକମାତ୍ର କନ୍ୟା ଲତା । ତାର ଆହାର ବିହାର ଚାଲିଚଳନ ସବୁଥିରେ ଅଖଣ୍ଡ ସ୍ୱାଧୀନତା । ଭୟ ଓ ସଂକୋଚ ତାକୁ ଅଜଣା । ସେ ବାଲ୍ୟକାଳରୁ ମୁକ୍ତ ପ୍ରଣର ମଧୁ ଚାଖି ଆସିଛି । ଆଜି ଦିନରେ ତାର ମୁକ୍ତ ପ୍ରାଣରୁ ମୁକ୍ତା ଚାନ୍ଦ ଦେହରୁ ନିର୍ମଳ ଜ୍ୟୋତ୍ସ୍ନା ପରି ଝରି ପଡୁଛି ଅବାରିତ ଭାବରେ । ଲତାର ଚମ୍ପାକଢ଼ି ପରି ଆଙ୍ଗୁଳି ଗୁଡିକ କ୍ଷିପ୍ର ଗତିରେ କଟାଫୁଲ ସାହାଯ୍ୟରେ ନାନା ପ୍ରକାର ଚିତ୍ର ଗଢ଼ି ଚାଲିଛି । ପ୍ରଥମତଃ ସେ ଚାନ୍ଦଘର ଖଞ୍ଜିଦେଲା ପରେ କେତେ ପ୍ରକାରର ଗଛ, ଲତା, ଫୁଲ ତିଆରି କଲା । ତାର କଳ୍ପନାକୁ ସେ ରୂପ ଦେଉଛି । କଳା ସୃଷ୍ଟି କରୁଛି । କଳା କଳ୍ପନା କିପରି କଇଁ ଫୁଲ ପାଖୁଡାରେ କଥାମୟ ହୋଇ ଉଠୁଛି ତାହା ଦେଖବବାର କଥା । ଲତାର ଏ କଳା ରୁଚି ଦେଖି ମନେ ମନେ ଗର୍ବ ଅନୁଭବ କରୁଛନ୍ତି ବିନୋଦ ବାବୁ ଓ ମନୋରମା । ଲତାର ବାପା ମା ହେବାରେ ଆତ୍ମ ପ୍ରଶଂସା ଛପି ଛପି ମନ ଭିତରେ ଉଙ୍କି ମାରୁଛି । କିଶୋର ଲତାକୁ ସାହାଯ୍ୟ କରୁଥାଏ । କେଉଁଠି କିମିତି ସାମାନ୍ୟ ଭୁଲ ହୋଇଗଲେ ଲତା କୃତ୍ରିମ ବିରକ୍ତି ପ୍ରକାଶ କରୁଥାଏ । ତାର ମନ ଫୁଲଘରର ଫୁଲ ପାଖୁଡା ପରି ହାଲୁକା ହୋଇ ଉଠିଛି । ଲତାର ଚାନ୍ଦଘର ତୋଳିବାରେ ଯେଉଁ କଳ୍ପନା ଓ ସୌନ୍ଦର୍ଯ୍ୟ

Digitized by srujanika@gmail.com

ସୃଷ୍ଟିକରିବାରେ ସଫଳତା ହାସଲ କରିଛି । କିଶୋର ସେଥିରେ ଆତ୍ମହରା ହୋଇ ଯାଇଛି । ନିଜର ଅଜ୍ଞାତସାରରେ ନିଜର ଭାଗ୍ୟକୁ ମନେ ମନେ ପ୍ରଶଂସା କରୁଥାଏ । କେଉଁ ଅଜଣା ଆଶାରେ କେଜାଣି ?

ଲତାର ଚାନ୍ଦଘର ତୋଳା ଶେଷ ହେଲା । ଏବେ କିଶୋର ଲତାଘର ତୋଳିବ । ଚାନ୍ଦଘର ପାଖକୁ ଲାଗି ସେ ଫୁଲ ଖଞ୍ଜିବାରେ ଲାଗିଲା । ଲତା ଉବେଇ ଟୁବେଇ ଲାଗୁଥାଏ । ଦୋଷତ୍ରୁଟି ବାହାରଂ କରେ । ଇଚ୍ଛା କରି କେଉଁଠି ବଙ୍କାକରି ଦିଏ ଫୁଲକୁ । ତାର ଇଚ୍ଛା ଟିକିଏ କୌତୁକ ଦେଖିବା, କିଶୋରକୁ ବିରକ୍ତ କରିବା । କିଶୋର ଅସନ୍ତୁଷ୍ଟ ବା ବିରକ୍ତ ନ ହୋଇ ବରଂ ଆନନ୍ଦ ପାଏ ।

ମନୋରମା ଭୋଗ ସରଞ୍ଜାମ ଆଣି ଥୋଇ ଦେଉଛନ୍ତି । ଲତା ଭୋଗ ଲଗାଇଲା । ଚାନ୍ଦ ପୂଜାଶେଷ ହେଲା । ତୁଳସୀ ଚଉରା ପାଖରେ ଲତାର ଚାନ୍ଦଘର । ଜହ୍ନଘର ସହିତ କିଶୋରର ଲତାଘର ଫୁଲ ସମାବେଶରେ ଅପୂର୍ବ ମନୋରମ ସୌନ୍ଦର୍ଯ୍ୟ ସୃଷ୍ଟି କରିଛି । ଯେ କେହି ଲୋକ ପ୍ରଶଂସା ନ କରି ରହି ପାରିବ ନାହିଁ । ବିନୋଦ ବାବୁ, ଲତା, କିଶୋର ଏକତ୍ର ଭୋଜନ କଲେ । ମନୋରମା ଖାଇ ବସିବା ସମୟରେ ଲତା ଚାକର, ଚାକରାଣୀ, ପିଅନ ମାନଙ୍କୁ ଖାଇବାକୁ ଦେଲା । ସବୁକାମ ପାଇଟି ଶେଷ କରି ମନୋରମା ବାହାରିଲେ ସାହୀ ବୁଲିଯିବେ କିଶୋର ଓ ଲତାକୁ ସଂଗରେ ନେଇ । ଲତା ଲୁଗା ବଦଳାଇ ଘରୁ ବାହାରିଲା । ଅପୂର୍ବ ସୁନ୍ଦରୀ । ସଦ୍ୟ ପ୍ରସ୍ଫୁଟିତ ପଦ୍ମଫୁଲଟି ଯେପରି ଯୌବନ ପୁଷ୍କରିଣୀରେ ଢ଼ଳଢ଼ଳ । ଶରତର ରଜନୀ । ଜ୍ୟୋତ୍ସ୍ନାର ସ୍ୱଚ୍ଛତା, ଫୁଲର ଲାବଣ୍ୟ, ସବୁ ଯେପରି ଲତାର ରୂପ ଗୌରବ ନିକଟରେ ପରାଜୟ ସ୍ୱୀକାର କରିଛନ୍ତି ।

ସାହୀ ବୁଲି ଫେରିବା ବେଳକୁ ରାତି ଆଠଟା । ବାଟଯାକ ଲତା କାହାର ଚାନ୍ଦଘର କିପରି ହୋଇଛି, କାହାର ଫୁଲ କାଟିବାରେ ଜ୍ଞାନ କିପରି, କାହାର ଫୁଲ ସଜାଇବାର ବାହାଦୂରୀ କେତେ ଇତ୍ୟାଦି ନାନା ବିଷୟରେ ଗପି ଗପି ଚାଲିଥାଏ ।

Digitized by srujanika@gmail.com

କିଶୋର ଓ ମନୋରମା ମଧ୍ଯ ସେ ଆଲୋଚନାରେ ଅଂଶ ଗ୍ରହଣ କରୁଥାନ୍ତି । ଚାରୁ ବାବୁଙ୍କ ଘରେ ଚାନ୍ଦଘର ଭଲ ହୋଇଛି ବୋଲି ତିନିଜଣ ଯାକ ମତ ଦେଲେ । ମାତ୍ର ଲତାର ଚାନ୍ଦଘର ଠାରୁ ତାହା ନିକୃଷ୍ଟ । ଲତାଘର ବିଷୟରେ କିଛି ନ କହିଲେ ତା ମନରେ କଷ୍ଟ ହେବ । ଏକ ବିଚାରକର ଭୂମିକା ଗ୍ରହଣ କରି କହିଲେ ନିଜ ପୁଅଟି ନିଜ ଆଖିକୁ ସବୁଠୁ ସୁନ୍ଦର ଦିଶେ । ସେ କଣା ହେଉ କି କୁଜା ହେଉ । ତୁ ତୋର ଚାନ୍ଦଘର କଥା ବଢ଼େଇ କରୁଛୁ । କିଶୋର ଲତା ଘରଟି କି ସୁନ୍ଦର ହୋଇଛି । କାହିଁ ତା କଥା ପଦେ ହେଲେ କହୁ ନାହୁଁ ।

ଲତା କ'ଣ କହିବାକୁ ଯାଉଥିଲା ମାତ୍ର କିଶୋର ତା ପାଟିରୁ କଥାଛଡାଇ କହିଲା ନା' ମାଉସୀ- ଚାନ୍ଦଘର ତୋଳା ହେବା ଆଗରୁ ଆମଭିତରେ କଥା ହୋଇଛି ଯେ ଯାହାର ଫୁଲ ସଜାଇବା ସୁନ୍ଦର ହେବ ସେ ପୁରସ୍କାର ପାଇବ । ଲତା ପ୍ରାଣ ପ୍ରଣେ ଚେଷ୍ଟା କରି ଚାନ୍ଦଘର, ଜହ୍ନିଫୁଲ ଘୋର ତୋଳିଛି । ହେଲେ ଭଲ ହୋଇ ନାହିଁ । ତେଣୁ ସେ ପୁରସ୍କାର ଦେବ । ସେ ପୁରସ୍କାର ବିଜେତା ମୁଁ । ଏ ବିପଦରୁ ନିଜକୁ ରକ୍ଷା କରିବା ପାଇଁ ଟିକିଏ ବଢ଼େଇ ଦେଖାଇ ହେବା ଆବଶ୍ୟକ ଉଚ୍ଚିତ ?

ଲତା ଏ କଥା ଶୁଣି ଲାଜରେ ଲାଲ ପଡିଗଲା । ମନେ ମନେ କହିଲା " କିଶୋର ଭାଇଟା ଏପରି ଅଲାଜୁକା । ବୋଉ ପାଖରେ ସବୁ କହିଦେଲା । ବୋଉ କ'ଣ ଭାବିଥିବ ଯେ ? ମନକଥା ଚାପି ରଖି ଲତା କହିଲା " ମୁଁ କାହିଁକି ବଢ଼େଇ କରିବି ? ଯାହା ସତକଥା ତାହା କହିଲି । ଚାଲତ ବୋଉ, ଦେଖିବୁ କାହାର ଭଲ ହୋଇଛି ? ତୁ ଯାହା ରାୟଦେବୁ ଆମେ ତାକୁ ମାନିନେବୁ "

ମନୋରମା ଏବେ ପ୍ରମାଦ ଗଣିଲେ । ଲତା ଯେପରି କିଶୋର ମଧ୍ଯ ସେହିପରି ନିଷ୍ପତ୍ତି ଜାଣିବାକୁ ଆଗ୍ରହୀ । ଜଣକୁ ପ୍ରଶଂସା କଲେ ଅନ୍ୟ ଜଣକ ମନ ଊଣା କରିବ । ତେଣୁ ତାଙ୍କୁ ବିପଦ ମଝିରେ ଛିଡା ହେବାକୁ ହୋଇଛି । ବୁଦ୍ଧିମତାର ସହ କଥାଟି ସମାଧାନ କରିଦେଲେ । ଚଉରା ପାଖରେ ଛିଡା ହୋଇ କହିଲେ "

Digitized by srujanika@gmail.com

ବେଶ ତ , ଦି'ଜଣଙ୍କର ଚାନ୍ଦଘର୍, ଲତାଘର ଖୁବ୍ ସୁନ୍ଦର ହୋଇଛି । କେହି କାହାରିକୁ ଊଣା ନୁହେଁ ।''

ମନୋରମା ଉଭୟଙ୍କ ମନରଖି ନିଜର ନିଷ୍ପତ୍ତି ଦେଇଛନ୍ତି । ତେଣୁ ପୁରସ୍କାର କଥାଟା ବାଏଁ ବାଏଁ ଉଡିଗଲା । □

= ସତର =

ମନୋରମା ଘରେ ପହଞ୍ଚିବା ବେଳକୁ ବିନୋଦ ବାବୁ ଭିତର ଅଗଣାରେ ଚୌକିରେ ବସି କୁମାର ପୂର୍ଣ୍ଣୀମା ରାତିର ସୌନ୍ଦର୍ଯ୍ୟ ଓ ଶୀତଳତା ଉପଭୋଗ କରୁଥିଲେ । ମନୋରମା ଯାଇ ତାଙ୍କ ପାଖରେ ଆଉ ଗୋଟିଏ ଚୌକିରେ ବସିଲେ । କେତେଆଡୁ କେତେ କଥା ପଡିଲା । ସାହୀ ବୁଲିଯାଇ ଯାହା ଦେଖି ଆସିଲେ - ଯାହାଙ୍କ ସହ ଯେପରି କଥା ହେଲା ସେ ବିଷୟରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଗପ ହେଉଥାଏ । ଏହି ପ୍ରସଙ୍ଗରେ ସେଦିନ ପ୍ରମିଳା ମାଉସୀ ଲତାର ବାହାଘର ବିଷୟରେ ଯେଉଁ ସୂଚନା ଦେଲେ ତାହାମଧ୍ୟ ଆଲୋଚନା ଭିତରକୁ ଆସିଲା । ରଘୁ ଗଡଡ଼ିଆ ସୁରେଶ ବାବୁଙ୍କ ପୁଅ ଅଜିତ୍ ମହାପାତ୍ରଙ୍କ ବିଷୟରେ ଯେଉଁ ବିବାହ ପ୍ରସ୍ତାବ ଆଣିଥିଲେ ତାହା ମଧ୍ୟ ଆଲୋଚିତ ହେଉଥାଏ ।

ଘରର ଚାକରକୁ ବରାତ କରି ତୁଳସୀ ଚଉରା ପାଖରେ ଦୁଇଟି ଚୌକି ଲତା ପକାଇଛି । ଚୌକି ଦୁଇଟି ପାଖକୁ ପାଖକୁ ଲଗା ଲଗି ହୋଇ ପଡିଛି । ଲତା ଓ କିଶୋର ସାହୀରୁ ଫେରିବା ପରେ ବାଥ୍ରୁମରେ ହାତ ଗୋଡ ଧୋଇ ଟିକିଏ ଆରାମ କରିବେ । ପ୍ରଥମେ ଲତା ଯାଇ ବସିଲା । କୁଆଁର ପୁନେଇ ଜହ୍ନ, ଜଳ ସ୍ଥଳ, ଆକାଶ, ପୃଥିବୀ, ସର୍ବତ୍ର ଚାନ୍ଦିନୀ ରାତିର ମାଦକଭରା ମହୋତ୍ସବ, ପିଲା ଛୁଆଙ୍କ ଠାରୁ ଆରମ୍ଭ କରି ବୁଢ଼ା ବେଣ୍ଟିଆଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମନ ଭାବମୟ, ଆନନ୍ଦମୟ ।

Digitized by srujanika@gmail.com

ମଣିଷ ଉପରେ ପ୍ରକୃତିର ପ୍ରଭାବ କିପରି ବ୍ୟାପକ ଓ ଶକ୍ତିଶାଳୀ ତାହାର ପରିଚୟ ସର୍ବତ୍ର ପରିସ୍ଫୁଟ ।

ଉପରେ କୌମୁଦୀ ସ୍ନାତ ସୁନୀଳ ଆକାଶ, ତଳେ ଜ୍ୟୋସ୍ନା ବଧୌତ ପୃଥିବୀ । ମଝିରେ ସୁରଭୀ ଆହରଣ କରି ସୁଲ ସୁଲିଆ ପବନ ତାହା ବିତରଣ ପାଇଁ ଇତସ୍ତତଃ ଧାଇଁ ବହୁଛି ଗୋଟିଏ ଅମାନିଆ ପିଲାପରି । ତାହାରି ଦେହରେ ଭାସି ଆସୁଛି କିଏ ଜଣେ ବାଟଚଲା ଲୋକର ବଂଶୀ ସ୍ୱନ । ଆଜି ରାତିର ଏହି ସୌନ୍ଦର୍ଯ୍ୟ ସମାରୋହ ସବୁଲୋକଙ୍କ ମନ ଛୁଆଁ ପରିବେଶ ସୃଷ୍ଟି କରିଛି । ପୁଷ୍ପଧନ୍ୱା କାମଦେବଙ୍କର କାର୍ଯ୍ୟ କରିସର ବଢ଼ି ଯାଇଛି କିଶୋର କିଶୋରୀ ଯୁବକ ଯୁବତୀଙ୍କର ମନର ବାସନାକୁ ଶତଗୁଣିତ କରିବାକୁ ।

ଲତା ଆସିବାର କିଛି ସମୟପରେ କିଶୋର ଆସି ଅନ୍ୟ ଚୌକୀରେ ଲତା ପାଖରେ ବସିଲା । ଲତାର ପଣତ କାନିଟି ପବନରେ ଦୋହଲି ଦୋହଲି କିଶୋର ଦେହରେ ବାଜି ଯାଉଥାଏ । ସେହି ପଣତ ଛୁଆଁରେ ସତେ ଯେପରି ଥାଏ ଅନେକ କିଛି ସଂକେତ, ଆବାହନ, ଉପଭୋଗ ପାଇଁ ନିମନ୍ତ୍ରଣ ।

ଶାରଦ ଆକାଶରେ ଖଣ୍ଡିଏ ଛୋଟ ମେଘଖଣ୍ଡ ସହ ଜହ୍ନର ଲୁଚକାଳି ଖେଳକୁ ଚାହିଁ ରହିଛି ଲତା । କିଶୋର ଲତାର ମୁହଁକୁ ଚାହିଁ ଦେଇ ଆତ୍ମହରା ହୋଇ ଉଠିଲା । ଆହା ! କି ସୁନ୍ଦର ରୂପ । ଶିଶିର ସ୍ନାତ ସଦ୍ୟ ପଦ୍ମଫୁଲ ପରି ମୁହଁ । ମନେ ହେଉଛି ସତେ ଯେପରି କୌମୁଦୀ ସ୍ରୋତରେ ନିଷ୍କଳ ହୋଇ ରହିଯାଇଛି ଏକ ଅଦୃଷ୍ଟ ପୂର୍ବ ସଦ୍ୟ ପ୍ରସ୍ଫୁଟିତ କମଳିନୀ । ଉପମା ଖୋଜିଲେ ସୃଷ୍ଟିରେ ମିଳିବନି । ସେହି ହିଁ ତାର ଉପମା । କିଶୋର ଏହି ଅନିନ୍ଦ୍ୟ ସୁନ୍ଦର ରୂପକୁ ଦେଖୁଥାଏ । ତାହାର ଆଖି ଦୁଇଟି ଯେତେ ରୂପ-ରସ ପିଇଲେବି ଯେପରି ଆହୁରି ତୃଷିତ ହୋଇ ଉଠୁଥାନ୍ତି । ସେ ଶୋଷରେ ଯେପରି ବିରାମ ନାହିଁ, ସମାପ୍ତି ନାହିଁ, ତୃପ୍ତି ନାହିଁ । ଆଶ୍ୱିନ୍ୟ ଆକାଶର

Digitized by srujanika@gmail.com

ପୂର୍ଣ୍ଣମା ଚାନ୍ଦ ଅଧିକ ସୁନ୍ଦର ବି ତା ଆଗରେ ସଦ୍ୟ ପ୍ରସ୍ଫୁଟିତ ପଦ୍ମପରି ଭରା ଯୌବନରେ ଲାଳାୟିତ ଲତାର ମୁହଁଟି ଅଧିକ ସୁନ୍ଦର କିଶୋର ମିମାଂସା କରିପାରୁ ନ ଥାଏ । ସେ ଇଚ୍ଛା କରୁଥାଏ ତାର ଆହୁରି ଅନେକ ଗୁଡିଏ ଆଖି ଥାଆନ୍ତା । ସେଥିରେ ଆଦୌ ପଲକ ପଡୁ ନ ଥାନ୍ତା । ସେ ବସି ବସି କେବଳ ଲତାର ଏହି ଅପୂର୍ବ ରୂପ ମାଧୁରୀକୁ ଉପଭୋଗ କରୁଥାନ୍ତା ଯୁଗ ଯୁଗ ଧରି ।

କିଛି ସମୟ ନୀରବରେ ବିତି ଯାଇଛି । ସାହୀ ବୁଲାର କ୍ଳାନ୍ତି ପାଇଁ ବୋଧହୁଏ । କିଶୋର ଲତାର ଡାହଣ ହାତର ଚମ୍ପାକଢ଼ି ପରି ଆଙ୍ଗୁଳିକୁ ନିଜ ହାତ ପାପୁଲିରେ ରଖି ତା ଉପରେ ମୃଦୁ ହସ୍ତ ଚାଳନା କରୁଁ କରୁଁ ଡାକିଲା -

" ଲତା ?" କିଶୋର କଣ୍ଠ ସ୍ୱରରେ ଅସଂଲଗ୍ନତା ।

ଲତାର ଦୃଷ୍ଟି ଜହ୍ନ ଉପରେ ନିବଦ୍ଧ ।

କିଶୋର ପୁଣିଡାକିଲା " ଲତା"

" ଉଁ " । ଲତା ସ୍ୱରରେ ଗାମ୍ଭୀର୍ଯ୍ୟ ।

ଲତା କଳ୍ପନା ବିଳାଷୀ ମଣିଷ କଣ କଳ୍ପନା କରି ନ ପାରେ ? କିଶୋର ଆରମ୍ଭ କଲା ।

ଲତା କିଶୋର ଆଡକୁ ଥରେ ମୁହଁ ଫେରାଇ ପୁରି ଚାହିଁ ରହିଲା ଆକାଶର ଜହ୍ନକୁ ।

" ସେହି କଳ୍ପନାକୁ ସେ କେତେ ରୂପ ନ ଦିଏ ? କଳ୍ପନାର ଫର୍ଦ୍ଦଉପରେ ସେ କେତେ ଚିତ୍ର ଅଙ୍କନ କରୁଥାଏ ?

କଳ୍ପନାର ଫାଙ୍କେ ଫାଙ୍କେ ସେ କେତେ ସୁନ୍ଦର ଜୀବନର ସନ୍ଧାନ ଖୋଜୁ ନ ଥାଏ ?" କିଶୋରର ବକ୍ତବ୍ୟରେ ଦାର୍ଶନିକ ଜିଜ୍ଞାସା ।

Digitized by srujanika@gmail.com

" ଓଃ, କୁଆଁର ପୂନେଇ ରୂପେଲି ରାତି କବି ମନକୁ ଭାବାବେଶ କରିଛି ପରା ?" ଲତାର ଉତ୍ତରରେ ସରାଗ ଓ ତେରେଛା ଚାହାଁଣିରେ ଅନକେ ଅକୁହା ଭାଷା ।

" ନା, ସେମିତି କିଛି ନୁହେଁ । ତମର ଅପୂର୍ବ କଳ୍ପନା ଯେଉଁ ସୁନ୍ଦର ଚାନ୍ଦଘର ପ୍ରସ୍ତୁତ କରିଛି ତାହା ଏକ ଦେଖିବାର ଜିନିଷ ହୋଇଛି ।" ଲତାର ମୁହଁରେ ସ୍ମିତ ହସରେଖା ।

" ମନର ରୂପ ଶୂନ୍ୟ ଭାବନାକୁ ତମେ ଯେଉଁ ବାସ୍ତବରୂପ ଦେଇଛ ତାହା ସମ୍ଭାବନାର ସୀମାକୁ ପାରି ହୋଇ ଯାଇଛି ।"

"ହଉ, ସେତିକି ପ୍ରଶଂସା ଥାଉ" କଥାରେ ବାଧା ଦେଲା ଲତା ।

" ସତ କହିବାକୁ ଗଲେ ସାମାନ୍ୟ କଇଁଫୁଲତ । ଯାହା ଟିକିଏ ଖରାର ପରଶ ପାଇଲେ ଝାଉଁଳି ପଡେ । ସେ ଆଜି ତୁମରି ହାତରେ ରୂପମୟ, କଥାମୟ ହୋଇଉଠିଛି ଏହି ଚାମେଲି ରାତିରେ " କିଶୋର କଥାରେ ଆବେଗ ବେଶ୍ ପରିସ୍ଫୁଟ ।

" ପାଗଳ କବି ! ସ୍ନେହାଦରର ସମ୍ବୋଧନ 'ତୁ' ଛାଡି ଆଜି ସମ୍ମାନ ସୂଚକ ପଦ 'ତୁମେ' ଉଚ୍ଚାରଣରେ ଆଦର ବଢ଼ାଇଛନ୍ତି କାହିଁକି ?" ଲତାର ଅଭିଯୋଗ । କବିଙ୍କର ଭାବ୍ ବିନ୍ୟାସ ସଂଗେ ସଂଗେ ଶବ୍ଦବିନ୍ୟାସର ତାଳ ସମାନ ଥାଏ ପରା ? ଥାଉ ସେ କଥା । ମୋର ଏତେ ମାନ୍ୟଗଣ୍ୟ ହେବାର ଇଚ୍ଛା ନାହିଁ । ତମର ସେହି 'ତୁ' ଡାକରେ ମୋର ଶାନ୍ତି - ତୃପ୍ତି । 'ତୁମେ' ବୋଲି ଶୁଣିଲେ ମୋର ମନେହୁଏ ଯେପରି କିଏ ମୋ ଆଗରେ ଗୋଟାଏ ପ୍ରଶାନ୍ତ ମହାସାଗରର ବ୍ୟବଧାନ ସୃଷ୍ଟି କରି ଦେଇଛି । ଯେଉଁ ଚାନ୍ଦଘର କଥା କହୁଛ ସେଥିରେ ମୋର ଆଦୌ ବାହାଦୂରୀ ନାହିଁ । ସବୁ ତୁମରି ଶିକ୍ଷା । ମୁଁ କେବଳ ନିମିତ୍ତ ମାତ୍ର । କାହିଁ 'ଲତାଘର' କଥା ତ ଉଠୁନାହିଁ । ତାହା କେଉଁ ଗୁଣରେ ଊଣା ? ବରଂ କଳାର ପରିଚୟ ମିଳେ

Digitized by srujanika@gmail.com

ତାହା ଦେହରୁ ସବୁଠୁଁ ବେଶୀ । ସତନୁହେଁ ?''

ଉତ୍ତର ଅପେକ୍ଷାରେ ଲତା ନୀରବ । ଆଖିରେ ତାର ଅସୀମ ସରାଗର ଆଭାସ ।

ସୌନ୍ଦର୍ଯ୍ୟ ପାଇଁ ଯାହାର ସୃଷ୍ଟି, ସୌନ୍ଦର୍ଯ୍ୟରେ ଯାହାର ଖେଳ, ଲାବଣ୍ୟ ଯାହାର ଚିରସାଥୀ ସେହି ନାରୀର ଚପଳ ଆଖି ସିନା ଭଲମନ୍ଦ ବାରିବାକୁ ସମର୍ଥ ହେବ ଏବଂ ସେହି ବାରିବା ହିଁ ପ୍ରକୃତରେ ଅର୍ଥପୂର୍ଣ୍ଣ ହେବ । ଆଉ ସଂସାରରେ ଝଡ ଝଞ୍ଜାରେ ଆକୁଳିତ ପୁରୁଷର ଆଖିକୁ ଏପରି ସୁନ୍ଦର ଦେଖାଯିବ କୁଆଡୁ ?''

'' ତେବେ ସୌନ୍ଦର୍ଯ୍ୟ ପିପାସୁ କବି ନାରୀ ନା ପୁରୁଷ ?'' ଲତାର ପ୍ରଶ୍ନ ।

'' କବି ସୌନ୍ଦର୍ଯ୍ୟ ପିପାସୁ । ସେ ପୁରୁଷ ହେଉ କି ନାରୀ ହେଉ । ସେ ସୌନ୍ଦର୍ଯ୍ୟ ଗ୍ରାହୀ ଏବଂ ରୂପରସିକ । ସେ ପୁରୁଷ ବା ନାରୀ ରୂପଧାରୀ ହେଲେ ମଧ୍ୟ ନାରୀର ମନ, ନାରୀର ହୃଦୟ ପରି ତାର ମନ ଓ ହୃଦୟ ଦରଦୀ, ସଂବେଦନଶୀଳ ଏବଂ ସୌନ୍ଦର୍ଯ୍ୟର ପୂଜାରୀ । ଏକଥା କ'ଣ ସତ୍ୟ ନୁହେଁ ? କିଶୋରର ପ୍ରତିପ୍ରଶ୍ନ ।
'' କଥାଟି ମିଛ ନୁହେଁ । କବି ନାରୀ ହେଉ ବା ପୁରୁଷ ହେଉ ଯାହାର ଜୀବନ କଳ୍ପନାମୟ, ସୌନ୍ଦର୍ଯ୍ୟମୟ ସେହିହିଁ କବି ପଦବାଚ୍ୟ । କଳ୍ପନାକୁ ଛାଡି କବି ନାହାଁନ୍ତି । କବିଙ୍କ ବ୍ୟତୀତ କଳ୍ପନାର ରୂପ ଫୁଟେ ନାହିଁ । ଉଭୟ ପରସ୍ପରର ପରିପୂରକ । ତେଣୁ କବିର ଜୀବନ ସ୍ୱଚ୍ଛ ଓ ଶାନ୍ତିମୟ '' ଲତା ଯୁକ୍ତି କଲା ।

'' ମୁଁ କବିର କଳ୍ପନା, କଳାର କଳ୍ପନା ଓ ସଂସାରୀ ମଣିଷର କଳ୍ପନା ଭିତରେ ତାରତମ୍ୟଥିବା କଥା ଅନୁଭବ କରୁଛି । ସାଧାରଣ ମଣିଷର କଳ୍ପନା ଓ ବାସ୍ତବତା ଭିତରେ ବ୍ୟବଧାନ ବହୁତ । ମାତ୍ର କବିର କଳ୍ପନା ଚିରନ୍ତନ । ମଣିଷ କଳ୍ପନା କରିପାରେ ବହୁତ ସବୁ କଳ୍ପନା ତାର ବାସ୍ତବ ରୂପ ନେଇପାରେ ନାହିଁ । ଯେଉଁଟି ରୂପ ନେଇ ନ ପାରେ ତାହା କେବଳ ଆଦର୍ଶ ସ୍ଥିତିରେ ରହିଯାଏ ବା ରାବଣର ସ୍ୱର୍ଗକୁ ନିଶୁଣୀ ପରି ଧୂଳିସାତ ହୋଇଯାଏ । ଯେଉଁ କଳ୍ପନା ବାସ୍ତବ ରୂପ ନିଏ

Digitized by srujanika@gmail.com

ତାହା ତାଜମହଲ ପରି କଳାପୂର୍ଣ୍ଣ ହୋଇ ଗୌରବାନ୍ୱିତ ହୁଏ । ମଣିଷ ମନରେ ଅନେକ ବାସନା ପୋଷଣ କରେ । କିନ୍ତୁ କାର୍ଯ୍ୟତଃ ତାହା ହୋଇପାରେ ନାହିଁ । ତେଣୁ ମନର ମଣିଷ ଠାରୁ ବାସ୍ତବ ମଣିଷର ରୂପ ଭିନ୍ନ ହୋଇଥାଏ । କହିଲ, ତୁମର ଏ ଚାନ୍ଦଘର ଯଦି ଚିରଦିନ ସଦ୍ୟ ଆଉ ସୁନ୍ଦର ହୋଇ ରହନ୍ତା, ଆଉ ମୋର ଲତାଘର ଭିତରେ ବସିଥିବା ଯୁବକ ଯୁବତୀ ଦୁଇଟି ସେହିପରି ବାସ୍ତବ ସଂସାରରେ ଜୀବନ ଯାପନ କରିବାକୁ ସମର୍ଥ ହୁଅନ୍ତେ ତେବେ କହନ୍ତି କଳ୍ପନା ଆଉ ବାସ୍ତବତା ମଧ୍ୟରେ ଫରକ ନାହିଁ । କିନ୍ତୁ ତାହା ହୁଏନା । ତେଲ ଲୁଣ ସଂସାର ତାହା କରେଇ ଦିଏ ନାହିଁ । ମଣିଷକୁ ଉଡାଇ ନିଏ ଗୋଟାଏ ଦିଗରେ । ତାର ସବୁ କଳ୍ପନା ପଡିରହେ ଅନ୍ୟ ଦିଗରେ । ମଣିଷର ଆଜିର ମନ, ଆଜିର ପ୍ରତିଜ୍ଞା, ଆଜିର ଭାବନା ଆଗାମୀ ଦିନ ଗୁଡାକ ଓଲଟ ପାଲଟ କରିଦିଏ । ରାତି ପାହିଲେ ଏହି ଫୁଲ ଗୁଡିକ ଯେପରି ମଉଳିଯିବ ସେହିପରି ଆମର ଅନେକ ମନକଥା ତେଲ ଲୁଣ ସଂସାରରେ ଝାଞ୍ଜି ବାଜି ମଉଳି ପଡେ । ତୁମେ ରାତି ପାହିବା ଆଗରୁ ଯେପରି ଏହି ଚାନ୍ଦଘରକୁ ଭାଙ୍ଗି ଫୁଲ ଗୁଡାକ ଭସେଇ ଦେବ ଠିକ୍ ସେହିପରି ମଣିଷକୁ ଅନେକ ସମୟରେ ମନର କଳ୍ପନା ଗୁଡିକୁ ଓଳାଇ ଏକାଠି କରି ଅଶ୍ରୁଜଳରେ ଭସାଇ ଦେବାକୁ ହୋଇଥାଏ । ଏ କଥା କ'ଣ ସତ୍ୟ ନୁହେଁ ?'' କିଶୋରର ଦାର୍ଶନିକ ଯୁକ୍ତିରେ ଅଦୃଶ୍ୟ ଇଙ୍ଗିତ ।

'' ହଁ ସତ କଥା । ତେବେ ମଣିଷ ଆଶାବାଦୀ । ସେ ସବୁବେଳେ ଗୋଟାଏ ଜିନିଷର ଆଲୋକ ପାଖଟା ଦେଖିବା ଦରକାର । ଅନ୍ଧାର ପାଖଟା ନୁହେଁ '' ଲତା ଯୁକ୍ତି ଛଳରେ ଇଙ୍ଗିତ କଲା ।

ଏହି ପଦକ କଥାରେ କିଶୋରର ମନରେ କେତେ କଥା ଉଙ୍କି ମାରିବାକୁ ଆରମ୍ଭ କଲା । ସେ କୃତଜ୍ଞତା ଭରା ଆଶ୍ୱସନା ଦେଇ ଲତାକୁ ଚାହିଁ ରହିଲା । ମନୋରମାଙ୍କ ଡାକରେ ଲତା ଓ କିଶୋର ଉଠିଲେ । ଲତା ଗଲା ଶୋଇବାକୁ । କିଶୋର ହୋଟେଲ ବସାକୁ ଫେରିଲା । □

Digitized by srujanika@gmail.com

= ଅଠର =

କିଶୋର ଲତାଠାରୁ ବିଦାୟନେଇ ଆସିଲା । ବସାଘରେ ପହଞ୍ଚିଲା ବେଳକୁ ରାତି ସାଢ଼େ ଏଗାରଟା । ଖାଇବାର ଇଚ୍ଛା ନ ଥାଏ । ତେଣୁ ଖାଇବାକୁ ମନାକରି ପଠାଇଲା । କେବଳ ପାଣି ଗ୍ଲାସେ ପିଇଦେଇ ଶୋଇବାକୁ ଗଲା । ମନରେ ତା'ର କେତେ ଆନନ୍ଦର ଭଉଁରୀ ଖେଳ । ବିଛଣାରେ ପଡିରହିଲା । ମାତ୍ର ଆଖିକୁ ନିଦ ଆସିଲାନି । ଲତାର ଶେଷ କଥା ପଦକ ତା' ମନ ଉପରେ ସ୍ୱପ୍ନର ମୀନାର ତୋଳି ଦେଇଛି । ସେ ଯେତିକି ଭାବିବାକୁ ଲାଗିଲା, ସେତିକି ସେଥିରୁ ଅନୁକୂଳ ଅର୍ଥ ବାହାର କରିବାକୁ ଲାଗିଲା । କଥାଟିକୁ ତଳ ଉପର କରି ଦଳି ଚକଟି ଅର୍ଥ ବାହାର କରେ । ମାତ୍ର ତା'ର ପ୍ରକୃତ ସ୍ୱରୂପ କ'ଣ ତାହା ଧରି ପାରେନାହିଁ । ପ୍ରତ୍ୟେକ ମଣିଷ ବିଷୟଟିର ଆଲୋକ ପାଖଟି ଦେଖିବା ଉଚିତ । ଲତାର କଥାପଦକ କେତେ ସୁନ୍ଦର, ଶିକ୍ଷାପ୍ରଦ ପୁଣି ପ୍ରେରଣାଦାୟୀ । ଏଥିରେ କେତେ ଆଶାର ଇନ୍ଦ୍ରଧନୁ ପୂରିରହିଛି । ଭାବନାରେ କିଶୋର ଦେହ ରୋମାଞ୍ଚିତ ହେଲା । ବିଛଣାରେ ପଡିରହି ଏପାଖ ସେପାଖ ହେବାକୁ ଲାଗିଲା । ତା'ର ଏ ଅବସ୍ଥା ଦେଖି ଚାକର ପିଲାଟି ପଚାରିଲା, - "ବାବୁ ! ଦେହ କ'ଣ ଖରାପ ଲାଗୁଛି ?"

" ନାହିଁରେ ଘନ ! ଦେହ ଖରାପ ଲାଗୁନାହିଁ । ତେବେ ନିଦ ଲାଗୁନାହିଁ କାହିଁକି କେଜାଣି " ବ୍ୟସ୍ତ ଗଳାରେ କହିଲା କିଶୋର ।

ବାବୁଙ୍କ କଥା ଶୁଣି ନିଦରେ ଶୋଇପଡିଲା ଘନ । ମାତ୍ର କିଶୋରର ଅବସ୍ଥା ବଦଳିଲା ନାହିଁ । ସେ ସେହିପରି ଭାବନା ଜଂଗଲ ଭିତରେ ବାଟବଣା ହୋଇ ବୁଲିବାକୁ ଲାଗିଲା । ଏ ଭାବନା ଭିତରେ ତା'ମନକୁ ଆସିଲା, ଜଣେ କୃଷକ ଘରର ଯୁବକ । ଗୁଣଗ୍ରାମ ବୋଲି ସେପରି କିଛି ନାହିଁ । ଏପରି ଅବସ୍ଥାରେ ସେ କଳ୍ପନା କୁଞ୍ଜରେ

Digitized by srujanika@gmail.com

ପଶି ଲତାକୁ ପାଇବା ପାଇଁ ଫୁଲ ତୋଳୁଛି କାହିଁକି ? ବାୟୁ ପଟଳ ଉପରେ ପାଷାଣର ଦେଉଳ ତୋଳୁଛି କାହିଁକି ? ବସି ବସି ଦିବା ସ୍ୱପ୍ନ ଦେଖୁଛି କାହିଁକି ? ବାମନ ହୋଇ ଚାନ୍ଦକୁ ହାତ ବଢ଼ାଇବା କ'ଣ ତା' ପକ୍ଷେ ଉଚିତ ହେଉଛି ? ଅନେକ ଗୁଡିଏ ପ୍ରଶ୍ନ ଏହିପରି ତା'ମନକୁ ଘାଣ୍ଟିବାରେ ଲାଗିଲା ।

"ଲତା ଏପରି ଆଶାପୂର୍ଣ୍ଣ କଥା ପଦକ କହିଲା କାହିଁକି ? ଏହା କେବଳ ଯୁକ୍ତିର ଛଳରେ କହିଲା ନା ଏହା ଭିତରେ .....। ନା, ଏ ଗୋଲକ ଧନ୍ଦାରେ ପଶି ଲାଭ ନାହିଁ। କେବଳ ସମୟ ଏହାର ପ୍ରକୃତ ଉତ୍ତର ଦେବ" ଭାବନା ସ୍ରୋତ ଉପରେ କିଶୋର ଭାସି ଭାସି ଚାଲିଛି କେଉଁ ଆଡେ ତା'ର କୂଳକିନାରା ନାହିଁ । ଏହା ଭିତରେ କେତେବେଳେ ରାତି ଯାଇ ପାହାନ୍ତି ହେଲାଣି, ସେଥିପ୍ରତି ତା'ର ନଜର ନାହିଁ । କଜଳପାତିର ପହିଲି ଡାକରେ ସେ ଉଠି ପଡିଛି । ମୁହଁ ଧୋଇ ନିତ୍ୟକର୍ମ ଶେଷ କଲା । ଟେବୁଲ ଉପରୁ ସହକାର ପତ୍ରିକାଟି ଆଣି ପଢ଼ିବାକୁ ଆରମ୍ଭ କଲା । ସେଥିରେ ତା'ର ମନ ଲାଗିଲା ନାହିଁ, ଛପା ଅକ୍ଷର ଗୁଡାକ ଉପରେ ତା'ର ଦୃଷ୍ଟି ଭାସି ଯାଉଥାଏ । ମାତ୍ର ସେ କ'ଣ ପଢୁଛି ଜାଣିପାରୁ ନ ଥାଏ । ଘଣ୍ଟାକୁ ଚାହିଁ ଦେଖିଲା ଏହା ଭିତରେ ଅଧଘଣ୍ଟାଏ ବିତି ଯାଇଛି । ମାତ୍ର ଯେଉଁ ପୃଷ୍ଠାଟି ଖୋଲିଥିଲା ସେହି ପୃଷ୍ଠାଟି ମେଲା ଅଛି । ମନେ ମନେ ଲଜ୍ୟାବୋଧ କଲା । ଗତ ରାତିର ଉଜାଗର ଯୋଗୁଁ ନିଦରେ ଆଖି ବୁଜି ହୋଇ ଯାଉଥାଏ । ଦେହ ମଧ ଦୁର୍ବଳ ବୋଧ ହେଉଥାଏ । ତଥାପି କର୍ତ୍ତବ୍ୟ ନ କଲେ ନ ଚଳେ ।

ହୋଟେଲ ରିସେପସନ କାଉଣ୍ଟରରେ ନିଜ କାମ ଆରମ୍ଭ କଲା । ମାତ୍ର ଯେତେ ଉଦ୍ୟମ କଲେ ମଧ ଅମନ ଯୋଗୀତାରୁ ସେ ମୁକ୍ତ ହୋଇ ପାରିଲା ନାହିଁ । ମନ ଭିତରେ ଲତାର ସେହି ପଦକ କଥାର ପ୍ରତିଧ୍ୱନୀ । ଫଳତଃ ଭାବନାରେ ଅସମାପ୍ତି । ଲତାର ହସ ହସ ମୁଖ, ଗତ ସନ୍ଧ୍ୟାରେ ମାୟାଘେରା, ସାନିଧ୍ୟ ଅପରୂପ ସୌନ୍ଦର୍ଯ୍ୟରେ ଅଧିକାରିଣୀ ଲତାର କଥାରେ ଭବିଷ୍ୟତ ଜୀବନର ସଂକେତ । ସବୁ

Digitized by srujanika@gmail.com

ଭାସି ଉଠିଲା ତା' ଆଖି ଆଗରେ । ଅସ୍ଥିର ମନ, ଅବଶ ଦେହ ନେଇ ସେ କାମ କରିବାକୁ ମନ କଲା ନାହିଁ । ବିଶ୍ରାମ ନେଲେ ଶାନ୍ତି ମିଳିବ ବୋଲି ଭାବି ବସାକୁ ଫେରି ଆସିଲା ।

ବସା ଘରେ ପହଞ୍ଚି କିଶୋର ଦେଖେତ ସଚ୍ଚିଭାଇ ବାରଣ୍ଡା ଚୌକିରେ ବସିଛନ୍ତି ଏବଂ ଚାକର ଘନ ସହ କଥା ହେଉଛନ୍ତି । ଭାଇଙ୍କୁ ପ୍ରଣାମ ଜଣାଇ ହଠାତ ଆସିବାର କାରଣ ପଚାରିଲା । କାରଣ ସଚ୍ଚି ଭାଇଙ୍କର ଅପ୍ରତ୍ୟାଶିତ ଆଗମନ ତା' ମନରେ ନାନା ପ୍ରକାର ଆଶଙ୍କାସୃଷ୍ଟି କଲା । ସଚ୍ଚିଭାଇଙ୍କ ଠାରୁ କୁଶଳ ଖବର ପାଇ କିଶୋର ଖୁସି ହେଲା । ଭାଇଙ୍କ ଖାଇବା ଶୋଇବାର ବ୍ୟବସ୍ଥା କରାଇଦେଇ ଶୋଇବାକୁ ଗଲା । ଅଳ୍ପ ସମୟ ବିଛଣାରେ ପଡି ରହିବା ପରେ ନିଦରେ ଶୋଇ ପଡିଲା । ଉଠିଲା ବେଳକୁ ଘଣ୍ଟାରେ ୬ଟା ବାଜିଛି । □

= ଉଣେଇଶ =

ସଞ୍ଜବେଳ ଜଳଖିଆ ସାରି ଦୁଇଭାଇ ବସିଲେ ଦୁଇଟି ଚୌକିରେ ଘର ଭିତରେ । " ତୋର ଦେହ ଭଲ ନାହିଁକି ? କ'ଣ ଜ୍ୱର ହୋଇଥିଲା ? ଦେହ ଏପରି ଭାଙ୍ଗି ଯାଇଛି କାହିଁକି ?" - ସ୍ନେହ ଭରା କଣ୍ଠରେ ପଚାରିଲେ ସଚ୍ଚି ।

" ନା, ଜ୍ୱର ନୁଆର ହୋଇନାହିଁ, କାହିଁ ଦେହ ଭାଙ୍ଗିବାର ମୁଁ ତ ଜାଣି ପାରୁ ନାହିଁ " କିଶୋର ଉତ୍ତର ଦେଲା ।

" ଗାଁକୁ କିଛିଦିନ ଚାଲ । ତୋ ଭାଉଜ ତୋ ପାଇଁ ବ୍ୟସ୍ତ । ଏତେ ପୁନେଇ ପରବ ଯାଉଛି । ଦିନେ ହେଲେ ଘରକୁ ଯାଉନୁ । ପିଠା ପଣା କରି ତୋରି ବାଟକୁ ଚାହିଁ ବସେ । ନିରାଶ ହୋଇ ଆଖିପାଣି ଆଖିରେ ଶୁଖିଯାଏ । କ'ଣ କାମରୁ

Digitized by srujanika@gmail.com

ଏଠାରେ ଛୁଟି ମିଳିବନି ?"

" ନା ଭାଇ, ଛୁଟି ନେବା ମୋ ନିଜ ହାତରେ । ମୁଁ ଏଠାରେ ଚାକିରୀ କରୁନାହିଁ । ହୋଟେଲ ମାଲିକଙ୍କୁ ସାହାଯ୍ୟ କରୁଛି । କୌଣସି କାମରେ ହାତ ଦେବାକୁ ମନସ୍ଥ କରିନାହିଁ । ତେବେ ଚାରିଆଡେ ଚେଷ୍ଟା ଚଳାଇଛି । ଦୂର୍ଗାପୂଜା ବେଳକୁ ଗାଁକୁ ଯିବାକୁ ମନସ୍ଥ କରିଛି "

"ବାପା ଅତି ବ୍ୟସ୍ତ ହେଉଛନ୍ତି । ମାସରେ କାଁ ଭାଁ ଚିଠି ଖଣ୍ଡିଏ ପାଉଁ । ସେଥିରେ ପୁଣି ଦେହ ପା' ର ଖବର ନ ଥାଏ । ଏଥିରେ ଆମ ମନ କ'ଣ ହେବ କହିଲୁ ?"

" କାହିଁକି, ମୁଁ ତ ଚିଠିରେ ଦେହର ଭଲମନ୍ଦ କଥା ସବୁବେଳେ ଲେଖିଥାଏ । ମାସକୁ ଖଣ୍ଡିଏ ଚିଠି ଲେଖିବାର କାରଣ ହେଲା, ଲେଖିବାକୁ ସେପରି କିଛି ନ ଥାଏ । କ'ଣ ଆଉ ଲେଖନ୍ତି ? ଗାଁର କେହି ଲୋକ ଦେଖାହେଲେ ତାଙ୍କ ହାତରେ ଖବର ପଠାଇଥାଏ । ଆପଣମାନେ ମୋ ପାଇଁ ଏତେ ଭାବି ହେବା ବା ବ୍ୟସ୍ତହେବା ଉଚିତ ନୁହେଁ । କାରଣ ମୁଁ ତ ଛୋଟପିଲା ନୁହେଁ । ଦେହ ଖରାପ ହେଲେ ମୁଁ ନିଶ୍ଚୟ ଖବର ପଠାନ୍ତି । ମୋର କିଛି ଅସୁବିଧା ନାହିଁ । ବାପା କିପରି ଅଛନ୍ତି ?"

" ତାଙ୍କର ସବୁଦିନେ ଯାହା, ଆଜି ବି ସେଇଆ । ମନରେ ସୁଖ ଅଛି ନା ସରସତା ଅଛି ? ବୁଢ଼ା ହେଲେ, ବାଡି ଖଣ୍ଡିଏ ଧରି ଏପଟ ସେପଟ ଚାଲୁବୁଲ କରୁଛନ୍ତି । ଖାଇବା କମିଗଲାଣି । ଦାନ୍ତ ତ ସବୁ ଗଲାଣି । କଠିନ ଖାଦ୍ୟ ଚୋବାଇ ପାରୁ ନାହାଁନ୍ତି । ରୋଗ ନ ଥିଲେ ମଧ୍ୟ ବୁଢ଼ା ବୟସର ରୋଗଥିଲା ପରି ବୋଧହୁଏ । ସେ ହେଲେ ଗଛର ପାଚିଲା ପତର । କେତେବେଳେ ଝଡିପଡିବେ ତା'ର ଠିକଣା ନାହିଁ । ତାଙ୍କର ସତୁରୀ ପୁରି ଏକସ୍ତରୀ ଚାଲିଲା । ଆମ୍ଭେମାନେ ବଡ ଭାଗ୍ୟବାନ,

Digitized by srujanika@gmail.com

ଏତେଦିନ ପର୍ଯ୍ୟନ୍ତ ତାଙ୍କୁ ପାଇଥାଇଁ । ପୂର୍ବ ଜନ୍ମରେ ସେମାନେ ତପସ୍ୟା କରିଥିଲେ ଦୀର୍ଘ ଜିବୀ ହୋଇ ସଂସାରରେ ସୁଖ ଭୋଗ କରିବେ । ଦେଖାଯାଉ ଆମ୍ଭମାନଙ୍କର ସୌଭାଗ୍ୟ ତାଙ୍କର ସେବାପାଇଁ ଆମକୁ କେତେଦିନ ସୁଯୋଗ ଦେଉଛି ।''

" ଭାଉଜ କିପରି ଅଛନ୍ତି ?''

" ସେମିତି, କେତେବେଳେ ଜ୍ୱର ହେଉଛି ତ କେତେବେଳେ ମୁଣ୍ଡ ବଥଉଛି । ତା'ପରେ ଘରକୁ ଏକୁଟିଆ ହେଲା । ଗୋରୁ ଗାଈ କଥା ବୁଝିବା । ଘରର ବାରପାଇଟି ଉଠାଇବା, ରନ୍ଧାବଢ଼ା, ସବୁକାମତ ତାକୁ କରିବାକୁ ପଡୁଛି । ସେଥିରେ ପୁଣି କାଖରେ ଦୁଧପିଆ ଛୁଆଟା, କ'ଣ କରିବ ? ପାଖକୁ କେହି ଜଣେ ଥିଲେ ଟିକିଏ ନିଶ୍ୱାସ ମାରିବାକୁ ସମୟ ପାଆନ୍ତା ''

" ମୀନାଟା କେମିତି ହୋଇଛି । ତା ମା'ର ଦୁଧ ତାକୁ ଯଥେଷ୍ଟ ହେଉଛି ତ ? ନୋହିଲେ ଗୋଟେ ଦୁଧବାଲାକୁ ଖଞ୍ଜା କରିଦେଲେ ହୁଅନ୍ତା । ଆମ ଗାଈ ସବୁ ଦୁଧ ଦେଉଛନ୍ତି ତ ?''

" କାଳୀ ଧୋବୁଲୀ ଦୁଧ ଛାଡି ଗଲେଣି । ମାଳୀଟା ସାମାନ୍ୟ ଦୁଧ ଦେଉଛି । ଭୁବୁନି ସମଲ ଘରୁ ପାଏ ଲେଖାଁଏ ଦୁଧ ଆସୁଛି । ତା' ମା'ର ତ ସେପରି ଦୁଧ ହୁଏନି । ଛୁଆଟି ଦେଖିବାକୁ ସୁନ୍ଦର ''

" ଭାଉଜ ଘରକାମ ପାରୁ ନାହାଁନ୍ତି ବୋଲି କହୁଛ । ଗାଁର ଜଣେ କେହି ସ୍ତ୍ରୀ ଲୋକଙ୍କୁ କହିଲେ କାମ ପାଇଟି ଉଠାଇ ଦିଅନ୍ତା । ମାସକୁ ଦରମା କିଛି ନିଅନ୍ତା ।''

" ସେ ପ୍ରସ୍ତାବ କଲି । ମାତ୍ର ମୋ କଥା ରହିଲା ନାହିଁ । ତାଙ୍କର ଏକାନ୍ତ ଇଚ୍ଛା ଘରକୁ ଆଉ ଜଣେ ଆଣନ୍ତେ । ବାପାଙ୍କର ମଧ୍ୟ ସେହି ଇଚ୍ଛା । ମୋତେ ଏଠାକୁ ଠେଲି ପଠାଇଲେ । ଆସିଲା ବେଳେ କହିଲେ ତୋତେ ସାଙ୍ଗରେ ନେଇ ଫେରିବାକୁ ।

Digitized by srujanika@gmail.com

ଆସି ନ ପାରିଲେ ମତାମତ ବୁଝିବାକୁ ବାରମ୍ବାର କହିଛନ୍ତି । ତାଙ୍କର ଏକାନ୍ତ ଇଚ୍ଛା ଫଗୁଣ ମାସ ବେଳକୁ ଯେପରି କାମ ଉଠିଯାଏ । ''

'' ପାତ୍ରୀ ନିର୍ବାଚନ କାମଟା ସରି ଯାଇଛି ବୋଧହୁଏ । କେବଳ ମୋର ମତାମତ ପାଇଁ ଅପେକ୍ଷା ।'' କିଶୋର କଥାରେ ବିରକ୍ତିର ଆଭାସ ।

'' ଛତ୍ରପୁର ନିତ୍ୟାନନ୍ଦ ପରିଡାଙ୍କ ଝିଅ ମାୟା କଥା ପଡିଛି । ଦେଖିବାକୁ ଝିଅଟି ସୁନ୍ଦରୀ । ପଢ଼ାପଢ଼ି କରିଛି । ନାନା ପ୍ରକାର କାମ ଜାଣେ । ତା'ର ବାପ ବି ଥିଲାବାଲା ଲୋକ । ଭଲ ଦିଆନିଆ କରିବେ । ଜାତି ବିଷୟରେ ତାଙ୍କୁ ବାଛିବାକୁ ନାହିଁ । ତୋ' ଭାଉଜର ସେମାନେ ରକ୍ତ ସଂପର୍କୀୟ ଲୋକ । ସେ ଝିଅ ଥରେ ଆମ ଘରକୁ ଆସିଥିଲା । ସେ ଏକା ଆମର ମନଲାଖି ପିଲାଟାଏ । ତୋର ମତକୁ ସମସ୍ତେ ଅପେକ୍ଷା କରିଛନ୍ତି ।''

ବାସ୍ତବରେ କଥାଟା ଏତେ ବାଟକୁ ଆଗେଇ ଯିବ କିଶୋର କଳ୍ପନାରେ ସୁଦ୍ଧା ଭାବି ନ ଥିଲା । ଏଥିପାଇଁ ଭାଇଙ୍କ କଥାରେ ସେ କି ଉତ୍ତର ଦେବ ଭାବି ପାରିଲା ନାହିଁ । ଜୀବନର ଏକ ମସ୍ତବଡ ଘାଟି । ବିବାହ ଏକ ପବିତ୍ର ବଂଧନ । ସିଦ୍ଧାନ୍ତ ନେବା କଷ୍ଟକର ବ୍ୟାପାର । ସିଦ୍ଧାନ୍ତରେ ତ୍ରୁଟି ବିଚ୍ୟୁତି ରହିଗଲେ ତାହା ଭାବୀ ଜୀବନକୁ ବିଷମୟ କରି ପକାଏ । ମଣିଷ ଶିକାର ହୁଏ ଅଗଣିତ ଘାତ ପ୍ରତିଘାତରେ । ବାଧ୍ୟ ହୋଇ ପରିସ୍ଥିତିର ଦାସ ହୁଏ । ଶେଷରେ ଏହାକୁ ଭାଗ୍ୟ ଫଳ ବୋଲି କହେ ଏବଂ ତାକୁ ହିଁ ଭୋଗ କରେ । ବିବାହ ପରେ ମଣିଷର ଜୀବନ ଗୋଟାଏ ମାଲବୁହା ଶଗଡ଼ର ଚକପରି ଗଡିଚାଲିଥାଏ ଗୋଟିଏ ବାଟରେ ଗତି ପୁଣି ଏକ ପ୍ରକାର ଗଢ଼ିବା, ନୂତନତା କିଛି ନ ଥାଏ । ବିବାହ ଯେପରି ନୂତନତାର ଶେଷ ରେଖା । ଏତେବଡ ଗୁରୁତର କଥାର ଉତ୍ତର ସେ ଏତେ ସହଜରେ କିପରି ଦେବ ? ତାହା ଠିକ୍ କରି ପାରିଲା ନାହିଁ । କିଶୋର ଭାବନା ଭିତରେ ଛନ୍ଦି ହୋଇ ଯାଉଥାଏ । ଲତାର କଥା ସ୍ମରଣ ହେଉଥାଏ ମଣିଷ ପ୍ରତ୍ୟେକ କଥାର ଆଲୋକ ପାଖ ଦେଖିବା

Digitized by srujanika@gmail.com

ଆବଶ୍ୟକ । ନଚେତ୍ ଦୁନିଆର ଧୂଳିମରା ବାଟରେ ପାଦରଖି ଚାଲି ପାରିବନି ।

କିଶୋର ଚିନ୍ତିତ ଭାବରେ କହିଲା " ବାପା ଏବଂ ଭାଉଜଙ୍କ ମୁଣ୍ଡରେ ଏକଥା ପଶିଲା କାହିଁକି ? ବାହାଘର ତ କୁଆଡେ ପଳେଇ ଯାଉନି । ସେଥି ପାଇଁ ଏତେ ବ୍ୟସ୍ତ କାହିଁକି ? ଆମ ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଦୁର୍ବଳ । ଅଭାବର ପଥର ବୋଝ ଏଯାଏଁ ମୁଣ୍ଡରୁ ଯାଇନାହିଁ । ଏପରି ଅବସ୍ଥାରେ ବୋଝ ଉପରେ ନଳିତା ବିଡାର ଭାରକୁ ନିମନ୍ତ୍ରଣ କରୁଛନ୍ତି । ଅନ୍ୟ ଦିଗରୁ ଦେଖିଲେ ମୁଁ ସାରା ଜୀବନ ଗୋଟାଏ ଲୋକକୁ ବେକରେ ବାନ୍ଧିବାକୁ ଯାଉଛି । ଅଜଣା ଅଶୁଣା ଲୋକ ସେ ମୋ ନିକଟରେ । ଆପଣମାନଙ୍କ କଥାରେ ଭାସିଯିବି, କଥା ରଖିବି । ଅପରିଚିତା ବ୍ୟକ୍ତିତ୍ୱର ପରିଚୟ ମୋ ନିକଟରେ ନାହିଁ । ଭଲ ମନ୍ଦରେ କହିବି କାହାକୁ ? ଏ ସବୁ କଥାକୁ ଭାବିବା ଉଚିତ୍ । ଚିରଦିନ ସେହି ପୁରୁଣା ପଦ୍ଧତିରେ ବୁଡି ରହିବାଟା କ'ଣ ସମୀଚୀନ ? ସମୟ ସହିତ ତ ପୁଣି ତାଳଦେଇ ଚାଲିବାକୁ ପଡିବ ? ବିବାହ କଥା ବର୍ତ୍ତମାନ ମୁହଁରେ ଧରନ୍ତୁ ନାହିଁ । ମୁଁ ମୋ ଜୀବନର ଲକ୍ଷ୍ୟସ୍ଥିର କରି ସାରିବା ପରେ ସେ କଥା ବିଚାର କରିବା, ବର୍ତ୍ତମାନ ନୁହେଁ ।

ସଛି କିଶୋରର ମନୋଭାବ ବୁଝିପାରିଲା । ତା' କଥାରେ କି ଉତ୍ତର ଦେବ ସ୍ଥିର କରି ପାରିଲା ନାହିଁ । " ତେବେ ବାପାଙ୍କୁ ଯାଇ କ'ଣ କହିବି ?" ସଛି ନିରାଶାମିଶା କଥାରେ ପଚାରିଲା ।

" ମୁଁ ଯାହାସବୁ କହିଲି, ତାହାହିଁ କହିବ । ମୁଁ ପୂଜାବେଳକୁ ଘରକୁ ଗଲେ ପୁଣି କଥା ହେବା "

ସଛି ନୀରବ ରହିଲା । କିଶୋରର ମନୋଭାବ ବୁଝିପାରିଲା । ତା ଦୃଷ୍ଟିରେ କିଶୋର ଶିକ୍ଷିତ ଯୁବକ । ତାର ବିବାହ ବିଷୟ ସେ ସ୍ଥିର କଲେ ଭଲହେବ । ମରହଟି ଯୁଗର ଚଳଣିରେ ତା' ବେକରେ ଜଣକୁ ଆଣି ବାନ୍ଧିଲେ ସେ କେବେ ହେଲେ ସୁଖୀ

Digitized by srujanika@gmail.com

ହେବ ନାହିଁ । କିଶୋର କଥା ଶୁଣିବା ପରେ ଆଲୋଚନାକୁ ସେ ଆଉ ଆଗକୁ ନେବାକୁ ଚାହିଁଲା ନାହିଁ । ସେଥର କିଶୋର ଗାଁରୁ କଟକ ଫେରିବା ପରେ ଲତା ବିଷୟ ସେ ଯାହା ଶୁଣିଥିଲା, ସେ କଥା ମଧ୍ୟ ସ୍ମରଣ କଲା ।

ସେତେବେଳକୁ ଅନେକ ରାତି ହୋଇଯାଇଥିଲା । ଦୁଇଭାଇ ଖାଇସାରି ଶୋଇଲେ । କିଶୋର ବିଛଣାରେ ଶୋଇ ଶୋଇ କେତେକଥା ଭାବିବାକୁ ଲାଗିଲା । ବାପାଙ୍କର ବାର୍ଦ୍ଧକ୍ୟ ସମୟର ଇଚ୍ଛା । ଘରର କାମ ପାଇଟିରେ ଭାଉଜଙ୍କ ବ୍ୟସ୍ତତା । ଭାଇଙ୍କର ମନ କଥା ଘରରର ଆର୍ଥିକ ଅବସ୍ଥା । ନିଜର ଅନିଶ୍ଚିତ ଭବିଷ୍ୟତ । ପ୍ରସ୍ତାବିତ ବିଭାଘର ଆଦି ଗୋଟିଏ ଗୋଟିଏ ଭାଗବତର ଅଧ୍ୟାୟ ପରି ମନ ଭିତରେ କ୍ରମ ଅନୁସାରେ କିଶୋର ଲେଉଟାଉ ଥାଏ । ଏହି ଭାବନା ଜାଲ ଭିତରେ ଛନ୍ଦି ହେଉଥିବା ସମୟରେ ମନ ମୁକୁରରେ ଦେଖି ପାରିଲା ଲତାର ଅଭିମାନ ଭରା ମୁଖଛବି । ଦୁଇଦିନ ହେଲା ସେ ଲତା ପାଖକୁ ଯାଇନି । ଅନୁପସ୍ଥିତର କି କୈଫୟତ ଦେବ ସେ । ଭାଇ ଯେଉଁ ବିବାହ ପ୍ରସ୍ତାବ ନେଇ ଆସିଥିଲେ ସେ କଥା ଲତାକୁ ସେ ଆଦୌ କହିବ ନାହିଁ । ଲତା ମନ କଷ୍ଟ କରିବ । ଅସରନ୍ତି ଭାବନାକୁ ସଂଗରେ ନେଇ କିଶୋର ଗାଢ଼ ନିଦ୍ରାରେ ଶୋଇ ଯାଇଛି ” ☐

= କୋଡିଏ =

ଫୁଲ ସଞ୍ଜବେଳ ଟିକିଏ ଗଡି ଯାଇଛି । ବିନୋଦ ବାବୁ ଏ ପର୍ଯ୍ୟନ୍ତ ଅଫିସରୁ ଫେରି ନାହାଁନ୍ତି । କାମର ଭିଡ ଭିତରେ ଅଟକି ଯାଇଛନ୍ତି । ମନୋରମା ଭିତର ଖଞ୍ଜାରେ ରୋଷେଇ ପାଇଁ ଆୟୋଜନ କରୁଛନ୍ତି । କଚେରୀରୁ ଫେରିବା ବେଳ ଗଡିଗଲାଣି ଦେଖି ସେ ଆଗରୁ ଚୁଲିଟା ଲଗାଇ ଦେଇଛନ୍ତି । ସେ ଘରେ ପହଞ୍ଚିଲା କ୍ଷଣି ଖାଇବାକୁ ମାଗିବେ ।

Digitized by srujanika@gmail.com

ବାହାର ଘର । ଲତା ଖଣ୍ଡିଏ ସୂତା ଆସନ ବୁଣୁଥାଏ । ସେ ଆସନଟି କିଶୋରକୁ ଦେବ ବୋଲି ଠିକ୍ କରିଛି । ଏଥିପାଇଁ ତା' ମନ ତଳେ ତଳେ କେତେ ଆନନ୍ଦର ଝର । ସଞ୍ଜବେଳ ଗଡି ଯାଉଛି ଜାଣି ମନୋରମା ଲତାକୁ ସଞ୍ଜ ଦେବାକୁ କହିଲେ । ଡାକ ଶୁଣିବା ମାତ୍ରେ ଲତା ଆସନଟି ଯଥା ସ୍ଥାନରେ ରଖିଦେଇ ହାତ ଗୋଡ ଧୋଇ ସଂଞ୍ଜ ଦେବାକୁ ଗଲା । ଆଜି ତା' ମନ ଯେପରି ଗୋଟାଏ ନୂଆ ଭାବନାରେ ରଙ୍ଗୀନ ହୋଇ ଉଠିଛି । ସେ ସଞ୍ଜ ଦୀପଟି ଚଉରା ମୂଳେ ଥୋଇ ଦେଇ ଆଣ୍ଠୁ ମାଡି ବସିଲା । ବେକରେ ପଣତ କାନି ପଡିଛି । ଦୁଇହାତ ଯୋଡି ଠିକ୍ ପୂଜାରିଣୀଟିଏ ପରି ଭକ୍ତି ପୂର୍ଣ୍ଣ ଆଖିରେ ବୃନ୍ଦାବତୀଙ୍କୁ ଚାହିଁଲା । ଆଖିପତା ତା'ର ଆନନ୍ଦରେ ନମ୍ର । ଧୀରେ ଧୀରେ ମୁଣ୍ଡ ନୁଆଁଇ ଭୂଇଁରେ ପ୍ରଣାମ କଲା । ମନେ ମନେ ମନାସିଲା 'ମା ବୃନ୍ଦାବତୀ' ମୋ ମନର ସବୁକଥାତ ତୁ ଜାଣୁ । ତୁମ ପାଦ ତଳେ ମୋର ଗୋଟିଏ ମାତ୍ର ଭିକ୍ଷା, ଗୋଟିଏ ମାତ୍ର ଅଳି, କିଶୋର ଭାଇ ଯେପରି ମୋର ହୁଅନ୍ତି । ଅନ୍ୟ ପୁରୁଷ ପ୍ରତି ମୋର ମନ ଯେପରି ଆଦୌ ନ ଯାଏ । ତାଙ୍କ ଦେହ ସୁସ୍ଥରଖନ୍ତୁ । ମୁଁ ତାଙ୍କ କୋଳରେ ମୁଣ୍ଡ ରଖି ଯେପରି ଆଖି ବୁଜେଁ ।'' ଶେଷ ଦି'ପଦ କଥା ଲତା ଗୁଣୁ ଗୁଣୁ ହୋଇ କହିଲା ବେଳେ ଆଖିତାର ଓଦା ହୋଇ ଆସିଲା । ସେ ଧୀରେ ଧୀରେ ମୁଣ୍ଡ ଉଠାଇ ଆଉ ଠାଏ ଭୂଇଁରେ ମୁଣ୍ଡ ଲଗାଇ କାହାର ଉଦ୍ଦେଶ୍ୟରେ ପ୍ରଣାମ କଲା ।

'' ଛି, ଛି, କେତେ ଅଲାଜୁକୀ ମୁଁ । ମୋ କଥାଯାକ କେହି ଶୁଣୁ ନାହାଁନ୍ତି ତ ?'' ଲତାର ସମଗ୍ର ଶରୀରରେ ବେପଥୁ । ଧୀରେ ଧୀରେ ଉଠି ଠିଆ ହେଲା । ଦୀପ ଧରି ପଛକୁ ଚାହିବା ମାତ୍ରେ କିଶୋରକୁ ଦେଖି ପକାଇଲା । ଏ କିଶୋର ଭାଇଟା ଏଡେ ଦୁଷ୍ଟ । କେତେବେଳେ ଆସି ଚୁପ୍ ହୋଇ ମୋ ପଛରେ ଛିଡା ହୋଇଛନ୍ତି । ମୋ କଥା ସବୁ ଶୁଣି ନାହାଁନ୍ତି ତ ? ଲତା ମନରେ ଆଶଂକାର ଛାୟା । ଲତା ସରମରେ ଜକିଗଲା । ମୁହଁଟି ତା'ର ଲାଜରେ ଲାଲ ପଡିଗଲା । କେଉଁ ବାଟ

Digitized by srujanika@gmail.com

ଦେଇ ଭିତରକୁ ଯିବ ତାକୁ ବାଟ ଦିଶିଲା ନାହିଁ । ଚଞ୍ଚଳ ପାଦରେ ଘର ଭିତରକୁ ଯାଉଁ ଯାଉଁ କିଶୋର ମୁହଁକୁ ଚାହିଁ ଦେଲା । କିଶୋର ହସ ହସ ମୁହଁ ତାକୁ ଅଧିକ ଲାଜରେ ବୁଡାଇ ଦେଲା । ସେ ଆଉ ପଛକୁ ନ ଚାହିଁ ଘର ଭିତରକୁ ପଶି ଯାଉଥିଲା ।

କିଶୋର ଧୀର ଅଥଚ ସ୍ନେହ ଭିଜା ଗଳାରେ ଡାକିଲା - 'ଲତା' ? 'କ'ଣ' ? ସରମୀ ଗଳାରେ ଶୁଣିଲା ଲତା । ଯେଉଁ ବିପଦର ଆଶଙ୍କା ସେ ମନେ ମନେ କରୁଥିଲା ତା'ରି ପାଲରେ ପଡିଗଲା ପରା । ଲତା ଡାକ ତାକୁ ଆଜି ଏତେ ମଧୁର ଲାଗୁଛି କାହିଁକି ? ସେ ଜାଣି ପାରିଲା ନାହିଁ । ସବୁଦିନେ ତ କିଶୋର ଭାଇଙ୍କ ଠାରୁ ଲତା ଡାକ ଶୁଣେ । ଆଜିର ଡାକରେ ଏପରି ଚମକି ଉଠୁଛି କାହିଁକି ?

" ଆଜି ଏପରି ତରତର ହୋଇ ପଳାଉଛୁ କାହିଁକି ?"

" ନାଇଁ.... ନାଇଁ ତ, ଭିତର ଘରେ ସଞ୍ଜଦେଇ ଆସେ । ବାହାର ଘରେ ବସନ୍ତୁ । ମୁଁ ବୋଉକୁ କହି ଆସୁଛି । "

ଲତା ଭିତର ଖଞ୍ଜାରେ ସଞ୍ଜ ଦେବାକୁ ଗଲା । କିଶୋର ଯାଇ ବାହାର ଘରେ ସୋଫା ଉପରେ ବସିଲା । କିଛି ସମୟ ପରେ ଲତା ଫେରି ଆସିଲା କିଶୋର ପାଖକୁ । ଅନ୍ୟ ଏକ ଚୌକିରେ ବସିଲା ।

" ସଞ୍ଜ ଦିଆ ଓ ପ୍ରାର୍ଥନା ସରିଲା "

" ହୁଁ "

" ପ୍ରାର୍ଥନାରେ ଠାକୁରଙ୍କୁ କ'ଣ ମନାସିଲୁ " କିଶୋର ଦରଦମିଶା ସ୍ୱରରେ ପଚାରିଲା ।

" ମୋ ମନକୁ ଯାହା ଆସିଲା ସେଇଆ କହିଲି । ପ୍ରାର୍ଥନାରେ ମଣିଷ କେତେ ସୁଖ ଦୁଃଖ କଥା ଦିଅଁକୁ ଜଣାଇଥାଏ " ଲତା ହସି ହସି ଉତ୍ତର ଦେଲା ।

Digitized by srujanika@gmail.com

" ତେବେ ଶୁଣିଲେ କ୍ଷତି କ'ଣ ?" କିଶୋର ପ୍ରଶ୍ନରେ ଅଜଣା ଆଶା-ଆଶଙ୍କାର ପରଶ ।

" ମୋ ମନେ ନାହିଁ । ଯାହା କହିଥିବି ବୋଲି ତୁମେ ଭାବିଥିବ ସେଇଆ ହୋଇଥିବ, ହେଲା ? " ଲତା ଉତ୍ତରରେ ରସିକତା ।

" ହଁ ଲତା ! ମୋ ଭାବିବାର ଗୋଟିଏ ସୀମା ଅଛି । ଭାବିଛି ଅନେକ ପୁଣି ଭାବୁଛି ଅନେକ । କେବଳ ଅନେକ ଭାବିବାକୁ ହେବ କି ନା, ତାହା ଠିକ୍ କରି ପାରୁନି । ମୋ ଭାବିବାର କି ମୂଲ୍ୟ ଅଛି କହିଲୁ ?"

" କାହିଁକି ନିଜକୁ ଏତେ ନିରାଶା ବାଦୀ କରୁଛ ଯେ ? ତୁମ ଭାବିବାର ପୁରି ମୂଲ୍ୟ ନାହି ? ଜଣେ ଉଚ୍ଚ ଶିକ୍ଷିତ ଆଦର୍ଶବାଦୀ ଲୋକର ଭାବିବାର ମୂଲ୍ୟ ନାହିଁ ? ଏପରି କଥା କହି ମୋ ମନରେ ହତାଶାର ବୀଜ ବୁଣନ୍ତୁ ନାହିଁ କିଶୋର ଭାଇ " ଲତାର ଅଭିଯୋଗ ।

" ନା, ମୋ କଥା ଠିକ୍ ଭାବରେ ବୁଝି ପାରିଲ ନାହିଁ । ମୁଁ ଦିନ ରାତି ଭାବି ହେଉଛି ଗୋଟିଏ କଥା । ସେ ଭାବିବାର ପୂର୍ଣ୍ଣଚ୍ଛେଦ ନାହିଁ । ସେ ଭାବନା ଭିତରେ କେବଳ ଆଶା ମରୀଚିକାର ମାୟାଜାଲ ପୂରି ରହିଛି, ନା ବାସ୍ତବତାର ସାକାର ରୂପ ପୁରି ରହିଛି । ତାହା ମୋ ପକ୍ଷରେ ଜାଣିବା ଅସମ୍ଭବ ହୋଇଛି । କିଶୋର କଥାରେ ଦରଦ । କି ଉତ୍ତର ଲତାଠାରୁ ମିଳିବ ସେହି ଆଶା ଆକାଂକ୍ଷା ନିରାଶା, ହତାଶା, ସବୁମିଶି ବୁକୁ ଭିତରେ ଗୋଟାଏ କୁହେଳି ସୃଷ୍ଟି କଲେ କିଶୋରର ।

" ନା, ନିଜ ମନକୁ ସେପରି ହଲଚଲ କରିବା ଉଚିତ ନୁହେଁ । ଆତ୍ମ ବିଶ୍ୱାସ ମଣିଷର ଏକ ଅମୋଘ ଅସ୍ତ୍ର । ଏହା ମଣିଷକୁ ବିଜୟ ମାଲ୍ୟରେ ଭୂଷିତ

Digitized by srujanika@gmail.com

କରେ । ତୁମେ ଯାହା ଭାବିଛ, ତାହା ଠିକ୍ । ଯାହା କରିଛ ତାହା ମଧ୍ୟ ଠିକ୍ । କାରଣ ବିଚାରବାନ ଲୋକ ନ ବିଚାରି କିଛି କରେ ନାହିଁ । ସେଇଥିରେ ତା'ର ପୌରୁଷ '' ଲତା କଥାରେ ପ୍ରତିଶ୍ରୁତିର ସଂଙ୍କେତ ।

'' ଲତା !'' ନରମ ଗଳାରେ ଡାକିଲା କିଶୋର । ଲତାର କଅଁଳ ହାତ ଦୁଇଟି ଆଣି ନିଜ ଛାତି ଭିତରେ ଚାପି ଧରିଲା । ଦେହ ରୋମାଞ୍ଚ । କଥାରେ ସ୍ପନ୍ଦନ । ସମଗ୍ର ଶରୀରରେ ବିଜୁଳିର ଚପଳତା । ତା'ର କ୍ଷୁଧିତ ଆଖି ଦୁଇଟି ଲତାର ରକ୍ତିମ ମୁହଁ ଉପରେ ଭାସି ବୁଲୁଥିଲା । କୃତଜ୍ଞତାରେ ସରମୀ ଲାଜକୁଳି ଲତାପରି ଲତା ଝାଉଁଳି ପଡିଥିଲା ମୁହଁକୁ ତଳକୁ କରି । ଦୃଷ୍ଟି ନିବଦ୍ଧ ଥିଲା କିଶୋରର ପାଦ ଦୁଇଟିରେ ।

ମନୋରମା ଭିତରୁ ଡାକିଲେ । ଲତାର ସ୍ୱପ୍ନ ଭାଙ୍ଗି ଗଲା । କ୍ଷିପ୍ର ଗତିରେ ଭିତରକୁ ଗଲା । ବୋଉଙ୍କ ଠାରୁ ଜଳଖିଆ ଓ ପାଣି ଗ୍ଲାସ ଆଣି ସେଣ୍ଟର ଟେବୁଲ ଉପରେ ଥୋଇ କହିଲା, '' ହାତ ଧୋଇ ଖାଅ '' । ଏହି ସମୟରେ ମନୋରମା ଅନ୍ୟ ଏକ ଥାଳିରେ ଜଳଖିଆ ଆଣିଲେ । ପାଖରେ ବସି ଦୁଇଜଣଙ୍କୁ ଖୁଆଇଲେ । ଏହି ଅବସରରେ ସେ କିଶୋରକୁ କେତେ କୁଶଳ ପ୍ରଶ୍ନ କରି ତା'ର ଭଲମନ୍ଦ ଖବର ବୁଝିଲେ । କିଛି ସମୟ ପରେ ଚାକରାଣୀ ଡାକରା ପାଇ ମନୋରମା ଭିତରକୁ ଉଠିଗଲେ । କିଶୋର ଖାଇସାରି ହାତଧୋଇ ନିଜ ସ୍ଥାନରେ ବସିଲା । ଲତା ମଧ୍ୟ ତା' ସ୍ଥାନରେ ବସି ରହିଲା । କିଛି ସମୟ ଉଭୟ ନୀରବ । କାହାରି ମୁହଁରେ କଥା ନ ଥିଲା । ପରସ୍ପରଙ୍କର ଆଡ ଚାହାଣି, ମୁରୁକି ମୁରୁକି ହସ ଭିତରେ ଯେପରି ପ୍ରତ୍ୟେକ ଅନ୍ୟର ଅଲକ୍ଷ୍ୟରେ ତା'ର ରୂପ ମାଧୁରୀ ପାନ କରିବା ପାଇଁ ଆତୁର ହୋଇ ଉଠିଥାନ୍ତି । ମନ ଭିତରେ କେତେ ଦିନର ସାଇତା କଥା ଆଜି ଯେପରି ରୂପ ରସରେ ରଂଗୀନ ହୋଇ ଉଠିଛି, ଦୁହିଁଙ୍କ ଆଖି ଆଗରେ । କୃତଜ୍ଞତାରେ ଉଭୟଙ୍କ ମନ ଯେପରି ଭରାକ୍ରାନ୍ତ ହୋଇ ଉଠିଛି । କିଛି ସମୟ ପରେ କିଶୋର ଉଠିଲା

Digitized by srujanika@gmail.com

ବସାକୁ ଫେରିବାକୁ ।

" ଲତା ! ମୁଁ ଏଥର ବସାକୁ ଫେରୁଛି "

" ତୁମକୁ ଯଦି ଛାଡି ନ ଦିଏ "

" ମୋର ଏ ରକ୍ତ ମାଂସର ଶରୀରଟାକୁ ସିନା ନେଇ ଯାଉଛି ଶୂନ୍ୟ କୁଟୀରକୁ । ମନ ହୃଦୟକୁ ଏଇଠି ବାନ୍ଧି ଦେଇ ଯାଉଛି । " କିଶୋର କଥାରେ ରସିକତା ।

" ହେଉ, ଥାଉ ସେ କଥା । ଗୋଟାଏ ସର୍ତ୍ତରେ ତୁମକୁ ସଅଳ ଛାଡିଦେବି । କାଲି ବେଳାବେଳି ଆସିବଟି ? ନହେଲେ ଜାଣି ଥାଅ ......।"

" ଜୋରିମାନା ଦେବାକୁ ପଡିବ ? ଗୋଲାପୀ ଗଣ୍ଡରେ ଶହେଟି ରେଖାଙ୍କନ "

" ଚୁପ୍, ଭାରି ଦୁଷ୍ଟ ତୁମେ " କିଶୋରକୁ ବିଦାୟ ଦେଉଁ ଦେଉଁ ଲତା କହିଲା । କିଶୋର ତା' ବାଟରେ ଗଲା । ଫାଟକ ଯାଏ ଲତା ଆସି ତାକୁ ବିଦାୟ ଦେଲା । ବିଦାୟ ମୁହୂର୍ତ୍ତଟା ଏତେ ଭାରୀ ହୋଇ ଉଠିଲା ଯେ ତା'ର ଓଜନରେ ଉଭୟଙ୍କ ମନ ଅବଶ ହୋଇ ଉଠିଲା । ପାଦ ସ୍ଥିର ହୋଇ ନିର୍ଦ୍ଦିଷ୍ଟ ସ୍ଥାନରେ ପଡୁ ନ ଥାଏ । ଟଳ ଟଳ ଅବସ୍ଥାରେ ଫେରିଲେ ନିଜ ନିଜ ସ୍ଥାନକୁ । □

= ଏକୋଇଶ =

ଚଉରା ମୂଳରେ ସଞ୍ଜ ଦୀପ ଲିଭି ଆସୁଥାଏ । ନରଣପୁରର ଗୋବିନ୍ଦ ମହାନ୍ତି ବାବୁଙ୍କ ଘରେ ପହଞ୍ଚିଲେ । ସେ ସଂପର୍କରେ ତାଙ୍କର ଅଜାଶୁର ହୁଅନ୍ତି । ମହାନ୍ତିଙ୍କ ଆଗମନରେ ବିନୋଦ ବାବୁ ବହୁତ ଖୁସି ହେଲେ । କାରଣ ଅନେକ ଦିନୁ

Digitized by srujanika@gmail.com

ତାଙ୍କ ସହିତ ସାକ୍ଷାତ ହୋଇ ନ ଥିଲା । ମହାନ୍ତିଙ୍କ ସହିତ ତାଙ୍କ ସ୍ତ୍ରୀ ମଧ୍ୟ ଆସି ଥାଆନ୍ତି । ମନୋରମା ପଡୋଶୀ ଘରୁ ଲତାକୁ ଡାକିବା ପାଇଁ ଲୋକ ପଠାଇ ଦେଇ ନିଜେ ରନ୍ଧା ବଢ଼ାରେ ଲାଗି ଯାଇଛନ୍ତି । ଲତା ଆସି ମହାନ୍ତିଙ୍କୁ ପ୍ରଣାମ କଲା ।ସେ ଲତାକୁ ଅଳ୍ପ ସମୟରେ କେତେକ ଭଲମନ୍ଦ କଥା ପଚାରିଲେ । ଲତା ନମ୍ର ଭାବରେ ସମସ୍ତ ପ୍ରଶ୍ନର ଉତ୍ତର ଦେଲା । ଘର ଭିତରୁ ବୋଉଙ୍କ ଡାକରା ପାଇ ଭିତରକୁ ଗଲା । ସମସ୍ତଙ୍କ ପାଇଁ ଜଳଖିଆ ବ୍ୟବସ୍ଥା କରିବାରେ ଲତା ତତ୍ପର ।

ଜଳଖିଆ ପରେ ବିନୋଦ ବାବୁ ଓ ମହାନ୍ତିଏ ଯାଇ ଦାଣ୍ଡ ମେଲାରେ ଚୌକିରେ ବସିଲେ । ଏ ଘରଟିର ସାଜ ସଜ୍ଜା ଦେଖି ମହାନ୍ତିଏ ଭାରି ଖୁସି । ଆଶ୍ଚର୍ଯ୍ୟ ହେଲାପରି ସବୁ ଜିନିଷକୁ ଲକ୍ଷ୍ୟ କରୁଥାଆନ୍ତି । ଲତାର ହାତକାମ, ବଛାବଛା କଣ୍ଢେଇ ପୂର୍ଣ୍ଣ ୱାଲ ସେଲଫ ଏବଂ ଆଉ କେତେକ ଜିନିଷ ସେ ଘରର ଶୋଭା ବର୍ଦ୍ଧନ କରୁଛି । ଘରର ସଜାଣି ଦେଖିସାରିବା ପରେ ପାନ ଥାଳିରୁ ପାନ ଖିଲଟିଏ ନେଉଁ ନେଉଁ ମହାନ୍ତିଏ ପଚାରିଲେ - '' ବିନୁ, ଲତା ବିଷୟରେ କ'ଣ କରୁଛୁ ? ଦିନକର କଥା ନୁହେଁ, କେତେଆଡୁ ବାଡିନ ହେବାକୁ ହେବ ''

'' ମୁଁ ତା' କଥା ଚିନ୍ତା କରିନାହିଁ । ତା'ର ପଢ଼ାରେ ଝୁଙ୍କ ଲାଗିଛି । ପଢୁଛି ତ ପଢୁଥାଉ । କେଉଁ ପର୍ଯ୍ୟନ୍ତ ଯାଉଛି ଦେଖାଯାଉ । ମୋର ନଅଟା ଅଛିନା ଛଅଟା । ସେହି ଗୋଟିଏ ବୋଲି ଝିଅ । ତାକୁ ଗୋଟିଏ ଭଲ ଘର- ଭଲ ବର ଦେଖି ଦେବାକୁ ମୁଁ ଚେଷ୍ଟା କରିବି । ''

'' ଏ କି କଥା କହୁଚ ବିନୁ । ତମେ ଗୋଟିଏ ପାଞ୍ଚବର୍ଷିଆ ପିଲା ପରି କଥା କହୁଛ । କିହୋ, ତମର ପରା ଗୋଟିଏ ବୋଲି ଝିଅ । ଭଲ-ଘର ଭଲ-ବର ଦେଖି ଦେବା କଥା କହୁଛ । ତାହା କ'ଣ ଘଡିକର କଥା ? ତା'ପାଇଁ କେତେଆଡକୁ ଆଖି ପକାଇବାକୁ ପଡିବ । କେତେ ଆଡକୁ ସମ୍ବାଦ ପଠାଇବାକୁ ପଡିବ । ପୁଣି

Digitized by srujanika@gmail.com

କେଉଁଠୁ ବାଡିନିଟାଏ ଆସିଲେ ସେ ବିଷୟରେ ବୁଝାସୁଝା କରିବାକୁ ହେବ । ଭଲ ବରତ ଆଉ ହାଟ ବାଟରେ ବୁଲୁ ନ ଥିବେ ଯେ ଧରି ଆଣିବ ? ଆଗ ସାବଧାନତା ସବୁଥିରେ ଭଲ ? ବସି ରହିଲେ କ'ଣ ହେବ ?"

" ମୋର ଏକାନ୍ତ ଇଚ୍ଛା ସେ ପାଠପଢି ଡାକ୍ତରୀ କରିବ "

" ଏ ଯୁକ୍ତି ଗୁଡାକ ନିହାତି ପିଲାଳିଆମିର ପରିଚୟ । ମୋ ମନକୁ ଆଦୌ ପାଉନାହିଁ । ତୁମେ ଝିଅ କଥାରେ ଭାସି ଯାଉଛ । " କଥାରେ ବାଧାଦେଇ କହିଲେ ମହାନ୍ତିଏ ।

" ମୁଁ ଯଦି ଏଇଲାଗେ ତା' ବାହାଘର କଥା କହେଁ ସେ କାନ୍ଦି କାନ୍ଦି ଆଖି ଫୁଲାଇ ଦେବ । ଅବଶ୍ୟ ପଢିଲା ବେଳେ ପିଲାଏ ମନରେ ନାନା ପ୍ରକାର ଉଚ୍ଚ ବାସନା ପୋଷଣ କରିଥାଆନ୍ତି । ଅନୁକୂଳ ପରିସ୍ଥିତିରେ କାହାର ସେ ଉଚ୍ଚ ବାସନା ଫଳବତୀ ହୁଏ କାହାର ପୁଣି ବିଫଳ ହୁଏ । ଦେଖାଯାଉ କ'ଣ ପରିସ୍ଥିତି ହେଉଛି " ପୁରୁଣା ଖବର କାଗଜ ଖଣ୍ଡିଏ ଦେଖୁ ଦେଖୁ ବିନୋଦ ବାବୁ କହିଲେ ।

" ହଁ ଆଜି ମୁଣ୍ଡରେ ଗୋଟେ ଖିଆଲ ପଶିଛି । ପାଠପଢ଼ି ଡାକ୍ତରାଣୀ ହେବ ।"

" ତାର ବୋଧହୁଏ ଇଚ୍ଛା, ସେ ବିବାହ ନ କରି ସ୍ୱାଧୀନ ଭାବରେ ଜୀବନ ଯାପନ କରିବ "

" କେତେଟା ଲୋକ ଏମିତି ରହିଲେଣି ? ଆଜି ହୁଏତ କଥାଟାକୁ ହାଲୁକା ଭାବରେ ନେଉଛ । ଝିଅ ଜନମ ଆପଣା ଘରେ ବଢ଼ନ୍ତି, ପର ଘରେ ଉଡନ୍ତି । ସେମାନଙ୍କର ବେଳ ବୟସ ହେଲା । ଏବେ ସେମାନଙ୍କୁ ପର ଘରକୁ ପଠାଇଦେଲେ ଆମର କାମ ସରିଯିବ । କଥାରେ ଅଛି ଘିଅ ଘରେ ରହିଲେ କଡୁଆ, ଝିଅ ଘରେ ରହିଲେ ଅଡୁଆ ।" ଏତେକ କହିସାରି ମହାନ୍ତିଏ ଆଉ ଖଣ୍ଡିଏ ପାନ ଥାଳିରୁ ଆଣି

Digitized by srujanika@gmail.com

ପାଟିରେ ପକାଇଲେ ।

" କ'ଣ କରିବି ମୁଁ ଏ ଯାଏଁ ସେ କଥା ମନକୁ ଆଣି ନ ଥିଲି । ସେଥିପାଇଁ ଉପଯୁକ୍ତ ବରପାତ୍ର ସନ୍ଧାନରେ ମୁଁ କେଉଁଠି ହେଲେ ଆଖି ପକାଇ ନାହିଁ । ଆପଣ କିଛି ଖବର ରଖିଛନ୍ତି କି ? ଟିକିଏ ଚିନ୍ତିତ ଗଳାରେ ପଚାରିଲେ ବିନୋଦ ବାବୁ । ମହାନ୍ତିଙ୍କ ଠାରୁ ଉତ୍ତର ଅପେକ୍ଷାରେ ରହିଲେ ।

ଝିଅର ବାହାଘର କଥା ପଡିଛି ଜାଣିପାରି ମନୋରମା ପାଖଘରେ ବସିଥାଆନ୍ତି । ମହାନ୍ତିଏ ସ୍ୱାମୀଙ୍କ ପ୍ରଶ୍ନର କି ଉତ୍ତର ଦେବେ ତାହାଶୁଣିବା ପାଇଁ ବଡ ଉତ୍ସୁକା ହୋଇ କାନ ଡେରି ଥାଆନ୍ତି । ମହାନ୍ତିଏ କିଛି ସମୟ ନୀରବ ରହି ଡାହାଣ ହାତଟିକୁ ଜଙ୍ଘ ଉପରେ ଅନ୍ୟ ମନସ୍କ ଭାବେ ଥାପୁଡେଇ କହିଲେ - " ମୁଁ ସେପରି ଖବର କିଛି ରଖିନାହିଁ, ତେବେ ଗୋଟିଏ ଜାଗାରେ ମୋ ମନ ମାନୁଛି । ପାତ୍ରପଡାର ରାଧାକାନ୍ତ ମାନସିଂହ ଘର । ସେ ଖୁବ୍ ବଡଲୋକ, ସଂପତ୍ତି ବାଡି କାହିଁରେ କ'ଣ । ଖାନଦାନୀ ବଂଶ, ବନ୍ଧୁ ହିସାବରେ ସେ ଚର୍ଚ୍ଚା କରି ଜାଣନ୍ତି । ତାଙ୍କ ପୁଅ ବିମଳ ଏବେ ବିଲାତରୁ ଓକିଲାତି ପାଶ୍ କରି ଫେରିଛି । ନିକଟରେ ଗୋଟାଏ ବଡ ଓକିଲ କି ହାକିମ ହେବ । ପିଲାଟି ଦେଖିବାକୁ ସୁନ୍ଦର ବଳିଷ୍ଠ ଓ ରୂପବନ୍ତ । ଧନ, ଜନ, ଗୋପ, ଲକ୍ଷ୍ମୀ କୌଣସିଟିରେ ତାଙ୍କର ଊଣା ନାହିଁ । ସେଇଠି ହେଲେ ଭଲ ହୁଅନ୍ତା ବୋଲି ମୁଁ ମନେ କରୁଛି । କାରଣ ବିଲାତ ଫେରନ୍ତା ଜ୍ୱାଇଁଟିଏ ପାଆନ୍ତ । ଜାତିରେ ବାଛିବାକୁ ନାହିଁ । ଧନୀଘର । ଲତାଟି ଆମର ବେଶ୍ ସୁଖରେ ରହନ୍ତା । ଆଉ ଆମକୁ ବି ବେଶୀ ଦେବା ନେବାକୁ ପଡନ୍ତା ନାହିଁ । ତାଙ୍କର ଅଖଣ୍ଡ ସଂପତ୍ତି । ସେ ବା କହିଁକି ଏ ସବୁ ଚାହିଁବେ ? ଦେଖ, ଯାହା ଭଲ ବୋଲି ବିବେଚନା କରିବ ।"

ବିନୋଦ ବାବୁ ଓ ମନୋରମା ଏ କଥା ଶୁଣି ଉତ୍ସାହିତ ହେଲେ । ବିଲାତ ଫେରନ୍ତା ଜ୍ୱାଇଁ । କମ୍ କଥା ନୁହେଁ । ଏ ସୁଯୋଗ ଛାଡିବାର ନୁହେଁ । ସେ ପୁଣି

Digitized by srujanika@gmail.com

ହାକିମ ହେବ, ମୋଟା ଦରମା ପାଇବ । କାର୍ ଚଢ଼ି ବୁଲିବ । ଚାକର, ପିଅନ, ଡାକହାକ ଶୁଣିବାକୁ ଅନେକ ଥିବେ । ଲତା ମହାସୁଖରେ ଦିନ କାଟିବ । ମନୋରମା, ଲତାର ସୁଖ ସଂସାରର ଚିତ୍ର ମନେ ମନେ ଆଙ୍କି କେତେଥର ଦିଅଁକୁ ଡାକି ସାରିଲେଣି ।

ବିନୋଦ ବାବୁ ମଧ୍ୟ ପ୍ରସ୍ତାବଟିକୁ ଭଲ ପ୍ରସ୍ତାବ ବୋଲି ମନେକରି ଖୁସିହେଲେ । ଅଳ୍ପ ଖର୍ଚ୍ଚରେ ଯଦି କାମ ଉଠିଯାଏ ତେବେ କ୍ଷତି କ'ଣ ? ଲତା ପାଠ ପଢ଼ି ଡାକ୍ତରୀ ହେବାକୁ କହୁଛି । ସେଥିରୁ ଆମକୁ କ'ଣ ମିଳିବ ? ସେ ତ ତା' ଅର୍ଜନରେ ଆମକୁ ପୋଷିବ ନାହିଁ । ଭଗବାନ ଆମକୁ ଯାହା ଦେଇଛନ୍ତି ସେଇ ଯଥେଷ୍ଟ । ଉପଯୁକ୍ତ ପାତ୍ର ହାତରେ ଲତାଟିକୁ ଟେକିଦେଲେ ଆମେ ନିଶ୍ଚିନ୍ତ । ବିନୋଦ ବାବୁଙ୍କ କଳ୍ପନାରଥ ଭାବନା ପଥରେ ଗଡି ଚାଲିଲା ।

କ୍ରିଂ କ୍ରିଂ କଲିଂ ବେଲ ବାଜି ଉଠିଲା ।

" କିଏ " ବିନୋଦ ବାବୁ ପଚାରିଲେ ।

" ସାର୍ - ମୁଁ , ଭିତରକୁ ଆସିପାରେ କି ? " ଗତଡ଼ିଆ ଆଦେଶ ଅପେକ୍ଷାରେ ରହିଲେ । ଗତଡ଼ିଆ ଭିତରେ ପ୍ରବେଶ କରି ଟିକିଏ ଦୂରକୁ ଖଣ୍ଡିଏ ଚୌକିରେ ବସିବା ପୂର୍ବରୁ ବିନୋଦ ବାବୁ ତଥା ମହାନ୍ତିଙ୍କୁ ନମ୍ରତା ସହକାରେ ନମସ୍କାର ଜଣାଇଲେ ।

" ତମର ରାତିରେ ଆଗମନ ନିଶ୍ଚୟ କିଛି ଗୁରତ୍ୱପୂର୍ଣ୍ଣ କାମର ସୂଚନା ଦେଉଛି ।" ହସି ହସି ପଚାରିଲେ ବିନୋଦ ବାବୁ ।

" କାମର ଦାୟିତ୍ୱ ଯେତେବେଳେ ମୁଣ୍ଡ ଉପରେ ପଡେ ସେତେବେଳେ ମୁଁ ସମୟ ନଷ୍ଟ କରେ ନାହିଁ । ଶୁଭକାର୍ଯ୍ୟ ଖୁବ୍ ଶୀଘ୍ର କରାଯାଏ ।

Digitized by srujanika@gmail.com

ଗତଦ୍ଦିଆଙ୍କ ମୁହଁ ଉଜ୍ଜ୍ୱଳ ହୋଇଉଠିବାର ବିନୋଦ ବାବୁ ଲକ୍ଷ୍ୟ କଲେ । କୌଣସି ଗୁରୁତ୍ୱପୂର୍ଣ୍ଣ କଥା ଆଲୋଚନା ହେବ ଓ ତାଙ୍କର ସେଠାରେ ଉପସ୍ଥିତ ଅପ୍ରାସଙ୍ଗିକ ହେବ ଭାବି ମହାନ୍ତିଏ ଉଠିଗଲେ ଭିତରକୁ ଲତା ସହ ଗପିବାକୁ ।

" କ'ଣ ଖବର ବୁଝିଲ ?" ଉତ୍କଣ୍ଠାର ସହ ବିନୋଦ ବାବୁ ପଚାରିଲେ ।

" ସାର ! ସଂପୂର୍ଣ୍ଣ ଅନୁକୂଳ ମତ । ବରଂ ଆପଣଙ୍କ ମତକୁ ସେମାନେ ଅପେକ୍ଷା କରିଛନ୍ତି ।"

" ଆମର ଅମତ ହେବାର କିଛି ନାହିଁ । ପିଲାକୁ ଦେଖିଛୁ । ସେ ତ ଲତାର ସହପାଠୀ, ଜାତି, ବନ୍ଧୁ, କୁଳ, ମର୍ଯ୍ୟାଦା ବିଷୟରେ ତ ପ୍ରଶ୍ନ ଉଠିବ ନାହିଁ । ଗୋଟିଏ କଥାରେ ଆମେ ପଛାଉଛୁ ।

" ସାର, ସେଥିପାଇଁ କଥା ଅଟକି ଯିବ ନାହିଁ । ବାବୁଙ୍କର ମତ ନୁହେଁ ଗୁଡାଏ ଡିମେଣ୍ଡ ଥୋଇବେ । କେବଳ ତାଙ୍କ ସ୍ତ୍ରୀଙ୍କର ସେପରି କିଛି ପାଇବାକୁ ଇଚ୍ଛା ଥିଲାପରି ଜଣା ପଡେ । "

" ସେମାନଙ୍କ କଥାଛାଡ । ଯେ ବିବାହ କରିବ ତାଙ୍କ ମତରେ ବହୁତ ମୂଲ୍ୟ ଅଛି । କାରଣ ଶେଷ ନିଷ୍ପତ୍ତିରେ ତାଙ୍କ ମତ ହିଁ କାମ ଦେବ ।"

" ଅଜିତ୍ ବାବୁଙ୍କର ଏକାନ୍ତ ଇଚ୍ଛା । ସେ ଲତାକୁ ପାଇଲେ ସୁଖୀ ହେବେ । ସେ ଅନ୍ୟ କିଛି ଚାହାଁନ୍ତି ନାହିଁ । ବାପା ମାଆଙ୍କ ସହ ତାଙ୍କର ଯୌତୁକ ବିଷୟରେ କେତେ ଯୁକ୍ତିତର୍କ ।"

" ତଥାପି ସେମାନଙ୍କ ଇଚ୍ଛାଟା ଜାଣିଥିଲେ ଆମେ ଆମର ଶକ୍ତି କଳନା କରିଥାଆନ୍ତୁ । ଏବେ ସେଠାରେ ଯାହାକୁ ବସିଥିବାର ଦେଖିଲ ସେ ମଧ୍ୟ ଗୋଟିଏ ଭଲ ପ୍ରସ୍ତାବ ଆଣିଛନ୍ତି । ସେମାନଙ୍କର ମଧ୍ୟ ସେହିପରି ବଡ ଧରଣର ଡ଼ିମେଣ୍ଡ ନାହିଁ । ବିନୋଦ ବାବୁଙ୍କ କଥାରେ ଗାମ୍ଭୀର୍ଯ୍ୟ ।

Digitized by srujanika@gmail.com

ଗତଡ଼ିଆ ଡିମେଣ୍ଟର ଏକ ସଂକ୍ଷିପ୍ତ ବିବରଣୀ ଦେଲେ ଏବଂ ଅଜିତ କିପରି ଲତାକୁ ବିବାହ କରିବାକୁ ଜିଦ୍ ଧରି ବସିଛନ୍ତି ତାହା ଜଣାଇଲେ ସୁରେଶ ବାବୁ ଓ ତିଳୋତ୍ତମା ଦେବୀ ଲତାକୁ ବୋହୂ କରିବାକୁ ଯେ କିପରି ଆଗ୍ରହୀ ତାହା ଗତଡ଼ିଆ ତନ୍ନ ତନ୍ନ କରି ବିନୋଦ ବାବୁଙ୍କୁ ଶୁଣାଇ ଦେଲେ ଏବଂ ଆଗାମୀ ମାର୍ଗଶୀର ମାସ ବେଳକୁ ବିବାହ କାର୍ଯ୍ୟ ସଂପନ୍ନ ହୋଇ ପାରିଲେ ଭଲ ହେବ ବୋଲି ମତ ଦେଲେ ।

" ଆମର ଆପତ୍ତି ନାହିଁ । କେବଳ ବିଧି ନିର୍ଦ୍ଦେଶକୁ ଅପେକ୍ଷା । ସୁରେଶ ବାବୁଙ୍କୁ ଆମର ମତ ଜଣାଇ ଦିଅ । ଉଭୟ ପକ୍ଷକୁ ସୁହାଇଲା ପରି ଆୟୋଜନ କଲେ ମୁଁ ଖୁସି ହେବି " ବିନୋଦ ବାବୁ ତାଙ୍କର ମନକଥା ଗତଡ଼ିଆଙ୍କୁ ଜଣାଇଲେ । ଅଦେଖା ଅପରିଚିତ ବିମଳ ବେଶୀ ପାଠ ପଢ଼ି ପାରିଥାଏ । ମାତ୍ର ଏଯାଏଁ ରୋଜଗାର କରିନାହିଁ । ପକ୍ଷାନ୍ତରରେ ଅଜିତ୍ ବର୍ତ୍ତମାନ ଲକ୍ଷାଧିକ ଟଙ୍କାର ମାଲିକ । ପୁଣି ବରପକ୍ଷ ଆଡୁ ଆଗ୍ରହ ବେଶୀ, ତେଣୁ ବିନୋଦ ବାବୁ ଅଜିତ୍ - ଲତାର ବାହାଘର ହେଲେ ଭଲ ହେବ ବୋଲି ଅନୁକୂଳ ମତ ପୋଷଣ କଲେ ।

ଅନ୍ୟାନ୍ୟ ଆନୁସଙ୍ଗିକ କଥା ପରେ । ଗତଡ଼ିଆ ଆନନ୍ଦରେ ୫୦ ଟଙ୍କା ହାତରେ ଧରି ବିଦାୟ ନେଲେ । କ୍ଷଣକ ଭିତରେ ସବୁ ଓଲଟ ପାଲଟ ହୋଇଗଲା । ବିନୋଦ ବାବୁ ଲତାକୁ ଡାକ୍ତରୀ ପଢାଇ ତାର ଉପଯୁକ୍ତ ପିତା ହେବାର ଯେଉଁ ଗର୍ବ ଓ ଉଚ୍ଚାକାଂକ୍ଷା ମନେ ମନେ ପୋଷିଥିଲେ ବା' ନିଜ ଭିତରେ ପିତାର କର୍ତ୍ତବ୍ୟ ବିଷୟରେ ଯେଉଁ ଆଦର୍ଶ ମନେ ମନେ ଗଢ଼ିଥିଲେ, ତାହାର ଶେଷ ସୋପାନକୁ ସେ ଓହ୍ଲାଇ ଆସିଲେ ସେହି ମୁହୂର୍ତ୍ତରେ । ତେଣୁ ସେ ଆଉ ଲତାର ପଢ଼ା ପଢ଼ି ପ୍ରତି ଆଗ୍ରହ ଦେଖାଇଲେ ନାହିଁ । ବରଂ ଲତାର ବିବାହ ଆୟୋଜନର ଏକ ଚିତ୍ର ଆଙ୍କିବାରେ ଲାଗିଲେ । ଗତଡିଆଙ୍କ ଛାତି ଆନନ୍ଦରେ ଫୁଲି ଉଠିଛି । ସାମଲ ବାବୁଙ୍କ ଠାରୁ ଅନୁକୂଳ ମତ ପାଇ । ଦୁଇଜଣ ଅଫିସରଙ୍କ ପୁଅ ଝିଅର ବିବାହରେ ମଧ୍ୟସ୍ଥି କରିବେ ।

Digitized by srujanika@gmail.com

କାମ ଉଠିଗଲେ ସମ୍ମାନ ସହ ଯୋଡ଼ । ପୁଣି ତା' ସାଙ୍ଗକୁ ଆହୁରି କିଛି ପୁରସ୍କାରର ସ୍ୱପ୍ନ ସେ ଦେଖିବାକୁ ଲାଗିଲେ । ଗତଡ଼ିଆ ବିଦାୟ ନେବା ବେଳକୁ ରାତି ଏଗାରଟା ।

ଲତା ନିଦରେ ଅନ୍ୟ ଏକ ଘରେ ଶୋଇ ପଡିଛି । ସେ ଏ ସମସ୍ତ ଆଲୋଚନା ବିଷୟରେ ସଂପୂର୍ଣ୍ଣ ଅଜ୍ଞ । □

= ବାଇଶି =

ସଞ୍ଜବେଳ । କଇଁ ଫୁଲିଆ ଜହ୍ନ ଆଲୁଅରେ ଜଳ ସ୍ଥଳ ଆକାଶ କମନୀୟ । ଆକାଶର ଛାୟାପଥ ଦାଣ୍ଡରେ ତାରା ପିଲାମାନଙ୍କର ଖେଳ । ଲେବର କଲୋନୀର ସେ ପାଖରୁ କିଏ ଜଣେ ବଂଶୀରେ ପୁରବୀ ସ୍ୱରରେ ରାଗିଣୀ ମେଲାଇ ଦେଇଛି । ସୁଲୁ ସୁଲିଆ ପବନ ସମସ୍ତଙ୍କ ଦେହ ଓ ମନରୁ ଶ୍ରାନ୍ତି ଓ କ୍ଲାନ୍ତି ପୋଛିବାରେ ବ୍ୟସ୍ତ । ଫୁଲ ରାଣୀର କାନ ପାଖରେ ପ୍ରେମ ପାଗଳ ଅଳିର ପ୍ରେମ ନିବେଦନ ।

ବିନୋଦ ବାବୁ ଅଫିସରୁ ଫେରି ଜଳଖିଆ ପରେ ନାୟକ ବାବୁଙ୍କ ଘରକୁ ଯାଇଛନ୍ତି । ସେଠାରେ ବ୍ରିଜ ଖେଳରେ ସମସ୍ତେ ଲାଗିଛନ୍ତି । ମନୋରମା ଭିତର ଖଞ୍ଜାରେ ପୂଜାରୀକୁ ରୋଷେଇ ବରାଦ କରୁଛନ୍ତି । ଲତା ଏକୁଟିଆ ବସି ବହିଟିଏ ପଢୁଛି । ଏହି ସମୟରେ କିଶୋର ଘର ଭିତରକୁ ପଶି ଆସୁ ଆସୁ ପଚାରିଲା -

''ସେଇଟି କି ବହିକି ଲତା ?''

'' ଭୁଲିଲ ସତେ ସଖୀ ଉପନ୍ୟାସ'' ଲତା ବଡ ସନ୍ତର୍ପଣରେ ଉତ୍ତର ଦେଲା । କାରଣ କିଶୋର ହଠାତ୍ ଆସି ପହଞ୍ଚି ଯିବ ବୋଲି ଲତା ଆଶା କରି ନ ଥିଲା । ଅନ୍ୟ ଚୌକିରେ ପାଖରେ ବସୁ ବସୁ କିଶୋର କହିଲା - '' ସେଇଟା ସେତେ ଭଲ ବହି ନୁହେଁ । ମଣିଷ ବହି ପଢ଼େ କେତେ କଥା ଶିଖିବା ପାଇଁ, ଜାଣିବା

Digitized by srujanika@gmail.com

ପାଇଁ, ବହିର ନାୟକ ନାୟିକା ମାନଙ୍କର ଚରିତ୍ର ପରି ନିଜର ଚରିତ୍ର ଆଦର୍ଶକୁ ଗଢ଼ି ତୋଳିବା ପାଇଁ । ଲକ୍ଷ୍ମୀଧର ବାବୁ ଉଦ୍‌ଭ୍ରାନ୍ତ, ଧର୍ମ ପତ୍ନୀ, ପରି ବହି ଲେଖି ଯୁବକ ଯୁବତୀମାନଙ୍କ ମନରେ ପ୍ରେମର ମହତ୍ୱ ବିଷୟରେ ଯେପରି ଚିତ୍ର ଆଙ୍କିଛନ୍ତି, ଏ ବହିଟି ଲେଖି ପ୍ରେମକୁ କଳଙ୍କିତ କରିବାର ପ୍ରୟାସ ସେହିପରି କରିଛନ୍ତି । ” “ ଓ ! ସଲୀଳାର ଚରିତ୍ର ଚିତ୍ରଣ ତୁମ ମନକୁ ପାଇନି ନା ?” ହସି ହସି ପଚାରିଲା ଲତା । ବ୍ୟଗ୍ର ଭାବରେ କିଶୋର ମୁହଁକୁ ଚାହିଁ ରହିଲା ।

“ ଠିକ୍ କହିଛ ଲତା । ମୋ କଥାର ମର୍ମକୁ ତୁମେ ବେଶ୍ ବୁଝି ପାରିଛ । ସତ କହିଲ, ଏ ପ୍ରକାର ଚରିତ୍ର ଚିତ୍ରଣ ଦ୍ୱାରା ଚପଳମତି ବାଳିକା ମାନଙ୍କ ମନରେ କି ପ୍ରକାର ଛାପ ପଡିବ ?”

“ ତା ପରେ .... ?”

“ ପ୍ରେମ କି ପଦାର୍ଥ, ତା ମହତ୍ୱ କେତେ, ତାହା ସେମାନେ ପ୍ରତିପାଦନ କରିବାରେ ଅସମର୍ଥ । ଲେଖକଙ୍କ ମତରେ ସେଇଟା ବ୍ୟବସାୟ ସାମଗ୍ରୀ ”

“ ବ୍ୟବସାୟ ସାମଗ୍ରୀ କହିବାର ଅର୍ଥ ?”

“ ମୁଁ ବୁଝି ପାରେନି, ହୃଦୟ ଯେଉଁଠି ଥରେ ଅର୍ପଣ କରାଯାଇଛି ତାକୁ ଅନ୍ୟତ୍ର ପୁଣି କିପରି ଦାନ କରାଯାଇ ପାରିବ ? ଯେଉଁଠାରେ ଥରେ ଅର୍ଘ୍ୟ ଢ଼ଳା ଯାଇଛି ତାକୁ ପୁଣି କିପରି ବଦଳାଯାଇ ପାରିବ ? ଏହା ଲେଖକଙ୍କର ଗାଳ୍ପିକ ବ୍ୟଭିଚାର । ସ୍ୱଚ୍ଛ ପ୍ରେମର ପବିତ୍ର ଅଂଗରେ ମସୀ ବୋଳିବା ଛଡା ଅନ୍ୟ କିଛି ନୁହେଁ ।”

“ କାହିଁକି, ବାସ୍ତବ ଜୀବନରେ କ’ଣ ଏପରି ଘଟୁ ନାହିଁ ? ଲେଖକ ଗୋଟିଏ ନିଛକ ସତ କଥାକୁ ରୂପ ଦେଇ ପାରିଛନ୍ତି ବୋଲି କ’ଣ ତିରସ୍କାରର ପାତ୍ର ହେବେ ?” ଜିଜ୍ଞାଷା ସୂଚକ ଚକ୍ଷୁରେ ଲତା କିଶୋର ଆଡକୁ ଚାହିଁଲା ।

Digitized by srujanika@gmail.com

" ନା, ସେ କଥା ନୁହେଁ । ହୋଇ ପାରେ ଲେଖକ ଗୋଟିଏ ନିରାଟ ସତ୍ୟକୁ ରୂପ ଦେଇଛନ୍ତି । ମାତ୍ର ସମାଜର କଲ୍ୟାଣ, ସାମାଜିକ ଶୃଙ୍ଖଳା ଦୃଷ୍ଟିରୁ କେତେକ ସତ୍ୟକୁ ପୋତି ପକାଇବାକୁ ହୁଏ । ଏପରିକି, ସତକଥା ଅପ୍ରିୟ ହୋଇଥିଲେ କହିବା ଅନୁଚିତ ବୋଲି ସମସ୍ତେ ସ୍ୱିକାର କରିବେ । ଶିକ୍ଷିତ, ମାର୍ଜିତ ଓ ରୁଚି ସଂପନ୍ନ ଆଦର୍ଶ ସମାଜ ଗଠନ ପାଇଁ କେତେକ ମାନବିକ ପ୍ରବୃତ୍ତି ସତ୍ୟ ହୋଇଥିଲେ ମଧ୍ୟ ତାକୁ ସଂଯତ କରିବାକୁ ହୋଇଥାଏ । ଏଥିରେ ପ୍ରତିବାଦ କରିବାକୁ ମୋର ସହସ ନାହିଁ । ଏତିକି ମାତ୍ର କହି ପାରେଁ ଯେ, ଏହା ଏକ ସତ୍ୟ ପ୍ରକ୍ରିୟାର ଅବତାରଣା"

" ତମେ କ'ଣ ମନେକର ଯେ, ଏ ପ୍ରକାର ଚରିତ୍ର ଚିତ୍ରଣ ପାଠକ ପାଠିକାଙ୍କ ମନରେ ପ୍ରେମ ବିଷୟରେ ଲଘୁ ଧାରଣା ସୃଷ୍ଟି କରିବ ନାହିଁ ? ସଲୀଳାର ଚରିତ୍ରକୁ ସମସ୍ତେ ଘୃଣା କରିବେ ନାହିଁ ? " କିଶୋର ଦାବୀ କଲା ।

" ତାହା ପାଠକ ପାଠିକା ମାନଙ୍କର ନିଜସ୍ୱ ଚିନ୍ତା ଉପରେ ନିର୍ଭର କରେ " ଲତା ଯୁକ୍ତି କଲା । ସରଳ ମତି ଯୁବକ ଯୁବତୀମାନଙ୍କ ମନ ହୃଦୟ ନିଜର ମନର ମଣିଷ ପାଖରେ ଥରେ ବିକ୍ରୀ କରି ପୁଣି ପ୍ରତ୍ୟାହାର କରିବା ସଲୀଳାର ଜୀବନାଦର୍ଶ ପ୍ରେରଣା ଯୋଗାଇବ । ନିଜ କାର୍ଯ୍ୟର ଯଥାର୍ଥତା ପାଇଁ ସଲୀଳାର ଚରିତ୍ର ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବେ । ଏହା କ'ଣ ସତ୍ୟ ନୁହେଁ ?"

" ମୋର କାହିଁକି ଆଦୌ ବିଶ୍ୱାସ ହେଉନାହିଁ ଯେ, ଶୁଦ୍ଧ ପ୍ରେମର ମହତ୍ୱ ଥରେ ହୃଦୟଙ୍ଗମ କରିଛି ତା' ମନକୁ କୌଣସି ଶକ୍ତି ଦୋହଲାଇ ପାରିବ ନାହିଁ । ଏକ ବୃକ୍ଷରେ ବସି ଅନ୍ୟ ବୃକ୍ଷର ଫୁଲକୁ ହାତ ବଢ଼ାଇବ ନାହିଁ । ଏହା ବ୍ୟକ୍ତି ଜୀବନର ମହତ୍ୱ ପୂର୍ଣ୍ଣ ସାଧନା "

" ଏହା ସାଧାରଣ ଲୋକର ପ୍ରେମାଦର୍ଶ ହୋଇପାରେ । ମୁଁ ମାଟି ଗୋଡିରେ

Digitized by srujanika@gmail.com

ଗଢ଼ା ପୃଥିବୀରେ ସାଧାରଣ ମଣିଷ ସମାଜର ଚେତନା ଓ ଚରିତ୍ର ବିଷୟ କହୁଛି ।''

'' ଯେ ନିଜର ସାଧନା ବଳରେ ନିଜ ମନକୁ ଆୟତ୍ତ କରି ପାରିବ, ତା' ପକ୍ଷରେ ବିଭ୍ରାନ୍ତ ହେବା, ଗୋଡ ଖସାଇବା ସହଜ ନୁହେଁ । ଯେ ବିଶେଷ ପରିସ୍ଥିତିରେ କ୍ଷଣିକ ଉତ୍ତେଜନାର ଶିକାର ହୋଇ ପ୍ରେମ ବଜାରରେ ବେପାରୀ ସାଜିବେ ସେମାନଙ୍କ ହୃଦୟର ବନ୍ଧନକୁ ପ୍ରାଣର ଆଖ୍ୟା ଦିଆଯାଇ ପାରିବ ନାହିଁ । ଏ ଶ୍ରେଣୀର ଲୋକଙ୍କ ଠାରେ ଗୋଟିଏ ଅଳି ହୋଇ କୋଟିଏ ପୁଷ୍ପର ଚୁମ୍ବନରେ ମଧୁ ଆସ୍ୱାଦନ କରିବାର ବା' ଗୋଟିଏ ନଦୀ ବକ୍ଷରେ ଲକ୍ଷେ ତରୀ ଭସାଇବାର ଦାମ୍ଭିକତା ଦେଖାଦିଏ । ଏ ଚେତନାର ପରିଚୟ ସମାଜ ପାଇ ଚାଲିଛି ''

'' ମୁଁ ତ ଠିକ୍ ସେହି ଚେତନା କଥା କହୁଛି । ଲେଖକଙ୍କୁ ସମାଜରେ ଏହି ଚେତନାର ଚଳନ୍ତି ପ୍ରତୀମା ରୂପେ ସଲୀଳାକୁ ଚିତ୍ରିତ କରିଥିବାରୁ ପ୍ରଶଂସା କରାଯାଇପାରେ । ମାତ୍ର ତାଙ୍କର ସାରସ୍ୱତ ଅଭିବ୍ୟକ୍ତି ସମାଜ ପାଇଁ କଲ୍ୟାଣ କର ନୁହେଁ । ଏହା ମୋର ଧାରଣା ।

'' ତେବେ ସମ୍ବାଦ ପତ୍ର ମାନଙ୍କରେ ଅକସ୍ମିକ ଦୁର୍ଘଟଣା ଜନିତ ମୃତ୍ୟୁ, ନାରୀଧର୍ଷଣ, ଚୋରି, ଡକାୟତି ପରି ଘଟଣାମାନ ପ୍ରକାଶନ ପଛରେ କି ଉଦ୍ଦେଶ୍ୟ ରହିଛି ? ଏହା କ'ଣ ଲୋକ - ଶିକ୍ଷଣ ଓ ସାବଧାନତା ପ୍ରତି ଉଦ୍ଦିଷ୍ଟ ନୁହେଁ ?''

'' ଆମର ଚର୍ଚ୍ଚା ଆଲୋଚନାରୁ ଏ ସନ୍ଦର୍ଭ ଭିନ୍ନ । ମୁଁ କେବଳ ସ୍ୱଚ୍ଛ ପ୍ରଣୟର ମହତ୍ୱ କଥା କହୁଛି । ସିଦ୍ଧହସ୍ତ ଲେଖକ 'ପଳାତକ'ର ଜନ୍ମଦାତା ପ୍ରେମିକ ମାନଙ୍କୁ ତଳକୁ ଖସାଇ ଦେଇଛନ୍ତି । କାମ ଓ ପ୍ରେମର ମଝିରେ ଥିବା ଦୂରତ୍ୱକୁ କମାଇ ଦେଇଛନ୍ତି । ''

'' ଲକ୍ଷ୍ମୀଧର ବାବୁ ଗଲେ । ଏଥର କାହ୍ନୁ ବାବୁଙ୍କ ପାଳି ପଡିଲା ପରା ।

Digitized by srujanika@gmail.com

ଗରିବ ଲେଖକ ମାନେ ଆଜି କାହା ମୁହଁ ଚାହିଁ ଉଠିଥିଲେ ବିଛଣାରୁ କେଜାଣି, ସମସ୍ତେ ସମାଲୋଚନାର ପାତ୍ର ହୋଇଛନ୍ତି । '' ଏତକ କହି ଦେଇ ଲତା ହସି ଉଠିଲା ।

'' କ'ଣ ସତ ନୁହେଁ ? କୋକିଳା ଦେଈ ଥରେ ଯଦି ବୁଢ଼ାବରକୁ ଗ୍ରହଣ କରିବାରେ ଆପତ୍ତି କରି ନ ଥିଲେ, ତେବେ ପରେ ପୁଣି ମତ ବଦଳାଇବାର କି ଆବଶ୍ୟକତା ଥିଲା ? ହଁ- କହିପାର ଯେ, ତାଙ୍କର ବିବାହ ସିଦ୍ଧାନ୍ତ ତାଙ୍କ ହାତରେ ନ ଥିଲା । ଯେପରି ଆମ ହିନ୍ଦୁ ପରିବାର ଝିଅଙ୍କ ଭାଗ୍ୟଡୋରୀ ନିଜ ହାତରେ ନ ରହି ସେମାନଙ୍କ ବାପା ମାଆ, ଗୁରୁଜନଙ୍କ ହାତରେ ରହିଥାଏ । କିନ୍ତୁ ମୁଁ କହେଁ ପ୍ରତିବାଦ କରି ପ୍ରସ୍ତାବକୁ ଭାଙ୍ଗି ଦେବାର ଶକ୍ତି ତାଙ୍କଠାରେ ଯଥେଷ୍ଟ ଥିଲା । ସତକଥାରେ ସାହସର ସହିତ ପ୍ରତିବାଦ କରିଥିଲେ ଯେଉଁ ଅପବାଦଟି ପାଇ ଥାଆନ୍ତେ ତା' ଅପେକ୍ଷା ନିଜ ସ୍ୱାମୀଙ୍କୁ ଛାଡି ପରପୁରୁଷରେ ମନ ବଦଳାଇ ଜଣଙ୍କର ଲାଳସା ନିଆଁରେ ନିଜ ଦେହକୁ ଆହୂତି ଦେବା ଦ୍ୱାରା କେଉଁ ଅପବାଦଟା ବାକି ରହିଲା କହିଲୁ ? ''

ସେଠାରେ ଲେଖକଙ୍କ ଉଦ୍ଦେଶ୍ୟ ତାହାନୁହେଁ । ସ୍ୱାର୍ଥାନ୍ଧ ସମାଜ ନିଜର ସ୍ୱାର୍ଥ ପାଇଁ କେତେ ଅବଳା ବାଳିକାଙ୍କୁ ଅର୍ଥ ବିନିମୟରେ ବୁଢ଼ାବର ବେକରେ ବାନ୍ଧି ଦେଉଛନ୍ତି ଓ ତା'ର ଫଳାଫଳ ବିଷମୟ ହେଉଛି । ତାହାହିଁ ଦେଖାଇବା ଲେଖକଙ୍କ ଉଦ୍ଦେଶ୍ୟ । ସମାଜର ଏ ବିଷ ବୃକ୍ଷକୁ ଉପାଡିବା ପାଇଁ ଏ ପ୍ରକାର ଲେଖାଦ୍ୱାରା ଲୋକ ...ନୋରାଜ୍ୟରେ ଗୋଟିଏ ବିପ୍ଳବ ସୃଷ୍ଟିକଲେ ଲୋକଙ୍କର କ'ଣ ଆଖି ଖୋଲି ?''

'' ସେ କଥା ମାନୁଛି । ଲେଖକ ଅନ୍ୟ ଦିଗକୁ ମଧ୍ୟ ଦୃଷ୍ଟି ଦେବା ଉଚିତ୍ । କାରଣ କବି, ଲେଖକ - ଏମାନେ ସମାଜ ପରିବର୍ତ୍ତନର ଅଗ୍ରଦୂତ । ତୁମେ ଜାଣ ଯେଉଁଠି ସୁଯୋଗ ଆସେ ସେଠାରେ ଇଚ୍ଛା ବା' ପ୍ରକୃତି ସକ୍ରିୟ ହୋଇ ଉଠିବାର

Digitized by srujanika@gmail.com

ବାଟ ମଧ୍ୟ ସଫା ହୋଇଯାଏ । ଏ କ୍ଷେତ୍ରରେ ଲେଖକଙ୍କର ଲେଖନୀ କ'ଣ ସଂଜତ ହେବା ଉଚିତ ନୁହେଁ ? କହିପାର ଲତା, ସେପରି ସୁଯୋଗ ଆସିଲେ ଭୋଦେଇ ପବନ ମୁହଁରେ ଉଦାସୀ ମେଘ ଖଣ୍ଡପରି ତୁମେ ଅନ୍ୟଆଡକୁ ଆଉଜି ଯିବ ନାହିଁ ?କେତେଜଣ ସୁଯୋଗ ସୁବର୍ଣ୍ଣ ମୁହୂର୍ତ୍ତକୁ ଚଲା ବାଟର ଧୂଳିପରି ଆଡେଇ ଦେଇ ସାଧନାର ମହତ୍ୱ ଦେଖାଇବାକୁ ସମର୍ଥ ହୋଇଛନ୍ତି ? ମଣିଷ ମନର ଏହି ଦୁର୍ବଳତା ଯୋଗୁଁ କେତେ କଳ୍ପନାର ମୀନାର ସୁଖ ସ୍ୱପ୍ନର କୋଣାର୍କ ଧୂଳିରେ ମିଶି ଯାଇଛି । କେତେ ସୁନାର ସଂସାର ହା- ହୁତାଶ ମଧ୍ୟରେ ଜଳିପୋଡି ପାଉଁଶ ହୋଇ ଯାଇଛି । ଏହା କ'ଣ ତୁମକୁ ଅଜଣା ? ''

'' ଲତା, କିଶୋର ପାଖରୁ ଏତେ ବଡ କଥାଟା ଆଶାକରି ନ ଥିଲା । ସେ ତା ମୁହଁରୁ ଏଇ ପଦକ କଥା ଶୁଣିବା ପରେ ତାର ମୁଣ୍ଡ ବୁଲାଇ ହେଲାପରି ବୋଧହେଲା । ସେ ଅଭିମାନ, ବିରକ୍ତି, ଲଜ୍ୟାରେ ବ୍ୟଥିତ ହୋଇ ଉଠିଲା । ଉତ୍ତେଜିତ ସ୍ୱରରେ କହି ପକାଇଲା - '' କିଶୋର ଭାଇ, ମୁଁ ବାରଙ୍ଗନା ନୁହେଁ... ମୁଁ.....ମୁଁ..... । ଦୁଇଟି ଲୁହ ଧାର ଗଡି ପଡିଲା ତା ସାମ୍ନାରେ ମେଲାହୋଇ ପଡିଥିବା ବହିର ପୃଷ୍ଠା ଉପରେ । ସେ ନିଜର କୋହକୁ ସମ୍ଭାଳି ପାରିଲା ନାହିଁ । କିଶୋରର ଯୁକ୍ତି ନିଶାଭାଙ୍ଗି ଗଲା । ସେ ବ୍ୟଗ୍ର ହୋଇ ଲତାର ହାତଟି ଧରି ପକାଇ କହିଲା - ଛି ଲତା, ସତେ କ'ଣ ମୁଁ ତୁମକୁ କହିଲି ? ଖାଲି ଯୁକ୍ତି ଚାଲିଥିଲା ବୋଲି ନା ..., ମୋତେ ବିଶ୍ୱାସ କର ମୁଁ ତୁମ ମନରେ କଷ୍ଟ ଦେବା ପାଇଁ ଏ କଥା କେବେ କହିନାହିଁ । ସତରେ ମନରେ ବହୁତ କଷ୍ଟ ହେଲାନା ?'' ନିଜ ପଣତ କାନିରେ ଆଖି ପୋଛି ପୋଛି ଲତା କହିଲା - '' କିଶୋର ଭାଇ, ମୋର ଗୋଟିଏ ଅନୁରୋଧ ରକ୍ଷା କରିବ ?''

'' କି ଅନୁରୋଧ ? ମୁଁ ନିଶ୍ଚୟ ରକ୍ଷା କରିବି ।''

'' ତୁମେ ଆଉ ଦିନେ ଭୁଲରେ ସୁଦ୍ଧା ମୋତେ ଏ କଥା କହିବନି । ମୋ

Digitized by srujanika@gmail.com

କଥା ବିଶ୍ୱାସ କର । ମୋ ବିଷୟରେ ତୁମେ ନିଶ୍ଚିତ ରହ । ମୋର ଏତେ ଗୁଡାଏ ଶିକ୍ଷା ଓ ତୁମର ଅବାରିତ ସ୍ନେହକୁ ମୁଁ ପାଣିରେ ଭାସିବାକୁ ଦେବିନି । ଏହା ମୋର ଦୃଢ଼ ପ୍ରତିଜ୍ଞା ।"

" ନା ଲତା, ମୋତେ ଲଜ୍ଜା ଦିଅନାହିଁ । ମୁଁ ତୁମକୁ କେବେ ଅବିଶ୍ୱାସ କରିନାହିଁ । ଏ ପ୍ରତିଜ୍ଞା ଆବଶ୍ୟକ ନାହିଁ । ତୁମେ ମୋ ବ୍ୟତୀତ ଅନ୍ୟ କାହାର ହୋଇ ପାରନା । ଏହା ମୋର ଦୃଢ଼ ବିଶ୍ୱାସ ।"

" ହେଉ, ଛାଡନ୍ତୁ ସେ କଥା । ଆସିବାକୁ ଡେରିକଲ କାହିଁକି ? ଏଇ ଫୁଲ ଦୁଇଟି ନିଅ । କେତେ ସୁନ୍ଦର ଫୁଲ ଦି'ଟା ଶୁଖି ଗଲାଣି । " କିଶୋର ଆଗ୍ରହରେ ଲତା ହାତରୁ ଫୁଲ ଗୁଡିକ ଛଡାଇ ନେଇ ସଙ୍ଗେ ସଙ୍ଗେ ଲତାର ବେଣୀରେ ଖୋସିଦେଇ କହିଲା - " ଏଇଠି ଫୁଲ ଦି'ଟା ସୁନ୍ଦର ଦିଶିବ । ଫୁଲ ଦଳରେ ଯାହାର ସୃଷ୍ଟି, ଫୁଲ ରେଣୁରେ ଯାହାର ଖେଳ ତାକୁ ହିଁ ଏ ଫୁଲ ଠିକ୍ ମାନିବ । ସେଇ ମୋର ଆନନ୍ଦ । ଦାନର ପ୍ରତିଦାନ ।"

ଲତା ଲାଜ ଲାଜ ହୋଇ କହିଲା " ହେଉ ଥାଉ ତୁମର ସେ ପ୍ରଶସ୍ତି ।· ସତେ ତୁମେ ସବୁ ବେଳେ ମୋର ଏତେ ପ୍ରଶଂସା କର କାହିଁକି କୁହତ ? ଲତାର ଦୃଷ୍ଟି ନଇଁ ଆସିଲା କିଶୋରର ପାଦ ତଳକୁ ।

" ଅଯଥା ଚାଟୁ କରିବାର ଅଭ୍ୟାସ ମୋର ନାହିଁ । ରୂପର ପ୍ରଶଂସା କରି ତୁମ ମନକୁ କିଣିବାର ପ୍ରୟାସ କେବେ କରିନି । " କିଶୋର ହସି ହସି ଉତ୍ତର ଦେଲା । ସେତେବେଳକୁ ରାତି ଦଶଟା । ମନୋରମା ଦେବୀ ସେହି ଜହ୍ନ ଆଲୁଅରେ ବସୁଁ ବସୁଁ କେତେବେଳେ ସେଇଠି ଶୋଇଗଲେଣି । ଏଯାଏଁ ବିନୋଦ ବାବୁ ଫେରି ନାହାଁନ୍ତି । □

Digitized by srujanika@gmail.com

= ତେଇଶି =

କିଶୋର ସର୍ବଦା ନିଜ ସିଦ୍ଧାନ୍ତରେ ଅଟଳ । ସେବା ଧର୍ମକୁ ସେ ନିରନ୍ତର ଜୀବନାଦର୍ଶ ରୂପେ ଗ୍ରହଣ କରି ନେଇଛି । ଗାନ୍ଧି, ବିନୋବା, ଜୟ ପ୍ରକାଶଙ୍କ ଶିକ୍ଷା ଓ କାର୍ଯ୍ୟ ପଦ୍ଧତି ତାର ଜୀବନକୁ ଗଭୀର ଭାବରେ ପ୍ରଭାବିତ କରିଛି । ଆଦର୍ଶ ଓ ବାସ୍ତବତା, ଜୀବନ ଓ ଜୀବିକା ମଧ୍ୟରେ ସେତୁ ନିର୍ମାଣ କରିବାକୁ ପଡ଼ିବ । ଆଦର୍ଶ ନ ଥାଇ ଜୀବିକା ଓ ଜୀବନ ନ ଥାଇ ଆଦର୍ଶ ମଣିଷକୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇ ପାରେ ନାହିଁ । ଉତ୍କୃଷ୍ଟ ଜୀବନ ଓ ସାଧୁ ଉପାୟରେ ଜୀବିକାର୍ଜନ ମଧ୍ୟରେ ସମନ୍ୱୟ ସ୍ଥାପନ କରିବାକୁ ପଡ଼ିବ । ଏହା କିପରି ସମ୍ଭବ ସେ ବିଷୟରେ କିଶୋର ବହୁତ ଚିନ୍ତା କରିଛି । ସରକାର ନିଜର ବୃତ୍ତିଭୋଗୀ କର୍ମଚାରୀଙ୍କ ଦ୍ୱାରା ଲୋକ କଲ୍ୟାଣ କାମ କରିଥାଆନ୍ତି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ ମଧ୍ୟ ନିଜର ଭତ୍ତାପ୍ରାପ୍ତ ସ୍ୱେଚ୍ଛାସେବୀ କର୍ମୀଙ୍କ ଦ୍ୱାରା ଜନ ମଙ୍ଗଳ ସେବା କାର୍ଯ୍ୟ କରିଥାନ୍ତି । ଏ ଉଭୟ କାର୍ଯ୍ୟ ପଦ୍ଧତି ଓ ତନ୍ମଧ୍ୟରେ ନିହିତ ଦୋଷ ଦୁର୍ବଳତା ବିଷୟରେ ସେ ସଚେତନ ଅଛି । ତେଣୁ କିଶୋର ସିଦ୍ଧାନ୍ତ ନେଇଛି କୌଣସି ଅନୁଷ୍ଠାନରେ ଭତ୍ତାପ୍ରାପ୍ତ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟକରି ଜୀବନ ଓ ଜୀବିକା କ୍ଷେତ୍ରରେ ପ୍ରତିଷ୍ଠିତ ହେବ । ଏହି ଧ୍ୟେୟକୁ ଆଖି ଆଗରେ ରଖି ସେ କେତେ ଅନୁଷ୍ଠାନକୁ ଦରଖାସ୍ତ କରିଛି । କେତେକ ସ୍ଥାନରେ ସାକ୍ଷାତକାରରେ ଯୋଗ ଦେଇଛି । ମାତ୍ର ନିଜର ରୁଚି, ମନର ବାସନାକୁ ସେ ସବୁ କାମ ଛୁଆଇଁ ପାରି ନାହିଁ । ଏହି ସିଦ୍ଧାନ୍ତର ପରିସୀମାର ଅନ୍ତିମ ବିନ୍ଦୁ ରୂପେ ଲତାହିଁ କିଶୋର ମନରେ ରହିଛି । ଲତାକୁ ନେଇ ସଂସାର ଗଢ଼ିବାକୁ ହେଲେ ଅନ୍ତତଃ ଆଖି ଦୁରୁଶିଆ ମୋଟା ଦରମା ହେବା ଦରକାର । ମାତ୍ର ଯେତେ ଅନୁଷ୍ଠାନକୁ ଚାକିରୀ ପାଇଁ ନିମନ୍ତ୍ରଣ ପାଇଛି, ସେଥିରେ ସେ ସନ୍ତୁଷ୍ଟ ନୁହେଁ । ତେଣୁ ସେ ସବୁ ଛାଡ଼ି ଦେଇଛି । ସୁଯୋଗ ଦ୍ୱିତୀୟ ଥର ଆସେ ନାହିଁ ବୋଲି ଯେଉଁ ପ୍ରବାଦ

Digitized by srujanika@gmail.com

ଅଛି ତାହା କିଶୋର ମନକୁ ଅନେକ ସମୟରେ ବ୍ୟଥିତ କରେ ।

ଛଅ ସପ୍ତାହ ତଳେ ସେ ରାଞ୍ଚିଯାଇ ଅକ୍ସଫାମ୍‌ରେ ଫିଲ୍ଡ ଅଫିସର ପାଇଁ ସାକ୍ଷାତ୍‌କାର ଦେଇଥିଲା । ନିଜର ଶିକ୍ଷାଗତ ପ୍ରମାଣ ପତ୍ରସହ ଶିକ୍ଷଣ ଶିବିର ମାନଙ୍କଠାରୁ ପାଇଥିବା ପ୍ରମାଣ ପତ୍ର ଦର୍ଶାଇ ଥିଲା । ପ୍ରାର୍ଥୀମାନଙ୍କ ମଧ୍ୟରେ ସେ ଶ୍ରେଷ୍ଠ ବିବେଚିତ ହେବାରେ ତା'ର ଦୁଇଟି ବିଷୟ ସାହାଯ୍ୟ କରିଥିଲା । ପ୍ରଥମତଃ ନିର୍ଭିକ ମନୋବଳ, ସିଦ୍ଧାନ୍ତ ଗ୍ରହଣରେ ସ୍ୱାଧୀନ ବିଚାର, ଦ୍ୱିତୀୟତଃ ପୁରୀ ସର୍ବୋଦୟ ଶିକ୍ଷଣ ଶିବିରରୁ ମିଳିଥିବା ତା'ର ପ୍ରମାଣ ପତ୍ର ।

ଅକ୍ସଫାମ ଗୋଟିଏ ଆନ୍ତର୍ଜାତିକ ସେବା ଅନୁଷ୍ଠାନ ଲଣ୍ଡନରେ ଏହାର ମୁଖ୍ୟ ଓ ମୂଳ କାର୍ଯ୍ୟାଳୟ ଅବସ୍ଥିତ । ରାଜନୀତିର କଳୁଷିତ ବାତାବରଣ ଏହାକୁ ସ୍ପର୍ଶ ସୁଦ୍ଧା କରେ ନାହିଁ । ଏଥିରେ ଯେଉଁ କର୍ମୀମାନେ କାର୍ଯ୍ୟ କରନ୍ତି ସେମାନେ ତ୍ୟାଗୀ, ସ୍ଥିତଧୀ, ମାନବ ବାଦୀ, ଶାନ୍ତି କାମୀ ଲୋକ ଭାବରେ ପରିଚିତ । ସାରା ପୃଥିବୀରେ ଏହି ଅନୁଷ୍ଠାନର ଶଖାମାନ ପ୍ରତିଷ୍ଠିତ ହୋଇ ଜନ କଲ୍ୟାଣ କାର୍ଯ୍ୟ କରିଥାଏ । ସାରା ପୃଥିବୀରେ ମଧ୍ୟ ଏହାର ଚାନ୍ଦାଦାତା ରହିଛନ୍ତି । ବନ୍ୟା, ବାତ୍ୟା, ମରୁଡ଼ି ପ୍ରପିଡ଼ିତ ଲୋକଙ୍କୁ ସଂକଟ କାଳୀନ ସାହାଯ୍ୟ ଦେବା, ଯୁଦ୍ଧ, ରାଷ୍ଟ୍ର ବିଦ୍ରୋହର ଶିକାର ହୋଇଥିବା ଶରଣାର୍ଥୀମାନଙ୍କର ସେବାକାର୍ଯ୍ୟ ଏହି ଅନୁଷ୍ଠାନର ମୂଳମନ୍ତ୍ର । ଏହା ସେମାନଙ୍କର ପ୍ରତିଷେଧାତ୍ମକ କାର୍ଯ୍ୟ । ପ୍ରତିକାରାତ୍ମକ କାର୍ଯ୍ୟ ମଧ୍ୟରେ ସମାଜରେ ତଳେ ପଡ଼ିଥିବା ଚାଷୀ, ଗ୍ରାମ୍ୟ କରିଗର, ଭୂମିହୀନ ଶ୍ରମିକ, ମେହନତି ଦିନ ମଜୁରିଆ ମାନଙ୍କୁ ଜୀବିକାର୍ଜ୍ଜନରେ ସହାୟତା ଦେଇ ଅର୍ଥନୈତିକ ଥଇଥାନ ପାଇଁ ଏମାନଙ୍କ କାର୍ଯ୍ୟ ଅବ୍ୟାହତ ରହିଥାଏ । ଗାନ୍ଧିଜୀଙ୍କର ପରିକଳ୍ପିତ, ଅନ୍ତ୍ୟୋଦୟ, କାର୍ଯ୍ୟରେ ଏହା ଏକ ରୂପାନ୍ତର ମାତ୍ର । ସେବା ପରାୟଣ ମାନବ ପ୍ରେମୀ ଲୋକଙ୍କ ପାଇଁଏହା ଏକ ଆକର୍ଷଣୀୟ ସେବା ଅନୁଷ୍ଠାନ । ଜାତି, ଧର୍ମ, ବର୍ଣ୍ଣ ବୈଷମ୍ୟ, ନିର୍ବିଶେଷରେ ଏଥିରେ ପ୍ରବେଶ କରିବାର ସୁଯୋଗ ସମସ୍ତଙ୍କୁମିଳିଥାଏ । ଅନୁଷ୍ଠାନ

Digitized by srujanika@gmail.com

କର୍ମୀମାନଙ୍କୁ ଉପଯୁକ୍ତ ପାରିଶ୍ରମିକ ନ ଦେଲେ ସେମାନେ ଅସତ୍ ଉପାୟ ଅବଲମ୍ବନ କରିବେ । ଫଳତଃ ଅନୁଷ୍ଠାନର ଧ୍ୟେୟ ନଷ୍ଟ ହେବା ସହିତ ସମସ୍ତ ଗଠନ ତନ୍ତ୍ର କଳୁଷିତ ହୋଇଯିବ । ସେଥିପାଇଁ ଜଣେ ଜଣେ ଫିଲ୍ଡ ଅଫିସରଙ୍କ ଦରମା ଏଗାର ଶହରୁ ଅଠର ଶହ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥାଏ । ବିଭିନ୍ନ ଶ୍ରେଣୀର କର୍ମୀଙ୍କ ପାଇଁ ତଦନୁସାରେ ପାରିଶ୍ରମିକ ଧାର୍ଯ୍ୟ ହୋଇଥାଏ । ବହୁବର୍ଷ ତଳେ ଇଟାଲୀର ଦୁର୍ଭିକ୍ଷ ପ୍ରପିଡିତ ଲୋକଙ୍କ ସାହାଯ୍ୟାର୍ଥେ ଅକ୍ସଫୋର୍ଡ ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଅଧ୍ୟାପକ ମାନେ ଯେଉଁ ଅନୁଷ୍ଠାନ ଓ ଦାନପାଣ୍ଠି ଗଢ଼ିଥିଲେ ଅକ୍ସଫାମ୍‌ର ସେହି କ୍ଷୁଦ୍ର ଚାରା ବୃକ୍ଷଟି ଆଜି ଫୁଲ ଫଳ ସୁଶୋଭିତ ଏକ ମହାଦ୍ରୁମରେ ପରିଣତ ହୋଇ ନିରାଶ୍ରୟ, ଅସହାୟ ଜନତାର ଦୁଃଖାପନୋଦନରେ ବ୍ରତୀ । ଅକ୍ସଫାମ୍‌ର ଲକ୍ଷ୍ୟ, ଆଦର୍ଶ, ଯୋଜନା ଓ କାର୍ଯ୍ୟ ପଦ୍ଧତି କିଶୋରକୁ ବହୁ ଦିନରୁ ଆକୃଷ୍ଟ କରିଥିଲା ।

ସମଗ୍ର ଭାରତ ବର୍ଷକୁ ପାଞ୍ଚୋଟି ଅଞ୍ଚଳରେ ବିଭକ୍ତ କରି ଅକ୍ସଫାମ ଭାରତରେ ସେବା କାର୍ଯ୍ୟ କରନ୍ତି । ପୂର୍ବାଞ୍ଚଳର ମୁଖ୍ୟ କାର୍ଯ୍ୟାଳୟ ରାଞ୍ଚିଠାରେ ଏକ ମନୋରମ ସ୍ଥାନରେ ଅବସ୍ଥିତ । ଏ.ଏଇଚ. ଆଲେନ୍ ଏହି ପୂର୍ବାଞ୍ଚଳର ମୁଖ୍ୟ ପରିଚାଳକ । ତାଙ୍କ ଅଧୀନରେ ଦୁଇ ଚାରିଜଣ ଫିଲ୍ଡ ଅଫିସର କାର୍ଯ୍ୟ କରନ୍ତି । ତନ୍ମଧ୍ୟରୁ ଜଣେ କର୍ମକ୍ଷେତ୍ରରେ ଦକ୍ଷତା ଦେଖାଇ ନ ପାରିବାରୁ କାର୍ଯ୍ୟରୁ ଅନ୍ତର ହୋଇଛନ୍ତି । ସେ ସ୍ଥାନ ପୂରଣ ପାଇଁ ପ୍ରାର୍ଥୀମାନଙ୍କର ସାକ୍ଷାତକାର ହୋଇଥିଲା । ସେଥିରେ କିଶୋର ସର୍ବଶ୍ରେଷ୍ଠ ବିବେଚିତ ହେବାରୁ ନିଯୁକ୍ତି ପାଇଛି । ମାତ୍ର ଏହି ନିଯୁକ୍ତି କଲିକତାସ୍ଥିତ ଭାରତୀୟ ଅକ୍ସଫାମ୍ ଅଫିସରୁ ଅନୁମୋଦିତ ହୋଇ ଅସିବାକୁ ବିଳମ୍ବ ହୋଇଛି । କିଶୋର ଏହି ଅଫିସିଆଲ ବିଧି ବିଷୟରେ ଅଜ୍ଞ । ଇତି ମଧ୍ୟରେ ଛଅ ସପ୍ତାହ ବିତିଯାଇ ଥିବାରୁ ଏହା ମଧ୍ୟ ଏକ ନିଷ୍ଫଳ ପ୍ରଚେଷ୍ଟା ବୋଲି କିଶୋର ଗ୍ରହଣ କରିବାକୁ ବାଧ୍ୟ ହୋଇଛି । ବେକାର ଜୀବନର ବୋଝ କ୍ରମେ ଓଜନଦାର ହେବାରୁ ସେ ହତୋତ୍ସାହ ହୋଇ ପଡ଼ିଛି ।

Digitized by srujanika@gmail.com

ସିଦ୍ଧେଶ୍ୱର ଦକ୍ଷିଣରାୟଙ୍କର ଠିକାଦାରୀ ସାଙ୍ଗକୁ ଦୁଇଖଣ୍ଡି ବସ୍ । ବ୍ୟବସାୟର କାର୍ଯ୍ୟ ପରିସର ବହୁତ ବଢ଼ିଯାଇଛି । ସେଥିପାଇଁ 'ଚପଳା ବସ୍'ର ମାଲିକାନା ସତ୍ୱକୁ ଜଏଣ୍ଟ ପାର୍ଟନର 'ଦୀପକ' ହୋଟେଲ ମାଲିକ ତାରାକାନ୍ତ ସାହୁଙ୍କ ବିକ୍ରୟ କରି ଦେଇଛନ୍ତି । କିନ୍ତୁ ତାରାକାନ୍ତ ବାବୁ କଟକ ଆସିଲେ ହୋଟେଲ ପାରିଜାତରେ ରହନ୍ତି । ସିଦ୍ଧେଶ୍ୱର ବାବୁଙ୍କ ସହ ତାଙ୍କର ବନ୍ଧୁତ୍ୱ ଅମ୍ଲାନ ରହିଛି । ଏହି ଯୋଗସୂତ୍ରରୁ କିଶୋର ସହ ତାରାକାନ୍ତ ବାବୁଙ୍କର ପରିଚୟ ଓ ବନ୍ଧୁତା ଘନିଷ୍ଠ ହୋଇ ଗଲାଣିସ । ଅନେକ ସମୟରେ ଉଭୟଙ୍କ ମଧ୍ୟରେ ଆଳାପ ଆଲୋଚନା ହୁଏ । ଏହି ଆଲୋଚନା ମଧ୍ୟରେ ରାଞ୍ଚିସ୍ଥିତ ଅକ୍ସଫାମ ଅନୁଷ୍ଠାନର କାର୍ଯ୍ୟ କଳାପ ବିଷୟ ସ୍ଥାନ ପାଇଥାଏ । ତାରାକାନ୍ତ ବାବୁଙ୍କ ଠାରୁ ଏ ସବୁ ବିଷୟରେ କିଶୋର ଶୁଣି ବହୁତ ଉତ୍ସାହିତ ହୁଏ ।

ନିୟତିର ଭାଗ୍ୟଡୋର ମଣିଷକୁ ତା'ର ନିର୍ଦ୍ଦିଷ୍ଟ ଇଚ୍ଛା ମାର୍ଗରେ ହିଁ ଚଳାଇ ଥାଏ । ସେଥିପାଇଁ ମଣିଷ କଳ୍ପନା କରିଥାଏ ଗୋଟାଏ ପ୍ରକାର ମାତ୍ର ଫଳ ଫଳେ ଭିନ୍ନ ପ୍ରକାରର । ଦକ୍ଷିଣରାୟ ବାବୁ କିଶୋରର ବ୍ୟକ୍ତିତ୍ୱ, ବ୍ୟବହାର, ସ୍ୱାଧୀନ ମନୋବଳ ଓ ନମ୍ରତାର ପରିଚୟ ପାଇଛନ୍ତି ବହୁତ ଆଗରୁ । ବିଶେଷତଃ ତା'ର କାର୍ଯ୍ୟ ଦକ୍ଷିଣରାୟଙ୍କୁ ମୁଗଧ କରିଛି । କିଶୋରର ରୂପ, ଗୁଣ ଓ ଶିକ୍ଷାଗତ ଯୋଗ୍ୟତା ସିଦ୍ଧେଶ୍ୱର ବାବୁଙ୍କୁ ଆକୃଷ୍ଟ କରିଛି । ସେ ମନେ ମନେ ସ୍ଥିର କରିଛନ୍ତି ନିଜର କନ୍ୟା ସବିତାକୁ ତାଙ୍କର ହାତରେ ଅର୍ପଣ କରି ସୁଖୀ ହେବେ । ଏ ବିଷୟ ତାଙ୍କର ମନର କଥା । କାହାରି ଆଗରେ ପ୍ରକାଶ କରି ନ ଥାନ୍ତି । ନିତ୍ୟ କର୍ମ ସାରି ସିଦ୍ଧେଶ୍ୱର ବାବୁ ହୋଟେଲ ଅଫିସ କୋଠରୀରେ ବସି ତାରାକାନ୍ତ ବାବୁଙ୍କ ସହ ବ୍ୟବସାୟ ସଂକ୍ରାନ୍ତ କଥାଭାଷା ହେଉଛନ୍ତି । ଡାକ ବାଲା ଡାକ ଦେଇଗଲା । ଅନ୍ୟାନ୍ୟ ଚିଠି ମଧ୍ୟରେ ତାଙ୍କ ମାରଫତରେ ଗୋଟିଏ ଚିଠି କିଶୋର ପାଖକୁ ରାଞ୍ଚି ଅକ୍ସଫାମ ଅଫିସରୁ ଆସିଥିବାର ଦେଖିଲେ । ଅଭ୍ୟର୍ଥନା କାଉଣ୍ଟରରୁ ଫୋନ ଦ୍ୱାରା କିଶୋରକୁ ତାଙ୍କ ଅଫିସକୁ ଡକାଇଲେ । କିଶୋର ଉପସ୍ଥିତ ହେବା ମାତ୍ରେ ସେ ହସି ହସି

Digitized by srujanika@gmail.com

କହିଲେ '' ଏହା ବୋଧହୁଏ ତୁମର ନିଯୁକ୍ତି ପତ୍ର ; ନିଅ ।''

କିଶୋର ମନରେ ଆନନ୍ଦର ସୀମା ନାହିଁ । ଚିଠିର କଭର ଉପରୁ 'OXFAM' ମୋହର ଦେଖି ନିଶ୍ଚିତ ହୋଇଗଲା ଯେ, ଏହା ତାହାର ନିଯୁକ୍ତି ପତ୍ର । ଚିଠି ଖୋଲିବା ମାତ୍ରେ ଚକ୍ଷୁ କର୍ଣ୍ଣର ବିବାଦ ମେଣ୍ଟିଲା । ତାରାକାନ୍ତ ବାବୁ ଏବଂ କିଶୋର ସମସ୍ତେ ଏ ନିଯୁକ୍ତିକୁ ଇଶ୍ୱରଙ୍କ ଆଶିର୍ବାଦ ବୋଲି ମନେ କଲେ । ଯଥା ଶୀଘ୍ର କାର୍ଯ୍ୟରେ ଯୋଗ ଦେବା ପାଇଁ ତାରାକାନ୍ତ ବାବୁ କିଶୋରକୁ ପରାମର୍ଶ ଦେଲେ । ରାଞ୍ଚିରେ ତାହାର ରହିବାର ସମସ୍ତ ବ୍ୟବସ୍ଥା କରାଇ ଦେବାକୁ ତାଙ୍କୁ ମଧ ପ୍ରତିଶ୍ରୁତି ଦେଲେ । ସିଦ୍ଧେଶ୍ୱର ବାବୁ ମନେ ମନେ ଅତ୍ୟନ୍ତ ଖୁସି । ସବିତାର ବିବାହ ଓ ବରପାତ୍ର ନିର୍ବାଚନରେ ସେ ଯେପରି ଜୟଯୁକ୍ତ ହୋଇଛନ୍ତି ବୋଲି ଅନୁଭବ କଲେ । କିଶୋର ଏ ନିଯୁକ୍ତିକୁ ଲତାର ଓ ତାର ମିଳନର ଏକ ସୁବର୍ଣ୍ଣ ସେତୁ ମନେକରି ଭଗବାନଙ୍କ ନିକଟରେ କୃତଜ୍ଞତା ଜଣାଇଲା । ଏ ସଂବାଦ ଆଜି ଲତାକୁ ଜଣାଇବାକୁ ତା' ମନ ଉଦ୍‌ବେଗ ହୋଇଉଠିଲା । କେତେବେଳେ କାର୍ଯ୍ୟରୁ ଅବ୍ୟାହତି ମିଳୁଛି । ସେହି ସୁଯୋଗକୁ ଅପେକ୍ଷା କରି କିଶୋର ଫେରିଲା ନିଜ କାଉଁଟରକୁ । □

= ଚବିଶ =

ସଞ୍ଜ ଯାଇ ରାତି ହେବାକୁ ବସିଲାଣି । ଆଜି କାମରୁ ଫେରିବାକୁ ସାମାନ୍ୟ ଡେରି ହୋଇଛି । ବସାଘରେ ଗାଧୋଇ ସାରି ବେଶ ପୋଷାକ ହୋଇ କିଶୋର ବାହାରି ପଡିଲା ରାସ୍ତା ଉପରକୁ । କେତେବେଳେ ଯାଇ ତା'ର ନିଯୁକ୍ତି ବିଷୟ ଲତାକୁ ଜଣାଇବ । ମନରେ ଉଦ୍‌ବେଗ, ଚଞ୍ଚଳତା, ଭାବୀଜୀବନରେ ନିର୍ଭୁଲ ଯୋଜନାର ନକ୍ସା । ସୁଖ ସ୍ୱପ୍ନଘେରା ଅପୁହା ରାତି, ଏମିତି ଅନେକ ଭାବନା । କିଶୋର ଚଞ୍ଚଳ ପାଦରେ ଆସି ବିନୋଦ ବାବୁଙ୍କ ଦାଣ୍ଡ କବାଟରେ ଆଘାତ କରୁଁ କରୁଁ ଡାକିଲା - 'ମାଉସୀ !'

Digitized by srujanika@gmail.com

" ଆସୁଛି, ଅପେକ୍ଷା କର " ମନୋରମା ଭିତରୁ ଉତ୍ତର ଦେଲେ । କବାଟ ଖୋଲିବା ମାତ୍ରେ କିଶୋର ମନୋରମାଙ୍କ ପାଦଧୂଳି ମୁଣ୍ଡରେ ମାରୁ ମାରୁ ପଚାରିଲା - ' ମାଉସୀ ଲତା କାହିଁ ? ମଉସା କ'ଣ ଅଫସରୁ ଫେରି ନାହାଁନ୍ତି ? "

" ଲତା ଏବେ ବୀଣା ଘରକୁ ଯାଇଛି । ମଉସାଙ୍କ କଥା ତ ଜାଣ । ସେ ତାଙ୍କ ବ୍ରିଜ ଖେଳରେ ମସ୍ତ ଥିବେ । ବସ ବାପ, ମୁଁ ଲତାକୁ ଡକାଇ ପଠାଉଛି ।" ମନୋରମା କହିଲେ ।

" ମାଉସୀ, ମୁଁ ରାଞ୍ଚିରେ ଚାକିରୀ ପାଇଛି । ମାସକୁ ଦରମା ଏଗାର ଶହରୁ ଆରମ୍ଭ "

" ଭଗବାନ ତୁମକୁ ଦୟା କଲେ । ଏ ସମ୍ବାଦ ଲତା ଶୁଣିଲେ ତା'ର ଆନନ୍ଦର ସୀମା ରହିବ ନାହିଁ । ମୁଁ ତାକୁ ଶୀଘ୍ର ଡକାଇ ପଠାଉଛି ।"

" ନା, ମାଉସୀ ! ମୁଁ ନିଜେ ଯାଇ ବୀଣାଘରୁ ତାକୁ ଡାକି ଆଣିବି । ମୁଁ ଯାଉଛି "

" ନା ଆଉ ଯିବାକୁ ପଡିବ ନାହିଁ । ମୁଁ ନିଜେ ଆସି ଯାଇଛି ।"

" ମୁଁ ନିଯୁକ୍ତି ପାଇଛି ଲତା । ଅଶ୍ବଫାମରେ ମୋର ଚାକିରୀ ହୋଇ ଯାଇଛି ।" କିଶୋର କହିଲା । ମନରେ ତା'ର ଆନନ୍ଦର ସୀମା ନାହିଁ ।

" ଏ ସମ୍ବାଦ କେବଳ ମୋ ପାଇଁ ନୁହେଁ । ଆମ ସମସ୍ତଙ୍କ ପାଇଁ ଏକ ଆନନ୍ଦର ବିଷୟ, ନୁହେଁ ବୋଉ ?" ଲତାର ଆଖିରେ ଚପଳତା ଓ ଚଞ୍ଚଳତା । ଉତ୍ତର ପାଇଁ ଉତ୍‌କଣ୍ଠାର ସହ ଅପେକ୍ଷା କଲା ଲତା ।

" ହଁ ଏହା ନିଶ୍ଚୟ ଏକ ସୁ-ଖବର । ଅନିଶ୍ଚିତ ଜୀବନର ଅଶାନ୍ତିର ପରିସମାପ୍ତି । ସାଂସାରିକ ଜୀବନ ପଥର ପାହାଚ । ଆଉ ଏଣିକି କିଶୋର ବେକାର

Digitized by srujanika@gmail.com

ନୁହେଁ ।'' - ମନୋରମା ଉତ୍ତର ଦେଲେ ।

'' ମୁଁ ଏଥର କିଶୋର ଭାଇଙ୍କ ଠାରୁ ମୋର ମୋଟା ପାଉଣା ଆଦାୟ କରିବି '' ରସିକତା କଲା ଲତା ।

'' କି ପାଉଣା, ଏବଂ ତା'ର ଆକାର ପ୍ରକାର ଶୁଣେ ? '' - କିଶୋର ପଚାରିଲା ।

'' ଆଗରୁ କୁହାଯିବ ନାହିଁ । ଆଗ ପ୍ରତିଶ୍ରୁତି ମିଳୁ ।''

'' ପ୍ରତିଶ୍ରୁତି ଦେଲି, ଏବେ ଦାବିଟା ଶୁଣେ '' କିଶୋରର ଉତ୍କଣ୍ଠା ।

'' ସେ ପାଗଳୀଟା କଥାଛାଡ । ମୁଁ ଯାଏଁ ରୋଷେଇ ସାରିଦିଏ । ଆଜି ଏଇଠି ଖାଇକରି ଯିବ '' ମନୋରମା କହିଦେଇ ଭିତରକୁ ଗଲେ ।

ଲତା କିଶୋରକୁ ଘର ଭିତରକୁ ଡାକି ନେଇ ସୋଫା ଉପରେ ବସାଇଲା ଓ ନିଜେ ପାଖରେ ବସିଲା । ଚାକିରୀର ବିଶେଷ ବିବରଣୀ କିଶୋର ଠାରୁ ଶୁଣୁଥାଏ । କଥାର ମୋଡ ଦେଇ ପଚାରିଲା -

'' ଚାକିରୀ ସ୍ଥାନ କେଉଁଠି ?''

'' ଆଗ ରାଞ୍ଚି ଅଫିସରେ ପହଞ୍ଚି ଜଏନ କଲା ପରେ ଜଣାପଡିବ ''

'' ଏଗାର ଶହରୁ ଆରମ୍ଭ । ଅଠର ଶହ ସ୍କେଲ ବୋଲି ନିଯୁକ୍ତି ପତ୍ରରେ ଲେଖା ଅଛି ।''

'' ଭଗବାନ ମୋର ପ୍ରାର୍ଥନା ଶୁଣିଛନ୍ତି । ମୋ ମନ କାମନା ପୂରଣ କରିଛନ୍ତି । '' ପଣତ କାନିଟିକୁ ଆଙ୍ଗୁଳିରେ ଗୁଡେଇବା ଅଭିନୟ କରୁ କରୁ ଲତା ଗମ୍ଭୀର ଗଳାରେ କହିଲା ।

Digitized by srujanika@gmail.com

" ମୋ ପାଇଁ ତୁ କ'ଣ ପ୍ରାର୍ଥନା କରୁଥିଲୁ ? ମୋ ସୁଖ ମନାସୁଥିଲୁ ?" ଲତାର ଦକ୍ଷିଣ ହାତ ପାପୁଲିରେ ନିଜ ଅଙ୍ଗୁଳି ଚାଳନା କରି କିଶୋର ପଚାରିଲା ।

" ଆଉ କାହା ପାଇଁ କରନ୍ତି ?" - ଲତା ଆଡ ଦୃଷ୍ଟିରେ କିଶୋର ମୁହଁରୁ ଦୃଷ୍ଟି ଫେରାଇଲା କିଶୋରର ପାଦତଳକୁ ।

" ମୁଁ ଭାଗ୍ୟବାନ ଲତା । କେଉଁ ଜନ୍ମରୁ ତପସ୍ୟାର ଫଳ ଭଗବାନ ଏବେ ମୋ ହାତକୁ ଟେକି ଦେଲେ । " ବାମ ହତଟି ଲତା ପିଠିରେ ରଖି କିଶୋର କହିଲା ।

କିଶୋରର କର ସ୍ପର୍ଶରେ ଲତାର ସମଗ୍ର ଶରୀରରେ ବିଜୁଳି ଖେଳିଗଲା । ଦେହ ରୋମାଞ୍ଚିତ । ଗୋଲାପୀ ଗଣ୍ଡ ତା'ର କୃଷ୍ଣଚୂଡାର କର୍ଣ୍ଣ ବିଭବକୁ ବଳିଗଲା । ନାଶା ରନ୍ଧ୍ରରେ ନିଶ୍ୱାସ କ୍ରମେ ବେଗବାନ ହେଉଛି । ମୁହଁରେ କୌଣସି ଭାଷାନାହିଁ । ନାଲି ଓଠ ଦୁଇଟିରେ ମୃଦୁ କମ୍ପନ । ଗଛ କାଟିଲା ପରି ଧୀରେ ଧୀରେ ଆଉଜିଗଲା କିଶୋରର ଛାତି ଉପରକୁ । ତା'ର ବେକମୂଳ ଛାତି ଉପରେ ମୁଣ୍ଡଟିକୁ ରଖି ନୀରବ ରହିଲା ।

କିଶୋରର ଅଲକ୍ଷ୍ୟରେ ତା'ର ବାହୁ ଦୁଇଟି ନାଗ ବନ୍ଧନ ସାଜିଛି । ଲତାର କମ୍ପିତ ଦେହ ସରମୀ ଲାଜକୁଳି ଲତାପରି ଝାଉଁଳି ପଡିଛି । କିଶୋର ଥର ଥର ଗଳାରେ ପଚାରିଲା -

" ଲତା ! ମୁଁ କ'ଣ ଏତେବଡ ଭାଗ୍ୟବାନ । ମୋର ଚିର ଇପ୍‌ସିତ ସ୍ୱପ୍ନ ଆଜି ସଫଳ ହୋଇଛି ?" " ମୋତେ କୁହ କିଶୋର ଭାଇ । ମୋତେ ପ୍ରତିଶ୍ରୁତି ଦିଅ । ଏହି ପ୍ରେମମୟ ବକ୍ଷ ଉପରେ ମୁଁ ମୋର ମୁଣ୍ଡଟି ରଖିବାକୁ ଚିରଦିନ ସମର୍ଥ ହେବି ?"

" ଚିରଦିନ ନୁହେଁ ଲତା, ଜନ୍ମ ଜନ୍ମ ଧରି ତୁମର ଅନାବିଳ ପ୍ରେମ ଏ ଧୂଳିପୁରରେ କାଳଜୟୀ କୋଣାର୍କ ତିଆରି କରିବାକୁ ସମର୍ଥ ହୋଇଛି ।"

Digitized by srujanika@gmail.com

" ପ୍ରିୟ ମୋର " ଲତା ସରସ ଓ ସରମ ମିଶା ସ୍ୱରରେ ସମ୍ବୋଧନ କଲା । କିଶୋର ଲତାକୁ ନିଜର ବହୁ ଫାଶରେ ଛନ୍ଦି ଦେଇ ତା'ର ରକ୍ତିମ ଗଣ୍ଡରେ ଚୁମ୍ବନ ରେଖା ଆଙ୍କିଦେଲା । ନିଜ ହାତରୁ ସୁନା ମୁଦିଟି ବାହାର କରି ଲତାର ଅଙ୍ଗୁଳିରେ ପିନ୍ଧାଇ ଦେଇ କହିଲା - " ଆଜି ଦୁଇଟି ଜୀବନର ବନ୍ଧନ । ଦୁଇଟି ହୃଦୟର ପ୍ରକୃତ ମିଳନ । ବିଶ୍ୱସ୍ରଷ୍ଟାଙ୍କ ଉନ୍ମୁକ୍ତ ବେଦୀ ଉପରେ ଆଜି ଆମର ପ୍ରକୃତ ବିବାହ । ଲୌକିକତା, ଦେଶାଚାର, କୁଳାଚାର, ଶାସ୍ତ୍ରାଚାର ଠାରୁ ଭିନ୍ନ ଏହି ବିବାହ ବନ୍ଧନ । ଏହାର ସାକ୍ଷୀ ଏହି ମୁକ୍ତ ଆକାଶ, ଶାନ୍ତ ପ୍ରକୃତି । ସୁଗନ୍ଧ ସେବିତ ଏ ନବୀନ ସନ୍ଧ୍ୟା ।"

" ମୋତେ ଏତେ ଆଦର, ସ୍ନେହ ଦେଇଛ । ପ୍ରେମ ଦେଇଛ, ମୋର ଏ ଆନନ୍ଦ ଏ ଅପାଶୋରା ସଫଳ ସ୍ୱପ୍ନ, ଭଗବାନଙ୍କ ସହ୍ୟ ହେବ ତ ?" ଲତା କହିଲା ।

ଆଖିରେ ଆନନ୍ଦର ଅଶ୍ରୁଧାରା । ନିବିଡ ଆଲିଙ୍ଗନରେ ଦୁଇଟି ପ୍ରଣୟୀ ଆତ୍ମା ବାକ ଶୂନ୍ୟ ହୋଇ ଯାଇଛି । ମନର ଶୋଷ ଆଜି ମରି ଯାଇଛି । ଶତ ଶତ [illegible] ବିଜୁଳି ବେଗରେ ଖେଳି ବୁଲୁଛି କେଉଁ ଶୁଭ ମୁହୂର୍ତ୍ତର ଅପେକ୍ଷାରେ ।

ଭିତରୁ ମନୋରମା କିଶୋରର ଖାଇବା ବ୍ୟବସ୍ଥା ପାଇଁ ଡାକିବାରୁ ଲତା ସନ୍ତର୍ପଣରେ କିଶୋର ବକ୍ଷରୁ ମୁକ୍ତ ହୋଇ ଘରକୁ ଗଲା ଓ କିଛି କ୍ଷଣ ପରେ ଖାଇବାକୁ କିଶୋରକୁ ଡାକିନେଲା । ମନୋରମା ପାଖରେ ବସି କେତେ କୁଶଳ ପ୍ରଶ୍ନ କରୁଥାନ୍ତି । ବିନୋଦ ବାବୁ ଘରେ ପହଞ୍ଚି କିଶୋରର ନବ ନିଯୁକ୍ତି କଥା ଶୁଣିଲେ ଏବଂ ଅତ୍ୟନ୍ତ ଆନନ୍ଦିତ ହେଲେ । ଆଳାପ ଆଲୋଚନା ପରେ କିଶୋର ଫେରିଯିବାକୁ ବାହାରିଲା । ଲତା କିଶୋରକୁ ଦାଣ୍ଡ ଦୁଆର ପାଖରେ ବିଦାୟ ଦେଇ ଛିଡା ହୋଇ କିଶୋରର ଗନ୍ତବ୍ୟ ପଥକୁ ଚାହିଁ ରହିଲା ଗୋଟିଏ ନିର୍ଜୀବ ପିତୁଳା ପରି । କିଶୋର ଅଦୃଶ୍ୟ ହେବା ପରେ ସେ ଫେରିଲା ତା'ର ପଢ଼ା ଟେବୁଲ ପାଖକୁ । କିଶୋରର ଅଦର୍ଶନ

Digitized by srujanika@gmail.com

ତାକୁ ଆଣି ଦେଇଛି ଅନେକ ଆକୁଳତା, ବ୍ୟଥା, ବିଷାଦ, ଆଖିରେ ଶ୍ରାବଣର ଝଡିବର୍ଷା । ଲୁଚାଇବାକୁ ଚେଷ୍ଟା କରିଛି । ପାରିନି । ବୋଉଙ୍କ ସଙ୍ଗରେ ଅମନ ଯୋଗୀ ଭାବରେ ଅଳ୍ପ ଦି'ଟା ଖାଇ ଦେଇ ଶୋଇବାକୁ ଗଲା । ଆଖିକୁ ନିଦ ଆସୁନି । ବିଛଣାରେ ପଡିରହି ଆକାଶ, ପାତାଳ କେତେ ଭାବିବାକୁ ଲାଗିଲା । ନିଜ ଲୁଗା କାନିରେ ଲୁଚାଇ ରଖିଥିବା ମୁଦିଟିକୁ ଘନ ଘନ ଚୁମ୍ବନ କରିବାକୁ ଲାଗିଲା । ପରେ ଦୁଇ ହାତରେ ନିଜ ଛାତି ଉପରେ ଚାପିଧରିଲା । ମୁଦିଟିର ସ୍ପର୍ଶରେ କିଶୋରର କୋମଳ ହାତର ସ୍ପର୍ଶ ଅନୁଭବ କଲା । ସବୁ ସୁଖ, ସବୁ ଶାନ୍ତି ଏଥିରେ ଯେପରି ନିହିତ । ସ୍ୱପ୍ନ ପୁରୀର ଅମୃତ, ଇନ୍ଦ୍ରପୁରୀର ଐଶ୍ୱର୍ଯ୍ୟ, ନନ୍ଦନ କାନନର ସୁରଭି, ସବୁ ଯେପରି ଜୀବନ ଯୁଆରକୁ ଉଦ୍‌ବେଳିତ କରୁଛନ୍ତି । ଭରା ଯୌବନର ସମ୍ଭାରକୁ ନେଇ କିଶୋର ଭୋଗ ବେଦୀରେ ଆହୁତି ଦେବାପାଇଁ ପ୍ରେରଣା ଦେଉଛନ୍ତି । ଚଳଚିତ୍ର ଗୃହର ରୂପେଲି ପରଦା ଉପରେ ସ୍ୱର୍ଣ୍ଣାଭ ଅକ୍ଷରରେ ଲେଖାପରି ମନରେ ଭାବନାର ସ୍ରୋତ ବେଗମାନ ହୋଇଉଠିଛି । '' ମୋର ଆଜି ଅଭୁଲା ଆନନ୍ଦର ଦିନଟିଏ । ମୋର ଚିର ଇପ୍‌ସିତ କଳ୍ପନା ଆଜି ବାସ୍ତବତାରେ ପରିଣତ ହୋଇଛି । କିଶୋର ଭାଇଙ୍କୁ ଆଜି ପାଇଛି ଚିର ବାଞ୍ଛିତ ଜୀବନ ସାଥୀ ରୂପେ । ଭଗବାନଙ୍କର ଅପାର କରୁଣା । ଇଚ୍ଛାମୟଙ୍କର ଅବାରିତ ଇଚ୍ଛାର ଫଳ । କିଶୋର ଭାଇ ! ପ୍ରିୟତମ ! ସତରେ ତୁମ ଛାତିରେ କେତେ ପ୍ରେମ । ମୋ ପରି ଜଣେ ସାମାନ୍ୟ ନାରୀକୁ ସର୍ବସ୍ୱ ଦାନ କରି ଦେଲ କାହିଁକି ? ମୋର ଅବା କ'ଣ ଅଛି ? କେବଳ ତୁମ ପାଦତଳେ ବସି ଆନନ୍ଦରେ ଲୁହ ଢ଼ାଳିବା ଛଡା ମୋର ବୋଲି କିଛି ନାହିଁ । ତୁମର ଅସରନ୍ତି ସ୍ନେହ, ଅମାପ ସରାଗ, ମୋ ପରି କ୍ଷୁଦ୍ର ବାଳିକା କ'ଣ ମୁଣ୍ଡରେ ବୋହି ପାରିବ ? ମୋତେ ଆଶିର୍ବାଦ କର । ତୁମର ଆଦର୍ଶକୁ ଜୀବନର ଯେପରି ସର୍ବସ୍ୱ କରି ରଖି ପାରିବି ।'' ଲତା ଆଉ ଭାବି ପାରିଲା ନାହିଁ । ମୁଣ୍ଡ ଓଜନ ହୋଇ ଉଠିଲା । ସୀମାହୀନ ଭାବନା କୋଳରେ ସେ କେତେବେଳେ ଶୋଇ ପଡିଛି । ତାକୁ ଜଣାନାହିଁ ।

କିଶୋର ଫେରିଛି ନିଜ ବସାକୁ । ଲତାର ପାଖଛାଡି ଆସିବାକୁ ତାର

Digitized by srujanika@gmail.com

ଆଦୌ ଇଛା ନ ଥିଲା । ଗୋଟାଏ ଯନ୍ତ୍ରପରି ସେ ପଳାଇ ଆସିବାକୁ ବାଧ୍ୟ ହୋଇଛି । ସାମାନ୍ୟ ପାଣିଗ୍ଲାସେ ସେ ପିଇଦେଇ ଶୋଇବାକୁ ଗଲା । ଆଖିରେ ନିଦ ନାହିଁ । ଆନନ୍ଦରେ ସେ ଆଜି ଆତ୍ମହରା । ଶୋଇ ଶୋଇ ସେ ଭାବିବାକୁ ଲାଗିଲା । ଲତାର ସେ ମଧୁମିଶା କଥାଗୁଡାକ । ଭାବନାର ମାଧବୀ ଲତାରେ ଛନ୍ଦି ହୋଇ ଲତା-ଲତା ସମ୍ବୋଧନ କଲା । ଦୁଇ ହାତକୁ ଛାତି ଉପରେ ଚାପିଧରେ । ଲତାର ଗଣ୍ଡ ଦେଶରେ ଚୁମ୍ବନର ଅଭିନୟ କରେ । ସେ ଅନୁଭବ କରୁଥାଏ ଆଜି ସୃଷ୍ଟି ଯେପରି ତା' ଆଖି ଆଗରେ ହୋଇଉଠିଛି ଦିବ୍ୟ ସୁନ୍ଦର, ସୁଷମ, ପୁଣି ଅଭିନବ । ଠଣ୍ ଠଣ୍ କରି ଜେଲ ଖାନା ଘଣ୍ଟାରେ ବାଜିଲା ରାତି ତିନିଟା । □

= ପଚିଶ =

ସୁରେଶ ମହାପାତ୍ରଙ୍କର ସମସ୍ତ ଦାବୀ ବିନୋଦ ବାବୁ ମାନି ନେଇଛନ୍ତି । ଯୌତୁକ ଦାବୀ ସେତେ ବେଶୀ ନୁହେଁ । ବିନୋଦ ବାବୁଙ୍କ ଆର୍ଥିକ ସୀମା ବାହାରକୁ ଯାଇନାହିଁ । ଲତାପରି ରୂପବତୀ, ଗୁଣବତୀ ଝିଅଟିକୁ କୁଳବଧୂ ରୂପେ ପାଇବେ । ଏହି ଉଦ୍ଦେଶ୍ୟ ରଖି ଯୌତୁକ ଦାବୀର ଉଚ୍ଚ ପାହାଚରୁ ସୁରେଶ ବାବୁ ତଳକୁ ଓହ୍ଲାଇ ଆସିଛନ୍ତି । ଅଜିତ ଯେଉଁ ପରିମାଣରେ କଣ୍ଟ୍ରାକଟରୀ କରି ଆୟ କରୁଛନ୍ତି ସେଥିରେ ଯୌତୁକ ସଂପତ୍ତିର ସ୍ଥାନ ନାହିଁ କହିଲେ ଚଳେ । ତେଣୁ ଲତାକୁ କିପରି ଜୀବନ ସଙ୍ଗିନୀ ରୂପେ ପାଇବେ, ଏହା ହିଁ ଏକ ମାତ୍ର ଧ୍ୟେୟ । ସେଥିପାଇଁ ଯୌତୁକ ଦାବୀ ଆଦୌ ନ ଉଠାଇବା ପାଇଁ ବାପା, ବୋଉଙ୍କୁ ରୋକ୍ ଠୋକ୍ କହି ଦେଇଛି । ଗତଦିଆଙ୍କ ମଧ୍ୟସ୍ଥିରେ ବିବାହ ପ୍ରସ୍ତାବ ଚୂଡାନ୍ତ ହୋଇଯିବା ଉପରେ । ସାଧାରଣତଃ କନ୍ୟା ପକ୍ଷ, ବରପକ୍ଷ ଧନ, ଜନ, ଗୋପ, ଲକ୍ଷ୍ମୀକୁ ଆଖି ଆଗରେ ରଖି ଯେଉଁ ସିଦ୍ଧାନ୍ତ ନେଇଥାନ୍ତି ସେ ଦିଗରୁ ମହାପାତ୍ରଙ୍କର ପରିବାର ସ୍ୱୟଂ ସଂପୂର୍ଣ୍ଣ । ଉଚ୍ଚ ଶିକ୍ଷିତ ଯୁବକ । ଅଚଳାଚଳ ସମ୍ପତ୍ତି, କୋଠାବାଡି, ବ୍ୟାଙ୍କ ଜମା, ମଟର ଗାଡି, କେଉଁଥିରେ

Digitized by srujanika@gmail.com

ଉଣା ନାହିଁ । ପଦ ମର୍ଯ୍ୟାଦା, ଜାତି, ଗୋତ୍ର, ସବୁ ଦିଗରୁ ମେଳ । ଅଜିତ୍ ଓ ଲତାର ଶୁଭ ପରିଣୟ ପାଇଁ ସାହାଣ ମେଳା । ବିନୋଦ ବାବୁ ଓ ମନୋରମା ଦେବୀ ଯେତିକି ଏ ପ୍ରସ୍ତାବ ବିଷୟ ଭାବିଛନ୍ତି, ସେତିକି ସମ୍ଭାବନାର ଦ୍ୱାର ଦେଶକୁ ଆଗେଇ ଯାଇଛନ୍ତି । ଅବଶ୍ୟ କିଶୋର ପରି ଗୁଣବାନ୍, ରୂପବାନ ପୁଣି ଆଦର୍ଶବାଦୀ, ସେବା ପରାୟଣ ଯୁବକକୁ ଜ୍ୱାଇଁ ରୂପେ ପାଇଥିଲେ ସେମାନଙ୍କର ବଂଶ ମର୍ଯ୍ୟାଦା ବଢ଼ିଥାଆନ୍ତା । ଲତା ଓ କିଶୋର ପରସ୍ପରକୁ ଯେପରି ଭଲ ପାଆନ୍ତି ସେଥିରେ ହୁଏତ କିଛି ପ୍ରତିବନ୍ଧକ ନାହିଁ । କେବଳ କିଶୋରର ଆର୍ଥିକ ସ୍ୱଚ୍ଛଳତା ଅଭାବହିଁ ଏଥିରେ ପ୍ରତିବନ୍ଧକ । ଚାକିରୀ ତାଳଗଛ ଛାଇ । କେତେବେଳେ କେଉଁ ପରିସ୍ଥିତିରେ ଏହା ଚାଲିଯିବ ତା'ର ଠିକଣା ନାହିଁ । ଚାକିରୀ ପୁଣି ଗୋଟିଏ ବେସରକାରୀ ସେବା ଅନୁଷ୍ଠାନରେ । ସ୍ଥାୟିତ୍ୱର ପ୍ରଶ୍ନ ନାହିଁ । ବନୋଦ ବାବୁ ଓ ମନୋରମା ଦ୍ୱନ୍ଦରେ ପଡି ଶେଷରେ ଅଜିତ୍ ସହିତ ଲତାର ବିବାହ ପାଇଁ ସମ୍ମତ ହେଲେ ।

ବିନୋଦ ବାବୁ ଲତାର ବହାଘର ପାଇଁ ମନ ପ୍ରାଣଢ଼ାଳି ଲାଗି ପଡିଛନ୍ତି । ସବୁଥିରେ ଅଜାଶୁର ମହାନ୍ତିଙ୍କର ପରାମର୍ଶ । ସମସ୍ତ ଆୟୋଜନ ନଗଦ ଟଙ୍କା ଉପରେ କରାଯାଇଛି । ଇତି ମଧ୍ୟରେ କଲିକତା ଯାଇ ଅଳଙ୍କାର ଲୁଗା ଓ ଅନ୍ୟାନ୍ୟ ଜିନିଷ କିଣିବାର ପ୍ରସ୍ତାବ ହୋଇଛି । ଲତା ପରି ବିଦୂଷୀ ଓ ରୂପସୀ ସ୍ତ୍ରୀ ରତ୍ନ ପାଇବା ଆଶାରେ ଅଜିତ୍ ନିଜକୁ ଭାଗ୍ୟବାନ ମନେ କରି ଆନନ୍ଦରେ ଉତ୍ଫୁଲ୍ଲ ହୋଇଉଠିଛି । କିନ୍ତୁ ଏ ବିବାହରେ ଲତାର ମତାମତ ବିଷୟରେ କେହି ତ ଚିନ୍ତା କରୁ ନାହାଁନ୍ତି । ଅଜିତ୍ ନିଜର ଅତୀତ କାର୍ଯ୍ୟାବଳୀ କଥା ମନେ ପକାଇଲା । ପୁରୀ ସମୁଦ୍ର କୂଳରେ କିଶୋର ସହ ଶିବିର ସମୟରେ ସାନ୍ଧ୍ୟ ଭ୍ରମଣ କାଳୀନ ଘଟଣା ମନେ ପକାଇଲା । ଲତାର ସେ କେତୋଟି ରୁକ୍ଷ ଭାଷାର ଉତ୍ତର ତା'ର ମନେ ପଡିଯିବାରୁ ସେ ଲଜ୍ଜିତ ଏବଂ ଆତଙ୍କିତ ହୋଇ ପଡିଲା । ଏକ ଅଜ୍ଞାତ ଆଶଙ୍କାର କଳାମେଘ ତା'ର ମନ ଆକାଶର ଗୋଟାଏ କୋଣରେ ଭାସି ଉଠିଲା ।

Digitized by srujanika@gmail.com

ଏ ବିବାହ ପ୍ରସ୍ତାବରେ ମନୋରମା ଦେବୀ ଅଧିକ ସୁଖୀ । ଉଚ୍ଚଶିକ୍ଷିତ ଜ୍ୱାଇଁ, ଅମାପ ଧନ ସମ୍ପତ୍ତି, ସତେ ଯେମିତି ଲକ୍ଷ୍ମୀ ଓ ସରସ୍ୱତୀ ପରସ୍ପରର ଶତ୍ରୁତା ଭୂଲି ମହାପାତ୍ରଙ୍କ ଘରେ ଆଶିର୍ବାଦର ଫୁଲରେଣୁ ଉଡାଇଛନ୍ତି । ମନେ ମନେ ଲତାର କେତେ ଶୁଭ ମନାସିଲେ । ତା'ର ଭାଗ୍ୟକୁ ପ୍ରଶଂସା କଲେ । ଗର୍ଭ ଧାରିଣୀ ହିସାବରେ ମନେ ମନେ ଗର୍ବ ଅନୁଭବ କରିବାକୁ ଲାଗିଲେ । ଗତଡ଼ିଆଙ୍କ ପାଦ ଆଉ ତଳେ ଲାଗୁନାହିଁ । ଉଭୟ ପକ୍ଷର ମଧ୍ୟସ୍ଥି ପାଇଁ ଗୋଟିଏ ମୋଟା ରୋଜଗାର ସ୍ୱପ୍ନ ଦେଖିବାରେ ବ୍ୟସ୍ତ ।

କୌଣସି କଥା ସବୁଦିନ ଛପି ରହେ ନାହିଁ । ଏହି ବିବାହ ପ୍ରସ୍ତାବ ବିଷୟ ଲତା ସମୟକ୍ରମେ ଜାଣିଲା । ମନୋରମା ଦେବୀ କଥାଛଳରେ ଲତାକୁ ସବୁ ଘଟଣା ଆମୂଳଚୂଳ ଶୁଣାଇ ଦେଲେ । ଲତା ସବୁ ଶୁଣି ନୀରବ ରହିଲା । କାହାରିକୁ କିଛି କହିଲା ନାହିଁ । ବରଂ ଦିନରାତି ସାନଭାଇ ଦୁଇଜଣଙ୍କର ପଢ଼ାପ୍ରତି ଅଧିକ ଧ୍ୟାନ ଦେଲା ।

ବିନୋଦ ବାବୁ ଏବଂ ମନୋରମା ଦେବୀ ଲତାର ନୀରବତାକୁ ମୌନ ସମ୍ମତି ଲକ୍ଷଣ ନୀତିକୁ ମାପି ନେଇ ମନେ ମନେ ଖୁସି ହେଲେ । ସେମାନେ ଭାବିଥିଲେ ଯେ, ଲତା ହୁଏତ ଅବିବାହିତ ରହିବ । ନଚେତ ତା'ର ବିବାହର ସିଦ୍ଧାନ୍ତ ସେ ନିଜେ ଗ୍ରହଣ କରିବ । ବର୍ତ୍ତମାନ ତାର ନୀରବତା ସେମାନଙ୍କ ମନରୁ ସନ୍ଦେହର ମେଘୁଆ ଅନ୍ଧାରକୁ ଘୁଞ୍ଚାଇ ଦେଲା । ସେମାନେ ଆଶାର ଉଜ୍ଜଳ ଆଲୁଅରେ ଦେଖି ପାରିଲେ ଲତାର ସୁଖମୟ ଭବିଷ୍ୟତକୁ ।

ଲତା ନିଜ ବିବାହ ବିଷୟରେ ନୀରବ ରହିଲା । ଏ ନୀରବତା ଉଦ୍ଦେଶ୍ୟ ମୂଳକ । ମନରେ ତା'ର ବିଦ୍ରୋହର ବହ୍ନି । " ବାପା ବୋଉ ଏପରି ମୋହ ଗ୍ରସ୍ତ ହୋଇ ଅନ୍ଧ ହୋଇଗଲେ । ସମ୍ପତ୍ତି ମୋହରେ ଭାସି ଯାଉଛନ୍ତି । ମୋ ବିବାହ ବିଷୟରେ

Digitized by srujanika@gmail.com

ମୋ ମତ ନେବା କ'ଣ ତାଙ୍କର ଉଚିତ ନ ଥିଲା ? ପୁରୁଣା କାଳିଆ ଧରାବନ୍ଧା ନୀତିରେ ମୋତେ ବାନ୍ଧିଦେବାକୁ ଉଦ୍ୟମ ? ବିବାହ ବିଷୟରେ ଯଦି ଶିକ୍ଷିତ ବାପା ମାଆ ମାନେ ଏପରି ପନ୍ଥା ଧରନ୍ତି ତେବେ ଅନ୍ୟମାନଙ୍କୁ ଦୋଷ ଦେବା କେଉଁଥି ପାଇଁ ? ଅବିବାହିତ ଶିକ୍ଷିତ ଯୁବକ ଯୁବତୀଙ୍କ ପ୍ରତି ଏହା ଏକ ଆହ୍ୱାନ । ବାପା ବୋଉଙ୍କର ଏହା ଅବିଚାର, ସ୍ୱେଚ୍ଛାଚାରିତା, ପ୍ରତାରଣା । ତା ହୋଇ ନ ଥିଲେ ମୋତେ କିଛି ନ କହି ଏ କଥାକୁ ଏତେ ଦୂର ଆଗେଇ ନେଇ ଥାଆନ୍ତେ ? ଏ ସ୍ୱେଚ୍ଛା ଚାରୀତାକୁ ପଦାରେ ପକାଇବାକୁ ହେବ । ଏ କୁ-ପ୍ରଥାର ମୂଳରେ କୁଠାର ଘାତ କରିବାକୁ ହେବ । ଯେଉଁଦିନ ହେଲେ ତ ମୋର ବିବାହ ହୋଇଥାଆନ୍ତା । ସେ ହୋଇଥାଆନ୍ତା ଗୋଟାଏ ପ୍ରକାରରେ, ନୋହିଲେ ଏହା ହେବ ଅନ୍ୟ ପ୍ରକାରରେ । ଏହା ଭିତରେ ରହିବ ମୋର ଆଦର୍ଶ, ସାହସ, ନିର୍ଭିକତା ଓ ସ୍ୱାଧୀନ ଚିନ୍ତାର ପରିପ୍ରକାଶ । ବିବାହ ଦିନ ପର୍ଯ୍ୟନ୍ତ ନୀରବ ରହିବି । କିଶୋର ଭାଇଙ୍କ ପାଖକୁ ସମସ୍ତ ଜଣାଇ ଚିଠି ଲେଖିବି । ସେ ଠିକ୍ ବାହାଘର ଦିନ ଆମଘରେ ଉପସ୍ଥିତ ରହିବେ ।

ତା ପରେ .... । ସଂଯୁକ୍ତାର ଅଟଳ ପ୍ରତିଜ୍ଞା ପୃଥ୍ୱୀରାଜଙ୍କର ବୀରତ୍ୱ ଏବଂ ଜୟଚନ୍ଦ୍ରଙ୍କର ହୀନ କାର୍ଯ୍ୟ । ଐତିହାସିକ ଘଟଣା ବଳି ତା' ମନରେ ରୂପାୟିତ ହେଲା ।

□

=ଛବିଶ =

ଡାକ ପିଅନ ସମସ୍ତଙ୍କର ଆଦରଣୀୟ । ସେ ଆଣିଦିଏ କାହାପାଇଁ ଆନନ୍ଦ ଉଲ୍ଲାସ ସହ ଝରା ପାରିଜାତ । ପୁଣି କାହାପାଇଁ ଆଣିଥାଏ ଲୁହ ଲହୁର ଆଶନି ଯନ୍ତ୍ରଣା ଖଣ୍ଡିଏ ହସ୍ତାଙ୍କିତ ଚିଠି ପତ୍ରରେ । ସେଥିପାଇଁ ତାର ଚଲାବାଟକୁ ସମସ୍ତେ ଉଲ୍ଲସିତ ହୋଇ ଚାହିଁଥାନ୍ତି । ଲତା ଏହାର ବ୍ୟତିକ୍ରମ ନୁହେଁ । କିଶୋର କେତେଦିନ ହେଲା ରାଞ୍ଚି ଗଲାଣି । ଚିଠି ନ ପାଇ ଲତା ମ୍ରିୟମାଣ । ବିଚ୍ଛେଦ ଯନ୍ତ୍ରଣାରେ ସ୍ୱର୍ଣ୍ଣ

Digitized by srujanika@gmail.com

କାତର ହୋଇ ପଡିଛି ।

ଡାକ ଆସିବା ବେଳ । ଲତା ଅପେକ୍ଷା କରୁଛି । ଡାକ ଶୁଭିଲା - ଚିଠି, ଚିଠି ” ଲତା କ୍ଷୀପ୍ର ପାଦରେ ଯାଇ ଦାଣ୍ଡ ଦୁଆରେ ହାଜର । ବାପାଙ୍କର କେତେ ଚିଠି ମଧ୍ୟରେ ପାଇଲା କିଶୋରର ଖଣ୍ଡିଏ ଲଫାପା ଚିଠି । ଆନନ୍ଦରେ ଭାଙ୍ଗି ପଡିଲା । ସବୁ ମନ ବେଦନା ବାଷ୍ପ ହୋଇ ମିଶିଗଲା ବାୟୁ ଦେହରେ । ଥର ଥର ହାତରେ ଚିଠି ଖୋଲିବା ଆଗରୁ ଦୁଇଚାରିଥର ସେଥିରେ ଚୁମ୍ବନ ଦେଇ ସାରିଲାଣି । ଛାତି ଭିତରେ ତା’ର କ’ଣ ହୋଇ ଯାଉଥାଏ । ସେ ନିଜେ ବୁଝି ପାରୁ ନ ଥାଏ । ଚିଠି ଖୋଲି ପଢ଼ିଲା ।

“ ଜୀବନ ସର୍ବସ୍ୱ ଲାତା । ଆଖି ଲୁହରେ କଲମ ବୁଡାଇ ପତ୍ରଟି ଲେଖୁଛି । ସେ ଦିନ ଗାଡି ଛାଡିବା ସମୟ ହୋଇ ଯାଇଥିବାରୁ ତର ତର ହୋଇ ଚାଲି ଆସିଲି । ମାତ୍ର ଆସିବାର ଇଚ୍ଛା ନ ଥିଲା । ଓଃ ! ଆସିଲା ବେଳେ ତୁମର ଶୁଖିଲା ମଉଳା ମୁହଁ, ଛଳ ଛଳ ଆଖି, ମୋ ଛାତି ଭିତରଟାକୁ ଯେମିତି ଝଡମୟ କରି ପକାଇଲା । ସବୁ ଯେପରି ଓଲଟ ପାଲଟ ହୋଇଗଲା । ଛାତି ଭିତରଟା ଖୋଲି ଯଦି ଦେଖାଇ ହୁଅନ୍ତା ତେବେ ଦେଖନ୍ତ । ତୁମକୁ ଛାଡିଆସି ମୁଁ ଆଜି କ’ଣ ହୋଇଛି । ମୁଁ ଏକ ଯନ୍ତ୍ରଚାଳିତ ଜୀବପରି ସବୁ କାମ କରୁଛି । ମାତ୍ର କେଉଁଠି ହେଲେ ମନ ଲାଗୁ ନାହିଁ । ସବୁବେଳେ ତୁମକୁ ଦେଖିବାକୁ ମନ ବ୍ୟାକୁଳ । ଶରୀରଟା ଏଠାରେ କାର୍ଯ୍ୟରତ ଥିଲେ ହେଁ, ମନ ଯାଇ ତୁମ ପାଖରେ । ସୁକୁମାରୀ ଲତା, କିଶୋର ତୁମକୁ ପ୍ରେମାବେଶରେ ଭିଡିଧରି ନ ଥିବାରୁ ବିଚ୍ଛେଦର ସୌରତାତି ଶତ ଗୁଣିତ ହୋଇ ଯାଇଛି । ଘନ ଘନ ପତ୍ର ଲେଖି ଏ ଶୁଖିଲା ମରୁ ପ୍ରାଣରେ ଜଳ ସେଚନ କରି ବଞ୍ଚାଇ ରଖିବ । ତୁମ ପତ୍ର ଅପେକ୍ଷାରେ ରହିଲି । ଠିକଣା ପଠାଇଲି । ମୋର ପ୍ରଣୟଭରା ଚୁମା ନେବ ।

Digitized by srujanika@gmail.com

- ଇତି -

ତୁମର କିଶୋର ଭାଇ ''

ଲତା ଚିଠିଟି ଥରକୁ ଥର ପଢ଼ି ଆନନ୍ଦରେ ଆତ୍ମହରା ହୋଇ ପଡିଲା । ସେ ମନେ କରୁଛି ତା'ର କେତେ ଜୀବନର ସାଧନାର ଫଳ ନିଜ ହାତରେ ଅନାୟାସରେ ପାଇ ପାରିଛି । ଆଖି ତା'ର ଛଳ ଛଳ ହୋଇ ଆସିଲା, ଆଉ ଅଧିକ କିଛି ଭାବି ପାରିଲା ନାହିଁ । କିଶୋର ପାଖକୁ ଚିଠିଟିଏ ଲେଖିବାକୁ ଉଦ୍ୟତ ହେଉଥିବା ସମୟରେ ବାହାରୁ ବୀଣାର ପାଟିଶୁଣି ଚିଠିଟିକୁ ରଖି ଉଠିଗଲା । ବୀଣାର ସେଦିନ କଲେଜ ନ ଥିଲା । ଲତା ଘରକୁ ସେ ବୁଲି ଆସିଲା । ହାତରେ ଖଣ୍ଡିଏ ସିନେମା ପ୍ରଚାର ବହି । ଲତା ଦୂରରୁ ଦେଖି ପାରିଲା ଉପରେ ଲେଖାଅଛି '' ଉଦୟର ପଥେ'' ଲତାର ମନ ସ୍ଥିର ନ ଥାଏ । ଚିଠି ଲେଖାରେ ବାଧା ପଡିଲା । ମୁହଁ ତାର ଶୁଖିଗଲା । ଲତାର ଏ ଅବସ୍ଥା ଦେଖି ବୀଣା ପଚାରିଲା- '' ଲତା ଏ ପରି ମୁହଁ ଶୁଖାଇ ବସିଛୁ କାହିଁକି ? ତୋର ଦେହ କ'ଣ ଭଲ ନାହିଁକି ?'' ଲତା ଟିକିଏ ଇତସ୍ତତଃ ହୋଇ ଉତ୍ତର ଦେଲା - '' ଦେହ ଭଲ ଅଛି ଯେ, ମନଟା ଆଜି ଟିକିଏ ଭଲ ଲାଗୁନି । ''

'' ଏ ବହିଟି ଦେଖିଲୁଣି '' ବୀଣା ପୁଣି ଆରମ୍ଭ କଲା । '' ଆଜି ପ୍ରଭାତ ଟକିଜରେ '' ଉଦୟର ପଥେ'' ଅଛି । ତୋ ବୋଉକୁ ଟିକିଏ କହୁନୁ । ସାଙ୍ଗ ହୋଇ ଦେଖି ଯାଆନ୍ତେ । ମୋ ବୋଉକୁ ଭାଇ ଦୁଇଦିନ ହେବ କଲିକତା ନେଇ ଯାଇଛନ୍ତି । ବାପାଙ୍କୁ କହିଲେ ସେ ଯିବେ ନାହିଁ । ଚାଲ, ତୋ ବୋଉକୁ ସାଙ୍ଗରେ ନେଇ ସିନେମା ଯିବା । ଭଲ ଫିଲ୍ମଟାଏ । ଏଥିରୁ ପଢ଼ିଲୁଣି । '' ଲତାର ମୁହଁ ଆହୁରୀ ଅଧିକ ଗମ୍ଭୀର ହୋଇ ଆସିଲା । ସେ କେବଳ ବୀଣାର ମୁହଁରୁ ସବୁ ଶୁଣୁଥାଏ । ବୀଣା ପୁଣି ଆରମ୍ଭ କଲା । ''ହଁ, ଆଉ ଗୋଟିଏ କଥା । ହଁ - ତୋ କିଶୋର ଭାଇଙ୍କୁ ମଧ ଡାକିବୁ । ସାଙ୍ଗ ହୋଇ ଯିବା । ଭାରି ଭଲ ଲୋକସିଏ । ଭାରି ଖୁସି ଗପ କରନ୍ତି ।

Digitized by srujanika@gmail.com

ତାଙ୍କର ଆଉଟ ନଲେଜ ଖୁବ୍ ଭଲ । ସେ ସାଙ୍ଗରେ ଗଲେ ଭାରି ଭଲ ହେବ । କ'ଣ କହୁଛୁ ?''

ଲତା ଏ ପର୍ଯ୍ୟନ୍ତ ସବୁ ଧୀରସ୍ଥିର ହୋଇ ଶୁଣୁଥିଲା । ମାତ୍ର ବୀଣାଠାରୁ କିଶୋର ଭାଇଙ୍କୁ ସଙ୍ଗରେ ନେଇଯିବା କଥା ଶୁଣିବାରୁ ସେ ଆଉ କୋହ ସମ୍ଭାଳି ପାରିଲା ନାହିଁ । କଇଁ କଇଁ ହୋଇ କାନ୍ଦି ଉଠିଲା । ବୀଣାର ହାତ ଉପରେ ମୁଣ୍ଡରଖି କାନ୍ଦିବାକୁ ଲାଗିଲା । ବୀଣା ଲତାର ଏ ଅବସ୍ଥା ଦେଖି ଆଗପଛ କିଛି ବୁଝି ପାରିଲା ନାହିଁ । ସେ ତାକୁ କେତେ ସାନ୍ତ୍ୱନା ଦେଲା । କ'ଣ ହୋଇଛି ବୋଲି ଆଦର କରି ନରମ ଗଳାରେ ପଚାରିଲା । ମାତ୍ର ଲତାର କାନ୍ଦ ବନ୍ଦ ହେଉଛି କାହିଁ ? ଅନେକେ ସମୟ ପରେ ଲତା ସ୍ଥିର ହେଲା ଓ ବ୍ୟଥିତ ସ୍ୱରରେ କହିଲା - '' କିଶୋର ଭାଇ ଆଉ ଏଠାରେ ନାହାଁନ୍ତି । ଚାକିରୀ କରିବାକୁ କେତେଦିନୁଁ ରାଞ୍ଚି ଗଲେଣି । ମୋ ସିନେମା ଦେଖା ସେତିକିରେ ଶେଷ ।''

'' କ'ଣ କହୁଛୁ ? ତୋ କିଶୋର ଭାଇ ଆଉ ଏଠାରେ ନାହାଁନ୍ତି ? କେଉଁଦିନୁ ସେ ରାଞ୍ଚି ଗଲେଣି । କାହିଁ ? ମୋତେ ତୁ ଏ କଥା ଦିନେ ହେଲେ କହିନୁ ? ପଚାରିଲି ବୋଲି ସିନା କହିଲୁ ?'' ବୀଣା ବିସ୍ମିତ ହୋଇ ପଚାରିଲା ।

'' ନା, ମୁଁ ତୋତେ କହିବାକୁ ଭୂଲି ଯାଇଛି '' ଲତା ଉତ୍ତର ଦେଲା ।

'' ସେ କ'ଣ ଆଉ ଏଠାକୁ ଆସିବେନି ? ତୁ ମଉସାଙ୍କୁ କହୁନୁ, ସେ ବ୍ୟବସ୍ଥା କରି ତାଙ୍କୁ ଏଠାକୁ ବଦଳି କରି ଆଣନ୍ତେ । ଆଜି କାଲିତ ସବୁ ବଦଳି ପଇସା ଦେଲେ ହୋଇ ପାରୁଛି ।'' ବୀଣା କହିଲା ।

'' ନା, ସେ ଏଠାକୁ ବଦଳି ହୋଇ ପାରିବେ ନାହିଁ । ଭାରତର ବିଭିନ୍ନ ବଡ ବଡ ସହରରେ ଆଈଁନି ଙ୍କ ଅଫିସ ଅଛି । ସେଠାକୁ ସେ ବଦଳି ହୋଇ ପାରିବେ ।

Digitized by srujanika@gmail.com

ସେ କେବଳ ଛୁଟିରେ ଆସିବେ ।

" ତେବେ କ'ଣ ସିନେମା ଯିବାନି ? ଭଲ ଫିଲ୍ମଟାଏ । ସାଙ୍ଗ ସଥୀ ନ ଥିଲେ ସିନେମା ଦେଖିବାକୁ ଆଦୌ ଭଲ ଲାଗେ ନାହିଁ । ତୋ ଇଚ୍ଛା ଯାହା କହିବୁ ସେଇଆ ହେବ । ଲତା ମୁହଁକୁ ଆଗ୍ରହରେ ବୀଣା ଚାହିଁ ରହିଲା । ଲୁଗା କାନିରେ ଆଖି ପୋଛି ପୋଛି ଲତା କହିଲା - " ନା ବୀଣା, ମୋତେ ଆଉ ସିନେମା ଦେଖିବାକୁ ଯିବାକୁ ବଳାନା । ମୁଁ ନିଜକୁ ସ୍ୱାର୍ଥପର କରି ପାରିବିନି । ସିନେମା ଦେଖିବାରେ ନାନା କଥା ଶିକ୍ଷଣୀୟ ହୋଇଥାଏ । ଆନନ୍ଦ ମଧ୍ୟ ମିଳେ । କିନ୍ତୁ କିଶୋର ଭାଇ ନାହାଁନ୍ତି । ତାଙ୍କୁ ଛାଡ଼ି ଏ ଆନନ୍ଦ ଉପଭୋଗ ମୋତେ ଆଦୌ ଭଲ ଲାଗିବନି । ସେ ଛୁଟିରେ ଆସିଲେ ସାଙ୍ଗ ହୋଇ ସିନେମା ଯିବା "

" ସେ ଭଲ ଅଛନ୍ତି ବୋଲି ଚିଠି ପତ୍ର ପାଇଲୁଣି ?"

" ହଁ ଚିଠି ପାଇଛି, ସେ ଭଲ ଅଛନ୍ତି ।"

ସିନେମା କଥା ଏତିକିରେ ରଖି ବୀଣା ଫେରିଲା ତାଙ୍କ ଘରକୁ ।

□

= ସତେଇଶ =

ଧୂଳିମାଟିରେ ଗଢ଼ା ଆମର ଏ ପୃଥିବୀ, ମାଟିପୁର । ଏହା ଉପରେ ପ୍ରତିଦିନ କେତେ ଘଟଣା ଘଟି ଯାଉଛି, ତାର ହିସାବ ରଖିହୁଏ ନାହିଁ । ଚନ୍ଦ୍ର ସୂର୍ଯ୍ୟର ଲୁଚକାଳୀ ଖେଳ ତା'ର ମନର ସୁନୀଳ ଆକାଶରେ ମୁରୁଜପକା ଚିତ୍ର । ସବୁ ଯେପରି ବିଶ୍ୱ ସ୍ରଷ୍ଟାଙ୍କର ସୃଷ୍ଟି ପୁସ୍ତକର ଉଜ୍ଜ୍ୱଳ ଅକ୍ଷରଧାଡ଼ି ସବୁ । ମଣିଷ ଆଖିରେ ସୃଷ୍ଟିର ସୌନ୍ଦର୍ଯ୍ୟ । କବିର ଉପମା ସାଗର । ଭକ୍ତ ଦୃଷ୍ଟିରେ ଭଗବାନଙ୍କର ଦୟାର ନିଦର୍ଶନ । ଜନ୍ମ, ମରଣ, ସୁଖ, ଦୁଃଖ, ହସ, ଖେଳ, ହର୍ଷ ବିଷାଦ ସବୁ ନିତି ଦିନିଆ କଥା । ସବୁ ଚାଲି ଯାଆନ୍ତି ଧରା ବନ୍ଧା ବାଟରେ । ବାଟବଣା ହେବାର ଉପାୟ ନାହିଁ ।

Digitized by srujanika@gmail.com

କାହାର କଠୋର ଇଙ୍ଗିତରେ ଚାଲନ୍ତି ? ସେହି ଗୋଟାଏ ବାଟ । ଗୋଟିଏ ପ୍ରକାରର କାମ, ଗୋଟିଏ ଚାଲି, ମଣିଷ ମଧ୍ୟ କଳ୍ପନା କରେ ଗୋଟାଏ ସ୍ଥାୟୀ ବାଟରେ ଚାଲିବାକୁ । ସ୍ୱପ୍ନ ଦେଖେ, ଯୋଜନା ଗଢ଼େ, ଦାମ୍ଭିକତା ଦେଖାଏ । କିନ୍ତୁ ତାର ଚାଲିବାରେ ବ୍ୟତିକ୍ରମ ଘଟେ । ମଣିଷର କଳ୍ପିତ ବାଟ ଓ ନିୟତିର ବାଟ ମଧ୍ୟରେ ଅନେକ ଫରକ । ଦୁଇଟି ବାଟ ମଧ୍ୟରେ ମେଳ ନାହିଁ । ସାଲିସ୍ ବି ନାହିଁ । ହସ ଖେଳର ମହୁରତ ଭିତରେ ମଣିଷ ଆଗେଇଚାଲେ କିଛି ବାଟ । ଛକ ରାସ୍ତାରୁ କେଉଁ ବାଟରେ ଆଗେଇବ, ଚିନ୍ତାପଡେ । ଛକ ଉପରେ ଛିଡା ହେଏ ଏମିତି ଜୀବନରେ ଗୋଟିଏ ମୋଡ ସ୍ଥାନରେ । କରଣ ତାକୁ ବାଟ ବଦଳାଇବାକୁ ପଡିବ । ଗତି ବଦଳାଇବାକୁ ପଡ଼ିବ । ପରିସ୍ଥିତିର ଆହ୍ୱାନକୁ ମୁକାବିଲା କରିବାକୁ ପଡିବ । ସମାଜର ଚଳଣିରେ ପରିବର୍ତ୍ତନ ଆଣିବାକୁ ହେବ । ଏଥିପାଇଁ ସାହସ ଧୈର୍ଯ୍ୟର ସହ ନିଜ ଯୋଜନାରେ ଆଗେଇ ଯିବାକୁ ହେବ । ବୀଣାକୁ ବିଦାୟ ଦେବା ପରେ କିଶୋର ପାଖକୁ ଚିଠି ଲେଖା ଆରମ୍ଭ କଲା ଲତା । ଚିଠିରେ ସବୁ କଥା ଲେଖି ଜଣାଇଦେବ । ସତେ ଯେପରି ତା'ର ଅନ୍ତରର ବେଦନା ଯାକ କଲମ ମୁନ ଦେଇ ଝରି ପଡୁଛି କାଗଜ ଉପରେ ।

" ଦେବତା ମୋର,"

ତୁମର ପ୍ରେମମୟ ପତ୍ର ଯୋଗୁଁ ଜୀବନ ପାଇଲି । ପତ୍ର ପାଇବାକୁ ଆଉ କିଛିଦିନ ଡେରି ହୋଇଥିଲେ ହୁଏତ ମୋର ଜୀବନ ଦୀପ ଲିଭି ଯାଇଥାଆନ୍ତା । ଯେଉଁ ଦିନ ମୋ ଠାରୁ ଦୂରକୁ ଚାଲିଗଲ, ସେହିଦିନ ଠାରୁ ନିଦ୍ରାଦେବୀଙ୍କୁ ହାତଧରି ବିଦାୟ ଦେଇଛି । ଦୈନନ୍ଦିନ କାର୍ଯ୍ୟ ଯାହାସବୁ କରିବାକୁ ହୁଏ ତାହା ଗୋଟିଏ ଗତାନୁ ଗତିକ ରୀତିରେ ଚାଲିଥାଏ । ମାତ୍ର ସେ ସବୁଥିରେ ପୂରି ରହିଥାଏ ତୁମର ନିଦାରୁଣ ଅଭାବ । ଶୋଇଲା ବେଳେ ବିରାଟ ଶୂନ୍ୟତାକୁ କୋଳ କରି ବିଛଣାରେ ପଡିଥାଏଁ । ଦୁଃଖ ବିଚ୍ଛେଦରେ ଛାତି ଫାଟି ଗଲା ପରି ଲାଗେ । ଆକୁଳ କ୍ରନ୍ଦନରେ

Digitized by srujanika@gmail.com

ବିଛଣା ଭିଜି ଯାଏ । ତଥାପି ତୁମେ ଶୁଣନି, ଏତେ ନିଷ୍ଠୁର ତୁମେ । ତୁମକୁ ଦଣ୍ଡେ ନ ଦେଖିଲେ ମୁଁ ବଞ୍ଚି ପାରେନି । ଏତେ ଦିନ ତୁମକୁ ଦୂରେଇ ରଖି ମୁଁ ବଞ୍ଚିବି କିପରି ? ତୁମେ ଥରେ ଆସ, ଅଳ୍ପଦିନ ରହି ଫେରିଯିବ । ମୋତେ ପାଦଧୂଳି ଦେଇଯିବ । ମୋ ଜୀବନ - ବୀଥି ତୁମର ଯୁଗଳ ପାଦ-ପାଦପକୁ ଆଶ୍ରୟ କରି ଜନ୍ମ ଜନ୍ମାନ୍ତର ଯାଏ ପଡିଥାଉ । ମୋତେ ଏଇ ଆଶିର୍ବାଦ ଦିଅ । ବାପା, ବୋଉ ମୋର ବିବାହ ପ୍ରସ୍ତାବରେ ଲାଗିଛନ୍ତି । ଅଜିତ ମହାପାତ୍ରଙ୍କ ଧନ ସମ୍ପତ୍ତି, ଆଭିଜାତ୍ୟ, ମୋ ବାପା ବୋଉଙ୍କୁ ମୋହ ଗ୍ରସ୍ତ କରିଛି । ମୁଁ ଏହାର ଠିକଣା ଜବାବ ଦେବାକୁ ଭଗବାନଙ୍କ ଠାରେ ଶପଥ ନେଇଛି । ତୁମଛଡା ଲତା ଆଉ କାହାରି ହୋଇ ପାରେନା କିଶୋର ଭାଇ । ବିବାହ ଦିବସ କ୍ରମେ ପାଖେଇ ଆସୁଛି । ଆଗାମୀ ଫଗୁଣ ମାସ ୧୬ ଦିନକୁ ଦିନ ଧାର୍ଯ୍ୟ ହୋଇଛି । ନିର୍ବନ୍ଧ ଏହାରି ଭିତରେ କରି ଦେବାକୁ ସବୁ ପ୍ରସ୍ତୁତି ଚାଲିଛି । ମୁଁ ମୋ ଯୋଜନାରେ ଅଟଳ ଅଛି । ମୋ ମନକଥା କହାରିକୁ ଖୋଲି କହିନାହିଁ । ମୋ ବିବାହ ତୁମ ସହିତ ଶେଷ ହୋଇଛି । ମୁଁ କେବଳ ଅଭିନୟ କରି ଚାଲିଛି । ବିବାହର ଦିନକ ପୂର୍ବରୁ ଆମ ଘରେ ପହଞ୍ଚିବ । ବାପା ବୋଉ ତୁମକୁ ନିଶ୍ଚୟ ନିମନ୍ତ୍ରଣ କରିବେ । ଅଜିତ୍ ମହାପାତ୍ର ମଧ୍ୟ । ତୁମେ ମୋ ପାଖେ ପାଖେ ରହି ଏ ଅଭିନୟର ପୁରୋଧା ହେବ । ମୁଁ ବଧୂ ବେଶରେ ବେଦୀରେ ଉପସ୍ଥିତ ଥିବି । ତା'ପରେ ଯାହା ଘଟିବ ତାହା ହେବ ବାପା, ବୋଉ ଓ ଅଜିତ ମହାପାତ୍ରର ନିମନ୍ତ୍ରଣର ପ୍ରତ୍ୟୁତ୍ତର । ପୃଥିରାଜର ଭୂମିକା ତୁମକୁ ଗ୍ରହଣ କରିବାକୁ ହେବ । ମୋ ରାଣ ରହିଲା । ଯଥା ସମୟରେ ଉପସ୍ଥିତ ରହିବ । ଅଧିକ କିଛି ଲେଖିବାକୁ ମୋର ଧୈର୍ଯ୍ୟ ନାହିଁ । ଶୀଘ୍ର ଚିଠି ଦେବ । ଚିଠି ପାଇଁ ଚାହିଁ ରହିଲି ।

ଇତି,

ତୁମର ପଦାଶ୍ରିତା

'ଲତା'

Digitized by srujanika@gmail.com

ଲତା ଚିଠିଟି ଲେଖି ସାରି ଆମୂଳଚୂଳ ଥରେ ପଢ଼ିଲା । ଲଫାପାରେ ତାକୁ ଭରି ଡାକରେ ପକାଇବା ପାଇଁ ଚାକର ହାତରେ ପଠାଇ ଦେଲା । ମାତ୍ର ରେଜେଷ୍ଟ୍ରି କରି ପଠାଇବାକୁ ଲତା ଭୂଲିଗଲା ।

ଇତି ମଧ୍ୟରେ କିଶୋର ଏକ ରିଲଭିଂ ଡ୍ୟୁଟିରେ ଧାନବାଦକୁ ଚାଲି ଯାଇଛି । ଚାକିରୀ ତ, ଉପାୟ ନାହିଁ । ଆଦେଶ ମାନିବାକୁ ପଡିବ । ଧାନବାଦ ଯିବା ଆଗରୁ ଖଣ୍ଡିଏ ପୋଷ୍ଟ କାର୍ଡରେ ଲେଖି ଜଣାଇଲା - " ଲତା ମୁଁ ଗୋଟିଏ ନୂଆ ସ୍ଥାନକୁ ବଦଳି ହୋଇ ଯାଉଛି ଅଳ୍ପଦିନ ପାଇଁ । ମୋ ଠାରୁ ଚିଠି ନ ପାଇବା ଯାଏଁ ଚିଠି ଦେବ ନାହିଁ । ଯଦି ଦେବ ତେବେ ରାଞ୍ଚି ଅଫିସ ଠିକଣାରେ ଦେବ । ସେମାନେ ମୋ ପାଖକୁ ପଠାଇ ଦେବେ । ମୁଁ ବ୍ୟବସ୍ଥା କରି ଯାଇଛି । ନୂଆ ସ୍ଥାନରେ ପହଞ୍ଚି ସେଠାକାର ଠିକଣା ଦେଲେ ଚିଠି ଦେବ । କାମର ଭିଡ ଯୋଗୁଁ ଚିଠି ଦେବାରେ ମଝିରେ ମଝିରେ ବିଳମ୍ବ ହୋଇ ଯାଉଛି । ସେଥିପାଇଁ କିଛି ଭାବିବ ନାହିଁ " କିଶୋର ଯଥା ସମୟରେ ଯଥା ସ୍ଥାନରେ ଚିଠି ପକାଇ ଦେଇ ନିଜ କାମରେ ଲାଗିଲା ।

ବିବାହ ଦିନ କ୍ରମେ ପାଖେଇ ଆସିଲା । ଫଗୁଣ ୧୬ ଦିନକୁ ନିର୍ବନ୍ଧ ହୋଇ ଗଲାଣି । ଲତା ଏ ସବୁ ଦେଖି ପ୍ରମାଦ ଗଣିଲା । କେତେଦିନ ବିତିଗଲାଣି । ତଥାପି କିଶୋର ଭାଇ ଠାରୁ କିଛି ଉତ୍ତର ଆସୁନାହିଁ । ଏ ପରି ନୀରବତାର କାରଣ କ'ଣ ? ମନକୁ ତାର କେତେ ପ୍ରକାର ପାପ ଛୁଇଁଲା । ସେ ଭାବିଲା ସତେ କ'ଣ କିଶୋର ଭାଇ ମୋ ପତ୍ର ପାଇଲେ ନାହିଁ ? ଏ ବିବାହରେ ମୋର ମତଅଛି ବୋଲି ଭାବି ସେ କ'ଣ ଅଭିମାନ କରିଛନ୍ତି ? ରାଗିଛନ୍ତି ? ନା, ସେପରି ଭାବନା କେବେ ସେ କରିବେ ନାହିଁ ? ତେବେ ସେ ଆସୁ ନାହାଁନ୍ତି କାହିଁକି ? ଛୁଟି ମିଳିନି ? ସେ ତ ଚାକିରୀ ଛାଡିଦେଇ ଆସି ପାରନ୍ତେ । ମୋ ପାଇଁ ସେ ତ ମୁହୂର୍ତ୍ତକ ମଧ୍ୟରେ ସବୁ ଛାଡି ପାରନ୍ତି । ଏ ବିଶ୍ୱାସ ମୋର ଅଛି । ତେବେ ସେ ଆସୁ ନାହାଁନ୍ତି କାହିଁକି ? ସେ ଠିକ୍ ସମୟରେ ନ ପହଞ୍ଚିଲେ ମୋର ଅବସ୍ଥା କ'ଣ ହେବ ? ମୁଁ କ'ଣ କରିବି ?

Digitized by srujanika@gmail.com

ଲତା ଦିନ ରାତି ଏହି ଭାବନାରେ ଅଧୀର ହୋଇ ପଡିଲା । ବିବାହ ଦିନ ଯେତେ ପାଖେଇ ଆସୁଥାଏ, ସେ କାତର କପୋତୀ ପରି ଭୟଭୀତ ହୋଇ ଉଠୁଥାଏ । ଦେହ ମନ ଅବଶ । କ'ଣ କରିବ କିଛି ଠିକ୍ କରି ପାରିଲା ନାହିଁ ।

ଲତାର ଚିଠି ଯଥାସମୟରେ ରାଞ୍ଚି ଅଫିସରେ ପହଞ୍ଚିଲା । ସେ ଅଫିସର ବଡବାବୁ ଦୈନିକ ଡାକ ଦେଖନ୍ତି । କିଶୋର ଚିଠି ପାଇ ପୁଣି ନୂଆ ଠିକଣାରେ ପଠାଇ ଦେବାକୁ ମନସ୍ଥକରି ଅନ୍ୟ ଚିଠି ପତ୍ର ବାଣ୍ଟିଦେଲେ । ଏବଂ ଲତାର ଚିଠି ନିଜ ଟେବୁଲ ଡ୍ରୟାର ଭିତରେ ରଖିଲେ ।

ନିୟତିର ଇଚ୍ଛା ଭିନ୍ନ ପ୍ରକାରର । ଲତା ପ୍ରଥମେ ଭୁଲ କଲା । ଏତେ ବଡ ଗୁରୁତ୍ୱପୂର୍ଣ୍ଣ ଚିଠିକୁ ସାଧାରଣ ଡାକରେ ପଠାଇଥିଲା । ରେଜେଷ୍ଟ୍ରି କଲା ନାହିଁ । ଦ୍ୱିତୀୟ ଭୁଲ ହେଲା ବଡ ବାବୁଙ୍କର । ଚିଠିଟି ଡ୍ରୟାର ଭିତରେ ଅନ୍ୟ କାଗଜ ସହିତ ରଖିଦେଲେ । କିଶୋର ପାଖକୁ ତାହା ପଠାଇବାକୁ ଭୁଲିଗଲେ । ଅନେକ ଦିନ ପର୍ଯ୍ୟନ୍ତ ସେ ଚିଠି ସେମିତି ପଡି ରହିଲା । କାହାର ଅଦୃଶ୍ୟ ହାତ ଏହା ପଛରେ ରହିଲା କହିବା ଅସମ୍ଭବ । ଭାଗ୍ୟର ବିଡମ୍ବନା । ସବୁ ଓଲଟ ପାଲଟ ହୋଇଗଲା କ୍ଷଣକ ମଧ୍ୟରେ ।

କିଶୋର ଲତାଠାରୁ କୌଣସି ଚିଠି ନ ପାଇ ମନେ ମନେ ଅଭିମାନ କରୁଥାଏ । ଲତାର ନୀରବତା ତା' ପକ୍ଷରେ ଯମ ଯନ୍ତ୍ରଣା ପରି ଅସହ୍ୟ । ପ୍ରତିଦିନ ପତ୍ରକୁ ଅପେକ୍ଷା ମାତ୍ର ହତାଶା ହିଁ ସାର ହୁଏ । ପରିସ୍ଥିତି ଅସହ୍ୟ ହୋଇ ଉଠୁଛି । ଚାକିରୀରୁ ଇସ୍ତଫା ଦେଇ ଦେବି । ଲତା ପାଖକୁ ଯାଇ କାରଣ ପଚାରିବି । ପୁଣି ଭାବେ ଘରେ କୌଣସି କାମରେ ବ୍ୟସ୍ତଥାଇ ପତ୍ର ଲେଖା ଡେରି କରିଥିବ । ହୁଏତ ମୋର ଚିଠି ନୂତନ ଠିକଣାରେ ଡେରିରେ ପାଇଥିବ କିମ୍ବା ମୋ ଚିଠି ପାଇ ନ ଥିବ । ଏମିତି ଅନେକ ଭାବେ । ଚିଠି ଡାକ ବିଭାଗର ଅବହେଳା ଯୋଗୁଁ ଗୋଳମାଳ

Digitized by srujanika@gmail.com

ହୁଏ । ନିଜ କର୍ତ୍ତବ୍ୟରେ ଅବହେଳା ତ ଆମ ଜାତୀୟ ଜୀବନର ଏକ ଅଙ୍ଗ ହୋଇ ଗଲାଣି । ଏମିତି ଅନେକ ଅସଂଲଗ୍ନ ଭାବନା । ତା'ର ଅନ୍ତନାହିଁ । କାଲି ନିଶ୍ଚୟ ଲତା ଠାରୁ ଚିଠି ମିଳିବ । ମନକୁ ଆଶ୍ୱାସନା ଦେଲା କିଶୋର । ମାତ୍ର ସେ କାଲି ଆଉ ଆଜିରେ ପରିଣତ ହେଲା ନାହିଁ ।

କିଶୋରର ଚିଠିଟି ଡକପିଅନ ଅନ୍ୟ ଚିଠି ସହ ଧରିଥିଲା । ଅନ୍ୟ ଚିଠି ଗୁଡିକ ବାଣ୍ଟିଦେଇ ଲତାକୁ ସେ ଚିଠି ଦେବ ଏବଂ କିଛି ବକ୍‌ସିସ ପାଇବ ବୋଲି ମନ କରିଥିଲା । ଅନେକ ସମୟରେ ଚିଠି ପତ୍ର ଦେଇ ଡାକ ପିଅନ ଲତାଠାରୁ ପଇସା ପାଇଥାଏ । ଡାକ ପିଅନର ସେ ଆଶା ଫଳବତୀ ହେଲା ନାହିଁ । ତା' ହାତରୁ ଚିଠିଟି କେଉଁଠି ଖସି ପଡିଲା ତାକୁ ଜଣା ନାହିଁ । ସେ କାହାରିକୁ କିଛି ନ କହି ନିଜର ତ୍ରୁଟିକୁ ଲୁଚାଇଲା । ସାଧାରଣ ଡାକରେ ଆସିଥିବା ଚିଠି ତ । ରେକର୍ଡ କିଛି ନାହିଁ । ଚିଠି ନାହିଁ ବୋଲି କହି ଲତାଠାରୁ ରକ୍ଷା ପାଇଲା । ମଣିଷ ଜୀବନର ଏମିତି ଗୋଟାଏ ଅଶୁଭ ସମୟ ଆସେ । ଶୁଭ ସନ୍ଧ୍ୟାର ଘନ ଅନ୍ଧକାରରେ ସବୁ ଅଦୃଶ୍ୟ ହୋଇଯାଏ । ଏପରି ଅଘଟଣାର ନିମିତ୍ତ ହୋଇଯାନ୍ତି ଡାକ ପିଅନ ପରି ବାହାର ର ଲୋକ ମଧ୍ୟ ।

ଲତା କିଶୋର ଠାରୁ କୌଣସି ସମ୍ବାଦ ନ ପାଇ ଅତ୍ୟନ୍ତ ମ୍ରିୟମାଣ ହୋଇ ପଡିଲା । ଦିନରାତି କାନ୍ଦି କାନ୍ଦି ଆଖି ତା'ର ଫୁଲି ଗଲା । ବିନୋଦ ବାବୁ ଓ ମନୋରମା ଅନୁଭବ କଲେ, ଏକ ମାତ୍ର ଝିଅ, ବାପା ମାଆଙ୍କ ସ୍ନେହ, ଆଦର ଯତ୍ନରେ ବଢ଼ିଆସିଥିଲା । ଏବେ ସେମାନଙ୍କର ମାୟା ବନ୍ଧନ ତୁଟାଇ ଅନ୍ୟ ଏକ ପରିବାରକୁ ଯିବ । ଏହି ଆସନ୍ନ ବିଛେଦକୁ ସେ ଚିନ୍ତାକରି କାନ୍ଦୁଛି । ମନୋରମା ଦିନ ରାତି ଲତାକୁ ସାନ୍ତ୍ୱନା ଦେଉଥାନ୍ତି । କେତେ କଥା ବୁଝାଉଥାନ୍ତି । କିନ୍ତୁ ଲତାର ଅବୁଝା ମନ ସେ ସାନ୍ତ୍ୱନାରେ ଶାନ୍ତ ହୁଏ ନାହିଁ । ଭାବିଥିଲା ସବୁକଥା ଖୋଲି କରି ବାପା ବୋଉଙ୍କୁ କହିଦେବ । ଏତେବଡ କଥାଟା ତା ତୁଣ୍ଡରେ ଲେଉଟିଲା ନାହିଁ । କିଶୋରର ନୀରବତା ତାକୁ ମୁକ କରି ପକାଇଛି । ଏତେଗୁଡାଏ ଲୋକଙ୍କ ବିରୁଦ୍ଧାଚରଣ

Digitized by srujanika@gmail.com

କରିବାକୁ ତା'ର ସାହସ ହେଲାନି । ଯିଏ ପାଖରେ ରହି ସାହସ ଦିଅନ୍ତା ସେତ ଦୂରରେ, ପୁଣି ନୀରବ । ଯାହାକୁ ସେ ସର୍ବସ୍ୱ ଅର୍ପଣ କରିଛି । ଯାହାପାଇଁ ସେ ସମସ୍ତ ବାଧା ବିଘ୍ନକୁ ପାଦରେ ଦଳିଦେଇ ଆଗକୁ ଚାଲିବା ପାଇଁ ପ୍ରସ୍ତୁତ, ସେ କାହିଁ ? ତାର ପ୍ରେରଣା କାହିଁ ? ପ୍ରଚଣ୍ଡ ଝଡରେ ଆହତ ପକ୍ଷୀଟିଏ ପରି ସେ ନିରାଶ୍ରୟା ହୋଇ ଦିଅଁ ଦେବତାଙ୍କ ପାଖରେ ଅନ୍ତରର ନିବେଦନ ଜଣାଇଲା । କିନ୍ତୁ ତା'ର ପରିଣତି ? □

= ଅଠେଇଶ =

ମଣିଷ ଭାବୁଥାଏ ଗୋଟାଏ ପଥର ପଥିକ ହେବାକୁ । ମାତ୍ର ବାଧ୍ୟ ହୁଏ ଅନ୍ୟ ଏକ ପଥର ଯାତ୍ରୀ ହେବାକୁ । ସେ କେବେ ଆଶା କରି ନ ଥିବ । ସେ ପରି ପଥ ସହ ତାର ପରିଚୟ ନ ଥିବ । ତଥାପି ତାକୁ ସେହି ବିଧି ନିର୍ଦ୍ଦେଶକୁ ମାନି ନେବାକୁ ହୋଇଥାଏ ।

ଆଜକୁ ତିନିଦିନ ହେବ ଲତାର ଶୁଭ ପରିଣୟ ଶେଷ ହୋଇଛି । ସୁରେଶ ବାବୁଙ୍କ ଇଚ୍ଛାନୁସାରେ ତାଙ୍କର ପୁରୀ ସହର ବାସ ଭବନରେ ବିବାହର ଆୟୋଜନ । ଜ୍ଞାତି, କୁଟୁମ୍ବ ସମସ୍ତଙ୍କ ଗହଣରେ ଏ ବିବାହ ଉତ୍ସବ ଅନୁଷ୍ଠିତ ହେଲା । ବିନୋଦ ବାବୁଙ୍କ ସରକାରୀ ବାସ ଭବନରେ ପାଣି ଗ୍ରହଣ କାର୍ଯ୍ୟର ସମାପ୍ତି ପରେ ଅଜିତ ସହ ଲତା ତାଙ୍କ ଘରକୁ ଚାଲିଯାଇଛି । ବିବାହ ଉତ୍ସବ ମହାଆଡମ୍ବରରେ ଶେଷ ହେଲା । ଲୋକେ କହିଲେ - " ଏମିତି ବାହାଘର କେହି କରି ନ ଥିଲେ । ଭୋଜି ଭାତର ପ୍ରଶଂସା ସମସ୍ତଙ୍କ ମୁହଁରେ । ବ୍ୟବସ୍ଥାରେ ସମସ୍ତେ ସନ୍ତୁଷ୍ଟ । ସୁରେଶ ବାବୁ ଓ ତିଳୋତ୍ତମାଙ୍କ ପାଦ ଭୂଇଁରେ ଲାଗୁ ନ ଥାଏ ଆନନ୍ଦରେ । ରୂପବତୀ, ଗୁଣବତୀ ଲତାକୁ ସେ ବୋହୂକରି ଆଣି ପାରିଛନ୍ତି । ଏହା ତାଙ୍କର ପରମ ସୌଭାଗ୍ୟ ବୋଲି

Digitized by srujanika@gmail.com

ମନେ କରିଛନ୍ତି । " ବୋହୂଙ୍କର ଏଇଟା ଦରକାର ହେଉଥିବ, ଅମୁକ ଜିନିଷ ଆବଶ୍ୟକ ହେଉଥିବ, ଖାଇବା ଯେପରି ଡେରି ନ ହୁଏ, ଚାକରାଣୀ ଯେପରି ବୋହୂଙ୍କର ସବୁକାମ ଠିକ୍ ଭାବରେ କରେ " - ଏଥିପାଇଁ ସେ ପତ୍ନୀଙ୍କୁ ସାବଧାନ କରାଇ ଦେଇଥାଆନ୍ତି । ତିଳୋତ୍ତମା ମଧ୍ୟ ସବୁ ବିଷୟ ତନ୍ନ ତନ୍ନ କରି ବୁଝୁଥାଆନ୍ତି । କୌଣସି ବିଷୟରେ ଡେରି ହେଲେ ବା' ଭୁଲହେଲେ ଚାକରାଣୀ ଉପରେ ବିରକ୍ତି ହୋଇ ଠିକ୍ କରାଇ ନିଅନ୍ତି । ବୋହୂ ଦେଖିବାକୁ ଝିଅ ବୋହୂଙ୍କର ଭିଡ ଜମିଛି । ସୁନ୍ଦରୀ ଉଚ୍ଚ ଶିକ୍ଷିତା ବୋହୂଟିଏ ପାଇଛନ୍ତି ବୋଲି ତିଳୋତ୍ତମାଙ୍କୁ ସମସ୍ତଙ୍କର ପ୍ରଶଂସା । ସାହି, ପଡିଶା ଯେଉଁଠି ଶୁଣ ସେଇଠି ଲତାର ରୂପ ଗୁଣର ପ୍ରଶଂସା । ସୁରେଶ ବାବୁଙ୍କର ପାତ୍ରୀ ନିର୍ବାଚନରେ ସୁ-ନିପୁଣତା ଏବଂ ଅଜିତ୍‌ର ସୌଭାଗ୍ୟ ବିଷୟରେ ସବୁଠି ଆଲୋଚନା ।

ଆଉ ଅଜିତ ବାବୁ ନିଜ ଭାଗ୍ୟକୁ ନିଜେ ପ୍ରଶଂସା ନ କରି ରହି ପାରୁ ନାହାଁନ୍ତି । ଲତା ଆଜି ତାଙ୍କର ପ୍ରଣୟିନୀ । ସ୍ୱପ୍ନ ସଫଳ ହୋଇଛି । ବାମନ ହାତରେ ଚନ୍ଦ୍ର ଧରା ଦେଇଛି । ରୂପମୟୀ, ଛଳନା ମୟୀ ଲତା ତା'ର ଜୀବନ ସଙ୍ଗୀନୀ ତା'ର ଆନନ୍ଦ କରିବାର ଆଉ କ'ଣ ନ ଅଛି ? ପ୍ରଚୁର ଧନ ସମ୍ପତ୍ତି ସାଙ୍ଗକୁ ବିଦୂଷୀ ଲତା ଯା'ର ଧର୍ମ ପତ୍ନୀ ତା'ର ଆଉ ଅଭାବ କ'ଣ ? ମନ ଆଜି ତାଙ୍କର ଅଳକା ପୁରୀର ନିଭୃତ କୁଞ୍ଜରେ ଲତାର ଅଧର ମଧୁପାନ କରିବା ପାଇଁ ପାଗଳ ହୋଇ ଉଠିଛି । ବନ୍ଧୁ ସହପାଠୀଙ୍କ ତୁଳନାରେ ନିଜେ କିପରି ଅପରୂପା ଲତାର ସ୍ୱାମୀ ହେବାର ଗୌରବ ଅର୍ଜନ କରି ପାରିଛନ୍ତି ସେଇଥିପାଇଁ ମନେ ମନେ ଗର୍ବ ଅନୁଭବ କରୁଛନ୍ତି । ରଘୁନାଥ ଗଡଡ଼ିଆ ପନ୍ଦର ଦିନ ଆଗରୁ ସୁରେଶ ବାବୁଙ୍କ ଘରେ ରହିଛନ୍ତି । ସବୁ କାମରେ ଆଗଭର ସହିତ କରିବା, ସବୁଠି ହୁକୁମାତି ଦେଖାଇ ନିଜର ଦକ୍ଷତା ସାବ୍ୟସ୍ତ କରିବା ଆଙ୍କିରେ ସେ ବେଶ୍ ନିପୁଣ । ଉଭୟ ବର ପକ୍ଷ ଓ କନ୍ୟା ପକ୍ଷରୁ ଏ ଶୁଭକାମ ପାଇଁ କେତେ ଯୋଡ ଲୁଗା ସାଙ୍ଗକୁ ମୋଟା ଅଙ୍କର ପାଉଣା ପାଇବା

Digitized by srujanika@gmail.com

ଆଶାରେ ସେ ମସ୍ତ । ତେଣୁ ତାଙ୍କୁ ଦିନ ରାତି ଅଣ୍ଟୁନାହିଁ ।

ବିଭାଘର ପରେ ବାପା ବୋଉଙ୍କୁ ଛାଡି ଲତା ଚାଲିଆସିଛି ପର ଘରକୁ । ରକ୍ତର ମାୟା ବନ୍ଧନ ସହଜରେ ଛିଡେ ନାହିଁ । ଝିଅଙ୍କ ଜନ୍ମ ପର୍ବ ଘରକୁ ଯିବାରେ ସାର୍ଥକ ହୁଏ । ଜନ୍ମ କ୍ଷେତ୍ର ବାପ ଘର ଛାଡି କର୍ମକ୍ଷେତ୍ର ଶାଶୁର ଘରେ ଜୀବନର ବିକାଶ ପାଇଁ ସୁଯୋଗ ମିଳେ । ଲତା ଏ କଥା ହୃଦୟଙ୍ଗମ କରେ । ବାହାପରେ ସବୁ ଝିଅଙ୍କର ବିକଳ କ୍ରନ୍ଦନରେ ବିଦାୟ ବେଳାଟି ଅଶ୍ରୁଳ ହୋଇଉଠେ । ଲତା ଏହାର ବ୍ୟତିକ୍ରମ । ସେ କାନ୍ଦିନାହିଁ । ଆନନ୍ଦିତ ଥିବାର ଆଭାସ ମଧ୍ୟ ଦେଇ ନାହିଁ । ସେ ଜଡ ପାଲଟି ଯାଇଛି । ନିର୍ବାକ, ନିସ୍ପନ୍ଦ, ନିଶ୍ଚଳ ସେ । କେଉଁ ଅଦୃଷ୍ଟ ଶକ୍ତିର ହାତ ସଫେଇ । କାହାର ଅଦୃଶ୍ୟ ଇଙ୍ଗିତ ତାକୁ ଆଜି ନିମିତ୍ତ ମାତ୍ର କରିଛି । ସେ ବୁଝି ପାରୁ ନାହିଁ । ନୀରବତାକୁ ଆଶ୍ରୟ କରି ସେ ଭାବି ଚାଲିଛି ତା'ର ଏହି ଅପ୍ରତ୍ୟାଶିତ ଭାଗ୍ୟ କଥା । ସେ ଭାବନାର ଅନ୍ତ ନାହିଁ, ବିରାମ ନାହିଁ । ତା'ର ସବୁ ଯୋଜନା ସବୁ ସ୍ୱପ୍ନ ଆଜି ଧୂଳିରେ ଲୁଣ୍ଠିତ । ବିବାହ ବେଦୀରେ ସିନ୍ଦୁର ଟୋପାଟି ତା'ର ମସ୍ତକକୁ ଭାରାକ୍ରାନ୍ତ କରି ପରାଜୟର ସଙ୍କେତ ବହନ କରୁଛି । ସୀମାହୀନ ଭାବନା ମଧ୍ୟରେ ସେ ଦେଖି ପାରୁଛି କିଶୋରର ଝାଉଁଳା ମୁଖ ମଣ୍ଡଳ । କାନ୍ଦି କାନ୍ଦି ସେ ଆଖି ଦୁଇଟି ଫୁଲି ଯାଇଛି । ଦୁଇ ଆଖିରୁ ଧାର ଧାର ଲୁହ ବୋହି ଯାଉଛି ଛାତି ଉପରକୁ । ଜଣେ ସର୍ବହରା ଭିକାରୀର କୋଟର ଗତ ଆଖି ଦୁଇଟି ତା' ଆଡକୁ ଚାହିଁ ରହି ଅତି କଷ୍ଟରେ କହୁଛି । ''ଲତା ତୁ ମୋତେ ଛାଡି ଚାଲି ଯାଉଛୁ ? ମୁଁ ଏକାକୀ ବଞ୍ଚି ପାରିବି ତ ? '' ସେ ବର୍ତ୍ତମାନ କେଉଁଠି ? ତା'ର ବର୍ତ୍ତମାନ କର୍ତ୍ତବ୍ୟ କ'ଣ ? ଲତା ଆଉ ଭାବି ପାରିଲା ନାହିଁ । ନିଷ୍ଠୁର ବାସ୍ତବତା କଥା ଚିନ୍ତା କଲା । ପରଘରେ ପାଦ ଦେଲା ଦିନୁ ସେପରି କାହାରି ସହିତ କଥାବାର୍ତ୍ତା କରେନି । ଯେଉଁ ଦୁଇ ଚାରିଥର ଅଜିତ ବାବୁଙ୍କ ସହ ତା'ର ଦେଖା ହୋଇଛି, ସେଥିରେ ସେ ନବ ବିବାହିତା କୁଳ ବଧୂର ଆଚରଣର ଛଳନା କରିଛି । ସର୍ବଦା ନୀରବ, ଉଦାସ । ବେଳେବେଳେ ଉଦାସୀନତାର କୁହେଳି ଭିତରୁ ନିଜକୁ ମୁକ୍ତ କରିଛି । ସଚେତନ

Digitized by srujanika@gmail.com

ହୋଇ ଉଠିଛି । ସେ ଭାବେ ମୁଁ ସ୍ୱ-ଇଚ୍ଛାରେ ବିବାହ କରିନାହିଁ । ମୋତେ ଏଠାରେ ବିବାହ ଦିଆଯାଇଛି । ଯଦି ଏଠାରୁ ପଳାଇ ଯାଏ ତେବେ କ'ଣ ଦେଖା ପାଇବି ? ସେ କ'ଣ ମୋତେ ଗ୍ରହଣ କରିବେ ? ନା, ଘୃଣାରେ ପାଖରୁ ଦୂରେଇ ଦେବେ । ମୁଁ ତାଙ୍କ ବ୍ୟତୀତ ଅନ୍ୟ ପୁରୁଷର ଚିନ୍ତାକୁ ମଧ ମନରେ ସ୍ଥାନ ଦେଇନାହିଁ । ମୋର ତନୁ, ମନ, ହୃଦୟ ତାଙ୍କର ପାଦତଳେ ନିବେଦିତ । ସେ ମୋତେ ଗ୍ରହଣ କରିବେ । ମୋତେ ନିଶ୍ଚୟ କ୍ଷମା ଦେବେ । ମୁଁ ତାଙ୍କ ପାଖକୁ ପଳାଇଯିବି । କିନ୍ତୁ ସେ ବର୍ତ୍ତମାନ କେଉଁଠି ? ତାଙ୍କର ଠିକଣା ନାହିଁ । ଏହାତ ଅନେକ ଆଗରୁ କରିବାର ଥିଲା । ଏବେ ପଳାଇ ଗଲେ ଅପବାଦ ସାଙ୍ଗକୁ ଭୀରୁତା ପ୍ରକାଶ ହିଁ ସାର ହେବ । ଯେଉଁ ହାତ କିଶୋର ଭାଇଙ୍କ ପାଇଁ ଫୁଲ ଗୁନ୍ଥିଛି, ତାଙ୍କର ପଦ ସେବା ପାଇଁ ଉଦ୍ଦିଷ୍ଟ, ସେ ହାତ ଗୋଟିଏ ଅପବିତ୍ର ହାତ ସହ ବିବାହ ବେଦୀରେ ଛନ୍ଦା ହେଲା କାହିଁକି ? ଏ ଜଘନ୍ୟ ପାପର ପ୍ରାୟଶ୍ଚିତ ? ଆତ୍ମହତ୍ୟା ? ନା-ନିତ୍ୟାନ୍ତ କାପୁରୁଷତା, ପୁଣି ମହାପାପ । ଲତାର ଭାବିବାର ଶେଷ ହୁଏ ନାହିଁ । ଭାବି ଭାବି ଅଧୀରା ହୋଇପଡେ । ମନ ଗହନରେ ସାଇତା ଅନେକ ମଧୁର ସ୍ମୃତି ନେଇ ବଞ୍ଚିଛି । ସବୁବେଳେ ଦୁଇଟା ମଣିଷର ଅଭିନୟ କରିବାକୁ ପଡୁଥାଏ । ମହାପାତ୍ର ବଂଶର କୁଳବଧୂ ଲତା, ଏବଂ କିଶୋର ପାଇଁ ପ୍ରେମ ପାଗଳିନୀ ଲତା ମଧରେ ସୁମେରୁ-କୁମେରୁ ର ଦୂରତା । ବର୍ତ୍ତମାନ ପରିସ୍ଥିତିକୁ ଚାହିଁ ଦୁନିଆଁକୁ ଦେଖାଇ ଦେବା ଉଦ୍ଦେଶ୍ୟରେ ଗୋଟାଏ ବାହାର ମଣିଷ କେବଳ କଳ ପରି କାମ କରୁଥାଏ । ଭିତର ମଣିଷର ଅବିରତ ଅଶ୍ରୁ ବିସର୍ଜନ ନୀରବ ଅଶ୍ରୁପୂଜା, ଜଣକର ଅଭାବରେ ପ୍ରାଣ ବିକଳ । ଅଭାବ ମେଣ୍ଟୁ ନାହିଁ କି, ଅଶ୍ରୁଲୀଳାର ଯବନୀକା ପଡୁନାହିଁ । ଲତାର ସ୍ମରଣ ହେଲା କଲେଜ ରଙ୍ଗ ମଞ୍ଚରେ କିଶୋର ସହ ଅଭିନୟ ସମୟର ବିଦାୟ କାଳିନ ଦୃଶ୍ୟ । ମର୍ମବ୍ୟଥା ସେ ଦିନର ରଙ୍ଗମଞ୍ଚରେ ଅଭିନୟ ଆଜି ବାସ୍ତବ ଜୀବନ ରଙ୍ଗମଞ୍ଚରେ ସତ୍ୟ ହୋଇ ଯାଇଛି ।

ଲତା ସମସ୍ତ ମନୋବଳକୁ ଏକତ୍ର କଲା । ଏ ପରିସ୍ଥିତିରୁ ନିଜକୁ ଉଦ୍ଧାର

Digitized by srujanika@gmail.com

କରିବାକୁ ହେବ । ଦୁଃଖ ନିର୍ଯ୍ୟାତନାକୁ ବରଣ କରିବାକୁ ହେବ । ରଙ୍ଗମଞ୍ଚରେ ସ୍ୱାମୀ-ସ୍ତ୍ରୀର ଅଭିନୟ ବାସ୍ତବରେ ସ୍ୱାମୀ-ସ୍ତ୍ରୀର ସମ୍ପର୍କ ନୁହେଁ । ଅଜିତ୍ ମହାପାତ୍ରଙ୍କ ସହ ହସ୍ତ-ଗ୍ରନ୍ଥି ସେହିପରି ଏକ ଅଭିନୟ । ଏଥିରେ ଶରୀର, ମନ, ହୃଦୟର ପବିତ୍ରତା ଅକ୍ଷୁର୍ଣ୍ଣ ରହିଛି । ଲତାର ସ୍ମରଣ ହେଲା, ଗାନ୍ଧିଜୀଙ୍କର ଉକ୍ତି, ବାରମ୍ବାର ପ୍ରତିଧ୍ୱନିତ ହେବାକୁ ଲାଗିଲା -

Love never Claims, it ever gives,

Love ever suffers, never resents,

Never revenges it self.

ଲତା କ୍ରମେ ଦୃଢ଼ ସାହସ ଫେରି ପାଇଲା । ଗାନ୍ଧୀଜୀଙ୍କର ଉକ୍ତିକୁ ମନେ ମନେ ଆବୃତ୍ତି କରୁ କରୁ ଆତ୍ମ ବିଶ୍ୱାସ ସଞ୍ଚୟ କଲା । ସେ ଆଜି କିଶୋରର ଛିନ୍ନଛାୟା ସତ, ମାତ୍ର ପରିତ୍ୟକ୍ତା ନୁହେଁ । ସମୟ ଏହାର ସମାଧାନ କରିବ । □

= ଅଣତ୍ରିଶ =

ଅଜିତ୍ ଲତାର ଶୁଭ ପରିଣୟର ଆଜି ପଞ୍ଚମ ଦିବସ । ହିନ୍ଦୁ ସମାଜରେ ପ୍ରଚଳିତ ପ୍ରଥା । ବୈଦିକ ରୀତିରେ ବିବାହର ପଞ୍ଚମ ଦିନର ବନ୍ଦାପନା । ଆଜି ବାସର ଦିବସ । ଘଣ୍ଟା ଘଣ୍ଟା ଧରି ଘୃତାହୁତି । ହୋମାଗ୍ନିର ଉତ୍ତାପରେ ନବ ଦମ୍ପତିଙ୍କ ଶରୀର ହେବ ଘର୍ମାକ୍ତ । ହୋମରେ ବିସର୍ଜିତ ଦଗ୍ଧ ନାରିକେଳର କିୟଦଂଶ ଚରୁରୂପେ ନବବଧୂ ମୁଖରେ ଦେଇ ମିଳନର ଆୟୋଜନ କରେ ପୁରୁଷ । ପୁତ୍ରଲାଭ ଉଦ୍ଦେଶ୍ୟରେ ଦଶରଥ ଯେଉଁ ପୁତ୍ରେଷ୍ଟି ଯଜ୍ଞ କରି ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନଙ୍କୁ ଲାଭ କରିଥିଲେ ଏହି ପ୍ରଥା ତା'ର ପ୍ରତିଧ୍ୱନି ପରା । ସମସ୍ତ ଧର୍ମାନୁଷ୍ଠାନ ପରେ ଦୁଇଟି ଜୀବନର ମିଳନ ପର୍ବ । ମଧୁରାତିରେ ମଧୁଶଯ୍ୟାରେ ମିଳନ ମୁହୂର୍ତ୍ତର ମଧୁ ରାସ । ଏ ଦିନ, ଏ ରାତି, ଏ ଲଗ୍ନ ସବୁ ମଧୁମୟ । ନବ ଦମ୍ପତି କୁଳଦୀପ ଛୁଇଁ ପ୍ରତିଜ୍ଞା

Digitized by srujanika@gmail.com

ବଦ୍ଧ ହେବେ ଜୀବନକୁ ସରସ ସୁନ୍ଦର କରିବା ପାଇଁ । ଆହୁରି ଅନେକ କଥା ।

ଲତା ନିଜ ଯୋଜନାରେ ଦୃଢ଼ । ଶରୀର, ମନ, ହୃଦୟକୁ ପବିତ୍ର କରି ରଖିବ, ସତୀତ୍ୱ ରକ୍ଷାପାଇଁ । ସୀତାଙ୍କ ପରି ଅଗ୍ନି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବ । ଦିନ ଯାଇ ରାତି ହେଲା । ହୋମାଦି କ୍ରିୟା ସମାପ୍ତ । ଗଭୀର ନିଶା କ୍ରମେ ଘନେଇ ଆସୁଛି । ଅଜିତ୍ ବାସର ଶଯ୍ୟାରେ ଶୋଇ ରହି ଲତାର ଆଗମନକୁ ଅପେକ୍ଷା କରିଛି । ଛାତିରେ ତା'ର ଅଶେଷ ସ୍ପନ୍ଦନ । ନିଶ୍ୱାସ ବେଗବାନ । ବିଳମ୍ବ ମୁହୂର୍ତ୍ତ ଗୁଡାକ ତାକୁ ବିରକ୍ତି କର ଲାଗୁଛି । ଶୟନ କକ୍ଷର ଗୋଟାଏ କୋଣରେ କୁଳଦୀପ ଜଳୁଛି । ନିଶବ୍ଦ ରାତିର ମୌନତା ଭଙ୍ଗ କରି କିଏ କେଜାଣି ଅଜିତ୍‌ର ଶୟନ କକ୍ଷ ଭିତରକୁ ଠେଲି ଦେଇ କବାଟ ଆଉଜେଇ ଆଣିଲେ । ଅଜିତ୍ ଧୀର ପଦରେ ଉଠି ଆସି ଭିତରୁ କବାଟ ବନ୍ଦକଲା । ଲତା ଭୟକମ୍ପିତ ମନରେ କାନ୍ଥକୁ ଭରା ଦେଇ ଛିଡାହୋଇ ରହିଲା କ୍ଷଣକ ପାଇଁ । ଉଭୟ ନୀରବ । ଏହା ପରେ କ'ଣ ଘଟିବ ସେଇ ଆଶାରେ ଉଭୟ ଆଶାୟୀ ।

" ଲତା ଏବେ ଅଭିମାନ ଛାଡ " ଅଜିତ୍‌ର କଣ୍ଠରେ ପ୍ରଣୟୀର ସ୍ୱର । ଲତା ନୀରବ । ଘୃଣା ଓ ଆସନ୍ନ ବିପଦର ଆଶଙ୍କାରେ ବ୍ୟଥିତ ।

" ମୋତେ ଆଉ ଅଧିକ ଦଣ୍ଡ ଦିଅ ନାହି ଲତା, ମୋର ଧୈର୍ଯ୍ୟ ଯେ ଚରମ ସୀମାରେ ପହଞ୍ଚିଲାଣି । " ଅଜିତ ଏତକ କହି ଲତା ପାଖକୁ ଧୀରେ ଧୀରେ ଗଲା ଏବଂ ତା'ର ହାତ ଧରିବାକୁ ହାତ ବଢ଼ାଇଲା ।

" ଅପେକ୍ଷା କରନ୍ତୁ । ଏଠାରେ କୁଳଦୀପ ଜଳୁଛି । ସବୁ ବିଧି ବିଧାନ ମାନିବାକୁ ହୁଏ " ଲତାର ସୂଚନା ।

" କି ବିଧି ବିଧାନ ଲତା ?"

" କୁଳ ଦୀପ ଛୁଇଁ ପ୍ରତିଜ୍ଞା କରିବାକୁ ହୁଏ "

Digitized by srujanika@gmail.com

" କି ପ୍ରତିଜ୍ଞା କରିବି ?"

" ଦୀପ ଛୁଇଁ ଅଗ୍ନିକୁ ସାକ୍ଷୀରଖି ପ୍ରତିଜ୍ଞା କର ଯେ, ମୋ କଥା ସବୁବେଳେ ରକ୍ଷା କରିବ "

" ଏବେ ଦୀପଛୁଇଁ ଅଗ୍ନିକୁ ସାକ୍ଷୀ ରଖି ପ୍ରତିଜ୍ଞା କରୁଛି ଯେ, ତୁମର ଅନୁରୋଧ ରକ୍ଷା କରିବି । " ଦ୍ୱିଧା ମିଶା ଗଳାରେ ଅଜିତ୍ କହିଲା " ଏବେ ତୁମ କଥା ପ୍ରକାଶ କର "

" ତୁମେ ମୋର ବିବାହିତ ସ୍ୱାମୀ । ଇହ କାଳ ପରକାଳର ଦେବତା । ତୁମର ମଙ୍ଗଳ ପାଇଁ ମୁଁ ତୁମର ସହ ଧର୍ମୀଣୀ ଭାବରେ ଧର୍ମ ଆଚରଣ କରି ମୋର ବ୍ରତ ରକ୍ଷା କରିବି " ଲତାର ଅନ୍ତରାତ୍ମା ମନ ଭିତରେ ବିଦ୍ରୁପ କରୁଥାଏ ।

" ଯାହା କହିବାର କଥା ଶୀଘ୍ର କୁହ । ମୋର ଧୈର୍ଯ୍ୟଚ୍ୟୁତି ଘଟିଲାଣି ।"

" ବ୍ୟସ୍ତ ହୁଅନ୍ତୁନି ପ୍ରିୟ ! ମୁଁ ପ୍ରତିଜ୍ଞା କରିଛି ଏକ ବର୍ଷ ପର୍ଯ୍ୟନ୍ତ ସାବିତ୍ରୀ ବ୍ରତ ପାଳନ କରିବି । ସେ ପର୍ଯ୍ୟନ୍ତ ତୁମ ସହିତ ମୋର କୌଣସି ଦୈହିକ ସମ୍ପର୍କ ରହିବ ନାହିଁ । ତୁମର ଦୀର୍ଘ ଜୀବନ, ଆମର ସୁଖ ସଂସାର ପାଇଁ ମୋର ଏ କଠୋର ତପସ୍ୟା" ଲତାର ଶୁଖିଲା ଓଠରୁ ଏତକ ଝରି ପଡିଲା ଅଳ୍ପ ଅଳ୍ପ ହସ ସହ ।

" ଲତା, ଏ କ'ଣ କଲ କଲ୍ୟାଣୀ ?" ଅଜିତ୍ ହତବାକ୍ ।

" ଯାହା କରିଛି, ଯାହା କହୁଛି ସବୁ ଗଭୀର ଭାବରେ ଚିନ୍ତାକରି କହୁଛି । ଏହା ମୋର ଛଳନା ନୁହେଁ "

" ମୁଁ ଭାସିଗଲି ଲତା, ମୋର ସୁନାର ସଂସାର ଜଳିପୋଡି ପାଉଁଶ ହୋଇଗଲା ।" - ପାଗଳ ପରି ଉତ୍ତର ଦେଲା ଅଜିତ୍ ।

" ତୁମେ ପ୍ରତିଜ୍ଞା ବଦ୍ଧ ପ୍ରିୟ । ସମୟର ଗତି ପ୍ରଖର । କାଲିପରି ଲାଗିବ ।

Digitized by srujanika@gmail.com

ଚାହୁଁ ଚାହୁଁ ବର୍ଷଟିଏ ପୂରିଯିବ '' ଲତା ଓଠରେ ବିଦ୍ରୁପ ମିଶା ସ୍ମିତ ହାସ୍ୟ ।

ଅଜିତ୍‌ର ଅମାନିଆ ପାଦ ଫେରାଇ ନେଲା ତାକୁ ବିଛଣାକୁ । ଭାବନାର ଆଦିଅନ୍ତ ନାହିଁ । ଆକାଶ ମୁଣ୍ଡ ଉପରେ ଛିଡି ପଡିଲା ପରି ବୋଧ ହେଲା । ଲତାକୁ କ'ଣ କହିବ ଭାଷା ପାଇଲା ନାହିଁ । ସବୁ ସ୍ୱପ୍ନ ଆଜି ବାଷ୍ପ ହୋଇ ବାୟୁରେ ମିଳାଇ ଯାଇଛି । ଦୁଇଟି ପରସ୍ପର ବିରୋଧି ଭାବନା ତା' ମନକୁ ମନ୍ଥନ କଲା । ଲତା ପ୍ରତାରଣା କଲା ନା ଛଳନା କଲା ? ଏହା ହୋଇ ପାରେନା, ଲତା ପରି ଆଦର୍ଶରେ ଆସ୍ଥାବତୀ ନାରୀ ପାଖରୁ ଏହା ଆଶା କରିବା ବୃଥା । ତା'ର ବିଚାରରେ ଦୃଢ଼ତା କଥା କାହାରିକୁ ଅଜଣା ନାହିଁ । ତା' ସିଦ୍ଧାନ୍ତକୁ ସମ୍ମାନ ପ୍ରଦର୍ଶନ କରାଯାଉ । ବର୍ଷଟିଏ ଚାହୁଁ ଚାହୁଁ ଚାଲିଯିବ । ଲତା ଓ କିଶୋର ସମ୍ପର୍କରେ ଅଜିତ ପରିଚିତ । କିଶୋର ଆଜି ଦୂର ସ୍ଥାନରେ । ତା'ର ଠିକଣା ଲତାକୁ ଜଣାନାହିଁ । ଲତା ବିଭାଘର ଦିନ ତା'ର ଅନୁପସ୍ଥିତ କୌଣସି ଏକ ଅଶୁଭ ସଙ୍କେତ ପରି ମନେ ହୁଏ । ପୂର୍ବରୁ ସ୍ମୃତି ଗୁଡିକ ତାମନରେ ଛାୟାଚିତ୍ର ପରି ଭାସି ଉଠିଲା । ପୌଷ ସକାଳର ଘନ କୁହୁଡି ଯେପରି ତା' ମନକୁ ଢାଙ୍କି ପକାଇଲା । କୌଣସି ନିର୍ଦ୍ଦିଷ୍ଟ କାରଣ ସେ ଖୋଜି ପାଇଲା ନାହିଁ । ଲତା ଉଚ୍ଚ ଶିକ୍ଷିତା । ତା' ପ୍ରତି ବଳପ୍ରୟୋଗ କରି କାମ ଲାଳସାକୁ ଚରିତାର୍ଥ କରିବା ଅର୍ଥ ତାକୁ ଚିରଦିନ ହରାଇ ବସିବା । ଅଜିତ୍ ଆଉ ଆଗକୁ ଭାବି ପାରିଲା ନାହିଁ ।

ଲତା ମନରେ ସାହସ,ଦମ୍ଭ ଭରି ଯାଇଛି । ତାର ଆଉ ଛାତି ଥରୁ ନାହିଁ । ନିଜ ବୁଦ୍ଧିରେ ସତୀତ୍ୱ, ଶରୀରର ପବିତ୍ରତା ରକ୍ଷା କରି ପାରିଥିବାରୁ ମନେ ମନେ ଆଶ୍ୱସ୍ତି ଉପଲବ୍ଧି କଲା । ଆସନ୍ନ ସ୍ଖଳନରେ ନିଜକୁ ରକ୍ଷା କରି ପାରିଛି । ଅଜିତ୍‌ର କାମାଗ୍ନିରେ ନିଜକୁ ଆହୁତି ନ ଦେଇ ସେ ଯେ ନିଜକୁ ରକ୍ଷା କରି ପାରିଛି, ଏଥିରେ ଆତ୍ମ ବିଶ୍ୱାସ ବହୁ ଗୁଣିତ ହୋଇ ପାରିଛି । କିଶୋରର ଅବସ୍ଥା କଥା ଚିନ୍ତାକରି ଶପ

Digitized by srujanika@gmail.com

ମସିଣାଟି ଭୂମି ଉପରେ ପାରିଦେଇ ଲତା ପଡି ରହିଲା ସେଇଠି । କେତେବେଳେ ରାତି ଯାଇ ସକାଳ ହେଲାଣି ତାକୁ ଜଣା ନାହିଁ ।

କବାଟରେ କରାଘାତ ସହ ଶାଶୁଙ୍କର ସ୍ୱର ଶୁଭିଲା - " ଲତା ଉଠିଆ " ଲତା ଉଠି ଆସିଲା ବାହାରକୁ । ସବୁ ବିଧି ବିଧାନକୁ ଶାଶୁଙ୍କ ଇଙ୍ଗିତରେ ପାଳନ କରୁଥାଏ । ଅଜିତ ମଧ୍ୟ ଏ ସମସ୍ତ ଘଟଣା ଗୋପନ ରଖିଲା । ଦିନ ଗୁଡିକ ଗଡି ଚାଲିଥାଏ ଅନିଶ୍ଚିତ ବାଟରେ । ଗୋଟାଏ ଶୟନ କକ୍ଷରେ ଦିନ ବିତାଉ ଥାଆନ୍ତି ଲତା ଓ ଅଜିତ । ମାତ୍ର କେହି କାହାର ଅଙ୍ଗ ସ୍ପର୍ଶ କରନ୍ତି ନାହିଁ । ପରିବାରର ଲୋକେ ଏହାର ଇସାରା ସୁଦ୍ଧା ପାଇଲେ ନାହିଁ । ବୁଦ୍ଧିମତୀ ଲତା ଶାଶୁ, ଶଶୁର, ସ୍ୱାମୀଙ୍କର ସେବା ନିର୍ବିକାରରେ କରୁଥାଏ । ମନ ହରିଣୀ ତାର ଭାବନାର ଘନ ଜଙ୍ଗଲରେ ଖୋଜି ବୁଲୁଥାଏ ଜଣକର ସନ୍ଧାନ ଆଶାରେ । ସୁ-ଗୃହିଣୀର ଅଭିନୟ ଭିତରେ ସେ କେଉଁ ପଦକ୍ଷେପ ନେବ । ପରବର୍ତ୍ତୀ ସମୟରେ, ତାହା ଏ ଯାଏଁ ଚିନ୍ତାକରି ନାହିଁ । ସେ ଯେପରି ଅପେକ୍ଷା କରିଛି ଗୋଟାଏ ଶୁଭ ଦିନକୁ । ସେ ସୁ-ଦିନ ଆଉ କେତେ ଦୂର ? ଜାଣି ପାରୁ ନାହିଁ ସେ ।

ବିବାହର ଅଷ୍ଟ ମଙ୍ଗଳ ଦିନ ଗତ ହେଲାଣି । ଉତ୍ସବରେ ଉଲ୍ଲାସ ନିସ୍ତବ୍ଧ ହୋଇ ଗଲାଣି । ବନ୍ଧୁ ବାନ୍ଧବ; ଜ୍ଞାତି କୁଟୁମ୍ବ ନିଜ ନିଜ ଘରକୁ ବାହୁଡି ଗଲେଣି । ସୁରେଶ ବାବୁଙ୍କର ଛୁଟି ସମୟ ଶେଷ ହୋଇ ଆସୁଛି । ଅଳ୍ପ ଦିନ ପରେ କଟକ ଫେରି କାର୍ଯ୍ୟରେ ଯୋଗ ଦେବେ । ସପରିବାର ଆସି କଟକସ୍ଥ ସରକାରୀ ବାସ ଭବନରେ ଅବସ୍ଥାନ କରିବେ । ଅଜିତ ପୁଣି ତା'ର କାମ କରିବ । ସେମାନଙ୍କ ସହ ଲତା ମଧ୍ୟ କଟକ ଆସିବ । କଟକ ଘର ଭଡାରେ ଲାଗି ଗଲାଣି ।

ସନ୍ଧ୍ୟା ବେଳ ଗଡି ଗଲାଣି । ଶାଶୁଙ୍କ ପାଖରେ ଲତା ସୋଫା ଉପରେ ବସି ଗୋଟିଏ ରୁମାଇରେ ଫୁଲ ପକାଉଛି । ଅନ୍ୟ କେହି ସେଠାରେ ଉପସ୍ଥିତ ନାହାଁନ୍ତି । ନିରୋଳା ଅବସର ଜାଣି ଲତା ତିଳୋତ୍ତମା ଦେବୀଙ୍କୁ ନିର୍ଭିକ ଭାବରେ

Digitized by srujanika@gmail.com

କହିଲା -

" ବୋଉ, ଗୋଟିଏ କଥା କହିବି ?"

" କ'ଣ କହୁନୁ । ତୋର ସବୁ କଥା ବୁଝିବା ପାଇଁ ଶଶୁର ପରା ବାରମ୍ବାର ତାଗିଦ୍ କରିଛନ୍ତି "

" ମୁଁ ବ୍ରତ କରିବି "

" କି ବ୍ରତ କରିବାକୁ ମନସ୍ଥ କରିଛୁ ?"

" ସାବିତ୍ରୀ ବ୍ରତ ! ତାଙ୍କ ପାଇଁ ଏ ବ୍ରତ କରିବାକୁ ମନସ୍ଥ କରିଛି ।"

" ଏଥି ପାଇଁ ତ ଦିନବାର ଅଛି । ଆଜି ଠୁଁ କାହିଁକି ଭାବୁଛୁ ?"

" ନା ବୋଉ, ସେ ଗୋଟିଏ ଦିନ ନୁହେଁ । ବର୍ଷେ ପର୍ଯ୍ୟନ୍ତ କରିବି ବୋଲି ପ୍ରତିଜ୍ଞା କରିଛି "

" କ'ଣ କହୁଛୁ ଲୋ ମା ! ବର୍ଷେ ପର୍ଯ୍ୟନ୍ତ ଏ ବ୍ରତ କରିବୁ ? ଚଳି ପାରିବୁ ? ଏ ଉପବାସ ତୋ ଦେହରେ ଯିବ ?"

" ନା ବୋଉ, କିଛି ଅସୁବିଧା ନାହିଁ । ପ୍ରତି ସପ୍ତାହରେ କେବଳ ଗୁରୁବାର ଦିନଟି ଉପବାସ କରିବି । ଅବଶିଷ୍ଟ ଦିନ ମାନଙ୍କରେ ହବିଷାନ୍ନ କରିବି । ମୋତେ ଅନୁମତି ଦିଅନ୍ତୁ "

" ଅନୁମତି ଆଦୌ ଲୋଡ଼ାନାହିଁ । ତୋର ପ୍ରତିଜ୍ଞାକୁ ମୁଁ ସମ୍ମାନ ଦେଉଛି । ଏହାତ ଧର୍ମକାର୍ଯ୍ୟ, ପୁଣି ତୋର ସ୍ୱାମୀଙ୍କ ମଙ୍ଗଳ ପାଇଁ ଏହା ଉଦ୍ଦିଷ୍ଟ । ମୁଁ ଏଥିରେ ଅସମ୍ମତ ହେବି କାହିଁକି ? ବରଂ ଶଶୁରଙ୍କୁ କହି ଆୟୋଜନ କରାଇ ଦେବି "

"ଆମେ ବୋଧହୁଏ କଟକ ବସାରେ ରହିବା ?"

" ହଁ ଶଶୁରଙ୍କ ଛୁଟି ପୁରି ଆସିଲାଣି । ନିକଟରେ କଟକ ଫେରିଯିବା "

Digitized by srujanika@gmail.com

" ମୁଁ ସ୍ଥିର କରିଛି ଏଇ ଗୁରୁବାର ଠାରୁ ଆରମ୍ଭ କରିବି । ମନ୍ଦିରକୁ ଯାଇ ଦିଅଁଙ୍କ ପାଖରେ ମୋର ସଂକଳ୍ପ ବିଷୟ ଜଣାଇ ବ୍ରତ ଆରମ୍ଭ କରିବି ।"

" ହଁ ମା, ତାହାହିଁ ହେବ । ତୋର ମନର ଦେବତାଙ୍କ ମଙ୍ଗଳ ପାଇଁ ତୁ ଯାହା କରିବାକୁ ଚାହିଁବୁ ମୁଁ ତା ପାଇଁ ସବୁ ବ୍ୟବସ୍ଥା କରି ଦେବି । ତୋ ଶଶୁରଙ୍କୁ କହି ସବୁ ଆୟୋଜନ କରିଦେବି । ଅଜିତ୍ ମଧ୍ୟ ଏ କାର୍ଯ୍ୟରେ ତୋତେ ସାହାଯ୍ୟ କରିବ "

" ନା ବୋଉ । ତାଙ୍କୁ ଏଥିରେ ପୂରାନ୍ତୁ ନାହିଁ । ସେ ତ ସବୁବେଳେ କାର୍ଯ୍ୟବ୍ୟସ୍ତ । ଠିକାଦାରୀ କାର୍ଯ୍ୟରେ ବହୁତ ଜଞ୍ଜାଳ । ବହୁ କଷ୍ଟ ସ୍ୱୀକାର କରିବାକୁ ପଡେ । ଦେଖୁନ ଏଥିପାଇଁ ତାଙ୍କ ମନରେ ସରସତା ନାହିଁ । "

" ତୁ ଠିକ୍ କହିଛୁ ମା, ମୁଁ ସବୁ ବ୍ୟବସ୍ଥା କରି ଦେବି । ତୋ ସହିତ ଶ୍ରୀମନ୍ଦିରକୁ ଯିବି । ବ୍ରତ ତୋର । ସେ ଯାଇ କ'ଣ କରିବ ? ସେ ନ ଯାଉ ।"

" ହଁ ବୋଉ । ତାହା ହିଁ ହେଉ । ମୋର ଏକାନ୍ତ ମୁହୂର୍ତ୍ତ ଦରକାର । ମୁଁ ଦିଅଁଙ୍କୁ ତାଙ୍କର ମଙ୍ଗଳ ପାଇଁ ମନଖୋଲି ମୋର ନିବେଦନ ଜଣାଇବି " ଲତାର ଆଖି ଛଳ ଛଳ ହୋଇ ଉଠିଲା । କିଶୋରର ରୂପ ତା'ର ମନ ଆକାଶରେ ପ୍ରତିବିମ୍ବିତ ହୋଇ ଉଠିଲା । ତିଳୋତ୍ତମା ଦେବୀ ଲତାର ଅଶ୍ରୁଳ ଆଖିକୁ ଦେଖି ଭାବିଲେ ଅଜିତ୍‌ର ମଙ୍ଗଳ ପାଇଁ ଲତାର ବ୍ୟାକୁଳତାର ସୀମା ନାହିଁ । ଗଭୀର ପତି ଭକ୍ତି । ଏ ପରି ପତି ପ୍ରାଣା ବୋହୂଟିଏ ଘରକୁ ଆଣି ସେ ଗର୍ବ ଅନୁଭବ କରୁଛନ୍ତି ।

ସୁରେଶ ବାବୁଙ୍କୁ ଏ ବିଷୟ ତିଳୋତ୍ତମା ଦେବୀ ଜଣାଇବାରୁ ସେ ମହା ଆନନ୍ଦରେ ସବୁ ବ୍ୟବସ୍ଥା କରାଇଲେ । ପତି ପ୍ରାଣା ଭକ୍ତି ମତୀ ବୋହୂଙ୍କ ଯୋଗୁଁ କୁଳ ଉଜ୍ଜଳ ହେବ । ଏ ଆଶା ତାଙ୍କୁ ଆନନ୍ଦରେ ଅଭିଭୂତ କରି ପକାଇଲା । ଅଜିତ୍ ସହ ଲତାର ବ୍ରତ ବିଷୟ ଆଳାପ କରିବାରୁ ସେ କୌଣସି ପ୍ରତିକ୍ରିୟା ପ୍ରକାଶ କଲା ନାହିଁ । ତିଳୋତ୍ତମା ଭାବିଲେ ନବ ବିବାହିତ ଯୁବକ ପକ୍ଷରେ ବ୍ରତାଦି କାର୍ଯ୍ୟ ଦ୍ୱିତୀୟ ଶ୍ରେଣୀର ଚିନ୍ତା । □

Digitized by srujanika@gmail.com

= ତିରିଶ =

କିଶୋର ଅନେକ ଦିନ ହେବ ଲତା-ଠାରୁ ଚିଠି ପତ୍ର ନ ପାଇ ଚିନ୍ତିତ । ମନଟା ବଣୁଆ ହୋଇ ଉଠିଛି । ବେଳେ ବେଳେ ଦୁଃଶ୍ଚିନ୍ତା ତାକୁ ଆଘାତ କରୁଛି । ବ୍ୟାକୁଳତାରେ ମନ ଭାରାକ୍ରାନ୍ତ । ଜହ୍ନ ଆଲୁଅ । ବାହାର ଆରାମ ଚେୟାରରେ ବସି କେତେ ଆକାଶ ପାତାଳ ଭାବିବାକୁ ଲାଗିଲା । ଲତା କହିଁକି ଚିଠିପତ୍ର ଦେଉନାହିଁ । ତା'ର ନୀରବତା ମୋତେ ଗୋଲକ ଧନ୍ଦାରେ ପକାଉଛି । ସେ କ'ଣ ମୋତେ ଭୂଲି ଗଲା ? ଏକଥା ଆଦୌ ବିଶ୍ୱାସ ହେଉନାହିଁ । ଯିବାପାଇଁ ରାଣ ନିୟମ ପକାଇ ଲେଖିଥିଲା । ମୋର ଅଦର୍ଶନରେ ସେ କିପରି ହୃଦୟ ଯନ୍ତ୍ରଣା ଅନୁଭବ କରୁଛି ସେ ଦୀର୍ଘ ପତ୍ରରେ ଲେଖିଥିଲା । ନିଶ୍ଚୟ ଅଭିମାନ କରି ନୀରବ ରହିଛି । ସେ କ'ଣ ଏତେ ସମୟ ଅଭିମାନ କରି ରହି ପାରିବ ? ପାଖରେ ଥିବା ସମୟରେ କେତେ ଅଭିମାନ କରେ । ମୁହଁ ଶୁଖାଇ କଥା କହେ ନାହିଁ । ମାତ୍ର ସେହି ଅବସ୍ଥାକୁ ସେ ବେଶି ସମୟ ସହ୍ୟ କରି ପାରେ ନାହିଁ । ପାଖକୁ ଆସି ହସି ହସି କହେ କିଶୋର ଭାଇ, ମୋ ଉପରେ ରାଗିଛ ? ଏହି କଥା ପଦକରେ ମନରୁ ସବୁ ବିଷାଦ, ବେଦନା ଧୋଇ ହୋଇଯାଏ । ସେତ ମୋ ପାଖରେ ଅଭିମାନ କରି ରହି ପାରିବ ନାହିଁ । ତେବେ ମଉସା, ମାଉସୀ ଚିଠି ପତ୍ର ଆଦାନ ପ୍ରଦାନକୁ ବାରଣ କରୁଛନ୍ତି ? ମଉସା' ସେ ଜଣେ ସାଧୁ ଚରିତ୍ରର ଲୋକ । ଲତା ଏକମାତ୍ର କନ୍ୟା । ପାଠ ପଢ଼ାଉଥି, ତାର ସ୍ୱାଧୀନ ମନୋଭାବ, ଆଚାର ବ୍ୟବହାରକୁ ପସନ୍ଦ କରନ୍ତି । ସେ କାହିଁକି ଆମର ଏଇ ବନ୍ଧୁତାରେ ଅନ୍ତରାୟ ହେବେ ? ସବୁ ସମୟରେ ଆମର ଆଳାପ ଆଲୋଚନା, ଯୁକ୍ତି ତର୍କ ମତପ୍ରକାଶକୁ ସୁଖ ପାଆନ୍ତି । ସମୟ ସମୟରେ ଏଥିରେ ସେ ଅଂଶଗ୍ରହଣ କରନ୍ତି । ମାଉସୀ ତ ମାତୃତ୍ୱର ଚଳନ୍ତି ପ୍ରତିମା । ନିଜର ପୁଅଠାରୁ ବଳି ମୋତେ ଆଦର ଯତ୍ନ କରନ୍ତି । ମୋତେ ନ ଖୁଆଇଲେ ତାଙ୍କୁ ଭାତ ରୁଚେ ନାହିଁ । ଲତା ଲେଖିଥିଲା - ବୋଉ ସବୁବେଳେ ତୁମକଥା ପଚାରୁଛି । ତୁମର ସ୍ୱାସ୍ଥ୍ୟ,

Digitized by srujanika@gmail.com

ରହିବା, ଖାଇବାର ସୁବିଧା ଜାଣିବାକୁ ଚାହୁଁଛି । ଲତା କେବେ ଅନ୍ତରର କଥା ଲେଖନ୍ତା ନାହିଁ । ତାହାଲେ ଲତା ଅସୁସ୍ଥ ? ଏହା ସତ୍ୟ ହୋଇଥିଲେ ସେ ମୋତେ ନିଶ୍ଚୟ ଚିଠି ବା ଟେଲିଗ୍ରାମ ଦ୍ୱାରା ଜଣାଇ ଥାଆନ୍ତା । ନା, ବିଶ୍ୱାସ ହେଉନି । ତେବେ ନୀରବ କାହିଁକି ? ଭାବି ଭାବି କିଶୋର କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରିଲା ନାହିଁ । ଘର ଭିତରକୁ ଉଠିଗଲା । ଟ୍ରଙ୍କ ଭିତରେ ଲତାର ସବୁ ଯାକ ଚିଠି ସଯତ୍ନରେ ଥୁଆ ହୋଇଛି । ଛାତି ଉପରେ ଭିଡି ଧରିଲା । ଘନ ଘନ ଚୁମ୍ବନ କଲା, ଲତାର ସ୍ପର୍ଶ ଅନୁଭବ କଲା । ଗୋଟି ଗୋଟି ସବୁ ଚିଠି ପଢ଼ିଲା । ଯେତେ ଗୁଡିଏ ଆଶଙ୍କା ତା' ମନକୁ ବିଚଳିତ କରୁଥିଲା ତା'ର କୌଣସି ଆଭାସ ସେଥିରୁ ମିଳିନାହିଁ । ଚିଠିର ପତ୍ରେ ପତ୍ରେ ପ୍ରଣୟ ଭରା ପ୍ରୀତିପୁଷ୍ପର ସୁଗନ୍ଧ ସବୁ ଅକ୍ଷୂର୍ଣ୍ଣ, ଅମ୍ଳାନ ରହିଛି । ଶୋଇବାକୁ ଚେଷ୍ଟାକରି କିଶୋର ଶୋଇ ପାରିନି । ନିଦ ଯେପରି ତା' ସହିତ ଅସହଯୋଗ କରିଛି । ଏ ନିର୍ବେଦରୁ ଉଦ୍ଧାର ପାଇଁ ଉପାୟମାନ ଚିନ୍ତା କଲା । ପନ୍ଦର ଦିନ ଛୁଟି ନେବ । ଲତାକୁ ଦେଖିବ । ତାର ନୀରବତା କଥା ବୁଝିବ କିମ୍ବା ଅନ୍ୟ କୌଣସି କାରଣରୁ ଚିଠି ପତ୍ରର ଆଦାନ ପ୍ରଦାନ ବନ୍ଦ ବିଷୟ ଅନୁ ସନ୍ଧାନ କରିବ ।

ତହିଁ ପରଦିନ ଅଫିସରେ ପନ୍ଦରଦିନ ଛୁଟି ପାଇଁ ଦରଖାସ୍ତ ଦେଲା । ପରିଚାଳକ ତା' କାମରେ ସନ୍ତୁଷ୍ଟ । ତେଣୁ ଛୁଟି ମଞ୍ଜୁର ହୋଇଗଲା । କିଶୋରର ସେ ଚିଠି ବିଷୟ ଅଫିସର ବଡ ବାବୁ କିଛି କହିଲେ ନାହିଁ । କାରଣ କିଛି ଦିନ ପରେ ମନେ ପଡିବାରୁ ଚିଠିର ସନ୍ଧାନ ନେଲେ । ମାତ୍ର ତାହା ଆଉ ମିଳିଲା ନାହିଁ । ନିଜର ଅବିବେକତା ଓ ଅବହେଳାକୁ ଗୋପନ ରଖିଲେ । କିଶୋର ଯେପରି ଟାଣୁଆ ଲୋକ ତାଙ୍କର ଏ ଅବହେଳାକୁ କ୍ଷମା ଦିଅନ୍ତେ ନାହିଁ । ନୀରବତା ଶ୍ରେୟସ୍କର ଭାବି ବଡବାବୁ ଚୁପ୍ ରହିଲେ । ନିୟତିର ଗତି ଅତି ବିଚିତ୍ର ।

ଘରକୁ ଫେରିବା ପାଇଁ ପ୍ରସ୍ତୁତି । ଯାତ୍ରା ପାଇଁ ଆୟୋଜନ । ଜିନିଷ ପତ୍ର ସଂଗ୍ରହ । ସୁଟକେଶ୍‌ରେ ସଜାଡି ରଖିବାରେ ବ୍ୟସ୍ତ । ରାଞ୍ଚିରୁ କାଠ ତିଆରି ଜିନିଷ,

Digitized by srujanika@gmail.com

ଧାନବାଦରୁ ସଂଗୃହିତ ସୁନ୍ଦର ଦୃଶ୍ୟପଟର ଆଲବମ୍ ସହ କେତେଖଣ୍ଡି ବହି, ଲତାପାଇଁ କିଣିଥିବା ଭାଗଲପୁରୀ ସିଲକୀ ଶାଢ଼ୀ ଓ ବ୍ଲାଉଜରେ ସୁଟକେଶ ଭରି ହୋଇଗଲା । ରାଞ୍ଚିରେ କଲିକତା ସନ୍ଦେଶ ଓ ସୀତାଭୋଗ ପ୍ରସିଦ୍ଧ । ମଉସା, ମାଉସୀ, ଲତା, ପିଲାମାନେ ମିଠା ଖାଇବାକୁ ଭଲ ପାଆନ୍ତି । ଏଥିପାଇଁ ସନ୍ଦେଶ ଓ ସୀତାଭୋଗକୁ ଟିଫିନ କେରିୟେରରେ ଭରି ରଖିଲା । କଟକ ଫେରିବ, ଲତାକୁ ଦେଖିବ । ବହୁଦିନ ପାଖଛଡା ହୋଇ ରହିବା ଯୋଗୁଁ ମନରୁ ସବୁ ବ୍ୟଥା ଦୂର କରିବ । ଲତା ସହ ଖୁସି ଗପ କରିବ । ମିଳନ ଉପହାର ଗୁଡିକ ଲତାକୁ ଆନନ୍ଦ ଦେବ । ଏହି ଭାବନାରେ ତା'ର ଘର ବାହୁଡା ମୁହୂର୍ତ୍ତ ଗୁଡାକ କ୍ଷିପ୍ର ଗତିରେ ଅତୀତର ଗହ୍ୱରକୁ ପକାଇବାରେ ଲାଗିଛନ୍ତି ।

ଗାଡି ଅଳ୍ପ ସମୟ ମଧ୍ୟରେ ଉପସ୍ଥିତ ହୋଇଯିବ । ବିଳମ୍ବ ନ କରି ବାହାରି ପଡିଲା କିଶୋର । ଠିକ୍ ସମୟରେ ଗାଡି ଛାଡିଲା ରାଞ୍ଚି ଷ୍ଟେସନରୁ । ସମୟ ରାତି ୮ ଘଣ୍ଟା । ଝରକା ପାଖ ସିଟରେ ବସିଛି କିଶୋର । ଅନାଗତ ଭବିଷ୍ୟତ ପାଇଁ ଚିନ୍ତାରେ ମନ ତା'ର ବୁଡି ରହିଛି । ଚତୁର୍ଦ୍ଦିଗରେ ଉନ୍ମୁକ୍ତ ପୃଥିବୀ ବକ୍ଷରେ ବନାନୀର ଶ୍ୟାମକାନ୍ତ ଛବି । ସମ୍ମୁଖ ଭାଗରୁ ଚଞ୍ଚଳ ପବନର ସ୍ପର୍ଶରେ ସବୁ ଶାନ୍ତି ଘୁଞ୍ଚି ଯାଉଛି । ଦୂର ଆକାଶର କୋଣରେ ଉଜ୍ଜ୍ୱଳ ତାରାଟିଏ ସତେ ଯେପରି ବିଦ୍ରୁପ କରୁଥିଲା କିଶୋରର ଭାବନାକୁ । କିଶୋର ଜାଣି ପାରେ ନାହିଁ । □

= ଏକତ୍ରିଂଶ =

ସୂର୍ଯ୍ୟ ସେତେବେଳକୁ ପଶ୍ଚିମ ଆକାଶକୁ ନଇଁ ଆସିଲେଣି । ଅଜିତ ବାବୁ ଜଳଖିଆ ଖାଇସାରି ପଲଙ୍କ ଉପରେ ବସିଲେ । ହାତରେ ଖଣ୍ଡିଏ ସିଗାରେଟ ମଝିରେ ମଝିରେ ସେଥିରୁ ଧୂଆଁ ଟାଣି ଦେଇ ଆରାମରେ ସେ ଧୂଆଁକୁ ଛାଡୁଥାନ୍ତି ଉପରକୁ ।

Digitized by srujanika@gmail.com

ସିଗାରେଟର ଧୂଆଁ ବକ୍ରଗତିରେ ଖେଳି ଖେଳି ଉପରକୁ ଉଠୁଥାଏ । ବାୟୁ ଦେହରେ ମିଶୁଥାଏ । ଠିକ୍ ଦୁଇଟି ମିଳିତ କଣ୍ଠର ଗୀତ ଲହରି ପରି । ସେ ଲତାକୁ ପାଖକୁ ଡାକିଲେ । ପଲଙ୍କ ବାଡକୁ ଧରି ଛିଡା ହେଲା ଲତା । ଅଜିତ ଆରମ୍ଭ କଲା ।

" ଲତା, ଆଜି ସମୁଦ୍ର କୂଳ ଆଡେ ବୁଲିଗଲେ ହୁଅନ୍ତାନି ? " ଲତା ସମ୍ମତି ଜଣାଇଲା ।

" ଲୁଗା ବଦଳାଇ ଆସ । ମୁଁ ପ୍ରସ୍ତୁତ ହେଉଛି ।"

" କିନ୍ତୁ ଗୋଟିଏ କଥା, କାରରେ ତ ଯିବା ଅସୁବିଧା କିଛି ନାହିଁ । ଦେଉଳକୁ ଗଲେ ହୁଅନ୍ତାନି ?"

" ନା ଅସୁବିଧା କିଛି ନାହିଁ ।"

" ମୁଁ ଦିଅଁଙ୍କ ପାଇଁ କିଛି ଭୋଗ ସାମଗ୍ରୀ ନେଇଯିବି । ଭୋଗ କରି ସାରି ସମୁଦ୍ର ଆଡେ ଯିବା । ମୁଁ ଭୋଗ ଧରିଥିବି । ତେଣୁ ପଛସିଟରେ ଏକାକୀ ବସିବି । ତମେ ଡ୍ରାଇଭ କରିବ ।"

" ହେଉ, ତମ କଥା ହେଲା " ଅଜିତ କଥାରେ ନିରାଶାର ସ୍ୱର । ସେ ଶୀଘ୍ର ବାହାରି ପଡ କହି ଗାଡି ରଖିବାକୁ ଡ୍ରାଇଭରକୁ କହିଲେ । କିଛି ସମୟ ପରେ ଲତା ବେଶ ଭୂଷା ହୋଇ ବାହାରକୁ ଆସିଲା । କି ସୁନ୍ଦର ରୂପ, ପତର ସୂନା ପରି ଗୋରା ଦେହ । ନୀଳକଇଁର ପାଖୁଡା ପରି ଦୁଇଟି ଆଖି । ମୁଣ୍ଡରେ କୁଞ୍ଚିତ କେଶ ଗୁଡିକ କଳା ଭଅଁର ଠାରୁ ଅଧିକ କଳା । ଗୋଲାପୀ ମୁହଁ ଉପରେ ଚୂର୍ଣ୍ଣକୁନ୍ତଳ ଗୁଡିକ ଫର ଫର ହୋଇ ଉଡିଲା ବେଳେ ମନେ ହୁଏ ସତେ ଯେପରି କଳା ଭଅଁର ଗୁଡିକ ସୁଖ ପଦ୍ମରୁ ମହୁ ଚାଖିବା ପାଇଁ ଚାରିପାଖେ ଉଡି ବୁଲୁଛନ୍ତି । ସରୁ ଭ୍ରୁଲତା ଦୁଇଟି ଇନ୍ଦ୍ର ଧନୁପରି ଶୋଭା ପାଉଛି । ବଳିଲା ପରି ଦେହ । ଅଳଙ୍କାର ବେଶୀ ନ ଥିଲେ ବି ମନୋହର ହୋଇ ଉଠିଛି ପିନ୍ଧିଲା ଶଢ଼ୀ ବ୍ଲାଉଜ୍‌ର ପରି ପାଟୀରେ । କର୍ଣ୍ଣାଭରଣ ଦେହରେ ଅନେକ ତାରାର ପ୍ରତିବିମ୍ବ । ସେତେବେଳେ ଲତାକୁ ଚାହିଁ

Digitized by srujanika@gmail.com

ଦେଲେ ମନେ ହେଉଛି ସତେ ଅବା ସତୀତ୍ୱ, ମାତୃତ୍ୱ, ଦୟା, କ୍ଷମା, ସଂଯମ, ସଚେତନତା ଏକାଠି ଗୋଟିଏ ଦେହରେ ଅବସ୍ଥାନ କରୁଛନ୍ତି । ଏହା ସତ୍ତ୍ୱେ ଏ ସୁଷମାକୁ ଯେପରି ଅତି ସୂକ୍ଷ୍ମ ପାତଳ ବିଷାଦର ପରଦାଟିଏ ଢ଼ାଙ୍କି ରଖିଛି । ମନ ତଳେ ତଳେ ଗୋଟିଏ ଅଭାବର ଝଡ ଝଞ୍ଜା ବୋହୁଛି । ସବୁ ଯାଇଛି । ଯାହା ଅଛି ତାହା କେବଳ ଗୋଟିଏ ବିଗ୍ରହ, ଲାଳସାର ଅର୍ଘ୍ୟ ।''

ସେତେବେଳକୁ ଅଜିତ ବାବୁ ମଧ୍ୟ ପୋଷାକ ପିନ୍ଧି ସାରିଥିଲେ । ଡ୍ରାଇଭର ଗାଡି ସଜକରି ଯଥା ସ୍ଥାନରେ ରଖିଦେଇ ଆଦେଶକୁ ଅପେକ୍ଷା କରିଛି । ବାବୁ ମଟରରେ ବସି ଷ୍ଟିଅରିଂ ଧରି କହିଲେ - '' ମୁଁ ଡ୍ରାଇଭ କରିବି '' ଡ୍ରାଇଭର ଏବେ ସବୁ ବୁଝି ପାରିଲା । ଲତା ଭୋଗ୍ ସାମଗ୍ରୀ ଧରି ପଛ ସିଟରେ ଏକାକୀ ବସିଲା । କାରଟି ସୀମିତ ଗତିରେ ଆଗକୁ ଚାଲିଥାଏ । ରାସ୍ତାର ଦୁଇ ପାଖରେ ଝାଉଁ ଗଛ ଗୁଡିକ ପ୍ରହରୀ ପରି ଛିଡା ହୋଇ ଥାଆନ୍ତି । ସମୁଦ୍ର ଉପରୁ ପବନ ବୋହି ଆସି ଗହଳ ପତ୍ର ଦେହରେ ଆଘାତ କରିବାରୁ ଗୁଣୁ ଗୁଣୁ ହୋଇ ଗୀତ ବୋଲିଲା ପରି ଶୁଣାଯାଏ । ବାଟରେ ଯାଉଁ ଯାଉଁ ଲତା ସବୁଠି ଆଖି ପକାଉଥାଏ । କେତେ ଘର, କୋଠ, ଦୋକାନ, ବଗିଚା, ଗଛମାଳ ପାର ହୋଇ ଦୋଳ ମଣ୍ଡପ ସାହି ଭିତର ଦେଇ କାର ବଡଦାଣ୍ଡ ଧରିଲା ।

ବଡ ଦାଣ୍ଡରେ ସବୁଦିନେ ଲୋକଙ୍କ ଭିଡ । ସେଦିନ କ'ଣ ଗୋଟାଏ ପର୍ବ ଥାଏ । ତେଣୁ ଲୋକ ଗହଳି ବଢ଼ି ଯାଇଛି । ଅଜିତ ଲତାକୁ କାରରୁ ଓହ୍ଲାଇ ଦେଲା । ଲତା ଶ୍ରୀମନ୍ଦିରକୁ ଯାଇ ଦଅଁଙ୍କ ପାଖରେ ଭୋଗ ଲଗାଇଲା । ଗରୁଡ ସ୍ତମ୍ଭପାଖରେ ଦୀପଦାନ ପରେ କିଛି ସମୟ ବସିଲା । ପ୍ରଭୁ ଜଗନ୍ନାଥଙ୍କୁ ମନର ବେଦନା ଜଣାଇ ପ୍ରର୍ଥନା କଲା । ପ୍ରାର୍ଥନା ଭିତରେ ନିଜର ବ୍ରତ ଏବଂ କିଶୋରର ମଙ୍ଗଳ କାମନା ହିଁ ଏକମାତ୍ର କାମନା । ଲତା ପ୍ରାର୍ଥନା ପରେ ଫେରି ଆସିଛି ଅଜିତ ପାଖକୁ । କାରରେ ନିଜ ସ୍ଥାନରେ ଯାଇ ବସିଲା । କାର ଚାଲିଲା ସମୁଦ୍ର ବେଳା ଅଭିମୁଖେ । ରାସ୍ତାର

Digitized by srujanika@gmail.com

ଦୁଇ ପାଖରେ କେତେ ରୋଗୀ, ଭୋକୀ, ଶୋଷୀ, ପଡି ରହିଛନ୍ତି । ସେମାନଙ୍କ ମଧ୍ୟରେ କୋଷ୍ଠ ରୋଗୀଙ୍କ ସଂଖ୍ୟା କମ୍ ନୁହେଁ । କେତେ କୋଷ୍ଠ ରୋଗୀଣୀଙ୍କ ପାଖରୁ ଛୋଟ ଶିଶୁମାନେ ସ୍ତନ୍ୟପାନ କରୁଛନ୍ତି । କେତେ ଭଲପିଲା ସେମାନଙ୍କ ପାଖରେ ବସି ଖେଳରତ । ଭିକାରୀ ମାନେ ହାତ ଉପରକୁ ଟେକି ମା, ବାପା, ବାବୁ ବାବୁ କହି ମାଗୁଛନ୍ତି । ସେମାନଙ୍କ କୋଡରେ ମଇଳା ଲୁଗାକାନିରେ ପଡିଛି କେତେଗୋଟି ପଇସା ସାଙ୍ଗକୁ କେତେ ମୁଠି ଚାଉଳ । କେତେ ରୋଗୀ, ବିକଳାଙ୍ଗ, ଅନ୍ଧ, ଛୋଟା, କାଲ, କୁଜା, କଣା, ବାମନ ରାସ୍ତାର ଦୁଇ ପାଖରେ ପଡିରହି ନାନା ପ୍ରକାର ଉପାୟ, ଚିତ୍କାର, କ୍ରନ୍ଦନ, ଛଳରେ ମାଗୁଛନ୍ତି । ସେମାନଙ୍କ ଆର୍ତ୍ତନାଦରେ ରାସ୍ତା କୋଳାହଳମୟ । ସେମାନଙ୍କୁ ଦେଖିଲେ ମନେ ହେବ ସତେ ଯେପରି ସେମାନେ ବିଶ୍ୱ ସ୍ରଷ୍ଟାଙ୍କ ଅନାବଶ୍ୟକ ସୃଷ୍ଟି ବା' ରୋଗ ଦେବତାଙ୍କ ଚିତ୍ରଶାଳାର ବିଭିନ୍ନ ରୂପର ଚିତ୍ର ସେମାନଙ୍କ ଦେହ । ଭୂମି ଉପରେ ଜୀବନ ଓ ମରଣର ସଂଗ୍ରାମ ଅବ୍ୟାହତ ରହିଛି ।

ଲତା ଏ ସବୁ ଦୃଶ୍ୟ କେବେ ଦେଖି ନ ଥିଲା । ଯନ୍ତ୍ରଣା, ଦୁଃଖ, ଦୈନ୍ୟର ଏ ନଗ୍ନ ରୂପ କେବେ ତା' ଆଖିରେ ପଡି ନାହିଁ । ସେମାନଙ୍କ ଉପରେ ଦୃଷ୍ଟି ପଡିବା ମାତ୍ରେ ଆଖି ଛଳ ଛଳ ହୋଇ ଉଠିଲା । ତା'ର ନାରୀ ହୃଦୟ ଭାଙ୍ଗି ପଡିଲା କରୁଣାରେ । ଦୟାର୍ଦ୍ର ଚିତ୍ତରେ ସେ ଭାବିବାକୁ ଲାଗିଲା । ''ଏମାନଙ୍କର କ'ଣ କେହି ସାହା ନାହିଁ ? ଏମାନଙ୍କର ସୁନ୍ଦର ମଣିଷ ଜୀବନ କ'ଣ ଏ ଧୂଳିରେ ଗଡିଯିବାକୁ ସୃଷ୍ଟି ? ଉଦ୍ଦେଶ୍ୟ ବିହୀନ ଏମାନଙ୍କ ବଞ୍ଚିବା ? ମଣିଷ କ'ଣ ଜନ୍ମ ହୋଇଥାଏ କେବଳ ଅର୍ଥହୀନ ଭାବରେ ବଞ୍ଚିବା ପାଇଁ ? ପେଟର ଜ୍ୱାଳା ନିଭେଇବା ପାଇଁ ? ମୁହୂର୍ତ୍ତକ ମଧ୍ୟରେ ତାର ମନ ବିଦ୍ରୋହୀ ହୋଇ ଉଠିଲା । ଏଇତ ମଣିଷ ସମାଜ ? ଗୋଟାଏ ପାଖରେ ସ୍ୱାର୍ଥର ମଧୁପାର୍ବତ ଓ ଅନ୍ୟ ପାଖରେ ଦଳିତ ନିରନ୍ନ କାଙ୍ଗାଳ, ନିବସ୍ତ୍ରଙ୍କର ଯାଦୁଘର । ଏ ଦେଶ ଦେବଭୂମି ନାମରେ ପରିଚିତ । ଏଠାରେ ରକ୍ତ

Digitized by srujanika@gmail.com

ଭଗବାନଙ୍କର ନିବିଡ ସଂପର୍କରେ ଧୂପ, ଦୀପ, ନୈବେଦ୍ୟର ଆଡମ୍ବର ମଧ୍ୟରେ ଦେବତାର ଆରତି ବଢ଼େ । ମନରେ ଦିବ୍ୟ ଭାବନା ସୃଷ୍ଟି ପାଇଁ ଏ ପୂଜା ଆରଧନାର ଏ ସବୁ ଯୋଗ୍ୟ ଉପାୟନ । ଦୁଃଖୀ ରଙ୍କିର ସେବା, ଧର୍ମ କାର୍ଯ୍ୟ, ପୂଣ୍ୟାର୍ଜନ ପାଇଁ ଉଦ୍ଦିଷ୍ଟ । ମନ୍ଦିର ଭିତରେ ପାଷାଣ ପାଲଟିଛନ୍ତି ଦେବତା। ବାହାରେ ଏମାନଙ୍କର ଆର୍ତ୍ତସ୍ୱରରେ ଗଗନ ପବନ ମୁଖରିତ । ଲତା ଆଉ ଭାବି ପାରିଲା ନାହିଁ । ଅଜିତ ବାବୁଙ୍କୁ ଶୀଘ୍ର ମଟର ଚଳାଇ ସମୁଦ୍ର କୂଳକୁ ଯିବା ପାଇଁ କହିଲା । ଗାଡି ଚାଲିଲା ବେଳାଭୂମି ଆଡେ ।

ସମୁଦ୍ରର ବେଳାଭୂମି ମହୋଦଧିତଟ । ସମ୍ମୁଖରେ ଅନନ୍ତ ଜଳରାଶୀ । ନୀଳ ଲହରୀର ଭୀମକାନ୍ତ ରୂପ ମନରେ ଶାନ୍ତି ଓ ପବିତ୍ରତା ଭରି ଦେଉଛି । କବି ଭାବୁକଙ୍କର କଥା ଦୂରେ ଥାଉ । ସାଧାରଣ ଲୋକର ହୃଦୟ ମଧ୍ୟ କବିତା ମୟ ହୋଇ ଉଠୁଛି । ଶତ ଶତ ବିଦେଶୀ ଯାତ୍ରୀ, ନରନାରୀ, ଯୁବକ- ଯୁବତୀ, ପ୍ରେମିକ-ପ୍ରେମିକା, ବାଳକ-ବାଳିକା ବେଳାବାଳି ଉପରେ ଆନନ୍ଦରେ ଆତ୍ମହରା ହୋଇ ଭ୍ରମଣ କରୁଛନ୍ତି । କେହି କେହି କୌତୁକୀ ହୋଇ ବାଲି ଉପରେ ରେଖାଚିତ୍ର ଆଙ୍କି ପକାଉଛନ୍ତି । ପରକ୍ଷଣରେ ସମୁଦ୍ରରୁ ଢେଉଆସି ସେ ସବୁ ନିଏଉଇ ଦେଇ ଯାଉଛି । ଏ ମାଟି ପୁରରେ ସମସ୍ତ କ୍ଷଣିକ, କିଛି ସ୍ଥାୟୀ ନୁହେଁ । ପଶ୍ଚିମାକାଶରେ ସୂର୍ଯ୍ୟଙ୍କର ଆରକ୍ତ କିରଣ ସୃଷ୍ଟି କରିଛି ସତବର୍ଗ ମର୍ତ୍ତର ମିଳନ ପର୍ବ, ଅପରୂପ ଶୋଭା, ମନୋଜ୍ଞା ସନ୍ଧ୍ୟା, ଦୁଇଟି ଆଖିରେ ସମସ୍ତେ ଯେପରି ପ୍ରକୃତିର ରୂପ ମଦିରା ପାନ କରିବା ପାଇଁ ବ୍ୟାକୁଳ । କିଏ କାହାରି ପାଇଁ ଅପେକ୍ଷା ରଖୁନାହିଁ । ସମସ୍ତେ ସୌନ୍ଦର୍ଯ୍ୟ ଉପଭୋଗରେ ମଜି ଯାଇଛନ୍ତି । ସମସ୍ତଙ୍କର ତେଲ ଲୁଣ ସଂସାରର ଜଞ୍ଜାଳ ପଡି ରହିଛି ପଛରେ । ଅନେକ ଦୂରରେ ।

ଲତା ଅଜିତକୁ ଧରି ମଟର କାରଟି ଗଡିଲା ସମୁଦ୍ର କୂଳକୁ । ଦକ୍ଷିଣ ପାର୍ଶ୍ୱରେ ସ୍ୱର୍ଗଦ୍ୱାର । ମଶାଣୀ ଉପରେ ଲତାର ଦୃଷ୍ଟି ପଡିଲା । ନରକଙ୍କାଳ, ଦରପୋଡା ଚିତା

Digitized by srujanika@gmail.com

କାଠର ଛୋଟ ପାହାଡ, ପାଉଁଶ ଗଦା, ଭଙ୍ଗା ଦଦରା କଳସୀ, ଛିଡା ଲୁଗା, ଛିଡା ମଶିଣା, ବାଉଁଶ ଖଣ୍ଡମାନ ମଶାଣୀ ଭୂଇଁକୁ ବିକଟ କରିଛି । ଅଳ୍ପଦୂରରେ ଅଧା ନିଭା ନିଆଁ । ସେ ସବୁ ଧୂଆଁ ଉଠୁଛି ଉପରକୁ ଧୀର ଅଳସ ଗତିରେ । ଲତା ମନରେ ଭାବାନ୍ତର । ଏହିତ ସ୍ୱର୍ଗ ଦ୍ୱାର ? ଯେଉଁଠି ଜୀବନର ସବୁ 'ମାନେ' ଶେଷହୁଏ,ସବୁ ଯାଏ । ରହିଯାଏ କେବଳ ପାଉଁଶ, ଛିଡା ମଶିଣା, ହାଡମାଳ, ଭଙ୍ଗା ମାଠିଆ, ଏଗୁଡିକ ଜୀବନର ପୂର୍ଣ୍ଣଛେଦ । କାଳର ସ୍ୱର୍ଣ୍ଣ ହସ୍ତାକ୍ଷର । ଅନତି ଦୂରରେ ଯେତେବେଳେ ରତ୍ନାକର ମାୟାର ଜାଲ ରଚନା କରି ଜାତି, ଧର୍ମ, ବର୍ଣ୍ଣ, ବୟସ ନିର୍ବିଶେଷରେ ସମସ୍ତଙ୍କ ଆଖିରେ ମାଦକତା ଭରି ଦେଇଛି ସେତେବେଳେ ତା' ପାଖରେ ନିଷ୍ଠୁର କାଳର ବିକଟାଳ ରୂପ ଆଙ୍ଗୁଠି ଦେଖାଇ ସୂଚାଇ ଦେଉଛି ସବୁଯାଏ । କେବଳ ରହେ ମୁଠାଏ ପାଉଁଶ । ଜୀବନର ଶେଷ ଅଧ୍ୟାୟ ।

ଲତା ଅନ୍ୟ ଦିଗକୁ ଆଖି ପକାଇଲା । ଅଜିତ ବାବୁ ଧୀରେ ଧୀରେ କାର ଚଳାଉ ଥାଆନ୍ତି । କେତେ କଥା ତାଙ୍କ ମନରେ ଉଙ୍କି ମାରୁଥାଏ । କିନ୍ତୁ କୌଣସି କଥା ଲତାକୁ ସାହସ କରି କହି ପାରୁ ନ ଥାନ୍ତି । ପଛ ସିଟରୁ ଲତା କହିଲା -

" ଏବେ ଘରକୁ ଫେରିଯିବା "

" ତୁମକୁ କ'ଣ ପୁରୀ ସମୁଦ୍ର କୂଳର ସୌନ୍ଦର୍ଯ୍ୟ ଭଲ ଲାଗୁନାହିଁ ? " ଅଜିତ କଥାରେ ବିସ୍ମୟ ।

" ବହୁତ ଭଲ ଲାଗୁଛି । ତେଣେ ବୋଉ ବ୍ୟସ୍ତ ହେଉଥିବେ । ଚାଲନ୍ତୁ ଫେରିବା " ଲତା କହିଲା ।

ଅଜିତ୍ ବାଧ ହୋଇ ଗାଡି ମୁହାଁଇଲା ଘର ଆଡକୁ । ଲତା ସହ ରସିକତା କରି ତା'ର ମନ କିଣିବାକୁ ସେ ଯେଉଁ କଳ୍ପନା କରିଥିଲେ ତାହା ସେହି କଳ୍ପନାରେ ରହିଗଲା ।

Digitized by srujanika@gmail.com

ଲତା ଘରେ ପହଞ୍ଚିବା ପରେ ଶାଶୁଙ୍କ କଥା ବୁଝିଲା । ଲୁଗା ବଦଳାଇ ଶୋଇବାକୁ ଗଲା । ଦେହ ଭଲ ଲାଗୁନାହିଁ କହି କିଛି ଖାଇଲା ନାହିଁ । ବିଛଣାରେ ପଡି ରହିଛି । ସେ ଦୁଃଖୀ ରଙ୍କୀ, ଭିକାରୀ ମାନଙ୍କ ଦୃଶ୍ୟପଟ ତା' ଆଖି ସାମନାରେ ଯେପରି ନିଶ୍ଚଳ ହୋଇ ଯାଇଛି । ବିଶେଷତଃ ସେ ଭିକାରୀ ମାନଙ୍କ ଛୋଟ ଛୋଟ ଶିଶୁଙ୍କ ଅବସ୍ଥା ତାକୁ ବିବ୍ରତ କରି ପକାଇଲା । ଏମାନେ ତ ଏ ଦେଶର ଭବିଷ୍ୟତ । ଭବିଷ୍ୟତ ବଂଶଧର କିନ୍ତୁ ଆଜି ଏମାନେ ଅବହେଳିତ । ଏ ନିଷ୍ପାପ ଶିଶୁ ଗୁଡିକ ଅନ୍ଧ ସମାଜର ନିଷ୍ଠୁରତାର ଶରବ୍ୟ ହୋଇଉଠିଛନ୍ତି । ଏମାନଙ୍କର ଭବିଷ୍ୟତ ନାହିଁ । ମନେ ପଡିଲା ଗାନ୍ଧୀଜୀଙ୍କର " ଟ୍ୟାଲିସ୍ ମ୍ୟାନ୍ " କଥା । ତୁମେ ଦେଖିଥିବା ଦରିଦ୍ରତମ ଲୋକର ମୁହଁକୁ ସ୍ମରଣ କର ... ଇତ୍ୟାଦି । ଧୀରେ ଧୀରେ ତା'ର ମନ ଆକାଶରୁ ଅନିଶ୍ଚିତତାର କଳାମେଘ ଅପସରି ଯିବାକୁ ଆରମ୍ଭ କଲା । ଜୀବନର ଲକ୍ଷ୍ୟ ଯେପରି ସ୍ଥିର ହୋଇ ଆସୁଛି । କିଶୋର ସହିତ ପୁରୀଠାରେ ଶିବିରରେ ଯୋଗ ଦେଇଥିବା ସମୟରେ କଥା ତା'ର ସ୍ମରଣ ହେଲା । ନିରାଶାର ଅନ୍ଧକାର ଭିତରୁ ଆଶାର ଆଲୋକ ରେଖା ସେ ଦେଖି ପାରିଲା । ସ୍ପଷ୍ଟ ଭାବନାର ଅନୁଭବ କଲା । ତା'ର ଆତ୍ମବଳ ଯେପରି କ୍ରମେ ଜମାଟ ବାନ୍ଧି ଆସୁଛି । " ଏମାନଙ୍କର କ'ଣ ଭବିଷ୍ୟତ ନାହିଁ । ଏହି କଥା ଗୁଡିକ ତା'ର ଅନ୍ତରର ଗଭୀରତମ ପ୍ରଦେଶରେ ବାରମ୍ବାର ପ୍ରତିଧ୍ୱନିତ ହେବାକୁ ଲାଗିଲା । □

= ବତ୍ରିଶ =

କଟକ ଷ୍ଟେସନରେ ଗାଡି ପହଞ୍ଚିଲା ସକାଳ ୧୦ଟା ୧୫ ମିନିଟରେ । ନିର୍ଦ୍ଦିଷ୍ଟ ସମୟଠାରୁ ଅଧଘଣ୍ଟାଏ ବିଳମ୍ବରେ ଗାଡି ପହଞ୍ଚିଛି । ଗାଡିରୁ ଓହ୍ଲାଇ କିଶୋର ଲତା ପାଖକୁ ଯିବାକୁ ଅସ୍ଥିର । ତାକୁ ଦେଖିଲେ ପିଣ୍ଡରେ ପ୍ରାଣ ପଶିବ । ରିକ୍ସାବାଲାକୁ

Digitized by srujanika@gmail.com

କହିଲା ଚାଲ କ୍ୟାଣ୍ଟନ ମେଣ୍ଟ ରୋଡ ନିଜାରତ ଅଫିସରଙ୍କ ଘରକୁ । ଶୀଘ୍ର ପହଞ୍ଚାଇ ଦେଲେ ଅଧିକ ପଇସା ମିଳିବ । " ହେଉ ବାବୁ ପହଞ୍ଚାଇ ଦେବି " କହି ରିକସା ବାଲା ରିକ୍ସା ଚଳାଇଲା ଖୁବ ବେଗରେ ।

ରିକ୍ସାର ଲୁହାଚକ ଗଡି ଚାଲିଛି କ୍ୟାଣ୍ଟନ ମେଣ୍ଟ ରୋଡ ଉପରେ । ମାତ୍ର କିଶୋରର ଭଗ୍ୟଚକ୍ର କେଉଁଆଡେ ଗଡି ଚାଲିଛି ତାହା ସେ ଜାଣି ପାରିନି । ମଣିଷ ପାଇଁ ଭବିଷ୍ୟତର ଅନ୍ଧାରିଆ ଗୁହା ଭିତରେ ପାରିଜାତ ନା ବିଷାକ୍ତ ଫଣୀ ରହିଛି ତାହା ସେ ଜାଣି ପାରେ ନାହିଁ । ସେ ଆକାଶ କୁସୁମ ତୋଳୁଥିବା ସମୟରେ ଅଦୃଶ୍ୟ ଦେବତା ଜୋରରେ ହସି ଉଠେ ।

ରିକ୍ସା ବିନୋଦ ବାବୁଙ୍କ ଫାଟକ ପାଖରେ ପହଞ୍ଚିଲା । କିଶୋରର ଛାତି ଭିତରର ଫୁସ୍ ଫୁସ୍ କମାର ଶାଳର 'ଭାତି' ପରି ଉଠ ପଡ ହେଉଥାଏ । ସେ ରିକ୍ସା ବାଲାକୁ ସନ୍ତୁଷ୍ଟ କରି ବିଦାୟ ଦେଲା । ସୁଟକେଶ୍‌ଟି ହାତରେ ଧରି ବିନୋଦ ବାବୁଙ୍କ ବାରଣ୍ଡାକୁ ଉଠି ପଡିଲା । ସେତେବେଳକୁ ସମୟ ପ୍ରାୟ ଏଗାରଟା ହେବ । ନିଜାରତ ବାବୁ ଅଫିସକୁ ବାହାରି ଗଲେଣି । ବସାରେ ଏକ ମାତ୍ର ମନୋରମା ଦେବୀ, ଚାକର, ଚାକରାଣୀ । କିଶୋରର କ୍ଷୁଧିତ ଆଖି ଦୁଇଟି ବିଜୁଳି ବେଗରେ ଚାରିଆଡେ ବୁଲି ଆସିଲା ମୁହୂର୍ତ୍ତକ ମଧରେ । କିନ୍ତୁ ଲତା କାହିଁ ? ପ୍ରାଣର ଆବେଗ ବଢ଼ି ଚାଲିଲା । ଧମନୀରେ ଝଡର ଆଘାତ ଅନୁଭବ କଲା । ଆଗ ପଛ କିଛି ଚିନ୍ତା କରି ପାରିଲା ନାହିଁ । ଘର ଭିତରକୁ ପଶି ଯାଇ ମାଉସୀଙ୍କୁ ପ୍ରଣାମ କଲା । ମନୋରମା କିଶୋର ମୁଣ୍ଡରେ ହାତ ବୁଲାଇ କହିଲେ - " ଏତେ ଦିନେ ମନେ ପଡିଲା ପରା, ଦେହ ପା ଭଲ ଅଛି ତ ?" ତଥାପି ଲତା କଥା କିଛି କହୁ ନାହାଁନ୍ତି ।

" ହଁ ମାଉସୀ ମୁଁ ଭଲ ଅଛି " ତାଙ୍କ ପାଟିରୁ କଥା ଛଡାଇ ନେଇ ଉତ୍ତର ଦେଲା କିଶୋର ।

Digitized by srujanika@gmail.com

" ଘରୁ ଚିଠି ପତ୍ର ପାଇଥିଲ ? ସମସ୍ତେ ଭଲ ଅଛନ୍ତି ?" ଆଦର କରି ମନୋରମା ପଚାରିଲେ ।

"ଅଛନ୍ତି ମାଉସୀ ! ଲତା କାହିଁ ? ବୀଣା ଘର ଆଡେ ଯାଇଛି ପରା ? " କିଶୋର ମନରେ ଉଦ୍‌ବେଗର ଝଞ୍ଜା ।

" ସେ ଅଳ୍ପ ଦିନ ପରେ ପୁରୀରୁ ଫେରି ଆସିବ । ଆସ ! ଏଇ ପଙ୍ଖା ତଳେ ବସି ପଡ । ଦେହରୁ ଝାଳ ମରିଯାଉ । କେତେବେଳେ ଆସିଲ ?"

ବାଧ୍ୟ ଛାତ୍ରପରି କିଶୋର ଯାଇ ବସିଲା ତାର ପରିଚିତ ସୋଫା ଉପରେ । ଲାତାର ଖବର ମାଉସୀ କାହିଁକି ଶୀଘ୍ର କହି ପକାଉ ନାହାଁନ୍ତି । ଏ ବିଳମ୍ବ ତାକୁ ଖୁବ୍ ବାଧୁଥାଏ । ସେ ମନେ ମନେ ବିରକ୍ତ ହୋଇ ଉଠିଲାଣି ।

" ଲତା କ'ଣ ପୁରୀ ବୁଲି ଯାଇଛି ? କାହା ସାଙ୍ଗରେ ? " ନା- ନା ଆଶଙ୍କାରେ କିଶୋରର ମନ ପୁରିଉଠୁଛି ।

"ନା, ସେ ତା' ଶାଶୁ, ଶ୍ୱଶୁରଙ୍କ ସହ ପୁଣି ଏଠାକୁ ଚାଲି ଆସିବ । ବାହାଘର ପରେ ସମସ୍ତେ ପୁରୀ ଯାଇଛନ୍ତି । ସହରରେ ତାଙ୍କ ନିଜ ଘରେ ଅଛନ୍ତି ।"

" ଲତାର ବାହଘର ହୋଇ ଯାଇଛି ? କାହା ସଙ୍ଗରେ ?" କିଶୋର ଗଳା ଥରି ଉଠିଲା ।

" ସୁରେଶ ମହାପାତ୍ରଙ୍କ ପୁଅ ଅଜିତ ସହିତ । ସେ ପରା ତୁମ ମାନଙ୍କ ସହ କଲେଜରେ ପଢୁଥିଲା ? ଏବେ ଜଣେ ବଡ କଣ୍ଟ୍ରାକ୍ଟର ହୋଇଛି ।

" ଅଜିତ ସହିତ ଲତାର ବାହାଘର ? କେବେ ହେଲା ?" କିଶୋରର ପ୍ରାଣ ବିକଳ ହୋଇ ଉଠିଲା । ତାକୁ ଚାରିଆଡେ ଅନ୍ଧକାର ଦିଶିଲା । ସେ ଆଉ ଭାବି ପାରିଲା ନାହିଁ ।

" ରାଞ୍ଚି ଠିକଣାରେ ତୋ ପାଖକୁ ଚିଠି, ନିମନ୍ତ୍ରଣ ପତ୍ର, ସବୁ ପଠା ଯାଇଛି । ଲତା ମଧ୍ୟ ତୋ ପାଖକୁ ଚିଠି ଦେଇ ସବୁକଥା ଜଣାଇଛି ବୋଲି କହୁଥିଲା ।

Digitized by srujanika@gmail.com

ଏତେ ବଡ଼ ଶୁଭ କାମଟା । ସତରେ ପୁଅ, ଶାଶୁଘରକୁ ଗଲାବେଳେ ଝିଅ ମୋର କେତେ କାନ୍ଦିଛି । ତୋତେ ନ ଦେଖି ଖାଇବା ସୁଦ୍ଧା ଛାଡିଦେଲା । ଦୁର୍ବଳ ହୋଇ ପଡିଲା । ହାତଗଣ୍ଠି ପଡିବା ସମୟରେ ବେଦୀ ଉପରେ ମୂର୍ଚ୍ଛା ଗଲା । ''

''ଥାଉ ମାଉସୀ ! ଆଉ କିଛି କହନ୍ତୁନି । ଶୁଣିବାକୁ ମୋର ଧୈର୍ଯ୍ୟ ନାହିଁ । କିଶୋର ବାରଣ କଲା । ''

'' ହଉ, ତୁ ତାଙ୍କ ଘର ଆଡେ ଟିକେ ବୁଲି ଯିବୁ । ଅଜିତ୍ ବାବୁ ମେଳିଆ ଲୋକ । ତୋତେ ଦେଖିଲେ କେତେ ଆଦର କରିବେ । ଲତା ଦେଖିଲେ ଆନନ୍ଦରେ ନାଚି ଉଠିବ ।'' ମନୋରମାଙ୍କ କଥାରେ ଜାମାତଙ୍କ ପାଇଁ ଗର୍ବର ଆଭାସ ।

କିଶୋର ଭକୁଆଙ୍କ ପରି ସବୁ ଶୁଣୁଥିଲା । ଶରୀରରେ ରକ୍ତ ସଞ୍ଚାଳନ ବନ୍ଦ ହୋଇଗଲା ପରି ଅନୁଭବ କଲା । ଅଳ୍ପ ସମୟ ପରେ ତା'ର ହୃତ୍‌ପିଣ୍ଡ ବନ୍ଦ ହୋଇଯିବ ପରା । ମନୋରମା ପୁଣି ଆରମ୍ଭ କଲେ - '' ବାହାଘର ଦିନ ତୋତେ କେତେ ଖୋଜିଛି । ଆଜକୁ ପନ୍ଦର ଦିନ ହେବ ଏ ଘର ଶୂନ୍ୟ ପଡିଛି । ଝିଅ ଜନମ କରିଥିଲି ସବୁଦିନ କ'ଣ ଆଉ ପାଖରେ ରଖି ପାରନ୍ତି । ତା'ର ଭାଗ୍ୟଟି ଭଲ । ଅମାପ ସମ୍ପତ୍ତି, ଗୋଟିଏ ବୋଲି ପୁଅ, ଲତାର ଶାଶୁଟି ଭାରି ଭଲ ମଣିଷ, ଲତାକୁ ଝିଅ ପରି ଦେଖନ୍ତି ।'' ମନୋରମାଙ୍କ କଥା ଗୁଡିକ କିଶୋରର ପ୍ରତି ଲୋମ କୂପରେ ଶେଳ ବିନ୍ଧିଲା ପରି ଯନ୍ତ୍ରଣା ଦେଉଥାଏ । ନିଜର କାନକୁ ବିଶ୍ୱାସ କରିବାର ଶକ୍ତି ସେ ହରାଇ ବସିଲାଣି ।

'' ଲତା ଏଠାକୁ କେବେ ଫେରିବ ? ସେ ମନ ଖୁସିରେ ଅଛି ତ ?'' ବହୁ କଷ୍ଟରେ କିଶୋର ଏତକ ପଚାରିଲା । କେବଳ କଥାର ମୋଡ଼ ନେବା ପାଇଁ ।

'' ସେ ସେଠାରେ ଯେପରି ଆଦର ସୁହାଗ ପାଇଛି, ମୋର ମନେ ହେଉଛି ଅଳ୍ପ ଦିନ ପରେ ସେ ଆମକୁ ମଧ୍ୟ ଭୂଲି ଯିବ । '' ମନୋରମା ଲୁଗା କାନିରେ ଆଖି ପୋଛିଲେ ।

Digitized by srujanika@gmail.com

" ଠାକୁରଙ୍କ ଦୟା । ଆପଣ ମାନଙ୍କ କଲ୍ୟାଣରୁ ଲତା ସୁଖରେ ରହୁ । ମୋର ଆଖି ଦି'ଟା ଜୀଇଁ ଥିବା ଯାଏ ଲତାର ମଙ୍ଗଳ କାମନା କରୁଥିବି । " କିଶୋର ଆଖିରୁ ଗଙ୍ଗା ଯମୁନା ଧାର ଝରି ପଡିଲା ।

" ହେଉ ବାପ, ତୁ ଯା, ଗାଧୋଇ ଖାଇ ବିଶ୍ରାମ କର । ପେଟ ତ ଯାଇ ପିଠିରେ ଲାଗିଲାଣି । ଦୁଇ ତିନି ଦିନ ଏଠାରେ ରହି ଲତାଘରକୁ ବୁଲିଯିବୁ " ମନୋରମା ଆଦର କଲେ ।

କିଶୋର ଧୀରେ ଧୀରେ ଉଠି ନିତ୍ୟ କର୍ମ ଶେଷ କଲା । ସାମନ୍ୟ କିଛି ଖାଇ ଦେଇ ବିଶ୍ରାମ ନେବାକୁ ଗଲା । ଘରର କବାଟ ଆଉଜାଇ ଦେଇ କାନ୍ଦି କାନ୍ଦି ଅଥୟ ହୋଇ ପଡିଲା । ଛାତିର ପଞ୍ଜରା ଯେପରି ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡ଼ିଲା । ଗ୍ରହ ନକ୍ଷତ୍ର ଯେପରି କକ୍ଷଚ୍ୟୁତ ଆକାଶ ଭାଙ୍ଗି ପଡି ପ୍ରଶାନ୍ତ ମହାସାଗରେ ମିଳେଇ ଯାଉଛି । ଅପ୍ରତ୍ୟାଶିତ ଭୂମି କମ୍ପ ଫଳରେ ପୃଥିବୀ ଯେପରି ଅସ୍ତିତ୍ୱ ହରାଇଛି । କେବଳ ଶ୍ୱାସ ପ୍ରଶ୍ୱାସ ହିଁ ତା'ର ଅସ୍ତିତ୍ୱର ପ୍ରମାଣ ଦେଉଛି ବୋଲି କିଶୋର ଅନୁଭବ କଲା ।

କିଛି ସମୟ ପରେ କିଶୋର ଉଠିପଡି ମନୋରମାଙ୍କୁ ପାଖକୁ ଡାକି ଲତା ପାଇଁ ଆଣିଥିବା ଜିନିଷଯାକ ତାଙ୍କୁ ଧରାଇ ଦେଲା ।" ମାଉସୀ ଲତା ଘରକୁ ପୁନେଇଁ ଭାର ଗଲା ବେଳେ ଏ ଗୁଡିକ ତା' ପାଖକୁ ପଠାଇ ଦେବ । ମୁଁ ଗାଁକୁ ଯାଉଛି । ଘରେ ବାପାଙ୍କ ଦେହ ଅସୁସ୍ଥ ବୋଲି ତାର ପାଇ ଚାଲି ଆସିଛି । ଏଠାରେ ବେଶି ସମୟ ରହି ପାରିବି ନାହିଁ । ଗାଁରୁ ଫେରିଲେ ଲତା ଘରକୁ ଯିବି । ମଉସାଙ୍କର ମଧ୍ୟ କଚେରୀରୁ ଫେରିବା ଡେରିହେବ । ଗାଁରୁ ଫେରିଲେ ତାଙ୍କ ସହ ଦେଖା କରିବି । ମୁଁ ଚାଲିଲି । ଲତା ପାଖକୁ ଜିନିଷ ତକ ନିଶ୍ଚୟ ପଠାଇ ଦେବ । ମୋ ମନ ବର୍ତ୍ତମାନ ଆଦୌ ଭଲ ନାହିଁ । ଆସୁଛି ।" କିଶୋର ମନୋରମାଙ୍କୁ ପ୍ରଣାମ କରି ଯେତେବେଳେ ରାସ୍ତା ଉପରେ ଛିଡା ହେଲା, ସେତେବେଳେ ତାକୁ ଦଶଦିଗ ଅନ୍ଧାର ଦିଶିଲା । ଆକାଶ ପୃଥିବୀ ଯେପରି ତା ଚାରିପାଖରେ ପ୍ରବଳ ବେଗରେ ଘୁରି ବୁଲିଲେ । ପ୍ରଳୟର

Digitized by srujanika@gmail.com

ତାଣ୍ଡବ ଲୀଳା ଭିତରେ ସେ ଯେପରି ଚାଲିଛି ଏକାକୀ ଦିଗ ହରା ହୋଇ । ଆଖିରେ ତାର ଶ୍ରାବଣର ଧାର । ଲୋତକ ଜଳରେ ଛାତି ଉପର ପୋଷାକ ଭିଜି ଗଲାଣି । ଅମାନିଆ ପାଦ ଦୁଇଟି ତାର କେଉଁଠି ପଡୁଛି ସେ ଜାଣି ପାରୁ ନାହିଁ । ଛାତି ଭିତରୁ ଘନ ଘନ କୋହ ଉଠୁଛି । ସେହି କୋହ ଭିତରେ ସେ କହି ପକାଇଲା -

" ହାୟ .... ଲତା ।' □

Digitized by srujanika@gmail.com

= ତେତ୍ରିଶ =

ମାନସିକ ଦୁଶ୍ଚିନ୍ତା । ଅପ୍ରତ୍ୟାଶିତ ଦାରୁଣ ଆଘାତ । ଗଭୀର ମନୋବେଦନା ଯୋଗୁଁ କିଶୋରର ଦେହ ଅବଶ ହୋଇ ପଡ଼ିଛି । ଲକ୍ଷ୍ୟ ଶୂନ୍ୟ ହୋଇ ସେ ଆଗକୁ ଚାଲିଛି । ମନ ଭିତରେ ଭାବନାର ଝଡ । "ମୁଁ ବର୍ତ୍ତମାନ କେଉଁଠି ? ମୁଁ ଜୀବିତ ନା ମୃତ ? ଜାଗ୍ରତ ନା ସ୍ୱପ୍ନାବିଷ୍ଟ ? ବର୍ତ୍ତମାନ କ'ଣ ଦେଖୁଛି, କ'ଣ ଶୁଣୁଛି ? ବିଶ୍ୱାସ କରିବି ନିଜ ଆଖିକୁ ନା ଅଜବ ଦୁନିଆକୁ ? ଏହା ପୁଣି ହୋଇପାରେ ? ଲତା ବିବାହିତା ? ପୁଣି ମୋ ବ୍ୟତୀତ ଅନ୍ୟ ଜଣକୁ ? ସେ କାନ୍ଦି କାନ୍ଦି କହିଥିଲା - " କିଶୋର ଭାଇ ମୁଁ ବାରଙ୍ଗନା ନୁହେଁ । ଏତିକିରେ ସେଦିନର ଉପନ୍ୟାସ ଚରିତ୍ର ଗୁଡିକର ଆଲୋଚନା ବନ୍ଦ ହୋଇ ଯାଇ ଥିଲା । ଏହା ଭିତରେ ସେ କେତେବେଳେ ଆସି କଲେଜ ଛକରେ ପହଞ୍ଚି ଗଲାଣି ତାକୁ ଜଣା ନାହିଁ । ଜଣେ ଲୋକ ତା' ଆଗକୁ ଆସି ପଚାରିଲା " ବାବୁ ଲଜ୍ ? ଆସନ୍ତୁ, ସବୁ ମୁଁ ଠିକ୍ କରିଦେବି ।" ଲୋକଟି ହୋଟେଲ ' ସାରିକା'ର କର୍ମୀ । କିଶୋର ସଂକ୍ଷେପରେ 'ଚାଲ' ବୋଲି କହି ତା' ପଛ ଧରିଲା । କର୍ମୀ ଜଣକ ଅଭ୍ୟର୍ଥନା କାଉଣ୍ଟରେ ସବୁ ଲେଖା ଲେଖି କରାଇ ଗୋଟିଏ ରୁମ୍‌କୁ ନେଇଗଲା । କିଶୋର ଠାରୁ ବକ୍‌ସିସ ପାଇ ତଳକୁ ଓହ୍ଲାଇ ଗଲା । ରୁମ୍‌ଟି ସୁନ୍ଦର ପରିଷ୍କାର ପରିଚ୍ଛନ୍ନ । ସବୁ ସୁବିଧା ଖଞ୍ଜା ଯାଇଛି । ଖାଇବା ପିଇବାର ବ୍ୟବସ୍ଥା ଅତ୍ୟନ୍ତ ବ୍ୟବସ୍ଥିତ ।

କିଛିକ୍ଷଣ ନିର୍ଦ୍ଦିଷ୍ଟ ଭାବରେ ବିଛଣା ଉପରେ ପଡ଼ିରହିବା ପରେ ଛୋଟ ପିଲାଟିଏ ପରି ସେ କାନ୍ଦିଲା । ଲତାର ବିବାହ ଘଟଣା ସେ ଯେପରି ସହି ପାରୁ ନାହିଁ । ଚଳଚିତ୍ର ଗୃହର ପରଦା ଉପରେ ଚିତ୍ର ଗୁଡିକ ପରି ଅତୀତର ସବୁ ସ୍ମୃତି ତା' ମନ ଭିତରେ ଭାସି ଉଠିଲା । ଲତା ତୁମେ କଳ୍ପନା କରିପାରୁଛ, ତୁମର କିଶୋର ଭାଇ ଆଜି କେଉଁଠି ? ସେ ଆଜି ଦୁନିଆ ଦାଣ୍ଡରେ ସାଥୀହରା ପଥିକ । ଦିନେ ଯେ, ନନ୍ଦନ କାନନରୁ ପାରିଜାତ ତୋଳୁଥିଲା, ସୁଖ-ସୌଧର ଚୂଡା ଉପରେ ବସି

Digitized by srujanika@gmail.com

ବଂଶୀ ବଜାଉଥିଲା । ତୁମକୁ ସଙ୍ଗରେ ଧରି ଶୋଭାମୟୀ ପ୍ରକୃତିର ମୃଦୁ ପବନରେ ଉଡି ବୁଲୁଥାଏ ସେ ଆଜି ସର୍ବହରା ନିସ୍ୱ । ଆଜି ସେ ବନ୍ଧନ ଛିଡି ଯାଇଛି । ସେ ସ୍ୱପ୍ନ ମିଶି ଯାଇଛି ଅମାବାସ୍ୟାର ଅନ୍ଧକାର ଦେହରେ । ମୋ ହୃଦୟ ବନର ଲତା, ତୁମେ ଆଉଜି ଯାଇଛ ଆଉ ଗୋଟିଏ ବୃକ୍ଷ ଦେହକୁ । ଏହା ପୁଣି ସମ୍ଭବ ପର ହୋଇ ପାରିଲା ତ ? ଅନ୍ୟର ବାହୁ ବନ୍ଧନର ଉଷ୍ମତା ତୁମକୁ ଆନନ୍ଦ ଦେଇ ପାରୁଛି ତ ? ମନେ ପଡେ ସେଦିନ ସଞ୍ଜ ବେଳର କଥା । ମୋ ଛାତି ଉପରେ ମୁଣ୍ଡଟି ରଖି କହିଥିଲ - ''ମୁଁ କଣ ଏତେ ଭାଗ୍ୟବତୀ ଯେ, ଚିର ଦିନ ଏ ଛାତି ଉପରେ ମୁଣ୍ଡ ରଖି ପାରିବି ? '' ଆଜି ସେ ଛାତି ଶୂନ୍ୟ ହୋଇ ପଡିଛି । ଗରିବ, କୃଷକ ପରିବାରର ସନ୍ତାନ ମୁଁ । ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼ାଇବା ମୋର ଆବଶ୍ୟକ ନ ଥିଲା । ତୁମେ ହିଁ ମୋ ଦ୍ୱାରରେ ଆଘାତ କରିଛ । ପ୍ରେମର ମହତ୍ୱ, ସ୍ୱଚ୍ଛ ପ୍ରୀତିର ଆସ୍ୱାଦ ତୁମେ ଚଖାଇଛ । ମୁଁ ଆଜି ମୃତ୍ୟୁ ପଥର ଯାତ୍ରୀ ସାଜିଛି । ତୁମ ବିନା ଏ ଜୀବନ ବୋଝ ବୋହିବାର ଆବଶ୍ୟକତା କେଉଁଠି ? ମୁଁ ଆଜି ନିଜକୁ ବିଶ୍ୱାସ କରି ପାରୁନି ଲତାର ସ୍ନିଗ୍ଧ ମଞ୍ଜୁଳ ପତ୍ର ଶେଯରେ ଫୁଲ କଳିଟିଏ ହୋଇ ମନ୍ଦ ମଳୟ ସେବନ କରିବା ପରିବର୍ତ୍ତେ ହୋଟେଲର ରୁକ୍ଷ ଖଟ ଉପରେ ନିର୍ଜନତାର ଉତ୍କଟ ବିଦ୍ରୁପ ହସ ସହୁଛି । ଏ କ'ଣ କଲ ଲତା ? ଅଭିମାନରେ ତା'ର ମନ ବୁଡିଗଲା ।

ଏହି ଭାବନା ଅରଣ୍ୟ ଭିତରେ କିଶୋର ବାଟବଣା ହୋଇ ବୁଲୁଥିବା ସମୟରେ ତା'ର ସ୍ମରଣ ହେଲା ଗୋଟିଏ ନୀତି ବାକ୍ୟ - '' ନ ନଶ୍ୟତି ଖଳୁ ଶାଶ୍ୱତି ମା ପ୍ରୀତି '' ସେ ଚମକି ପଡିଲା । ସତେ ଯେପରି ଅନ୍ତର ଭିତରୁ କିଏ ସେ ଏହା ବାରମ୍ବାର ଉଚ୍ଚାରଣ କରୁଛି । ଅଦୃଶ୍ୟ ଦେବତାର ଆଶୀର୍ବଚନ ଗମନ ହୃଦୟକୁ ପ୍ରଭାବିତ କରି ପକାଇଲା । କାହିଁକି ଏ ଅଦୃଶ୍ୟ ଚେତନା ମନ ଭିତରେ ? ଆବିର୍ଭୂତ ହେଲା ? କାହିଁକି ଏ ଆଶ୍ୱାସନା ? କାହାର ପ୍ରେରଣା ଏ ? ତେବେ କ'ଣ ଲତାକୁ ମୁଁ ଫେରି ପାଇବି ? ସେ କ'ଣ ମୋ ପାଖକୁ ପଳାଇ ଆସିବ ? ତାହା କିପରି ସମ୍ଭବ ହେବ ? ତା' ଭାଗ୍ୟରେ କ'ଣ ବୈଧବ୍ୟ ....? କିଶୋରର ଆଖି ଖୋସି

Digitized by srujanika@gmail.com

ହୋଇଗଲା ଉପର ଆଖି ପତାତଳେ । ଓଃ ! କି ପାପଚିନ୍ତା । ତା ହାତରେ କାଚ ବଜ୍ର ହେଉ । ମଥାର ସିନ୍ଦୁର ଉଜ୍ଜ୍ୱଳ ହେଉ । ଲତା କେବଳ ଏହି ଗୋଟିଏ ଜୀବନର ନୁହେଁ । ଶତ ଶତ ଜନ୍ମରେ ସେ ମୋର ଓ ମୁଁ ତା'ର । ଦୁଇଟି ଜୀବନର ନିତ୍ୟ ପ୍ରୀତି ବନ୍ଧନ କେବେ ଛିନ୍ନ ହୋଇ ପାରେନା । ଉଭୟଙ୍କର ମନ ପ୍ରାଣ ହୃଦୟ ପରସ୍ପର ପ୍ରତି ନିବେଦିତ । ଶୁଦ୍ଧ ନିର୍ମଳ ପ୍ରୀତିର ଏହାହିଁ ପ୍ରକୃତ ଅର୍ଥ । ମୋର ଅନ୍ତର, ବାହାର, ଶୟନ, ସପନ, ନିଦ୍ରା, ଜାଗରଣ ପ୍ରତିଟି କ୍ଷଣରେ ପ୍ରତି ରକ୍ତ ବିନ୍ଦୁରେ ଲତାର ଉପସ୍ଥିତି, ଲତାର ପ୍ରେମ ଅନୁଭବ କରିଥାଏ । ଲତା ବ୍ୟତୀତ ଅନ୍ୟ କୌଣସି ନାରୀର ଚିନ୍ତା ମୋ ମନକୁ ସ୍ପର୍ଶ ସୁଦ୍ଧା କରିବ ନାହିଁ । ମୁଁ ଚାହିଁ ରହିବି ଲତାର ବାଟକୁ ଜନ୍ମ ଜନ୍ମାନ୍ତର ପର୍ଯ୍ୟନ୍ତ । ଏହି ସିଦ୍ଧାନ୍ତ କିଶୋରର ଭାରାକ୍ରାନ୍ତ ମନକୁ ହାଲୁକା କଲା । ଦୂରରୁ ଗୋଟିଏ ଭିକାରୀର କଣ୍ଠସ୍ୱର ଶୁଣିବାକୁ ପାଇଲା
'' ଯୋଗୀ ହୋଇ ବୁଲୁଥିବି ତୋ' ଗୁଣ ଗାଇ ....।''

ମୋର ଏହି ସିଦ୍ଧାନ୍ତ ଲତାକୁ ଜଣାଇ ଦେବି ଚିଠି ଖଣ୍ଡିକରେ '' ପ୍ରାଣର ଲତା ! ସମ୍ବୋଧନଟା ଚିରଦିନ ଅଭ୍ୟାସ ଯୋଗୁଁ କଲମ ମୁନରୁ ଝରି ପଡୁଛି । ବିବାହିତା କୁଳବଧୂକୁ ଜଣେ ବାହାର ଲୋକ ଏ ପ୍ରକାର ସମ୍ବୋଧନ କରିବା ଅନୁଚିତ । ପାପ ମଧ୍ୟ । ଏଥି ପାଇଁ ମୋତେ କ୍ଷମା ଦେବ । ତୁମ ବାଟରେ ତୁମେ ଚାଲିଗଲ । ସବୁ ଓଲଟ ପାଲଟ ହୋଇ ଯାଇଛି । ଆଜି ଜୀବନ ଅଛି ମାତ୍ର ସ୍ପନ୍ଦନ ନାହିଁ । ବୀଣା ଅଛି ମାତ୍ର ସ୍ୱରର ମୂର୍ଚ୍ଛନା ନାହିଁ । ମୁକ୍ତ ଆକାଶ । ଅଧୀର ବତାଶ । ଛବିଳା ପୃଥିବୀ, ସବୁ ସେମିତି ଅଛି । ମାତ୍ର ଛନ୍ଦହୀନ, ପ୍ରାଣହୀନ, ନିର୍ଜୀବ, ସବୁଥିରେ ଯେପରି ଗୋଟାଏ ବିରାଟ ଅଭାବ ରହି ଯାଉଛି ।

ଆଜି ନୂଆ ଜୀବନର ଜୟଯାତ୍ରା, ନୂଆ ନୀଡଟି ସଜାଡିବାରେ ବ୍ୟସ୍ତଥିବ । ଲତା ! ମୋର ଏହି ପତ୍ରଟି ତୁମ ଭିତରେ ଚାଞ୍ଚଲ୍ୟର ରେଖା ଟାଣିବନି ବରଂ ଆଶିର୍ବାଦର ପବିତ୍ର ବାରିଢ଼ାଳି ଦେବ ତୁମ ମସ୍ତକ ଉପରେ । ତୁମର ଦାମ୍ପତ୍ୟ ଜୀବନ

Digitized by srujanika@gmail.com

ଶାନ୍ତିମୟ, ସୁଖମୟ ହେଉ, ଏହାହିଁ ମୋ ଆନ୍ତରିକ କାମନା । ବେଶି ଗୁଡାଏ ଲେଖି ତୁମକୁ ବିରକ୍ତି କରିବିନି । ମୋର କର୍ତ୍ତବ୍ୟ ଦରିଆ ଲମ୍ବି ଯାଇଛି ଦିଗ୍ ବଳୟର ସେ ପାଁରି ପର୍ଯ୍ୟନ୍ତ । ମୋତେ ତାହାରି ଭିତରକୁ ଯିବାକୁ ହେବ । ଦୁଇଟି ବର୍ଣ୍ଣରେ ଗଢ଼ା ତୁମର ନାମ । ମୋର ଜୀବନ ତରୀ, ପ୍ରୀତିର ପୂଜାରୀ ପରି ମୋତେ ବିଶ୍ୱ ଦରବାରରେ ଭୂମିକା ଗ୍ରହଣ କରିବାକୁ ପଡିବ । ଅତୀତର ସବୁ ଅନିଭା ସ୍ମୃତି ଧୀରେ ଧୀରେ ବିସ୍ମୃତି ଗର୍ଭରେ ସମାଧି ନେବ । ମୁଁ ଆଜି ଅନନ୍ତ ପଥର ଯାତ୍ରୀ । ଏ ଯାତ୍ରାର ଶେଷ କେଉଁଠି ତାହାବି ଅଜଣା । ଉଦ୍ଦେଶ୍ୟ ମଧ୍ୟ ନାହିଁ । କେବଳ ଯାତ୍ରା ହିଁ ଯାତ୍ରା । ଶେଷଥର ପାଇଁ ମୋର ବୋଲି ଯଦି କିଛି ଥାଏ, ତାହା ତୁମରି ପାଖରେ ଅଜାଡି ଦେଇ ବିଦାୟ ନେଉଛି । ତୁମର ଅତୀତର ମୁଁ ''

ଚିଠିଟି ଲେଖିସାର ଲଫାପାରେ ପୂରାଇଲା । କିଶୋର ମନୋରମାଙ୍କ ପାଖରୁ ଆଣିଥିବା ଠିକଣା ତା ଉପରେ ଲେଖିଲା । ଆଉ ଖଣ୍ଡିଏ ଚିଠି ବାପାଙ୍କ ପାଖକୁ ଲେଖିଲା । ସେ ଚାକିରୀ ତାକୁ ଆଦୌ ପୋଷାଇବ ନାହିଁ । ଖାଇବା ରହିବାରେ ବହୁତ ଅସୁବଧା ।ଏତେ ଦୂର ସ୍ଥାନରେ ଘରଦ୍ୱାର, ବାପା, ଭାଇଙ୍କୁ ଛାଡି ରହିବାକୁ ତାର ମନ ବଳୁ ନାହିଁ । ଚାକିରୀରୁ ବେଶିଦିନ ଛୁଟି ମିଳେ ନାହିଁ । ସେଥିପାଇଁ ସେ ସେଥିରୁ ଇସ୍ତଫା ଦେଇଛି । ଅଫିସ୍‌ବାଲାଙ୍କୁ ମଧ୍ୟ ଖଣ୍ଡିଏ ଇସ୍ତଫା ପତ୍ର ଲେଖି ଦେଇଛି । ଏ ସମସ୍ତ କାମ ସାରିବାକୁ ରାତି ତିନିଟା ବାଜିଗଲା । ଖାଇବା ପାଇଁ ଦୃଷ୍ଟି ନାହିଁ । ଲୁଗା ପଟା ସୁଟକେଶରେ ପୁଣି ସଜଡା ଗଲା । ପୋଷ୍ଟ ବାକ୍ସରେ ଚିଠି ଗୁଡିକ ପଡିବା ବେଳକୁ ମହାନଦୀର ପୋଲ ଉପରେ ମାଡ୍ରାଜ ମେଲର ହର୍ଣ୍ଣ ସହ ଇସ୍‌ପାତି ଶବ୍ଦ ଶୁଣାଗଲା ।

'' ଏ ରିକ୍ସା, ଷ୍ଟେସନ ଯିବୁ '' କିଶୋରର ସ୍ୱରରେ ବ୍ୟସ୍ତତା ।''

☐

Digitized by srujanika@gmail.com

= ଚଉତ୍ରିଶ =

ସୁରେଶ ବାବୁଙ୍କର ଛୁଟି ପୁରି ଯିବାରୁ ପୁରୀରୁ ସପରିବାରେ କଟକ ଫେରି ଆସିଛନ୍ତି । ଅଜିତ୍ ବାବୁ ନିଜର ବ୍ୟବସାୟ ଠିକାଦର କାମରେ ପରିସର ବହୁତ ବଢ଼ାଇ ଦେଲେଣି । ପ୍ରତି ସପ୍ତାହରେ ବ୍ୟାଙ୍କ ଜମା ବଢ଼ି ଚାଲିଛି । ତେଣୁ ଅଭାବ କିଛି ନାହିଁ ।

ଲତା କଟକ ଫେରିବା ପରେ ତା'ର ବାପ, ବୋଉ, ସାନଭାଇ ମାନେ କେତେଥର ଯାଇ ଦେଖା କରି ଆସିଲେଣି । ଶାଶୁ, ଶଶୁର, ସ୍ୱାମୀ ଏବଂ ଚାକର ଚାକରାଣୀଙ୍କ ଗହଣରେ ଲତାର ସଂସାର ଗଢ଼ି ଉଠିଥିବାର ଦେଖି ସେମାନେ ସମସ୍ତେ ଖୁସି । ଅଜିତ୍‌ର ବାହାଘର ମାସକ ଆଗରୁ ସୁରେଶ ବାବୁ କନ୍ୟା ଶୈଳଜାର ଶୁଭ-ପରିଣୟ ସାରି ଦେଇଛନ୍ତି । ପାରିଜାତ ହୋଟେଲ ମାଲିକ ସିଦ୍ଧେଶ୍ୱର ଦକ୍ଷିଣ ରାୟଙ୍କ ପୁତ୍ର ମୁକ୍ତିକାନ୍ତ ସହ । ଶୈଳଜାର ବାହାଘର ହେବାଦିନ ଠାରୁ ଅଜିତ୍ ଏବଂ ମୁକ୍ତିକାନ୍ତ ମଧ୍ୟରେ କ୍ଷୀର ନୀରର ସମ୍ପର୍କ ଗଢ଼ି ଉଠିଛି । ସିଦ୍ଧେଶ୍ୱର ବାବୁ ହୋଟେଲର ଦାୟିତ୍ୱ ତୁଲାଇ ଥାଆନ୍ତି । ମୁକ୍ତିକାନ୍ତ ବାବୁ ଦୁଇଖଣ୍ଡ ବସ୍ ଚଳାଚଳର ସମସ୍ତ ବ୍ୟବସ୍ଥା କଥା ବୁଝନ୍ତି । ପ୍ରାୟ ପ୍ରତ୍ୟହ ହୋଟେଲ 'ସାଗରିକା'ରେ ଦୁଇଜଣଙ୍କର ଆଡା ଜମେ । ଉଭୟ ପରସ୍ପରର ବୋଲ ସାଥୀ । ଖାଇବା ରହିବା ବ୍ୟତୀତ ପିଇବା ଏବଂ ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟ ପାଇଁ ଆଜିକାଲି ହୋଟେଲ ଗୁଡିକ ପ୍ରତିଯୋଗୀତା କରନ୍ତି । ଆଧୁନିକ ଶିକ୍ଷିତ ସମାଜରେ ହୋଟେଲ ରହଣିକୁ ଆରିଷ୍ଟୋକ୍ରେସିର ନିଦର୍ଶନ ବୋଲି ମନେ କରନ୍ତି । ବିଶେଷତଃ ଧନୀ ପରିବାରର ଲୋକମାନଙ୍କର ଏହା ମଉଜ କରିବାର ପ୍ରଶସ୍ତ ସ୍ଥଳ । ସେଥିପାଇଁ ଅସାମାଜିକ କାର୍ଯ୍ୟରେ ଲାଗିବା ପାଇଁ ବହୁ ନିରାଶ୍ରିତା, ଅସହାୟା ଯୁବତୀ ମାନଙ୍କୁ ହୋଟେଲ ମାଲିକମାନେ ସେମାନଙ୍କ ହୋଟେଲରେ ସ୍ଥାନ ଦେଇଥାନ୍ତି । ବିଦେଶୀ କୁଟନୀତିଜ୍ଞ ମାନେ ଏହି ମାନଙ୍କ ଜରିଆରେ ସରକାରୀ ଗୁପ୍ତ ସମ୍ବାଦ ସଂଗ୍ରହ କରିଥାଆନ୍ତି । ହୋଟେଲ ସଭ୍ୟତା ଆଧୁନିକ ସମାଜରେ

Digitized by srujanika@gmail.com

ଏକ ମର୍ଯ୍ୟାଦା ପୂର୍ଣ୍ଣ ସ୍ଥାନ ଗ୍ରହଣ କରିଛି । ହୋଟେଲ ବ୍ୟବସାୟୀ, ଧନୀଲୋକ, ବ୍ୟବସାୟୀ, ପଦସ୍ଥ ଅଫିସର, ଠିକାଦାର, ରାଜନୀତି ବାଲା, ଏପରିକି ଗୁଣ୍ଡାଶ୍ରେଣୀର ଲୋକ ତଥା ଡକାୟତ ମାନଙ୍କ ସହ ଗୁପ୍ତ ସମ୍ପର୍କ ରଖିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଆକୃଷ୍ଟ କରିବା ପାଇଁ ନାନା ଉପାୟ ଅବଲମ୍ବନ କରିଥାଆନ୍ତି । ପଇସା ଉପାର୍ଜନ ସେମାନଙ୍କର ଏକମାତ୍ର ଧ୍ୟେୟ ।

ଯୌବନ, ଧନ ସମ୍ପତ୍ତି, ପ୍ରଭୁତ୍ୱ, ଅବିବେକିତା, ପ୍ରତ୍ୟେକ ଗୋଟିଏ ଗୋଟିଏ ନରକର ସିଂହଦ୍ୱାର, ପତନର ସ୍ଫଟିକ ପାହାଚ । ଅଜିତ୍ ଏବଂ ମୁକ୍ତିକାନ୍ତ ଆଜିର ସାମାଜିକ ଓ ରାଜନୈତିକ ବ୍ୟବସ୍ଥାର ସୁଯୋଗ ନେଇ ପ୍ରଚୁର ପଇସା ରୋଜଗାରର ପଥ ପରିଷ୍କାର କରି ଦେଇଛନ୍ତି । ପଦସ୍ଥ ଅଫଇସରଙ୍କ ମଧ୍ୟରୁ କେତେଜଣଙ୍କୁ ରାତ୍ରୀ ଭୋଜନରେ ଆପ୍ୟାୟିତ କରି ନିଜର କାମ ହାସଲ କଲେଣି । ଦିନେ ଦିନେ ହୋଟେଲରୁ ଫେରିବାକୁ ରାତି ଦୁଇଟା ବା ତିନିଟା ହୋଇଯାଏ । ସେତେବେଳକୁ କାହାରି ହୋସ ନ ଥାଏ ।

ଲତା ଅଜିତ୍‌ର ଏ ଅଧପତନ ଦେଖି ନୀରବ ରହେ । କିନ୍ତୁ ବହୁ ବିପଦର ଆଶଙ୍କା ତା' ମନକୁ ବ୍ୟସ୍ତକରେ । ସେଥିପାଇଁ ସେ ଦୁଃଖ ସହିତ ଦିନ କାଟୁଥାଏ । ଲତାର ଦେହ ସୁଖ ଲାଭରୁ ବଂଚିତ ହେବା ଯୋଗୁଁ ତାର ସେ ଅଭାବକୁ ହୋଟେଲର ଯୁବତୀମାନେ ମେଣ୍ଟାଇ ଥାଆନ୍ତି । କ୍ରମେ ଲତା ଓ ଅଜିତର ସାଂସାରିକ ସମ୍ବନ୍ଧ ଶିଥିଳ ହୋଇ ଉଠିଛି । ଦୁହିଁଙ୍କ ମଧ୍ୟରେ ଏକ ଅଦୃଶ୍ୟ ପାଚେରୀ ବିଦ୍ୟମାନ । ବିବାହ ଦିନ ଠାରୁ ଲତାର ମନ ଭଲ ନ ଥିବା ତିଳୋତ୍ତମା ଦେବୀ ଲକ୍ଷ୍ୟ କରିଛନ୍ତି । ସେ ସବୁବେଳେ ଅନ୍ୟ ମନସ୍କା ଥିବାର ଦେଖନ୍ତି । ଦିନେ ଦିନେ ପାଖରେ ବସାଇ କହନ୍ତି - " ମା, ବାପାଙ୍କର ଆଦରଣୀୟ କନ୍ୟା ତୁମେ, ସେମାନଙ୍କୁ ଛାଡି ଆସିଛ ବୋଲି ନୂଆ ନୂଆ ଦିନ କେତେଟା ମନ ଗୋଳେଇ ଘାଣ୍ଟି ହେଉଛି । ସେମିତି ସବୁ ଝିଅଙ୍କ ଜୀବନରେ ହୋଇଥାଏ । ପରେ ସବୁ ଦେହ ଘଷା ହୋଇଯାଏ । ଏବେ ତୁମର ନୂଆ ସଂସାରକୁ ସଜେଇବାକୁ ପଡିବ । ଏ ବୟସ ତ ଚିରଦିନ ତୁମକୁ ଆଶିର୍ବାଦ କରିବ

ନାହିଁ । ନୂଆ ଅତିଥିଟି ତୁମ କୋଳକୁ ଉଜ୍ଜ୍ୱଳ କରିବା ଆଗରୁ ଯାହା ତୁମର ସୁଖ ସୌଖିନ, ହସ, ଖେଳ, ଆନନ୍ଦକର । ତୁମର ଅଭାବ କ'ଣ ? ବୟସ ହୋଇଛି, ଆନନ୍ଦ କର , ଦୁଃଖ କରନା ମା''

ଶାଶୁଙ୍କର ସାନ୍ତ୍ୱନା ବାଣୀ ସବୁ ଲତା ମନକୁ ପାଏ କି ନା ସନ୍ଦେହ । ନୀରବରେ ସବୁ ଶୁଣୁଥାଏ । କୌଣସିରେ ଉତ୍ତର ଦିଏ ନାହିଁ । ପ୍ରତିକ୍ରିୟା ପ୍ରକାଶ କରେ ନାହିଁ । ତୁମର ଅଭାବ କ'ଣ ? ଶାଶୁଙ୍କର ଏହି ପଦକ କଥାରେ ତାହା ସମଗ୍ର ଭାବନା ରାଜ୍ୟ ଦୋହଲି ଯାଇଛି । ମନ ପୋଡିଗଲେ ଯେଉଁ ନିଆ ଜଳୁଥାଏ ତାକୁ କେହି ଦେଖି ପାରନ୍ତି ନାହିଁ । ସେ କେଉଁ ଅଭାବ । କାହାର ଅଭାବର ଯନ୍ତ୍ରଣା ଭୋଗୁଛି ତାହା ଶାଶୁଙ୍କର ବଡଲୋକୀ ମନ ବୁଝିବ କିପରି ? ଲତାର ବିବେକ ଉପହାସ କରେ । ସେଦିନ କୋହଲା ପାଗ, ଆକାଶ ଯେପରି ବିଷର୍ଣ୍ଣ, ଅଜିତ୍ ବାବୁ ନିତ୍ୟକର୍ମ ସାରି ଗାଡି ନେଇ ବାହାରି ଗଲେଣି । ଦୂର ସ୍ଥାନରେ କାମ ହେଉଛି । ସେଠାରେ ତାଙ୍କୁ ଦିନରାତି ଉପସ୍ଥିତ ରହିବାକୁ ପଡିବ । ନିଜେ ଇଞ୍ଜିନିୟର କାର୍ଯ୍ୟ କ୍ଷେତ୍ରରେ ଉପସ୍ଥିତ ରହି କାମ ଦେଖିବେ । ତେଣୁ ଆଜିରାତିରେ ଫେରିବେ ନାହିଁ ବୋଲି ଲତାକୁ କହି ଯାଇଛନ୍ତି । ସେଥିପାଇଁ ତ' ମନ ଟିକିଏ ହାଲୁକା ଲାଗୁଛି ।

ଖୋଲା ଝରକା ପାଖରେ ଆକାଶକୁ ଚାହିଁ ଲତା କେତେ କ'ଣ ଭାବୁଥିଲା । ବାହାର ଦେବଦାରୁ ଗଛରେ ପତ୍ର ଉପରେ କଅଁଳ ଖରା ଚିକ୍ ଚିକ୍ କରୁଛି । ଲତାର ଦୃଷ୍ଟି ସେ ଦୃଶ୍ୟ ଉପଭୋଗ କରିବାରେ ବ୍ୟସ୍ତ । ଚାକରାଣୀ ଘର ଭିତରକୁ ପଶି ଆସିବ ବୋଲି ଲତା ଅନୁମାନ କରି ପାରିଲା ନାହିଁ । ଧୀର ସ୍ଥିର ଭାବରେ ଚିଠି ଖୋଲିଲା । ଚିଠି ଉପରେ ଆଖି ପଡିବା ମାତ୍ରେ ସେ ଚମକି ଉଠିଲା । ତା'ର ସମଗ୍ର ଶରୀରରେ ଯେପରି ବିଜୁଳି ସ୍ରୋତ ବୋହିଗଲା । କ୍ଷଣକ ପାଇଁ ସବୁ ଝାପସା ଦିଶିଲା । ନିଜ ଆଖିକୁ ବିଶ୍ୱାସ କରି ପାରିଲା ନାହିଁ । ଏ କ'ଣ ? ଏ କାହାର ହାତ ଅକ୍ଷର ? ଏ ଅକ୍ଷର ସହିତ ମୁଁ ଯେ ଚିର ପରିଚିତା ? ଏ ଯେ ମୋର କିଶୋର ଭାଇଙ୍କ ହାତ ଲେଖା ? ଚିଠିରେ ଲେଖକଙ୍କର ନାମ ଖୋଜିଲା, ପାଇଲା ନାହିଁ । ଶେଷ ଧାଡି -

Digitized by srujanika@gmail.com

" ତୋର ଅତୀତର ମୁଁ " ପଢ଼ି ସବୁ ବୁଝି ପାରିଲା ମୂଳରୁ ଶେଷଯାଏ ଏକା ନିଶ୍ୱାସରେ ପଢ଼ିଗଲା । ପଢ଼ିବା ସମୟରେ ଦୁଇ ଆଖିରୁ ଲୁହ ଧାର ବୋହି ଯାଉଥାଏ । ମୁହୂର୍ତ୍ତକ ମଧ୍ୟରେ ଅତୀତର ମଧୁମୟ ସ୍ମୃତି ଏବଂ ବର୍ତ୍ତମାନ ନିଷ୍ଠୁର ବାସ୍ତବିକତା ଗୋଟିଏ ପରେ ଗୋଟିଏ ଚଳଚିତ୍ର ଛବି ପରି ମନ ପରଦାରେ ଝଲସି ଉଠିଲା । ସେ ନିଶ୍ଚଳ ଭାବରେ କିଛିକ୍ଷଣ ବସି ରହିଲା । ଛାତି ଭିତରେ ସମସ୍ତ ବେଦନା ଯେପରି ଜମାଟ ବାନ୍ଧି ଯାଇଛି । ସେ ଜମାଟ ବନ୍ଧା ବେଦନା ତରଳି ଯାଇ ଆଖିକୋଣରୁ ଥରିଲା ଓଠ ଉପରେ ଝରି ପଡୁଛି ।

କିଛି ସମୟ ମୂକ ହୋଇ ବସି ରହିବା ପରେ ମନକୁ ମନ ଲତା କହିବାକୁ ଲାଗିଲା - " ହାୟ କିଶୋର ଭାଇ ! ମୋ ପାଇଁ ଆଜି ତୁମର ଏ ଅବସ୍ଥା ହେଲା । ତୁମେ ଆଜି ଗୃହତ୍ୟାଗୀ ହୋଇ ଅଜଣା ପଥର ପଥିକ ହେଲ । ଭାବିଥିଲି ଏ ବିଶ୍ୱାସ ଘାତିନୀକୁ ଭୂଲିଯାଇ ତୁମର ସଂସାର ନୂଆକରି ଗଢ଼ିବ । ମାତ୍ର ତାହା କଲନି । ତୁମର ପ୍ରତିଜ୍ଞା ତୁମେ ରକ୍ଷାକଲ । ତୁମେ ମହତ, ଉଦାର । ତୁମେ ପବିତ୍ର, ତମ୍ଭର କ୍ଷମାଶୀଳ ହୃଦୟ କ'ଣ ମୋତେ କ୍ଷମା ଦେବନି ? ଦେବତା ମୋର । ତୁମରି ପାଦତଳେ ମୁଁ ଶତ ପ୍ରଣାମ ଜଣାଉଛି ।" ଲତା ଆଉ ଭାବି ପାରିଲା ନାହିଁ । ଲୁଗା ଭିତରେ ଚିଠିଟି ଛାତି ଉପରେ ଭିଡିଧରି ବିଛଣାରେ ଶୋଇ ରହିଲା । ମାତ୍ର ଅବସ୍ଥା ବଦଳିଲା ନାହିଁ ।

ଦିନ ଯାଇ ରାତି ହେଲା । ଗଭୀର ରାତ୍ରୀ । ସମଗ୍ର ପୃଥିବୀକୁ କଳା ପରଦାରେ ଢାଙ୍କି ପକାଇଛି । ଦୂର ଆକାଶରେ ତାରା ଗୁଡିକ ନିଷ୍ପ୍ରଭ ଦେଖା ଯାଉଛନ୍ତି । ନିସ୍ତବ୍ଧତାର ରାଜୁତି ଚାରିଆଡେ । ସେ ବହଳ ନୀରବତାକୁ ଭଙ୍ଗକରି ଷ୍ଟାଡିୟମ ପାଖ ଦେବଦାରୁ ଗଛ ଡାଳରୁ ପେଚାର ଶବ୍ଦ ଶୁଣା ଯାଉଥାଏ । ଅଶୁଭର ସଙ୍କେତ ।

ଘରେ ସମସ୍ତେ ଶୋଇଲେଣି । ଲତା ନିଜ ପଲଙ୍କ ଉପରେ ବିଛଣାରେ

Digitized by srujanika@gmail.com

ପଡି ରହିଛି । ଆଖିକୁ ନିଦ ନାହିଁ । ଅତୀତର ସ୍ମୃତି ଏବଂ କିଶୋରର ଅବସ୍ଥା ତାକୁ ଦହଗଞ୍ଜ କରୁଥାଏ । ପଲଙ୍କରୁ ତଳକୁ ଓହ୍ଲାଇ ଟେବୁଲ ଲ୍ୟାମ୍ପର ସୁଇଚ ଟିପିଲା । ଦ୍ୱାର, ଝରକା ସବୁ ବନ୍ଦ ଥିବାର ପରୀକ୍ଷା କରିନେଲା । ହାତ ବାକ୍ସରୁ ବାହାର କଲା କେତେ ଖଣ୍ଡି ଚିଠି । କବିତା ଲେଖି ଥିବା ଖାତା, ଗୀତ ଖାତା, ଖଣ୍ଡିଏ ରୁମାଲ, ଗୋଟିଏ ଶୁଖିଲା ଗୋଲାପ ଫୁଲ । ଆଜି ସକାଳେ ପଇଥିବା ଚିଠି, ପୂନେଇ ଭାର ସହିତ ଆସିଥିବା ଶଢ଼ୀ, ବ୍ଲାଉଜ, ଆଲବମ୍ ଏବଂ କିଶୋର ଦେଇଥିବା ଅନ୍ୟାନ୍ୟ ଉପହାର । ସବୁ ଉପହାର ଏକାଠି କରି ଆଖି ପୁରେଇ ଦେଖିଲା । ଆଖି ନିଶ୍ଚଳ, ପଲକ ବିହୀନ । କିଶୋରର ବିଷାଦ ପୂର୍ଣ୍ଣ ମୁହଁ ଦେଖି ପାରିଲା ତାହାରି ଭିତରେ । ଛାତିର କୋହ ସମ୍ଭାଳି ନ ପାରି ଠୁଳ କରିଥିବା ଜିନିଷ ଉପରେ ମୁଣ୍ଡ ବାଡେଇ ଦେଲା । " ସତେ ମୁଁ କ'ଣ କଲି କିଶୋର ଭାଇ ! ଦେବତା ମୋର ! ମୁହଁ ଖୋଲି କିଛି କହି ପାରିଲି ନାହିଁ ବୋଲି ମୋର ଆଜି ଏ ଭାଗ୍ୟ ବପର୍ଯ୍ୟୟ । ତୁମର ଉଜ୍ଜ୍ୱଳ ଭବିଷ୍ୟତକୁ ମୁଁ ଜାଳି ପୋଡି ଦେଇଛି । ତୁମକୁ ସାରା ଜୀବନ ଜଳାଇଛି । ବାଟର ଭିକାରୀ ବେଶରେ ସଜାଇ ଦେଇଛି । " ଲତାର ନିବେଦନର ଅନ୍ତନାହିଁ । ଆଖିର ଲୁହ ଗଣ୍ଡ ଦେଶରେ ଶୁଖି ଗଲାଣି ।

ସମସ୍ତ ଉପହାର, ଚିଠିକୁ ପୁଣି ହାତ ବାକ୍ସରେ ସଜାଇ ରଖିଲା । " ଦେବାତର ନିର୍ମାଲ୍ୟ, ଅଙ୍ଗଛଡା ପୁଷ୍ପ ଚନ୍ଦନ । ଶେଷ ନିଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ଏ ସବୁର ସ୍ପର୍ଶ, ଦର୍ଶନରେ ସବୁ ଦୁଃଖ ଧୋଇଯିବ । ସେ ଅଭୁଲା ସ୍ମୃତିକୁ ଚିର ଜଗ୍ରତ କରି ରଖିବ । ଏହାହିଁ ହେବ ମୋର ହୃଦୟର ଦେବତାଙ୍କର ପୂଜା ଅର୍ଚ୍ଚନା ପାଇଁ ସାକ୍ଷାତ ବିଗ୍ରହ । ପ୍ରତ୍ୟହ ପୂଜା କରିବି । ଫୁଲ ଚନ୍ଦନ ଦେଇ ଆରାଧନା କରିବି । ମୋର ତପସ୍ୟା ଅମ୍ଳା[illegible]ବି । ଏହାହିଁ ହେବ ମୋର କର୍ମମୟ ଜୀବନର ପ୍ରେରଣାର ଉତ୍ସ । ମୋ[illegible] ଜୀବନର ସଂହିତା । ମୋ ଦେବତାଙ୍କର ପଦ କମଳରେ ଭକ୍ତି ଅର୍ଘ୍ୟ [illegible]

Digitized by srujanika@gmail.com

= ପଞ୍ଚତ୍ରିଂଶ =

ଆଗକୁ ଦୂର୍ଗପୂଜା ଆସୁଛି । ହିନ୍ଦୁ ଜାତିର ମହାନ ପର୍ବ । ଏଥିପାଇଁ ଅଫିସ ବ୍ୟାଙ୍କ, ଦୋକାନ, ବଜାର, ସର୍ବତ୍ର ତତ୍‌ପରତା ବଢ଼ିଯାଇଛି । ଛୁଟି ପୂର୍ବରୁ କର୍ମଚାରୀ ଶ୍ରମିକ ମାନଙ୍କୁ ବୋନସ ମିଳିବ । ଠିକାଦାର, ସରକାରୀ ଅର୍ଡର ସପ୍ଲାୟର ମାନଙ୍କର ବିଲ୍‌ଗୁଡିକ ଫାଇନାଲ ହେବ । ଚେକ୍ ଭଙ୍ଗାଇବା ପାଇଁ ଟ୍ରେଜେରୀ, ବ୍ୟାଙ୍କ କାଉଣ୍ଟର ମାନଙ୍କରେ ପ୍ରବଳ ଭିଡ ଜମିଛି । ଏହି ବାଣ୍ଟ ବରଣ ବ୍ୟବସାୟୀ, ଅସାମାଜିକ ଲୋକ, ଚୋର, ଡକାୟତ ମାନଙ୍କୁ ସୁବର୍ଣ୍ଣ ସୁଯୋଗ ଦେଇଥାଏ । ଏ ସବୁ ସ୍ଥାନରେ ପକେଟମାର ଆଟାଚି ଚୋର, ଡକାୟତ ମାନଙ୍କର ଶକୁନି ଦୃଷ୍ଟିଥାଏ ବିଲ୍ ଭଙ୍ଗାଇବା କାଉଣ୍ଟର ଉପରେ ।

ଭୁବନେଶ୍ୱର ଷ୍ଟେଟ ବ୍ୟାଙ୍କ ସାମନାରେ ଛିଡା ହୋଇଛି ଗୋଟିଏ ଖାଲି ଟ୍ରକ । ସେଥିରେ କେହି ଡ୍ରାଇଭର ନାହାଁନ୍ତି । କେତେବେଳୁ ସେ ଟ୍ରକ କାହିଁକି ସେଠାରେ କିଏ ରଖିଛି ତାର ଖବର କେହି ରଖି ନାହାଁନ୍ତି । ସମସ୍ତେ ବ୍ୟାଙ୍କ କାମରେ ବ୍ୟସ୍ତ । ଲୋକ ଗହଳି ସବୁଆଡେ । କିଏ କାହିଁକି ଖବର ରଖିବ ? ବ୍ୟାଙ୍କ ଭିତରକୁ ଯେଉଁମାନେ ଯିବା ଆସିବା କରନ୍ତି ସେମାନଙ୍କ ବେଶ ପୋଷାକରୁ ଲୋକ ବାରିହେବ ନାହିଁ । ତେଣୁ ସମସ୍ତେ ସନ୍ଦେହର ଉର୍ଦ୍ଧରେ । ଆଜିର ବେଶ ଭୂଷା ଯେପରି ସାମ୍ୟ ବାଦର ବିଜୟ ବାନା । ତାହାରି ତଳେ ଶିକ୍ଷିତ, ଭଦ୍ର, ସାଧୁ, ଚୋର, ଡକାୟତ, ଅସାମାଜିକ ଲୋକ, ଶୋଷକ, ଶୋଷିତ ସମସ୍ତଙ୍କ ପାଇଁ ଯେପରି ସ୍ଥାନ ସଂରକ୍ଷିତ । ସାଧା ପୋଷାକଧାରୀ ଦୁଇଜଣ ଯୁବକ ରାସ୍ତାରୁ ବ୍ୟାଙ୍କ ଭିତରକୁ ପ୍ରବେଶ କଲେ । ସମସ୍ତଙ୍କ ଅଲକ୍ଷରେ ଚେକ୍ ଭଙ୍ଗାଇବା କାଉଣ୍ଟର ପାଖରେ ପଇଁତରା ମାରିବା, କିଛି ଦୂରରେ ଛିଡାହୋଇ ଗପ କରିବା, ଏମାନଙ୍କର କମ ହୋଇଛି । ବନ୍ଧୁକଧାରୀ ଜଗୁଆଳ ମଧ୍ୟ ସେମାନଙ୍କ ଗତି ବିଧିକୁ ଲକ୍ଷ କରି ପାରିନାହିଁ ।

Digitized by srujanika@gmail.com

ଚିଫ ଇଞ୍ଜିନିୟରଙ୍କ ଅଫିସରେ ଅଜିତ ବାବୁଙ୍କର ଦୁଇଟି ବିଲ୍ ପାଶ ହେବାକୁ ଡେରି ହେଉଛି। ପିଅନ ଠାରୁ ଆରମ୍ଭ କରି ବଡ ବାବୁଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଦେଣ ନେଣ ବିଷୟରେ ଚୁକ୍ତି ଶେଷ ହୋଇ ନ ପାରିବା ଏହି ବଳମ୍ବର କାରଣ । ସମସ୍ତଙ୍କୁ ସନ୍ତୁଷ୍ଟ କରି ବ୍ୟାଙ୍କ ଡ୍ରାଫଟ ପାଇବା ବେଳକୁ ଦିନ ବାରଟା ହୋଇଗଲା । ଗୋଟାଏ ବେଳକୁ ଡ୍ରାଫଟ୍ ଆଉ ବ୍ୟାଙ୍କ ଗ୍ରହଣ କରିବ ନାହିଁ। ସେଥିପାଇଁ ଡ୍ରାଫଟ ଦୁଇଟି ପାଇବା ମାତ୍ରେ ଷ୍ଟେଟ ବ୍ୟାଙ୍କକୁ ଦୌଡିଲେ। ଯଥା ସ୍ଥାନରେ ସେ ଦୁଇଟି ଜମା ଦେଇ ବେଞ୍ଚ ଉପରେ ବସିଲେ ଅପେକ୍ଷାକରି । ରାସ୍ତା ଉପରେ କାର ରଖି ଦେଇ ଆସିଛନ୍ତି । ତାଙ୍କ କାର, ଖାଲି ଟ୍ରକ ଆଗରେ ଏକ ଆଡକୁ ମୁହଁ ହୋଇ ରହିଛି । ଟୁକନ୍ ଦୁଇଟି ଅନ୍ୟ ମନସ୍କ ଭାବେ ଦେଖୁ ଦେଖୁ ପେମେଣ୍ଟ କାଉଣ୍ଟରରୁ ପାଟି ଶୁଭିଲା ।'' ଟୁକନ ନଂ ୧୩୨, ୧୩୩ '' । '' ହଁ, ସାର କହି ଅଜିତ ବାବୁ ଆଗେଇ ଗଲେ କାଉଣ୍ଟର ପାଖକୁ । ଟୁକନ୍ ଦେଲେ । ''

କେତେ ଟଙ୍କା ? '' ଭିତରୁ ବ୍ୟାଙ୍କ ବାବୁଙ୍କର ପ୍ରଶ୍ନ ।

'' ୧୩୨ ରେ ଷଠିଏ ହଜାର ସତେଇଶ ଟଙ୍କା ଏବଂ ୧୩୩ରେ ପଞ୍ଚାବନ ହଜାର ଆଠଶହ ଦଶ ଟଙ୍କା '' ଉତ୍ତର ଦେଲେ ଅଜିତ ବାବୁ ।

'' କ'ଣ ନେବେ ? '' ଭିତରୁ ପ୍ରଶ୍ନ ।

'' ଶହେ ଟଙ୍କିଆ ଦିଅନ୍ତୁ '' ଅଜିତ ବାବୁ ଜଣାଇଲେ ।

ଏହି ସବୁ କଥାକୁ ସାଧାରଣ ପୋଷାକଧାରୀ ଯୁବକ ଦୁଇଜଣ ମନଯୋଗ ସହିତ ଶୁଣୁଥିଲେ । ନିଜ ନିଜ ଛାତି ଭିତରେ କୌଣସି ଜିନିଷ ଠିକ୍ ଅଛିକି ନାହିଁ ପରୀକ୍ଷା କରୁଥିବା ପରି ଜଣା ପଡୁଥିଲା ।

ଅଜିତ୍ ବାବୁ ଦୁଇଟି ଡ୍ରାଫଟ୍ ଭଙ୍ଗାଇ ଲକ୍ଷେ ଷୋହଳ ହଜାର ଏକଶହ ସଇଁତ୍ରିଶ ଟଙ୍କାର ଶହେ ଟଙ୍କିଆ, ଦଶଟଙ୍କିଆ, ପାଞ୍ଚ ଟଙ୍କିଆ ର ନୋଟ ବିଡା ମାନ

Digitized by srujanika@gmail.com

ବ୍ରିଫ କେଶ ଭିତରେ ପୂରାଇ ଯତ୍ନ ସହକାରେ ରଖିଲେ । ସେତେବେଳକୁ ଅପରାହ୍ନ ଚାରିଟା ବାଜି ପନ୍ଦର ମିନିଟ ହୋଇଥାଏ । ନିଜ କାର ଭିତରକୁ ଆସି ଅଜିତ ବାବୁ ପାଖରେ ବ୍ରିଫ ରଖି ଗାଡି ଚଳାଇଲେ । ମାଷ୍ଟର କ୍ୟାଣ୍ଟିନ ପାଖରେ କାର ରଖି ଭିତରକୁ ଗଲେ । ବ୍ରିଫଟି ସାବଧାନର ସହ ସଙ୍ଗରେ ନେଇଛନ୍ତି । ଦେଖାଗଲା ଗୋଟିଏ ଖାଲି ଟ୍ରକ ମଧ୍ୟ ସେଇ କ୍ୟାଣ୍ଟିନ ପାଖରେ ଅଟକିଲା ଏବଂ ଦୁଇଜଣ ଯୁବକ ଟ୍ରକରୁ ବାହାରି ଆସି କ୍ୟାଣ୍ଟିନ ଭିତରକୁ ପ୍ରବେଶ କଲେ ।

ଘରୁ ଯାହା ଖାଇ ଆସିଥିଲେ । କ୍ଷୁଧାରେ ବ୍ୟସ୍ତ ଲାଗୁଛି । ପାନାହାର ପରେ ଆଶ୍ୱସ୍ତି ଅନୁଭବ କଲେ । ପିଇବା କାମ ମଧ୍ୟ ସାରି ଦେଇଛନ୍ତି । ସମ୍ଭବତଃ ' ସାଗରିକା' ଯାଇ ହେବନି । ମୁକ୍ତିକାନ୍ତ ମଧ୍ୟ ବରହମ୍ପୁର ଯାଇଛି । ସିଗାରେଟ ଖଣ୍ଡକରେ ନିଆଁ ଲଗେଇବା ସମୟରେ ଅନ୍ୟ ଟେବୁଲ ପାଖରେ ଚା ପାନ କରୁଥିବା ଦୁଇଜଣ ଯୁବକ ତାଙ୍କୁ ବାରମ୍ବାର ଚାହୁଁଛନ୍ତି ।

ଅଜିତ ବାବୁଙ୍କର କାର୍ କଟକ ଅଭିମୁଖେ ସ୍ୱଭାବିକ୍ ଗତିରେ ଚାଲିଛି । ମାଷ୍ଟର କ୍ୟାଣ୍ଟିନ ଛାଡି ବୋର୍ଡ ଅଫିସ, ବାଣୀ ବିହାର ଛକ, ରସୁଲ ଗଡ ପାଣି ଟାଙ୍କି ପାର ହୋଇ କାର ତାଙ୍କର ବାହାରି ପଡିଲା କଟକ ରାସ୍ତାକୁ । ଅଫିସ ଛୁଟି ପରେ କଟକ-ଭୁବନେଶ୍ୱର ରାସ୍ତାରେ ଯାନ ବାହାନର ସଂଖ୍ୟା ବଢ଼ି ଯାଇଥାଏ । ଉଭୟ ପଟୁ କାର,ଟ୍ରକ, ଜିପ୍, ବସ୍ ଚଞ୍ଚଳ ଗତିରେ ନିଜର ଗନ୍ତବ୍ୟ ସ୍ଥାନ ଅଭିମୁଖେ ଚାଲିଥାଆନ୍ତି । ଖାଲି ଟ୍ରକ ମଧ୍ୟ ଅଜିତ୍ ବାବୁଙ୍କ କାରଠାରୁ ଅଳ୍ପ ବ୍ୟବଧାନରେ କଟକ ଆଡକୁ ଧାଇଁ ଥାଏ ।

ବାଲିକୁଦା ଛକ ପାର ହେଲା ବେଳକୁ ସନ୍ଧ୍ୟା ହୋଇ ଗଲାଣି । ଆଉ ଅଳ୍ପ ବାଟ ଗଲେ କାଠ ଯୋଡି ପୋଲ ପଡିବ । ଏହି ମଝି ସ୍ଥାନଟି ଟିକିଏ ନିଛାଟିଆ। ଅଜିତ୍ ବାବୁ କ୍ରମେ ନିଶା ଯୋଗୁଁ ଅବଶ ହୋଇ ପଡୁଛନ୍ତି । ଷ୍ଟିଅରିଂ ଠିକ୍ ରହୁନାହିଁ । ସାମନା ପଟରୁ ଗୋଟିଏ ଜିପ୍ ଆସୁଛି । ନମ୍ବର ପ୍ଲେଟରେ ନମ୍ବର ହେଲା

Digitized by srujanika@gmail.com

WBR - 35-309 । ଜିପ୍‌ର ଗତି ପ୍ରଖର ।

ସାମନାରେ ଆସି ଲାଗିବାରୁ ଅଜିତ୍ ବାବୁ କାର୍‌ର ବ୍ରେକ୍ ଦେଲେ । ଠିକ୍ ଏତିକି ବେଳେ ORS - 2054 ନମ୍ବର ଥବା ଖାଲି ଟ୍ରକ୍‌ଟି ପଛପଟୁ ଧକ୍କା ଦେଲା । ଅଜିତ୍ ବାବୁଙ୍କ କାରକୁ । କାର ଗଡିଗଲା ନଇଁ ଯୋଡିର ଅଧାପାଖ ଯାଏଁ । ଆଖି ପିଚୁଳାକେ ଟ୍ରକ୍ ଭିତରୁ ଦୁଇଜଣ ଯୁବକ କ'ଣ ହେଲା କହି ଡେଇଁ ପଡିଲେ । କାର ପାଖକୁ ଦୌଡିଯାଇ କାର୍‌ର ଡୋର ଖୋଲି ଅଜିତ୍ ବାବୁଙ୍କୁ ଧରି ବାହାର କରି ଆଣିଲେ । ଜଣେ ତାଙ୍କ ମୁହଁ ପଟ ଡାହାଣ କାନ୍ଧରେ ଛୁରୀ ଭୁଷୁଥିବା ସମୟରେ ଅନ୍ୟ ଜଣକ କାର୍ ଭିତରୁ ବ୍ରିଫଟିକ୍ ନିଜ ଆୟତ୍ତକୁ ଆଣିଲା । ରକ୍ତାକ୍ତ ଅବସ୍ଥାରେ ଅଜିତ୍ ବାବୁ ଚିତ୍କାର କରି ତଳେ ପଡିଗଲେ । ସେତେବେଳକୁ ସେ ଦୁଇଜଣ ଯୁବକ ଜିପ୍‌ରେ ବସି ସାରିଲେଣି ଏବଂ ଜିପ୍ ଡ୍ରାଇଭର ଜିପ୍ ମୁହଁକୁ କଟକ ଅ.ଡକୁ ବୁଲାଇ ସାରିଲେଣି । ବିଜୁଳି ବେଗରେ ଜିପ୍ ଚାଲିଲା କଟକ ଆଡକୁ । କାର, ଜିପ୍, ଟ୍ରକ, ବସ, ଶହ ଶହ ଲୋକଙ୍କ ଭିଡ ଜମିଲା । ଅଜିତ ବାବୁଙ୍କ କରୁଣ ଚିତ୍କାର । ତାଙ୍କୁ ଉଠାଇବା ପାଇଁ ସମସ୍ତେ ବ୍ୟଗ୍ର । ସେତେବେଳକୁ ଜିପ୍‌ଟି ରିଙ୍ଗ ରୋଡ ପାର ହୋଇ ଗଲାଣି ।

ବିଚ୍ ରାସ୍ତା ଉପରେ ଡକାୟତି ହୋଇଗଲା । କେହି ସେ ଜିପ୍‌ର ପଛ ଧରି ପାରିଲେ ନାହିଁ । ସମସ୍ତଙ୍କ ଦୃଷ୍ଟି ଅଜିତ୍ ବାବୁଙ୍କ ରକ୍ତାକ୍ତ ଶରୀର ଉପରେ । ଆହତ ଅବସ୍ଥାରେ ତାଙ୍କ ଚେତା ବୁଡି ଆସୁଛି । ରାସ୍ତା ଉପରେ ଅନେକେ ବସ୍ ଅଟକିଛି । ମୁକ୍ତିକାନ୍ତ ବସ୍ ଅଟକିବା ମାତ୍ରେ ତଳକୁ ଓହ୍ଲାଇ ପଡିଲା । ଲୋକମାନଙ୍କୁ ଦୁଇ ପାଖକୁ ଅଡେଇ ଦେଇ ଆଗକୁ ଯାଉଁ ଯାଉଁ ଜାଣିଲା ଯେ ଏହା ଏକ କାର୍ ଦୁର୍ଘଟଣା । ଦୁର୍ଦ୍ଦଶା ଗ୍ରସ୍ତ କାର ଉପରେ ତାର ଦୃଷ୍ଟି ପଡିଲା ନମ୍ବର ପଢ଼ିନେଲା ORS 2525 । ଏହା ଅଜିତର କାର ନମ୍ବର । ମୁକ୍ତିକାନ୍ତର ଧୈର୍ଯ୍ୟ ସୀମା ଟପିଲାଣି ! ଆଗକୁ ଯାଇ ଅଜିତର ଅବସ୍ଥା ଯାହା ଦେଖିଲା ସେଥିରେ ସେ ନିଜ ଆଖିକୁ ବିଶ୍ୱାସ କରି ପାରିଲା

Digitized by srujanika@gmail.com

ନାହିଁ । ଜଣେ ଭଦ୍ର ଲୋକଙ୍କ କାରରେ ଅଜିତ୍ କୁ ଧରି କଟକ ମେଡିକାଲ ଅଭିମୁଖେ ମୁକ୍ତିକାନ୍ତ ଚାଲିଲା । ସେତେବେଳକୁ ମଧୁପାଟଣା ଥାନାରୁ ପୋଲିସ୍ ଅଫିସର ସଦଳବଳେ ଘଟଣା ସ୍ଥଳରେ ପହଞ୍ଚିଗଲେଣି । କଲେଜ ହସପିଟାଲ ଇମାରଜେନସି ୱାର୍ଡରେ ଅପରେସନ ଟେବୁଲ ଉପରକୁ ଅଜିତ୍‌ର କ୍ଷତ ବିକ୍ଷତ ଶରୀରକୁ ନେଲା ବେଳକୁ ତା'ର ପ୍ରାଣବାୟୁ ଉଡି ଯାଇଥିଲା । ଇମାରଜେନ୍‌ସି ଡାକ୍ତରପରୀକ୍ଷା କରି ଜଣାଇ ଦେଲେ 'ଆହତ ବ୍ୟକ୍ତି ମୃତ' । ମୃତ ଶରୀରକୁ ନର୍ସ ଧଳା ଚଦର ଢ଼ାଙ୍କି ଦେଲେ । ହସ୍‌ପିଟାଲ ନିୟମାନୁସାରେ ଏହା ହେଲା ମୃତ ଲୋକଙ୍କର ସଙ୍କେତ । ଡାକ୍ତରଙ୍କ ମୁଖରୁ ମୃତ୍ୟୁ ସମ୍ବାଦ ପାଇବା ମାତ୍ରେ ମୁକ୍ତିକାନ୍ତ ଭାବ ବିହ୍ୱଳ ହୋଇ ପଡିଲା । ସେଇ ମୁହୂର୍ତ୍ତରେ ତା'ର କର୍ତ୍ତବ୍ୟ କ'ଣ ସେ ସ୍ଥିର କରି ପାରିଲା ନାହିଁ । ଏ ଦାରୁଣ ଦୁର୍ଘଟଣାର ଭୟାବହତା ଯେପରି ତା'ର ସମସ୍ତ ଧୈର୍ଯ୍ୟ ଶକ୍ତିକୁ ପରାହତ କରିଛି । କାହାରିକୁ ଅପେକ୍ଷା ନ କରି ଧାଇଁଲା ଫୋନ ପାଖକୁ ।

ସୁରେଶ ବାବୁ ଅଫିସ୍‌ରୁ ଫେରି ଜଳଖିଆ ଖାଉଥାଆନ୍ତି । ପତ୍ନୀ ତିଳୋତ୍ତମାଙ୍କ ସହିତ ଘରୋଇ କଥାବାର୍ତ୍ତା କରୁଥାଆନ୍ତି । ଲତା ନିଜ ଶୟନ କକ୍ଷରେ ବସି ପଢ଼ାରେ ବ୍ୟସ୍ତ । ଫୋନ୍‌ର କ୍ରିଂ କ୍ରିଂ ଶବ୍ଦ ହେଲା । ଫୋନ୍ ଧରିବା ପାଇଁ ସୁରେଶ ବାବୁ ଉଠିଗଲେ ଡ୍ରଇଁ ରୁମକୁ '' ହେଲୋ this is 42-1165 ''

'' ଆଜ୍ଞା ଆପଣ କିଏ କହୁଛନ୍ତି ?'' ଫୋନ୍ କରୁଥିବା ବ୍ୟକ୍ତିଙ୍କର କଣ୍ଠ ସ୍ୱରରେ କାରୁଣ୍ୟ ଭରା ।

'' ଆପଣ କାହାକୁ ଖୋଜୁଛନ୍ତି ? '' ସୁରେଶ ବାବୁ ପ୍ରଶ୍ନ କଲେ ।

'' ମୁଁ କହୁଛି ମୁକ୍ତିକାନ୍ତ । ମୁଁ ସୁରେଶ ବାବୁଙ୍କୁ ଚାହୁଁଛି ''

'' ମୁଁ କହୁଛି, କ'ଣ ହୋଇଛି ?''

'' ମଉସା ! ଶୀଘ୍ର ସମସ୍ତଙ୍କ ଘରେ ଧରି କଲେଜ ହସପିଟାଲକୁ

Digitized by srujanika@gmail.com

ଆସନ୍ତୁ । ଅଜିତ୍ ଭାଇ ଅପରେସନ୍ ଟେବୁଲ ଉପରେ । କାର ଏକ୍ସିଡେଣ୍ଟ । ଆପଣ ଶୀଘ୍ର ଆସନ୍ତୁ ।'' ଫୋନ୍ ନୀରବ ।

ଏ ଦୁଃସମ୍ବାଦ ପାଇବା ମାତ୍ରେ ସୁରେଶ ବାବୁ ଚିତ୍କାର କରି ଘର ଭିତରକୁ ଦୌଡିଲେ । ପତ୍ନୀଙ୍କୁ ଓ ଲତାକୁ ଡାକ ପକାଇଲେ । ଘର ଭିତରେ ସମସ୍ତେ କାନ୍ଦିଲେ ଉଚ୍ଚ ସ୍ୱରରେ । ପିଅନ, ଚାକର, ଚାକରାଣୀ ସମସ୍ତେ ଘଟଣାଟି ଜାଣିଲା ପରେ କାନ୍ଦି କାନ୍ଦି ଉଚ୍ଛନ୍ନ । ସମଗ୍ର ପରିବାରରେ ବିଷାଦର ଛାୟା । କ୍ରନ୍ଦନର କୋଳାହଳ । ପଡୋଶୀ ଲୋକମାନେ ଧାଇଁ ଆସିଲେ ମହାପାତ୍ରଙ୍କ ଘରକୁ । ପାଖଘରେ ରହୁଥିବା ପୋଲିସ ଅଫିସର ଗଜେନ୍ଦ୍ର ବଳବନ୍ତ ରାୟ ନିଜ କାରରେ ସୁରେଶ ବାବୁ, ତିଳୋତ୍ତମା ଦେବୀ ଓ ଲତା ତଥା ନିଜ ପତ୍ନୀଙ୍କୁ ସଙ୍ଗରେ ଧରି ହସପିଟାଲ ଅଭିମୁଖେ ଦ୍ରୁତ ଗତିରେ କାର୍ ଚଳାଇଲେ ।

ବିଧିର ବିଧାନ ବଡ ବିଚିତ୍ର । ଏକଛତ୍ରବାଦର ସମସ୍ତ ଶକ୍ତି ଯେପରି ତାଙ୍କଠାରେ ଠୁଳ । ତାଙ୍କ ଯୋଜନରେ ବ୍ୟତୀକ୍ରମ ନ ଥାଏ । ବିକଳ୍ପ ମଧ୍ୟ ନ ଥାଏ । ମଣିଷକୁ ମଥାପାତି ସବୁ ମାନି ନେବାକୁ ପଡିଥାଏ । ସୁରେଶ ବାବୁ, ତିଳୋତ୍ତମା, ଲତା ଅଜିତର ଦେହାନ୍ତକୁ ସ୍ୱୀକାର ନ କରି ଆଉ ଅଧିକ ବା' କ'ଣ କରି ପାନ୍ତେ ? ସମସ୍ତେ ଶୋକାକୁଳ । ଏକମାତ୍ର ପୁତ୍ରକୁ ହରାଇ ସୁରେଶ ବାବୁ ଜ୍ଞାନଶୂନ୍ୟ ହୋଇ ଯାଇଛନ୍ତି । ବିଧୁରା ମାତା ତିଳୋତ୍ତମା । ବିଧୁରା ପତ୍ନୀ ଲତାକୁ କିଏ କେଉଁ ଭାଷାରେ ସାନ୍ତ୍ୱନା ଦେବେ ତାହା ଖୋଜି ପାଉ ନ ଥାନ୍ତି । ଶ୍ରୀଯୁକ୍ତ ବଳବନ୍ତରାୟ ମୁକ୍ତିକାନ୍ତଙ୍କ ସହ ପରମର୍ଶ କରୁଥିବା ସମୟରେ ସିଦ୍ଧେଶ୍ୱର ବାବୁ, ଶୈଳଜା ଏବଂ ଲତାଘରୁ ସମସ୍ତେ ଆସି ପହଞ୍ଚିଲେ । ଅଶ୍ରୁବନ୍ୟାରେ ସମସ୍ତେ ଥଳକୂଳ ହରା । କିଏ କାହାକୁ ସାନ୍ତ୍ୱନା ଦେବାକୁ ଅସମର୍ଥ । ଇତି ମଧ୍ୟରେ ନର୍ସମାନେ ଅଜିତ୍‌ର ଆବୃତ ମୃତ ଦେହକୁ ହସ୍‌ପିଟାଲ ଖଟରୁ ବାରଣ୍ଡାକୁ ବାହାର କରିଦେଲେଣି ।

କାଳବିଳମ୍ବ ନ କରି ଶବ ଶେଭା ଯାତ୍ରା ଏବଂ ଶବ ଦାହ ବ୍ୟବସ୍ଥାର

Digitized by srujanika@gmail.com

ଆୟୋଜନ କରିବାକୁ ହେବ । ସିଦ୍ଧେଶ୍ୱର ବାବୁ, ଗଜେନ୍ଦ୍ରବାବୁ, ମୁକ୍ତିକାନ୍ତ ଲାଗି ପଡିଲେ ଶବଦାହ ଆୟୋଜନ ପାଇଁ । ବିନୋଦ ବାବୁ, ତିଳୋତ୍ତମା, ଶୈଳଜାକୁ ଦେଖିଲେ ମନେ ହେଉଥାଏ ସତେ ଯେପରି ଏମାନେ ଗୋଟିଏ ଗୋଟିଏ ନିର୍ବାକ୍ ପ୍ରସ୍ତର ମୂର୍ତ୍ତୀ । ଲତା ଏ ଅପ୍ରତ୍ୟାଶିତ ଘଟଣାରେ ମୂକ ପାଲଟି ଯାଇଥାଏ । ନିଜର ହୀନ ଭାଗ୍ୟକୁ ନିନ୍ଦା କରୁଥାଏ । ମନେ ମନେ ଭାବୁଥାଏ ତାହାରି ଯୋଗୁଁ କିଶୋର ଆଜି ସର୍ବହରା । ବାଟର ଭିକାରୀ । ଜୀବନରେ ଅଛନ୍ତି କି ନାହିଁ କହିବା ଅସମ୍ଭବ । ପୁଣି ଅଜିତ୍ ବାବୁଙ୍କର ଆଜି ଅକାଳ ମୃତ୍ୟୁ । ଏହା କ'ଣ ତେବେ ଅଲକ୍ଷଣୀ ନାରୀର ଭାଗ୍ୟଫଳ । ତେବେ ସେ କ'ଣ ଏ ଯୁଗର ଗାନ୍ଧାରୀ । ଯାହାର ବିଷାକ୍ତ ଦୃଷ୍ଟି ଜ୍ୱାଳାରେ ସବୁଜଳି ପୋଡି ଯିବ ? ଆଉ ଅଧିକ ଭାବି ପାରିଲା ନାହିଁ । ଉପସ୍ଥିତ ପରିସ୍ଥିତିରେ ତାକୁ ନିଜର କର୍ତ୍ତବ୍ୟ ତୁଲାଇବାକୁ ହେବ । ଲତା ଶାଶୁଙ୍କ କୋଳରେ ମୁଣ୍ଡ ବାଡେଇ ଦେଇ କାନ୍ଦି କାନ୍ଦି କହିଲା - '' ବୋଉ ! ମୋର ସବୁ ଶେଷ ହୋଇଯାଇଛି । ମୋର ଗୋଟିଏ ମାତ୍ର ଅନୁରୋଧ ଅଜିତ୍ ବାବୁଙ୍କ ଶବ ଦାହ ହେବ ପୁରୀର ସ୍ୱର୍ଗଦ୍ୱାର ଠାରେ ।'' ପତିବ୍ରତାର ଇଚ୍ଛା ପୂର୍ଣ୍ଣହେଲା ମୁହୂର୍ତ୍ତକ ମଧ୍ୟରେ । ଅଜିତ୍‌ର ଶବକୁ ଧରି କାର ଚାଲିଲା ପୁରୀ ଅଭିମୁଖେ । ସେ କାର୍ ପଛରେ ଚାଲିଛି ଅନେକ କାର ଶୋକାତୁର ଲୋକ ମାନଙ୍କୁ ନେଇ । ଶିଶିର ସ୍ନାତ ସକାଳ ପୂର୍ବାକାଶରେ ସୂର୍ଯ୍ୟର କଅଁଳ ନାଲି କିରଣ ସ୍ୱର୍ଗଦ୍ୱାରର ବାଲୁକା ରାଶିକୁ ଛୁଇଁଲା ବେଳକୁ ଅଜିତ ବାବୁଙ୍କ ଚିତାଗ୍ନି ଲିଭି ଆସୁଥାଏ । ସେତେବେଳେ କାଳ ପୁରୁଷ ଲତାର ଭବିଷ୍ୟତ ଅଧ୍ୟାୟ ଲେଖିବା ପାଇଁ ପାଞ୍ଜିର ପୃଷ୍ଠା ଓଲଟାଉ ଥାଏ । □

= ଛତ୍ରିଶ=

ଏ ସୃଷ୍ଟି ଯେପରି ସୁନ୍ଦର, ସେହିପରି ବୈଚିତ୍ର ପୂର୍ଣ୍ଣ, ରହସ୍ୟମୟ । ପ୍ରତିଦିନ ଆଲୋକର ଅନ୍ଧକାର ଲୁଚକାଳି ଖେଳ । ଏହାରି ଭିତରେ କେତେ ରହସ୍ୟ

Digitized by srujanika@gmail.com

ଯେ ପୂରି ରହିଛି ତାର ହିସାବ ନାହିଁ । ମଣିଷର ସୃଷ୍ଟି ସୀମିତ । ନିଜ ଶକ୍ତିର ପରିଧି ମଧ୍ୟରେ ସେ କେତେ କଳ୍ପନାର ତାଜ ମହଲ ଗଢୁଥାଏ । ଦମ୍ଭ, ଅହଙ୍କାର, ମୋହ, ଗର୍ବ, ସତେ ଯେପରି ତାର ସେହି କଳ୍ପନା ପ୍ରସୂତବତ ତାଜର ଗୋଟିଏ ଗୋଟିଏ ସ୍ଫଟିକ ସ୍ତମ୍ଭ । ଧରାକୁ ସରା ଜ୍ଞାନ କରିବା ସତେ ଯେପରି ତାର ସହଜାତ ପ୍ରବୃତ୍ତି । ସମୟର ପରଦା ଓଲଟି ଯାଏ । ଚକ୍ଷୁ ଅନ୍ତରାଳରେ ଥିବା ସେ ପାଖଟା କି କଦର୍ଯ୍ୟ ? ଦୁଃଖ ନିର୍ଯାତନା ଯନ୍ତ୍ରଣା ରେ ପୂର୍ଣ୍ଣ । ବିଷାଦର ପଟୁଆର ଚାଲିଥାଏ ସେ ପାଖରେ ପ୍ରବଳ ଝଟିକାର ସର୍ବଗ୍ରାସୀ ଜିହ୍ୱା ମଣିଷର ତତଲା ଲହୁକୁ ଚାଖିବା ପାଇଁ ପ୍ରସାରିତ । କ୍ଷଣକ ମଧ୍ୟରେ ମଣିଷର କଳ୍ପନା ତାଜ ମିଶିଯାଏ ମାଟି ଦେହରେ । କେଉଁ କୁଶଳୀ ଯାଦୁକରର ହାତ ସଫେଇ ପରି ଜଣାଯାଏ । ଦୁଃଖ ଦରିଆରେ ଭାସି ଭାସି ସେ ଦିଗ ହରା ହୁଏ । ଯେଉଁ ପଥରେ ସେ ଚାଲିବାକୁ ଶିଖିନାହିଁ ତାକୁ ସେହି ପଥରେ ହିଁ ଚାଲିବାକୁ ହୁଏ । ଯେଉଁ ଆସ୍ୱାଦ ସେ କେବେ ଚାଖିନି, ସେ ଆସ୍ୱାଦର ତୀବ୍ରତାକୁ ଆକଣ୍ଠ ପାନ କରିବାକୁ ବାଧ୍ୟ ହୁଏ । ଯେଉଁ ଦୃଶ୍ୟ ଦେଖିବାରେ ସେ କେବେ ଅଭ୍ୟସ୍ତ ହୋଇନି ସେ ଦୃଶ୍ୟ ତା' ଆଖିକୁ ଝଲସାଇ ଦିଏ । ଅଦୃଷ୍ଟ ଦେବତାର ଅଟ୍ଟହାସ୍ୟରେ ବିକଳ ହୋଇ ମିନତି କରେ ଆଉ ବିଦ୍ରୁପ ନ କରିବା ପାଇଁ । ଏଇ ସବୁ ତ ନିତି ଦିନର ଘଟଣା । ମାଟି ପୁରର ବିଶ୍ୱ ଜୀବନକୁ ଘେରି ରହିଛି ।

ଲତାର ଭାବନାର ସୂତା ଯେପରି ଅଡୁଆ ହୋଇ ଯାଇଛି । ଖିଅ ପାଇବା ସମ୍ଭବ ହେଉନାହିଁ । ଅଜିତ୍‌ର ଦଶାହ କର୍ମର ସମାପ୍ତିପରେ ଏକାନ୍ତରେ ସେ ବସି କ'ଣ ଭାବୁଛି । ଭାବନାର ମୟାମୃଗ କେତେବେଳେ ଟାଏଗା ଜଙ୍ଗଲରେ ତ ପୁଣି କେତେବେଳେ ସାହାରାରେ ନିର୍ଜନ ଛାତି ଉପରେ ଧାଇଁ ବୁଲୁଛି । ନାଇଜେରିଆର ଘୋର ଜଙ୍ଗଲ, ଅଷ୍ଟ୍ରେଲିଆର ତୃଣଭୂମିରେ ବୁଲିବା ପରେ ହିନ୍ଦୁକୋଶର ମାଳଭୂମିକୁ ଲମ୍ଫ ଦେଉଛି ପ୍ରଶାନ୍ତ ମହାସାଗରର ଲହରୀ ଉପରକୁ ।ଭୂମି ଉପରେ ଆଣ୍ଠୁମାଡି ବସିବା ପରେ ତା'ର ଥରଥର ହାତ ଦୁଇଟି ଏକାଠି ଯୋଡି ହୋଇଗଲା । କାହାର ଉଦ୍ଦେଶ୍ୟରେ ସେ ଜାଣେନି । କମ୍ପିତ ଅଧରର ଝରି ପଡୁଥିଲା ଅସରନ୍ତି ବେଦନା

Digitized by srujanika@gmail.com

ବୋଲା ଅସ୍ପଷ୍ଟ କଥା ଗୁଡିକ ।

ସବୁଶେଷ । ଜୀବନ କବିତାର ଶେଷ ପୂର୍ଣ୍ଣଛେଦ । ସବୁ କଳ୍ପନାର ଅନ୍ତିମ ଶଯ୍ୟା । ସବୁ ମାନ, ଅଭିମାନ, ଆନନ୍ଦ, ଅଶ୍ରୁ, ସପନ, ଜାଗରଣ, ଅଳି, ଅଭିସାରର ଆଜି ଭସାଣୀ ଉତ୍ସବ । ଆଉ ଅଧିକ ଭାବି ପାରିଲାନି ଲତା । ନିରବରେ ଅଶ୍ରୁଢ଼ାଳି ଢ଼ାଳି ଶୟନ କକ୍ଷର ଚଟାଣ ତିନ୍ତାଇ ଦେଲା ।

କିଛିଦିନ ପରେ ସୁରେଶ ବାବୁ ପୁତ୍ର ଶୋକର ଦାରୁଣ କଷାଘାତ ସହି ନ ପାରି ସ୍ୱେଚ୍ଛାକୃତ ଭାବେ ସରକାରୀ ଚାକିରୀରୁ ଅବ୍ୟାହତି ନେଇଛନ୍ତି । କଟକ ଘରଟି ଭଡା ଲାଗିଛି । ପତ୍ନୀ ତିଳୋତ୍ତମା ଓ ବିଧବା ବୋହୂଙ୍କୁ ନେଇ ପୁରୀ ବାସଭବନରେ ନୀରସ ଦିନ ଗୁଡିକ କଟାଉଛନ୍ତି । ଘର ଭିତରେ ଚାକର, ଚାକରାଣୀ ଏବଂ ବାହାର କାମ ଗୁମାସ୍ତା ଗୋବିନ୍ଦ ମହାନ୍ତି ସମସ୍ତ ବୁଝୁଛନ୍ତି । ମୁକ୍ତିକାନ୍ତ, ଶୈଳଜା, ସମୁଦି ବିନୋଦ ବାବୁ, ମନୋରମା ଘନ ଘନ ପୁରୀକୁ ଆସନ୍ତି । ସେମାନଙ୍କର ସାନ୍ତ୍ୱନା ଶତ ଗୁଣିତ ହେଲେ ମଧ୍ୟ ମନରୁ ସେ ବିଷାଦର ଛାଇ ଆଉ ଘୁଞ୍ଚେ ନାହିଁ । ସମସ୍ତଙ୍କ ମନରେ ଅଜିତ୍‌ର ସ୍ମୃତି କ୍ରମେ ପତଳା ହୋଇ ଆସୁଛି । ନିଷ୍ଠୁର ବାସ୍ତବତାକୁ ମାନି ନେବାକୁ କ୍ରମେ ସମସ୍ତେ ଅଭ୍ୟସ୍ତ ହୋଇ ଆସୁଛନ୍ତି । ସମସ୍ତଙ୍କ ଅପେକ୍ଷା ଗର୍ଭଧାରିଣୀ ମା ତିଳୋତ୍ତମା ଦିନରାତି ଆକାଶ ପାତାଳ ଭାବନ୍ତି । ଏହି ଭାବନା ପଥରେ ଲତା ପ୍ରତି ତାଙ୍କର ଅନାଦରର ଶିଉଳି କ୍ରମେ ବହଳ ହୋଇ ଆସୁଛି । ଅଲକ୍ଷଣୀଟା ମୋ ଘରେ ପାଦ ଦେବାର ଛ'ମାସ ଯାଇଛି କି ନାହିଁ ପୁଅ ମୋର ସ୍ୱର୍ଗକୁ ଗଲା । ଏଇଟାର ମୁହଁ ଚାହିଁଲେ ଯଶ ନାହିଁ ।

ଶାଶୁଙ୍କର ମନୋଭାବ ବୁଝିବାକୁ ବୁଦ୍ଧିମତୀ ଲତାକୁ ବେଶି ସମୟ ଲାଗେନାହିଁ । ଗଭୀର ଭାବରେ ସମସ୍ତଙ୍କ ବିଷୟ ଅନୁଧ୍ୟାନ କଲା । ଘରର ଏ ଅସ୍ୱାସ୍ଥ୍ୟକର ବାୟୁମଣ୍ଡଳ ଭିତରୁ ନିଜକୁ ମୁକ୍ତି କରିବାକୁ, ଏ ଅନ୍ଧକାରର ପର ପାରିରେ ଆଲୋକର ସନ୍ଧାନ ଖୋଜିବାକୁ ପଡିବ । ଏ ମୂଲ୍ୟବାନ ଜୀବନକୁ କେବଳ ଅନ୍ନମୟ

Digitized by srujanika@gmail.com

ପିଣ୍ଡ ନ କରି ରଖିବାକୁ ମନସ୍ଥ କଲା । ମନର ବଳ, ଛାତିର ଦମ୍ଭ, ହୃଦୟର ସାହସକୁ ଏକତ୍ର କରି ନିଜର ଏକ ଭାବୀ ଯୋଜନା ଗଢ଼ିଲା ଏବଂ ସେ ଯୋଜନାକୁ ରୂପାୟିତ କରିବା ପାଇଁ ପ୍ରାଣପାତ କରିବାକୁ ଦୃଢ଼ ପ୍ରତିଜ୍ଞା କଲା । ଉତ୍କଳମଣିଙ୍କର ଅନବଦ୍ୟ ଉକ୍ତି ତା'ର ମନେ ପଡିଲା । ମନେ ମନେ ବହୁବାର ଆବୃତ୍ତି କଲା -

" ମାନବ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ,
କର୍ମେଜୀଏଁ ନର କର୍ମ ଏକାତାର ଜୀବନର ମାନଦଣ୍ଡ ।"

ମନରେ ଅସୀମ ଉତ୍ସାହର ପ୍ରେରଣା ସେ ଅନୁଭବ କଲା । ତାର ସମଗ୍ର ଅସ୍ତିତ୍ୱ ଯେପରି ଶତ ସିଂହର ପରାକ୍ରମ ଅନୁଭବ କଲା । ଏକ ନୂତନ ଜୀବନର ଆବାହନ ସେ ଦେଖି ପାରିଲା । ଭିତରୁ କାବ୍ୟତାରା ଯେପରି ତାକୁ ଆଲୋକର ତୋରଣ ଭିତରକୁ ଆହ୍ୱାନ କରୁଛି । ଲତା ଭାବା ବେଶରେ ମୁଗ୍ଧ ହୋଇ ଉଠିଲା । ନିଜକୁ ହଜାଇ ଦେଲା ଅମୃତମୟ ସ୍ୱପ୍ନ ମଧ୍ୟରେ । ଦୂର ଦେଶରୁ ମଳୟ ବୋହି ଆଣୁଥିଲା ତା'ପାଇଁ ଉନ୍ମାଦ ଭରା ବେଣୁସ୍ୱନ ।

ପୁତ୍ରଶୋକ ଭୁଲିବା ପାଇଁ ସୁରେଶ ବାବୁ ଅଧିକାଂଶ ସମୟରେ ଘରେ ବସି ପଢ଼ାପଢ଼ି କରନ୍ତି । ସେଦିନ ସନ୍ଧ୍ୟାରେ ପଢୁଥିବା ସମୟରେ ଲତା ଆସି ନମ୍ର ଭାବରେ ଦ୍ୱାର ବନ୍ଧ ପାଖରେ ଛିଡା ହେଲା । କିଛି ସମୟ ପରେ ନୀରବତା ଭଙ୍ଗ କରି କହିଲା -

" ବାପା ମୋର କିଛି କହିବାର ଅଛି " ଲତାର ଦେହ ଥରୁଥିଲା ।

" କହ ମା' କ'ଣ କହିବାର ଅଛି " ଆଦରରେ କହିଲେ ଶଶୁର ।

ଲତା ନୀରବରେ ଛିଡା ହୋଇ ଶାଢ଼ୀ କାନିଟି ଆଙ୍ଗୁଳିରେ ଗୋଡାଉଥିବାର ଦେଖାଗଲା ।

" କହ ମା' ନିର୍ଭୟରେ ମନକଥା କହ " ଶଶୁରଙ୍କ ଆଶ୍ୱାସନା ।

Digitized by srujanika@gmail.com

" ମୋର ତ ସବୁ ଶେଷ ହୋଇ ଯାଇଛି । ଇହ କାଳ ପରକାଳ ସବୁ ପୋଡି ପାଉଁଶ ହୋଇ ଯାଇଛି ।" ଲତାର ଆଖିରେ ଶ୍ରାବଣର ଧାରା । " କାନ୍ଦନା ମାଆ, ଯାହାର କିଛି ବିକଳ୍ପ ନାହିଁ, ଯାହାର କିଛି ପ୍ରତିକାର କରି ହୁଏନି, ସେପରି ଘଟଣାର ଆଉ ଅଧୀରା ହୁଅନାହିଁ ମା ! ନିଜର ଅବୁଝା ମନକୁ ବୁଝାଇବାକୁ ଉଦ୍ୟମ କର । କଣ ଚିନ୍ତା କରୁଛ କୁହ ।"

" ମୁଁ ଭାବୁଥିଲି ଅଜିତ୍ ବାବୁଙ୍କ ସ୍ମୃତି ଉଦ୍ଦେଶ୍ୟରେ କିଛି କରିବି । କିଛି ସେବା କାମ ହାତକୁ ନେଇ ମୋର ଦୁଃଖ ସନ୍ତାପଭରା ହୃଦୟର ଯନ୍ତ୍ରଣାକୁ ଲାଘବ କରିବି ।" ଲତା ଜଣାଇଲା ।

" କ'ଣ କରିବାକୁ ଭାବିଛ ମୋତେ ମନ ଖୋଲି କୁହ, ମନରେ ଆଦୌ ଶଙ୍କା ବା ସଙ୍କୋଚ ରଖନାହିଁ ।"

" ଅଜିତ୍ ବାବୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଶିଶୁ ସେବା କେନ୍ଦ୍ର ପ୍ରତିଷ୍ଠା କରିବି । ତାହା ହିଁ ତାଙ୍କ ପାଇଁ ସ୍ମୃତି ସୌଧ ହେବ ।"

" ସୁରେଶ ବାବୁଙ୍କ ଅବଚେତନ ମନରେ ପ୍ରତିଧ୍ୱନିତ ହେଲା - " ଶିଶୁ ସେବା କେନ୍ଦ୍ର ତାଙ୍କ ପାଇଁ ଉପଯୁକ୍ତ ସ୍ମୃତି ସୌଧ ହେବ ।"

" ନିଜର ଶକ୍ତିକୁ କଳନା କରି ପାରିଛ ମା" ସୁରେଶ ବାବୁଙ୍କ କଥାରେ ଆଶଙ୍କାର ଛାୟା ।

" କରିଛି ବାପା ! ସେ ବିଷୟରେ ପଢ଼ାପଢ଼ି କରିଛି । ଟ୍ରେନିଂ ମଧ୍ୟ କିଛି ପାଇଛି । ମୁଁ ତା'ର ଏକ ପୂର୍ଣ୍ଣାଙ୍ଗ ଯୋଜନା କରିଛି ।"

"ପୂର୍ଣ୍ଣାଙ୍ଗ ଯୋଜନା କରିଛ ? ଅତି ଆନନ୍ଦର କଥା "

" ଆପଣଙ୍କ ଆଶିର୍ବାଦ ବ୍ୟତୀତ ମୁଁ ମୋ ଯୋଜନାରେ ସଫଳ ହୋଇ ପରିବି ନାହିଁ ।" ଲତା ଅଳି କଲା ।

Digitized by srujanika@gmail.com

" ମୁଁ ପୂର୍ଣ୍ଣ ପ୍ରାଣରେ ଏ କାମରେ ସାହାଯ୍ୟ କରିବି । ମୋର ତ ସବୁ ସରି ଯାଇଛି । କେବଳ ଜୀବନର ଶେଷ ସନ୍ଧ୍ୟା ପାଇଁ ଅପେକ୍ଷା କରିଛି । " ସୁରେଶ ବାବୁ ଦୁଃଖାଭିଭୂତ ହୋଇ ପଡିଲେ ।

" ପୁରୀ ସମୁଦ୍ର କୂଳରେ ଆମର ଯେଉଁ ଚାରିଏକର ବାଲିଚର ଅନାବାଦି ଜମି ପଡି ରହିଛି, ସେଇଠାରେ ଏହି କେନ୍ଦ୍ର ପ୍ରତିଷ୍ଠା କରିବାକୁ ମନସ୍ଥ କରିଛି " ଲତା ସନ୍ତର୍ପଣରେ କହିଲା ।

" ଏଥିପାଇଁ ପ୍ରଚୁର ଅର୍ଥ ଦରକାର ହେବ । ଏଥିପାଇଁ କି ଯୋଜନା କରିଛ ମା ?" ଶଶୁରଙ୍କ ପ୍ରଶ୍ନ ।

" ଅର୍ଥର ଅଭାବ ନାହିଁ ବାପା ! ମୋର ତ ଆଉ ସୁନା ଅଳଙ୍କାରର ଆବଶ୍ୟକତା ନାହିଁ । ତା'ର ମୂଲ୍ୟ ପ୍ରାୟ ଦଶ ହଜାର ହେବ । ଅଜିତ୍ ବାବୁ ମୋ ନାମରେ ପ୍ରାୟ ବ୍ୟାଙ୍କ ଜମା ଅଶି ହଜାର ରଖି ଯାଇଛନ୍ତି । ତାଙ୍କ ନିଜ ବ୍ୟାଙ୍କ ଆକାଉଣ୍ଟରେ ଲକ୍ଷାଧିକ ଟଙ୍କା ଜମା ରହିଛି । ତେଣୁ ଏ ସବୁର ବିନିମୟରେ ସେବାକେନ୍ଦ୍ରର ପ୍ରାଣ ପ୍ରତିଷ୍ଠା ହୋଇ ପାରିବ । "

ପରେ ସରକାରୀ,ବେସରକାରୀ ସ୍ୱେଚ୍ଛାସେବୀ ସଙ୍ଗଠନ ମାନଙ୍କରୁ ଆର୍ଥିକ ସାହାଯ୍ୟ ମିଳିବ । କିଛି ଅସୁବିଧା ହେବ ନାହିଁ ।" ଲତା ହିସାବ ଦେଲା ।

" ତୁମର ଯାହା ଇଚ୍ଛା ହେଉଛି କର ମା ! ମୁଁ ତୁମକୁ ସାହାଯ୍ୟ କରିବି " ସୁରେଶ ବାବୁଙ୍କ ଦୃଢ଼ ପ୍ରତିଶ୍ରୁତି ।

ଶଶୁରଙ୍କ ଠାରୁ ଦୃଢ଼ ପ୍ରତିଶ୍ରୁତି ପାଇବା ମାତ୍ରେ ଲତାର ସମଗ୍ର ଶରୀର ରୋମାଞ୍ଚିତ ହେଲା । ଭାବୀ କର୍ମ ପନ୍ଥାର ଦ୍ୱାର ଉନ୍ମୁକ୍ତ ହେଲା । ଆନନ୍ଦ ମନରେ ଏଣିକି ଯୋଜନା ଗଢ଼ିବାରେ ଲାଗିଲେ । ସୁରେଶ ବାବୁ ମଧ୍ୟ ଗୁମାସ୍ତାକୁ ଡାକି ସମସ୍ତ ଘଟଣା ବୁଝାଇ କାର୍ଯ୍ୟ ଭାର ଅର୍ପଣ କଲେ । ଅନତି ବିଳମ୍ବେ ଏ କାର୍ଯ୍ୟର ଶୁଭାରମ୍ଭ

Digitized by srujanika@gmail.com

କରିବାର ହେଲା । ଲତାର ଇଚ୍ଛାନୁସାରେ ସୁରେଶ ବାବୁ ତାକୁ ମା' ଟେରେଶାଙ୍କ ରାଞ୍ଚିସ୍ଥିତ " ଜୀବନ ପୂଜା" ସେବା କେନ୍ଦ୍ରରେ ଛାଡି ଆସିବେ । ଲତା କିଛିଦିନ ସେଠାରେ ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ କରିବା ପାଇଁ ସେଠାକୁ ଯିବାର ସ୍ଥିର ହେଲା । ଅଦୃଶ୍ୟ ଦେବତା ଲତାର ଭସ୍ମୀଭୂତ ସଂସାରର ପାଉଁଶ ଉପରେ ପୁଣି ସୁଖର ମୀନାର ଗଢ଼ିବାର କଳ୍ପନା । ଲତା ଅନୁଭବକଲା ଏକ ଅଭିନବ ଜୀବନର ଅମୃତ ସଙ୍କେତ । □

= ସଇଁତ୍ରିଶ =

ଚପଳା ବସ୍ କଟକରୁ ସକାଳ ସାତଟାରେ ଛାଡେ, ରାଞ୍ଚିରେ ପହଞ୍ଚିବାକୁ ରାତି ନଅଟା ହୋଇଯାଏ । ବସ୍ ଦିନରେ ଯାଉଥିବାରୁ ଯାତ୍ରୀ ମାନଙ୍କର ଭିଡ ହୁଏ । ମୁକ୍ତିକାନ୍ତକୁ ଫୋନ୍ କରି ଦୁଇଟି ଟିକେଟ କରାଯାଇଛି ରାଞ୍ଚିକୁ । ଲତା ଏବଂ ସୁରେଶ ବାବୁ ବାହାରି ଗଲେ ବସ୍ ଷ୍ଟାଣ୍ଡକୁ ଠିକ୍ ସାଢ଼େ ଛଅଟାରେ ।

ଚପଳାବସ୍ ଠିକ୍ ସମୟରେ କଟକ ଛାଡିଲା । ମହିଳା ମାନଙ୍କ ପାଇଁ ସଂରକ୍ଷିତ ସ୍ଥାନରେ ଲତା ବସିଲା । ବସ୍‌ରେ ଯାତ୍ରୀ ଭିଡ । କଣ୍ଡକ୍ଟର ସିଟରେ ସୁରେଶ ବାବୁଙ୍କୁ ବସିବା ପାଇଁ କଣ୍ଡକ୍ଟର କହିଲେ । ପାଖରେ ବସିଛନ୍ତି ବସ୍ ମାଲିକ ତାରାକାନ୍ତ ବାବୁ । ସହଯାତ୍ରୀ ମାନେ ପୋଖକୁ ପାଖ ବସିଲେ । ଆଳାପ କରୁଥାଆନ୍ତି । ତାରାକାନ୍ତ ବାବୁ ସୁରେଶ ବାବୁଙ୍କ ପୋଷାକ, ହାବ ଭାବରୁ ଅନୁମାନ କଲେ ସେ ଜଣେ ସମ୍ଭ୍ରାନ୍ତ ବ୍ୟକ୍ତି । ପୁଣି ସେ ରୂପସୀ ଜଣକ କିଏ ? ତାରାକାନ୍ତ ବାବୁଙ୍କ ମନରେ ଆଗ୍ରହ ସୃଷ୍ଟି କଲା ଲତାର ରୂପ ଯୌବନ । " ଆପଣ କେଉଁଠାକୁ ଯିବେ ? " ତାରାକାନ୍ତ ବାବୁ ପଚାରିଲେ ।

" ରାଞ୍ଚି ଯିବୁ " ସୁରେଶ ବାବୁ ଉତ୍ତର ଦେଲେ ।

Digitized by srujanika@gmail.com

" ସେଠାରେ ଆପଣଙ୍କର କେହି ଆତ୍ମୀୟ ଅଛନ୍ତି ପରା " ଆଗ୍ରହରେ ତାରାକାନ୍ତ ବାବୁ ପ୍ରଶ୍ନ କଲେ ।

" ସେଠାରେ ଆତ୍ମୀୟ କେହି ନାହାଁନ୍ତି, ଅନ୍ୟ କାମରେ ଯାଉଛୁଁ "

" ସେ ମହିଳା ଜଣକ ଆପଣଙ୍କ କନ୍ୟା ନା ? " ତାରାକାନ୍ତ ବାବୁ ଙ୍କ ଦୃଷ୍ଟି ଲତାର ସୌମ୍ୟ ରୂପ ଉପରେ ।

" ସେ ମୋର ବୋହୂ " ସୁରେଶ ବାବୁଙ୍କ ମନରେ ଦୁଃଖର ଆଭାସ ।

ସୁରେଶ ବାବୁଙ୍କ ଉତ୍ତର ଶୁଣି ତାରାକାନ୍ତ ବାବୁଙ୍କର ମନ ସନ୍ଦେହ ଜାଲରେ ଛନ୍ଦି ହୋଇ ପଡିଲା । କିଛି ସମୟ ପାଇଁ କଥାବାର୍ତ୍ତା ବନ୍ଦ ହୋଇଗଲା । ତାରାକାନ୍ତ ବାବୁ କେତେ ଆଉ କେତେ କଥା ଭାବିଗଲେ । ବୋହୂ ? ଅଥଚ ମଥାରେ ସିନ୍ଦୁର ନାହିଁ । ହାତରେ ମାତ୍ର ଷ୍ଟିଲ ବଳା ଖଣ୍ଡିଏ ଲେଖାଏଁ । ଏହାର ତାତ୍ପର୍ଯ୍ୟ କ'ଣ ? ତେବେ କ'ଣ ବାଲ୍ୟ ବିଧବା ନା ସଦ୍ୟ ବିଧବା ? ପଚାରି ବୁଝିବାକୁ ସେ ଭରସି ପାରିଲେ ନାହିଁ । ଏପରି ଅନିନ୍ଦ୍ୟ ସୁନ୍ଦରୀ ରୂପରାଜ୍ୟର ରାଜରାଣୀ ସଦୃଶ । ଏ ମହିଳାଟିକୁ ସଙ୍ଗରେ ଧରି ଏ ଭଦ୍ରବ୍ୟକ୍ତି ଜଣକ ରାଞ୍ଚି ଯାଉଛନ୍ତି କାହିଁକି ? ଶତ ଶତ ପ୍ରଶ୍ନ ତାରାକାନ୍ତ ବାବୁଙ୍କ ମନରେ । କିଛି କ୍ଷଣ ପରେ ପୁଣି ପ୍ରଶ୍ନ କଲେ -

" ଆପଣ ରାଞ୍ଚିରେ କେଉଁଠାକୁ ଯିବେ ?"

" ଆମେ 'ଜୀବନ ପୂଜା' ଅନୁଷ୍ଠାନକୁ ଯିବୁଁ "

" ଆପଣଙ୍କ ବୋହୂ ସେଠାରେ କ'ଣ କାମ କରନ୍ତି ?"

" ନା, ତାଙ୍କୁ ସେଠାରେ ଟ୍ରେନିଂ ପାଇଁ ଛାଡିବି ।"

" ଟ୍ରେନିଂ ପରେ କ'ଣ କରିବେ ?"

" ପୁରୀଠାରେ ଗୋଟିଏ ଶିଶୁ ସେବାକେନ୍ଦ୍ର ଖୋଲା ଯାଉଛି । ସେ ତାହାର ମୁଖ୍ୟ ଉଦ୍ୟକ୍ତା ଓ ପରିଚାଳିକା ହେବେ ।"

Digitized by srujanika@gmail.com

" ଆପଣଙ୍କ ପୁଅ କ'ଣ କରନ୍ତି ? " ଆଗ୍ରହରେ ତାରାକାନ୍ତ ବାବୁ ପଚାରି ଉତ୍ତର ଅପେକ୍ଷାରେ ରହିଲେ । ଏ ପ୍ରଶ୍ନ ଶୁଣିବା ପରେ ସୁରେଶ ବାବୁଙ୍କ ମନରେ ଭାବନ୍ତର ଉପସ୍ଥିତ । ସମଗ୍ର ମୁଖ ମଣ୍ଡଳରେ ବିଷାଦର କାଳିମା । କିଛି ସମୟ ପାଇଁ ଚକ୍ଷୁ ନିଷ୍ପଳ ହୋଇ ଗଲା । କି ଉତ୍ତର ଦେବେ କିଛି ସ୍ଥିର କରି ପାରିଲେ ନାହିଁ । ଉତ୍ତର ତ ଦେବାକୁ ହେବ । ନ ହେଲେ ଶିଷ୍ଟାଚାର ବିରୋଧ ହେବ । ଦୁଃଖ ଭରା ସ୍ୱରରେ ଉତ୍ତର ଦେଲେ - " ସେ ମୋତେ ଶୋକ ସାଗରରେ ଭସାଇ ଦେଇ ଆର ପାରିକୁ ଚାଲି ଯାଇଛି । ଭୁବନେଶ୍ୱର - କଟକ ରାସ୍ତାରେ ଯେଉଁ ଡକାୟତି କଥା ସମ୍ବାଦ ପତ୍ରରେ ପ୍ରକାଶ ପାଇଥିଲା, ସେହି ହତଭାଗ୍ୟ ଅଜିତ୍ ମହାପାତ୍ର ମୋର ପୁତ୍ର । ଏ ହେଉଛି ତା'ର ନବ ବିବାହିତା ପତ୍ନୀ । ବିବାହର ଛଅ ମାସ ମଧ୍ୟରେ ଏ ଦୁର୍ଘଟଣା ।" ସୁରେଶ ବାବୁଙ୍କ କଥା ଅଟକି ଗଲା ।

" ବୋହୂଙ୍କୁ କୌଣସି ଚାକିରୀରେ ଭର୍ତ୍ତି କରି ଦେଲେ ନାହି ? "

" ତାଙ୍କର ଏକାନ୍ତ ଇଚ୍ଛା ସେ ସେବାମୂଳକ କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରିବେ । ବୋହୂ ସେହି, ପୁଅ ସେହି, ତାଙ୍କର ଇଚ୍ଛା ବାହାରକୁ ଯିବା ମୋ ପକ୍ଷରେ ସମ୍ଭବ ନୁହେଁ ।"

" ସେ କେ' ଯାଏଁ ପଢ଼ିଛନ୍ତି ?"

" ବି. ଏସି. ଅର୍ନସ "

" ଏତେ ବଡ ଯୋଗ୍ୟତା ସମ୍ପନ୍ନା ଲୋକ, ଚାକିରୀ ତ ଗୋଡ ତଳେ ଥୁଆ । ଏତେ ଅଳ୍ପ ବୟସରେ ସେ କି ସେବା କାମ କରିବେ ? ଆଜିକାଲି ଏ ବସ୍ତୁବାଦୀ ସମାଜରେ ସେବାର ମୂଲ୍ୟ କିଏ ବୁଝନ୍ତି ? " ଯୁକ୍ତି କଲେ ତାରାକାନ୍ତ ବାବୁ । କଥାରେ ଉପହାସର ଆଭାସ । ଲତା ବସ ମଧ୍ୟରେ ଥିବା ରାସ୍ତାର ଅପର ପାଶ୍ୱରେ ଲେଡିଜ୍ ସିଟରେ ବସି ଏ ଆଲୋଚନା ଶୁଣୁଥାଏ । ଦୃଷ୍ଟି ଥାଏ ଦିଗନ୍ତ ବ୍ୟାପୀ ଶ୍ୟାମଳ ଶସ୍ୟ କ୍ଷେତ୍ର, ସୁନୀଳ ଆକାଶରେ ଭାସମାନ ମେଘଖଣ୍ଡ ଉପରେ ।

Digitized by srujanika@gmail.com

"ସବୁ ଲୋକଙ୍କ ଚିନ୍ତାଧାରା ସମାନ ନୁହେଁ । ସମାଜରେ ଅନେକ ପ୍ରକାର କାମ ପଡି ରହିଛି । ଯେ ଯାହାକୁ ରୁଚି ଅନୁସାରେ ବାଛି ପାରିଲା ।" ଉତ୍ତର ଦେଲେ ସୁରେଶ ବାବୁ ।

" ମୁଁ ମୋର ପରିଚୟ ଆପଣଙ୍କୁ ଦିଏଁ । ମୁଁ ହେଉଛି ଏ ବସ୍‌ର ମାଲିକ । ରାଞ୍ଚିରେ ମୋର ତିନି ତାରକା ହୋଟେଲ 'ଦୀପକ' ଅଛି । ସେଥିରେ ଅନେକ ମହିଳା କର୍ମୀଙ୍କୁ ନିଯୁକ୍ତି ଦେଉଛି । କାହାରି ପାରିଶ୍ରମିକ ଏକ ହଜାରରୁ କମ୍ ନୁହେଁ । ଆଣ ତ ରାଞ୍ଚିରେ ରହିବେ ବୋହୂଙ୍କୁ ସଙ୍ଗରେ ଧରି ଥରେ ଆମ ହୋଟେଲକୁ ବୁଲି ଆସନ୍ତୁ । ନିମନ୍ତ୍ରଣ ରହିଲା ।" ତାରାକାନ୍ତ ବାବୁ ସିଗାରେଟରେ ନିଆଁ ଧରାଉଥିବା ଅବସ୍ଥାରେ କହିଲେ । କଥାରେ ତାଙ୍କର ପୁରି ରହିଥିଲା କୁଟିଳତା ।

" ଚେଷ୍ଟା କରିବୁ ବୁଲି ଯିବା ପାଇଁ । ତେବେ ମୁଁ ରହିବି ନାହିଁ । ବୋହୂଙ୍କୁ ଛାଡି ପୁରୀ ଫେରି ଯିବି । ବୋହୂ ଟ୍ରେନିଂ ପରେ ଫେରିବେ । " ସୁରେଶ ବାବୁ ଉତ୍ତର ଦେଇ ନୀରବ ହୋଇଗଲେ । ଆଉ ଅଧିକ ଆଳାପ କରିବାର ତାଙ୍କର ଇଚ୍ଛା ନ ଥିଲା ।

ତାରାକାନ୍ତ ବାବୁ ସୁରେଶ ବାବୁଙ୍କ ପୁରୀ ଫେରିଯିବା କାର୍ଯ୍ୟକ୍ରମ ଜାଣିବା ପରେ ମନ ଭିତରେ ଅନେକ କଥା ଭାବିବାକୁ ଲାଗିଲେ । ମନ ଭିତରେ ତାଙ୍କର ଶୈତାନୀ ଚେତନା ଉଙ୍କି ମାରିବାକୁ ଲାଗିଲା । ସେ ମଧ୍ୟ ନୀରବ ହୋଇଗଲେ । ନିଦ୍ରା ଆକ୍ରମଣର ବାହାନା କରି ବସ୍ ପାଖ କାଚ ଝରକା ଆଡକୁ ଆଉଜି ଗଲେ । ରୂପ କନ୍ୟା ଲତାର ରୂପକୁ ସେ ଭାବି ଭାବି ଅସ୍ଥିର ହୋଇ ପଡିଲେ । ପ୍ରତି ଲୋମ କୂପରେ ଯେପରି କାମ ବାଣ ବିଦ୍ଧ ହେଉଛି । ଦେବ ଭୋଗ୍ୟା ଲତାର ଅଙ୍ଗ ସୁଖ ପାଇଁ ସତେ ଯେପରି ତାଙ୍କର ପ୍ରାଣ ପାଗଳ ହୋଇ ଉଠୁଛି । ହୋଟେଲରେ ଚାକିରୀ ପାଇଁ ରାଜି କରାଇ ପାରିଲେ କାର୍ଯ୍ୟ ହାସଲ ହୋଇଯିବ । ହୋଟେଲରେ ଗ୍ରାହକ ସଂଖ୍ୟା ବହୁ ଗୁଣିତ ହୋଇ ଯିବ । ଅମାପ ଆୟର ସ୍ୱପ୍ନ ଦେଖୁଥିଲେ ତାରାକାନ୍ତ

Digitized by srujanika@gmail.com

ବାବୁ । ଯଦି ସେଥିରେ ସଫଳ ନ ହୁଅନ୍ତି ? ତେବେ ପଇସା ପାଖରେ ଥିଲେ ସବୁ କାମ ସଫଳତାର ସହିତ ହାସଲ କରିହେବ । ତାରାକାନ୍ତ ବାବୁଙ୍କ ମନତଳେ ବୁଣା ହେଉଥିଲା ଷଡ଼ଯନ୍ତ୍ରର ବୁଢ଼ିଆଣୀ ଜାଲ । କେବଳ ସମୟ ଓ ସୁଯୋଗକୁ ହିଁ ଅପେକ୍ଷା କରିବାକୁ ପଡିବ ।

ରାତି ଦଶଟା କୋଡିଏ ବେଳକୁ ବସ୍ ରାଞ୍ଚିରେ ପହଞ୍ଚିଲା । ବସ୍‌ରୁ ଓହ୍ଲାଇ ଲତା ଏବଂ ସୁରେଶ ବାବୁ ଗୋଟିଏ ରେକ୍ସାରେ ଓ ତାରାକାନ୍ତ ବାବୁ ଆଉ ଏକ ରେକ୍ସାରେ ସ୍ୱ ସ୍ୱ ଗନ୍ତବ୍ୟ ସ୍ଥାନ ଆଡକୁ ଚାଲିଲେ ।

ଲତା ପୂର୍ବରୁ " ଜୀବନ ପୂଜା " ଅଧ୍ୟକ୍ଷାଙ୍କ ଠାରୁ ସେଠାକୁଯିବାପାଇଁ ଅନୁମତି ପତ୍ର ପାଇ ସାରିଥିଲା । ଫାଟକ ପାଖରେ ଦରଓ୍ୱାନକୁ ଅନୁମତି ପତ୍ର ଦେଖାଇ ଭିତରେ ପ୍ରବେଶ କଲେ ଲତା ଓ ସୁରେଶ ବାବୁ । ସେମାନେ ସେଠାରେ ପହଞ୍ଚିବା ମାତ୍ରେ ସୁରେଶ ବାବୁଙ୍କର ଅତିଥି ଭବନରେ ଏବଂ ଲତାର ପ୍ରଶିକ୍ଷଣ ନିବାସରେ ରହିବାର ବ୍ୟବସ୍ଥା ହେଲା । ପରଦିନ ଅଧ୍ୟକ୍ଷଙ୍କ ଠାରୁ ସୁରେଶ ବାବୁ ଅନୁଷ୍ଠାନର ନୀତି ନିୟମ, ଶୃଙ୍ଖଳା କାର୍ଯ୍ୟ କ୍ରମ ଆଦି ବିଷୟ ଅବଗତ ହେବା ପରେ ସନ୍ତୁଷ୍ଟ । ସମସ୍ତ ବିଭାଗର କାର୍ଯ୍ୟ ବୁଲି ଦେଖିଲେ । ଏପରି ଏକ ମହତ ଅନୁଷ୍ଠାନର ସନ୍ଧାନ ଲତା କିପରି ପାଇଲା ଏହା ତାଙ୍କୁ ବିସ୍ମିତ କଲା । ଗୋଟିଏ ଦିନ ରହଣୀ ପରେ ସୁରେଶ ବାବୁ କଟକ ଫେରି ସେଠାରୁ ପୁରୀ ଗଲେ । ଏକ ନୂଆ ଜୀବନର ସନ୍ଧାନରେ ଲତା ରହିଲା ଅନୁଷ୍ଠାନରେ । □

= ଅଠତ୍ରିଶ =

'ଜୀବନ ପୂଜା' ଅନୁଷ୍ଠାନର ଅନ୍ତେବାସୀ ମାନଙ୍କୁ ସବୁ କାମ ହାତରେ କରିବାକୁ ହୋଇଥାଏ । ସଫାଇ, ରୋଷେଇ, ବାସନ ମାଜିବା, ଲୁଗା ସଫାକରିବା,

Digitized by srujanika@gmail.com

ବଗିଚା କାମ ଗୁଡିକ ପାଳି ଅନୁସାରେ କରିବାକୁ ହୋଇଥାଏ । ପ୍ରାର୍ଥନା ସମୂହ ଭାବରେ କରା ଯାଇଥାଏ । ରୋଗୀ ସେବା, ଛୋଟ ପିଲାମାନଙ୍କୁ ପଢ଼ାଇବା ବାହାରକୁ ଯାଇ ସ୍ୱଚ୍ଛ ଆକ୍ରାନ୍ତ କୋଷ୍ଠ ରୋଗୀ ମାନଙ୍କୁ ଔଷଧ ଦିଆଯାଏ । ମା ଟେରେସା ଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଅନୁଷ୍ଠାନରେ କେବଳ ମହିଳା କର୍ମୀ କାମ କରନ୍ତି । ଜଣେ ମାତ୍ର ପୁରୁଷ ଦରଓ୍ୱାନ କାମକରେ ବାହାଦୁର ଥାପ୍ପା ଏହି କାମରେ ନିଯୁକ୍ତ । ସପରିବାର ଅନୁଷ୍ଠାନ ଯୋଗାଇଥିବା ଘରେ ରହେ । ମା' ଟେରେସା ଏଠାରେ ରହନ୍ତି ନାହିଁ । ମାସେ ଦୁଇମାସରେ ଥରେ ଆସି କାର୍ଯ୍ୟ ତଦାରଖ କରି ଯାଆନ୍ତି । ଅଧକ୍ଷାଙ୍କ ଉପରେ ସମସ୍ତ ଦାୟିତ୍ୱ ନ୍ୟସ୍ତ ଥାଏ ।

ଲତା ସବୁ କାମ କରିବାରେ ଅଭ୍ୟସ୍ତ ହୋଇଗଲାଣି । କଠିନ ପରିଶ୍ରମ, ମଧୁର ବ୍ୟବହାର, ନମ୍ର ସ୍ୱଭାବ ଏବଂ ନିଜର ବୁଦ୍ଧିମତ୍ତା ଯୋଗୁଁ ଅନୁଷ୍ଠାନର ସମସ୍ତଙ୍କର ସେ ପ୍ରିୟ । ତା'ର ରୂପ, ଗୁଣ, କାର୍ଯ୍ୟ ଦକ୍ଷତା ଯୋଗୁଁ ଅଧକ୍ଷା ତା' ଉପରେ ସର୍ବଦା ସନ୍ତୁଷ୍ଟ । ସେ ମଧ ଲତାର ଅତୀତର ଇତିବୃତ୍ତ ମା' ଟେରେସାଙ୍କୁ ଜଣାଇ ସାରିଛନ୍ତି । ମା ଙ୍କର ଆଗ୍ରହ ଯେ ସମସ୍ତ କର୍ମୀଙ୍କର ସମସ୍ତ ଜୀବନ ବୃତ୍ତାନ୍ତ ଜାଣିବା । ଲତା ଏ ଅନୁଷ୍ଠାନର କର୍ମୀ ନୁହେଁ ପ୍ରଶିକ୍ଷଣ ଛାତ୍ରୀ ଭାବରେ କିଛି ଦିନ ଏଠାରେ ରହି ନିଜ କର୍ମ କ୍ଷେତ୍ରକୁ ଫେରିଯିବ । ତଥାପି ସେ ଯେଉଁ ଅନୁଷ୍ଠାନ ପ୍ରତିଷ୍ଠା କରିବ ତାହା ଟେରେସାଙ୍କ ଅନୁଷ୍ଠାନର ନୀତି ନିୟମ ଅନୁସାରେ ଚାଲିବ । ଏଥିପାଇଁ ମା' ଲତାକୁ ଆଶିର୍ବାଦ ଦେଇ ସାରିଛନ୍ତି । ପ୍ରଶିକ୍ଷଣ ସମୟର ସମାପ୍ତି ଆଉ ବେଶିଦିନ ନାହିଁ ।

ସେବା କାର୍ଯ୍ୟର ତାତ୍ତ୍ୱିକ ଜ୍ଞାନାର୍ଜନ ପରେ ଲତାର ପାଳି ପଡିଛି ବାହାର କାମରେ । ଅନ୍ୟ ମହିଳା କର୍ମୀଙ୍କ ସହ ଗ୍ରାମରେ ନିଜ ଘରେ ରହି ଚିକିତ୍ସିତ ହେଉଥିବା କୋଷ୍ଠ ରୋଗୀଙ୍କୁ ଔଷଧ ବିତରଣ କରିବା ପାଇଁ ଅନୁଷ୍ଠାନର ଭ୍ୟାନ୍‌ରେ ଯାତାୟତ କରେ । ଔଷଧ ବିତରଣ ସହ ଇଞ୍ଜେକ୍‌ସନ ଦେବା ଓ ରୋଗୀ ମାନଙ୍କର ପରିବେଶ ସଫେଇ ଆଦି କାମ କଠିନ ବ୍ୟାପାର । କାମ ସାରି ଫେରିବାକୁ ଦିନେ ଦିନେ ବିଳମ୍ବ

Digitized by srujanika@gmail.com

ହୁଏ । ଠିକ୍ ସମୟରେ ପାନାହାର ସମ୍ଭବ ହୁଏ ନାହିଁ ।

ସୃଷ୍ଟିରେ ନାରୀ ଜାତିର ସ୍ଥାନ ଅତି ଉଚ୍ଚରେ । ଫୁଲ ଦେହରେ ରୂପ, ରସ, ଗନ୍ଧ ଭରିଦେଇ ଭ୍ରମରକୁ ପ୍ରେମ ପାଗଳ କରିବାରେ ସ୍ରଷ୍ଟାର ଯେଉଁ ମହତ ଉଦ୍ଦେଶ୍ୟ ନହିତ, ମନୁଷ୍ୟ ସମାଜରେ ନାରୀଠାରେ ରୂପ ଯୌବନର ମନୋହାରିତା ସେହି ଉଦ୍ଦେଶ୍ୟକୁ ସଫଳ କରେ । ଲତା ସୁନ୍ଦରୀ, ମନୋରମା ଯୁବତୀ । ତାର ରୂପ ଯୌବନ ଯେପରି ତା' ପାଇଁ ଅଭିଶାପର ବିଷପାତ୍ର । ଏକମାତ୍ର ତାରାକାନ୍ତ ବାବୁ କାହିଁକି, ବହୁ ଅସାମାଜିକ ଲୋକଙ୍କର ଲୋଲୁପ ଦୃଷ୍ଟି ପଡେ ଲତା ଉପରେ । ଲତା ସହ ଭେଟ ହେବା ଦିନ ଠାରୁ ତାରାକାନ୍ତ ବାବୁଙ୍କ ମନରେ କେତେ ଭାବନାର ଜୁଆର ଉଠେ । ପୁଣି ନିରାଶାର ଭଟ୍ଟା ଦେହରେ ମିଳାଇ ଯାଏ ବାସ୍ତବତାର ବେଳାଭୂମି ଉପରେ । କେତେ ଉପାୟରେ ଲତାକୁ ପ୍ରଲୋଭିତ କରିବା ପାଇଁ ଉଦ୍ୟମ କରିଛନ୍ତି, ଅର୍ଥର ପ୍ରଲୋଭନ, ନିଯୁକ୍ତି ପାଇଁ ନିର୍ଭର ପ୍ରତିଶ୍ରୁତି, ଏ ପରିକି ବିବାହର ପ୍ରସ୍ତାବ ଗୋପନରେ ଲତା ପାଖକୁ ପଠାଇବାରେ ନିରବଚ୍ଛିନ୍ନ ଉଦ୍ୟମ କରିବାରେ ସେ ପଶ୍ଚାଦପଦ ହୋଇ ନାହାଁନ୍ତି । ଲତା ସେବାକାମରେ ବାହାରକୁ ଆସିଲେ ଅନାବଶ୍ୟକ ଭାବରେ ବେଳେ ବେଳ ନମସ୍କାରଟାଏ ଜଣାଇ ମୋଟର ସାଇକେଲରେ ପଳାଇ ଯାଆନ୍ତି । ତାଙ୍କର ଏ ବ୍ୟବହାରରେ ଲତା ମନରେ ସନ୍ଦେହ ଓ ଆତଙ୍କର ଛାୟା ପାତ କରିଛି । ଅନ୍ୟ ମହିଳା କର୍ମୀ ମାନଙ୍କ ମନରେ ମଧ ଘୃଣାରେ ସମସ୍ତଙ୍କ ମନ ତିକ୍ତ ହୋଇ ଉଠେ । ଏମାନେ ଗଭୀର ଇଶ୍ୱର ବିଶ୍ୱାସ ଓ ଆତ୍ମ ପ୍ରତ୍ୟୟକୁ ସମ୍ବଳ କରି କାମ କରୁଥିବାରୁ ଏ ଆଶଙ୍କା ବା ଭୟ ସେମାନଙ୍କ ପାଖରେ ଗୌଣ ହୋଇଯାଏ ।

ସେଦିନ ଲତା ଓ ତା'ର ସହକର୍ମୀଙ୍କର ଭୋଜନ ବ୍ୟବସ୍ଥାର ପାଳି ଥାଏ । ଅଥଚ କ୍ଷେତ୍ର କାର୍ଯ୍ୟ ଶେଷ ହୋଇନାହିଁ । ଇଞ୍ଜେକସନ କାମ ଅନେକ ବାକି ଅଛି । ଶେଷ କରିବାକୁ ହେବ । ସେଦିନ କାମ ହେଉଥାଏ 'ପୁରୁଣାଗୁଡା' ଗାଁରେ । ଅନୁଷ୍ଠାନ

Digitized by srujanika@gmail.com

ଠାରୁ ଏ ଗାଁର ଦୂରତା ମାତ୍ର ଦୁଇ କିଲୋମିଟର ଦୂର । ଭ୍ୟାନ କର୍ମୀ ଓ ଜିନିଷ ପତ୍ର ନେଇ ଫେରିବ । ଦଳ ନାୟିକା ଆଦେଶ ଦେଲେ ଲତା ଓ ସୁପ୍ରଭାକୁ ପାଦରେ ଚାଲି ଅନୁଷ୍ଠାନକୁ ଫେରିବାକୁ । ଆଦେଶ ସଙ୍ଗେ ସଙ୍ଗେ ପାଳିତ ହେଲା ।

ଲତା ଓ ସୁପ୍ରଭା ମନ ଖୁସିରେ ଗପ କରି କରି ଚାଲିଛନ୍ତି । ପିଚ ରାସ୍ତା, ଜୟପାଳ ସିଂ ରୋଡ୍ ଉପରେ । ଏହି ରୋଡ୍ ଏକ ପ୍ରଧାନ ରାସ୍ତା । ଏହା ଭାରୀ ଇଞ୍ଜିନିୟର ଶିକ୍ଷାଞ୍ଚଳକୁ ସଂଯୋଗ କରୁଥିବାରୁ ଏହାର ଗୁରୁତ୍ୱ ବହୁତ ବଢ଼ି ଯାଇଛି । ରାସ୍ତାର ଯାନ ବାହାନରେ ଗହଳି ବହୁତ ବେଶୀ । ଏହି ରାସ୍ତାର ବାମ ପାଖ ମାଡି ଚାଲିଛନ୍ତି ଲତା ଓ ସୁପ୍ରଭା ।

'ପୁରୁଣାଗୁଡା' ଗାଁ ଓ 'ଜୀବନ ପୂଜା' ଅନୁଷ୍ଠାନର ମଝିରାସ୍ତା । ପଛରୁ ହଠାତ୍ ଗୋଟାଏ ଜିପ୍ ଆସି ଅଟକି ଗଲା ଲତା ଓ ସୁପ୍ରଭା ପାଖରେ । ବିଜୁଳି ବେଗରେ ଦୁଇଜଣ କଳା ପୋଷାକ ପରିହିତ ପିସ୍ତଲଧାରୀ ଗୁଣ୍ଡା ଜିପ୍‌ରୁ ଓହ୍ଲାଇ ପଡ଼ି ଲତାକୁ ଶୂନ୍ୟରେ ଟେକି ନେଲେ ଜିପ୍ ଭିତରକୁ । ଲତା ଚିତ୍କାର କରି ଉଠିଲା । ଛୁରୀକା ଘାତ ପାଇ ସୁପ୍ରଭା ରକ୍ତାକ୍ତ ଅବସ୍ଥାରେ ତଳେ ପଡିଯାଇ ଚିତ୍କାର କରୁଥାଏ । ଜିପ୍ ହୋଟେଲ 'ଦୀପକ' ଆଡକୁ ମୁହାଁଇବା ବେଳକୁ ସମ୍ମୁଖ ଭାଗରେ ଉପସ୍ଥିତ ହୋଇଗଲା ଶିକ୍ଷାଞ୍ଚଳର ସିକ୍ୟୁରିଟି ଫୋର୍ସର ଜବାନ ମାନଙ୍କୁ ନେଇ ମିଲଟାରୀ ଗାଡ଼ି । ଜବାନ ମାନଙ୍କ ଗୁଳି ଚୋଟରେ ଜିପ୍‌ର ଚକା ଫାଟିଗଲା ଆଖି ପିଛୁଳାକେ । ଗୁଣ୍ଡାମାନେ ପଳାଇ ଯିବାକୁ ଉଦ୍ୟମ କରୁଥିଲେ ସେମାନଙ୍କର ଉଦ୍ୟମ ବ୍ୟର୍ଥ ହେଲା । ଜବାନ ମାନେ ସେମାନଙ୍କୁ ଆୟତ୍ତ କରିନେଲେ । ସୁପ୍ରଭାକୁ ତଳୁ ଉଠାଇ ପଚାରିଲେ - " ଆପଣ ମାନେ କେଉଁଠାକୁ ଯିବେ ?" ରକ୍ଷକର ସୌହାର୍ଦ୍ଧ୍ୟ ଗଳାରେ ପଚାରିଲେ ଜଣେ ଯବାନ ।

' ଜୀବନ ପୂଜା ' ଅନୁଷ୍ଠାନକୁ ଯିବୁଁ " ଶଙ୍କିତ କଣ୍ଠରେ ଉତ୍ତର ଦେଲା ଲତା । ସେତେବେଳକୁ ସେ ଜିପ୍‌ରୁ ଓହ୍ଲାଇ ସୁପ୍ରଭାର ରକ୍ତ ବନ୍ଦ ପାଇଁ ଉଦ୍ୟମ

Digitized by srujanika@gmail.com

କରୁଥାଏ । ନିଜର ଲୁଗାକୁ ଚିରି କ୍ଷତ ସ୍ଥାନରେ ବ୍ୟାଣ୍ଡେଜ କରୁଥାଏ ।

" ଚାଲନ୍ତୁ, ଗାଡିରେ ବସନ୍ତୁ । ଆପଣମାନଙ୍କୁ ଗାଡିରେ ନେଇ ଛାଡ଼ି ଆସିବୁଁ । ନିର୍ଭୟରେ କିଛି ମନରେ ନ ଭାବି ବସନ୍ତୁ " ଜଣେ ଯବାନ ଲତା ଓ ସୁପ୍ରଭାକୁ ବସାଇ 'ଜୀବନ ପୂଜା' ଆଡକୁ ଗଲା । ଅନ୍ୟ ଯବାନ ମାନେ ଅପରାଧୀ ଓ ଜିପ୍‌କୁ ଜଗି ରହିଲେ । ଏ ଦୁଃସମ୍ବାଦ ବିଜୁଳିବେଗରେ ସହରରେ ଖେଳିଗଲା । ହଜାର ହଜାର ଲୋକ, ଅସଂଖ୍ୟ ଯାନ ବାହାନ ଘଟଣା ସ୍ଥରେ ଅଟକି ଗଲେଣି ସେତେବେଳକୁ । ସଶସ୍ତ୍ର ପୋଲିସ ମାନଙ୍କୁ ଧରି ଥାନାରୁ ପୋଲିସ ଗାଡ଼ି ପହଞ୍ଚି ଅବସ୍ଥାକୁ ଆୟତ୍ତ କରିନେଲା । ଏ ଅପ୍ରତ୍ୟାଶିତ ଘଟଣାରେ ସମଗ୍ର ସହରର ବାସୀ ବ୍ୟଥିତ ଏବଂ ଚିନ୍ତିତ । ସେଦିନ ସମସ୍ତଙ୍କ ମୁହଁରେ ଆଜିର ଘଟଣାରେ ଆଲୋଚନା । ପରଦିନ ସକାଳେ 'ଅମୃତ ବଜାର' ପତ୍ରିକାରେ ପ୍ରଥମ ପୃଷ୍ଠାରେ ପ୍ରକାଶ ପାଇଲା ବଡ ବଡ ଅକ୍ଷରରେ " ଜୀବନ ପୂଜା ଅନୁଷ୍ଠାନର ମହିଳା କର୍ମୀଙ୍କ ଉପରେ ଗୁଣ୍ଡା ମାନଙ୍କର ଆକ୍ରମଣ । ସୁପ୍ରଭା ବିଲୁଙ୍ଗ ଛୁରୀକା ଘାତରେ ଆହତ ଓ ଲତା ମହାପାତ୍ର (ସାମଲ) ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି । ' ହୋଟେଲ ଦୀପକ' ମାଲିକଙ୍କର ଷଡ଼ଯନ୍ତ୍ର ପଦାରେ ପଡିଛି ।

ସୁରେଶ ବାବୁ ସକାଳର ନିତ୍ୟକର୍ମ ସାରିବା ପରେ 'ଅମୃତ ବଜାର ପତ୍ରିକା' ପଢ଼ିଲେ । ପ୍ରଥମ ପୃଷ୍ଠାରୁ ଏ ସମ୍ବାଦ ପଢ଼ି ବିଚଳିତ ହୋଇ ପଡିଲେ ଏବଂ ପତ୍ନୀ ତିଳୋତ୍ତମାଙ୍କୁ ଡାକି ଏ ସମ୍ବାଦ ଶୁଣାଇ ଦେଲେ । ପୂର୍ବାହ୍ନ ନଅଟାରେ ସରକାରୀ ବସ୍ ପୁରୀ- ରାଞ୍ଚି ଏକ୍ସପ୍ରେସ ଛାଡେ । କାଳ ବିଳମ୍ବ ନ କରି ସୁରେଶ ବାବୁ ଯାଇ ବସ୍ ଟିକେଟ କଲେ ରାଞ୍ଚିକୁ । ରାଞ୍ଚିଠାରେ ପହଞ୍ଚିଲେ ମଧ୍ୟ ଲତାକୁ ନ ଦେଖିବା ଯାଏଁ ସୁରେଶ ବାବୁ ଭୟ, ଆଶଙ୍କା, ଅନାଗତ ବିପଦର ଚିନ୍ତାରେ ଅତିଷ୍ଠ ହୋଇ ପଡିଲେ । ' ଜୀବନ ପୂଜା' ରେ ପହଞ୍ଚି ଅଧ୍ୟକ୍ଷଙ୍କଠାରୁ ତଥା ଲତାଠାରୁ ସମସ୍ତ ଅପ୍ରୀତିକର ଘଟଣା ଶୁଣିଲେ । ଏଠାରେ ଲତାର ଜୀବନ ବିପନ୍ନ ହେବାର ଆଶଙ୍କା

Digitized by srujanika@gmail.com

କରି ପୁରୀ ଫେରିଲେ ଲତାକୁ ସଙ୍ଗରେ ଧରି । ଲତାକୁ ସଙ୍ଗରେ ନେଇ କଟକରୁ ରାଞ୍ଚି ଅଭିମୁଖେ ଆସୁଥିବା ସମୟରେ ତାରାକାନ୍ତ ବାବୁଙ୍କ ସହ ତାଙ୍କର ଯେଉଁ ଆଳାପ ହୋଇଥିଲା ତାହା ଗୋଟି ଗୋଟି ସ୍ମରଣ କଲେ ସୁରେଶ ବାବୁ । □

= ଅଣଚାଳିଶ =

'ଜୀବନ ପୂଜା' ଅନୁଷ୍ଠାନରେ ଶିକ୍ଷା ବ୍ୟବସ୍ଥା ଓ କାର୍ଯ୍ୟ ସେ ଅନୁଷ୍ଠାନର ନାମକୁ କିପରି ସାର୍ଥକ କରିଛି ତାହା ଲତା ଶାଶୂ, ଶଶୁର, ବାପା, ବୋଉ, ଶୈଳଜା, ମୁକ୍ତିକାନ୍ତକୁ ବିଷଦ ଭାବରେ କହିଛି । ତାରାକାନ୍ତ ବାବୁ ନିଜର ଅପକର୍ମ ପାଇଁ ଏବେ ଜଣେ ନିନ୍ଦିତ ବ୍ୟକ୍ତି । ସିଦ୍ଧେଶ୍ୱର ବାବୁ ଏବଂ ତାଙ୍କ ପରିବାରର ଲୋକେ ତାଙ୍କ ସହ ସମସ୍ତ ସଂପର୍କ ଛିନ୍ନ କରିଛନ୍ତି ।

ଲତାର ବିବାହ ପରେ ଦୁଇଟି ବସନ୍ତ ଯାଇ ତୃତୀୟ ବସନ୍ତ ଋତୁ ଚକ୍ରର ପର୍ଯ୍ୟାୟ ଅନୁସାରେ ପହଞ୍ଚିଛି । ସୁରେଶ ବାବୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁରୀ ସାଗର ବେଳାରେ ଗଢ଼ି ଉଠିଛି ଲତାର ସେବାକେନ୍ଦ୍ର । ଲତାର ଇଚ୍ଛା ଓ ଯୋଜନା ଅନୁସାରେ କୋଠାବାଡ଼ି ଗୋବିନ୍ଦ ମହାନ୍ତି ନିର୍ମାଣ କରି ଜଣେ ଦକ୍ଷ ଓ ଅନୁଗତ ଗୁମାସ୍ତା ହେବାରେ ଯୋଗ୍ୟତା ପ୍ରମାଣିତ କରି ପାରିଛନ୍ତି । ଅଫିସ ଗୃହ, ଶିଶୁ ଭବନ, ଚିକିତ୍ସାଳୟ, ରୋଗୀ ନିବାସ, ପାକଶାଳା, ମହିଳା ଓ ପୁରୁଷ କର୍ମୀମାନଙ୍କ ପାଇଁ ସ୍ୱତନ୍ତ୍ର ଗୃହ, ଅତିଥି ଶଳା, ଉଦ୍ୟାନ ସହ ପାଣି, ଆଲୋକ ବ୍ୟବସ୍ଥା କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ସୁରେଶ ବାବୁଙ୍କ ଅବସରପରେ ଏପରି ତ୍ୟାଗ ଓ ସେବା କାର୍ଯ୍ୟ କେବଳ ପୁରୀ ସହର କାହିଁକି ସର୍ବତ୍ର ଲୋକ ମୁଖରେ ପ୍ରଶଂସିତ । ତାଙ୍କ ବହୂ ଲତା ଆଜି ସମସ୍ତଙ୍କ ନିକଟରେ ପରିଚିତ । ଅନାଥ ବାଳକ, ବାଳିକା, କୋଷ୍ଠ ରୋଗୀ ଦମ୍ପତିଙ୍କର ଶିଶୁ ସନ୍ତାନମାନେ ଅନାବଶ୍ୟକ ଜୀବନ ରୂପେ ତଥା କଥିତ ଲୋକ ସମାଜରେ

Digitized by srujanika@gmail.com

ପରିଗଣିତ । ଲତା ସେମାନଙ୍କୁ ଈଶ୍ୱରଙ୍କର ସ୍ୱର୍ଣ୍ଣପୁଷ୍ପ ବୋଲି ହୃଦୟଙ୍ଗମ କରି ଗଢ଼ି ତୋଳିଛି ଶିଶୁ ସେବା କେନ୍ଦ୍ର । ସେଦିନ ନିଜ ସ୍ୱାମୀଙ୍କ ବେଳାଭୂମିକୁ ସାନ୍ଧ୍ୟ ଭ୍ରମଣରେ ଯିବା ସମୟରେ ଯେତେବେଳେ ଏମାନଙ୍କୁ ଦେଖିଥିଲା ସେଦିନ ତାର ନାରୀ ହୃଦୟ ଦୟାର୍ଦ୍ଧ ହୋଇ ଚହଲି ଉଠିଥିଲା । ଭାବୁଥିଲା ଏମାନଙ୍କର କ'ଣ କେହି ନାହିଁ ? ଆହା ବୋଲି କହିବାକୁ କେହି ଆଗ୍ରହ କରି ନାହିଁ ? ତା'ର ସେ ଅତୀତ ସ୍ମୃତି ଆଜି ମଧ୍ୟ ତାଜା ରହିଛି । ତା'ର ସେ ସ୍ୱପ୍ନ ଆଜି ସଫଳ ରୂପାୟନ ହେବାପାଇଁ ଯାଉଛି । ସହର ବଡଦାଣ୍ଡରୁ, ସ୍ୱର୍ଗଦ୍ୱାର - ଶ୍ରୀମନ୍ଦିର ରାସ୍ତାକଡରୁ ଗୋଟାଇ ଆଣିଛି ଏକ ଶତ ତିରିଶିଟି ଅଲୋଡା ଶିଶୁଙ୍କୁ । ସେହି ମାନଙ୍କୁ ନେଇ, ସେହି ମାନଙ୍କପାଇଁ ଆରମ୍ଭ କରିଛି ଶିଶୁ ସେବା କାର୍ଯ୍ୟ, ମନ ପ୍ରାଣ, ହୃଦୟ ଢାଳି, ସେହି ମାନଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଛି । ଅତି ଆଦରରେ ନାମ ରଖିଛି "କିଶୋର ଶିଶୁ ସେବା କେନ୍ଦ୍ର" । ମା' ଟେରେସାଙ୍କ ଉପଦେଶ, ପରାମର୍ଶ, ଦିଗଦର୍ଶନ ତାକୁ ଦୀପସ୍ତମ୍ଭ ପରି ପଥ ପ୍ରଦର୍ଶନ କରୁଛି । "ଜୀବନ ପ୍ରଜ୍ଞା'ରୁ ଅର୍ଜନ କରିଥିବା ଅଭିଜ୍ଞତା, ଶିକ୍ଷା ତା'ର ପରମ ସହାୟ ହୋଇଛି । ତା'ର କିଶୋର ଭାଇଙ୍କ ପରିକଳ୍ପନା, ସର୍ବୋଦୟ ଯୁବ ଶିବିରର ପ୍ରାଜ୍ଞ ବକ୍ତାମାନଙ୍କର ଅଭିବ୍ୟକ୍ତି ତା'ର କାର୍ଯ୍ୟରେ ରୂପାୟିତ ହେବାରେ ଲାଗିଛି । ସୁରେଶ ବାବୁ, ତିଳୋତ୍ତମା ଦେବୀ ବୋହୂଙ୍କର ଏତାଦୃଶ ତ୍ୟାଗପୂତ ଜୀବନର ସେବାକାର୍ଯ୍ୟ ଓ ପୂଣ୍ୟାର୍ଜନର ସୁଚିନ୍ତିତ ଯୋଜନା ଓ ବ୍ୟବସ୍ଥା ଦେଖି ପୁତ୍ର ଅଜିତ୍‌ର ସ୍ଥାନ ସେମାନଙ୍କର ହୃଦୟରେ ଗୌଣ ହୋଇ ଗଲାଣି । ଲତା ବର୍ତ୍ତମାନ କେବଳ ପୁତ୍ରବଧୂ ରୂପେ ନୁହେଁ, ପୁତ୍ରର ଅଭାବ ସେ ପୂରଣ କରିଛି । ବୋହୂ ହେଲେ ସେହି, ପୁତ୍ର ହେଲେ ସେହି, ଉଭୟ ଲତାର ଇଚ୍ଛା ପୂରଣରେ ଆଦୌ କୁଣ୍ଠା ପ୍ରକାଶ କରନ୍ତି ନାହିଁ କି, ତାର ସ୍ୱାଧୀନ ଚିନ୍ତା ରାଜ୍ୟରେ ଶୃଙ୍ଖଳା ପତ୍ରଟିଏ କି କୁଟାଟିଏ ପଡିବାକୁ ଦିଅନ୍ତି ନାହିଁ । ସୁରେଶ ବାବୁଙ୍କର ଭଙ୍ଗା ସଂସାର କ୍ରମେ ଯେପରି ଯୋଡ଼ି ହୋଇ ଆସୁଛି । ସେଥିପାଇଁ ତାଙ୍କ ମନରେ ଆନନ୍ଦ । କିନ୍ତୁ ଲତା'ର ମନର ଅଭାବ । ହୃଦୟର ନୀରବ ଅଶ୍ରୁଢ଼ଳା, ଅସରନ୍ତି ମନୋବେଦନା

Digitized by srujanika@gmail.com

ବୁଝିବ କିଏ ? କିଶୋରର ଅଭାବ ସେ ତାର ପ୍ରତି ଲୋମକୂପରେ ଅନୁଭବ କରେ । ଏହା ମରଣ ପରି ସତ୍ୟ । କିଶୋର ନାମରେ ସେବା କେନ୍ଦ୍ରର ନାମ କରଣ କରିଛି । ମନେ ମନେ ଭାବେ କିଶୋର ଭାଇ ପାଖରେ ଥିଲେ ମୋତେ ଏ କାର୍ଯ୍ୟରେ କେତେ ପ୍ରେରଣା ଯୋଗାଉ ଥାଆନ୍ତେ । କେତେ ସାହାଯ୍ୟ କରୁଥାଆନ୍ତେ । କିନ୍ତୁ ତାର ଭାବନା, ଭାବନାରେ ହିଁ ରହିଯାଏ । ନିୟତିର ନିଷ୍କରୁଣ ବ୍ୟବସ୍ଥାକୁ ସେ ମାନି ନିଏ ।

ଲତା ସେବାକେନ୍ଦ୍ରକୁ ପ୍ରତ୍ୟହ ସକାଳେ ଯାଏ । ମଧ୍ୟାହ୍ନ ଭୋଜନ ପାଇଁ ଘରକୁ ଫେରିବାକୁ ଅପରାହ୍ନ ଗୋଟାଏ ବା' ଦୁଇଟା ହୋଇଯାଏ । ନିଜେ କାର୍ ଡ୍ରାଇଭ୍ କରି ଯଥା ସମୟରେ କାର୍ଯ୍ୟ କ୍ଷେତ୍ରରେ ପହଞ୍ଚେ । ତା'ର ନିୟମିତତା ଯୋଗୁଁ ସେବା କେନ୍ଦ୍ରର ସମସ୍ତ କର୍ମୀ ଯଥା ସମୟରେ ଯୋଗ ଦିଅନ୍ତି । ଆବାସିକ ଅନୁଷ୍ଠାନ । ତେଣୁ ଦିନରାତି ପରିବାର ପରି ପିଲାମାନଙ୍କ ହସ ଖେଳରେ ବାତା ବରଣ ଆନନ୍ଦମୁଖର ହୋଇଯାଏ । ଅପରାହ୍ନ ପାଞ୍ଚଟା ଠାରୁ ରାତି ନଅଟା ବା' ଦଶଟା ଯାଏଁ ଲତା ଅନୁଷ୍ଠାନରେ ରହେ । ପିଲା ମାନଙ୍କର ରହିବା ବ୍ୟବସ୍ଥା, ପରିଚ୍ଛନ୍ନତା, ସ୍ୱାସ୍ଥ୍ୟ, ଖାଦ୍ୟପେୟ ସବୁ ବ୍ୟବସ୍ଥିତ, ଶିକ୍ଷାପାଇଁ ସୁବ୍ୟବସ୍ଥା ମହିଳା ଶିକ୍ଷୟତ୍ରୀ ମାନଙ୍କୁ ନେଇ କରାଯାଇଛି । ଲତାର ନିଷ୍ଠାପର ସେବା କାର୍ଯ୍ୟ ପାଇଁ ମା' ଟେରେସା ଆର୍ଥୀକ ବ୍ୟବସ୍ଥା କରିଥିବାରୁ ଦେଶଭିତରୁ ଏବଂ ବାହାରୁ ବଦାନ୍ୟ ବ୍ୟକ୍ତି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କରୁ ଅର୍ଥ ସାହାଯ୍ୟ ମିଳୁଛି । ଅର୍ଥାଭାବ ନାହିଁ । କେୟାର, କେରିଷ୍ଟା, ଅକ୍ସଫାମ, ବ୍ରେଡଫର ଦି ୱାରଲ୍ଡ ଆଦି ବିଦେଶୀ ସେବା ସଂସ୍ଥା ଏବଂ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କର ସମାଜ ମଙ୍ଗଳ ବୋର୍ଡରୁ କେବଳ ଅର୍ଥନୁହେଁ, ନାନା ପ୍ରକାର ସାହାଯ୍ୟ ଜିନିଷ ଆକାରରେ ମିଳିଥାଏ । ପୃଥିବୀର ଶିଶୁ ସେବା ସଂସ୍ଥା ଅନୁଷ୍ଠାନକୁ ମୋଟର ଭ୍ୟାନ୍ ମଧ୍ୟ ଯୋଗାଇଛି ।

ଅପରାହ୍ନରେ ଅନୁଷ୍ଠାନକୁ ଯିବା ସମୟ । ଲତା କାର ଚଳାଇ ସେବା କେନ୍ଦ୍ରକୁ ବାହାରି ପଡିଲା । ସମୁଦ୍ର ବେଳାଭୂମି ରାସ୍ତାରେଗାଡି ପହଞ୍ଚିବା ବେଳକୁ

Digitized by srujanika@gmail.com

ଅସ୍ତଗାମୀ ସୂର୍ଯ୍ୟ ଢ଼ଳି ପଡ଼ି ଥାଆନ୍ତି ଦିଗ୍ ବଳୟର ମଥା ଉପରକୁ । ଦୂରରୁ ସମୁଦ୍ର ଉପର ଦେଇ ବୋହି ଅସୁଥିଲା ସାନ୍ଧ୍ୟ ସମୀରଣ, ମନୋରମ ପରିବେଶ । ବେଳାଭୂମିରେ ଅଗଣିତ ନରନାରୀଙ୍କର ଭିଡ । ଲତା ଦୃଶ୍ୟ ଉପଭୋଗ କରି କାର ଚଳାଇ ଚାଲିଥାଏ ଆଗକୁ । ହଠାତ୍ ବେଳାଭୂମି ଉପରେ ବୁଲୁଥିବା ଗୋଟିଏ ପାଗଳ ଉପରେ ତା'ର ଦୃଷ୍ଟି ପଡିଲା । ବିରକ୍ତିର ଦଂଶନରେ କହି ପକାଇଲା " ଇସ୍, କି କଦର୍ଯ୍ୟ ରୂପ, ବଡ଼ଦାଣ୍ଡ ଛାଡି ଏଠି ବି ଏମାନଙ୍କର ଅବାଧ ପ୍ରବେଶ ? ଏଠିବି ଏମାନେ ମାଗନ୍ତି ?" ଭାବନାର ମୋଡ ବଦଳାଇଲା । ଅନୁଭବ କଲା ପେଟ, ହୃଦୟ, ମନର ଜ୍ୱାଳା ନିଭାଇବା ପାଇଁ ଯାହା ଲୋଡା ତାହାର ଖୋଜା ସବୁଠି ଚାଲିଥାଏ । ସେଥିରେ ସ୍ଥାନର ବିଚାର ନ ଥାଏ । କାର୍ ଲୋକଟିର ଆହୁରି ନିକଟ ବର୍ତ୍ତୀ ହେଲା । " ଆହା, କି ସୁନ୍ଦର ଯୁବକ ଲୋକଟିଏ,,ଏହାର କ'ଣ କେହି ନାହାଁନ୍ତି ? " ଏପରି ବାସ୍ତୁହରା ହୋଇ ସେ ବୁଲୁଛି କାହିଁକି ? କେତେ ଲୋକଙ୍କର ସୁନ୍ଦର ଜୀବନ ପରିସ୍ଥିତିର ଘାତ ପ୍ରତିଘାତରେ ଏ ପରି ଅର୍ଥଶୂନ୍ୟ ହୋଇ ଯାଉଛି । ଦୁନିଆର ରାଜଦାଣ୍ଡ ଉପରେ ଏମିତି କେତେ ହତଭାଗ୍ୟଙ୍କର ପଦଚାରଣ । ତା' ଭିତରୁ ଏ ଜଣେ ହୋଇଥିବ । " ଲତାର ପଞ୍ଜରା ଦୋହଲାଇ ତତଲା ନିଶ୍ୱାସ ବାହାରି ସମୁଦ୍ରର ଶୀତଳ ପବନରେ ମିଶିଗଲା । ଲତା କାର୍ ଆଉ ଟିକିଏ ପାଖକୁ ଲାଗି ଆସିଲା । ଧୀର ପବନର ଲହରୀ ଉପରେ ଦେଇ ଭାସି ଆସିଲା ଗୋଟିଏ ଅତି କ୍ଷୀଣ ଅସ୍ପଷ୍ଟ ଶବ୍ଦ ' ଲତା..... ଆ" ଲତା ପ୍ରଥମେ ସେ ଶବ୍ଦ ଭଲ କରି ଶୁଣି ପାରିଲା ନାହିଁ । ପର ମୁହୂର୍ତ୍ତରେ ସେ ଶବ୍ଦରେ ନିଜ ନାମର ଡାକ ଶୁଣି ଚମକି ପଡିଲା । ନିଜ ନାମ ଉଚ୍ଚାରଣ କରୁଥିବା ସେ ଲୋକଟିର ମୁହଁକୁ ନିରୀକ୍ଷଣ କଲା । ଯାହା ଦେଖିଲା ସେଥିରେ ସେ ନିଜ ଆଖିକୁ ବିଶ୍ୱାସ କରି ପାରିଲା ନାହିଁ । ସେହି ମୁହୂର୍ତ୍ତରେ ଆଖିତାର ପଲକ ହୀନ ହୋଇ ଉଠିଲା । ଅନୁଚ୍ଚ ସ୍ୱରରେ ଚିତ୍କାର କରି ଉଠିଲା " ଏଁ, ଏ କ'ଣ ? ମୁଁ କ'ଣ ଦେଖୁଛି ? କ'ଣ ଶୁଣୁଛି ? ମୁଁ ଆକାଶରେ ନା ମାଟି ଉପରେ ? ମୁଁ ସ୍ୱପ୍ନ ଦେଖୁ ନାହିଁ ତ ? ମୋର ମସ୍ତିଷ୍କ ବିକୃତ ହୋଇ ଯାଇ

Digitized by srujanika@gmail.com

ନାହିଁ ତ ? " ଲତାର ଗାଡିର ଗତି ଧୀରେ ଶୀଥିଳ ହୋଇ ଆସିଲା । " ଓଃ ପ୍ରିୟତମ, ଦେବତା ମୋର " ଲତା ଷ୍ଟୟରିଂ ଉପରେ ମୁଣ୍ଡ ବାଡେଇ ଦେଲା । ଗାଡି ଅଟକି ଗଲା ରାସ୍ତା ଉପରେ । ଅନେକ ଭ୍ରମଣକାରୀଙ୍କ କାର ଯେପରି ଅଟକି ଯାଏ । ଲୋକଟି ତା' ବାଟରେ ଧୀରେ ଧୀରେ ଆଗକୁ ଚାଲିଥାଏ । କ୍ରୀଡାରତ ପିଲାମାନଙ୍କର କୌତୁହଳ ସୃଷ୍ଟି କରି ସେ ନିର୍ବିକାର ଭାବରେ ପାଦ ପକାଉଥାଏ ଗୋଟିଏ ପରେ ଗୋଟିଏ । ଲତା କ୍ଷଣକ ମଧ୍ୟରେ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ସଂକଳ୍ପ କଲା । ଦ୍ରୁତ ଗତିରେ କାର ଚଳାଇ ସେବା କେନ୍ଦ୍ର ଆଡକୁ ଚାଲିଲା । ଫାଟକ ପାଖରେ ଗାଡି ଅଟକିବା ମାତ୍ରେ ଦରଓ୍ବାନ ରମାରମଣ ଫାଟକ ଖୋଲି ଦେଲା । ଗାଡି ଭିତରକୁ ଗଲା ନାହିଁ । ନାରୀକର୍ମୀ ଅଳକା ଓ ପ୍ରିୟବାଳାକୁ ରମାଣମଣ ଦ୍ୱାରା ଡକାଇ ପଠାଇଲା ଲତା । ସେମାନେ ଉପସ୍ଥିତ ହେଲାମାତ୍ରେ ସେ ଦୁଇଜଣ ଓ ରମାରମଣକୁ ପଠାଇଲା ବେଳାଭୂମିକୁ । ସେ ପାଗଳ ଲୋକଟିକୁ ଆଦର ଯତ୍ନକରି ସେବା କେନ୍ଦ୍ରକୁ ଘେନି ଆସିବାକୁ କଡ଼ା ନିର୍ଦ୍ଦେଶ ଦେଲା ଲତା । ସେ ଲୋକର ଚିହ୍ନ ବର୍ଣ୍ଣ ଜଣାଇବା ସହ ଅଙ୍ଗୁଳି ନିର୍ଦ୍ଦେଶ ଦ୍ୱାରା ଲୋକଟିର ବାଟ କହିଦେଲା ।

ଇଏ କିଛି ନୂଆ କଥା ନୁହେଁ । ଏମିତି କେତେ ଭାଗ୍ୟହୀନ ଲୋକ ସେବା କେନ୍ଦ୍ରରେ ସ୍ଥାନ ପାଇଥାନ୍ତି । ଲତାର ଶୀତଳକର ପଲ୍ଲବ ସ୍ପର୍ଶରେ ସେମାନଙ୍କର ସମସ୍ତ ଦୁଃଖ, ବେଦନା, ଦୂର ହୋଇଯାଇଛି । ସେମାନେ ପୁଣି ମଣିଷ ସମାଜରେ ଜଣେ ହୋଇ ଛିଡା ହୋଇଛନ୍ତି । ଏମିତି କେତେ ଅଲୋଡା ଜୀବନକୁ ଲତାର ନିର୍ଦ୍ଦେଶରେ ରାସ୍ତା କଡରୁ ଗୋଟାଇ ଆଣିଛନ୍ତି କର୍ମୀମାନେ । ତେଣୁ ଅଳକା, ପ୍ରିୟବାଳା ଓ ରମାରମଣ କ୍ଷୀପ୍ର ପାଦରେ ଚାଲିଲେ ଆଗକୁ । ଲୋକଟିର ସନ୍ଧାନ ପାଇଗଲେ ଅଳ୍ପସମୟପରେ । ପାଖକୁ ଯାଇ ଅତି ଆଦର ଯତ୍ନକରି ଅନୁଷ୍ଠାନକୁ ଆସିବା ପାଇଁ ଅନୁନୟ କଲେ ଲୋକଟି ନିର୍ବାକ, ନିସ୍ପନ୍ଦ । ରମାରମଣ ତା'ର ହାତଧରି ଚଲାଇ ଚଲାଇ ଆଣୁଥାଏ । ଅଳକା ଏବଂ ପ୍ରିୟବାଳା କଅଁଳ କଥାରେ ଅନୁଷ୍ଠାନରେ ରହିଲେ ସବୁଦୁଃଖ ପାଶୋରୀ ଯିବ ବୋଲି କହୁଥାଆନ୍ତି ।

Digitized by srujanika@gmail.com

ଲୋକଟିକୁ ସାଙ୍ଗରେ ଧରି ଫେରିବା ପର୍ଯ୍ୟନ୍ତ ଲତା ଅପେକ୍ଷାକରି ଥିଲା ଫାଟକର ଦ୍ୱାର ଦେଶରେ । ଛାତି ଭିତରେ ଫୁସ୍‌ଫୁସ୍‌ର ଗତି ଶତଗୁଣିତ ହୋଇ ଯାଇଛି । ଶିରା ପ୍ରଶିରାରେ ରକ୍ତର ପ୍ରବାହ ବିପୁଳ ବେଗରେ ସଂଚ୍ଚାଳିତ । ମନର ସମସ୍ତ ଉଦ୍‌ବେଗ, ଆଶା, ଆଶଙ୍କା ଅପ୍ରତ୍ୟାଶିତ ସାଫଲ୍ୟରେ ଉନ୍ମାଦନାକୁ ସଂଯତ କରି ଦୂରରୁ ଲୋକଟିକୁ କେୟାର ୟୁନିଟକୁ ନେଇ ସେବା କରିବାକୁ ନିର୍ଦ୍ଦେଶ ଦେଲା ଲତା । ସଙ୍ଗେ ସଙ୍ଗେ ନିର୍ଦ୍ଦେଶ ପ୍ରତିପାଳିତ ହେଲା । ସେ କିନ୍ତୁ ଦୂରରେ ରହି ସମସ୍ତ କାର୍ଯ୍ୟ ପରିଚାଳନା କରୁଥାଏ ।

କେୟାର ୟୁନିଟିରେ ଲୋକଟିର ସେବାକାର୍ଯ୍ୟ ସଯତ୍ନରେ କରାଯାଉଛି । ପରିଚାଳିକାଙ୍କ କଠୋର ନିର୍ଦ୍ଦେଶ । ଡାକ୍ତରୀ ପରୀକ୍ଷାରୁ ଜଣାଗଲା ଲୋକଟିର ମାନସିକ ବିକାର ଘଟିଛି । କୌଣସି ଏକ ଦାରୁଣ ଘଟଣାରୁ କ୍ଷୁଧା, ଉପବାସ, ଅନିଦ୍ରାରେ ସଢ଼ି ସଢ଼ି ସେ ବାହାର ଜଗତର ଚେତନା ହରାଇ ପାଗଳବତ ପ୍ରଳାପ କରୁଛି । କିନ୍ତୁ ପ୍ରକୃତରେ ପାଗଳ ନୁହେଁ । ଡାକ୍ତରଙ୍କ ଇଞ୍ଜେକସନ୍ ଓ ଔଷଧ ନିୟମିତ ଦିଆଯାଉଛି । ଅଧିକରୁ ଅଧିକ ସମୟ ଯେପରି ସେ ଗାଢ଼ ନିଦ୍ରାରେ ଶୋଇ ରହେ ତା'ର ବ୍ୟବସ୍ଥା ହୋଇଛି । ଲୋକଟିର ସ୍ୱାଭାବିକ ସ୍ମରଣ ଶକ୍ତି ଫେରାଇ ଆଣିବାକୁ ଡାକ୍ତର ବାବୁଙ୍କର ଅକ୍ଳାନ୍ତ ପରିଶ୍ରମ । □

= ଚାଳିଶ =

କେୟାର ୟୁନିଟରେ ଛଅ ସାତଦିନ ବିତିଗଲାଣି । ଲୋକଟିର କ୍ରମେ ସ୍ମରଣ ଶକ୍ତି ଫେରି ଆସୁଛି । ନିରୋଗ ଶରୀର, କେବଳ ଉପବାସ, ଅନିଦ୍ରା, ଭ୍ରମଣ ଯୋଗୁଁ ସ୍ୱାସ୍ଥ୍ୟହୀନ ଘଟିଥିଲା । ଉପଯୁକ୍ତ ଯତ୍ନ, ଔଷଧ, ବିଶ୍ରାମ ଓ ଖାଦ୍ୟ ପ୍ରଭାବରୁ ସେ ତା'ର ପୂର୍ବସ୍ୱାସ୍ଥ୍ୟ ଫେରି ପାଉଛି । ଶରୀର, ଅଙ୍ଗ ପ୍ରତ୍ୟଙ୍ଗ ଏବଂ ମୁଖ ମଣ୍ଡଳର

Digitized by srujanika@gmail.com

ସୌନ୍ଦର୍ଯ୍ୟ କ୍ରମେ ଫୁଟି ଉଠୁଛି । କିନ୍ତୁ ତା'ର ମନ ବେଦନା କମୁନାହିଁ । ସବୁବେଳେ ନିର୍ବାକ ଅବସ୍ଥାରେ ରହୁଛି ।ଯାହା ପଚାରିଲେ ସେ କେବଳ ହଁ ବା ନାଁ କହି ଉତ୍ତର ଦେଉଛି । ଉଭୟ ଲତା ଏବଂ ଡାକ୍ତରଙ୍କର କଡା ନିର୍ଦ୍ଦେଶ ଯେ ସେ ଲୋକକୁ ତା'ର ଅତୀତ ଇତିହାସ, ପରିବାର ବା ନିଜର ସ୍ଥାୟୀ ଠିକଣା ବିଷୟରେ କେହି କିଛି ପଚାରିବେ ନାହିଁ । ବେଳେ ବେଳେ ସେ ଲୋକର ଚକ୍ଷୁରୁ ଲୋତକ ଧାର ବୋହୁଥିବାର ଦେଖାଯାଏ । ସେ ସମସ୍ତଙ୍କ ମୁହଁକୁ ପଲକହୀନ ଦୃଷ୍ଟିରେ ଚାହିଁ ରହେ । ଚକ୍ଷୁର ସେ ନୀରବ ଭାଷାରୁ ଜଣାପଡେ ସେ ଯେପରି ସମସ୍ତଙ୍କ ଠାରୁ ତାର ହଜିଲା ଧନର ସନ୍ଧାନ ବିଷୟରେ ଜାଣିବାକୁ ଚାହୁଁଛି ।

ସେ ଲୋକଟିର ସ୍ୱାସ୍ଥ୍ୟ ଓ ମାନସିକ ଅବସ୍ଥାରେ ଦ୍ରୁତ ଉନ୍ନତି ଘଟୁଥିବାରୁ ଲତାର ଆନନ୍ଦ କହିଲେ ନ ସରେ । ପ୍ରତି ମୁହୂର୍ତ୍ତରେ ସେ ଅନ୍ତରର ଅନ୍ତରତମ ପ୍ରଦେଶରୁ ଭଗବାନଙ୍କୁ ପ୍ରାର୍ଥନା ଜଣାଉଛି ଯେ ସେ ଲୋକ ଶୀଘ୍ର ଆରୋଗ୍ୟ ଲାଭ କରୁ । ଅନୁମାନ କରି ହୁଏ ଲତାର ମନୋରାଜ୍ୟରେ ଯେପରି ଫଗୁଣର ଫଗୁ ଉତ୍ସବ ଆରମ୍ଭ ହୋଇଛି । ପୂର୍ବର ସେ ଗାମ୍ଭୀର୍ଯ୍ୟର ସ୍ଥାନ ନେଇଛି ପ୍ରଗଲ୍‌ଭତା ଓ ପ୍ରସନ୍ନତା । କେଉଁ ଏକ ଅଦୃଶ୍ୟ ଶକ୍ତି ଯେପରି ତାକୁ ପ୍ରେରଣା ଯୋଗାଉଛି ଏବଂ ତାର ଅସ୍ତିତ୍ୱକୁ ଚଳ ଚଞ୍ଚଳ କରି ଦେଇଛି । ସେ ଯେପରି ଅନୁଭବ କରୁଛି ଏକ ନୂତନ ଜୀବନର ଭିନ୍ନ ସ୍ୱାଦ । ସମୟ ଯେପରି ଅମଉଳା ଅର୍ଘ୍ୟ ଥାଳି ଧରି କାହାର ତୋରଣ ଦ୍ୱାର ନିକଟରେ ମିଳନ ଗୀତି ଗାଇବାରେ ସଙ୍ଗୀତ ସୁଖର ହୋଇ ଉଠିଛି ।

ଅନିଶ୍ଚିତ ମୁହୂର୍ତ୍ତ ଗୁଡାକ ଯେପରି ଲାତର ସମସ୍ତ ଧୈର୍ଯ୍ୟ ଶକ୍ତିକୁ ଲୁଣ୍ଠନ କରି ତାକୁ ସର୍ବହରା କରି ଦେଲେଣି । ଦିବାରମ୍ଭର ସମସ୍ତ ନିତ୍ୟକର୍ମ ଶେଷ କରି ଦ୍ରୁତ ଗତିରେ କାର ଚଳାଇଛି ସେବାକେନ୍ଦ୍ର ଆଡକୁ । ଅଭିସାରିକାର ମିଳନ ମୁହୂର୍ତ୍ତ ନିକଟରେ ହେବାରେ ବିଳମ୍ବ ଘଟିଲେ ଯେପରି ସେ ଅସ୍ଥିର ହୋଇଉଠେ । ଲତାର ସେହି ଅବସ୍ଥା । ତାର ପ୍ରତିଟି ପଦକ୍ଷେପରୁ ଜଣାପଡେ । ଆଉ ଅଧିକ ବିଳମ୍ବ ଯେପରି

Digitized by srujanika@gmail.com

ତାକୁ ହତବାକ୍ କରି ପକାଇବ ।

ଲତାର ନିର୍ଦ୍ଦେଶ ମାତ୍ରେ ଅଳକା ଓ ପ୍ରିୟବାଳା ତା ନିକଟରେ ଉପସ୍ଥିତ ହେଲେ । ସେ ପାଗଳ ଲୋକର ସେବାକାର୍ଯ୍ୟ ବିଷୟରେ ସମସ୍ତ ସମ୍ବାଦ ନେଲେ । ନିଜେ ସେ ଲୋକକୁ ଦେଖି ଯିବାକୁ ଲତା ସେମାନଙ୍କୁ ସୂଚନା ଦେଲା । ଆଦେଶ ପାଇବା ମାତ୍ରେ କର୍ମୀ ଦୁଇଜଣ କେୟାର ୟୁନିଟକୁ ଯାଇ ସେ ଲୋକର ଅବଶିଷ୍ଟ ସେବା ଶୁଶ୍ରୁଷା କାମ ସମାପ୍ତ କଲେ । ତା'ପାଇଁ ଲତା ଆଣିଥିବା ନୂତନ ପୋଷାକ ପରିଚ୍ଛଦ ପିନ୍ଧିବାକୁ ଦେଲେ । ଅନୁଗତ ଶିଷ୍ୟ ପରି ଲୋକଟି ନବବସ୍ତ୍ର ପରିହିତ ହୋଇ ଆନନ୍ଦରେ ଭୋଜନ ଶେଷ କଲା । ଏବେ ପଢ଼ିବା ପାଇଁ ସମ୍ବାଦ ପତ୍ର ଓ ଅନ୍ୟାନ୍ୟ ପତ୍ର ପତ୍ରିକା ଯୋଗାଇ ଦିଆ ଯାଇଛି ।

ଧୀର ପଦକ୍ଷେପରେ ଲତା ପ୍ରବେଶ କଲା କେୟାର ୟୁନିଟକୁ ଭିତରକୁ । ଅନ୍ତର ଭିତରେ ତାର ଆନନ୍ଦର ଫଲ୍ଗୁ ଯେପରି କୂଳ ଉଲଙ୍ଘନ କରିବାକୁ ଉଦ୍ୟତ । ଫଗୁଣର ସମସ୍ତ ରୂପ ସମ୍ଭାର ଯେପରି ଲତାର ରୂପ ସଜ୍ଜାରେ ବିନିଯୋଗ ହୋଇ ତାକୁ ଅନିତ୍ୟ ସୁନ୍ଦରୀ ରୂପେ ସଜାଇ ଦେଇଛି । ଲତା ରୂପର ଜ୍ୟୋତି, ମୁଖ ମଣ୍ଡଳର ଶୋଭା ଦେଖି ସେବା କେନ୍ଦ୍ରର ଅନ୍ତେବାସୀମାନେ ଯେପରି ଅନନ୍ଦରେ ଅତ୍ମହରା ହୋଇ ପଡିଛନ୍ତି । ଲତା ଅତି ସନ୍ତର୍ପଣରେ ପ୍ରବେଶ କଲା ପ୍ରକୋଷ୍ଠ ମଧ୍ୟକୁ । ସେ ଲୋକର ସମ୍ମୁଖରେ ନତମସ୍ତକ ହୋଇ ଛିଡା ହେବା ପରେ ଗଳ ବସ୍ତ୍ରହୋଇ ଭକ୍ତି ପୂତ ଚିତ୍ତରେ ପ୍ରଣାମ କଲା । ଏ ଘଟଣା ଅଳକା ଓ ପ୍ରିୟ ବାଳାଙ୍କୁ ତଟସ୍ଥ କରି ପକାଇଲା । ସେମାନେ ଅନୁଭବ କଲେ ଯେପରି ଇନ୍ଦ୍ରଜାଲ ଭିତରେ ସେମାନେ ଛନ୍ଦି ହୋଇ ଯାଇଛନ୍ତି ।

ପ୍ରଣାମ କରି ଲତା ଲୁହ ଭିଜା ଗଦ୍ ଗଦ୍ କଣ୍ଠରେ କହିଲା-" କିଶୋର ଭାଇ " ଲୋକଟି ପ୍ରଥମେ ନତ ମସ୍ତକ ହୋଇ ବସିଥିଲା । ଦୃଷ୍ଟି ତା'ର ନିବଦ୍ଧ ଥିଲା ସମ୍ବାଦ ପତ୍ରର କେଉଁ ଏକ ସମ୍ବାଦ ପଂକ୍ତି ଉପରେ । କିଶୋର ଭାଇ ସମ୍ବୋଧନ

Digitized by srujanika@gmail.com

ଶୁଣିବା ମାତ୍ରେ ସେ ଦୃଷ୍ଟି ଫେରାଇଲା ଲତା ଆଡକୁ । ସମ୍ମୁଖରେ ଦେବୀ ପ୍ରତିମା ଲତାକୁ ଦେଖି ସେ ତା' ଆଖିକୁ ବିଶ୍ୱାସ କରି ପାରିଲା ନାହିଁ । ଭଙ୍ଗା ଭଙ୍ଗା ସ୍ୱରରେ ସମ୍ବୋଧନ କଲା - " ଲତା ...... ତୁମେ ? ତୁମେ ଏଠାରେ ।

" ହଁ ମୁଁ ଏଠାରେ । ମୋର ସର୍ବସ୍ୱ ଦେଇ ଏ ସେବାକେନ୍ଦ୍ର ପ୍ରତିଷ୍ଠା କରିଛି । କିଶୋର ଭାଇଙ୍କ ଉପଦେଶ, ଶିକ୍ଷା, ପ୍ରେରଣାର ଉତ୍ସକୁ ସାକାର ରୂପ ଦେବାକୁ । ତାଙ୍କରି ଆଦର୍ଶକୁ ଉର୍ଦ୍ଧାୟନ କରିବା ହିଁ ଏ ଅନୁଷ୍ଠାନର ପ୍ରାଣ କେନ୍ଦ୍ର " ଲତା ଉତ୍ତର ଦେଲା ।

"ଆଉ ଅଜିତ୍ ବାବୁ ?" କିଶୋରର ଜିଜ୍ଞାସାରେ ସ୍ଫୁଲିଙ୍ଗ ।

" ସେ ସ୍ୱର୍ଗରେ " ଲତା ଉତ୍ତର ଦେଲା ଗମ୍ଭୀର ଭାବରେ ।

" ମାନେ ?" କିଶୋରର ଉତ୍କଣ୍ଠା ସହ ପ୍ରଶ୍ନ ।

" ମାନେ, ଡକାୟତ ଆକ୍ରମଣରେ ମୃତ୍ୟୁ ବରଣ କରିଛନ୍ତି ।

" ତାହାଲେ ତୁମେ ....? ' ବିଧବା ଶବ୍ଦ ଉଚ୍ଚାରଣ କରିବାକୁ କିଶୋରର ଭାଷା ମୁଖରେ ସ୍ଫୁରିଲା ନାହିଁ ।

" ନା, ମୁଁ ବିଧବା ନୁହେଁ । ମୁଁ କୁମାରୀ । ମୋତେ ବିବାହ ଦିଆଯାଇଥିଲା । ମୁଁ ବିବାହ କରି ନ ଥିଲି । ସବୁ ଝଡ ଝଞ୍ଜା ଭିତରେ ମୁଁ ମୋର ମନର ମଣିଷର ପଥ ଚାହିଁ ବସଛି । ମୋର ହୃଦୟର ସିଂହାସନରେ ତାଙ୍କ ବ୍ୟତୀତ ଆଉ କାହାର ସ୍ଥାନ ନାହିଁ " ଲତା କଥାରେ ଦାମ୍ଭିକ ଅଭିବ୍ୟକ୍ତି । ଉଭୟ ନୀରବ । ଉଭୟଙ୍କର ଚକ୍ଷୁ ଅଶ୍ରୁଳ । ସେଇ ଅଶ୍ରୁଳ ପୂଜାରୁ ଜନ୍ମ ନେଇଥିଲା ନୂତନ ଅଭିସାରରେ ପ୍ରୀତିର ଧୂପ ଗନ୍ଧ ।

ଏବେ ସମସ୍ତ ରହସ୍ୟ ଉଦ୍‌ଘାଟିତ ହୋଇଛି । କିଶୋରକୁ କାର୍‌ରେ ପାଖରେ ବସାଇ ଲତା ଗୃହକୁ ପ୍ରତ୍ୟାବର୍ତ୍ତନ କଲା । ଘରେ ପାଦ ଦେବା ମାତ୍ରେ କିଶୋରକୁ ଦେଖିବା କ୍ଷଣି ସୁରେଶ ବାବୁ ଏବଂ ତିଳୋତ୍ତମା ଦେବୀ ଆନନ୍ଦରେ

Digitized by srujanika@gmail.com

ବିଭୋର ହୋଇ ଉଠିଛନ୍ତି । ଲତା ଗହଣରେ କିଶୋରକୁ ଦେଖି ସେମାନେ ଯେପରି ପୁତ୍ର ଶୋକ ପାଶୋରୀ ଦେଇଛନ୍ତି । ସୁରେଶ ବାବୁଙ୍କ ଭଙ୍ଗା ସଂସାର ଯେପରି ଗଢ଼ି ଉଠିଛି ।

ବେଶୀଦିନ ନୁହେଁ ମାତ୍ର ଗୋଟିଏ ସପ୍ତାହ ବିତି ଯାଇଛି ସୁରେଶ ବାବୁଙ୍କ ଘରେ କିଶୋରର । ଶାଶୁ, ଶଶୁରଙ୍କ ନିକଟରେ ଲତା ମୁକ୍ତ କଣ୍ଠରେ ଅତୀତର ଇତି ବୃତ୍ତି ଶୁଣାଇଛି । ସୁଫଳ ଆଜି ତାକୁ ଭଗବାନ ତା ହାତରେ କିପରି ଆଣି ଦେଇଛନ୍ତି । ନିଜର ସତୀତ୍ୱ; ପତିବ୍ରତାର ମନ, ହୃଦୟ ଓ ଶରୀରର ପବିତ୍ରତା ସେ କିପରି ଅକ୍ଷୁର୍ଣ୍ଣ ରଖି ପାରିଛି ତା'ର ଅଗ୍ନି ପରୀକ୍ଷା ବିଷୟ ସମସ୍ତଙ୍କୁ ଜଣାଇ ତଟସ୍ଥ କରି ଦେଇଛି । ମନ୍ତ୍ରମୁଗ୍ଧ ଭାବରେ ସମସ୍ତେ ଲତାର ଏ ନିରବଚ୍ଛିନ୍ନ ସାଧନାର କାହାଣୀ ଶୁଣିଛନ୍ତି । "କିଶୋର ସେବା କେନ୍ଦ୍ର" ଅନ୍ତରାଳରେ ଯେଉଁ ମହତ୍ୱ ପ୍ରଚ୍ଛନ୍ନ ଥିଲା ତାହା ପ୍ରକଟିତ ହୋଇଛି ।

ନିୟତିର ଗତି ଓ ବିଧି ସର୍ବଦା ଦୁର୍ବୋଧ୍ୟ । ପୁଣି କେତେବେଳେ ଅମୃତମୟ । ସେହି ଅଦୃଶ୍ୟ ଚିତ୍ରଶିଳ୍ପୀର ଭୂମିକାରେ ଜୀବନ ରଙ୍ଗ କିପରି ରୂପମୟ ହୋଇ ଉଠେ ତାହା କେବଳ ସୁବର୍ଣ୍ଣ ସୁଯୋଗରେ ହିଁ ଅନୁଭୂତ ହୁଏ । ଏହାର ମହତ୍ୱ ପ୍ରତିପାଦନରେ ଭାଷା ସର୍ବଦା କୁଣ୍ଠିତ ।

ଆଜି ମଧ୍ୟ ଫଗୁଣ ମାସ ଏକୋଇଶ ଦିନ ଯେଉଁ ଦିନ ଅଜିତ୍‌ର ବାସର ଶଯ୍ୟା ନାୟିକା ଶୂନ୍ୟ ହୋଇ ବିକଳ କ୍ରନ୍ଦନ କରି ଉଠିଥିଲା । କୂଳଦୀପର ଉଜ୍ୱଳ ଆଲୋକ ପରିଧି ମଧ୍ୟରେ ଲତା କରିଥିଲା କଠୋର ପ୍ରତିଜ୍ଞା, ସେଦିନ ଆଜିର ସ୍ମୃତିରେଖା ଯୋଡିଯାଇ ଯେପରି ଏକ ନୂତନ ଜୀବନ ବୃତ୍ତ ଅଂକିତ ହୋଇଛି ।

ସୁରେଶ ବାବୁଙ୍କ ମନରୁ ଅନିଶ୍ଚିତତାର ଘାତ ପ୍ରତିଘାତ ଜନୀତ ଉତ୍ତାପ ବିଲୁପ୍ତ ହୋଇଛି । ପତ୍ନୀଙ୍କ ପରାମର୍ଶକ୍ରମେ ସମସ୍ତ ପ୍ରସ୍ତୁତି ସମାପ୍ତ । ସନ୍ଧ୍ୟାରେ ସୁରେଶ ବାବୁଙ୍କ ଘର ବନ୍ଧୁ, ବାନ୍ଧବ, ଶୁଭେଚ୍ଛୁ, ପଡୋଶୀ ମାନଙ୍କ ଉପସ୍ଥିତିରେ

Digitized by srujanika@gmail.com

ଉତ୍ସବ ମୁଖର ହୋଇ ଉଠିଛି । ବିନୋଦ ବାବୁ, ମନୋରମା, ମୁକ୍ତିକାନ୍ତ, ଶୈଳଜା ସମସ୍ତେ ଅତିଥି ମାନଙ୍କ ଚର୍ଚ୍ଚାରେ ବ୍ୟସ୍ତ । ଦିନ ଯାଇ ସନ୍ଧ୍ୟା ପର୍ଯ୍ୟନ୍ତ ସେବାକେନ୍ଦ୍ରର ଅନ୍ତେବାସୀଙ୍କୁ ଖାଦ୍ୟପେୟ, ବସ୍ତ୍ର ବିତରଣରେ ଲତା ଏବଂ କିଶୋର ଅକ୍ଲାନ୍ତ ପରିଶ୍ରମରତ । ରାତ୍ରୀର ପ୍ରଥମ ପାଦରେ ସୁରେଶ ବାବୁ ଘରେ ସମସ୍ତଙ୍କୁ ଏକତ୍ର ବସାଇ ଏକ ପ୍ରକାର ସଭା ଆୟୋଜନ କରିଛନ୍ତି । ସମସ୍ତଙ୍କ ଉପସ୍ଥିତିରେ ଭାବ ବିହ୍ୱଳିତଳ ହୋଇ ସୁରେଶ ବାବୁ କିଶୋରକୁ ଓ ତିଳୋତ୍ତମା ଦେବୀ ଲତାକୁ ଧରି ଛିଡା ହେଲେ । ସମସ୍ତଙ୍କ ସମ୍ମୁଖରେ କିଶୋର ହାତରେ ଲତାର ହାତଟିକୁ ରଖି ଦେଇ କହିଲେ " ସତୀ ସାଧ୍ୱୀ, ସାବିତ୍ରୀ ପରି ଲତାକୁ ତୁମପରି ଏ ଯୁଗର ସତ୍ୟବାନ ହାତରେ ଅର୍ପଣ କରି ନିଜକୁ ଧନ୍ୟ ମନେ କରୁଛି । ସେତେବେଳକୁ ଆନନ୍ଦାଶ୍ରୁ ତାଙ୍କ ଛାତିକୁ ଭିଜାଇ ଦେଇଥିଲା । ପର ମୁହୂର୍ତ୍ତରେ ପୋଷ୍ୟ ପୁତ୍ର ଦଲିଲ ଏବଂ ପୁରୀ ସହରର ସମସ୍ତ ଚଳନ୍ତି ଅଚଳନ୍ତି ସଂପତ୍ତିର ଦାନ ପତ୍ର କିଶୋର ଓ ଲତାର ହସ୍ତରେ ଅର୍ପଣ କଲେ । ଆନନ୍ଦ ଧ୍ୱନୀରେ ଘରର ବାୟୁ ମଣ୍ଡଳ ପ୍ରତିଧ୍ୱନୀ ଛନ୍ଦରେ ସମର୍ଥନ ଜଣାଇଲା । ପରେ ମୁକ୍ତିକାନ୍ତ ଓ ଶୈଳଜାକୁ ପାଖକୁ ଡାକି କଟକ ବାସଗୃହର ଦାନ ପତ୍ର ଅର୍ପଣ କଲେ ସେମାନଙ୍କ ହାତରେ । ସୁରେଶ ବାବୁଙ୍କର ସଂସାର ପୁଣି ସ୍ୱୟଂ ସଂପୂର୍ଣ୍ଣ ହୋଇ ପାରିଛି । ପୁତ୍ର ଶୋକର ଛାଇ ସମସ୍ତଙ୍କ ମନରୁ ନିଭି ଯାଇଛି ।

ମଧରାତୀ । ଦୂର ସମୁଦ୍ରର ସୁନୀଳ ଛାତି ଉପରେ ପ୍ରକୃତି ଶୋଇ ପଡିଛି । ଜ୍ୟୋସ୍ନା ରାତିର ନୀରବତାକୁ ଭଙ୍ଗ କରି ଆମ୍ବଗଛରେ ପତ୍ରଗହଳରୁ କୋଇଲିର ମଧୁର ଗୀତି ପ୍ରଣୟ ବିଭୋର ମନକୁ ମାଦକତାରେ ମାତାଲ କରି ଦେଇଛି । ପରିବାରର ସମସ୍ତେ ଶ୍ରମକ୍ଳାନ୍ତ ହୋଇ ଗାଢ଼ ନିଦ୍ରାରେ ସୁପ୍ତ । ବାସର ଗୃହରେ ପ୍ରବେଶ କଲା ଲତା । ମଧୁ ଶଯ୍ୟା ତ୍ୟାଗକରି କିଶୋର ଆଗେଇ ଆସିଲା ଲତାକୁ ଅଭ୍ୟର୍ଥନା ଜଣାଇବାକୁ । ଲତା କିଶୋରର ପାଦତଳେ ସଭକ୍ତି ପ୍ରଣାମ ଜଣାଇ ନିଜ ପଣତ କାନିରେ କିଶୋର ର ପାଦ ପୋଛି ଦେଲା । କିଶୋର ଲତାକୁ ଉଠାଇ ଆଣିଲା ଛାତି ଉପରକୁ । " ତୁମର ସ୍ଥାନ ପାଦ ତଳେ ନୁହେଁ ଲତା ! ଏ ଛାତି

Digitized by srujanika@gmail.com

ଉପରେ '' ପ୍ରେମ ବିହ୍ୱଳ ସ୍ୱରରେ କିଶୋର କହି ବାହୁ ବନ୍ଧନରେ ବନ୍ଦି କଲା ଲତାକୁ । ବାହୁ ବନ୍ଧନର ଉଷ୍ମତା, ଓଷ୍ଠ ମଧୁରର ମାଦକତା, ଚୁମ୍ବନର ଶିହରଣ ଆଜି ଜୀବନ ଏବଂ ଯୌବନକୁ ଏକତ୍ର ପ୍ରଣୟ ତରୀରେ ଭସାଇ ସ୍ୱପ୍ନ-ସାଗରରେ ଭାସି ଭାସି ଚାଲିଛି କେଉଁ ଦୂର ଦିଗନ୍ତ ଆଡକୁ । ଯୌବନ ପରଦା ଉପରକୁ ଉଠିଲା ବେଳକୁ ଅଷ୍ଟମୀ ଜହ୍ନ ନଇଁ ଆସୁଥିଲା ପଶ୍ଚିମ ଆକାଶର ବଳୟ ଉପରକୁ ।

= ଶେଷ =

ତା୨/୧୦/୮୪

ଗାନ୍ଧୀ ଜୟନ୍ତି ।

Digitized by srujanika@gmail.com